ଛୋଟ ମୋର ଗାଁଟି

ଗୋବର୍ଦ୍ଧନ ଦୋରା

Digitized by srujanika@gmail.com

ଛୋଟ ମୋର ଗାଁଟି

ଗୋବର୍ଦ୍ଧନ ଦୋରା

ଶିକ୍ଷାସନ୍ଧାନ
ଭୁବନେଶ୍ୱର

Digitized by srujanika@gmail.com

ଛୋଟ ମୋର ଗାଁଟି

ଲେଖକ	ଗୋବର୍ଦ୍ଧନ ଦୋରା
ପ୍ରଥମ ସଂସ୍କରଣ	୨୦୦୯
ପ୍ରକାଶକ	ଶିକ୍ଷାସନ୍ଧାନ ଏ-୧୨, ହାଉସିଂ ବୋର୍ଡ଼ କଲୋନୀ ବରମୁଣ୍ଡା, ଭୁବନେଶ୍ୱର - ୭୫୧ ୦୦୩ ଦୂରଭାଷ : ୦୬୭୪ - ୨୫୫୬୧୦୯
ମୁଦ୍ରଣ	ଶିକ୍ଷା ପ୍ରକାଶନୀ ଭୁବନେଶ୍ୱର - ୩
ଦୂରଭାଷ	୦୬୭୪ - ୨୫୫୬୧୦୯
ଆଇ.ଏସ୍.ବିନ୍	13:978-81-87982-53-1
ମୂଲ୍ୟ	ଟ. ୧୫୦/-

Chhota Mora Gaanati

Author	Gobardhan Dora
Ist Editon	2009
Pulished by	Sikshasandhan A/12, Housing Board Colony Baramunda, Bhubaneswar - 751 003 Ph : 0674 - 2556109
Printd at	Siksha Prakashani, Bhubaneswar-3
I.S.B.N	13:978-81-87982-53-1
Price	Rs 150

Digitized by srujanika@gmail.com

ଉତ୍ସର୍ଗ

ମୋର ପୂଜ୍ୟ ଅଗ୍ରଜ ଶ୍ରୀଯୁକ୍ତ ମଦନମୋହନ ଦୋରା ଯାହାଙ୍କ ଶୁଭେଚ୍ଛା ଏବଂ ପ୍ରେରଣା ଦ୍ୱାରା ମୋ ଜୀବନ ପୁଷ୍ଟ, ତାଙ୍କ ହାତରେ ମୋର ଏହି ପୁସ୍ତକ ସମର୍ପଣ କଲି ।

ଗୋବର୍ଦ୍ଧନ

Digitized by srujanika@gmail.com

ପ୍ରାକ୍ ଭାଷ

ଆମ ସମସ୍ତଙ୍କର ଜୀବନ ଜଗତୀକରଣ ଦ୍ୱାରା ବହୁ ଭାବରେ ପ୍ରଭାବିତ ହେଉଛି ବୋଲି କୁହାଯାଉଛି । ଜଗତ କହିଲେ ଆମେ ଆମେରିକା, ଇଂଲଣ୍ଡ ବା ସମୃଦ୍ଧ ପାଶ୍ଚାତ୍ୟ ଜଗତର ଏକ ଅଞ୍ଚଳକୁ ବୁଝୁ । ଆମେ ଯେଉଁଠି ରହୁ ସତେ ଯେପରି ଜଗତଠାରୁ ତାହା ଅଲଗା । ଗାଁ, ଛୋଟ ଛୋଟ ସହର, ଏପରିକି ନିଜ ଦେଶର ରାଜଧାନୀ ବି ଏ ଜଗତର ଅଂଶ ନୁହେଁ । ତେଣୁ ବୃହତ୍ତର ଜଗତର ଅଂଶ ହେବା ପାଇଁ ସେସବୁକୁ ପଛରେ ପକାଇ ଆମେରିକା, ଅଷ୍ଟ୍ରେଲିଆ ବା କାନାଡ଼ା ପଳାଇ ଯିବାକୁ ହେବ ବୋଲି ସ୍ଥିର କରିଥାଉ । କିଛି ନହେଲେ ଜାପାନ୍ ବା କୋରିଆ ହେଲେ ଚଳିଯିବ ବୋଲି ନିଜକୁ ବୁଝାଇ ଦେଇଥାଉ ।

ଆମେ ଯେଉଁ ଗାଁ ଛୋଟ ବଡ଼ ସହରରେ ବାସ କରୁ ସେଗୁଡ଼ିକ ଜଗତରୁ ବିଚ୍ଛିନ୍ନ ନୁହଁନ୍ତି । ସେଠୁ ସବୁବେଳେ ଲୋକ ବାହାରକୁ ଯାଆନ୍ତି ଓ ବାହାରୁ ଲୋକେ ସେଠାକୁ ଆସନ୍ତି । ଜଗତ ବୋଲି ଗୋଟିଏ ନିର୍ଦ୍ଦିଷ୍ଟ ଜାଗା ନଥାଏ । ଆମର ଏଇ ଛୋଟ ଛୋଟ ଦୁନିଆଁ ସବୁ ମିଶି ଜଗତ ତିଆରି ହୋଇଥାଏ । ନିଜର ଛୋଟ ଦୁନିଆଁ ଭିତରେ ଜଗତ ଥାଏ । ଆମେ ତାକୁ ଏଠି ସେଠି ବିଶେଷ କରି ଆମେରିକା କାନାଡ଼ା ଜର୍ମାନୀରେ ଖୋଜୁ । ଇଂରାଜୀରେ ଲେଖା ବହିର ଝରକା ଦେଇ ଦେଖିବାକୁ ଚେଷ୍ଟା କରୁ । ନିଜ ଦୁନିଆଁର ଦର୍ପଣରେ ଯେ ଜଗତ ଉଦ୍‌ଭାସିତ ସେକଥା ଭୁଲିଯାଉ । କାରଣ ଖାଲି ଆଖିଥିଲେ ସବୁ ଦିଶେନାହିଁ । ଦେଖିବା ପାଇଁ ଆଖିକୁ ତାଲିମ୍ ଦେବା ଦରକାର ।

ଶ୍ରୀଯୁକ୍ତ ଗୋବର୍ଦ୍ଧନ ଦୋରାଙ୍କ ଆତ୍ମଜୀବନୀ ଏମିତି ଗୋଟିଏ ଦର୍ପଣ । ନିଜ ଛୋଟ ଦୁନିଆଁର ଦର୍ପଣରେ ସେ ଗୋଟିଏ ଚଳମାନ ଆକର୍ଷଣୀୟ ଜଗତର ଚଳମାନ ବିମ୍ବ ଦେଖାଇବାରେ ସଫଳ ହୋଇଛନ୍ତି । ନିଜ ଗାଁକୁ ଅତି ନିକଟରୁ ଦେଖିବାକୁ ଚେଷ୍ଟା କରି ସେ ଦେଖାଇପାରିଛନ୍ତି ଗୋଟିଏ ବଡ଼ ଦୁନିଆଁର ଜୀବନ୍ତ ଚିତ୍ର ।

ନୟାଗଡ଼ ରାଜାଙ୍କ ନିମନ୍ତ୍ରଣ କ୍ରମେ କିଛି ତେଲୁଗୁ ପାଇକ ଆନ୍ଧ୍ରରୁ ଆସି ରହନ୍ତି ନୟାଗଡ଼ ସନ୍ନିକଟ ଗୋଟିଏ ଗୋଟିଏ ଛୋଟ ଗାଁରେ । ଧିରେ ଧିରେ ସେମାନେ ସେମାନଙ୍କ

Digitized by srujanika@gmail.com

ଓଡ଼ିଆଭାଷୀ ପଡ଼ୋଶୀମାନଙ୍କ ସହ ମିଶିଯାଆନ୍ତି । କିନ୍ତୁ ସେମାନଙ୍କର ପର୍ବପର୍ବାଣୀ, ରନ୍ଧାବଢ଼ା ଚାଲିଚଳଣି ପୁରାପୁରି ଭୁଲିଯାଆନ୍ତି ନାହିଁ । ମୂଳଠାରୁ ବିଚ୍ଛିନ୍ନ ହୁଅନ୍ତି ନାହିଁ କିନ୍ତୁ ଆଉ ଗୋଟିଏ ସଂସ୍କୃତିର ସ୍ରୋତରେ ଧାରଟିଏ ହୋଇ ମିଶିଯାଆନ୍ତି । କିଛି ଯେମିତି ଥିଲା ସେମିତି ରହିଯାଏ ନାହିଁ କି ପୁରା ବଦଳିଯାଏ ନାହିଁ । ବିଭିନ୍ନ ଦିଗରୁ ବହି ଆସୁଥିବା କେତେ ଧାର ଗୋଳେଇମିଶି ସଂସ୍କୃତିର ସ୍ରୋତଟିଏ ତିଆରି କରନ୍ତି । ଜନଜୀବନ ଯେ କେତେ ଗତିଶୀଳ, କେତେ ଗ୍ରହଣଶୀଳ, ବିବିଧତା ଦ୍ୱାରା କେତେ ପରିପୁଷ୍ଟ ଏ ଆତ୍ମଜୀବନଟି ପଢ଼ିଲେ ଭଲ କରି ବୁଝିହୁଏ ।

ଯେଉଁ ଛୋଟ ଗାଁଟିର ଚିତ୍ର ନିଜ ସ୍ମୃତିର ତୁଳୀରେ ଆଙ୍କିଛନ୍ତି ଶ୍ରୀଯୁକ୍ତ ଦୋରା ସେ ଚିତ୍ରଟି ସ୍ଥିର ବା ନିଶ୍ଚଳ ନୁହେଁ । ଏଇଠୁ ଲୋକମାନେ ଯାଆନ୍ତି ବର୍ମା । ତାଙ୍କୁ ଫେରାଇ ଆଣିବାକୁ ପାସ୍‌ପୋର୍ଟ ଯୋଗାଡ଼ କରି ଯାଆନ୍ତି ଆଉ ଜଣେ । ସୁଭାଷ ବୋଷଙ୍କ ଆଇ.ଏନ୍.ଏରେ ଯୋଗଦେଇଥିବା ଗାଁ ପାଖର ଜଣେ ଯୁବକ ମିଲିଟାରୀ ପୋଷାକ ପିନ୍ଧି ତାଙ୍କ ଅନୁଭୂତିକୁ ନାଟକୀୟ ଢ଼ଙ୍ଗରେ ପରିବେଷଣ କରନ୍ତି । ପ୍ରଜାମଣ୍ଡଳର ନେତାମାନେ ଏଇ ଗାଁ ପାଖରେ ଆୟୋଜନ କରନ୍ତି ଏକ ବିରାଟ ସଭା ଯେଉଁଥିରେ ଯୋଗଦିଅନ୍ତି ପ୍ରାୟ ପଚାଶ ହଜାର ଲୋକ । କିଛି ଧନୀ ଗରିବ ହୋଇଯାଆନ୍ତି । କିଛି ଗରିବ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସେ । ଏଇ ଗାଁର ଯୁବକମାନେ ପାଠ ପଢ଼ି ଚାକିରୀ କରିବାକୁ ସହରକୁ ଯାଆନ୍ତି ଓ ଫେରିଆସନ୍ତି । କିଛି ସ୍ଥିର ହୋଇ ରହେ ନାହିଁ । ଇତିହାସର ସ୍ରୋତରେ ସବୁ ଆଗକୁ ଆଗକୁ ଭାସିଚାଲେ ।

ଏ ଆତ୍ମଜୀବନୀର ଏକ ଉଲ୍ଲେଖନୀୟ ବିଶେଷତ୍ୱ ହେଲା ପୁସ୍ତକର ଶେଷଭାଗରେ ଦିଆଯାଇଥିବା ଆଠଶହ ବହିର ଦୀର୍ଘ ତାଲିକା, ସ୍ୱାଧୀନତା ପରେ ପରେ ନୂଆ କରି ଦେଶକୁ ଗଢ଼ିବାର ଯେଉଁ ଉନ୍ମାଦନା ଅତି ସାଧାରଣ ଲୋକଙ୍କ ମନରେ ଜନ୍ମ ନେଇଥିଲା । ଏ ତାଲିକା ତାର ଏକ ଉଜ୍ଜ୍ୱଳ ସୂଚନା ଦିଏ । ଗାଁର ନବ୍ୟ ଶିକ୍ଷିତ ଯୁବକମାନେ ମିଶି ଗଢ଼ନ୍ତି କୃଷକବନ୍ଧୁ ନାମରେ ଗୋଟିଏ ପାଠାଗାର । କିଛି ଲୋକ ସ୍ୱତଃସ୍ଫୂର୍ତ୍ତ ଭାବରେ ବହି ଦାନ କରନ୍ତି ଏହି ପାଠାଗାରକୁ । ଆଗ୍ରହରେ ଲୋକମାନେ ଏଠାରୁ ବହି ନେଇ ପଢ଼ନ୍ତି, ବେଶ୍ କିଛି ଦିନ ଚାଲେ ଏହି ଲାଇବ୍ରେରୀ, ତାପରେ ସ୍ୱାଧୀନ ଭାରତର ଆଉ କେତେକେତେ ଅନୁଷ୍ଠାନ ଭଳି ଏ ଲାଇବ୍ରେରୀଟି ନିଷ୍କ୍ରିୟ ହେବା ଆରମ୍ଭ କରେ । ଦେଶ ଗଢ଼ିବାର ଉତ୍ସାହର ଜୁଆରରେ ଭଟ୍ଟା ଆସେ । କିନ୍ତୁ ଏହା ଭାବିବା ଭୁଲ୍ ହେବ ଯେ ଛୋଟ ଗୋଟିଏ ଗାଁରେ ଜଳିଥିବା ଏ ଜ୍ଞାନର ମଶାଲ ଲିଭିଯାଇଛି । ଏ ପାଠାଗାର କଥା

Digitized by srujanika@gmail.com

କହିଲାବେଳେ ନିକଟ ଅତୀତରେ ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଥିବା ଡ଼ୋରିସ୍ ଲେସିଂଙ୍କ କହିଥିବା ଗୋଟିଏ କଥା ମନେପଡ଼େ: ବହି ଲେଖକ ସୃଷ୍ଟି କରନ୍ତି । ଯେଉଁ ସମାଜରେ ବହି ନଥାଏ, ବହିର ଆଦର ନଥାଏ ସେ ସମାଜରୁ ଲେଖକ ବାହାରନ୍ତି ନାହିଁ । କୃଷକବନ୍ଧୁ ପାଠାଗାରର ଆଠଶହ ବହି ସୃଷ୍ଟି କରିଛନ୍ତି ଶ୍ରୀଯୁକ୍ତ ଦୋରାଙ୍କ ଭଳି ଜଣେ ନମ୍ର ଜ୍ଞାନପିପାସୁ ଲେଖକ । ଆମ ଅଜାଣତରେ ଦେଶର କୋଣ ଅନୁକୋଣରେ ସଂଘର୍ଷ କରି ବଞ୍ଚି ରହିଥିବା ଛୋଟ ଛୋଟ ଲାଇବ୍ରେରୀଗୁଡ଼ିକ ନୀରବରେ ଶ୍ରୀଯୁକ୍ତ ଦୋରାଙ୍କ ଭଳି ଲେଖକମାନଙ୍କୁ ନୀରବରେ ତିଆରି କରୁଥିବେ ବୋଲି ଆମର ଆଶା ଓ ବିଶ୍ୱାସ ।

ଯତୀନ୍ଦ୍ର କୁମାର ନାୟକ
ପ୍ରଫେସର, ଇଂରାଜୀ ବିଭାଗ
ବାଣୀବିହାର

Digitized by srujanika@gmail.com

ଉପକ୍ରମଣିକା

ଆତ୍ମଜୀବନୀ ଲେଖିବା ମୋର ଅଭିପ୍ରାୟ ନୁହେଁ କିମ୍ବା 'ଛୋଟ ମୋର ଗାଁଟି' ଆତ୍ମଜୀବନୀ ମଧ୍ୟ ନୁହେଁ । ମାତ୍ର ଅତୀତର ଘଟଣାବଳୀ ସବୁକୁ ସ୍ମରଣ କରି ତାକୁ ଧରି ରଖିବା ପାଇଁ ମୁଁ ଏହି ଉଦ୍ୟମ କରିଛି । ବୃତ୍ତିରେ ମୁଁ ଜଣେ ଯନ୍ତ୍ରୀ ହୋଇଥିଲେ ହେଁ ପ୍ରବୃତ୍ତିରେ ଅତୀତର ସ୍ମୃତିକୁ ସାଉଁଟି ରଖିବା ମୋର ଅଭ୍ୟାସ । ତେଣୁ ଏ ଲେଖା ମାଧ୍ୟମରେ ମୋର ପିଲାଦିନର ଗ୍ରାମ୍ୟଜୀବନ, ସେକାଳର ଚଳଣି, ଚାକିରି ଜୀବନର କିଛି ଘଟଣାଗୁଡ଼ିକୁ ଉଜ୍ଜିବିତ କରିବାକୁ ଚେଷ୍ଟା କରିଛି ।

ଆମ ଗାଁର ଯେଉଁ କୃଷକବନ୍ଧୁ ପାଠାଗାର ଥିଲା ତାହା ଏବେ ଅବଲୁପ୍ତ । ସେଥିରେ ପ୍ରାକ୍ ସ୍ୱାଧୀନତାକାଳର ଅନେକ ଅମୂଲ୍ୟ ପୁସ୍ତକସବୁ ଥିଲା । ଉକ୍ତ ପୁସ୍ତକଗୁଡ଼ିକୁ ମନେ ପକାଇବା ପାଇଁ ତାର ଏକ ତାଲିକା ପରିଶିଷ୍ଟରେ ଦେଇଛି ।

ଗାଁର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଶ୍ରୀ ସୌରି ଭଞ୍ଜ, ଗାଁ ସ୍ମୃତିକୁ ମନେ ପକାଇବା ପାଇଁ ଗାଁର କିଛି ଇତିହାସ ଏକ ବିରାଟ ଖାତରେ ଲିପବଦ୍ଧ କରିଛନ୍ତି । ସମସ୍ତଙ୍କ ଅବଗତି ପାଇଁ ସେଥିରୁ କିଛି ଅବତାରଣା କରିଛି । ଗାଁର ଆଉଜଣେ ଖ୍ୟାତିସଂପନ୍ନ ବ୍ୟକ୍ତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ କବି ପ୍ରତିଭାର ଅଧିକାରୀ ଥିଲେ । ୧୯୯୬ ମସିହାରେ ଯେଉଁ ମରୁଡ଼ି ହୋଇଥିଲା, ତାର ବର୍ଣ୍ଣନା ଦେବାକୁ ଯାଇ ସେ ପୂର୍ବତନ ନୟାଗଡ଼ ଗଡ଼ଜାତର ସବୁ ଗ୍ରାମକୁ ନେଇ ଏକ କବିତା ରଚନା କରିଛନ୍ତି । ସର୍ବସାଧାରଣଙ୍କ ଅବଗତି ପାଇଁ ସେଇଟିକୁ ମଧ୍ୟ ମୋର ପୁସ୍ତକରେ ସନ୍ନିବେଶିତ କରିଛି ।

ସେକାଳର ପରମ୍ପରା, ମେଳା, ମଉଛବ, ସାମାଜିକ ଉତ୍ସବ ଅନୁଷ୍ଠାନ, ଲୋକମାନଙ୍କ ମଧ୍ୟରେ ଥିବା ନିର୍ମଳ ସଂପର୍କ ସବୁକୁ ଧରି ରଖିବା ପାଇଁ ମୋର ଏହି ପୁସ୍ତକର ଅବତାରଣା । ମୋର ଏହି କ୍ଷୁଦ୍ର ପ୍ରୟାସ ପାଠକମାନଙ୍କୁ ଆନନ୍ଦ ଦେଲେ ଏହା ସଫଳ ହେଲା ବୋଲି ମୁଁ ମନେ କରିବି ।

ପୁସ୍ତକଟିକୁ ରଚନା କରିବା ପାଇଁ ଶିକ୍ଷାସନ୍ଧାନ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ନାୟକଙ୍କ ପ୍ରେରଣା ଉଲ୍ଲେଖଯୋଗ୍ୟ । ଲୁପ୍ତପ୍ରାୟ ଅତୀତର ସଂସ୍କୃତି ଓ କାର୍ଯ୍ୟାବଳୀକୁ

Digitized by srujanika@gmail.com

ପୁସ୍ତକ ମଧ୍ୟରେ ଆବଦ୍ଧ କରି ରଖିବା ପାଇଁ ସେ ସର୍ବଦା ଚେଷ୍ଟାରତ ।

ବହିଟିର ଯଥାଯଥ ସଂଶୋଧନ ଓ ପ୍ରୟୋଗ ଭାଷାର ଉନ୍ନତି ପାଇଁ ମୁଁ ମୋର ବନ୍ଧୁ ରାଜସ୍ୱ ବିଭାଗର ଅବସରପ୍ରାପ୍ତ ଉପଶାସନ ସଚିବ ଶ୍ରୀଯୁକ୍ତ ଚିନ୍ତାମଣି ସାମନ୍ତଙ୍କ ନିକଟରେ କୃତଜ୍ଞ ।

ଶିକ୍ଷାସନ୍ଧାନ ଅନୁଷ୍ଠାନ ଏହି ପୁସ୍ତକଟିର ପ୍ରକାଶନ ଭାର ଗ୍ରହଣ କରିଥିବାରୁ ଏହାର ସଂପାଦକ ଶ୍ରୀଯୁକ୍ତ ଅନୀଲ୍ ପ୍ରଧାନ ଧନ୍ୟବାଦାର୍ହ ।

ଗୋବର୍ଦ୍ଧନ ଦୋରା

Digitized by srujanika@gmail.com

ଛୋଟ ମୋର ଗାଁ'ଟି

ଦୂର ଦିଗ୍‌ବଳୟକୁ ଚାହିଁଲେ ବେଳେ ବେଳେ ଆଖି ଆଗରେ ଭାସିଯାଏ ମୋର ଜନ୍ମଭୂମି, ଯାହାର ଧୂଳିମାଟି ଅଦ୍ୟାପି ଏ ଦେହରେ ବୋଳି ହୋଇ ରହିଛି । ଗାଁର ସେତେବେଳର ପରିବେଶ, ଜଳବାୟୁ, ଗଛଲତା, ରାସ୍ତାଘାଟ, ନଈପୋଖରୀ, ଭାଗବତଘର, ପଢ଼ିଆ ମନରେ ଯେଉଁ ଅପୂର୍ବ ଉନ୍ମାଦନା ଆଣୁଥିଲା ତାହା ଭାଷାରେ ପ୍ରକାଶଯୋଗ୍ୟ ନୁହେଁ । ସୁଦୀର୍ଘ ୬୦ବର୍ଷ ପରେ ସେହି ଗାଁର ରୂପରେଖକୁ ନିରୀକ୍ଷଣ କଲେ ଜଣାଯାଏ ଯେ ଗାଁ କେତେ ବଦଳି ଯାଇଛି । ଅଧାରୁ ଅଧିକ ଗ୍ରାମବାସୀ ଏବେ ଗାଁ ବାହାରେ ଘରକରି ରହୁଛନ୍ତି । ଗାଁର ସେତେବେଳର ମୁଖିଆ ମାମଲତକାର ଲୋକମାନେ କେବେଠାରୁ ସ୍ୱର୍ଗବାସୀ ହେଲେଣି । ମୋ ବୟସର ଲୋକମାନେ ବର୍ତ୍ତମାନ ଗ୍ରାମର କାର୍ଯ୍ୟଦାର । ଗାଁର ସାମାଜିକ ପରିବର୍ତ୍ତନ ସହିତ ଲୋକମାନଙ୍କର ଅର୍ଥନୈତିକ ସ୍ଥିତି ସୁଦୃଢ଼ ହୋଇଛି । ଅତ୍ୟନ୍ତ ଦରିଦ୍ର ଲୋକମାନେ ମଧ୍ୟ ସରକାରୀ ପୃଷ୍ଠପୋଷକତା ଲାଭକରି ସୁରୁଖୁରୁରେ ଜୀବନଯାପନ କରୁଛନ୍ତି । ସେ କାଳର ପୁରୁଣା ଆମ୍ବତୋଟା, ରାସ୍ତାକଡ଼ର ଜାମୁକୋଳି ଗଛ ସବୁ କୁଆଡ଼େ ହଜି ଗଲେଣି । ଗାଁକୁ ଲାଗି ଯାଇଥିବା ଅଣଓସାରୀ ମାଟି ରାସ୍ତାଟି (ଶରଣକୂଳ ଦର୍ପନାରାୟଣ) କେବେଠାରୁ ଓସାରିଆ ହୋଇ ପିଚୁ ହେଲାଣି । ଗାଁ କଂକ୍ରିଟ୍ ଓ ଗାଁ ଦାଣ୍ଡ ବିଜୁଳି ଆଲୁଅରେ ଉଦ୍‌ଭାସିତ । କିଏ କିଏ ରଙ୍ଗୀନ୍ ଟି.ଭି. ଆଣିଲେଣି ଓ ଯୁବକମାନଙ୍କ ହାତରେ ମୋବାଇଲ୍ ଫୋନ୍ । ଏକଦା ନିର୍ଜନ ଗାଁ ରାସ୍ତାରେ ଏବେ ବସ୍,ଟ୍ରକ୍, କାର, ଜିପ୍, ମଟରସାଇକେଲ୍‌ର ସୁଅ ଛୁଟିଛି । ଚାଷ ପାଇଁ ବ୍ୟବହୃତ ହଳ, ଲଙ୍ଗଳ ବଳଦ ବାଦେ କାଁ ଭାଁ ଟ୍ରାକ୍‌ଟରରେ ଜମି ଚାଷ ହେଉଛି । ବର୍ଷକୁ ଥରେ ଆଳୁ ବନ୍ଧାକୋବି ଆଦି ଦୁଷ୍ପ୍ରାପ୍ୟ ପରିବା ଶରଣକୂଳ ଜାଗର ଯାତ୍ରାରୁ କିଣାଯାଉଥିଲା । ଏବେ ଗାଁରେ ଆଳୁ ଦୋକାନ କେତେ । ସଜପରିବା ପାଇଁ ଗାଁରେ ଡେଲି ମାର୍କେଟ । ଗାଁରେ ସେତେବେଳେ ଥିଲା ଗୋଟିଏ ସ୍କୁଲ୍ ଯହିଁରେ ଦୁଇଟି ଶ୍ରେଣୀଥିଲା ଶିଶୁ ଓ ପ୍ରଥମ । ମାତ୍ର ଏବେ ସେ ସ୍କୁଲର ଉନ୍ନତି ହୋଇ ମଧ୍ୟ ଇଂରାଜୀ ବିଦ୍ୟାଳୟ ହେବା ସହ କେବେଠାରୁ ଗାଁରେ ହାଇସ୍କୁଲ ହେଲାଣି । କଲେଜ ହେବାକୁ ଡେରି ନାହିଁ । ଦେଶର ସାମାଜିକ ଓ ଆର୍ଥିକ ଉନ୍ନତି ସହିତ ତାଳଦେଇ ଗାଁର ପରିବର୍ତ୍ତନ ଅବ୍ୟାହତ ରହିଛି ।

Digitized by srujanika@gmail.com

ଏସବୁ ସାମଗ୍ରିକ ପରିବର୍ତ୍ତନ ପରେ ମଧ୍ୟ ମୋର ବାଲ୍ୟ, କୈଶୋର ଓ ଆଦ୍ୟ ଯୌବନ କଟିଥିବା ତତ୍‌କାଳୀନ ସେହି ଗାଁର ଚିର ଅମ୍ଳାନ ସ୍ମୃତି ମନରେ ଲାଖି ରହିଛି ଓ ସେତେବେଳର ଘଟଣା ପ୍ରବାହ ଏବେ ବି ମାନସ ଚକ୍ଷୁରେ ଭାସି ଯାଉଛି । ସ୍ୱାଧୀନତୋତ୍ତର ସେ ଗାଁର ଲୋକମାନଙ୍କର ଚଳଣି, ଆଚାର ବ୍ୟବହାର, ପର୍ବ ପର୍ବାଣୀ, ବାହା ପୁନିଅଁ, ସରଳ ବିଶ୍ୱାସ ସବୁ ଅପାସୋରା ହୋଇ ରହିଯାଇଛି ଓ ଏ ଦେହର ଅବସାନ ପର୍ଯ୍ୟନ୍ତ ସେସବୁ ହୃଦୟ ଭିତରେ ଉଜ୍ଜୀବିତ ହୋଇ ରହିଥିବ ।

ଗ୍ରାମ୍ୟଜୀବନ

କୃଷ୍ଣଚନ୍ଦ୍ର ସିଂ ମାନଧାତା

ବଡ଼ଗୋରଡ଼ା ପୂର୍ବତନ ନୟାଗଡ଼ ଗଡ଼ଜାତର ଗୋଟିଏ ଗାଁ । ଲୋକମୁଖରୁ ଶୁଣାଯାଏ ଆମ ଗ୍ରାମରେ ବହୁତ ଗାଈ ରଖାଯାଉଥିଲା । ଗାଈ ରହୁଥିବା ଜାଗାକୁ ଗୋରଡ଼ା କହନ୍ତି । ଏହି ଦୃଷ୍ଟିରୁ ଆମ ଗାଁର ନାଁ ବଡ଼ଗୋରୋଡ଼ା ଓ ପାଖରେ ଥିବା ଅନ୍ୟ ଗୋଟିଏ ଗାଁକୁ ସାନଗୋରୋଡ଼ା ବୋଲି କହନ୍ତି । ଗ୍ରାମଟି ନୟାଗଡ଼ର ଶରଣକୁଳଠାରୁ ଶରଣକୁଳ ଗୋଡ଼ିପଡ଼ା ରାସ୍ତାରେ ୬ କି.ମି. ଦୂର । ଏହି ଗ୍ରାମରେ ମୋର ଜନ୍ମ ୧୯୩୯ ମସିହାରେ । ଏହି ସମୟରେ ନୟାଗଡ଼ର ରାଜା(ରୁଲିଂ ଚିଫ)ଥିଲେ କୃଷ୍ଣ ଚନ୍ଦ୍ର ସିଂ ମାନଧାତା । ୧୯୪୭ ମସିହା ଡ଼ିସେମ୍ବର ମାସରେ ନୟାଗଡ଼ ସମେତ ମୋଟ ୨୪ଟି ଗଡ଼ଜାତ (ମୟୂରଭଞ୍ଜକୁ ଛାଡ଼ି)ଓଡ଼ିଶାରେ ମିଶିଲେ । ବ୍ରିଟିଶ ଶାସିତ ଅଞ୍ଚଳକୁ (ଗଡ଼ଜାତ ବ୍ୟତିରେକ) ସେତେବେଳେ ଆମ ଆଡ଼େ ଓଡ଼ିଶା କହନ୍ତି । ୧୯୪୯ ମସିହାରେ ପୂର୍ବତନ ଦେଶୀୟ ରାଜ୍ୟ ଯଥା ନୟାଗଡ଼, ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ା ମିଶି ଏକ ସବ୍‌ଡ଼ିଭିଜନ ହୋଇ ଏହା ନୟାଗଡ଼ ସବ୍‌ଡ଼ିଭିଜନ ନାମରେ ପୁରୀ ଜିଲ୍ଲା ରେ ସାମିଲ ହେଲା । ସମୟାନୁକ୍ରମେ ୧୯୯୩ ଠାରୁ ନୟାଗଡ଼ ଏକ ଜିଲ୍ଲା ହୋଇଛି । ଏହି ଜିଲ୍ଲାରେ ଗୋଟିଏ ସବ୍‌ଡ଼ିଭିଜନ ଓ ଚାରିଟି ତହସିଲ ଯଥା ନୟାଗଡ଼, ଦଶପଲ୍ଲା,ରଣପୁର ଓ ଖଣ୍ଡପଡ଼ା ରହିଛି । ଉପରୋକ୍ତ ତହସିଲଗୁଡ଼ିକ ସ୍ୱାଧୀନତା ପୂର୍ବରୁ ଦେଶୀୟ ରାଜ୍ୟ ଥିଲେ । ବ୍ରିଟିଶମାନଙ୍କ ଓଡ଼ିଶା (କଟକ, ପୁରୀ, ବାଲେଶ୍ୱର) ଅଧିକାର ପୂର୍ବରୁ ଦେଶୀୟ ରାଜ୍ୟମାନେ ପରସ୍ପର ସହିତ ଯୁଦ୍ଧବିଗ୍ରହରେ ଲିପ୍ତ ଥିଲେ । ଏପରିକି ବ୍ରିଟିଶ ଶାସନାଧିନ ଥିବାବେଳେ ସେମାନେ ମଝିରେ ମଝିରେ ଇଲାକା ପାଇଁ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ଏଥିପାଇଁ ବ୍ରିଟିଶମାନେ ସର୍ତ୍ତଖିଲାପ ଅପରାଧରେ ରାଜାମାନଙ୍କୁ ଦଣ୍ଡିତ ମଧ୍ୟ କରୁଥିଲେ । ନୟାଗଡ଼

Digitized by srujanika@gmail.com

ଟାଉନ୍ ପାଖରେ ଗୋଟିଏ ଗାଁ ଅଛି । ତାର ନାମ ଲାଠିପଡ଼ା । ପୂର୍ବେ ସେହି ଗାଁ ନୟାଗଡ଼ ଓ ରଣପୁର ରାଜ୍ୟର ଦୋସିମାଳିରେ ଥିଲା । ଏବେ ପ୍ରାୟ ୧୮ କି.ମି. ବଢ଼ି ଦୋସିମାଳି କାକଲମା ପାଖକୁ ଚାଲି ଯାଇଛି । ଉପରୋକ୍ତ ଲାଠିପଡ଼ା ଗାଁରେ ଗୋଟିଏ ପୋଡ଼ାମାଟିର ପ୍ରାଚୀର ଅଛି । ପ୍ରଥମେ ଖୁବ୍ ଓସାରିଆ ମାଟି କାନ୍ଥ କରି ତାକୁ କାଠ ଘୋଡ଼ାଇ ପୋଡ଼ଦେଇ ସମୁଦାୟ କାନ୍ଥକୁ ପଥରପରି ମଜଭୁତ କରାଯାଇଛି । ନୟାଗଡ଼-ରଣପୁର ସୀମାର ନିଦର୍ଶନ ସ୍ୱରୂପ ଏହି କାନ୍ଥର କିଛି ଅଂଶ ଏବେ ମଧ୍ୟ ଅଛି ଇତିହାସର ସ୍ମାରକୀ ହିସାବରେ ।

ବଡ଼ଗୋରଡ଼ା ଗାଁ ର ରାଜସ୍ୱ ପୂର୍ବେ ଲଡୁବାବାଙ୍କୁ ସଂଜ୍ଞା ଆକାରରେ ଧାନ ଦିଆଯାଉଥିଲା ।୧୯୨୮ ରେ ଅବଦୁଲ ସତାର ଖାଁ ନୟାଗଡ଼ ଗଡ଼ଜାତ ର ସୁପରିଣ୍ଟେଣ୍ଡେଣ୍ଟ୍ ଥିଲାବେଳେ ସର୍ଭେ ଓ ସେଟଲ୍‌ମେଣ୍ଟ୍ ଆରମ୍ଭ ହୋଇଥିଲା ଏବଂ ୧୯୩୨ ରେ ସରିଲା । ସେଟଲ୍‌ମେଣ୍ଟ୍ ସରିଲା ପୂର୍ବରୁ ସେ ମୃତ୍ୟୁ ମୁଖରେ ପଡ଼ିଥିଲେ । ଏହି ବନ୍ଦୋବସ୍ତରେ ରାଜସ୍ୱ ଆଦାୟ ପାଇଁ ପ୍ରଗଣା ସୃଷ୍ଟି କରାଯାଇଥିଲା ଯଥା-ବଡ଼ଦେଶ, କାନ୍ଥମାଳ, ଗଣ୍ଡିବେଢ଼, ପଞ୍ଚୁପଲ୍ଲୀ, ସୁନାମୁହିଁ, ଗୋଡିପଲ୍ଲୀ, କୋରଡ଼ା, ମହିପୁର, ଗୁମିମାଳ, କୋରଡ଼ାମାଳ, ବେତନଟୀମାଳ ।

ବଡ଼ଗୋରଡ଼ା ଥିଲା ପ୍ରଗଣା ବଡ଼ଦେଶ ଭିତରେ । ଯେଉଁ ଯେଉଁ ଅଞ୍ଚଳକୁ (ପଞ୍ଚାୟତ) ବଡ଼ଦେଶ କହନ୍ତି , ସେଗୁଡ଼ିକ ହେଲା ନୋଡର, ଦର୍ପନାରାୟଣପୁର, କାଳିକାପ୍ରସାଦ, ବଡ଼ଗୋରଡ଼ା, ଡ଼ିମିସର, ଗୋଡ଼ିପଡ଼ା, ଡ଼ମସାହି । ବଡ଼ଗୋରଡ଼ାର ଖଜଣା ରାଜାଙ୍କ(ଦରବାର) ଟ୍ରେଜରି କୁ ଯାଉନଥିଲା । ଶରଣକୂଳରେ ବିଜେ ଲଡୁକେଶ ମହାଦେବଙ୍କୁ ଦିଆଯାଉଥିଲା ମଣୋହି ଖର୍ଚ୍ଚ ପାଇଁ । ୧-୪-୧୯୬୭ ମସିହା ରେ ଯେତେବେଳେ ସାରା ଓଡ଼ିଶାରେ ଖଜଣା ଉଠାଇ ଦିଆଗଲା ବଡ଼ଗୋରଡ଼ା ସେଥିରୁ ବାଦ ପଡ଼ିଲା । କୁହାଗଲା ଏହି ଖଜଣା ଲଡୁବାବାଙ୍କ ପ୍ରାପ୍ୟ ହେତୁ ଦେବାକୁ ହିଁ ପଡ଼ିବ । ଲୋକମାନେ ଆପତ୍ତି କଲେ । ଗାଁ ସର୍ବରାକାର କହିବାର ମୁଁ ଶୁଣିଛି "ଓଡ଼ିଶା ସାରା ଖଜଣା ଦେବେ ନାହିଁ, ଅଥଚ ଆମେ ଦେବୁ, କଣ ଆମେ ନିଆଁ ରେ ମୁତିଛୁଁ ?" ଆପତ୍ତି ପରେ ସରକାର ସ୍ଥିର କଲେ ଯେ ବଡ଼ଗୋରଡ଼ା ଗାଁର ଖଜଣା ରାଜ୍ୟ ସରକାର ଲଡୁବାବାଙ୍କୁ ଭରଣା କରିବେ ।

ଆଗେ ଏପଟର ସବୁ ଗାଁ ନିର୍ଦ୍ଧୁମ ବିଲମାଳରେ ଥିଲା । ଯିବା ପାଇଁ କୌଣସି ରାସ୍ତା ନ ଥିଲା । ସମସ୍ତେ ବିଲ ହିଡ଼ ରେ ଯାତାୟାତ କରୁଥିଲେ । ବିଶେଷତଃ ବଡ଼ଗୋରଡ଼ା ଗାଁ ର ୪ ପଟରେ ନାଳ ଅଛି । ୧୯୨୦ ମସିହା ରେ ଗାଁ ଠାରୁ ଅଧ କି.ମି ଦୂରରେ

Digitized by srujanika@gmail.com

ଶରଣକୂଳ ରଣପୁର ରାସ୍ତା ତିଆରି ହେଲା । ୧୯୪୫ ମସିହାରେ ଗୋଟିଏ ସଂଯୋଗୀ ରାସ୍ତା ବଡ଼ଗୋରଡ଼ା ଗାଁ ରୁ ବାହାରି ଏହି ନୂଆ ରାସ୍ତାରେ ମିଶିଲା । ସଂଯୋଗୀ ରାସ୍ତାରେ ନାଳ ଥିବାରୁ ଗୋଟିଏ କାଠ ଖୁଣ୍ଟ ଥିବା ବାଉଁଶ ଚଙ୍ଗରା ପୋଲ ଗାଁ ଲୋକେ ନିଜ ଉଦ୍ୟମରେ କଲେ ।ଲୋକେ ରାସ୍ତା ରେ ଚାଲି ଚାଲି ଶାରଣକୁଳ କିମ୍ୱା ଗୋଡିପଡା ଗଲେ । ୧୯୭୫ ମସିହା ରେ ବ୍ଲକ୍ ଦ୍ୱାରା ଗୋଟିଏ ଢ଼ଳେଇପୋଲ ତିଆରି ହୋଇଛି । ଚାରିପଟେ ନାଳଥିବା ହେତୁ ଗାଁ ଉପରେ ଗୋଟିଏ ମଧ ଢ଼ଗ ଅଛି । "ଚାରିପଡେ ଧୋଡା, ମଝିରେ ଗୋରଡା" । ମୋ ଦେଖିବାରେ ଗାଁ ସର୍ବରାକାର ଥିଲେ ପଞ୍ଚୁ ପରିଡ଼ା । ତାଙ୍କ ପରେ ତାଙ୍କ ପୁଅ କ୍ଷେତ୍ରମୋହନ ପରିଡ଼ା ସର୍ବରାକାର ହେଲେ । ସେ ସମୟର ନୟାଗଡ଼ ରାଜା ପଞ୍ଚୁ ପରିଡ଼ାଙ୍କ ବାପା ନାରଣ ପରିଡ଼ାଙ୍କୁ ମହାପାତ୍ର ଉପାଧି ଦେଇଥିଲେ । ଏହି ସୂତ୍ରରେ କ୍ଷେତ୍ରମୋହନ ପରିଡ଼ା ତାଙ୍କ ସାଙ୍ଗିଆ ମହାପାତ୍ର ଲେଖିଲେ । କ୍ଷେତ୍ରମୋହନ ମହାପାତ୍ରଙ୍କ ଜୀବଦ୍ଦଶାରେ ଅର୍ଥାତ୍ (୧୯୬୫ ମସିହା)ରେ ସର୍ବରାକାରୀ ଉଚ୍ଛେଦ ହେଲା । ଏଥିପାଇଁ ତାଙ୍କୁ କିଛି କ୍ଷତିପୂରଣ ମିଳିଲା ଏବଂ ଭୋଗକରୁଥିବା ସର୍ବରାକାରି ଜମି ରୟତ ହେଲା । ମୋର ସାନ ଜେଜେ କୃଷ୍ଣଚନ୍ଦ୍ର ଦୋରା (୧୮୯୭-୧୯୭୧)ଙ୍କ ଠାରୁ ଶୁଣିଛି ସେ ମଧ ଗାଁର ସର୍ବରାକାର ଥିଲେ ଏବଂ ଅଧେ ଖଜଣା ଆଦାୟ କରୁଥିଲେ । ପରେ ପଞ୍ଚୁ ପରିଡା ଚେଷ୍ଟା କରି ନିଜ ପୁଅ ନାମରେ ପୁରା ସର୍ବରାକାରୀ କରାଇଆଣିଲେ । ପଞ୍ଚୁ ପରିଡାଙ୍କ ଭଣଜା କଟରାଝରୀର ଅର୍ଜୁନାଙ୍କ ସହିତ ସତାର ଖାଁଙ୍କ ଚିହ୍ନା ପରିଚୟ ଥିଲା । ସେତେବେଳେ ସତାର୍ ଖାଁ ଥିଲେ ନୟାଗଡ଼ ଗଡ଼ଜାତର ପଲିଟିକାଲ୍ ଏଜେଣ୍ଟ । ଅର୍ଜୁନାଙ୍କ ଚେଷ୍ଟାରୁ ଏହା ସମ୍ଭବ ହଲା । ଉପରୋକ୍ତ ଦୈତ ସର୍ବରାକାରୀ ପୂର୍ବରୁ ନିଧି ସ୍ୱାଇଁ (ଜ. ୧୮୧୫) ଗାଁର ସର୍ବରାକାର ଥିଲେ । ତାଙ୍କୁ ଗୋଟିଏ ୧୬ ମାଣିଆ (୪ ଏକର) ଜମି ସର୍ବରାକାରୀ ହତା ମିଳିଥିଲା । ଏବେ ତାଙ୍କର ବଂଶଧର ୰ଅଗାଧୁ ସ୍ୱାଇଁଙ୍କ ପୁଅ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଓ ତାଙ୍କ ଦାଦାପୁଅମାନେ ଜମି ଭୋଗ ଦଖଲ କରୁଛନ୍ତି ।

ସର୍ବରାକାର ମାନେ ଥିଲେ ଗାଁର ମୂଖ୍ୟ । ସବୁ ଭଲ ମନ୍ଦ କାମରେ ତାଙ୍କର ଉପସ୍ଥିତି ଦରକାର ହେଉଥିଲା । ନୟାଗଡ ଟାଉନରୁ ସରକାରୀ ଅଫିସରମାନେ ଆସିଲେ ତାଙ୍କୁ ଖୋଜା ପଡୁଥିଲା । ସର୍ବରାକାରମାନେ ଆଦାୟ କରୁଥିବା ରାଜସ୍ୱର ଶତକଡା ୧୦% କମିସନ ହିସାବରେ ପାଉଥିଲେ । ତା ସହିତ କିଛି ଜମି ମଧ୍ୟ ତାଙ୍କୁ ମିଳିଥିଲା । ଗାଁ ସାଉକାର ଘରକୁ ଛାଡ଼ି ଦେଲେ ଖଜଣା ଆଦାୟ ହେତୁ ସର୍ବରାକାରଙ୍କ ପାଖରେ କିଛି ଟଙ୍କାଥାଏ । ଅନ୍ୟଥା ଟଙ୍କା ଦେଖିବାକୁ ସାତ ସପନ । ୧୯୪୫ ମସିହା କଥା । ଥରେ ମୁଁ ଦେଖିଥିଲି ଭୋଇସାଇର ଭୋଇମାନେ ଗୋଟିଏ ୧୦୦ଟଙ୍କିଆ ନୋଟ୍ ସର୍ବରାକାରଙ୍କ

Digitized by srujanika@gmail.com

ପାଖରେ ଭଙ୍ଗାଇଲେ । ଶହେଟଙ୍କା ଭଙ୍ଗାଇବା କିଛି କମ୍ କଥା ନୁହେଁ । ଭୋଇମାନେ ରସିଦ ଲେଖି ଖୁଚୁରା ଟଙ୍କା ନେଲେ ।

ସଂକ୍ଷେପରେ ଆମ ପରିବାର

ମୋର ଜେଜେ ବାପା (ବଡ ଦୀନବଂଧୁ ଦୋରା, ଜ.୧୮୮୬) ଭାଡ଼ିକିଳା ଗାଁରୁ ତାଙ୍କ ମାମୁଙ୍କ (ନାରାୟଣ ଦୋରା) ପୁଅ ହୋଇ ଆସିଥିଲେ । ବଡ ଦୀନବଂଧୁ ଦୋରା ନାରାୟଣଙ୍କର ଦ୍ୱିତୀୟ ଭଣଜା । ବଡ଼ ଦୀନବନ୍ଧୁ କହିବାର ଅର୍ଥ ଗାଁ ସାନ ନାଇଡୁ ପରିବାର ମୁଖ୍ୟଙ୍କ ନାମ ମଧ ଥିଲା ଦୀନବନ୍ଧୁ । ଯେ ବୟସରେ ବଡ଼ ହେତୁ ତାଙ୍କ ନାଁ ବଡ଼ ଦୀନବନ୍ଧୁ ଦୋରା । ସାନ ଭଣଜାଙ୍କୁ ନାରାୟଣ ଦୋରା ତାଙ୍କର ଗୋଟିଏ ବୋଲି ଝିଅ ଜାଡାପାଙ୍କୁ ବିବାହ ଦେଇଥିଲେ । ତୃତୀୟ ଭଣଜାଙ୍କର ଅକାଳ ମୃତ୍ୟୁ ହେବାରୁ ବଡ଼ ଭଣଜା ତାଙ୍କ ସମ୍ପତ୍ତି ଭୋଗକରି ତାଙ୍କର ଗୋଟିଏ ବୋଲି ଝିଅ ଆମେଇର ଦାୟିତ୍ୱ ନେଲେ । ଆମେଇ ନାନୀ ବଡଗୋରଡ଼ାସ୍ଥ ଆମ ପଡିଶା ଘରେ ବିଭା ହେଲା । ତେଣୁ ଦଦା ଝିଆରି ପାଖାପାଖି ହୋଇରହିଲେ । ଏହି ଆମେଇ ପିଉସୀ ମୋ ବାପାଙ୍କ ପରିବାରରେ ମା ସଦୃଶ ଥିଲା । ସବୁକାମରେ ମନକୁମନ ଦାୟିତ୍ୱ ନେଉଥିଲା । ମୋ ତୃତୀୟ ଦଦା ସନ୍ୟାସୀ ହଇଜାରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିଲେ । ସେ ସମୟରେ ତାଙ୍କୁ ଧରି ଝାଡା କରାଇବାର ଦୃଶ୍ୟ ମୋର ମନେପଡେ । ସାନଦାଦା ଲିଙ୍ଗରାଜଙ୍କର ଗୋଡରେ ଗରମ ଗୁଡ ତାଡ଼ ହାଣ୍ଡିରୁ ଗଡି ପଡିବାରୁ ତାଙ୍କୁ ସେବା କରିବା, ଫୋଟକା କଣା କରି ମଲା ଚମଡ଼ା ଉଭାରିକାର ଦୃଶ୍ୟ ମୁଁ ଦେଖିଛି । ମୋର ଆମେଇ ପିଉସୀ ଗୋଟିଏ ପୁତ୍ର ସନ୍ତାନ ଜନ୍ମ କଲାପରେ ଅଳ୍ପ ବୟସରେ ବିଧବା ହେଲା । ପୁଅଟିର ନାମ ରାମଚନ୍ଦ୍ର (୧୯୧୯-୨୦୦୪) । ବୁଧବାରରେ ଜନ୍ମହେବାରୁ ଡାକ ନାମ ବୁଧିଆ । ସେ ଜନ୍ମ ହୋଇଥିଲେ ୨୬ ସାଲର ମହରଗ ସମୟରେ । ୧୩୨୬ ସାଲ ଅର୍ଥାତ (୧୩୨୬+୫୯୩) ୧୯୧୯ ମସିହାରେ । ସେ ୨୦/୨୧ ବର୍ଷ ବୟସରେ ରେଙ୍ଗୁନ ଯାଇଥିଲେ କାମ କରିବା ପାଇଁ । ୧୯୪୭ରେ ଗାଁକୁ ଫେରିଲେ । ସେ କଥା କହିଲେ ବାଟୁଳି ବାଜେ ନାହିଁ । ଜାପାନ କଥା, ଯୁଦ୍ଧ କଥା ତାଙ୍କ ମୁହଁରୁ ଆମେ ଶୁଣୁ ।

ରାମଚନ୍ଦ୍ର ଦୋରା

ଫେରିଲାବେଳେ ଗୋଟିଏ କାଠ ସିନ୍ଦୁକରେ ଯେଉଁ ଜିନିଷ ଆଣିଥିଲେ ସେଥିରେଥିଲା ଜାପାନି 'ନୋଟ୍', 'ରେଙ୍ଗୁନ ବଡି'ର ଗୀତ ବହି । ମୋର ଏହି ବୁଧିଆ ଭାଇଙ୍କ ବଡ

Digitized by srujanika@gmail.com

ପୁଅ ହେଉଛି ହରିହର ଦୋରା ଯେ କି ପୋଲିସ ଚାକିରିରେ ଅଛି । ହରିହର ନିଜର କାର୍ଯ୍ୟବଳରେ ରାଷ୍ଟ୍ରପତି ପଦକ, ରାଜ୍ୟପାଳ ପଦକ ସହିତ ବହୁତ ପ୍ରଶଂସାପତ୍ର ପାଇଛି । ଗାଁରେ ସମସ୍ତେ ତାକୁ ଗାଁର ଗୌରବ ବୋଲି ଭାବନ୍ତି । ସେ ସମୟରେ ଆମ ଆଡର ଅନେକ ଲୋକ ଜୀବିକାର୍ଜନ ପାଇଁ ରେଙ୍ଗୁନ ଯାଉଥିଲେ । କେହି କେହି ଫେରିଲା ବେଳେ ବର୍ମା ସ୍ତ୍ରୀ ଧରି ଫେରୁଥିଲେ । ବାପାଙ୍କର ଗୋଟିଏ ବୋଲି ଭଉଣୀ । ନାମ ମହାଲକ୍ଷ୍ମୀ । ଏହି ମହାଲକ୍ଷ୍ମୀ ପିଉସୀନାନୀର ବଡ଼ପୁଅ କୃଷ୍ଣଚନ୍ଦ୍ର ଏ.ଜି. ଅଫିସରେ କାମ କରି ସିନିଅର ଆକାଉଣ୍ଟସ୍ ଅଫିସର ଭାବରେ ୨୦୦୩ ମସିହାରେ ଅବସର ନେଇଛି । ସାନପୁଅ ବୃନ୍ଦାବନ ଭାରତ ସରକାରଙ୍କ ମିଣ୍ଟ୍ ବିଭାଗ (ଟଙ୍କାଶାଳ)ରୁ ସିନିଅର ଶ୍ରମ ଅଫିସର ଭାବରେ ଅବସର ନେଇଛି ।

ଜେଜେ ବଡ଼ ଦୀନବନ୍ଧୁଙ୍କର ୪ପୁଅଙ୍କ ମଧ୍ୟରୁ ମୋ ବାପା, ନରସିଂହ ଥିଲେ ଜ୍ୟେଷ୍ଠ । ସେ ୯୦ବର୍ଷ ବଞ୍ଚିଥିଲେ । ୧୯୯୨ରେ ମୃତ୍ୟୁବରଣ କଲେ । ଦ୍ୱିତୀୟପୁଅ ସନ୍ୟାସୀ ୧୯୪୪ ମସିହାରେ ୩୦ ବର୍ଷରେ ହଇଜାରେ ଚାଲିଯାଇଥିଲେ । ତୃତୀୟପୁଅ କ୍ଷେତ୍ରବାସୀଙ୍କର ୪୫ବର୍ଷ ବୟସରେ ୧୯୬୫ରେ ମୃତ୍ୟୁ ହୋଇଥିଲା । ତା'ପରେ ତାଙ୍କ ସ୍ତ୍ରୀ ପିଲାମାନଙ୍କୁ ନେଇ ବାପାଘର ଗୋଲିଆ ଚାଲିଗଲେ । ସାନପୁଅ ଲିଙ୍ଗରାଜ ପଞ୍ଚଷଠୀ ବୟସରେ ୧୯୮୫ ରେ ମୃତ୍ୟୁବରଣ କରିଥିଲେ ।

ଜେଜେଙ୍କର ଗୋଟିଏ ବୋଲି ଝିଅ ମହାଲକ୍ଷ୍ମୀ ପିଉସୀ କେଶ ପାନିଆରେ ବିଭା ହୋଇଥିଲେ । ତାଙ୍କ ସ୍ୱାମୀ ଥିଲେ ଗାଁର ସର୍ବରାକାର । ମହାଲକ୍ଷ୍ମୀ ଦୁଇଟି ପୁଅର ମା ହେଲାପରେ ସ୍ୱାମୀଙ୍କୁ ହରାଇଲେ । ଅଳ୍ପ ବୟସରେ ବିଧବା ହୋଇ ନିଜର ସମ୍ପତ୍ତି, ସର୍ବରାକାରୀ ରଖି ପିଲା ଦୁଇଟିଙ୍କୁ ମଣିଷ କଲେ । ଗାଁରେ ସମସ୍ତେ ତାକୁ ରାଣୀ ଅହଲ୍ୟାବାଈ ସଙ୍ଗେ ତୁଳନା କରୁଥିଲେ । ମୋ ମା (୧୯୧୦-୮୩) ଥିଲେ ଚମ୍ପାପାଣ୍ଡେରୀ ସର୍ବରାକାରଙ୍କ ଝିଅ (ମାଣ୍ଡିଲି ପରିବାର) । ମୋର ଅଜାହେରିକା ତିନି ଭାଇ । ବସନ୍ତ ରୋଗରେ ବଡ଼ ଅଜା ଓ ସାନ ଅଜା ଚାଲିଗଲେ । ସାନ ଅଜା ସେତେବେଳକୁ ଗୋଡ଼ିପଡ଼ାରେ ନୂଆ କରି ବିବାହ କରିଥାଆନ୍ତି । ସ୍ୱାମୀ ବିୟୋଗ ସହି ନପାରି ସାନଆଈ କୂଅ ରେ ପଡ଼ି ଜୀବନ ତ୍ୟାଗ କଲେ । ମଝିଆଁ ଅଜା ଦାଶରଥି ଦୋରା ବଡ଼ଭାଇଙ୍କ ପରିବାର (ଦୁଇ ପୁଅ ଓ ଚାରି ଝିଅ) ଓ ନିଜ ପରିବାର (୩ ପୁଅ ଓ ୩ ଝିଅ)କୁ ଚଳାଇ ନିସ୍ୱ ଅବସ୍ଥାରେ ଚାଲିଗଲେ । ଅଜାଙ୍କ ବାପା ଥିଲେ ଗମ୍ଭୀରା ଚନ୍ଦ୍ରମଣି ଦୋରା (ଜନ୍ମ ୧୮୬୦) ଏଇ ଗମ୍ଭୀରା ଉପାଧି ନୟାଗଡ଼ ରାଜା ତାଙ୍କୁ ଦେଇଥିଲେ । ମୋର ମାଆଙ୍କର ଦୁଇ ଭାଇ ଥିଲେ । ବଡ଼ ଭାଇ ବୈରାଗୀ ଦୋରା (ଜନ୍ମ ୧୯୦୭) ଅଫିମ ଖାଇ ସବୁ ଜମି ବିକି

Digitized by srujanika@gmail.com

ନିଃସ୍ୱ ହୋଇ ମରିଗଲେ । ସାନଭାଇ ଲିଙ୍ଗରାଜ (ଜନ୍ମ ୧୯୧୩) ଭାଗଲପୁରରେ କନେଷ୍ଟବଲ ଟ୍ରେନିଂ ନେଉଥିବା ବେଳେ ନିମୋନିଆରେ ମୃତ୍ୟୁବରଣ କଲେ । ସେଠାରେ ହିଁ ତାଙ୍କର ଦାହ କ୍ରିୟା ସମ୍ପନ୍ନ ହେଲା । ସେତେବେଳକୁ ତାଙ୍କ ସ୍ତ୍ରୀ କୋଳରେ ୬ ମାସ ର ପୁଅଟିଏ ଥିଲା ।

ମୋର ଆଈ ଥିଲେ କେଶରପୁରର ପ୍ରସିଦ୍ଧ ହଜାରୀ ପରିବାରର ଝିଅ । ଏହି ହଜାରୀ ପରିବାର କେଶରପୁର ଗ୍ରାମର ସର୍ବରାକାର । ସେମାନଙ୍କ ନିଜ ଜମି ନିଷ୍କର ଥିଲା । ଢେଙ୍କିମା ଥିଲେ ତାଳପାଟଣା "ସାକିନ୍" କୁଟୁମ୍ବର ଝିଅ । ଆମେ ତିନି ଭାଇ ଓ ଗୋଟିଏ ଭଉଣୀ । ଭଉଣୀ ଗାଁ ପାଖରେ ବିବାହ କରିଥିଲା । ଏବେ ମୃତା । ତାର ତିନି ପୁଅ । ବଡ଼ ପୁଅ ସପ୍ଲାଇ ଅଫିସର ଓ ଅନ୍ୟ ଦୁଇ ପୁଅ ଗାଁରେ ବ୍ୟବସାୟ କରି ଚଳୁଛନ୍ତି । ମୁଁ ଓ ମୋର ଭାଇମାନେ ଗାଁ ବାହାରେ ସରକାରୀ ଚାକିରି କରୁଥିବାରୁ ଘରେ କେବଳ ବାପା ଓ ମା ରହୁଥିଲେ । ପୁଣି ୧୯୬୪ ମସିହା ରେ ଗାଁ ରୁ ବାହାରି ଆସି ବର୍ତ୍ତମାନର ନୂଆ ଜଗନ୍ନାଥ ସଡ଼କର ପର୍ଶ୍ୱରେ ଘର କରି ରହୁଥିବାରୁ ଘରଟି ନିଛାଟିଆ ଥିଲା । ସେତେବେଳେ ସାହିରେ ବେଶି ଲୋକ ଘର କରିନଥିଲେ । ମା' ସବୁବେଳେ ପୁଅମାନଙ୍କର ଚିଠି କୁ ଚାତକ ପରି ଚାହିଁଥାଏ । ସକାଳୁ ଘର ଚାଳରେ କାଉ ରାବିଲେ, ତାର ଭାରି ଆନନ୍ଦ, କାଉକୁ ଭାତ ଦେଇ ତେଲୁଗୁ ଭାଷାରେ ଡ଼ାକେ, ଯାର ଓଡ଼ିଆ ରେ ଅର୍ଥ ହେଉଛି, "କାଉ ମା' ଆସେ ମୋ ଚାଳରେ ବସେ" । ମୁଁ ୧୯୬୧ ମସିହାରେ ଚାକିରି ଆରମ୍ଭ କରିବା ଠାରୁ ୧୯୭୬ ପର୍ଯ୍ୟନ୍ତ କଟକ ଭୁବନେଶ୍ୱରରେ ଥିଲି । ଚାକିରିର ପ୍ରାରମ୍ଭ ଦୁଇ ବର୍ଷ ଜଗତପୁର ଓ କଟକରେ ଥିଲି । ଉପର ଭାଇ ମୂଳ ରୁ ଖୋରଧା ଜିଲ୍ଲା ଇନସ୍‌ପେକ୍ଟରର ଅଧୀନସ୍ଥ ବିଭିନ୍ନ ବେସିକ୍ ସ୍କୁଲରେ ଶିକ୍ଷକ ଥିଲେ । ୧୯୭୫ ମସିହାରେ ଆମ ଗାଁ ପାଖ ନାଗମୁଣ୍ଡଳୀ ବେସିକ୍ ଏଲ୍.ପି. ସ୍କୁଲରୁ ଶିକ୍ଷକ ଆଙ୍ଗିସିଙ୍ଗିର ନାରାୟଣ ରଥ ପଦୋନ୍ନତି ପାଇ ନାଗମୁଣ୍ଡଳୀ ଛାଡ଼ିଲେ । ତେଣୁ ଏ ସୁଯୋଗରେ ମୋ ଭାଇଙ୍କୁ ଗାଁ ପାଖକୁ ବଦଳି କରି ଆଣିବାକୁ ନିଷ୍ପତ୍ତି ନେଲି । ଭାଇ ଗାଁରେ ରହିବେ, ଜମି କଥା ବୁଝିବେ ଓ ବାପା ମାଙ୍କ ଦାୟିତ୍ୱ ନେବେ । ଭାଇ ତାଙ୍କୁ ନୟାଗଡ଼ ଶିକ୍ଷା ଜିଲ୍ଲାକୁ ବଦଳି କରିବା ନିମନ୍ତେ ସର୍କଲ ଇନ୍‌ସପେକ୍ଟରଙ୍କୁ ସୁପାରିସ କରିବାପାଇଁ ତତ୍‌କାଳୀନ ଖୋରଧା ଡି.ଆଇ. ରଘୁନାଥ ପଲେଇଙ୍କୁ ଅନୁରୋଧ କଲେ । ପଲେଇ ବାବୁ ଭଞ୍ଜନଗର ବେଶିକ୍ ସ୍କୁଲ୍‌ରେ ଭାଇଙ୍କ ଶିକ୍ଷକ ଥିଲେ । ବହୁତ କହିବା ପରେ ସେ ସର୍କଲ ଇନ୍‌ସପେକ୍ଟରଙ୍କୁ ସୁପାରିସ୍ କରିବାକୁ ରାଜି ହେଲେ । ମାତ୍ର ଭାଇଙ୍କ ଦରଖାସ୍ତଟି ତାଙ୍କ ଅଫିସରେ ପ୍ରାୟ ୨୦ ଦିନ ପଡ଼ି ରହିଲା । ଦାୟିତ୍ୱରେ ଥିବା ସବ୍‌ଇନସ୍‌ପେକ୍ଟର ଙ୍କୁ ବିଳମ୍ବର କାରଣ ପଚାରିବାରେ ସେ ଅସୂୟା ଭାବ ପୋଷଣ କଲେ । ସାଙ୍ଗେସଙ୍ଗେ ଡ୍ରାଫ୍ଟ କରି ଚିଠି ଟାଇପ

Digitized by srujanika@gmail.com

ଦସ୍ତଖତ ଇତ୍ୟାଦି କରାଇ ନମ୍ବର ଏବଂ ତାରିଖ ପକାଇ ଡ଼ାକ ବାକ୍ସରେ ପକାଇବାକୁ ପିଅନକୁ ଦେଲେ । ଆମ ଦୁଇ ଭାଇଙ୍କ ହାତକୁ ଦେବାକୁ ମନା କଲେ । ଏହାର ପ୍ରାୟ ୧ ସପ୍ତାହ ପରେ ମୁଁ ନିଜେ ଯାଇ ସର୍କଲ ଇନସ୍‌ପେକ୍ଟର ଶିବରାମ ପଟ୍ଟନାୟକଙ୍କୁ ଦେଖା କରି କହିଲି "ଗାଁ ରେ ବାପା। ମା' ଏକା ରହୁଛନ୍ତି । ଭାଇ ୨୦ ବର୍ଷ ହେଲା ଖୋରଧା ଶିକ୍ଷାଜିଲ୍ଲାରେ ଅଛନ୍ତି । ଗାଁ ପାଖରେ ଗୋଟିଏ ଶିକ୍ଷକ ପଦ ଖାଲି ଅଛି ଏବଂ ଡ଼େପୁଟି ଇନସପେକ୍ଟର ମଧ୍ୟ ଦରଖାସ୍ତକୁ ସୁପାରିସ୍ କରିଛନ୍ତି । ଏ ଦୃଷ୍ଟିରୁ ଭାଇଙ୍କୁ ଖାଲିଥିବା ସ୍ଥାନକୁ ବଦଳି କଲେ ଆମେ ଅନୁଗୃହୀତ ହେବୁ" । କଥା ଶୁଣିଲା ପରେ ସର୍କଲ ଇନସ୍‌ପେକ୍ଟର ବଦଳି କରିବାକୁ ରାଜି ହେଲେ ଏବଂ ଅର୍ଡ଼ର ବାହାର କରିବାକୁ କହିଲେ । ମାତ୍ର ଖୋଜିଲା ବେଳକୁ ଖୋରଧା ଡି.ଆଇ. ଙ୍କର ସୁପାରିସ୍ ଚିଠିଟି ମିଳିଲା ନାହିଁ । ମୁଁ ଅନୁମାନ କଲି ଖୋରଧା ଡି.ଆଇ. ଅଫିସର ପିଅନ ଚିଠିଟି ଡାକବାକ୍ସରେ ପକାଇ ନାହିଁ । ଏ ଚିଠି କୁ ଅପେକ୍ଷା ନକରି ଇନସ୍‌ପେକ୍ଟର କହିବା ହେତୁ ଅର୍ଡ଼ର୍ ବାହାରିଲା ଏବଂ ଅର୍ଡ଼ର ନେଇ ଭାଇଙ୍କୁ ଦେଲି । ଭାଇ ସେ ଆଦେଶ ନେଇ ଖୋରଧା ଅଫିସ୍‌ରେ ପହଞ୍ଚନ୍ତେ ସମସ୍ତେ କାବାହୋଇ ପରସ୍ପରକୁ ଚାହିଁ ରହିଲେ । ମୋର ଅନୁମାନ ଯେ ଯଥାର୍ଥ ତାହା ପ୍ରମାଣିତ ହେଲା । ଭାଇ ବଦଳି ହୋଇ ଘରେ ରହନ୍ତେ ଜମି ଚାଷ କଥା ବୁଝିଲେ । ଭାଇଙ୍କର ଛୋଟ ଛୋଟ ପିଲାମାନେ ଘରେ ଗହଳି କଲେ ଏବଂ ବାପା ମା'ଙ୍କର ସନ୍ତୋଷ ଆସିଲା । ମଝିଆ ଭାଇ ୧୯୯୪ରୁ ଅବସର ନେଲେଣି । ଝିଅ ଦୁଇଟି ବିବାହିତ । ପୁଅଟି ଗାଁ ପାଖରେ ଏକ ଏନ୍.ଜି.ଓ. ସଂସ୍ଥାରେ କାମ କରୁଛି । ବଡ ଭାଇ ମଦନ ମୋହନ (ଜନ୍ମ ୧୯୨୮) ଶରଣକୁଳରୁ ଏମ ଇ ପାସ କରି ନୟାଗଡ ହାଇସ୍କୁଲରୁ ୧୯୪୮ରେ ମାଟ୍ରିକ ପାସ କରିଥିଲେ । କଟକ ଖ୍ରୀଷ୍ଟ କଲେଜରୁ ଆଇ.ଏ. ଏବଂ ରେଭେନ୍‌ସାରୁ ବି.ଏ. ପାସ୍ କରିଥିଲେ । ସେ ବୋର୍ଡ ଅଫ୍ ରେଭିନ୍ୟୁରେ ଏଲ୍.ଡି. ଆସିଷ୍ଟାଣ୍ଟ ଭାବରେ ଯୋଗଦାନ କରି ନନ୍ ଗେଜେଟେଡ଼ ଏ.ଏସ୍.ଓ. ହେଲେ ଏବଂ ୧୯୬୫ରେ ସବ୍‌ଡେପୁଟି ପାହ୍ୟାକୁ ପ୍ରମୋସନ ପାଇଲେ । ସେ ଅବସର ନେଲେ ୧୯୮୬ରେ । ମୋର ଏହି ଭାଇଥିଲେ ଅସମ୍ଭବ ଭାବରେ ସ୍ପଷ୍ଟବାଦୀ । ତାଙ୍କର ତିନିପୁଅଯାକ ସରକାରୀ ଚାକିରିରେ ଅଛନ୍ତି ଏବଂ ଦୁଇଟି ଝିଅ ବିବାହ କରି ସାରିଛନ୍ତି ।

ମା ଏବଂ ବାପାଙ୍କର କାଳ ହେଲା ଯଥାକ୍ରମେ ୧୯୮୩ ଓ ୧୯୯୪ ମସିହାରେ । ମା'ଙ୍କର ଯେଉଁଦିନ ସନ୍ଧ୍ୟାରେ ମୃତ୍ୟୁ ହେଲା ସେଦିନ ରାତିରେ ମୁଁ ସାରା ରାତି ସ୍ୱପ୍ନ ଦେଖୁଛି ମା' ମରିଗଲା ବୋଲି । ପରଦିନ ସକାଳୁ ଗାଁରୁ କିଛି ଖବର ଆସିଲାନି । ଗାଁରେ ଥିବା ଭାଇ ମଧ ଟେଲିଗ୍ରାମ୍ କରିଥିଲେ । ମାତ୍ର ସେ ଟେଲିଗ୍ରାମ୍ ପହଞ୍ଚିଲାନି ।

Digitized by srujanika@gmail.com

ଉପରବେଳା ୪ ଟା ବେଳକୁ ମୁଁ ଭୁବନେଶ୍ୱର ବି.ଡି.ଏ ଅଫିସ୍‌ରେ କାମ କରୁଥିବା ବେଳେ କେଜାଣି କାହିଁକି, ଅଫିସ୍ ଫୋନ୍‌ରୁ ବ୍ରହ୍ମପୁରରେ ତହସିଲ୍‌ଦାର୍ ଥିବା ବଡ଼ଭାଇଙ୍କୁ ଫୋନ୍ କଲି । ମୁଁ ଆଗରୁ କେବେ ତାଙ୍କ ପାଖକୁ ଫୋନ୍ କରିନାହିଁ । ଯେହେତୁ କଥା ହେବା ପାଇଁ କିଛି ବିଷୟବସ୍ତୁ ନଥିଲା, ମୁଁ ତାଙ୍କୁ ପଚାରିଲି ସବୁ ଭଲ ତ ! ଭାଇ କହିଲେ 'ଭଲ କ'ଣ ପଚାରୁଛୁ ତୁ କଣ ଜାଣିନୁ, ଗଲା ରାତିରେ ମା ମରିଗଲେ ବୋଲି । ଗାଁରୁ ଖବର ଆସିଛି, ଜୟ (ଜୟକୃଷ୍ଣ ପରିଡ଼ା) ଖବର ଆଣି ମୋ ଆଗରେ ବସିଛି' । ମୁଁ ବୁଝିଲି ଗଲା ରାତିରେ ମୁଁ ସାରାରାତି ସ୍ୱପ୍ନ ଏଇଥିପାଇଁ ଦେଖିଲି । ପୁଣି ଖବର ଜାଣିବା ପାଇଁ ବିନା କାରଣରେ କେବେ କରିନଥିବା ଫୋନ୍ କଲି ଭାଇଙ୍କ ପାଖକୁ । ଏହା ମୋ ଜୀବନର ଏକ ସ୍ମରଣୀୟ ଘଟଣା ।

ଗାଁରେ ଥିବା ତେଲୁଗୁ ଜାତିର ଲୋକ

ବଡଗୋରଡା ଗାଁରେ ଚଷା, ଗୁଡିଆ, ଗଉଡ, ମହାନ୍ତି, ସୁନାରି, ପାଣ, ଧୋବା ଓ ଖଦାଳ ଜାତିର ଲୋକ ଅଛନ୍ତି । ଏବେ ସାନ ଗୋରଡା ଗ୍ରାମରୁ କିଛି ମହାନ୍ତି ଓ ବ୍ରାହ୍ମଣ ଜାତିର ଲୋକେ ଗାଁ ଭିତରେ କୁସୁମୀ ନଦୀ ବାମ ପାର୍ଶ୍ୱରେ ଘର କରି ରହିଥିବାରୁ ରାଜସ୍ୱ ଗ୍ରାମ ହିସାବରେ ଗାଁରେ ବ୍ରାହ୍ମଣ ଅଛନ୍ତି ବୋଲି କୁହାଯାଇପାରେ । ଏତଦ୍ ବ୍ୟତୀତ ଗାଁରେ ଅଛନ୍ତି ତେଲୁଗୁ ଜାତିର ଲୋକ । ଏମାନଙ୍କର ସାଙ୍ଗିଆ 'ଦୋରା' । ଏହି ତେଲୁଗୁ ଲୋକମାନେ ଜାତିରେ 'ତେଲେଗା' ବା ନାଇଡୁ । ଓଡିଶାର ଖଣ୍ଡାୟତ ଜାତିଙ୍କ ଭଳି । ଏମାନେ ନୟାଗଡ ରାଜାଙ୍କ ଖୁସିବାସୀ ପାଇକ ଥିଲେ ଓ ଠିକଣା ସମୟରେ ଡକରାପାଇ ରାଜାଙ୍କ ପାଇଁ ଯୁଦ୍ଧ କରୁଥିଲେ । ୧୮୦୩ ମସିହାରେ ବ୍ରିଟିଶମାନେ କଟକ, ପୁରୀ, ବାଲେଶ୍ୱର ଅଧିକାର କଲାପରେ ରାଜାମାନଙ୍କ ସାଙ୍ଗରେ ସନନ୍ଦ କରିବାରୁ ଯୁଦ୍ଧର ଅବସାନ ଘଟିଲା ।

ଗାଁର ୭ ପଣ (୪୪%) ହେଉଛନ୍ତି ଏହି ତେଲୁଗୁ ଜାତିର ଲୋକେ । ରାଜାଙ୍କ ଠାରୁ ଜାଗିରି ଜମି ପାଇ ଏମାନଙ୍କର ଅବସ୍ଥା ବେଶ୍ ସ୍ୱଚ୍ଛଳ ଥିଲା । କାଳକ୍ରମେ ପରିବାର ବଢ଼ିବାରୁ ଜମି ଭାଇଭାଗରେ କମିଗଲା । ଧାନ ଫସଲ ଅମଳ କମ୍ ହେବାରୁ ମଧ କେହି କେହି ଜମି ମଧ ବିକି ଦେଲଣି । ନୟାଗଡ ଗଡଜାତରେ ତେଲୁଗୁମାନେ ରହୁଥିବା ଗାଁ ଗୁଡିକ ହେଲା ବଡଗୋରଡା, କେଶରପୁର, କେଶପାନିଆଁ, ଚମ୍ପାପାଣ୍ଡିରି, ନନ୍ଦିଘୋର, ଗୋଡିପଡା, ତାଳପାଟଣା, ବାୟାପଲ୍ଲୀ, ଆରଡା, ବଟପୁଟ, ପଞ୍ଚରିଡା, କେନ୍ଦୁପଲ୍ଲୀ, କୋମଣ୍ଡ, ଗୋଡ୍ରିଡା, ବାମୁଣ୍ଡି, ଭାଡିକିଳା, ପେଟାପଲ୍ଲୀ, ମହୁଲିଆ ଓ ପଞ୍ଚୁପଲ୍ଲୀ । ଉପରୋକ୍ତ

Digitized by srujanika@gmail.com

ଗାଁ ମାନଙ୍କର ସର୍ବେସର୍ବା ହେଉଛନ୍ତି, ଏହି ତେଲୁଗୁ ଜାତିର ଲୋକେ । ତେଲୁଗୁ ଭାଷାରେ ଦରା ଅର୍ଥ ମୁଖ୍ୟ । ଏହି ଦରାରୁ ପ୍ରଚଳିତ ସାଙ୍ଗିଆ 'ଦୋରା' । ଏବେ ଓଡିଶାର ନିର୍ମାଣ ବିଭାଗରେ ଜଣେ 'ଦୋରା ସାଙ୍ଗିଆର ନିର୍ବାହୀ ଯନ୍ତ୍ରୀ ଅଛନ୍ତି । ସେ ହେଉଛନ୍ତି ନବୀନ କୁମାର ଦୋରା । ତାଙ୍କୁ ମୁଁ ପ୍ରଥମେ ତେଲୁଗୁ ବୋଲି ଭାବିଥିଲି । ପଚାରିବାରେ ସେ କହିଲେ "ଆମେ ଓଡିଆ ବ୍ରାହ୍ମଣ, ଆମ ଗାଁରେ ଆମ ପରିବାର ମୁଖ୍ୟ ଓ ଖଜଣା ଅସୁଲ କରୁଥିବାରୁ ଜୟପୁର ରାଜା ଆମକୁ ଦୋରା ସାଙ୍ଗିଆ ଦେଇଛନ୍ତି" । ଏହି ନବୀନ କୁମାରଙ୍କର ଘର କୋରାପୁଟ ଜିଲ୍ଲାର ଜୟପୁର ଜମିଦାରୀ ଅନ୍ତର୍ଗତ ଗୋଟିଏ ଗାଁରେ ।

ସାନଜେଜେ (କୁଟୁମ୍ବ ଭିତରେ ବାପାଙ୍କର ଦାଦା) କହୁଥିଲେ ୧୯୨୦ ମସିହାରେ ଗାଁ ପାଖ ଦେଇ ଯାଇଥିବା ଶରଣକୁଳ ରଣପୁର ରାସ୍ତା ବେଠିରେ କରାଯାଇଥିଲା । ସେତେବେଳେର ନିୟମାନୁସାରେ ନିଜ ଗାଁ ଭିତରେ ଯାଇଥିବା ରାସ୍ତାକୁ ସେହି ଗାଁ ଲୋକମାନେ ମାଟିପକାଇ ଉଚ୍ଚାକରିବେ । ପାହାଡରୁ କରକଚା (ମୋରମ) ଆଣି ପକାଇବେ, ଏବଂ ରାସ୍ତା ପାର୍ଶ୍ୱରେ ଜାମୁ, ଆମ୍ବ ଇତ୍ୟାଦି ଗଛ ଲଗାଇ ବଡ ହେଲା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ ।

ବେଠି କରିବାକୁ ତେଲୁଗୁମାନେ ଆପତ୍ତିକଲେ, କାରଣ ସେମାନେ ଖୁସିବାସୀ ପାଇକ ଥିଲେ । ଗଡଜାତ ସୁପରିଟେଣ୍ଟ ଅନିରୁଦ୍ଧ ପଟେଲ, ସେମାନଙ୍କର ମତକୁ ସମର୍ଥନ କରି ଏହି ଦୋରାମାନଙ୍କୁ ବେଠିରୁ ଛାଡକଲେ । ଏହି ବେଠିବେଳେ ବ୍ରାହ୍ମଣମାନେ ମଧ ନିସ୍ତାର ପାଇନଥିଲେ ।

୧୮୫୦ ମସିହାରେ ନୟାଗଡରେ ରାଜା ବ୍ରଜବଂଧୁ ସିଂ ମାନଧାତାଙ୍କ ବିରୁଦ୍ଧରେ ଯେଉଁ ବିଦ୍ରୋହ ହୋଇଥିଲା, ସେଥିରେ ମୁଖ୍ୟଥିଲେ ୧୧ଜଣ ଏବଂ ଏହି ୧୧ ଜଣରୁ ୨ଜଣ ଥିଲେ ଦୋରା, ତେଲଗୁ ସଂପ୍ରଦାୟର । ସେମାନେ ହେଲେ ରଘୁନାଥ ଦୋରା ଓ ବଳରାମ ଦୋରା । ଅନ୍ୟ ୯ଜଣ ହେଲେ କମଳଲୋଚନ ପାଇକରାୟ, ହରି ଗଜେନ୍ଦ୍ର ସିଂ, ଉଦ୍ଧବ ସାମନ୍ତରା, ବିକୁ ପଟ୍ଟନାୟକ, ଜଳଧର ବଳିୟାର ସିଂହ, ଭଗବାନ ବାହୁବଳେନ୍ଦ୍ର, ଲୋକି ବାହୁବଳେନ୍ଦ୍ର, ହରି ରାଉତରାୟ ଏବଂ ଶିବରାମ ସାମନ୍ତରାୟ । ଏହି ତେଲୁଗୁମାନେ ଏକାଜାତି ହେଲେ ମଧ ବିଭିନ୍ନ ବଂଶର । ଆନ୍ଧ୍ରରେ ଯେଉଁ ପରି ନାଁ ପୂର୍ବରୁ ବଂଶ ନାମ ଲେଖନ୍ତି ଏଠି କେହି ଲେଖନ୍ତି ନାହିଁ । ସମସ୍ତେ ସାଙ୍ଗିଆ ଦୋରା ହିଁ ଲେଖନ୍ତି । ଓଡିଆରେ ରାଉତ, ବେହେରା, ପ୍ରଧାନ ପରି ଗାଁରେ ଥିବା ଏହି ବଂଶ ଗୁଡିକର ନାଁ ହେଲା, ଗେଡ୍ଡମ୍, ବାଇସିଟି, ନାଇଡୁ, ଦାଙ୍ଗଡବିମ୍ବ,

Digitized by srujanika@gmail.com

କଦାଡବିମ୍ମ, କଞ୍ଚୁମ, ରାମସିଟି । ଅନ୍ୟ ଗାଁରେ ଥିବା ଏହି ତେଲୁଗୁ ପରିବାରମାନଙ୍କର ବହୁତ କୁଟୁମ୍ବି ନା ମଧ୍ୟ ଅଛି ।

ମୋ ପିଲାବେଳେ ଏହି ତେଲୁଗୁ ମାନଙ୍କର ଜାତିଆଣ ଭୋଜି ବଡ ମଜାଦାର ଥିଲା । ତାଙ୍କର (ତେଲୁଗୁରେ "ପୁଲୁସୁ") ଆମ୍ବିଳ ହାଣ୍ଡି ପ୍ରସିଦ୍ଧ । ଆମ୍ବିଳ ଖଟା-ମିଠାର ଏକ ସମନ୍ୱୟ । ଆମ୍ବିଳରେ ବଡ ବଡ ବାଇଗଣ ଖଣ୍ଡ, କଖାରୁ ଖଣ୍ଡ, ଦେଶୀ ଆଳୁ କିମ୍ବା ଶଂଙ୍ଖ ସାରୁର ଖଣ୍ଡ ପଡିଥାଏ । ସଂଧ୍ୟା ବେଳକୁ ଓହ୍ଲାଇବା ହାଣ୍ଡି ସେ ଦିନ ସକାଳୁ ଚୁଲିରେ ବସେ । ବିଭିନ୍ନ ପ୍ରକାର ସରକ ଦେଇ ଏହା ପ୍ରସ୍ତୁତ କରାଯାଏ । ସମସ୍ତଙ୍କୁ ଏହି ଆମ୍ବିଳର କଦର ଜଣାନଥାଏ । ବାହାଘର ଓ ଅନ୍ୟାନ୍ୟ ଭୋଜିରେ ଆମ୍ବିଳ ହୁଏ ଏବଂ ପୁରୁଖା ସ୍ତ୍ରୀ ଲୋକମାନେ ଏହି ଆମ୍ବିଳ ତିଆରିରେ ଭାଗ ନିଅନ୍ତି । ମୋର ଜାଣିବାରେ ସେତେବେଳେ ଯେଉଁ ପୁରୁଖା ସ୍ତ୍ରୀମାନେ ଆମ୍ବିଳ ହାଣ୍ଡି ପାଇଁ ପ୍ରସିଦ୍ଧ ଥିଲେ, ସେମାନେ ହେଲେ କେଶରପୁରର ଗୋବିନ୍ଦୁ, ଚମ୍ପାପାଣ୍ଡିରିର ମୋ ନିଜ ବଡ଼ ମାଇଁ, ବଡ଼ଗୋରଡ଼ା ଗାଁରେ ଥିବା ପିଉସୀ ନାନୀ (ରାମଚନ୍ଦ୍ର ଦୋରାଙ୍କ ମା) ଓ କେଶପାନିଆର "ମାନିଆ ନାନୀ" । ଏବେ ତେଲୁଗୁ ମାନଙ୍କ ଜାତିଆଣ ଭୋଜିରେ, ତେଲୁଗୁ ମାନଙ୍କ ଛଡା ଗାଁର ଅନ୍ୟାନ୍ୟ ଜାତିର ଲୋକେ ଭୋଜି ଖାଉଥିବାରୁ ପ୍ରାୟ ୩୦ ବର୍ଷ ହେଲା ଆଉ ଆମ୍ବିଳ ହେଉନାହିଁ । ବର୍ତ୍ତମାନ ଏହି ଆମ୍ବିଳ ଏକ ଇତିହାସର କଥା ହୋଇ ରହିଅଛି ।

୩୦ ବର୍ଷ ତଳର ତେଲୁଗୁ ମାନଙ୍କର ବିବାହ ଓ ଭୋଜି ବିଧି ଏହି ପ୍ରକାରର ଥିଲା । ତେଲଗୁ ଜାତିରେ ମାମୁଁ ଝିଅ / ପୁଅ ସହିତ ପିଉସୀ ପୁଅ / ଝିଅ ସହିତ ବାହାଘର ଚଳେ, ଯଦିଓ ଏହା ଓଡ଼ିଆ ପାଟକରେ ସେବେ ଚଳୁନଥିଲା । ବୟସ ଠିକ୍ ଠାକ୍ ରହିଲେ ଏଇ ବାହାଘର ପ୍ରାୟ ହୁଏ । ବିଭାଘର ହେବାକୁ ଥିଲେ ଜାତି ଲୋକଙ୍କ ଫୁଲ ସଭା ବସେ । ସଭାରେ ଭୋଜି ଦିନ ସ୍ଥିର ହେଲେ, ଗାଁର ପୁରୁଖା ସ୍ତ୍ରୀ ଲୋକମାନେ ରୋଷେଇରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଦାଣ୍ଡ ଦୁଆରରେ ଛାମୁଣ୍ଡିଆ ଓ ବେଦୀ ଛାମୁଣ୍ଡିଆ ତିଆରି ଇତ୍ୟାଦି ଏହି ଜାତିର ସାଇ ଭାଇମାନେ ସ୍ୱତଃପ୍ରବୃତ ହୋଇ କରୁଥିଲେ । ଭୋଜି ଦିନ ସକାଳେ ସମସ୍ତଙ୍କ ଘରେ (ଜାତି ଲୋକଙ୍କୁ) କହିଦିଆଯାଏ "ରାତିରେ ଭୋଜିକୁ ନିମନ୍ତ୍ରଣ ରହିଲା" । ପୁଣି ସଂଧ୍ୟାରେ ଘରକୁ ଘର ବୁଲି କୁହାଯାଏ, ଚୁଲି ବନ୍ଦ କରିବା ଲାଗି । ରାତିରେ ରୋଷେଇ ପ୍ରସ୍ତୁତ ହୋଇସାରିଲେ, ସମସ୍ତ ଲୋକଙ୍କ ଘରକୁ ଯାଇ ଡାକିବାକୁ ପଡେ । ଯଦି କୌଣସି ଘରକୁ କୁଣିଆ ଆସିଥାଆନ୍ତି ତେବେ ସେହି କୁଣିଆଙ୍କୁ ମଧ୍ୟ ଭୋଜିକୁ ଆସିବାକୁ ଭୋଜିକର୍ତ୍ତା ଅନୁରୋଧ କରନ୍ତି । ପୁରୁଷଲୋକମାନେ

Digitized by srujanika@gmail.com

ଖାଇସାରି ଘରକୁ ଫେରିଲେ ସ୍ତ୍ରୀ ଲୋକମାନଙ୍କୁ ଡାକିବାରୁ ସ୍ତ୍ରୀମାନେ ଯାଆନ୍ତି । ଭୋଜିରେ ପ୍ରଥମେ ଗୋଟିଏ ଆରିଷା ଓ ଦୁଇଟି ମୁଗ ପୁରଥିବା ବିରିର ଛଣା ପିଠାଦିଆଯାଏ । ଏହି ପିଠା ତିନିଟାକୁ ଭୋଜିରେ କେହି ଖାଆନ୍ତି ନି । ଆଉ ଗୋଟେ ଖଲିପତ୍ର ମାଗି ତାକୁ ପୁଡିଆ କରି ଘରକୁ ନେଇଯା'ନ୍ତି । ତାପରେ ଭାତ ଓ ଆମ୍ବିଳ ବଢାଯାଏ । ଆମ୍ବିଳଥିବାରୁ ମୁଗଡାଲିକୁ ଭୋଜିରେ ପ୍ରାୟ କେହି ପସନ୍ଦ କରନ୍ତି ନାହିଁ । ୪/୫ କିଲୋ ଚୁନାମାଛ ୨୦୦ଜଣଙ୍କ ପାଇଁ ଯଥେଷ୍ଟ । ଚୁନା ମାଛକୁ ଘାଣ୍ଟରେ ନପକାଇ ଅଲଗା ତରକାରୀ କରି ଟିକେ ଟିକେ ପତ୍ରରେ ଛୁଆଁଇ ଦିଅନ୍ତି । ପାଣି କଖାରୁର ସାକର (ଖଟା), ଆଉଗୋଟେ ଦି'ଟା ତରକାରି (କମ ପରିମାଣର) ଦିଆଯାଏ । ଭୋଜିର ନିୟମ ମଧ୍ୟ କଡା ଥିଲା । ସମସ୍ତେ ଭୋଜିରେ ବସିଲେ ଜଣେ ମୁରବୀ ସ୍ଥାନୀୟ ଲୋକ ସମସ୍ତଙ୍କୁ ଘର ଅନୁସାରେ ଡକାସିବେ । ଜଣେ କେହି ନଥିଲେ ସମସ୍ତେ ଅପେକ୍ଷା କରିବେ । ଏହି ଭୋଜିବେଳେ, ଭୋଜି ପରଷିଲାବାଲା, ମାଗିଲାବାଲା ଓ ଡକାସିବା ବେଳେ ତେଲୁଗୁରେ ହିଁ କଥାବାର୍ତ୍ତା ହେଉଥିଲେ । ଏବେ ପୁରୁଷ ପିଲାମାନେ ତେଲୁଗୁ କାହିଁ ବୁଝି ପାରୁଛନ୍ତି, କହି ପାରୁନାହାନ୍ତି । ସ୍ତ୍ରୀ ଲୋକମାନେ ମଧ୍ୟ ତେଲୁଗୁ କହିପାରୁନାହାନ୍ତି । ଏହି ତେଲୁଗୁ ଭାଷା ସମୟକ୍ରମେ ଅପଭ୍ରଷ୍ଟ ହେଲାଣି । ଏମାନଙ୍କର ତେଲୁଗୁ ଭାଷା ଆନ୍ଧ୍ରରେ କେହି ବୁଝିବା ମଧ୍ୟ କଷ୍ଟ ।

ମୁଁ ପିଲାବେଳେ ଦେଖିଛି ଆନ୍ଧ୍ରର ବୋବିଲିରୁ ଜଣେ ତେଲୁଗୁ ବ୍ରାହ୍ମଣ ମଝିରେ ମଝିରେ ଆସନ୍ତି । ସେ ହେଉଛନ୍ତି ଗୁରୁ। ଏହି ଦୀକ୍ଷା ଉତ୍ସବକୁ 'ଗୁରୁପୋଦେଶ' କହନ୍ତି । ପ୍ରତି ୨/୩ ବର୍ଷରେ ଆସିଲେ, ପ୍ରତ୍ୟେକ ଦମ୍ପତିକୁ ଦୀକ୍ଷା ଦିଅନ୍ତି, ଏବଂ ପଇସା, ଚାଉଳ ନେଇ ଲେଉଟନ୍ତି । ମୋର ମନେଅଛି ବାପା ଓ ମା ଦୀକ୍ଷା ନେବାଟା, ବୋଧହୁଏ ମୁଁ ତୃତୀୟ ଶ୍ରେଣୀରେ ପଢୁଥିଲି (୧୯୪୮ ମସିହାରେ) । ଏବେ କେହି ଆସୁନାହାନ୍ତି । ଦୀକ୍ଷା ଉଠିଗଲାଣି । ଏହି ତେଲୁଗୁ ପରିବାରମାନଙ୍କର ବିବାହ, ଦୁର୍ବଳ କାର୍ଯ୍ୟ ମଧ୍ୟ ଅଲଗାଥିଲା । ଦୁର୍ବଳ କାମ ଚଳେଇବା ପାଇଁ ଗୋଟେ ଦାସେରୀ (ନୀଚ ବୈଷ୍ଣବ ଜାତୀୟ) ପରିବାର ଥିଲା । ୧୯୫୦ ମସିହାରେ ଏହି ଦାସେରୀ ପରିବାରର ଶେଷ ଦାୟାଦ ଉଦୟ ନାଥ ଦାସ (ଜ.୧୯୩୨) ଗାଁର ସବୁ ଜମିବାଡି, ଡିହ ବିକି ଗଞ୍ଜାମର ପାଙ୍ଗିଡି ଚାଲିଗଲେ । ଏଣୁ ଓଡିଆ ବ୍ରାହ୍ମଣ ପୌରୋହିତ୍ୟ କଲାପରେ ସବୁ ରୀତିନୀତି ଓଡିଆମାନଙ୍କ ପରି ହେଉଛି । ମାତ୍ର ବିବାହ ବେଳେ ହାତଗଣ୍ଠି ସାଙ୍ଗକୁ ଆନ୍ଧ୍ରମାନଙ୍କ ପରି ଝିଅ ବେକରେ ତାଳି ବାନ୍ଧିବାର ପରମ୍ପରା ଏବେ ମଧ୍ୟ ବଜାୟ ରହିଛି ।

Digitized by srujanika@gmail.com

'ତାଳି' ଅର୍ଥ ମଙ୍ଗଳ ସୂତ୍ର । ସେ ସମୟରେ ତେଲୁଗୁ ପରିବାରରେ କୌଣସି ଝିଅ ଜ୍ଞାନ ପାଇଲେ ବା ନିର୍ବନ୍ଧଘର ହେଲେ ଜାତି ଭୋଜି ହେଉଥିଲା ।

ସ୍ୱାମୀର ମୃତ୍ୟୁ ହେଲେ ତେଲୁଗୁ ଜାତିର ସ୍ତ୍ରୀଲୋକଙ୍କର ହାତରୁ ଆନୁଷ୍ଠାନିକ ଭାବେ ଚୁଡ଼ି ଭଙ୍ଗାଯାଏ ମୃତ୍ୟୁର ୧୧ ଦିନ କିମ୍ବା ୧୨ ଦିନ, ଯେଉଁଦିନ ଦୁର୍ବଳ କାର୍ଯ୍ୟ ସମାପ୍ତ ହୁଏ । ଗାଁରେ ଥିବା ଦାଶେରୀ ପରିବାର ଏହି କାମ ତୁଲାନ୍ତି । ମାତ୍ର ଏ ପରିବାର ଏବେ ନଥିବାରୁ ଅନ୍ୟମାନଙ୍କ ହାତରେ ଏ କାର୍ଯ୍ୟ କରାଯାଉଛି । ଏପରି ପରମ୍ପରା ଅମାନୁଷିକ ବୋଲି ଏହା ବିରୁଦ୍ଧରେ ଜନମତ ହେଲାଣି ।

ମୋ ବଡଭାଇଙ୍କ ପାଠପଢା ସାଙ୍ଗ ଲିଙ୍ଗରାଜ ପରିଡା (୧୯୨୬-୧୯୯୯) ମୋ ମାଙ୍କୁ ଓଦିନା ଏବଂ ବାପାଙ୍କୁ ଆନା ବୋଲି ଡାକୁଥିଲେ । ଓଦିନା ଅର୍ଥ ଭାଉଜ ଓ ଆନା ଅର୍ଥ ଭାଇ । ତେଣୁ ତେଲୁଗୁ ଲୋକଙ୍କୁ ଓଡିଆ ଲୋକମାନେ ବୟସ ଅନୁପାତରେ ତେଲୁଗୁ ଶବ୍ଦରେ ହିଁ ସମ୍ବୋଧନ କରନ୍ତି । ଲେଖାରେ ବଡ ଭଉଣୀ କି ପିଉସୀ ହେଲେ ତାଙ୍କୁ ଆପା ବୋଲି ଡାକନ୍ତି । ଏପ୍ରକାର ସମ୍ବୋଧନ ଆଗରୁ ଥିଲା ଓ ଏବେ ମଧ ଚାଲିଛି ।

ଗାଁର ଦକ୍ଷିଣ ପଟ ଧାଡି (ଗାଁଟି ପୂର୍ବ ପଶ୍ଚିମ ହୋଇ ଅବସ୍ଥିତ) ରେ ତେଲୁଗୁମାନଙ୍କର ଘର ଅଛି । ମଝିରେ ୨ଟି ତେଲୁଗୁ ପରିବାର ଗାଁ ଛାଡି ପେଟାପଲ୍ଲି ଚାଲିଯିବାରୁ ଏହି ଦୁଇ ଜାଗାରେ ଜଣେ ଚଷା ଏବଂ ଆଉ ଜଣେ ଗୁଡିଆ ପରିବାର ଡିହ କିଣି ଘର କରି ରହିଛନ୍ତି ।

ଢେଙ୍କାନାଳ ରାଜାଙ୍କ ଶାସନ ସମୟରେ ମଧ ଏହି ତେଲୁଗୁ ଜାତିର ଲୋକେ ରାଜାଙ୍କର ପାଇକ ଥିଲେ । ଏ ସମ୍ବନ୍ଧରେ କବି ବ୍ରଜନାଥ ବଡଜେନା (୧୭୩୦-୯୫) ସମର ତରଙ୍ଗ (ଦ୍ୱିତୀୟ ଛାନ୍ଦ ୫୦ ପଦ)ରେ ଲେଖିଛନ୍ତି ।

"କେହୁ ଦୋରା ଦୋରା ବୋଲି ଡାକିଲା
ଡେଇଁ ଢଙ୍କୁଣ ମହୀରେ ଠୁକିଲା"

ପାଠାନ୍ତର -

"କେହୁ ଦୋରା ରା ରା ବୋଲି ଡାକିଲା
ଡେଇଁ ଢଙ୍କୁଣ ମହୀରେ ଠୁକିଲା"

ଏହି 'ରା' 'ରା' ଅର୍ଥ ଓଡିଆରେ "ଆସ ଆସ" ।

Digitized by srujanika@gmail.com

ଗାଁ ପାହାଡ

ଗାଁର ଉତ୍ତର ଦିଗରେ ଅଛି, ତାଳସାହି ପାହାଡ । ପିଲାବେଳେ ଗରିବ ଲୋକମାନେ ଏହି ପାହାଡରୁ ଜାଳେଣୀ କାଠ ସଂଗ୍ରହ କରୁଥିଲେ । କାରଣ ଏହି ପାହାଡ ରିଜର୍ଭ ଜଙ୍ଗଲ ନୁହେଁ । ଖଜଣାରେ ବନକର ଦେଉଥିବାରୁ ରାଜା ରାଜୁଡା ଅମଳର ଏହି ପାହାଡରୁ ବିନା ପଇସାରେ, ଜାଳେଣି ପାଇଁ କାଠ ଏବଂ ଘରକରିବାକୁ ପଥର ଆଣୁଥିଲେ । ବର୍ତ୍ତମାନ କାଠ ନାହିଁ କି ପଥର ନାହିଁ । ଏବେ କେଇବର୍ଷ ହେଲା କେଶରପୁରର "ବୃକ୍ଷ ଓ ଜୀବର ବଂଧୁ ପରିଷଦ" ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ହେପାଜତରେ ଆକାଶିଆ ଗଛ ଲଗାଯାଇଥିବାରୁ ପାହାଡ ଶ୍ୟାମଳ ଦିଶୁଛି । ମୁଁ ପିଲାବେଳେ ଧାନକଟା ସମୟରେ ଗୋଟିଏ ବଡ ଡାଲା ନେଇ, କଣ୍ଟେଇ କୋଳି ଖାଇବା ପାଇଁ ସାଙ୍ଗ ମେଳରେ ମୁଣ୍ଡିଆକୁ ଯାଉଥିଲି । ବୁଦାର ଡାଳତଳେ ଗୋଟିଏ ହାତରେ ଡାଲା ଧରି ଅନ୍ୟ ହାତରେ ବାଡିରେ ପିଟିଲେ ପାଚିଲା କଣ୍ଟେଇ କୋଳି ଡାଲାରେ ପଡେ । ପାହାଡରେ ଗୁଞ୍ଜର ରହନ୍ତି । ଗୁଞ୍ଜର ଭ୍ରମର ପରି ଉଡିବା ଜୀବ । ଗୁଞ୍ଜର ବେକରେ ସୁତା ବାନ୍ଧି ଉଡାଯାଏ । ମୁଣ୍ଡିଆରେ ଅରଗୁଣା ଗଛଥାଏ । ଅରଗୁଣା ଗଛର ଗଣ୍ଡିକୁ କାଟି ଛୋଟ ପିଲାଙ୍କ ପାଇଁ ଶଗଡ଼ ଚକ ତିଆରି କରନ୍ତି । ଅରଗୁଣା ଫଳକୁ କାଟି ଭିତରୁ ରସ କାଢି ହରିଜନ ଜାତିର ଲୋକେ ପିଠା କରିଖାଆନ୍ତି । ଅରଗୁଣା ଫଳ ପାକଳ ହେଲେ, ତହିଁରେଗୋଟିଏ ଛୋଟିଆ କଣା କରି, ରସ ବାହାର କରି ନାସ ଦାନୀ କରାଯାଏ । ସେତେବେଳେ ନାସ ରଖିବା ପାଇଁ କରାଟର ବ୍ୟବହାର ସୀମିତ ଥିଲା । ପାଟରା ଦୋକାନରୁ ପଇସାଟିଏ ଦେଇ କରାଟ କିଣିବା ସାଧ୍ୟାତୀତ ମଧ୍ୟ ଥିଲା । ନାସକୁ କଳରେ ଯାକନ୍ତି ଓ ନାକରେ ଶୁଘଂନ୍ତି । ବର୍ଷା ଋତୁରେ ଠିକଣା ବେଳରେ ବର୍ଷାନହେଲେ ଗିରି ଗୋବର୍ଦ୍ଧନ ପୂଜା କରି ତାଳସାହି ପାହାଡର ଶୀର୍ଷ ଦେଶରେ ଥିବା ଶିଳା ଉପରକୁ ଯାଇ ପତାକା ବାନ୍ଧନ୍ତି ।

ତାଳସାହି ପାହାଡ କୋଳରେ ଗୋଟିଏ କନ୍ଧ ଗାଁ ଥିଲା । ତା ନାଁ ନିମପଲ୍ଲୀ । ରଥ ଦଉଡ଼ି ପାଇଁ ଶିଆଳୀ ଲଇ ଦରବାରକୁ ଯୋଗାଇବା ବେଠିରେ ବ୍ୟତିବ୍ୟସ୍ତ ହୋଇଏହି କନ୍ଧମାନେ ୧୯୨୧ରେ ତୁଲବି ଜଙ୍ଗଲକୁ ଚାଲିଗଲେ ଘର କରି ରହିବା ପାଇଁ । ଏବେ ସେଠାରେ ଗାଁର କୌଣସି ସତ୍ତା ନାହିଁ । ଏକଥା ଖୁବ୍ କମ୍ ଲୋକେ ଜାଣନ୍ତି । କନ୍ଧମାନଙ୍କର ଆରାଧ୍ୟ ଦେବତା କନ୍ଧ ଠାକୁରାଣୀ କାଳକ୍ରମେ ରାମଚଣ୍ଡୀ ନାମରେ ପୂଜିତା ହେଉଛନ୍ତି । ଏହାର ପୂଜକ ହେଉଛନ୍ତି ଗାଁର ଧୋବା ପରିବାର ।

Digitized by srujanika@gmail.com

କୁସୁମୀ ଓ ଦୁଆଣ୍ଟ ନଈ

ଗାଁର ଉତ୍ତର ଓ ଦକ୍ଷିଣ ଦିଗରେ ଯଥାକ୍ରମେ କୁସୁମୀ ଓ ଦୁଆଣ୍ଟ ନଈ । କୁସୁମୀ ନଦୀ କୂଳରେ ଗାଁର ଶ୍ମଶାନ ଅଛି । ଏ ନଈରୁ ତେଣ୍ଡାରେ ପାଣି ଉଠାଇ ପାହାଡ ତଳର ଜମିରେ ମଡାଇ ଚାଷ ହୁଏ । ଏବେ ପାଣି ପମ୍ପ ଆସିବାରୁ, ତେଣ୍ଡାର ବ୍ୟବହାର ନାହିଁ । ପିଲାବେଳେ ଭାଦ୍ର ଆଶ୍ୱିନରେ ଗାଁର ୧୨ପଣ ଲୋକଙ୍କ ଘରେ ଚାଉଳ ନଥାଏ । ଏହି ଗରିବ ଶ୍ରେଣୀର ଲୋକମାନେ ମାଣ୍ଡିଆକୁ ଆଶ୍ରୟ କରନ୍ତି । ପାହାଡତଳ ପଦର ଜମିରେ ମାଣ୍ଡିଆ ଭଲ ହୁଏ । ଏଠି ଲୋକେ ଆଖୁଚାଷ ମଧ୍ୟ କରୁଥିଲେ । କୁସୁମୀ ନଦୀ ଗଞ୍ଜାମର ଜଗନ୍ନାଥ ପ୍ରସାଦର ପଞ୍ଚଭୂତି ବେଡ଼ାରୁ ବାହାରି କଣ୍ଟିଲୋଠାରେ ମହାନଦୀରେ ପଡ଼ିଛି । ନଦୀର ଶେଷ ଏକ କିଲୋମିଟର ବ୍ୟାପ୍ତିକୁ କମେଇ ନଦୀ କହନ୍ତି । ଏବେ ଏ ନଈରେ ବିଭିନ୍ନ ସ୍ଥାନରେ ଅନେକ ଗୁଡିଏ ଶଂଖ ତିଆରି ହୋଇଅଛି, ଯଥା - ଓଡଗାଁର ବାହାଡା ଝୋଲା ରାସ୍ତାରେ (୧୯୬୫), ଶରଣକୂଳ ଡାକ ବଙ୍ଗଳାଠାରେ (୧୯୩୦), ଶରଣକୂଳ ଆଞ୍ଚା ଚଉରାଠାରେ (୨୦୦୦), କେଶରପୁରଠାରେ (୧୯୯୬), ଲାଠିପଡା ପାଖରେ (୧୯୮୬) ବଡ଼ପଣ୍ଡୁସରଠାରେ (୧୯୧୫) ଓ ଖଣ୍ଡପଡାଠାରେ (୧୯୬୫) । ପ୍ରାୟ ଅଧିକାଂଶ ନଦୀ କୁସୁମୀର ଉପନଦୀ । ନୟାଗଡ ଇଲାକାର ସବୁ ଜଳ କମେଇ ଠାରେ ମହାନଦୀରେ ପଡୁଛି । କମେଇ ନଦୀରେ ୧୯୮୭ ମସିହାରେ ଶଂଖ ତିଆରି ହୋଇଛି । କମେଇ ମୁହାଣ ପର୍ଯ୍ୟନ୍ତ ଏଇ କୁସୁମୀ ନଈ ତା'ର ନାଁ ବଜାୟ ରଖିଛି । ଏ ନଈର ଉପନଦୀ ହେଉଛନ୍ତି କଇଁଫୁଲିଆ, ନାଗଝର, ଦୁଆଣ୍ଟ, ସୁଳିଆ, ଲୁଣିସରା, ଡାହୁକା ଓ ଅନେକ ନାଳ । ସବୁର ପାଣି କମେଇ ନାଆଁରେ କଣ୍ଟିଲୋ ଠାରେ ମହାନଦୀରେ ମିଶୁଛି ।

ବର୍ଷା ସମୟରେ ଦୁଆଣ୍ଟ ନଈରେ ବନ୍ଧ ପକାଇଲେ ଖମାରେ ପାଣି ଆସି ଗାଁ ଗହୀରରେ ମାଡ଼େ । ଏ ନଈରେ ବୁଡାବୁଡୀଆଣିଠାରେ ୧୯୬୮ ମସିହାରେ ଗୋଟିଏ ଡ୍ୟାମ ହୋଇଛି । ସେପାଖ ଅଞ୍ଚଳ କେନାଲ ଦ୍ୱାରା ଜଳସେଚିତ ହେଉଛି । ଆମ ଗାଁ ପର୍ଯ୍ୟନ୍ତ କେନାଲ ଆସିନାହିଁ । ଶୁଣାଯାଏ, କୁଆଡେ ଜଳକର ପଡିବ ବୋଲି ଗାଁ ଲୋକେ ଦରଖାସ୍ତ କରି ବନ୍ଦ କଲେ । ଦୁଆଣ୍ଟରୁ ଜଳ ଆସିଲେ ଗାଁ ଜମି ବେଉଷଣ ହୁଏ । ଲୋକେ କୋଡି, ହଳ କୋଦାଳ ଧରି, ଡାଳ ପକାଇ ନଦୀରେ ବନ୍ଧ ପକାନ୍ତି । ହଠାତ୍ ଉପର ମୁଣ୍ଡରୁ ପାଣି ଆସିଲେ ବନ୍ଧ ଭାଙ୍ଗିଯାଏ । ଏହିପରି ଧାନବୁଣାଠାରୁ ଧାନଅମଳ ପର୍ଯ୍ୟନ୍ତ ୪/୫ଥର ବନ୍ଧ ପକାଯାଏ । ଏ ନଈ ଯୋଗୁଁ କ୍ଷେତ ମରେନା । ତେଣୁ ଦୁଆଣ୍ଟ ହେଉଛି ଗାଁର ଜୀବନ । ଏ ନଈରେ ୫ଟି ଶଂଖ ହୋଇଛି । ଯଥା କଜଳାଇପଲ୍ଲୀ

Digitized by srujanika@gmail.com

ରାସ୍ତାରେ, ଗୋବିନ୍ଦପଲ୍ଲୀ, ବରସାଇ, ମାନପୁର ଠାରେ ଏବଂ ପାଟୁଳିସାହି ପାଖରେ । ଏଇ ଦୁଆଣ୍ଟ ନଣ୍ଡ ଛନ୍ଦିପଦାଠାରେ କୁସୁମୀ ନଦୀରେ ମିଶି ଯାଇଛି । ପ୍ରତିବର୍ଷ ୪/୫ଥର ନଦୀରେ ବାଲିବନ୍ଧ ପକାଇବା ବଦଳରେ ଉଠାପକା କବାଟ (Folding Shutter) ଦ୍ୱାରା ଆନିକଟ କରି ନଦୀ ପାଣି ଆବଦ୍ଧ କରି ଜଳସେଚନ କଲେ ବହୁତ କଷ୍ଟ ଲାଘବ ହୁଅନ୍ତା । ଏହା ଏ ପର୍ଯ୍ୟନ୍ତ ହୋଇନାହିଁ ।

ଗାଁରେ ଥିବା ଲଡୁକେଶ୍ୱର ମହାଦେବଙ୍କ ଜମି

ଗାଁଠୁ ପ୍ରାୟ ୫କିମି ଦୂର ଶରଣକୂଳ ଏକ ଶୈବ ପୀଠ । ଏଠାରେ ଲଡୁବାବା ବିଜେ କରିଛନ୍ତି । ଜନଶ୍ରୁତିରୁ ଜଣାଯାଏ ମନ୍ଦିର ରଣପୁର ରାଜାଙ୍କ ଦ୍ୱାରା ନିର୍ମିତ । ଏ ଅଞ୍ଚଳ ରଣପୁର ରାଜାଙ୍କର ଥିଲା । ଯୁଦ୍ଧରେ ଜୟ କରି ନୟାଗଡ଼ ରାଜା ଶରଣକୂଳ ଅଞ୍ଚଳକୁ ନିଜ ଦଖଲକୁ ନେଲେ । ଶରଣକୂଳ ପାଖରେ ଅଛି ନରେନ୍ଦ୍ରପୁର । ଏହି ଗାଁ ରଣପୁର ରାଜାଙ୍କ ନାମରେ ନାମିତ । ଗାଁରେ ଠାକୁରଙ୍କ ୩୫ ଏକର ଜମି ଅଛି । ଏ ଜମି ଲଡୁବାବାଙ୍କର ସୁଆର, ଗୁଡିଆ ଓ ଗଉଡଙ୍କୁ ଦିଆଯାଇଛି । ଏମାନେ ଠାକୁରଙ୍କର ନୀତିକାନ୍ତି କରନ୍ତି । ସୁଆର ମାନେ ପୂଜା କରିବେ, ଗୁଡିଆମାନେ ଭୋଗନିମିତ୍ତ ପିଠା କରିବେ । ଶରଣକୂଳ ଗାଁ ଠାରୁ ୫ କି.ମି । ସେଇଥିପାଇଁ ସୁଆରମାନେ ଓ ଗୁଡିଆମନେ ଗାଁର କିଛି ଲୋକଙ୍କୁ ଭଜିରା ସୂତ୍ରରେ ଭାଗ ଦେଇଛନ୍ତି । ଆମ ଗାଁର କିଛି ଗଉଡମାନେ ୫ଏକର ଜମି ଭୋଗ କରୁଛନ୍ତି । ଏମାନେ ବର୍ଷସାରା ସବୁଦିନ ସଂଧ୍ୟାରେ ଶରଣକୂଳ ଯାଇ ଠାକୁରଙ୍କୁ ଛେନା ଦିଅନ୍ତି । ପୂର୍ବରୁ କୁହାଯାଇଛି ଅମା ଗାଁ, ରାଜାଙ୍କର ଦାନ ଗାଁ ଥିଲା । ଅର୍ଥାତ ଗାଁର ଖଜଣା ରାଜାଙ୍କୁ ନ ଦିଆଯାଇ, ଲଡୁବାବାଙ୍କୁ ଦିଆଯାଉଥିଲା । ପ୍ରଜାମାନେ ସଂଜା ଆକାରରେ ଧାନ ଦେଉଥିଲେ । ପ୍ରତ୍ୟେକ ବର୍ଷ ଶିବରାତ୍ରିରେ ଗାଁରୁ ୧୬ ଜଣ ଲୋକ ଠାକୁରଙ୍କର ଚଉଦୋଳ କାନ୍ଧେଇବାକୁ ଓ ବେଢା କାମ କରିବା ପାଇଁ ବେଠିରେ ଯାଆନ୍ତି । ଅବଶ୍ୟ ଏବେ ମଜୁରୀ ମିଳୁଛି ।

ଶରଣକୂଳର ଜାଗର ଯାତ୍ରା

ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀରେ ଜାଗର ଯାତ୍ରା ହୁଏ । ଜାଗର ପାଳିବା ଲୋକ ସେଦିନ ପୋଖରୀ ହୁଡା,ମନ୍ଦିର ବେଢା, ଏବଂ ସିଂହଦ୍ୱାର ପଟେ ଦୀପ ଜାଳି ସାରା ରାତି ଉଜାଗର ରହନ୍ତି । ଅଧରାତି ବେଳକୁ ଠାକୁରଙ୍କର ମହାଦୀପ ଉଠେ । ପ୍ରାୟ ୧୫ଦିନ ପର୍ଯ୍ୟନ୍ତ ଯାତ୍ରା ରହେ । ଗାଁର କୁଟୁମ୍ବ ଲୋକେ, ଲେଖାଯୋଖା ସଙ୍ଗାତ ବନ୍ଧୁ ପିଲାମାନଙ୍କୁ ଯାତ୍ରା ଖରଚ ଦିଅନ୍ତି । ପିଲାବେଳେ ଅର୍ଥାତ ୭ମ ଶ୍ରେଣୀ ପଢିଲା ବେଳକୁ ମୁଁ ୩/୪

Digitized by srujanika@gmail.com

ଟଙ୍କା ଯାତରା ଖରଚ ପାଉଛ । ତା ବାଦ୍ ଧାନ କଟା ସମୟରେ ସବୁ ବିଲରୁ ବାପା ଗୋଟିଏ ଛୋଟ କଲେଇ ଦିଅନ୍ତି । ସେ ଗୁଡ଼ିକ ଗୋଡରେ ମକଚି ଧାନ ବିକିଲା ପରେ ୫/୬ ଟଙ୍କା ମିଳେ । ଏଇ ପଇସାରେ ମୋର ଦୋକାନରୁ ଜଳଖିଆ ଖାଇବା ଏବଂ 'ହରେକ୍‌ମାଲ୍ ଛ ଅଣା ଦି' ପଇସା' ଦୋକାନରୁ କଲମ କିଣିବାରେ ଖରଚ ହୋଇଥାଏ । ଥରେ ୧୯୫୦ ମସିହାରେ ମୁଁ ଛୋଟ ଛୋଟ ବହି ଯଥା:- ଅଙ୍ଗଦପଡ଼ି, କପଟପାଶା, କେଶବ କୋଇଲି, କାନ୍ତକୋଇଲି, ନାବକେଳି, ଭୂତକେଳି, ଶଶିଦେଇ କାନ୍ଦ, ଢେମା ଦେଇ କାନ୍ଦ, ଟୀକା ଗୋବିନ୍ଦଚନ୍ଦ୍ର, ଗୁଣ ସାଗର, କେଶବ କୋଇଲି ଇତ୍ୟାଦି ଚଟିବହି କିଣିଥିଲି । ୧୯୫୪ ମସିହାରେ ଅଷ୍ଟମ ଶ୍ରେଣୀ ପଢିଲାବେଳେ, ଏହି ଯାତ୍ରାକୁ ପ୍ରଥମେ ବୁଲା ସିନେମା ଆସିଥିଲା । ଆଣିଥିଲେ ଚଢେଇୟାମାନପୁରର ଗୋପୀ ସାମନ୍ତରା, କେଦାର ଗୌରୀ, ଆମରି ଗାଁ ଝିଅ, ଶ୍ରୀଜଗନ୍ନାଥ ଇତ୍ୟାଦି ସିନେମା ଦେଖି ବହୁତ ଖୁସି ହୋଇଥିଲି । ତାହା ଥିଲା ମୋର ପ୍ରଥମ ସିନେମା ଦେଖା । ତା ବାଦ୍ ମେଜିକ୍, କଳାକୁଞ୍ଜରେ, ବହୁତ ରକମର ନଦେଖିବା ଜୀବ ଦେଖାଯାଏ । ପିଲାବେଳେ ଥରେ କାଠ କୂଅରେ (ଭୂଇଁ ଉପରେ ତିଆରି) ମଟର ସାଇକେଲ ଚଲା ଦେଖିଥିଲି । ଏହି ଜାଗାର ଯାତ୍ରାରେ ବହୁତ ଖଗୁଡା ଦୋକାନ ଆସେ, ଯେଉଁଥିରେ କଂସା, ପିତଳ ଆଦି ବିକ୍ରୟ ହୁଏ । ଗାଁ ଲୋକମାନେ ତାଙ୍କ ଝିଅ ବିଭାପାଇଁ ଆଗତୁରା ବାସନକୁସନ, ଗରା, ଢାଳ ଇତ୍ୟାଦି କିଛି କିଣି ସାଇତି ରଖନ୍ତି । କାରଣ ଏକାବେଳକେ ସବୁ କିଣିବା ସମ୍ଭବ ନୁହେଁ । ସେତେବେଳେ ଝିଅକୁ ସଜ ଦେବାର ଜିନିଷ ହେଉଛି ଗୁଖା, ପିତଳ ଡିବିରି, ହଳଦୀକାଠୁଆ, ତେଲ ଗିନା, ପିକଦାନୀ, ବେଲା, କଂସାଥାଳି, ଗିନା, ଥାଳିଆ, ବାଲେଶ୍ୱରୀ କଂସା ଥାଳୀ, ପିତଳ ଗରା, ଡାଳ, ପିତଳ ଗିଲାସ, ପିତଳ ଦୀପ, ପିତଳ ଥାଳି, ପିତଳ ହଣ୍ଡା, ହଳଦୀ ଗିନା ଇତ୍ୟାଦି । ଯାତରା ପ୍ରାୟ ୨୦/୨୫ଦିନ ଚାଲେ । ପ୍ରକୃତ ଶିବ ଉପାସକ ଜାଗର ଦିନ ହିଁ ଆସି ଜାଗର ଜାଳି ତା' ପରଦିନ ସକାଳେ ଗାଁକୁ ଫେରନ୍ତି । ବାକି ଦିନଗୁଡ଼ିକ ବିକାକିଣାର ଦିନ । ଲଡୁବାବାଙ୍କ ପୋଖରୀର ଚାରିପାଖରେ ସବୁ ପାହାଚରେ ସାରାରାତି ଉଜାଗର ରହି ଜାଗରଦୀପ ଜାଳିବା ଏକ ମଜାଦାର ଦୃଶ୍ୟ । ଯାତ୍ରାରୁ ଫେରିଲା ବେଳକୁ ସମସ୍ତେ ବିଶେ ବିଲାତି ଆଳୁ, ଟମାଟୋ ଓ ବନ୍ଧା କୋବି କିଣି କରି ଆଣନ୍ତି କାରଣ ଗାଁରେ ବର୍ଷସାରା ଏଇ ପରିବା ଖାଇବାର ସୁଯୋଗ ନଥାଏ । କିଏ କେମିତି ବାରିରେ ଖାଲି ଟମାଟୋ ଲଗାନ୍ତି । ୧ ବିଶା ହେବ ହାରାହାରି ୨ କେ.ଜି. ସଙ୍ଗେ ସମାନ ।

Digitized by srujanika@gmail.com

ସମୟର ବିବର୍ତ୍ତନରେ ସେ ସମୟର ଘଟଣା ଆଉ ନାହିଁ । ଜାଗର ଯାତ୍ରା ମାତ୍ର ୪/୫ ଦିନରେ ଶେଷହୋଇ ଯାଉଛି । ଆଗେ ଗଞ୍ଜାମର ଲୋକେ ଗୁଡୁଶଗଡରେ ଆସି ହାଇସ୍କୁଲ ପଡିଆରେ ରହି ୩/୪ ଦିନ ପରେ ଫେରନ୍ତି । ଏବେ ମଟର ଗାଡି ହେତୁ ସେଇ ଦିନ ଆସି ସେଇ ଦିନ ହିଁ ଫେରି ଯାଉଛନ୍ତି । ଖଗୁଡା ଦୋକାନ ସବୁଆଡେ ହେଲାଣି । ତେଣୁ ଯାତ୍ରାରୁ କିଣିବା ସେତେ ଦରକାର ପଡୁନି । ଏବେ କଟକ ଆଡୁ ଯାତ୍ରା ଦଳ (ନାଚ ପାର୍ଟି) ଆସୁଛନ୍ତି । ରାତ୍ରିରେ ନାଚ ହେଉଛି । ଏବେ ଏଇ ନାଟକ ୫/୬ ରାତି ଚାଲୁଛି । ନୟାଗଡ ଆଡେ ମେଳା ମହୋତ୍ସବକୁ ଯାତ୍ରା କହନ୍ତି, ମାତ୍ର କଟକ ଅଞ୍ଚଳରେ ଅପେରାକୁ ଯାତ୍ରା କହୁଛନ୍ତି

ଲଡୁବାବାଙ୍କ ପାଖରେ ଯାତ୍ରାଙ୍ଗୀ :

ବର୍ଷକରେ ଚଉଦପାଳି ଯାତ୍ରାଙ୍ଗୀ ପଡେ । ଏଡି ଦିନମାନଙ୍କରେ ଭକ୍ତମାନେ ନିଷ୍ଠାର ସହିତ ଉପାସ ରହି ପୂଜାର୍ଚ୍ଚନା କରନ୍ତି । ମନ୍ଦିରରେ ଏହି ଦିନ ମାନଙ୍କାରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ । ଏହି ବିଶିଷ୍ଟ ନୀତି ପୁରୋଧା କରନ୍ତି । ଶୈବ କଳ୍ପଦ୍ରୁମ ଅନୁସାରେ ଏହି ନୀତି ହୁଏ । ଗଙ୍ଗୋଦକରେ ପ୍ରଭୁଙ୍କୁ ସ୍ନାନ କରାଇ ଚନ୍ଦନ, କର୍ପୁର, ଅଗୁର ରକ୍ତ ଚନ୍ଦନ ଇତ୍ୟାଦି ଲଗାଯାଏ ଓ ବସ୍ତ୍ର ଲାଗି କରାଯାଏ । ଖଟଣୀ ଭୋଗ ହୁଏ । ଅରୁଆ ଚାଉଳ ଓ ହଳଦୀ ମିଶ୍ରିତ କରି ବନ୍ଦାପନା ନିର୍ମିତ ହୋଇ ପ୍ରଭୁଙ୍କୁ ବନ୍ଦା ହୁଏ । ଏହି ବନ୍ଦାପନା ସାରିଲାପରେ ଉପବାସିଆ ଭକ୍ତମାନେ ଅନ୍ୟ ଭୋଗ ସାରନ୍ତି । ଚଉଦପାଳି ଯାତ୍ରାଙ୍ଗୀ ହେଲା

୧) ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ)

୨)ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ (ଶିବ ଚତୁର୍ଦ୍ଦଶୀ)

୩) ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)

୪) ଆଷାଢ ଶୁକ୍ଳ ଅଷ୍ଟମୀ (ପର୍ଶୁରାମ ଅଷ୍ଟମୀ)

୫) ଆଷାଢ ଶୁକ୍ଳ ଚତୁର୍ଦ୍ଦଶୀ (ଶୟନ ଚତୁର୍ଦ୍ଦଶୀ)

୬) ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ (ଶ୍ରାବଣୀ)

୭) କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା (ଯମ ଦ୍ୱିତୀୟା)

୮) କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ (ଉତ୍ଥାନ ଚତୁର୍ଦ୍ଦଶୀ)

୯) ମାର୍ଗଶିର କୃଷ୍ଣ ଅଷ୍ଟମୀ (ପ୍ରଥମାଷ୍ଟମୀ)

Digitized by srujanika@gmail.com

୧୦) ମାର୍ଗଶିର ଶୁକ୍ଳ ଷଷ୍ଠୀ (ଓଢଣୀ ଷଷ୍ଠୀ)

୧୧) ମକର ସଂକ୍ରାନ୍ତୀ

୧୨) ପୌଷ ପୂର୍ଣ୍ଣମୀ

୧୩) ମାଘ ଶୁକ୍ଳ ସପ୍ତମୀ

୧୪) ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ (ଶିବରାତ୍ରି)

ମାନସିକ ସହ ଏହି ଯାତ୍ରାଙ୍ଗୀ ଉପବାସ କରିବାକୁ ଇଚ୍ଛୁକ ଭକ୍ତମାନେ ପ୍ରଥମାଷ୍ଟମୀ ବା ଅଶୋକାଷ୍ଟମୀ ଦିନ ଏଇ ଯାତ୍ରାଙ୍ଗୀ ଧରନ୍ତି । ଏକ ବର୍ଷ ଧରି ବିଧିବଦ୍ଧଭାବେ ପାଳନ କରି ଚଉଦପାଳି ପରେ ଛାଡନ୍ତି । ଏଥି ପାଇଁ ସଂକଳ୍ପ କରିବାକୁ ପଡେ ଜଣେ ଚଉଦପାଳି କିମ୍ବା ଚଉଦ ବର୍ଷ ଏ ଯାତ୍ରାଙ୍ଗୀ କରିପାରିବେ ।

ମୋର ବାପା ଓ ମା ଏହି ଯାତ୍ରାଙ୍ଗୀ ପାଳିଥିଲେ । ଶରଣକୁଳର ଗୁଡିଆଙ୍କ ସାଥୀରେ ବର୍ଷ ଆରମ୍ଭରୁ କଥା ହେଲେ ଏହି ଦିନ ଖଟଣୀ (ଉଖୁଡା ଭୋଗ) ମନ୍ଦିର ପାଖକୁ ଆସେ । ଯାତ୍ରାଙ୍ଗୀ ଆରମ୍ଭରୁ ନିର୍ଦ୍ଦିଷ୍ଟ କେତେ ନଉତି ଧାନଦେଲେ ସବୁପାଳିରେ ଖଟଣୀ ମିଳେ । ଯେଉଁମାନେ ମନ୍ଦିର ଯାଇ ନ ପାରିବେ ଅନ୍ୟମାନେ ଖଟଣୀ ଗାଁକୁ ଆଣିଦିଅନ୍ତି । ଏହି ଯାତ୍ରାଙ୍ଗୀ ଦିନମାନଙ୍କରେ ଶରଣକୂଳରେ ଭାରି ଗହଳି ହୁଏ । ମକର ସଂକ୍ରାନ୍ତିରେ ମକର ଚାଉଳ ଭୋଗହୁଏ । ଶ୍ରାବଣ ମାସରେ ଶ୍ରାବଣୀ ଯାତ୍ରାଙ୍ଗୀରେ ଗହମ ରୋଷେଇ କରି ଗହମ ଉଖୁଡା ଭୋଗକରି ଖାଆନ୍ତି । ମକର ସଂକ୍ରାନ୍ତି ଦିନ ଇଚ୍ଛୁକ ଲୋକମାନେ ସଂଗାତ ବସିଲାପରି ମକର ବସନ୍ତି । ମକର ବୋଲି ପରସ୍ପରକୁ ଡାକନ୍ତି । ଗାଁରେ ସବୁଲୋକମାନେ କି ପୁରୁଷ କି ସ୍ତ୍ରୀ ଯାତ୍ରାଙ୍ଗୀ ପାଳନ୍ତି । ଥରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଭାଗବତ ଘରେ କିଛି ଲୋକ ଯାତ୍ରାଙ୍ଗୀ ବିଷୟରେ କଥା ହେଉଥିବା ବେଳେ ମୁଁ ପଚାରିଲି "ଲୋକେ କଣ ପାଇଁ ଯାତ୍ରାଙ୍ଗୀ ପାଳୁଛନ୍ତି ?" ସର୍ବରାକାର କ୍ଷେତ୍ର ମୋହନ କହିଲେ "ତୋ ବାପା ମା ଯାତ୍ରାଙ୍ଗୀ ପାଳି ନଥିଲେ ତୁ ତ ପାଠ ପଢ଼ିଥା'ନ୍ତୁ !"

ଶରଣକୂଳରେ ବିଜେ ଲଡୁବାବା ସ୍ୱୟଂ ହରିହର ବୋଲି ଗୃହୀତ ହୋଇଛନ୍ତି । ତେଣୁ ମନ୍ଦିରରେ ସ୍ମାର୍ତ୍ତମତ ଚଳେ । ସ୍ମାର୍ତ୍ତ କହିଲେ ନାରାୟଣ, ଗଣେଷ, ରୁଦ୍ର, ଅମ୍ବିକା ଓ ସୂର୍ଯ୍ୟଙ୍କୁ ସମାନ ମନେକରି ପ୍ରତ୍ୟେକଙ୍କୁ ମାନିବା । ଏଠାରେ ପଞ୍ଚଦେବତାବାଦ ବା ସ୍ମାର୍ତ୍ତମତରେ ସମସ୍ତ ନୀତି ହୁଏ । ପ୍ରଭୁ ସେବାସୀଙ୍କ ଦ୍ୱାରା ଚଳଚଞ୍ଚଳ ହୁଅନ୍ତି । ସେବାସୀ ପ୍ରଭୁଙ୍କର ଅଙ୍ଗ ଲାଗି ସେବା କରେ । ସେବକ ଦ୍ୱାରା ପ୍ରଭୁ ଖାଆନ୍ତି, ପିଅନ୍ତି, ଶୁଅନ୍ତି ଓ

Digitized by srujanika@gmail.com

ବିଭିନ୍ନ ମେଳ ମଉଛବ କରନ୍ତି । ଲଡୁବାବାଙ୍କ ମନ୍ଦିରରେ ପ୍ରାୟ ସବୁ ପାଟକର ସେବାୟୀ ସେବା ପାଇଛନ୍ତି ଯଥା ପରିଛା, ରାଜ ପୁରୋଧା, ଘମର ସେବକ, ଯାତ୍ରାଙ୍ଗୀ ନୀତି ସେବକ, କଂସାରୀ, ଗଉଡ଼, ଚଷା, ଗୁଡ଼ିଆ, ତନ୍ତୀ ଇତ୍ୟାଦି ମୋଟ୍ ୪୦ ପାଟକ । ଲଡୁବାବାଙ୍କ ମନ୍ଦିରରେ ଭୋଗ ବିଶେଷତଃ ଗଜା, କଦମ୍ବା, ଓଡ଼ିଶାରେ ପ୍ରସିଦ୍ଧ । ଅନ୍ୟ ଭୋଗଗୁଡ଼ିକ ହେଲା ଖଇ, ପୂର ଖୁରୁମା, କୋରା, କାକରା ସାଧା ଅନ୍ନ, ବିଡ଼ିଆ ପାନ ଇତ୍ୟାଦି ମୋଟ୍ ୪୩ ରକମର ।

ଶିକ୍ଷା ପରମ୍ପରା

୧୯୪୫ ମସିହାରେ ଛଅ ବର୍ଷ ବୟସରେ ମୋର ସ୍କୁଲ୍‌ରେ ନାମ ଲେଖା ହେଲା । ସେ ସମୟରେ ଏ ବୟସରେ ଗାଁରେ ସବୁ ପୁଅ ପିଲା ଲଙ୍ଗଳା କହିଲେ ଚଳେ । ଗାମୁଛା କୁ ଲୁଗାକରି ପିନ୍ଧା ଆରମ୍ଭ କରୁଥାନ୍ତି । ପେଣ୍ଟ ସାର୍ଟ ନାହିଁ । ଗାଁ ଶିଶୁ ବିଦ୍ୟାଳୟରେ ଶିଶୁ ଶ୍ରେଣୀ ଏବଂ ପ୍ରଥମ ଶ୍ରେଣୀ ଥିଲା । ବାଉଁଶିଆ ଗ୍ରାମର ଶିକ୍ଷକ ବାମଦେବ ରଥଙ୍କୁ ଗାଁକୁ ଆସି ସର୍ବରାକାରଙ୍କ ସାହାଯ୍ୟରେ ପିଲାଙ୍କ ନାଁ ଲେଖିଲେ । ପିଲାଙ୍କ ବାପା ସ୍କୁଲକୁ ଯାଇ ନାଁ ଲେଖାଇବାର ଦରକାର ପଡେନି । ବୟସ ପଚାରି ମୋ ଜନ୍ମ ତାରିଖ ଲେଖାଗଲା ତା୧୦.୬.୧୯୩୯ । ୧୯୫୭ ମସିହାରେ ମାଟ୍ରିକ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ୍ ପାଇବା ବେଳେ ମୁଁ ଦେଖିଲି ମୋର ଜନ୍ମ ତାରିଖ ଲେଖାଅଛି ତା୨୬.୦୬.୧୯୩୯ ।

ଶିଶୁ ଶ୍ରେଣୀରେ ବିଦ୍ୟାଧର ଦାସଙ୍କ ବର୍ଣ୍ଣ ଶିକ୍ଷା ପ୍ରଥମ ଭାଗ ପଢା ଯାଉଥିଲା । ଏ ବହିରେ ଆରମ୍ଭରେ ଅଛି "ମା, ରମା, ରମାର ମା" ଇତ୍ୟାଦି । ଶିଶୁ ପୁରା ଓଡିଆ ବର୍ଣ୍ଣମାଳାର ୩୪ଟି ଅକ୍ଷର ନପଢି ଅକାର ଆକାର ମିଶାଇ ଅଭ୍ୟସ୍ତ ଶବ୍ଦ ଯୋଗେ ପାଠ ଶିଖିବ । ଏହାକୁ ଡିପି ପ୍ରଣାଳୀ କହନ୍ତି । ବିହାର ଓଡିଶାର ଓ ପରେ ନୂତନ ଓଡିଶାର ଡି.ପି.ଆଇ ହର୍ବଟ ଡିପି ସାହେବ ଏହି ପ୍ରଣାଳୀ ଆରମ୍ଭ କରିଥିଲେ । ବର୍ଣ୍ଣ ଶିକ୍ଷା ପ୍ରଥମେ ପ୍ରକାଶ ପାଇଥିଲା ୧୯୩୦ ମସିହାରେ । ଏହି ବହିରେ ବିଭିନ୍ନ ଶିକ୍ଷାବିତ୍ ଯଥା:- ହର୍ବର୍ଟ ଡିପି, ହରିହର ମିଶ୍ର, ପ୍ରାଣକୃଷ୍ଣ ପରିଜା ଇତ୍ୟାଦିଙ୍କ ଅଭିମତ ରହିଛି । ୧୯୪୫ରେ ମୁଁ ସ୍କୁଲରେ ପଢିଲା ବେଳକୁ ବହିଟି ବଡ ବଡ ଅକ୍ଷରରେ ଲେଖାଯାଇ ଆକାରରେ ଖାତାପରି ହୋଇଥିଲା । ପ୍ରଥମ ଶ୍ରେଣୀରେ ପଣକିଆ ସାଙ୍ଗକୁ ବର୍ଣ୍ଣଶିକ୍ଷା ଦ୍ୱିତୀୟ ଭାଗ ପଢାଯାଉଥିଲା । ମାଟ୍ରିକ ପରୀକ୍ଷା ସମୟକୁ ୧୨ଟି ଶ୍ରେଣୀ ଥିଲା ଏବଂ ଶେଷ କ୍ଲାସର ନାମ ଥିଲା ଏକାଦଶ ଶ୍ରେଣୀ । ତଳେ ବସିବା ପାଇଁ ବାଉଁଶ ତିଆରି ଛପା ନେଇ ମୁଁ

Digitized by srujanika@gmail.com

ସ୍କୁଲକୁ ଯାଉଥିଲି । ଏହି ଛପା ଧୂଷୁମାର ହାଡିମାନେ ତିଆରି କରି ବିକନ୍ତି । ଆଙ୍ଗିସିଙ୍ଗିର ବ୍ରାହ୍ମଣ ପିଲାମାନେ, ଶ୍ରେଣୀକୁ ତାଳପତ୍ରରେ ତିଆରି ଛପା ଆଣୁଥିଲେ । ସେ ସମୟରେ ଛୁଆଁ ଅଛୁଆଁ ଭେଦ ଭାବ ଥିବାରୁ ଏଇ ହରିଜନ ପିଲାମାନେ ଶ୍ରେଣୀରେ ଅଲଗା ହୋଇ ବସନ୍ତି । ମାଷ୍ଟ୍ରେ ଛୁଆଁ ହେବା ଭୟରେ ଛାଟକୁ ସେମାନଙ୍କ ଉପରକୁ ଫୋପାଡ଼ି ମାଡ଼ ଦିଅନ୍ତି । ଅଙ୍କ ପଢିଲାବେଳେ ଗଣନାପାଇଁ ଆଖୁ ଗଛର ସରକାଠି ଏବଂ ବାଉଁଶକାଠି ବ୍ୟବହାର କରାଯାଉଥିଲା । ମୁଁ ଘରେ ପଢିଲାବେଳେ ଗୋଟିଏ ମିରିଗ ଚମଡାକୁ ସପ ମସିଣା ପରି ବ୍ୟବହାର କରୁଥିଲି । ଏହା ବାପା କୁପ କଣ୍ଟ୍ରାକ୍ଟରୁ ଯୋଗାଡ କରିଥିଲେ । ଟ୍ୟାନିହୋଇ ନଥିବାରୁ ଟାଁସିଆ ହୋଇଥାଏ । ପଢିଲାପରେ ତାକୁ ଗୁଡାଇ ଘରର ଗୋଟିଏ କଣରେ ରଖାଯାଏ । ୧୯୫୩ରେ ଗାଁ ପୋଡ଼ିରେ ସେ ଚମଡା ପୋଡିଗଲା । ଆମ ଘରେ ଗୋଟିଏ ଲଣ୍ଠନ ଥାଏ । ସେଇଟା ଜର୍ମାନୀ ତିଆରି । ବହୁତ ଆଲୁଅ ଦିଏ । ତାର ବେଙ୍ଗେଇଟା କାଚ ଲାଗୁଥିବା ଫ୍ରେମରେ ମୂଳରୁ ସେଟ୍ ହୋଇଥାଏ । ଏବେ ସେମିତିକା ଲଣ୍ଠନ ଦେଖିବାକୁ ମିଳୁନି । ଗାଁର ଦଣ୍ଡପାଣି ପରିଡା ଯେ କି ମୋର ତଳ ଶ୍ରେଣୀରେ ପଢୁଥିଲେ ସେ ଗୋଟିଏ ଜର୍ମାନୀ ଛତା ବ୍ୟବହାର କରୁଥିଲେ । ଛତାଟିର କନା ଦୋପୁରୀ, କଳା ଓ ଧଳା ମାତ୍ର ବାରଖାଡିଆ । ଆମେ ଦେଖୁଥିବା ସବୁ ଛତା ଆଠ ଖାଡିଆ ।

ପ୍ରଥମ ଶ୍ରେଣୀ ପାଶ୍ କଲାପରେ ମୁଁ ୧୯୪୭ ମସିହାରେ ସାନଗୋରଡ଼ା ଏଲ୍.ପି. ସ୍କୁଲରେ ପଢ଼ିଲି । ନାମ ଲେଖାହେଲା ଦ୍ୱିତୀୟ ଶ୍ରେଣୀରେ । ଏଠି ୪ଟି ଶ୍ରେଣୀ ଅଛି, ଯଥା : ଶିଶୁ, ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ । ୨ଟି କ୍ଲାସ୍‌କୁ ଜଣେ ଶିକ୍ଷକ ହିସାବରେ ଏଠି ଦୁଇଜଣ ଶିକ୍ଷକ ଥିଲେ । ସେମାନେ ହେଲେ ନାଗ ମୁଣ୍ଡଳୀର ସୋମନାଥ ପଟ୍ଟନାୟକ ଏବଂ ପଞ୍ଚୁପୁର ବୈଦ୍ୟନାଥ ମିଶ୍ର । ସ୍କୁଲକୁ ପାଟୁଳୀସାହି, କେଶରପୁର, ବଡ଼ଗୋରଡ଼ା ଓ ସାନଗୋରଡ଼ାର ପିଲାମାନେ ପଢ଼ିବା ପାଇଁ ଆସୁଥିଲେ । ଏବେ ବଡ଼ଗୋରଡ଼ା ଓ କେଶରପୁରରେ ହାଇସ୍କୁଲ ହେଲାଣି । ପାଟୁଳୀସାହିରେ ଏଲ୍.ପି. ସ୍କୁଲ ମଧ୍ୟ ହେଲାଣି । କିନ୍ତୁ ସାନଗୋରଡ଼ାର କିଛି ଉନ୍ନତି ହୋଇନାହିଁ । ମାଟି କାନ୍ଥରେ ଘର ସ୍କୁଲ ବଦଳରେ ପକ୍କା ଆଜବେଷ୍ଟସ୍ ଘର ହୋଇଛି । ମାତ୍ର ସେହି ଏଲ୍.ପି. ସ୍କୁଲ ଅଛି ।

ସ୍କୁଲ ପାଠପଢ଼ା

ଆମ ଗାଁ ସ୍କୁଲର ନାମ "ବଡ଼ଗୋରଡ଼ା ଶିଶୁବିଦ୍ୟାଳୟ" ଥିଲା । ଏହା ୧୯୦୫ ମସିହାରେ ପ୍ରତିଷ୍ଠା ହୋଇଥିଲା । ମାତ୍ର ଦୁଇଟି କ୍ଲାସ ଶିଶୁ ଓ ପ୍ରଥମ । ଯଦିଓ ସ୍କୁଲର ନାମ

Digitized by srujanika@gmail.com

ବଡ଼ଗୋରଡ଼ା ଥିଲା, ଏହା ଆଙ୍ଗିସିଙ୍ଗି ଗାଁ ସରହଦରେ ଅଛି । ୧୯୪୫ ମସହାରେ ଶିଶୁ ଶ୍ରେଣୀରେ ପଢ଼ିଲା ବେଳେ ମୋର ପ୍ରଥମ ଶିକ୍ଷକ ଥିଲେ ବାଉଁଶିଆର ବାମଦେବ ରଥ (୧୯୦୪-୧୯୯୫) । ମୁଁ ସ୍କୁଲଯିବାର ଛଅ ମାସ ପରେ ସେ ବଦଳି ହେଲେ ଓ ତାପରେ ଆସିଲେ ନରେନ୍ଦ୍ରପୁରର ଶିତୀକଣ୍ଠ ମିଶ୍ର । ସ୍କୁଲରେ ବାଳକୃଷ୍ଣ କରଙ୍କ (୧୮୮୭-୧୯୫୭) ସଂପାଦିତ ଛନ୍ଦମାମୁଁ ଗୁଡ଼ାଏ ଥିଲା । ଏବେ ଆଉ ନାହିଁ । ବର୍ଷାରେ ଓଦା ହୋଇ ନଷ୍ଟ ହେଇଯାଇଛି । ସେତେବେଳେ ଶିକ୍ଷାବର୍ଷ ବର୍ତ୍ତମାନ ପରି ଜୁନ୍‌ରୁ ମେ ଥିଲା । ମାତ୍ର ୧୯୪୨ ଆଗରୁ ଶିକ୍ଷାବର୍ଷ ଥିଲା ଜାନୁଆରୀ ରୁ ଡିସେମ୍ବର । ମୋର ବଡ଼ଭାଇ କହୁଥିଲେ ୧୯୪୨ ରେ ଶିକ୍ଷାବର୍ଷ ନୂତନ ଭାବେ ପ୍ରବର୍ତ୍ତନ ହେତୁ ତାଙ୍କ ପାଠପଢ଼ା ଅଧିକ ଛଅ ମାସ ବଢ଼ିଗଲା । ଭାଇଙ୍କ ସମୟରେ, ଅର୍ଥାତ୍ ସେ ୧୯୩୪ ରେ ପାଠ ଆରମ୍ଭ କଲାବେଳେ ଶିଶୁ ଶ୍ରେଣୀ ନଥିଲା । ତାକୁ ପ୍ରଥମ ଶ୍ରେଣୀ କୁହାଯାଉଥିଲା । ତେଣୁ ସେ ତାଙ୍କ ଗାଁ ଓ ସାନଗୋରଡ଼ା ସ୍କୁଲ୍‌ରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପାସ୍ କରି ଶରଣକୁଳ ଏମ୍.ଇ. ସ୍କୁଲରେ ପଢ଼ିଲା ବେଳକୁ ପୁଣି ଚତୁର୍ଥ ଶ୍ରେଣୀରେ ନାଁ ଲେଖାଇଲେ । ମାତ୍ର ଏଲ୍.ପି. ସ୍କୁଲର ଚତୁର୍ଥ ଓ ମାଇନର ଚତୁର୍ଥ ଏକା ନଥିଲା । ଏଣୁ ଏ ଅସୁବିଧା ଦୂର କରିବା ପାଇଁ ସରକାର ୧୯୪୨ ରେ ପ୍ରଥମ ଶ୍ରେଣୀକୁ ଶିଶୁଶ୍ରେଣୀ ବୋଲି ନାମିତ କଲେ, ଯା ଫଳରେ ଦୁଇଟି ୪ର୍ଥ ରହିଲା ନାହିଁ । ପୁଣି ୦୧.୦୪.୧୯୫୮ରୁ ଶିଶୁ ଶ୍ରେଣୀ ଉଠିଗଲା । ସ୍କୁଲ ଆରମ୍ଭ ହେଲା ପ୍ରଥମ ଶ୍ରେଣୀରୁ । ପ୍ରକାଶ ଥାଉକି ବ୍ରିଟିଶ୍ ଓଡ଼ିଶାରେ ୧୯୧୮ ମସିହାରେ ଶିଶୁଶ୍ରେଣୀକୁ ଉଠାଇ ଦିଆଯାଇଥିଲା ।

ଗାଁ ସ୍କୁଲ

୨୩.୦୬.୧୯୮୨ ମସିହାରେ ବଡ଼ଗୋରଡ଼ା ଗାଁରେ କୁବେର ଲୋକନାଥ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି, ଏହି ପ୍ରାଥମିକ ସ୍କୁଲ ପାଖରେ । ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେଉଁ ଅର୍ଥ ଆବଶ୍ୟକ ତାର ଦୁଇ ତୃତୀୟାଂଶ ସାଉକାର ଘର ବହନ କରିବାରୁ ବିଦ୍ୟାଳୟଟି ସେହି ପରିବାରର ସ୍ୱର୍ଗତ ଲୋକନାଥ ପ୍ରଧାନଙ୍କ ନାମରେ ନାମିତ ହୋଇଅଛି । ୧୯୪୯ ମସିହାରେ ବଡ଼ଗୋରଡ଼ା ଶିଶୁବିଦ୍ୟାଳୟ ଉନ୍ନିତ ହୋଇ ଏଲ୍.ପି. ସ୍କୁଲ୍ ଅର୍ଥାତ୍ ୩ୟ ଓ ୪ର୍ଥ ଶ୍ରେଣୀ ନୂଆ ଆରମ୍ଭ ହେଲା । ସ୍କୁଲର ନାଁ ରହିଲା ବଡ଼ଗୋରଡ଼ା ନିମ୍ନ ପ୍ରାଥମିକ ବିଦ୍ୟାଳୟ । ୧୯୬୪ ମସିହାରେ ଏହି ସ୍କୁଲ ପୁନରାୟ ଉଚ୍ଚ ପ୍ରାଥମିକ(ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ) ସ୍କୁଲରେ ପରିଣତ ହେଲା । ୧୯୭୧-୭୨ ମସିହାରେ ପ୍ରାଥମିକ ବିଦ୍ୟାଳୟ ପାଖରେ ଗୋଟିଏ ଏମ୍.ଇ ସ୍କୁଲ (ଷଷ୍ଠ ଓ ସପ୍ତମ)ହେଲା । ସେତେବେଳେ

Digitized by srujanika@gmail.com

ସ୍କୁଲର ନାଁ ରହିଲା 'ବଡ଼ଗୋରଡ଼ା ଆଙ୍ଗିସିଙ୍ଗି ସହଯୋଗ ଏମ.ଇ. ବିଦ୍ୟାଳୟ' । କିନ୍ତୁ ୨୦୦୪ ମସିହାରେ ସରକାର ମାଇନର ସ୍କୁଲକୁ ସଂସ୍କାର କରି ପ୍ରଥମ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ପ୍ରଣାଳୀରେ ରଖିଲେ ଓ ସ୍କୁଲର ନାଁ ରହିଲା ବଡ଼ଗୋରଡ଼ା ଆଙ୍ଗିସିଙ୍ଗି ସହଯୋଗ ୟୁଜିଏମ୍‌ଇ ସ୍କୁଲ୍ । ଏବେ ଆଙ୍ଗିସିଙ୍ଗିରେ ଅଲଗା ଗୋଟିଏ ପ୍ରାଇମେରୀ ସ୍କୁଲ ୧୯୮୯-୯୦ ରୁ ପ୍ରତିଷ୍ଠା ହୋଇ କାର୍ଯ୍ୟ କରୁଛି ଏବଂ ଧୁଷୁମାରେ ମଧ୍ୟ ୧୯୭୭-୭୮ ରୁ ୟୁ.ପି. ସ୍କୁଲ୍ ପ୍ରତିଷ୍ଠା ହେଲାଣି ।

ନାଁ ପାଇଁ ଦ୍ୱନ୍ଦ୍ୱ

୨୦୦୧ ରୁ ୨୦୦୨ ମସିହା ରେ ଅଧିକା ନୂଆ ଗ୍ରାମପଞ୍ଚାୟତ ଗଠନ ପ୍ରକିୟା ବେଳେ ସ୍ୱାଭାବିକ ଭାବେ ବଡ଼ଗୋରଡ଼ା ଆଙ୍ଗିସିଙ୍ଗି ଧୁଷୁମା ମଉଜାକୁ ନେଇ ଗୋଟିଏ ଗ୍ରାମପଞ୍ଚାୟତ ହେବାପାଇଁ ଆଲୋଚନା ହୋଇଥିଲା । ମାତ୍ର ବଡ଼ଗୋରଡ଼ା ସାନଗୋରଡ଼ା ଓ ପାଟୁଳିସାହି ଗ୍ରାମକୁ ନେଇ ବଡ଼ଗୋରଡ଼ା ଗ୍ରାମପଞ୍ଚାୟତ ଗଠନ ହେଲା । ୨୦୦୧ ମସିହାରେ ଏବଂ ଆଙ୍ଗିସିଙ୍ଗି ଧୁଷୁମା ଓ ଗୁଞ୍ଜୁବାରଣକୁ ନେଇ ଆଙ୍ଗିସିଙ୍ଗି ଗ୍ରାମପଞ୍ଚାୟତ ଗଠନ ହେଲା । ମାତ୍ର ଆଙ୍ଗିସିଙ୍ଗି ଗ୍ରାମପଞ୍ଚାୟତର ଅଫିସ୍ ଗୃହ ଧୁଷୁମା ଗାଁରେ ରହିଲା ।

ଏହି ନାଁ ପାଇଁ ଲୋକମାନେ କିପରି ବ୍ୟସ୍ତ ଓ ବିବ୍ରତ, ତା' ଉପରେ ମୋର ଗୋଟିଏ ଅନୁଭୂତି ଅଛି । ୧୯୮୮ ମସିହାରେ ମୁଁ ନୟାଗଡର ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଥିଲାବେଳେ ପଦ୍ମାବତୀ ଗାଁରେ ମେଡିକାଲ ଅଫିସ୍‌ର କ୍ୱାର୍ଟର୍ ପାଇଁ ଟଙ୍କା ଆସିଲା । ତା ପୂର୍ବରୁ ପ୍ରସ୍ତାବିତ କ୍ୱାର୍ଟର୍ ପାଇଁ ଜମି ଚିହ୍ନଟ ସରିଥିଲା ମାରଦା ଗାଁରେ । ମୁଁ ଯେତେବେଳେ ଜାଗା ଉପରକୁ ଗଲି କିଛି ଲୋକ କାମ କରିବାକୁ ମନା କଲେ । ତାଙ୍କର ଯୁକ୍ତି ହେଲା ଆମ ଗାଁ ଭିତରେ କଲେଜ ଅଛି । କିନ୍ତୁ କଲେଜ ନାଁ ହେଲା ପଦ୍ମାବତୀ କଲେଜ । ଡାକ୍ତରଖାନା ଆମ ଗାଁ ଭିତରେ ଅଛି, କିନ୍ତୁ ନାଁ ହେଲା ପଦ୍ମାବତୀ ଡାକ୍ତରଖାନା । ଏବେ ଡାକ୍ତରଙ୍କ କ୍ୱାର୍ଟର୍ ହେବ ଆମ ଗାଁରେ ମାତ୍ର ନାମ ରହିବ ପଦ୍ମାବତୀର । ଏ କ୍ୱାର୍ଟର୍ କଦାଚିତ ହୋଇପାରିବ ନାହିଁ । ମୁଁ କହିଲି ଯାହା ହୋଇଯାଇଛି, ସେଥିରେ ମୋର କିଛି କରିବାର ନାହିଁ । ମାତ୍ର ଏବେ ମେଡିକାଲ ଅଫିସର୍ କ୍ୱାର୍ଟର ତୁମ ଗାଁ ନାମରେ ହେବ । ନାଁ ରହିବ "ମାରଦା ମେଡିକାଲ ଅଫିସର୍ କ୍ୱାଟର" । ମାତ୍ର କିଛି ମେଳିଆ ଲୋକ ରାଜି ହେଲେନି । ଗାଁରେ ଡାକ୍ତର ରହିଲେ ଅସମୟରେ ବଡ ସାହାଯ୍ୟ ମିଳିବ ଇତ୍ୟାଦି ଯେତେ ଯୁକ୍ତି କଲେ ମଧ୍ୟ ଫଳ ହେଲାନି । ନୟାଗଡ ଡି.ଏସ୍.ପି.

Digitized by srujanika@gmail.com

ଚିତ୍ତରଞ୍ଜନ କାନୁନ୍‌ଗୋଙ୍କୁ ନେଇ ଗାଁରେ ସଭା କରାଇଲି । ତା ମଧ୍ୟ ଫଳବତୀ ହେଲାନି । ଶେଷକୁ ନିରାଶ ହୋଇ ଟଙ୍କା ଫେରାଇବାକୁ ପ୍ରସ୍ତାବ ଦେଲି । କ୍ୱାର୍ଟର ନିର୍ମାଣ ଟଙ୍କା ୟୁ.କେ ଏଡ୍ ପ୍ରୋଜେକ୍ଟରୁ ମିଳିଥିଲା । ନିର୍ଦ୍ଦିଷ୍ଟ ସମୟଭିତରେ କାମ କରିବା ଆବଶ୍ୟକ ଥିଲା । ମୁଁ ନୟାଗଡ ସବ୍‌ଡିଭିଜନ୍‌ରୁ ୧୯୯୧ ସେପ୍ଟେମ୍ବରରେ ବଦଳିହେଲି । ମେଡ଼ିକାଲ ଅଫିସର କ୍ୱାର୍ଟର ହୋଇ ପାରିଲା ନାହିଁ । ଗାଁ ନାଁ ପାଇଁ ଲୋକମାନେ କିପରି ନିଜର କ୍ଷତିକରନ୍ତି, ଏହା ତାହାର ଗୋଟିଏ ଦୃଷ୍ଟାନ୍ତ । ଆଉ ଗୋଟିଏ ଉଦାହରଣ : ୧୯୭୮ ମସିହା ବେଳକୁ ରାଧାଚରଣ ପଟ୍ଟନାୟକ କଟକ ହାଇକୋର୍ଟର ଆଡ୍‌ଭୋକେଟ ଥିଲେ । ପରେ ସେ ଓଡିଶା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟର ବିଚାରପତି ମଧ୍ୟ ହୋଇଥିଲେ । ଉକ୍ତ ବର୍ଷ ମୁଁ ଓ ମୋ ସାଙ୍ଗ ଯୁଧିଷ୍ଠିର ଶତପଥିଙ୍କ ସହିତ ତାଙ୍କ ପାଖକୁ ଏକ ମକଦ୍ଦମା ସଂକ୍ରାନ୍ତରେ ଯାଇଥିଲୁ । ଆମେ ଥିବା ସମୟରେ କଟକ ଜିଲ୍ଲାର ୪ଜଣ ବ୍ୟକ୍ତି ସେଠାକୁ ଆସିଲେ । ଉଦ୍ଦେଶ୍ୟ ଓକିଲଙ୍କ ସାଥିରେ କଥା ହୋଇ ମକଦ୍ଦମା କରିବେ । ସେମାନଙ୍କ ଅଭିଯୋଗ ଯେ ତାଙ୍କ ଗାଁ ସରହଦ୍ଦରେ ଗୋଟିଏ ସ୍କୁଲ ହେଉଛି ଏବଂ ସ୍କୁଲର ନାଁ ରହୁଛି ଅନ୍ୟ ଗାଁର, ଯଦିଓ ଉକ୍ତ ଗାଁର ଲୋକମାନେ ଧନୀ ଓ ଉଦ୍ୟୋକ୍ତା । ଆଡଭୋକେଟ୍ ଏ କଥା ଶୁଣି ସେମାନଙ୍କୁ କହିଲେ "ପିଲା ପାଠପଢିଲେ ଗଲା, ଗାଁ ନାଁରୁ କ'ଣ ମିଳିବ ? ଏମିତିକା ମୂଲ୍ୟହୀନ ମକଦ୍ଦମା ମୁଁ ନିଏନା" ।

ଶିକ୍ଷାରୀତି - ମୁଁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ (ଅର୍ଥାତ ୧୯୫୨ ମସିହା) ଫାଉଣ୍ଟେନ୍ କଲମ ବ୍ୟବହାର କରି ନଥିଲି । କାଚ ଦୁଆତରେ ସିଆଇ ନେଇ ସ୍କୁଲକୁ ନେଇ ଯାଏ । କାଠ ହାଣ୍ଡଲ ଥିବା କଲମରେ ନିବ୍ ଥାଏ । ନିବ୍ ଦୁଇ ପ୍ରକାରର, ଧଳା ଡେଙ୍ଗା ନିବ୍ ଓ ଗେଡା ପିତଳ ନିବ୍ । ସିଆଇ ପାଇଁ ଟାବ୍‌ଲେଟ ଥାଏ । ଟାବ୍‌ଲେଟ୍‌କୁ ଗୁଣ୍ଡକରି ସିଆଇ କରିବାକୁ ପଡେ । ପାଣି ମଧ୍ୟ ଭାଗମାପରେ ମିଶାଇବାକୁ ପଡେ । ବେଶି ମିଶାଇଲେ ସିଆଇ ଫିକାରଙ୍ଗର ହୋଇଥାଏ । ଗାଁ ଦୋକାନରୁ ବାଲି କାଗଜ (ଶ୍ରୀରାମପୁରି) କିଣି ପେନ୍‌ସିଲ୍‌ରେ ରୋଲ ପକାଇ ହସ୍ତାକ୍ଷର ଖାତା କରାଯାଏ । ଏହି ବାଲି କାଗଜ ମାଟିଆ ବର୍ଣ୍ଣର । ଧଳା କାଗଜ (ଟିଟାଗଡ କାଗଜ) ମଧ୍ୟ ଥାଏ । ବ୍ୟବହାର କରୁଥିବା ଦୁଆତ କାଚରେ ତିଆରି ଅବା ଶଂଖରେ ତିଆରି । ଶଂଖ ଦୁଆତ (ପର୍ସେଲିନ) ଏପରି ଯେ, ଏହାକୁ ଓଲଟାଇଲେ ସିଆଇ ତଳେପଡେ ନାହିଁ । ଏହି ଦୁଆତକୁ ବେଙ୍ଗେଇ ଦୁଆତ ମଧ୍ୟ କହନ୍ତି ।

ସାନଗୋରଡା ସ୍କୁଲରେ ପଢିଲାବେଳେ ସାର୍‌ମାନେ ପିଲାଙ୍କୁ ବହି ବାହାରୁ କିଛି ଗୀତ ଶିଖାଉଥିଲେ । ସେଇଟା ହେଲା, "ବଙ୍କା ବଙ୍କା ଦେଖ ଲତା ଗଛେଯାଏ

Digitized by srujanika@gmail.com

ମାଡି" । ଏବେ ଗଲା ଜୁଲାଇ ୨୦୦୪ ରେ ଗାଁ ପାଠାଗାରାର ପୁରୁଣା ବହି ଦେଖୁଥିଲା ବେଳେ ମୁଁ ପାଇଲି ଗୋଟିଏ ବହି - "ଶିଶୁ ଖେଳା ଗୀତ" ଏହି ବହିରେ ଗୀତ ଅଛି । ଏହା ଅନୁଗୁଳ ଓ ମଧ୍ୟ ଗଡଜାତ ସ୍କୁଲ ସମୂହର ଡେପୁଟି ଇନ୍‌ସପେକ୍ଟର ଶ୍ରୀ ଶ୍ରୀନିବାସ ସିଂଙ୍କ ଦ୍ୱାରା ପ୍ରଣୀତ । ବହିଟିର ପଞ୍ଚମ ସଂସ୍କରଣ ୧୯୧୬ ରେ କଟକ ମିଶନ ପ୍ରେସରୁ ପ୍ରକାଶିତ ହୋଇଥିଲା । ମୂଲ୍ୟ ୩ ଅଣା ଯାହା ବର୍ତ୍ତମାନର ୧୮ ପଇସା ସହିତ ସମାନ । ବହିଟିରେ ମୁଖବନ୍ଧ ଲେଖିଛନ୍ତି ଭକ୍ତକବି ମଧୁସୂଦନ ରାଓ ୧୯୦୯ରେ ସ୍କୁଲ୍ ଇନ୍‌ସ୍ପେକ୍ଟର ହିସାବରେ । ୧୯୦୯ ରେ ଜେ. ମାକ୍‌ଲିନ୍, ସ୍କୁଲ ପରିଦର୍ଶକ (Inspector of Schools) ମଧ୍ୟ ମୁଖବନ୍ଧ ଲେଖିଛନ୍ତି ।

ସାନଗୋରଡା ଏଲ୍.ପି. ସ୍କୁଲରେ ପଢିଲାବେଳେ ପ୍ରାରମ୍ଭରେ ଗୋଟିଏ ଜଣାଣ ବୋଲାଯାଏ । ଜଣେ ବୋଲେ ଏବଂ ଅନ୍ୟମାନେ ପାଳିଧରି ବୋଲନ୍ତି । ସେ ସମୟରେ "ଗୋଲକ ଧନ୍ଦା" ସାର ମାନେ ପଢାନ୍ତି, ତା ଅର୍ଥ ବହିରେ କୌଣସି ଏକ ବିଷୟରେ କିଛି ଲେଖାଥିବ ଏବଂ କିଛି ଛବିଥିବ । ପଢିବାବାଲା ନଝୁଣ୍ଟି ଗୋଟିଏ ରାହାରେ ପଢିଯିବ । ଯଥା - ଗଲାକାଲି (ଅକ୍ଷରରେ) ବର୍ଷାହେଲା (ବର୍ଷା ଏଠାରେ ଲେଖା ନହୋଇ ଛବି ଆକାରରେ ଥିବ) ଏହିପରି ।

୧୮୪୮ ମସିହା ଜାନୁଆରୀ ୩୧ ତାରିଖ ଶନିବାର ସ୍କୁଲ ଥିଲା ସକାଳୁଆ । ପିଲାମାନଙ୍କୁ ସ୍କୁଲରେ ମହାତ୍ମାଗାନ୍ଧୀଙ୍କ ହତ୍ୟା ବିଷୟରେ ଖବର ମିଳିଲା । ଏହି ଘଟଣାଠାରୁ ଖ୍ରୀଷ୍ଟାବ୍ଦ ସମ୍ବନ୍ଧରେ ମୋର ଜ୍ଞାନ ହେଲା । ଏହା ପରଠୁ ମୁଁ ଖ୍ରୀଷ୍ଟାବ୍ଦର ହିସାବ ରଖିଲି ।

ମାଇନର ସ୍କୁଲରେ ପାଠପଢା

୧୯୪୯ରେ ୪ର୍ଥ ଶ୍ରେଣୀରେ ପଢିବା ପାଇଁ ସାନଗୋରଡା ସ୍କୁଲରୁ ମୁଁ ସାର୍ଟିଫିକେଟ୍ ଆଣିଲି । ଗାଁଠୁ ୬ କି.ମି. ଦୂରରେ ଶରଣକୂଳଠାରେ ହାଇସ୍କୁଲ ଅଛି । ପୂର୍ବଦିଗରେ ୬ କି.ମି ଦୂରରେ ଗୋଡିପଡାରେ ଏମ.ଇ ସ୍କୁଲ ଅଛି । ଦୁଆଣ୍ଟ ନଦୀରେ ଶଂଖ ନଥିବାରୁ ବର୍ଷାଦିନେ ଗୋଡିପଡା ଯିବା ସମ୍ଭବ ନଥିଲା । ତେଣୁ ସେ ପଟକୁ ଚଳଣି ନଥିଲା । ସେ ବର୍ଷ ବହୁତ ପିଲା ଶରଣକୂଳ ହାଇସ୍କୁଲର ୪ର୍ଥ ଶ୍ରେଣୀରେ ନାମ ଲେଖାଇବାକୁ ଆସିବାରୁ ଗୋଟିଏ ବଛାବଛି ପରୀକ୍ଷା ହେଲା । ମୁଁ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲି ନାହିଁ । ମୋର ସାଙ୍ଗ ତଥା ତାଙ୍କ ଗାଁ ସାଉକାର ଘର ପୁଅ ରାଜକିଶୋର ବଛା ହୋଇ ୪ର୍ଥ ଶ୍ରେଣୀରେ ନାଁ ଲେଖାଇଲା । ସେହି ସମୟରେ ଗାଁଠୁ

Digitized by srujanika@gmail.com

୫କି.ମି. ଦକ୍ଷିଣରେ ଜଙ୍ଗଲ ତଳିଗାଁ କଙ୍କଲାଇପଲ୍ଲୀରେ ଗୋଟିଏ ନୂଆ କରି ହୋଇଥିବା ହାଇସ୍କୁଲରୁ ୪ର୍ଥ ଶ୍ରେଣୀ ଆରମ୍ଭ ହେଲା । ସ୍କୁଲକୁ ଆରମ୍ଭ କରିଥିଲେ ବିଶିଷ୍ଟ ରାଜପଲ୍ଲୀ ନେତା ଲିଙ୍ଗରାଜ ମିଶ୍ର । ଗୋଟିଏ ମାଇନର ସ୍କୁଲ ମଧ୍ୟ ନୂଆ ହେଲା ଶିଖରପୁର ଗାଁରେ । ଶିଖରପୁର ଗ୍ରାମ ବଡଗୋରଡା ଗ୍ରାମଠାରୁ ପଶ୍ଚିମକୁ ୩ "" କି.ମି. ଦୂରରେ । ଗୋଟିଏ ରୋଡରେ ସଲଗ୍ନ । ନଦୀ ପାର ହେବାକୁ ନାହିଁ । ତେଣୁ ମୁଁ ଶିଖରପୁର ଏମ୍.ଇ. ସ୍କୁଲରେ ନାମ ଲେଖାଇଲି । ଶରଣକୂଳରେ ପିଲାମାନେ ବେଞ୍ଚରେ ବସି ପାଠପଢନ୍ତି, ମାତ୍ର ଏହି ନୂଆ ସ୍କୁଲରେ ଏଲ୍.ପି. ସ୍କୁଲ୍ ପରି ତଳେ ବସି ପଢିବାକୁ ପଡ଼େ । ପ୍ରାୟ ବର୍ଷକପରେ ଲୋ ଡେକ୍ସ ମିଳିଲା । ୪ର୍ଥ ଶ୍ରେଣୀକୁ ପଢିବାକୁ ଯିବା ପୂର୍ବରୁ ହାତରେ ପିନ୍ଧିଥିବା ସାନ ସାନ ରୂପା ଖଡୁ, କାନରେ ପିନ୍ଧିଥିବା ଠିକରି ପରି କାନ ସୁନା ଫୁଲ କାଢିବାକୁ ପଡିଲା । ମୋର ସାନ ଦାଦା ଲିଙ୍ଗରାଜ ଗୋଟିଏ ରସିଦ୍ୱାରା ଖଡୁକୁ ଗୋଡରେ ଟାଣି ମେଲାକରି ବାହାରକଲେ । ସେତେବେଳେ ସବୁପିଲାଙ୍କର, ପୁଅ ହଉକି ଝିଅ ହେଉ, କାନ ଫୋଡାହେଉଥିଲା । କାନରେ ନାନା କିଷମର କାନଫୁଲ, ଅଣ୍ଟାରେ ରୂପା ଅଣ୍ଟାସୂତା ଇତ୍ୟାଦି ଥିଲାବାଲା ଲୋକଙ୍କ ପିଲାମାନେ ପିନ୍ଧିବା ପରମ୍ପରା ଥିଲା । ଅଣ୍ଟାସୂତାରୁ ଝୁଲିଥାଏ ରୂପାର ଲହ୍ନି, ଝିଅପିଲା ହୋଇଥିଲେ ରୂପାର ମୋହର ଭଳି ଜିନିଷ । ତା ଛଡ଼ା ସୂତା ତିଆରି ଗାଞ୍ଜିଆ ଅଣ୍ଟାରେ ଝୁଲେ ଓ ସେଥିରେ ଥାଏ ସେ ସମୟର କଣା ପଇସା - ଅଣି, ଦିଅଣି ଇତ୍ୟାଦି । ଦି ହାତରେ ଥାଏ ରୂପା ଖଡୁ ।

ଏହି ଶିଖରପୁର ମାଇନର୍ ସ୍କୁଲର ଉଦ୍ୟୋକ୍ତା ଥିଲେ ଉତ୍ସବ ସାହୁ, ନାରଣ ସାହୁ ମୋଚି ନାୟକ, ଅସୁରଢ଼ିପାର ପ୍ରଫୁଲ ଦେଓ ଇତ୍ୟାଦି । ଶିଖରପୁର ଏଲ୍.ପି. ସ୍କୁଲ ପରିସରରେ ଥିବା ଗାଁ କୋଠଘର ହେଲା ୪ର୍ଥ ଶ୍ରେଣୀ । ଶିଖରପୁରର ପୁରୁଣା ମାଟ୍ରିକ ପାସ୍ କରିଥିବା ଯୁବକ ମୁକୁନ୍ଦ ଜେନା ହେଲେ ଶିକ୍ଷକ । ପରେ ବୈଦ୍ୟନାଥ ନାୟକ ଶିକ୍ଷକ ହୋଇ ଆସିବାରୁ ମୁକୁନ୍ଦ ଜେନା ଶିକ୍ଷକପଦରୁ ଅବ୍ୟାହତି ନେଲେ । ୪ର୍ଥ ଓ ୭ମ ଶ୍ରେଣୀ ଭିତରେ ପର୍ଯ୍ୟାୟକ୍ରମେ ଅନ୍ୟ ଶିକ୍ଷକମାନେ ହେଲେ ଶିଖରପୁରର ଘନଶ୍ୟାମ ନାୟକ, ଆଙ୍ଗିସିଙ୍ଗିର ନାରାୟଣ ରଥ, ଭଗବାନ ରଥ, ମାନପୁରର ବନମାଳି ପଟ୍ଟନାୟକ, ଶରଣକୁଳର ସୁଦର୍ଶନ ମହାପାତ୍ର, ମଗରବନ୍ଧର ଗୋପୀନାଥ ପ୍ରଧାନ, ଏବଂ ଶରଣକୁଳର ଗଙ୍ଗାଧର ଦାସ । ମୁଁ ୫ମ ଶ୍ରେଣୀରେ ପଢିଲା ବେଳେ ସ୍କୁଲରେ ଗୋଟିଏ ଡ୍ରାମା କରାଯାଇଥିଲା, କାଳୀଚରଣ ପଟ୍ଟନାୟକଙ୍କ ରଚିତ "ଅଭିଯାନ" । ଡ୍ରାମା ଭାରି ଭଲ ହୋଇଥିଲା । ପଦ୍ମାବତୀ ଭୂମିକା କରୁଥିବା ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଅଭିନୟ ଭଲ ହୋଇଥିଲା । ପଦ୍ମାବତୀଙ୍କ ସହଚରୀ ଭୂମିକାରେ ଅଭିନୟ କରିଥିବା ଦୁଃର୍ଯ୍ୟୋଧନ ପାତ୍ରଙ୍କ ଅଭିନୟ

Digitized by srujanika@gmail.com

ଆହୁରି ଚମତ୍କାର ଥିଲା । ମୁଁ ୬ଷ୍ଠ ଶ୍ରେଣୀରେ ପଢ଼ିଲା ବେଳକୁ ଶିଖରପୁର ଏମ୍.ଇ. ସ୍କୁଲର ନାମ ପରିବର୍ତ୍ତିତ ହୋଇ ବନମାଳୀ ମି.ଇ. ସ୍କୁଲ ହେଲା । ଶିଖରପୁର ଗାଁରେ ଘର କରି ରହିଥିବା ବାଉଁଶିଆର କାର୍ଜି ପରିବାରର ବନମାଳୀ ଦାସ ସ୍କୁଲର ଦାୟିତ୍ୱ ନେଲେ । ଏହି କାର୍ଜି ପରିବାର ନୟାଗଡ ରାଜାଙ୍କ ଠାରୁ ବହୁତ ଜମି ପାଇଥିଲେ ଏବଂ ଅନେକ ଗାଁର ସର୍ବରାକାର ମଧଥିଲେ । ପରିଚାଳନାର ଝଡ ଝଞ୍ଜାରେ ପୁରୁଣା ଉଦ୍ୟୋକ୍ତାମାନେ ବିଦାୟ ନେଲେ । ନିଜେ କାର୍ଜି ବନମାଳୀ ଦାସ ନୂଆ ପକ୍କା ଘର (ଆଜବେଷ୍ଟସ ଥାଇ) ତିଆରି କରାଇଲେ । ଏହି ପକ୍କା ଘର ଶେଷହେଲା ବେଳକୁ ମୁଁ ଏମ୍.ଇ. ସ୍କୁଲରୁ ବିଦାୟ ନେଇ ଶରଣକୂଳ ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ପାଠପଢା ଆରମ୍ଭ କରିଥିଲି । ୧୯୫୦ ମସିହା ବେଳେ ସ୍କୁଲର ଅନ୍ୟତମ ଉଦ୍ୟୋକ୍ତା ପ୍ରଫୁଲ୍ଲ ଦେଓ ନୟାଗଡ ରାଜାଙ୍କ ବିରାଦର ଥିଲେ । ତାଙ୍କର ବହୁତ ଚାଷଜମି ଥିଲା । ଲୋକମାନେ ତାଙ୍କୁ ମଣିମା ବୋଲି ସମ୍ବୋଧନ କରୁଥିଲେ । କାଳକ୍ରମେ ସେ ଗରିବ ହୋଇ ଅସୁରଡିପାର ସଂପତ୍ତି ବିକି ପୂର୍ବତନ ଦଶପଲ୍ଲା ରାଜ୍ୟର ମହିତମା ଚାଲିଗଲେ । ଏବେ ସେ ମୃତ ।

ଶିଖରପୁର ସ୍କୁଲର ଶିକ୍ଷକ ବୈଦ୍ୟନାଥ ନାୟକ ପ୍ରଥମ ନିଯୁକ୍ତି ପାଇଥିବା ମୁକୁନ୍ଦ ଜେନାଙ୍କୁ ଅନ୍ତର କରିଥିଲେ ଏବଂ ନିଜେ ପ୍ରଧାନ ଶିକ୍ଷକ ଗଙ୍ଗାଧର ଦାସଙ୍କ ଦ୍ୱାରା ବିଦା ହେଲେ । ୧୯୫୩ ମସିହାରେ ଏହି ମି.ଇ.ସ୍କୁଲରୁ ବାହାରିଥିବା ପ୍ରଥମ ବ୍ୟାଚ ଛାତ୍ରମାନଙ୍କ ମଧ୍ୟରେ ମୁଁ ଜଣେ ଛାତ୍ର ଥିଲି । ୨୦୦୩ ମସିହାରେ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିଲା । ମୁଁ ୬ଷ୍ଠଶ୍ରେଣୀରେ ପଢୁଥିଲା ବେଳେ, ଅର୍ଥାତ ୧୯୫୧ ମସିହାରେ ଶିଖରପୁରରେ ଏକ ପୋଷ୍ଟ ଅଫିସ୍ ଖୋଲିଲା । ୧୯୪୫ରେ ମୋର ପ୍ରଥମ ଶିକ୍ଷକ ଥିବା ବାମଦେବ ରଥ ଯେକି ସେତେବେଳକୁ ଶିଖରପୁର ଏଲ୍.ପି. ସ୍କୁଲର ଶିକ୍ଷକ ଥିଲେ, ସେ ପୋ.ଅ. ଚଳେଇଲେ । ବଡଗୋରଡା ଗାଁର ପୋ.ଅ. ହେଲା ଶିଖରପୁର । ଆଗରୁ ଥିଲା ଶରଣକୂଳ ।

ମୁଁ ଶରଣକୂଳ ହାଇସ୍କୁଲରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ଘରୁ ଯିବା ଆସିବା କରି ପଢୁଥିବା ସମୟରେ ମୋର ଭାଇ ଯେକି ମୋ ଠାରୁ ଦୁଇଟି ଶ୍ରେଣୀ ଉପରେ ପଢୁଥିଲେ, ସେ ହଷ୍ଟେଲରେ ରହୁଥିଲେ । ମୋର ବଡଭାଇ ସେତେବେଳକୁ ବୋର୍ଡ ଅଫ୍ ରେଭିନ୍ୟୁ ଅଫିସ୍‌ରେ ଏଲ୍.ଡି. କ୍ଲର୍କ ଥିଲେ । ବାପାଙ୍କର ସାମାନ୍ୟତମ ବ୍ୟବସାୟ ଆମ ଦୁଇ ଭାଇଙ୍କୁ ଖର୍ଚ୍ଚ ତୁଲାଇବାରେ ଯଥେଷ୍ଟ ହେଉନଥିଲା । ମୋ ବାପାଙ୍କର ପୈତୃକ

Digitized by srujanika@gmail.com

ଜମିଥିଲା ମାତ୍ର ୫ମାଣ (୧.୨୫ ଏକର) । ଶରଣକୂଳରେ ବିଜେ ଲଡୁବାବାଙ୍କର ଗୁଡିଆ ଜମି ୧୦ ମାଣ (୨.୫ ଏକର) ଭାଗରେ ଚାଷ କରୁଥିଲେ । ଢାଗର ସମୟକୁ ଗୁଡିଆଙ୍କୁ ଦୁଇ ଶଗଡ ଧାନର ପ୍ରଚଳିତ ଦାମ ଭାଗବାବଦକୁ ଦେଉଥିଲେ । ମୋ ବଡଭାଇ, ମଝିଆ ଭାଇର ଟିଉସନ ଖରଚ ମାସକୁ ଟ୧୫, ମେସ୍ ଖର୍ଚ୍ଚ (ଚାଉଳକୁ ଛାଡି) ୩ଟଙ୍କା, ସ୍କୁଲ ଫି ଟ୩ ଇତ୍ୟାଦି ପଠାଉଥିଲେ । ଅଷ୍ଟମ ଶ୍ରେଣୀରେ ପଢିଲାବେଳେ ମୋର ସ୍କୁଲ ଦରମା ୩ ଟଙ୍କା ଅଧା କରାଯାଇଥିଲା । ପୁଣି ଗରିବ ପିଲାଙ୍କ ପାଣ୍ଠିରୁ ଆଠଅଣା ମିଳୁଥିବାରୁ ମାସକୁ ମୋତେ ୧ଟଙ୍କା ଦେବାକୁ ପଡୁଥିଲା । ଏକ ଟଙ୍କା ମୁଁ କେବେହେଲେ ନିର୍ଦ୍ଦିଷ୍ଟ ଥିବା ମାସର ୧୫ ତାରିଖରେ ଦେଇ ପାରୁନଥିଲି । ସବୁବେଳେ ୨୫ ତାରିଖ ଅବା ୩୦ ତାରିଖ ହେଉଥିଲା । ମାତ୍ର ମୁଁ ପ୍ରଧାନ ଶିକ୍ଷକଙ୍କ ସୁନଜରରେ ଥିବାରୁ ମୋତେ ଲେଟ୍ ଫି. ଦେବାକୁ ପଡୁନଥିଲା । ସବୁଠୁ ବେଶି କଷ୍ଟ ଥିଲା, ଗଣେଶ ପୂଜା ଓ ସରସ୍ୱତୀ ପୂଜାପାଇଁ ଚାନ୍ଦା ଦେବା । ପ୍ରାୟ ଏକଟଙ୍କା ଦେବାକୁ ପଡୁଥିଲା । ପୂଜା ଉତ୍ସବର ଭୋଜିଟା ଯେତେ ମଧୁର ଓ ଆନନ୍ଦଦାୟକଥିଲା, ଚାନ୍ଦାଟା ସେପରି ପୀଡା ଦାୟକ ଥିଲା । ଉପର ଭାଇ ୧୯୫୫ରେ ମାଟ୍ରିକ ପାସ୍‌କରି ଯାଇଥିବାରୁ ମୋର ଦଶମ ଶ୍ରେଣୀ ବର୍ଷ ସ୍କୁଲ ଫି ଛାଡ ହେଲା ନାହିଁ । ୧୯୫୬-୫୭ରେ ବଡଭାଇ ଏ.ଏସ୍.ଓ. (ନନ୍ ଗାଜେଟେଡ୍) ହୋଇ ନିଯୁକ୍ତି ପାଇଲେ । ତେଣୁ ଶେଷବର୍ଷ ମୁଁ ହଷ୍ଟେଲରେ ରହିଲି ଏବଂ ଭାଇ ମୋତେ ମାସିକ ଟ୨୦ ଲେଖାଏଁ ଖର୍ଚ୍ଚ ପାଇଁ ଦେଲେ । ତେଣୁ ମୋ ପଢାପଢି ଆରାମ ଦାୟକ ହେଲା । ସିଲାବସ ବହି ବ୍ୟତୀତ ମୁଁ ଅନ୍ୟ ସାହାଯ୍ୟକାରୀ ବହି କିଣିବାକୁ ସମର୍ଥ ହେଲି ।

ଓଭରସିଅର ହେବା ମୋ ପାଇଁ ଥିଲା ବିଧିନିର୍ଦ୍ଦିଷ୍ଟ । ଅଷ୍ଟମ ଶ୍ରେଣୀରୁ ବଡ ଭାଇ କହିଥିଲେ ତୁ ଅଙ୍କ ଅପ୍‌ସନାଲ ନେବୁ ଏବଂ ଓଭରସିଅରିଂ ପଢିବୁ । ଓଭରସିଅରିଂ ମାନେ କଣ ମୋତେ ଜଣା ନଥିଲା । ମାତ୍ର ମୁଁ ଯେ ଓଭରସିଅର ହେବି, ତାହା ମୁଁ ନିଶ୍ଚିତ ଥିଲି । ନବମ ଶ୍ରେଣୀରେ ପଢିଲାବେଳକୁ ଅପ୍‌ସନାଲ୍ ବହି ନଥିଲା । ଅଙ୍କ ଅପ୍‌ସନାଲ୍‌ରେ ଥିବା ଟ୍ରିଗୋନୋମେଟ୍ରି ଓ ମେନ୍‌ସୁରେସନ ବହି ଇଂରାଜୀରେ ଚଳୁଥିଲା । ୧୯୫୪ ମସିହାର ନଭେମ୍ବର ମାସ ବେଳକୁ ମୋର ଭାଇ କଟକରୁ ଚିଠି ଲେଖିଲେ ଯେ ସେ ବହି ଦୁଇଟିକୁ ନୟାଗଡ ବାଞ୍ଛା ହୋଟେଲରେ ପହଞ୍ଚାଇ ଦେଇଛନ୍ତି, ନୟାଗଡକୁ ଆସି ନେଇଯିବାକୁ । ସେ ଦିନ ରାତ୍ରିରେ ମୋର ନିଦନାହିଁ । ଗାଁଠୁ ନୟାଗଡ ଜଙ୍ଗଲ ରାସ୍ତାରେ ପ୍ରାୟ ୧୨କି.ମି. । ସକାଳୁ ପଖାଳ ଖାଇ ପୁଆଣିଆ, ପଦ୍ମାଦେଇପୁର, ଧବଳେଇ ଦେଇ ନୟାଗଡରେ ପହଞ୍ଚିଲି ପ୍ରାୟ ୧୦ଟା ବେଳକୁ ଏବଂ ବହି ଦୁଇଟିକୁ ଧରି ସେହି ରାସ୍ତାରେ ଫେରି ଘରେ ପହଞ୍ଚିଲି । ଦିନ ଦୁଇଟା ବେଳକୁ ଘରେ ଆସି ଭାତ ଖାଇଲି । ଗାଁ

Digitized by srujanika@gmail.com

ଗହଳିରେ ସେ ସମୟରେ ବହୁତ ପିଲା ଅଧାରୁ ପଢ଼ାଛାଡ଼ି କରି ଘରେ ରହିଯାଉଥିଲେ । ମାତ୍ର ଆମ୍ଭେ ତିନିଭାଇ ଜଣେ ସାଧାରଣ ନିମ୍ନମଧ୍ୟବିତ୍ତ ପରିବାର ସନ୍ତାନ ହୋଇ ମଧ୍ୟ ପାଠପଢ଼ି କିଛି ବାଟ ଉପରକୁ ଯାଇପାରିଥିଲୁ । ମଝିଆ ଭାଇ (ଉପର ଭାଇ) ମାଟ୍ରିକ ଅନ୍ତେ ଭଞ୍ଜନଗର ବେସିକ୍ ଟ୍ରେନିଂ ସ୍କୁଲରୁ ବି.ଟି. ପାସ୍ କରି ଖୋର୍ଦ୍ଧା ଶିକ୍ଷା ଜିଲ୍ଲାରେ ଶିକ୍ଷକ ନିଯୁକ୍ତି ପାଇଲେ । ସେ ହଳଦୀପଦା, ଚମ୍ପେଇଲୋ, ଡାବରଧୁଆପାଟଣା, ଚୁଡା, ରାଜସୁନାଖେଳା, ଟାଙ୍ଗିସାହି ବେସିକ୍ ସ୍କୁଲ୍‌ରେ କାମ କରି ଶେଷରେ ନୟାଗଡ ଜିଲ୍ଲାର ନାଗମୁଣ୍ଡଳୀ ସ୍କୁଲରେ ଶିକ୍ଷକତା କରି ଅବସରନେଲେ । ସେ ସେତେ ଉଦ୍‌ଯୋଗୀ ନୁହନ୍ତି । ତାଙ୍କର ଅନେକ ସାଙ୍ଗ ପ୍ରାଇଭେଟ୍‌ରେ ଆଇ.ଏ ଓ ବି.ଏ. ପାସ କରି ହାଇସ୍କୁଲରେ ଶିକ୍ଷକତା କରିଛନ୍ତି ।

ପାଠପଢ଼ା ଛଡ଼ା ଅନ୍ୟ କୌଣସି କାମ ମୋ ହାତରେ ହୁଏ ନାହିଁ । ଥରେ ମୁଁ ଦଶମ ଶ୍ରେଣୀରେ ପଢୁଥିଲାବେଳେ (୧୯୫୫ ମସିହା) ହଳ ଶଗଡ଼ ନେଇ ବାପାଙ୍କ ସାଙ୍ଗରେ ଧାନ କଳେଇ ଆଣିବା ପାଇଁ ବିଲକୁ ଯିବା କଥା । ମୁଁ ଶଗଡ଼ରେ ପଣ୍ଡା ହଳକ ଯୋଚି ପାରିଲିନି । ବାପା କହିଲେ ‘ତୁ କେମିତି ମଣିଷ ହେବୁ, ଏ ସାମାନ୍ୟ କାମ ତୋ ହାତରେ ହେଉନି’ । ଏହି ସମୟରେ ଲଡୁ ନନା (ସାଉକାରଙ୍କ ବଡ଼ ପୁଅ) ସେବାଟେ ଯାଉଥିଲେ । ସେ ଶୁଣି କହିଲେ ‘ତା’ର ଏ କାମ କ’ଣ ଦରକାର । ସେ ତ ପାଠ ପଢ଼ି ବାବୁ ହେବ’ । ମୁଁ ସବୁ ଶାରୀରିକ କାମକୁ ଅଯୋଗ୍ୟ ଥିଲି । ମୋ ଉପର ଭାଇ ପଙ୍କ ଚିପି ଚୁଙ୍ଗୁଡ଼ି, ସାନ ସାନ ମାଛ ଧରିପାରନ୍ତି । ମୁଗୁରା ଘାଇରେ ମୁଗୁରା, ବଜା ବସାଇ ମାଛ ଧରନ୍ତି । ମାତ୍ର ମୋତେ ଏ କାମ ଆସେନା । ମୁଁ ଖାଲି ମୁଗ ପାଚିଲେ ମୁଗ ଉପୁଡ଼ା କାମ କରିପାରେ ।

ମୁଁ ୧୯୫୩ରେ ଶରଣକୁଳ ନାରାୟଣ ହାଇସ୍କୁଲରେ ପଢ଼ିଲାବେଳେ, ସ୍କୁଲର ପ୍ରଧାନଶିକ୍ଷକଥିଲେ ରଘୁନାଥ ମିଶ୍ର । ତାଙ୍କ ଘର କଟକ ଜିଲ୍ଲା, ନରସିଂହପୁର । ସେତେବେଳେ ସ୍କୁଲରେ ଶିକ୍ଷକ ମାନଙ୍କ ମଧ୍ୟରେ ବହୁତ ଗ୍ରୁପଥିଲା । ସେ ୧୯୫୧ ମସିହାରେ ସ୍କୁଲରେ ଯୋଗଦେଇ ସବୁ ଗଣ୍ଡଗୋଳ ଦୃଢ଼ ହସ୍ତରେ ବନ୍ଦକଲେ । ପିଲାମାନେ ତାଙ୍କୁ ବହୁତ ଡରୁଥିଲେ । ସ୍କୁଲରେ ମଧ୍ୟ ଭଲ ପାଠପଢ଼ା ହେଲା ।

୧୯୫୨-୫୩ ମସିହା ବେଳକୁ ହାଇସ୍କୁଲ ପିଲାମାନେ ମାଟ୍ରିକ ପରୀକ୍ଷାରେ ଭଲ ଫଳ ଦେଖାଇ ପାରୁନଥିଲେ । ପାସ୍ ଅପେକ୍ଷା ଫେଲ୍ ସଂଖ୍ୟା ବେଶି । ଯଦି କିଏ ମାଟ୍ରିକ ପାସ୍‌କଲା “ଗଡ଼ଜିଣିଲା ପରି” କଥାଥିଲା । ଲିଙ୍ଗରାଜ ପରିଡା ଅନେକ ଥରରେ

Digitized by srujanika@gmail.com

ମାଟ୍ରିକ ପାସ୍ କଲେ । ହରେକୃଷ୍ଣ ଦୋରା (ଜ.୧୯୩୪) ଓ ଦଣ୍ଡପାଣି ଦୋରା (ଜ.୧୯୩୬) ୨ୟ ଥରରେ ମାଟ୍ରିକ ପାସ୍ କଲେ । ରାମଚନ୍ଦ୍ର ଦୋରା ୪ର୍ଥଥରରେ ୧୯୫୪ ମସିହାରେ ପାସକଲେ । ସେ ସମୟରେ ପୁରୀରେ ସପ୍ଲିମେଣ୍ଟାରୀ ପରୀକ୍ଷା ହୁଏ । କ୍ଲାସରେ ପିଲା ଭଲ ନକଲେ ସାର୍ କହିବେ "ତୋର ଚକାଡୋଳା ଦେଖିବା ଯୋଗଅଛି" । ୧୯୫୩ ମସିହାରେ ବାଉଁଶିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରଥ (ଶିକ୍ଷକ ବାମଦେବ ରଥଙ୍କ ପୁଅ) ଥରକରେ ମାଟ୍ରିକ୍ ପରୀକ୍ଷାରେ ପାସ୍‌କଲେ । ପରୀକ୍ଷା ଫଳ ପ୍ରକାଶ ପାଇବାର ୩ମାସ ପରେ ଥରେ ସେ ବଡଗୋରଡାକୁ ଆସିଥିଲେ । ତାଙ୍କୁ ସାନଭେଜେ (କୃଷ୍ଣଚନ୍ଦ୍ର ଦୋରା) ପଚାରିଲେ "ପୂର୍ଣ୍ଣବାବୁ ତମର କିଏ ବ୍ୟାକିଙ୍ଗ୍ ଅଛନ୍ତି କି" ? ତାର ଅର୍ଥ ତମେ ଗୋଟିଏ ଥରରେ କେମିତି ମାଟ୍ରିକ୍ ପାସ୍‌କଲ ?

ଏହି ପୂର୍ଣ୍ଣଚନ୍ଦ୍ର ରଥ ନବମ ଶ୍ରେଣୀରେ ଡ୍ରଇଁ ଅପସ୍‌ନାଲ୍ ନେଇ ପଢ଼ିଥିଲେ । ତାଙ୍କୁ ଭଲ ଡ୍ରଇଁ ଜଣା । ଡ୍ରଇଁ ଶିକ୍ଷକ ଥିଲେ ଭୂବନେଶ୍ୱର ମିଶ୍ର । ସ୍କୁଲରେ ସାଧାରଣତଃ ୩ଟ ଅପସ୍‌ନାଲ୍ ପଢ଼ାଯାଏ । ତାହା ହେଲା : ଅଙ୍କ, ସଂସ୍କୃତ ଓ ଶରୀର ବିଦ୍ୟା (ଫିଜୋଲୋଜି) । ଶିକ୍ଷକ ଭୂବନେଶ୍ୱର ମିଶ୍ର ତାଙ୍କ କାର୍ଯ୍ୟକାଳ ଏଲ୍.ପି. ସ୍କୁଲ୍ ରୁ ଆରମ୍ଭ କରି ପରୀକ୍ଷା ଦେଇ ଏମ୍.ଏ. ହୋଇ ପାରିଥିଲେ । ଏଣୁ ସେ ହାଇସ୍କୁଲରେ ମଧ୍ୟ ଶିକ୍ଷକତା କରିଛନ୍ତି । ସେ ମଧ୍ୟ ଜଣେ ଲେଖକ ଏବଂ ଛବି କଳାରେ ନିପୂଣ ବ୍ୟକ୍ତି ଥିଲେ । ଏହି ଭୁବନେଶ୍ୱର ମିଶ୍ର ହେଉଛନ୍ତି ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଅପମୃତ୍ୟୁ ନିର୍ଣ୍ଣାୟକ କିରଣ କୁମାର ମିଶ୍ରଙ୍କ ବାପା ।

ଶରଣକୁଳରେ ଅଷ୍ଟମଶ୍ରେଣୀରେ ପଢିଲାବେଳକୁ (୧୯୫୩ ମସିହା) ମୋଟ ଛାତ୍ର ଥିଲେ ୬୦ଜଣ । ଏକାଦଶ ବେଳକୁ ସେମାନଙ୍କର ସଂଖ୍ୟା ପହଞ୍ଚିଲା ୧୭ରେ । ସେଣ୍ଟଅପ୍ ହୋଇ ପିଲା ପରୀକ୍ଷାଦେଲେ ୧୨ଜଣ ଏବଂ ପାସ୍‌କଲେ ସମସ୍ତେ । ଜଣେ ପାଇଲେ ପ୍ରଥମଶ୍ରେଣୀ । ସେ ଚିଫ୍ ଇଞ୍ଜିନିୟର ହୋଇ ନିର୍ମାଣ ବିଭାଗରୁ ଅବସର ନେଲେ । ୨ଜଣ ପାସ୍‌କଲେ ତୃତୀୟ ଶ୍ରେଣୀରେ । ସେମାନଙ୍କ ଭିତରୁ ଜଣେ କନ୍‌ଫଡ୍ ଆଇ.ଏ.ଏସ୍. ହେଲେ ଏବଂ ଆଉଜଣେ ଡାଇରେକ୍ଟର ଅଫ୍ ହେଲ୍‌ଥ ହେଲେ । ବାକି ୯ ଜଣଙ୍କ ଭିତରେ ମୁଁ ବିଧିନିର୍ଦ୍ଦିଷ୍ଟ ଓଭରସିଅର ପଦରେ ଯୋଗ ଦେଇ ଶେଷବେଳକୁ ନିର୍ବାହୀ ଯନ୍ତ୍ରୀ ହୋଇ ଅବସର ନେଲି । ଅନ୍ୟ ୮ଜଣଙ୍କ ମଧ୍ୟରେ ଅଛନ୍ତି ସହକାରୀ ଯନ୍ତ୍ରୀ, କୋଅପରଟିଭ୍ ବ୍ୟାଙ୍କ ଇନସ୍‌ପେକ୍ଟର, ଅମିନ, ଶିକ୍ଷକ, ଆକାଶବାଣୀ ର କର୍ମକର୍ତ୍ତା ଇତ୍ୟାଦି । ଓଭରସିଅର ପଦବୀକୁ ଏବେ ଜୁନିୟର ଇଞ୍ଜିନିୟର କହୁଛନ୍ତି । ବର୍ତ୍ତମାନର ପରିପ୍ରେକ୍ଷୀରେ ଜଣେ ଜେ.ଇ. ଚାକିରି କାଳ ଭିତରେ ଅତିବେଶୀରେ ସହକାରୀ ଯନ୍ତ୍ରୀକୁ ପଦୋନ୍ନତି ପାଇପାରୁଛନ୍ତି, ତାହା ପୁଣି ଚାକିରୀର ଶେଷ ୨/୩ ବର୍ଷ ।

Digitized by srujanika@gmail.com

ଶରଣକୂଳ ସ୍କୁଲରେ ୪ର୍ଥ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିଲା । ଅଷ୍ଟମ ଶ୍ରେଣୀକୁ ପିଲା ଆସୁଥିଲେ ଏହି ସ୍କୁଲର ୭ମ ଶ୍ରେଣୀରୁ, ଓଡ଼ଗାଁ, ଗୋଡ଼ିପଡ଼ା, ବାହାଡ଼ାଝୋଲା ଏମ୍.ଇ. ଶିଖରପୁର ବନମାଳୀ ଏମ୍.ଇ. ସ୍କୁଲ୍‌ରୁ । ୧୯୫୩ ମସିହା ବେଳକୁ ଓଡ଼ଗାଁ ହାଇସ୍କୁଲ୍, କଜଲାଇ ପଲ୍ଲୀ ହାଇସ୍କୁଲ୍ ଆରମ୍ଭ ହେବାରୁ ପିଲା ସଂଖ୍ୟା କମିଲା । ଦୂର ଦୂରାନ୍ତର ପିଲାଙ୍କ ପାଇଁ ହଷ୍ଟେଲ୍ ମଧ୍ୟ ଥିଲା । ଏବେ ଆଉ ହଷ୍ଟେଲ ନାହିଁ । ମାଟି ଘର ଭାଙ୍ଗିଗଲାଣି । ପିଲାମାନେ ମାସକୁ ଚାଉଳ ୭ ତୁମ୍ବ ଏବଂ ୩ଟଙ୍କା ମେସ୍ ବାବଦକୁ ଦେଉଥିଲେ । ସକାଳେ ଓ ରାତ୍ରରେ ରୋଷେଇ ହୁଏ । ଭିଖାରୀପଡ଼ାର ଭିକାରୀ ଭାଇନା ବହୁଦିନ ଧରି ରୋଷେୟା ଥିଲେ । ଦିନ ୨ଟା ବେଳକୁ ଅଧ ଘଣ୍ଟାକ ପାଇଁ ସ୍କୁଲରେ ଖେଳଛୁଟି ହୁଏ । ଏହି ସମୟରେ ଶିଖରପୁରର ଚୈତନ୍ୟ ଗୁଡ଼ିଆ ଓ ଶରଣକୂଳର ବୈକୁଣ୍ଠ ମହାପାତ୍ର ଜଳଖିଆ ଆଣି ବିକନ୍ତି । ଯେଉଁ ପିଲାଙ୍କର ପଇସା ଥାଏ ସେମାନେ ଅଣେ ଦିଅଣା ଖରଚ କରି ଜଳଖିଆ ଖାଆନ୍ତି ।

ହେଡ୍‌ମାଷ୍ଟର ରଘୁନାଥ ମିଶ୍ରଙ୍କ ଜନ୍ମ ୧୯୧୭ରେ ଏବଂ ସେ ଗତ ୨୨-୩-୦୪ ରେ ସ୍ୱର୍ଗାରୋହଣ କଲେ । ସେ ସମୟରେ ଯେଉଁ ଅନ୍ୟ ଶିକ୍ଷକମାନେ ଥିଲେ ସେମାନେ ହେଲେ ଶରଣକୂଳର ଦାମୋଦର ମହାପାତ୍ର, କଟକ ଜିଲ୍ଲାର ହଳଧର ବିଶ୍ୱାଳ, ଟାଙ୍ଗୀର ଲକ୍ଷ୍ମୀଧର ଶତପଥୀ, କୁରାଳର ବାଞ୍ଛାନିଧି ନାୟକ, ବିଶ୍ୱନାଥପୁରର (ପୁରୀଜିଲ୍ଲା) ବିଶ୍ୱନାଥ ନନ୍ଦ, ପଦ୍ମାଦେଈପୁରର ଚକ୍ରଧର ମିଶ୍ର, ଦାମୋଦର ମିଶ୍ର, ନାଗମୁଣ୍ଡଳୀର ନରସିଂହ ପରିଡା, କରଡାର କାଶିନାଥ ମିଶ୍ର, ନନ୍ଦିଘରର କାଶିନାଥ ସାହୁ, ବିନାୟକପୁରର ବାସୁଦେବ ମିଶ୍ର, ମହାଦେବ ମହାପାତ୍ର, ଆମ ଗାଁର ଲିଙ୍ଗରାଜ ପରିଡା, ଓ ବାଉଁଶିଆ ପଡାର ଯୋଗେଶ ଚନ୍ଦ୍ର ପଟ୍ଟନାୟକ (ଖେଳ ଶିକ୍ଷକ) ।

ଶରଣକୂଳ ନାରାୟଣ ହାଇସ୍କୁଲ ପ୍ରତିଷ୍ଠା ହେଲା ୧୯୪୬ ମସିହାରେ । ଆଗରୁ ଏମ୍.ଇ. ସ୍କୁଲ ଥିଲା । ଏହି ସ୍କୁଲର ପ୍ରଥମ ବ୍ୟାଚ୍ ପିଲା ମାଟ୍ରିକ୍ ପରୀକ୍ଷା ଦେଲେ ୧୯୪୯ରେ । ତତ୍‌କାଳୀନ ନୟାଗଡର ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ପିତା ନାରାୟଣ ଚନ୍ଦ୍ର ସିଂହ ମାନଧାତା (ରା:କ:୧୮୯୭-୧୮୯୮) ଙ୍କ ନାମରେ ଏହି ସ୍କୁଲ ନାମିତ । ରାଜା ରଘୁନାଥ ସିଂହ ମାନଧାତା (ରା.କା.୧୮୯୭) ଅପୁତ୍ରିକ ଥିଲେ । ତାଙ୍କ ଅନ୍ତେ ତାଙ୍କ ଭଣଜା ଗୋବିନ୍ଦଚନ୍ଦ୍ର ସୁରଦେଓଙ୍କୁ (ତରଲା ରାଜବଂଶ) ସେ ରାଜା କରିବାକୁ ମନସ୍ଥ କରିଥିଲେ । ମାତ୍ର ରଘୁନାଥ ସିଂହଙ୍କ ମୃତ୍ୟୁ ସମୟକୁ ସୁରଦେଓ କଟକ ଆଡେ ଡ୍ରାମା କରିବାରେ ବ୍ୟସ୍ତଥିଲେ । ସେ ଠିକ୍ ସମୟରେ ଖବର ନପାଇ ନ ଆସିପାରିବାରୁ

Digitized by srujanika@gmail.com

ବାଙ୍କତରା ସାଆନ୍ତ ପରିବାରରୁ ନାରାୟଣ ସିଂହ ନୟାଗଡର ରାଜାପଦରେ ଅଭିଷକ୍ତ ହେଲେ । ଏହାକୁ ହିଁ କହନ୍ତି ଭାଗ୍ୟ । "ଭାଗ୍ୟ ଫଳନ୍ତି ସର୍ବତ୍ର ନ ଚ, ବିଦ୍ୟା ନ ଚ ପୌରୁଷମ" ।

ମାଇନର ପଢିଲାବେଳେ ଶିଖରପୁରକୁ ଯିବା ପାଇଁ ବାଟରେ ନଦୀ ପଡୁନଥିଲା । ସଡକରେ ଯିବା ଆସିବା କରୁଥିଲୁ । ମାତ୍ର ଶରଣକୂଳରେ ପଢିଲା ବେଳେ ଯିବା ଆସିବା ଅଧିକା ୨କିମି ବାଟ ପଡିଲା । ତହିଁରେ ଥିଲା କୁସୁମୀ ନଦୀ । ବର୍ଷା ଚାରିମାସ ନଦୀରେ ଅଣ୍ଟେପାଣି । ସବୁବେଳେ ଗାମୁଛା ପିନ୍ଧି ନଦୀ ପାରହେଉଥିଲି । ସ୍କୁଲରେ ସେହି ଗାମୁଛା ଶୁଖାଇ ପୁଣି ଫେରିଲା ବେଳେ ସେହି ଗାମୁଛା ପିନ୍ଧି ନଦୀ ପାର ହେଉଥିଲୁ । ନଦୀରେ ବଢିଆସିଲେ ଆଉ ୨କି.ମି ଅଧିକା ଯାଇ ଡାକବଙ୍ଗଳା ପାଖ ପୋଲ ଉପରେ ଯିବାକୁ ପଡୁଥିଲା ଓ ଯିବା ଆସିବା ୪ କି.ମି. ଅଧିକ ପଡୁଥିଲା । ତେଣୁ ବଢିବେଳେ ଶରଣକୂଳ ସ୍କୁଲକୁ ଯିବାପାଇଁ ୭ କି.ମି. ଯିବାକୁ ପଡୁଥିଲା । ବଢି ନଥିଲାବେଳେ ପଡୁଥିଲା ୫ କି.ମି. । ବେଳେବେଳେ ସ୍କୁଲରୁ ଫେରିଲା ବେଳକୁ ନଦୀକୂଳରେ ଦେଖୁ ନଈରେ ବଢିଆସିଛି । ସେଠାର ପୁଣି ଫେରିବାକୁ ପଡେ ସେଇ ବଙ୍ଗଳା ପାଖ ପୋଲ ନିକଟକୁ । ଏଥିପାଇଁ ଆଉ ୩ କି.ମି. ଅଧିକ ଯିବାକୁ ପଡେ । ସେତେବେଳେ ଗାଁରେ ବା ଅନ୍ୟ କେଉଁଠାରେ ଘଣ୍ଟା ନଥିଲା । ସୂର୍ଯ୍ୟଙ୍କୁ ଦେଖି ସମୟ କଳନା କରାଯାଏ । ସ୍କୁଲକୁ ଆସିବା ବେଳକୁ କେବେ ଡେରି ତ କେବେ ବେଗେ । ଏବେ ଆଞ୍ଚା ଚଉରା ଠାରେ ବହୁ ଈପ୍‌ସିତ କୁସୁମୀ ନଦୀ ଉପରେ ପୋଲ ହୋଇଥିବାରୁ ସମସ୍ତଙ୍କର କଷ୍ଟ ଲାଘବ ହୋଇଛି । ଗଲା ୧୦ ବର୍ଷ ତଳୁ (୧୯୯୫ ମସିହାରୁ) ନଦୀରେ ଡଙ୍ଗା ପଡିଥିଲା । ତେଣୁ ପୋଲ ତିଆରି ପୂର୍ବରୁ ଲୋକେ ଡଙ୍ଗାରେ ବର୍ଷାମାସର କିଛିଦିନ ନଈ ପାର ହେଉଥିଲେ । ଏହି ନଦୀ କୌଣସି ପି.ଡବ୍ଲୁ.ଡି. କିମ୍ବା ଆର୍.ଡି. ରାସ୍ତାରେ ପଡୁନଥିବାରୁ ପୋଲ ତିଆରି ବହୁତ ଡେରିହେଲା । ନୟାଗଡରେ ବର୍ତ୍ତମାନ ସବୁ ଯାଗାରେ ରାସ୍ତାରେ ପଡୁଥିବା (ପି.ଡବ୍ଲୁ.ଡି. ରାସ୍ତା କିମ୍ବା ଆର୍.ଡି. ରାସ୍ତା) ନଈ ଉପରେ ପୋଲ ହୋଇସାରିଲାଣି । ଏହି କୁସୁମୀ ନଦୀରେ ପୋଲର ଆବଶ୍ୟକତା ଥିଲା ଶରଣକୂଳ ଯିବାପାଇଁ । ବିଧାୟକ ରାମାକାନ୍ତ ମିଶ୍ର ତାଙ୍କର ବିଧାୟକ ପାଣ୍ଠି ଓ ଅନ୍ୟାନ୍ୟ ସୂତ୍ରରୁ ଟଙ୍କା ଯୋଗାଡ କରି ଏହି ପୋଲଟିକୁ କରିଥିବାରୁ ସେ ଧନ୍ୟବାଦାର୍ହ । ଗତ ୧୬.୦୮.୨୦୦୦ ଦିନ ଓଡିଶାର ରାଜ୍ୟପାଳଏମ୍.ଏମ୍ ରାଜେନ୍ଦ୍ରନ ଏହି ପୋଲଟିକୁ ଉଦ୍‌ଘାଟନ କରିଛନ୍ତି ।

Digitized by srujanika@gmail.com

ସାଉକାର ଘର

ଗାଁରେ ଥିବା ସବୁଠୁଁ ଧନୀ ପରିବାରକୁ କୁହାଯାଉଥିଲା "ସାଉକାର ଘର" । ତାଙ୍କର ପୂର୍ବ ପୁରୁଷ ଜଣେ ଅନ୍ଧ ଥିବାରୁ ଗାଁ ବାହାରେ ଏହି ପରିବାରକୁ ଅନ୍ଧଘର ବୋଲି କହନ୍ତି । ତିନି ଏକର ବ୍ୟାପି ଜାଗାରେ ତାଙ୍କର ୪ ବଖରା ପକ୍କାଘର । ଦାଣ୍ଡ ଘର ଖାଲି ଦୁଇ ମହଲା । ପଥରକାନ୍ଥ ଚୁନରେ ଯୋଡ଼େଇ । ଘରର ଅନ୍ୟାନ୍ୟ ଅଂଶ ଖଡ଼ ଛପର । ଧାନ ଅମାର ଗୁଡ଼ିକ ବାଉଁଶ ଚାଞ୍ଚଡ଼ାରେ ଠିଆ ଏବଂ ମାଟି ପ୍ରଲେପିତ । ସେଥିରେ ଉଆସ ପରି ଅନେକ ଘର ବଖରା । ଗାଈ ଗୁହାଳ, ପୋତୁଆ ବଳଦ ପାଇଁ ଗୁହାଳ, କୂଅ ବାଙ୍ଗି ଇତ୍ୟାଦିଥିଲା । ଘର ପରିସରକୁ ଟିକିଏ ଛାଡ଼ି ବିରାଟ ଧାନଖଳା । ତା ପାଖରେ ଥିଲା ପୋଖରୀ, ଯାହା ଗାଁ ଲୋକଙ୍କ ବ୍ୟବହାର ପାଇଁ ଉତ୍ସର୍ଗୀକୃତ ହୋଇଥିଲା ।

କୁବେର ଲୋକନାଥ ପ୍ରଧାନ (୧୮୯୫-୧୯୬୪) ଆଙ୍ଗିସିଙ୍ଗି ଓ ଧୂଷୁମା ମୌଜାର ସର୍ବରାକାର ଥିଲେ । ୧୯୪୧ ମସିହାରେ ନୟାଗଡ଼ ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନ୍‌ଧାତାଙ୍କୁ ଲେଭି ଧାନ ବାବଦରେ ଲୋକନାଥ ପ୍ରଧାନ ୫୦୦ ଭରଣ ଧାନ ଦେଇଥିଲେ । ସେଥିପାଇଁ ରାଜା ତାଙ୍କୁ କୁବେର ଉପାଧି ଦେଇଥିଲେ । ସେ ସମୟରେ ବଡ଼ ଗୋରଡ଼ା ଗାଁକୁ ଶଗଡ଼ ରାସ୍ତାନଥିଲା । ଭାଦ୍ରବ ମାସ ହେତୁ ପୂର୍ବପଟ ଦଣ୍ଡାରେ ପାଣି ଜମା ହୋଇଥାଏ । ତେଣୁ କାଠ ପଟାରେ ଡଙ୍ଗା ତିଆରି ହୋଇ ନାହାକ ତୋଟା ସଡ଼କ ଉପରକୁ ଧାନ ବସ୍ତା ଆସିଲା । ସେଠାରେ ନୟାଗଡ଼କୁ ଶଗଡ଼ ଭଡ଼ା ହୋଇ ଯାଇଥିଲା । ବାଉଁଶିଆ କାର୍କି ବନମାଳୀ ଦାସ ଏହି ଧାନ ଆଣିବା ପାଇଁ ଠିକା ନେଇଥିଲେ । ଏହି ପରିବାରକୁ ଗାଁରେ ସାହୁକାର ଘର ଏବଂ ଏହି ଅନ୍ୟ ଗାଁର ଲୋକମାନେ ଅନ୍ଧଘର ବୋଲି ଜାଣନ୍ତି । ଲୋକନାଥ ପ୍ରଧାନଙ୍କ ସ୍ତ୍ରୀ ସୂର୍ଯ୍ୟମଣି ୧୯.୧୧.୧୯୫୯ରେ ୭୫ ବର୍ଷ ବୟସରେ ମୃତ୍ୟୁବରଣ କଲେ । ସେ ସୋଲପଟା ଗାଁର ଝିଅ । ଲୋକମୁଖରେ କଥିତ ଯେ, ଗୋପୀ ପ୍ରଧାନ (ଅନ୍ଧ ବୁଢ଼ା, ଜନ୍ମ ୧୮୫୦) ଙ୍କ ସମୟରେ, ଥରେ ମାର୍ଗଶୀର ମାସ ବନ୍ୟାରେ ବହୁତ ଧାନ କଳେଇ ଭାସି ଆସି ତାଙ୍କ ବାଡ଼ିରେ ଲାଗିଲା । ଏହି ଠାରୁ ହିଁ ତାଙ୍କ ସମ୍ପତ୍ତିର ଆରମ୍ଭ ବୋଲି କୁହାଯାଏ ।

୧୯୪୩-୪୪ ଆଡ଼କୁ ହେତୁ ପାଇଲା ପରେ ମୁଁ ଦେଖିଥିଲି ଲୋକନାଥ ପ୍ରଧାନଙ୍କୁ । ସେତେବେଳକୁ ତାଙ୍କର ବୟସ ବୋଧହୁଏ ହୋଇଥିବ ୫୫ ବର୍ଷ । ତାଙ୍କର ମା' ସେତେବେଳକୁ ବଞ୍ଚିଥିଲେ । ସେ ଅତି ବୁଢ଼ୀ ହୋଇଯାଇଥିଲେ । ଲୋକନାଥ ପ୍ରଧାନଙ୍କ ବାପାଙ୍କ ନାମ ଆରତ ପ୍ରଧାନ ଓ ତାଙ୍କର ଦୁଇ ପୁଅ । ଆରତ ପ୍ରଧାନଙ୍କ ବଡ଼

Digitized by srujanika@gmail.com

ପୁଅଙ୍କର ଦୁଇ ଝିଅ ଥିଲେ, ପୁଅ ନଥିଲେ । ଗୋଟିଏ ଝିଅ ଗମେଇରେ ଓ ଅନ୍ୟ ଝିଅଟି ଅଶ୍ୱସ୍ତପଡ଼ାରେ ବିଭା ହୋଇଥିଲେ । ସେ ଅପୁତ୍ରକ ଅବସ୍ଥାରେ କମ୍ ବୟସରେ ଚାଲିଗଲେ । ତାଙ୍କ ସ୍ତ୍ରୀ ଲୋକନାଥ ପ୍ରଧାନଙ୍କ ସାନପୁଅ କୀର୍ତ୍ତିଚନ୍ଦ୍ରଙ୍କୁ ପୁଅ କରିଥିଲେ ।

ପତ୍ନୀଙ୍କ ସହ ଲଡୁକିଶୋର ପ୍ରଧାନ

ଲୋକନାଥ ପ୍ରଧାନଙ୍କ ଦୁଇପୁଅ - ଲଡୁ କିଶୋର ଓ କୀର୍ତ୍ତିଚନ୍ଦ୍ର । ଛବିଶ (୧୯୧୯-୫୯୩=୧୩୨୬) ସାଲ (୧୯୧୯ ମସିହା)ବେଳକୁ ମରୁଡ଼ି ହେତୁ ଧାନ ଭାରି ମହରଗ ହେଲା । ଏହି ଅବସରରେ ଲୋକନାଥ ପ୍ରଧାନ ଗାଁର ପୂର୍ବ ଦିଗରେ ନିଜର ଜମି ୧୬ ମାଣକୁ ପୋଖରୀରେ ପରିଣତ କଲେ, ଲୋକଙ୍କର

ପତ୍ନୀଙ୍କ ସହ କୀର୍ତ୍ତିଚନ୍ଦ୍ର ପ୍ରଧାନ

ଗାଧୋଇବା ପାଇଁ । ଏହି ପୋଖରୀ ଖୋଳାଟା ଏକ କୀର୍ତ୍ତି, ଏବଂ ସାନ ପୁଅ କୀର୍ତ୍ତିଚନ୍ଦ୍ର ଏ ସମୟରେ ଜନ୍ମ ହେବାରୁ ତାଙ୍କର ନାଁ କୀର୍ତ୍ତିଚନ୍ଦ୍ର ରଖାଗଲା । ଲୋକନାଥ ପ୍ରଧାନଙ୍କ ସାନପୁଅ କୀର୍ତ୍ତିଚନ୍ଦ୍ର ଓ ବଡ଼ପୁଅ ଲଡୁକିଶୋର ୧୯୮୮ରେ ଚାରିମାସ ଫରକରେ ଇହଲୀଳା ସମ୍ବରଣ କଲେ ।

ଲୋକନାଥ ପ୍ରଧାନଙ୍କ ଅମଳରେ ବହୁତ କିଛି ସମ୍ପତ୍ତି ବଢ଼ିଗଲା । ତାଙ୍କର ୭୦ଟି ଧାନକୋଠି ଥିଲା । ଲୋକଙ୍କୁ ଦେଢ଼ିରେ କରଜ ଦେଉଥିଲେ । ସେତେବେଳେ (ସ୍ୱାଧୀନତା ପ୍ରାକ୍ କାଳ) ସବୁବେଳେ ଲୋକଙ୍କର ଅଭାବ ଅନଟନ ଲାଗି ରହିଥାଏ । ସବୁବର୍ଷ ମରୁଡ଼ିହୋଇ ଫସଲ ନଷ୍ଟ ହୋଇଯାଏ । ଲୋକେ କରଜ ନେଇ ସୁଝି ନପାରିଲେ ଜମି ସାଉକାରଙ୍କୁ ଦେଇ ଦେଉଥିଲେ । ଦେଢ଼ିରେ ଧାନ କରଜ, ଟଙ୍କାକେ ବର୍ଷକୁ ୬ ଅଣା ସୁଧ ଆଦାୟ କରି ତାଙ୍କର ସମ୍ପତ୍ତି ବହୁତ ବଢ଼ିଥିଲା । ଗାଁରେ କିଏ ଅଭାବରେ ପଡ଼ି ଜମି ବିକିଲେ ସେ ପରିବାର ହିଁ ମୁଖ୍ୟତଃ କିଣୁଥିଲେ । ସୁନା ବନ୍ଧକି ଦେଇ ଆଣିଲେ, ସୁଧ ହେଲା ବର୍ଷକୁ ଟଙ୍କାରେ ଚାରିଅଣା । ଅଭାବଗ୍ରସ୍ତ ଲୋକ ବନ୍ଧକି ଛଡ଼ାଇ ଆଣି ନ ପାରିଲେ ସେ ସୁନା କାଳକ୍ରମେ ବୁଡ଼ି ଯାଉଥିଲା । ସେତେବେଳେ ତାଙ୍କର ୧୦ ହଳ ବଳଦ, ୧୮ ହଳ ପଣ୍ଡା ଓ ୧୫୦ ସରିକି ଗାଈ ଥିଲେ । ତାଙ୍କ ଜମିରେ କାମ କରିବାକୁ ବହୁତ ହଳିଆ ଲାଗିଥିଲେ । ତାଙ୍କ ଗାଈ ଚରାଇବାକୁ ଅଲଗା ଗୋଟିଏ ଗାଈଆଳ ଥିଲା । ଗୋଟାଏ, ଫାଳେ, କାଣିଏ ହିସାବରେ ଲୋକ ହଳିଆ ଲାଗନ୍ତି । ଗୋଟା ଅର୍ଥ ବର୍ଷକୁ ୩୬୫ ଦିନ, ଫାଳେ ଅର୍ଥ ଦିନେ ଛଡ଼ା ଦିନେ, ଏବଂ କାଣିଏ ଅର୍ଥ ୩ ଦିନକୁ

Digitized by srujanika@gmail.com

ଥରେ, କାମ କରିବାକୁ ଆସିବାକୁ ପଡ଼େ । ସାନଗୋରଡ଼ା, ବିଲଗୋରଡ଼ା, ନିଜ ଗାଁ, ଧୂକ୍ଷୁମା ଓ ଆଙ୍ଗି ସିଙ୍ଗିରୁ ଲୋକେ ହଳିଆ ଲାଗିବାକୁ ଆସନ୍ତି । ଛୋଟ ପିଲାମାନେ ଅର୍ଥାତ୍ ବୟସ ୮ ରୁ ୧୩ ପର୍ଯ୍ୟନ୍ତ ପୋଢୁଅ ମାହାର ହୋଇ ପୋଢୁଅ ଚରାନ୍ତି ।

ଭାଦ୍ରବ ଆଶ୍ୱିନ ବେଳକୁ ପ୍ରାୟ ସମସ୍ତଙ୍କ ଘରେ ଧାନ ସରିଯାଇଥାଏ । ସେମାନେ ଥିବା ଲୋକଙ୍କ ଘରକୁ ଯାଇ ଋଣ ଆଣନ୍ତି । ସାଉକାର ଘରକୁ ପାଖଆଖ ୪/୫ ଖଣ୍ଡ ଗାଁର ଲୋକ ଧାନ ପାଇଁ ଆସନ୍ତି । ଦିନ ୩ଟା ପରେ ହଳିଆମାନେ ବିଲରୁ ଫେରିଲେ ଆଙ୍ଗସିଙ୍ଗିର ବିଦିଆ ନାହାକ (ସାଉକାରଙ୍କ ପାଟ ହଳିଆ) ନଉତିରେ ମାପି ଧାନ ଦେବ । କେହି କେବେ ଖାଲି ହାତରେ ଫେରନ୍ତିନି । ଜଣକେ ନଉତିଏ, ଦିନଉତି, ତିନି ନଉତି ଧାନ କରଜ କରନ୍ତି । ଏହି କରଜ ପରିମାଣ ଖାଲି ଖାତାରେ ଲେଖି ଦିଆଯାଏ । ବିଦିଆ ନାହାକ ଧାନ ମାପିବାବେଳେ ପ୍ରଥମ ନଉତିକୁ ୧ ନକହି ରାମ ବୋଲି କହେ । ତା'ପରେ ଦୁଇ, ତିନି ଇତ୍ୟାଦି । ଏହି ମାସ ଦୁଇଟିରେ ବିଲମାନଙ୍କରେ ଧାନ ଦୋଡ଼ ବଛା, ଖେଳୁଆ ପଡ଼େ । ତେଣୁ ହଳିଆଙ୍କ ବାଦେ ଗରିବ ଲୋକେ ମୂଲକୁ ଆସନ୍ତି । ସାଉକାର ବୂଢ଼ା ସବୁଲୋକଙ୍କୁ କାମ ଦିଅନ୍ତି । କାମ ସରିଲେ ଧାନ ଦେଢ଼ତୁମ୍ବ ମୂଲ ନେଇ ଘରକୁ ଫେରନ୍ତି । ମୂଲ ଲାଗୁଥିବା ଲୋକେ ଏହି ଧାନକୁ ଋଉଳ କରି ମାଣ୍ଡିଆ ଜାଉରେ ମିଶାଇ ଖାଆନ୍ତି ।

୧୯୪୬ ମସିହାଠାରୁ ଆଜି ଭିତରେ ଅନେକ ପାର୍ଥକ୍ୟ, ଦୁନିଆ କେତେ ବଦଳିଯାଇଛି । ସାଉକାର ଘରର ପୂର୍ବ ବିଭବ ଆଉ ନାହିଁ । ଗାଁରେ କେହି ହଳିଆ ଲାଗୁ ନାହାନ୍ତି । ଲୋକନାଥ ପ୍ରଧାନଙ୍କ ନାତିମାନେ ଆଉ ଋଷ ନକରି ତାଙ୍କ ଜମି ଭାଗ ଋଷରେ ଲଗାଇଛନ୍ତି ।

ମୋର ମା' ଓ କୁବେର ଲୋକନାଥ ପ୍ରଧାନଙ୍କ ସ୍ତ୍ରୀ ସଂଗାତ ସୂତ୍ରରେ ଆବଦ୍ଧ ହୋଇଥିଲେ । ମୋ ମା'ଙ୍କ ବୟସ ଠାରୁ ଲୋକନାଥ ପ୍ରଧାନଙ୍କ ସ୍ତ୍ରୀଙ୍କ ବୟସ ପ୍ରାୟ ୧୫ ବର୍ଷ ବେଶୀ । ତେଣୁ ସେମାନେ ପାଣି ସଂଗାତ ବସିଥିଲେ କୁସୁମୀ ନଦୀର ପାଣି ଧାରରେ । ପାଣି ସଂଗାତର ସର୍ତ୍ତ ହେଉଛି ପିଲାଝିଲା ଏକା ହେବା ଋହି । ପାଣି ସଂଗାତ ପାଇଁ ସେତେବେଳେ ଗୋଟିଏ ଗୁଜବ ଉଠିଲା । ପାଣି ସଂଗାତ ନ ବସିଲେ ବହୁତ କିଛି ଦୋଷ ହେବ ବୋଲି । କୁବେର ଲୋକନାଥ ପ୍ରଧାନଙ୍କ ସ୍ତ୍ରୀଙ୍କର ୨ ପୁଅ ଓ ଗୋଟିଏ ଝିଅ । ୧୯୩୮ ମସିହା ବେଳକୁ ମୋ ମା'ଙ୍କର ମଧ୍ୟ ୨ଟି ପୁଅ ଓ ଗୋଟିଏ ଝିଅ । ସେତେବେଳେକୁ ମୁଁ ଜନ୍ମ ହୋଇ ନଥିଲି । ଏ ସୂତ୍ରରେ ଦୁଇ ପରିବାରର ଭାବ ବଢ଼ିଲା

Digitized by srujanika@gmail.com

ଏବଂ ଏହି ପରିବାର ମୋର ବାପାଙ୍କୁ ବିଭିନ୍ନ ସାହାଯ୍ୟ ମଧ କଲେ । ଜାଗର ବେଳେ ଜାଗର ମୁଁଆ ପଠାଇବା, ଭଲମନ୍ଦକୁ ଲୋଡ଼ିବା, ସମୟ ଅସମୟରେ ସାହାଯ୍ୟ ଏହି ସଂଗାତ ବନ୍ଧୁ ସମ୍ପର୍କର ଅନ୍ତର୍ଗତ । ମୋ ବଡ଼ ଭାଇ କଟକ ଖ୍ରୀଷ୍ଟ କଲେଜର ପଢୁଥିବାବେଳେ ଲୋକନାଥ ପ୍ରଧାନଙ୍କ ଦୁଇପୁଅ ଲଡୁକିଶୋର ଓ କିର୍ତ୍ତିଚନ୍ଦ୍ର ମାସକୁ ପ୍ରତ୍ୟେକେ ଟ୨୦ ଲେଖାଏଁ ଆର୍ଥିକ ସାହାଯ୍ୟ ଦେଉଥିଲେ ।

ଏହି ସୂତ୍ରରେ ମୋ ଜନ୍ମ ପୂର୍ବରୁ କୂପ କଣ୍ଟ୍ରାକ୍ଟ କରିବା ପାଇଁ ଏହି ସାଉକାର ପରିବାର ବାପାଙ୍କୁ ଟଙ୍କା କରଜ ଦେଇ ସାହାଯ୍ୟ କରିଥିଲେ । କୂପ କାମ କରିଲେ ତାଙ୍କ ଟଙ୍କା ସୁଝି ଋଣମୁକ୍ତ ହେଉଥିଲେ । ଏଇ କୂପ କାମ କରି ବାପା ତାଙ୍କ ତିନି ପୁଅଙ୍କୁ ପାଠ ପଢ଼ାଇ ପରିବାର ପୋଷଣ କରୁଥିଲେ । ମଝିରେ ମଝିରେ ବାପା, ମାଆ ପାଇଁ ଯେଉଁ ଅଳଙ୍କାର କରୁଥିଲେ ତାକୁ ତାଙ୍କ ପାଖରେ ବନ୍ଧା ପକାଇ ଟଙ୍କା ଆଣୁଥିଲେ । ଟ୧୦୦ର ସୁନା ହେଲେ ଟ୫୦ ମିଳୁଥିଲା । ଶୀଘ୍ର ମୁକୁଳାଇ ଆଣି ନପାରିଲେ ଟଙ୍କାକେ ଋରଣା ସୁଧ ମୂଳକୁ ଟପିଯାଏ ଓ ସୁନା ବୁଡ଼ିଯାଏ । ଗୋଦର କୋଡ଼େ ଯେତେ ମାଡ଼େ ସେତେ ନ୍ୟାୟରେ ବାପା ତାଙ୍କ ଜୀବନ ଯାକ ଉଠି ପାରି ନାହାନ୍ତି ।

ସାଉକାର ଘର ପୋଖରୀ

୧୯୨୦ ମସିହାରେ ଷୋଳମାଣ ଜମିରେ ଖୋଳାଯାଇଥିବା ପୋଖରୀରେ ପିଲାବେଳେ ମୁଁ ଗାଧୋଉ ଥିଲି । ଏଇଟା ହିଁ ଥିଲା ଗାଁ ପୋଖରୀ । ପୁରୁଷ ଲୋକଙ୍କ ପାଇଁ ଓ ସ୍ତ୍ରୀ ଲୋକଙ୍କ ପାଇଁ ଅଲଗା ଅଲଗା ଗାଧୁଆ ତୁଠ ଥିଲା । ତାଛଡ଼ା ପାଣ ଘର ପରିବାର ପାଇଁ ଆଉ ଗୋଟିଏ ଅଲଗା ତୁଠ ଥିଲା । ଉତ୍ତର ପଶ୍ଚିମ କୋଣରେ ଆଉ ଗୋଟିଏ ପଥରସଜା ଗଡ଼ା ଥିଲା ଯେଉଁଥିରେ ପୋଦ୍ଦୁଅ ଗାଧୋଉଥିଲେ । ଲୋକେ ତୁଠରେ କେବଳ ସ୍ନାନ କରୁଥିଲେ । ଶୌଚ ପୋଖରୀର ଅନ୍ୟ ଯାଗାରେ ହେଉଥିଲେ । ଅନ୍ୟ ଏକ କୋଣରେ ଧୋବା ମଧ ତୁଠ କରିଥିଲା । କିନ୍ତୁ ତୁଠ ସବୁବେଳେ ନୁହେଁ । ବଡ଼ ବଡ଼ ପଥର ଖଣ୍ଡ ସଜା ଯାଇ ଗାଧୁଆ ତୁଠର ପାହାଚ ହୋଇଥାଏ । ପୋଖରୀରେ ଅଧା ଅଧି ଚିଙ୍ଗୁଡ଼ିଆଦଳ । ଏହି ପୋଖରୀରେ ବର୍ଷା ଓ ଶରତ ଋତୁରେ ଗାଢ଼ ନାଲି କଇଁ ଫୁଟେ । ପୋଖରୀ ମଝିରେ ଥାଏ, ମଣିଖମ୍ବ । ଏହି କାଠ ମଣିଖମ୍ବର ଶୀର୍ଷରେ ଲୁହାର ଚକ୍ର ଲଗାଯାଇଥାଏ । ପ୍ରାକୃତିକ ଅବସ୍ଥାରେ ବଢ଼ିଥିବା ସାନ ମାଛ, ବଡ଼ ମାଛ ଏହି ପୋଖରୀରେ ଥାନ୍ତି । ବେଳେବେଳେ ଗାଁର କିଛି ଯୁବକ ସାଉକାର ଘରୁ ଜାଲ ମାଗି ମାଛ ଧରନ୍ତି । ରାଜ କିଶୋରର ସାଙ୍ଗ ହିସାବରେ ମୁଁ ବରାବର ସେଠି ଥାଏ । ମାଛ

Digitized by srujanika@gmail.com

ଧରାହେଲା ବେଳେ ଲଡ୍ଡୁ ନନା (ରାଜର ବାପା) ସେଇଠି ଉପସ୍ଥିତ ଥାନ୍ତି । ମାଛ ଭାଗହେଲା ବେଳେ ଲଡ୍ଡୁ ନନା ମୋତେ ଗୋଟିଏ ଭାଗ ଦେଇ ଥାନ୍ତି ଓ କହନ୍ତି "ସଂଗାତ ବାପା ଏହି ଜାଲ ଆଣିଛନ୍ତି, ତେଣୁ ଗୋଟିଏ ଭାଗ ଜାଲ ପାଇଁ ଗୋବର୍ଦ୍ଧନ ନେବ" । ଏବେ ପୋଖରୀ ପୋତି ହୋଇ ଗଲାଣି । ୧୯୮୦ ମସିହାରେ ପଙ୍କୋଦ୍ଧାର ହୋଇଥିଲା । ଏବେ ଅନେକ ଦିନ ହେଲା ପଙ୍କ କଢ଼ାଯାଇ ନାହିଁ । ତା ଛଡ଼ା ରଣପୁର ଯାଇଥିବା ସଡ଼କ କାନ୍ଥରେ ପୋତା ପୋଖରୀ (ପରୀକ୍ଷା ପୋଖରୀ) ଅଛି । ୧୯୫୫ ପରେ ଦଣ୍ଡାକୁ ବାନ୍ଧି ବାବାଜି ପୋଖରୀ ଓ ବୁଢ଼ୀ ପୋଖରୀ ଖୋଳା ଯାଇଛି । ଏହି ପୋଖରୀ ମାନଙ୍କରେ ଧଳାକଇଁ ଫିକା, ଲାଲ କଇଁ ଓ ଗୋବର କଇଁ ଫୁଲ ଫୁଟେ ।

ଗାଁର କିଛି ପରିବାର

ଲୋକନାଥ ନାଏକ ଗାଁର ଚୌକିଦାର ଥିଲେ । ତାଙ୍କ ପୁଅ ଦଣ୍ଡଧର ପାଠ ପଢ଼ି ସରକାରୀ ଚାକିରୀ କରିବାରୁ ନାତୁଣୀ ସୁବର ବର କାଶୀନାଥ (ଜନ୍ମ ୧୯୫୦) ଗାଁର ଚୌକିଆ ହେଲା । ସେ ଗାଁ ଡିହ ଓ ଜମି ବିକି ଗୋତିରିଡ଼ା ଚାଲିଗଲା ୧୯୭୫ ମସିହାରେ । ଡିହକୁ ସାଉକାର ଘର କିଣିନେଲେ । ଦଣ୍ଡଧରଙ୍କର ୨୦୦୧ ମସିହାରେ ମୃତ୍ୟୁ ହେଲା । ତାଙ୍କ ପାଳିତ ପୁତ୍ର ବିଶ୍ଵ ମଧ ମାତ୍ର ୪୫ ବର୍ଷ ବୟସରେ ହୃଦ୍‌ଘାତରେ ଆରପାରିକୁ ଚାଲିଗଲା । ଦଣ୍ଡଧରଙ୍କ ସ୍ତ୍ରୀଙ୍କର କାଳ ହେଲା ୨୦୦୮ ମସିହାରେ । ତାଙ୍କର କଟକ ମହାନଦୀ ବିହାରରେ ଥିବା ଘରଟିକୁ ଭଡ଼ାରେ ଥିବା ଲୋକ ଚଞ୍ଚକତା କରି ଦଣ୍ଡଧରଙ୍କ ସ୍ତ୍ରୀଙ୍କ ଠାରୁ ମାରିନେଲା । ବର୍ତ୍ତମାନ ବିଶ୍ବର ସ୍ତ୍ରୀ ନିସ୍ଵଃ ।

ସାଉକାର ଘରଙ୍କ କଥା ମୁଁ ୩୨ ପୃଷ୍ଠରେ ଲେଖିଛି । କୁବେର ଲୋକନାଥଙ୍କ (ଜ.୧୮୯୫) ଙ୍କର ମୃତ୍ୟୁ ହେଲାଣି ୧୯୬୪ ମସିହାରେ । ଲଡ୍ଡୁକିଶୋରଙ୍କ ଚାରିପୁଅ ଭିତରୁ ବଡ଼ପୁଅ ରାଜକିଶୋର ଚାକିରିରୁ ଅବସର ନେଇ ଗାଁରେ ରହୁଛନ୍ତି । ଆଉ ଗୋଟିଏ ପୁଅ ବ୍ରଜ ଗାଁ ହାଇସ୍କୁଲର ଖେଳ ଶିକ୍ଷକ । କାର୍ତ୍ତିଚନ୍ଦ୍ରଙ୍କର ବଡ଼ପୁଅ ଶରତ ରାଜ ସୁନାଖେଳା କଲେଜରେ ଓଡ଼ିଆ ଲେକ୍‌ଚରର ଥିଲେ । ତାଙ୍କର ୧୦ ବର୍ଷ ତଳେ କିଡ୍‌ନି ରୋଗରେ ମୃତ୍ୟୁ ହେଲା । ଲଡ୍ଡୁକିଶୋର ଏବଂ କୀର୍ତ୍ତିଚନ୍ଦ୍ର ଉଭୟେ ଭାରି ଭଦ୍ର ଥିଲେ । କେବେ ରାଗିବା ଦେଖାଯାଇନାହିଁ । ମୁଁ ଦେଖୁଛି ଗଲା ୬୦ବର୍ଷ ଭିତରେ ତାଙ୍କ ସମ୍ପତ୍ତି ଅନେକାଂଶରେ କମି ଯାଇଛି । ଲଡ୍ଡୁକିଶୋରଙ୍କ ସ୍ତ୍ରୀଙ୍କର ଫେବୃଆରୀ ୧୦ ତାରିଖ ୨୦୦୯ରେ ମୃତ୍ୟୁ ହୋଇଛି ।

Digitized by srujanika@gmail.com

ଜଗନ୍ନାଥ ପଟ୍ଟନାୟକ (୧୯୧୮-୨୦୦୨) ଜଣେ ଜଣାଶୁଣା ବ୍ୟକ୍ତି । ଗାଁ ଲାଇବ୍ରେରୀରୁ ବହୁତ ବହି ଆଣି ପଢ଼ିଛନ୍ତି । ଗାଁକୁ ଖବର କାଗଜ ଆସୁଥିବାବେଳେ ସେ ମନଯୋଗ ଦେଇ ପଢ଼ନ୍ତି । ତାଙ୍କ ସାନ ପୁଅ କୈଳାସ ଗାଁ ଏମ୍.ଇ. ସ୍କୁଲ୍‌ରୁ ହେଡ୍‌ମାଷ୍ଟର ହୋଇ ଅବସର ନେଇଛନ୍ତି ।

ବଂଶୀଧର (ଜନ୍ମ ୧୯୧୬) ଦାସ ଆଇ.ଏନ୍.ଏ. ରେ ମିଶିଥିଲେ । ଏବେ ସେ ମୃତ । ତାଙ୍କ ଭାଇ ନିତ୍ୟାନନ୍ଦ ପି.ଡବ୍ଲୁ.ଡିରେ ଗ୍ୟାଙ୍ଗ ଥିଲେ । ଅକାଳରେ ରକ୍ତହୀନତା ରୋଗରେ ତାଙ୍କର ୧୫ବର୍ଷ ହେଲା ମୃତ୍ୟୁ ହେଲାଣି । ଇନ୍ଦୁକିଶୋର ପଟ୍ଟନାୟକ (ଜନ୍ମ ୧୯୧୯) ଜଣେ ବୟସ୍କ ବ୍ୟକ୍ତି । ସେ ଜଣେ କୁଶଳୀ ଅଭିନେତା । ତାଙ୍କ ଦଳଭାଇ ବୀରଭଦ୍ର ଗାଁ ଲାଇବ୍ରେରୀକୁ କିଛି ବହି ଦେଇଛନ୍ତି ।

ଜଗନ୍ନାଥ ଦୋରା (ଜନ୍ମ ୧୮୮୦) ଙ୍କ ପୁଅ ଧନେଶ୍ୱର (ଜ.୧୯୦୮) ଓ ଉମେଇ (ଜ.୧୯୧୨) ଗାଁ ଲାଇବ୍ରେରିକୁ ଅନେକ ବହି ଦେଇଛନ୍ତି । ଉମେଇ ଗାଁ ଜମି ଓ ଡିହ ବିକି ଖୋରଧା ପାଖ ଖୋରଧପୁର ଗାଁରେ ଘର କରି ଅଛନ୍ତି । ଆଉ ଗୋଟିଏ ପୁଅ ରଘୁ (ଜ. ୧୯୧୫) ତାଙ୍କ ସମୟରେ ଭଲ ପାଇକ ଖେଳୁଥିଲେ । ଏବେ ସେ ଗାଁର ଜଣେ ବୟସ୍କ ବ୍ୟକ୍ତି ।

ଶିରିଆ ଦୋରା (୧୯୧୨-୪୦)ଙ୍କ ପୁଅ ମଦନ ମୋର ସ୍କୁଲ ସାଙ୍ଗ । ମଦନ ବାପ ଛେଉଣ୍ଡ ଥିଲେ । ତାଙ୍କ ଦାଦା ଅଗାଧୁ ଦୋରା (ଜନ୍ମ-୧୯୧୫) ରେଙ୍ଗୁନ୍ ଯାଇ ଫେରି ନାହାନ୍ତି । ସେଠି ସେ ମାଟି ନେଲେ ।

ଗୋବିନ୍ଦ ଚନ୍ଦ୍ର ଦୋରା (୧୮୯୫-୧୯୬୨) ଏଲ୍.ପି.ସ୍କୁଲ ଶିକ୍ଷକ ଥିଲେ । ଆମ ପିଲାବେଳେ ସେ ଗାଁକୁ ସମାଜ ମଗାଇ ପଢୁଥିଲେ । ତାଙ୍କ ବଡ଼ ପୁଅ ହରେକୃଷ୍ଣ (୧୯୨୧-୯୨) ଏ.ସି.ଏଫ୍. ପଦରୁ ଅବସର ନେଇଛନ୍ତି । ସାନପୁଅ ରାମଚନ୍ଦ୍ର (୧୯୩୩-୨୦୦୦) ହାଇସ୍କୁଲରେ ଖେଳ ଶିକ୍ଷକ ଥିଲେ ।

ଅଗାଧୁ ଦୋରା (ଜ.୧୯୧୨) ଜଣେ ସମ୍ମାନାସ୍ପଦ ବ୍ୟକ୍ତି । ସେ ଗାଁ ବ୍ୟାଙ୍କ ସୋସାଇଟିର ସଭାପତି ଥିଲେ । ତାଙ୍କ ପୁଅ ତ୍ରିନାଥ ଗାଁ ଲାଇବ୍ରେରୀକୁ କିଛି ବହି ଦେଇଛନ୍ତି । ଏଇ ୪ବର୍ଷ ତଳେ ତ୍ରିନାଥ (ଜନ୍ମ ୧୯୩୬) ପୁରୀ ଜଗନ୍ନାଥଙ୍କ ରଥ ସକାସେ ଗୋଟିଏ ଫାସି ଗଛ ଦାନ କରିଥିଲେ ।

Digitized by srujanika@gmail.com

ରାମଚନ୍ଦ୍ର ଦୋରା (ବୁଧିଆ ଦୋରା) (୧୯୧୯-୨୦୦୪) ଦ୍ୱିତୀୟ ମହାଯୁଦ୍ଧ ସରିବା ପରେ ରେଙ୍ଗୁନ୍‌ରୁ ଫେରିଥିଲେ । ତାଙ୍କ ବଡ଼ ପୁଅ ହରିହର (ଜନ୍ମ ୧୯୫୫) ଏବେ ପୋଲିସ୍ ଇନ୍‌ସ୍‌ପେକ୍ଟର ହିସାବରେ କାର୍ଯ୍ୟରତ । ସେ ଜଣେ ସାଧୁ ଓ ସଚ୍ଚୋଟ ଅଫିସର । ସାନପୁଅ ବିଜୟ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହିସାବରେ ଛତିଶଗଡ଼ରେ କାମ କରୁଛନ୍ତି । ସେ ମଧ୍ୟ ଜଣେ ଧାର୍ମିକ ଓ ନିରପେକ୍ଷ ଅଫିସର । ବଡ଼ ଦୀନବନ୍ଧୁ ଦୋରା (୧୮୮୦-୧୯୫୭) ଙ୍କର ଛଅପୁଅ । ବଡ଼ପୁଅ ନରସିଂହ (୧୯୦୪ -୧୯୯୨) କୁପ୍ କଣ୍ଟ୍ରାକ୍ଟି କରି ଚଳୁଥିଲେ । ତାଙ୍କର ୩ ପୁଅ, ମଦନ ମୋହନ (ଜନ୍ମ ୧୯୨୮), ଦଣ୍ଡପାଣି (ଜନ୍ମ ୧୯୩୬) ଓ ଗୋବର୍ଦ୍ଧନ (ଜନ୍ମ ୧୯୩୯) ସରକାରୀ ଚାକିରିରୁ ଅବସର ନେଇଛନ୍ତି । ବଡ ଦୀନବନ୍ଧୁ ଦୋରାଙ୍କ ଦ୍ୱିତୀୟ ପୁଅ ସନ୍ୟାସୀ (ଜ. ୧୯୦୮) ଙ୍କର

ପତ୍ନୀଙ୍କ ସହ ନରସିଂହ ଦୋରା

ହଇଜାରେ ଅକାଳ ମୃତ୍ୟୁହେଲା ୧୯୪୬ ମସିହାରେ । ତାଙ୍କର ପୁଅ ନୀଳମଣି (ଜନ୍ମ ୧୯୪୩) ଗାଁ ଜମି ଓ ଡିହ ବିକି ବଡ଼ପୁଟ ଗାଁରେ ରହୁଛନ୍ତି । ସେ ରେଭିନ୍ୟୁ ଇନ୍‌ସପେକ୍ଟର ପଦରେ ଥିଲ । ଦୀନବନ୍ଧୁଙ୍କ ତୃତୀୟ ପୁତ୍ର କ୍ଷେତ୍ରବାସୀ (୧୯୧୫-୧୯୬୫) ଗାଁ ଜମି ଓ ଡିହ ବିକି ତାଙ୍କ ଶଶୁରଘର ଗୋଲିଆ ଚାଲିଗଲେ । ତାଙ୍କ ପୁଅମାନେ କୋଲିଆରିରେ କାମ କରି ସ୍ୱଚ୍ଛଳ । ଦୀନବନ୍ଧୁଙ୍କ ସାନପୁଅ ଲିଙ୍ଗରାଜ (୧୯୧୮ - ୧୯୮୫) ସବୁକାମରେ ନିପୁଣ । ତାଙ୍କୁ ହାରମୋନିୟମ ବଜାଇ ଆସେ, ପେଟ୍ରୋମାକ୍ସ ଲାଇଟ ଲଗାଇପାରନ୍ତି । ସେ ଥିଲେ ଗାଁ ଲାଇବ୍ରେରୀର ସେକ୍ରେଟାରୀ ଏବଂ ଅନେକ ଅନୁଷ୍ଠାନର ଅଧିକାରୀ । ତାଙ୍କ ବଡ଼ପୁଅ ସତ୍ୟ ଏବେ ଇଲେକ୍ଟ୍ରିକ୍‌ଲାଇନ୍ ମ୍ୟାନ ଓ ସାନପୁଅ ଫରେଷ୍ଟ କର୍ପୋରେସନରେ ଫରେଷ୍ଟ ଗାର୍ଡ଼ । କୃଷ୍ଣଚନ୍ଦ୍ର ଦୋରା (୧୮୯୭-୧୯୭୧) ଗାଁର ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଥିଲେ । ତାଙ୍କ ବଡ଼ପୁଅ ଦୁର୍ଯ୍ୟୋଧନ (ଜନ୍ମ ୧୯୩୧) ଏବେ ବ୍ରହ୍ମପୁରରେ ରହୁଛନ୍ତି । ସେ ଥିଲେ ପୋଷ୍ଟାଲ୍ କ୍ଲର୍କ । ସାନପୁଅ ହରେକୃଷ୍ଣ (ଜନ୍ମ ୧୯୩୪) ଭେଟେରିନାରୀ ଲାଇଭ୍‌ଷ୍ଟକ ଇନସ୍‌ପେକ୍ଟର ହୋଇ ଅବସର ନେଇଛନ୍ତି ।

ଉଦୟନାଥ ଦାସ ଥିଲେ ତେଲୁଗୁ ବୈଷ୍ଣବ । ସେ ୧୯୫୬ ମସିହାରେ ଗାଁ ଛାଡ଼ି ଗଞ୍ଜାମର ପାଙ୍ଗିଡ଼ି ଚାଲିଗଲେ । ସେ ସେଠାରେ ଏଲ୍.ପି. ସ୍କୁଲ ଶିକ୍ଷକ ଥିଲେ ।

Digitized by srujanika@gmail.com

ରାଘବ ଦୋରା ରେଙ୍ଗୁନ୍‌ରୁ ଫେରିଥିଲେ ୧୯୫୪ ମସିହାରେ । ରାଘବ ଦୋରାଙ୍କ ସାନପୁଅ ଏବେ ରାଜସୁନାଖେଳା କଲେଜରେ କାମ କରୁଛନ୍ତି । ୧୯୫୮ ମସିହାରେ ରାଘବ ଦୋରା ରକ୍ତଚାପଜନିତ ପାରାଲିସିସ୍ ବେମାରରେ ପୀଡ଼ିତ ହୋଇ କଟକ ମେଡ଼ିକାଲ କଲେଜ୍ ହସ୍‌ପାତାଲରେ ଚିକିତ୍ସିତ ହେଲେ । ସେତେବେଳେ ମୁଁ ଇଂଜିନିୟରିଂ ସ୍କୁଲ୍ ଦ୍ୱିତୀୟ ବର୍ଷରେ ପଢୁଥିଲି । ତେଣୁ ବେଳେବେଳେ ମୁଁ ତାଙ୍କୁ ଦେଖିବାକୁ ଆସେ । ଥରେ ଗାଁକୁ ଆସିଥିଲି । ତାଙ୍କ ପାଇଁ ଚୁଡ଼ା ଇତ୍ୟାଦି ଜଳଖିଆ ସାଙ୍ଗକୁ ଶୁଭ ଖବର ଦେଲି । ତାଙ୍କର ପୁଅଟିଏ ହୋଇଛି ବୋଲି । ଏଇ ପୁଅ ହେଉଛି ତାଙ୍କର ସାନପୁଅ ଦୁର୍ଯ୍ୟୋଧନ । ଏ ଖବର ଶୁଣି ସେ ଖୁସିରେ କାନ୍ଦିପକାଇଲେ ।

ଗାଁରେ ଗୋଟିଏ ଶୁଣ୍ଢି ପରିବାର ଥିଲେ । ଦେବରାଜ ସାହୁ (ଜ.୧୯୯୬) ଙ୍କୁ ମୁଁ ପିଲାବେଳେ ଦେଖିଛି । ତାଙ୍କର ତିନି ପୁଅ ମୋଚିଆ, ଅନନ୍ତ ଓ ବୃନ୍ଦାବନ ପାନ ବ୍ୟବସାୟ କରି ଚଳୁଥିଲେ । ଏବେ ସମସ୍ତେ ମୃତ

ସର୍ବରାକାର ପଞ୍ଚୁ ପରିଡ଼ା (୧୮୮୦-୧୯୪୫) ଙ୍କ ଚାରୋଟି ପୁଅ । ବଡ଼ ପୁଅ କ୍ଷେତ୍ରମୋହନ (୧୯୧୪-୭୩) ସର୍ବରାକାର ହେଲେ । ତାଙ୍କରି ଅମଳରେ ସର୍ବରାକାରୀ ଉଚ୍ଛେଦ ହେଲା । ତୃତୀୟ ପୁଅ ଅନ୍ତର୍ଯ୍ୟାମୀ (ଜନ୍ମ ୧୯୨୨) ଗାଁ ନାଚ ପାର୍ଟିର ମୁଖ୍ୟ ଉଦ୍ୟୋକ୍ତା ଥିଲେ । ତାଙ୍କୁ ହାରମୋନିୟକ, କରନ୍‌ଟ ବଜାଇ ଆସୁଥିଲା । ୪ର୍ଥ ପୁଅ ଲିଙ୍ଗରାଜ (ଜ.୧୯୨୬-୯୯) ଏମ୍.ଇ. ସ୍କୁଲ୍‌ରୁ ଶି୪କ ପଦରୁ ଅବସର ନେଲେ । କ୍ଷେତ୍ରମୋହନଙ୍କ ବଡ଼ପୁଅ ପୂର୍ଣ୍ଣ ହାଇସ୍କୁଲର ପ୍ରଧାନ ଶିକ୍ଷକ ହୋଇ କାମ କରୁଛନ୍ତି ।

ଭଗବାନ ପରିଡ଼ା (ଜ.୧୯୧୦) ଏଲ.ପି. ସ୍କୁଲର ଶିକ୍ଷକ ଥିଲେ । ପରେ ଚାକିରୀ ଛାଡ଼ି ଚାଷକାମରେ ରହିଲେ । ସେ ବହୁତ ବହି ଗାଁ ଲାଇବ୍ରେରୀକୁ ଦେଇଛନ୍ତି । ଦଣ୍ଡପାଣି ପରିଡ଼ା (ଜ.୧୯୪୨) ଏହାଙ୍କ ପୁଅ । ଏହି ପରିବାରର ଗୋପୀନାଥ ପରିଡ଼ା (ଜ. ୧୯୧୬) କଂଗ୍ରେସ କର୍ମୀ ଥିଲେ ।

ରଘୁ ଖଟେଇ ଗାଁ ଲାଇବ୍ରେରୀ ବହୁତ ବହି ଦେଇଛନ୍ତି । ତାଙ୍କ ବଡ଼ ଭାଇ ବେନୁ ଖଟେଇ (ଜନ୍ମ୧୯୧୫) ରେଙ୍ଗୁନ ଫେରନ୍ତା ।

ସୁନାରୀ ପରିବାରର ନାରଣ ବୈଠାରୁଙ୍କ ପୁଅମାନେ ହେଲେ କପିଳ ବୈଠାରୁ, କୃଷ୍ଣ ବୈଠାରୁ , ଗୋବିନ୍ଦ ବୈଠାରୁ ଓ ରାମ ବୈଠାରୁ । ସମସ୍ତେ ଦାରିଦ୍ର୍ୟର କଷାଘାତରେ

Digitized by srujanika@gmail.com

ସ୍ୱର୍ଗବାସୀ । ସୁନାରୀ ବଂଶ ଆଉ ନାହିଁ । ଡିହକୁ ପଡ଼ିଶା ଘର ଲୋକମାନେ କିଣିନେଲେଣି ।

ହଳଧର ସ୍ୱାଇଁଙ୍କ ପୁଅ ନଥିବାରୁ ନାତି ବାଞ୍ଛାଙ୍କୁ ପୁଅ କରି ଆଣିଥିଲେ । ଥରେ ବାଞ୍ଛାଙ୍କ ମଉସାମାନେ ତାଙ୍କୁ ଏପରି ମାଡ଼ ମାରିଲେ ଯେ ଗାଁର ଶିକ୍ଷିତ ଯୁବକମାନେ ତାଙ୍କୁ ଏକ ଖଟରେ ପକାଇ କାନ୍ଧାଇ ଶରଣକୂଳ ନେଇଥିଲେ । ଏଇଟା ୧୯୪୬ ମସିହାର କଥା । ବାଞ୍ଛାଙ୍କ ପୁଅମାନଙ୍କ ମଧ୍ୟରୁ ତିନି ଜଣ ସରକାରୀ ଚାକିରୀରେ ଅଛନ୍ତି ।

ଅଗାଧୁ ସ୍ୱାଇଁ (ଜ. ୧୯୦୨) ସେବେ କରଜ ଦେଉଥିଲେ । ସୁଧ ଥିଲା ଟଙ୍କାକେ ମାସକୁ ୨ ପଇସା (ପୁରୁଣା) । ସେ ଗୋଟିଏ ଲୁହା ଟ୍ରେଜେରି କିଣିଥିଲେ ଟଙ୍କା ରଖିବାକୁ । ବ୍ରହ୍ମପୁରରୁ କିଣି ଆଣିଥିଲେ ଲିଙ୍ଗରାଜ ପରିଡ଼ା ୧୯୫୪ ମସିହାରେ ।

ବିଦ୍ୟା ସ୍ୱାଇଁଙ୍କ ବଡ଼ପୁଅ କ୍ଷେତ୍ର ଗୋଡ଼ିପଲ୍ଲି ଗାଁକୁ ଚାଲିଗଲେ ପୋଷ୍ୟପୁତ୍ର ହୋଇ । ତାଙ୍କୁ ବଣିଆଙ୍କ ପରି ସୁନାକାମ ଜଣା । ସେ ଶାଳ କରି ସୁନା କାମ କରୁଥିଲେ । ସାନପୁଅ ହଜାରି କାଠ ମିସ୍ତ୍ରୀ କାମ ଓ ରାଜ ମିସ୍ତ୍ରୀ କାମ କରୁଥିଲେ । ତାଙ୍କ ସ୍ତ୍ରୀଙ୍କର ବହୁତ ମୃତବତ୍ସା ଜନ୍ମ ହେବାରୁ ସେ କଟକଆସି ଡାକ୍ତର ଜୋହାଦେଈଙ୍କ ପାଖରେ ଚିକିତ୍ସା କରାଇଲେ । ସୁଫଳ ମିଳିଲା । ଜନ୍ମନେଲା ଯୋଗେଶ । ଏହା ୧୯୫୭ ମସିହାର କଥା ।

ଆମ ଆଗ ଦୁଆରୀ ବାସୁ ମହାପାତ୍ର (ଜ.୧୯୩୨) ତାଙ୍କ ଅଜାଙ୍କର ପୁଅ ହୋଇ ଆସିଲେ । ମାତ୍ର ଅଜାଙ୍କ ସାଙ୍ଗିଆ "ଭଟ" ପଦ ଦେଇ ନାହାନ୍ତି ।

ବାଞ୍ଛା ଭଟ(ଜ.୧୯୧୮) ଗାଁ ନାଚ ପାର୍ଟିରେ ମିଶିଥିଲେ । ସେ ଭଲ ହାସ୍ୟରସିକ । ଭୀଷଣ ଚର୍ମରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ ।

ଆମ ଆଗ ଦୁଆରୀ ହେଉଛନ୍ତି ମାଧବ ଭଟ ଓ ଭଗବାନ ଭଟ । ମୁଁ ଏ ଦୁହିଁଙ୍କୁ ପିଲାବେଳୁ ଦେଖି ନାହିଁ , ମାତ୍ର ଦି ଜଣ ଯାକ ବୁଢ଼ୀଙ୍କୁ ଦେଖିଛି । ସେମାନେ ଘରେ ମୁଢ଼ି ଭାଜି ବିକନ୍ତି । ମାଧବ ଭଟଙ୍କର ପୁଅ ନଥିବାରୁ ଗମେଇ ବିଭା ହୋଇଥିବା ଝିଅ ନଳିତାର ପୁଅ ବାସୁଙ୍କୁ ପୋଷ୍ୟ ପୁତ୍ର କରି ଆଣିଲେ । ମାତ୍ର ବାସୁ ନିଜ କୌଳିକ ସାଙ୍ଗିଆ 'ମହାପାତ୍ର' ଛାଡ଼ି ନାହାନ୍ତି । ଏହାର କାରଣ ମୁଁ ଦିନେ ପଚାରନ୍ତେ ସେ କହିଲେ, "ମୁଁ ମୋ ବାପା ମାଙ୍କର ଗୋଟିଏ ବୋଲି ପୁଅ । ତେଣୁ ତାଙ୍କୁ ପତ୍ର ଦେବି । ଏପଟେ ଅଜା ଆଈଙ୍କର ପୁଅ ହୋଇ ତାଙ୍କ ସମ୍ପତ୍ତି ଖାଇବି, ତାଙ୍କୁ ମଧ୍ୟ ପତ୍ରପାଣି ଦେବି । ପୁରୋହିତ ବୁଝେଇଲେ

Digitized by srujanika@gmail.com

ମୁଁ ନିଜ ବାପା ମା ଓ ଅଜା ଆଈ ବାର୍ଷିକ ପତ୍ରପାଣି ଦେବାରେ କିଛି ବାଧା ନାହିଁ । ମାତ୍ର ଅଜା ଆଈ ମଲାପରେ ଯେଉଁ ୧୧ଦିନ/୧୨ଦିନ ଶ୍ରାଦ୍ଧ ପତ୍ର ଦିଆଯିବ ସେଇଟା ମୁଁ ଦେଇପାରିବି ନାହିଁ । ଏହି ଅଡୁଆ ତୁଟେଇବାକୁ କଥା ହେଲା ବଡ଼ ଅଜାଙ୍କ ପୁଅ ବାଈଆ ମୃତ୍ୟୁର ୧୨ଦିନ ପତ୍ର ଦେଇପାରିବ । ଏଥିପାଇଁ ସେ ମାଣେ ଜମି ମାଗିଲା । ଏ ଜମି ତାଙ୍କୁ ଦିଆଗଲା । ମାତ୍ର ଅଜା ଆଈ ମରିବା ପୂର୍ବରୁ ବାଈଆଙ୍କର ଅକାଳ ମୃତ୍ୟୁ ହେଲା । ତେଣୁ ଏ ସମସ୍ୟାର ପୁନଃ ସମାଧାନ ପାଇ ଆଉ ଜଣେ ପୁତୁରା (ଅଜାଙ୍କର ପୁତୁରା) ଗୌରାଙ୍ଗ ଭଟ୍ଟ ଟ୨୦୦ ନେଇ ୧୨ ପତ୍ର ଦେଲେ । ଏ ଟଙ୍କାରେ ସେ ସେଦିନର ଯାବତୀୟ ଖର୍ଚ୍ଚ ତୁଲାଇଲେ । ଏଣୁ ନିଜ ବାପା ମାଙ୍କର ପୁଅ ହୋଇ କୂଳର ସାଙ୍ଗିଆ ରଖିଲି । ଅଜାଙ୍କ ଭଟ୍ଟ ସାଙ୍ଗିଆ ନେଇନାହିଁ ।"

ଗୌରୀ ଭଟ୍ଟ (୧୯୨୮-୯୮) ବଡ଼ ଉଦ୍‌ଯୋଗୀ ପୁରୁଷ ଥିଲେ । ତାଙ୍କର ୪ ପୁଅଙ୍କ ଭିତରୁ ୨ଜଣ ଭଲ ସରକାରୀ ପଦବୀରେ ଅଛନ୍ତି । ଅନ୍ୟ ଗୋଟିଏ ପୁଅ ଗଙ୍ଗାଧର ଆଦର୍ଶ କୃଷକ । ଗୋବିନ୍ଦ ସ୍ୱାଇଁ (ଜନ୍ମ ୧୯୧୩) ଜଣେ ଆଦର୍ଶ ଚାଷୀ, ସଂକୀର୍ତ୍ତନ ଗୁରୁ ଏବଂ କବି ମଧ୍ୟ ।

ଗୋବିନ୍ଦ ଦାସ ତାଙ୍କ ଭାଇପୁଅ ବଂଶୀଙ୍କୁ (୧୯୩୩-୨୦୦୩) ପୋଷ୍ୟପୁତ୍ର କରିଥିଲେ । ବଂଶୀଙ୍କ ସାନ ଭାଇ କାଳିଆ ମୋର ସହପାଠୀ ଥିଲା । ଆମେ ତାଙ୍କ ଘରକୁ ଗଲେ ଗୋବିନ୍ଦ ଦାସଙ୍କ ସ୍ତ୍ରୀ ନିଶାମଣି ଆମକୁ ମୁଢ଼ି ଉଖୁଡ଼ା ଇତ୍ୟାଦି ଖାଇବାକୁ ଦିଅନ୍ତି । ସେ ଜଣେ ସ୍ନେହୀ ଲୋକ । କାଳିଆର ଅପମୃତ୍ୟୁ ହେଲା ଗାଁ ନାଳରେ ବୁଡ଼ିଯିବାରୁ । ବୋଧହୁଏ ୧୯୫୩ ମସିହାରେ ।

ପଞ୍ଚୁ ବେହେରା (୧୯୨୮-୯୯) ପାନ ବ୍ୟବସାୟ କରନ୍ତି । ମାତ୍ର ତାଙ୍କର ରୀତିଯୁଗ ସାହିତ୍ୟରେ ଖୁବ୍ ପ୍ରବେଶ । ଅନେକ ଲୋକ ଛାନ୍ଦ ଅର୍ଥ କରିବାକୁ ତାଙ୍କ ପାଖକୁ ଆସନ୍ତି । ତାଙ୍କ ବଡ଼ ପୁଅ କୁଳମଣି, ମୁଁ ଭୁବନେଶ୍ୱର ଏନ୍.ଏଚ୍. ଡିଭିଜନ୍‌ରେ ଜେ.ଇ. ଥିଲାବେଳେ ସେହି ଡିଭିଜନ୍‌ର ରୋଲର୍ ହେଲ୍‌ପର ଚାକିରୀରେ ପଶିଲେ । ମାତ୍ର ସେ ପଇସାର ସଦ୍‌ବ୍ୟବହାର କଲେ ନାହିଁ । ସେହି ଦରମା ପାଇଁ ଆଉ କିଏ ହୋଇଥିଲେ ଦି'ବାଟି ଜମି କିଣିଥାନ୍ତା । ପଞ୍ଚୁଙ୍କ ଦ୍ୱିତୀୟ ପୁଅ ନିଳ କଳାହାଣ୍ଡିରେ ଗୋଟିଏ ବ୍ଲକ ଅଫିସରେ ଏକ୍ସଟେନ୍‌ସନ୍ ଅଫିସର ହିସାବରେ କାମ କରୁଛି । ସେ ବୁଦ୍ଧିମାନ ପିଲା । ମାଝି ପାରିବାରର ମହନା ମାଝି ଗାଁ ଲାଇବ୍ରେରୀକୁ କିଛି ପୁରାଣ ବହି ଦେଇଛନ୍ତି ।

Digitized by srujanika@gmail.com

ଚଷାପାଟକର ବଡ଼ ପରିବାର ହେଉଛି ଦଳେଇ ପରିବାର । ଏହି ପରିବାରର ବୁଢ଼ାମାନଙ୍କୁ ମୁଁ ପିଲାବେଳେ ଦେଖିଛି । ସେମାନେ ହେଲେ : ଧନୀ ଦଳେଇ (ଜ. ୧୮୮୫), ବଳୀ ଦଳେଇ (ଜ. ୧୮୯୦), ବାହାଦୂର ଦଳେଇ (ଜ. ୧୯୦୧), କ୍ଷେତ୍ର ଦଳେଇ (ଜ.୧୯୧୩), ବିଶ୍ୱନାଥ (ଜ. ୧୯୧୦) କରୁଣା (ଜ. ୧୯୩୧), ଏହି ପାଟକର ଅନ୍ୟ ପରିବାର ହେଉଛି ରାଉତ ପରିବାର, ଯେଉଁମାନଙ୍କୁ ମୁଁ ଦେଖିଛି : ଉଛବ ରାଉତ (୧୮୯୯), ଗୁଣ୍ଡୁଚି (୧୯୦୩), ରଘୁ (୧୯୦୫), ବୃନ୍ଦା ରାଉତ (୧୮୮୫), ହାତୀ ରାଉତ (୧୯୨୪) ଭରତ ରାଉତ (୧୯୨୭) ଓ ବିଜୁଳି ରାଉତ (୧୯୩୦), ମଦନ ରାଉତ (୧୯୨୫), ଏମାନେ ସମସ୍ତେ ଏବେ ମୃତ । ଚଷାପାଟକର ଅନେକ କୁଟୁମ୍ବୀ ଅଛନ୍ତି ଯଥା ଗୁରୁ, ସ୍ୱାଇଁ ପରିବାର (ଏମାନେ ମଧ ବଡ଼ ପରିବାର), ପରିଡ଼ା ଓ ମାଝି ପରିବାର, ପ୍ରଧାନ (ପାହାନ ପରିବାର), ମାଝି ପରିବାର ଇତ୍ୟାଦି ।

କୂଅ

ପାଣି ପିଇବା ପାଇଁ କୂଅ ହିଁ ଏକମାତ୍ର ଅବଲମ୍ବନ ଥିଲା । ଗାଁରେ ଥିଲା ସର୍ବମୋଟ ୪ଟି କୂଅ । ସାଉକାର ଘର ୨ଟି କୂଅ ଥିଲା । ଗୋଟିଏ ଘର ଭିତରେ ଆଉ ଗୋଟିଏ ଘର ବାହାରେ । ବାହାର କୂଅରୁ ସାଇଲୋକେ ପାଣି ନେଉଥିଲେ । ପାଣି କାଢ଼ିବାକୁ ଅରଟ ନଥିଲା । କୂଅରେ ଖଣ୍ଡେ କାଠ ପକାଯାଇ ସେଥିରେ ଗୋଡ଼ ଦେଇ ପିତଳ ଗରା କିମ୍ବା ମାଟି ମାଠିଆରେ ଦଉଡ଼ି ବାନ୍ଧି ଆଣିବାକୁ ପଡୁଥିଲା । ଆମେ ରହୁଥିବା ସାହିରେ ଗୋଟିଏ କୂଅ ଥିଲା । ତା ନାଁ "ପାଲା" କୂଅ । ଗୋଟିଏ ତେଲୁଗୁ ପରିବାର ଯାହାଙ୍କ ବଂଶନାମ "ପାଲା" ଥିଲା, ସେମାନେ ଏହି କୂଅ ଖୋଳାଇ ଥିଲେ । ସମୟ ଅନୁମାନିକ ୧୯୩୦ ମସିହା । ସର୍ବରାକାର କ୍ଷେତ୍ର ମୋହନ ମହାପାତ୍ରଙ୍କ ଘର ଅଗଣାରେ ଗୋଟିଏ କୂଅଥିଲା ଏବଂ ଆଉ ଗୋଟିଏ କୂଅ ଥିଲା ହଜାରି ସ୍ୱାଇଁଙ୍କ ବାରିରେ । ଲୋକମାନେ ପୋଖରୀରୁ ଓ ନଈରେ ଚୁଆ କରି ପିଇବା ପାଣି ନେଉଥିଲେ । ଏବେ ଋଷନିମିଉ ନଳ କୂଅ ବିଲରେ ବସିବାରୁ ଜଳ ପତ୍ତନ ତଳକୁ ଚାଲିଗଲା । ସବୁ କୂଅ ଅକାମୀ ହୋଇଗଲା । ସରକାର ଗାଁ ମାନଙ୍କରେ ନଳକୂଅ ବସାଇବାରୁ ପାଣି ସେଠାରୁ ଅଣାଯାଉଛି । ଆହୁରି ମଧ କୁସୁମୀ ନଈରେ ବିଧିବଦ୍ଧ କୂଅ କରାଯାଇ ପି.ଏଚ୍. ବିଭାଗ ତରଫରୁ ଜଳଯୋଗାଣ ପାଇପ୍ ଦ୍ୱାରା ଆରମ୍ଭ ହେବାକୁ ଯାଉଛି ।

ସାଇକେଲ୍

ଗାଁରେ ପ୍ରଥମେ ସାଉକାରଘର ଗୋଟିଏ ବି.ଏସ୍.ଏ. ସାଇକେଲ କିଣିଲେ

Digitized by srujanika@gmail.com

୧୯୪୮ ମସିହାରେ । ତାପରେ ପରେ ଲିଙ୍ଗରାଜ ପରିଡ଼ା କିଣିଲେ । ଦୁର୍ଯ୍ୟୋଧନ ଦୋରା ବିବାହ ପରେ ଗୋଟିଏ ସାଇକେଲ ଯୌତୁକ ରୂପେ ପାଇଥିଲେ । ମୋର ବାପା ୧୯୫୨ ମସିହାରେ ଗୋଟିଏ ଫିଲିପ୍ସ ସାଇକେଲ କିଣିଥିଲେ । ଦାଦା ଦୁର୍ଯ୍ୟୋଧନ ଦୋରା ମଧ୍ୟ ବିବାହରୁ ଏକ ବି.ଏସ୍.ଏ ସାଇକେଲ୍ ଯୌତୁକ ରୂପେ ପାଇଥିଲେ । ଦରକାର ବେଳେ ପମ୍ପ ଦେବା ପାଇଁ ସାଇକେଲ କିଣିଲା ବେଳେ ପମ୍ପ କିଣାଯାଏ । ପମ୍ପକୁ ରଖିବା ପାଇଁ ସାଇକେଲ ରଡ଼ରେ ଗୋଟିଏ ଖୋପ ଥାଏ । ଖୋପର ଦୁଇପଟରେ ଗୋଜିଆ ମୁନ ଥାଇ ପମ୍ପକୁ ଧରି ରଖେ । ୧୯୫୫ ବେଳକୁ ପଞ୍ଚୁ ବେହେରା ଗୋଟିଏ ହରକ୍ୟୁଲେକ୍ସ ସାଇକେଲ କିଣି ତାଙ୍କ ପାନ ବ୍ୟବସାୟରେ ବ୍ୟବହାର କଲେ ।

ଚୌକିଦାର

ମୋର ଦେଖିବାରେ ଗାଁର ଚୌକିଦାର ଥିଲେ ଲୋକନାଥ ନାଏକ । ଗୋଟିଏ ମାତ୍ର ପାଣଘର । ତାଙ୍କୁ ଚାରି ଏକର ଜମି ମିଳିଥିଲା, ଭୋଗ ଦଖଲ କରିବାକୁ । ସପ୍ତାହକୁ ଥରେ ଶରଣକୁଳ ଥାନାରେ ହାଜିର ଦେଇ ଗାଁର ଜନ୍ମ ମୃତ୍ୟୁ ଇତ୍ୟାଦି ଖବର ଦିଅନ୍ତି । ଗାଁରେ ସଭାହେଲେ ସେ ବଡ଼ ପାଟିରେ ଲୋକଙ୍କୁ ଡାକନ୍ତି । ଗାଁରେ ଏତିକି ପରିମାଣର ଜମି ଥିଲେ ଖୁସିରେ ଜଣେ ଲୋକ ଚଳି ପାରନ୍ତା । ମାତ୍ର ସେ ଭଲ ଚଳି ପାରୁନଥିଲେ । ତାଙ୍କର ତିନଟି ଝିଅ ଓ ଗୋଟିଏ ପୁଅ ଦଣ୍ଡଧର । ପୁଅ ପାଠପଢ଼ି ଚାକିରି କଲେ । ତାଙ୍କ ଜମି ଚାଷ କରିବାକୁ ଗାଁ ଲୋକେ ମୁଲ ଲାଗନ୍ତି ନାହିଁ । କାରଣ ସେ ଅଛବ ଲୋକ । ଅନ୍ୟ ଗାଁରେ ଥିବା ତାଙ୍କର ବନ୍ଧୁ ବାନ୍ଧବମାନେ ନିଜ ନିଜର ବିଲ କାମ ସାରି ଯାଙ୍କ କାମ କଲାବେଳକୁ ଠିକ୍ ସମୟ ଗଡ଼ିଯାଇଥାଏ । ପିଲାଦିନେ ଅର୍ଥାତ୍ ୧୯୩୯ରୁ ୧୯୬୦ ପର୍ଯ୍ୟନ୍ତ ଉନ୍ନତ ଅମଳକ୍ଷମ ଧାନ ଗାଁକୁ ଆସି ନଥିଲା । ଜଳସେଚନର ସୁବିଧା ନଥିଲା । କେବଳ ମେଘ ହିଁ ଭରସା । ଦୁଆଣ୍ଟନଦୀରେ ବନ୍ଧ ପକାଇଲେ ବେଉଷଣ ବେଳେ ଯାହା କିଛି ପାଣି ମାଡ଼େ । ମରୁଡ଼ି ଥିଲା ନିତ୍ୟ ସହଚର । ଏହି ଧରଣର ଚାଷ ହେତୁ ଲୋକନାଥଙ୍କର ଫସଲ ଆଦାୟ କମ୍ ଥିଲା । ତାଙ୍କର ଏକ ମାତ୍ର ପୁତ୍ର ଦଣ୍ଡଧର (୧୯୨୬-୨୦୦୧) ଏଲ୍.ପି. ସ୍କୁଲରୁ ପାସ୍ କରି ବୃତ୍ତି ପାଇବାରୁ ଶରଣକୁଳରେ ମାଇନର ପଢ଼ିଲେ । କଟକ ଖ୍ରୀଷ୍ଟିଆନ୍ କଲେଜରୁ (ସେତେବେଳେ କଲେଜର ଏହି ନାଁ ଥିଲା) ଆଇ.ଏ. ପାସ୍ ନକରି ପାରି ଓଡ଼ଗାଁ ମାଇନର ସ୍କୁଲ୍‌ର ଶିକ୍ଷକ ହେଲେ । ଯାଙ୍କ କଥା ଅନ୍ୟ ଯାଗାରେ ବର୍ଣ୍ଣିତ ହୋଇଛି । ଲୋକନାଥ ୧୯୬୦ ମସିହାରେ ହାର୍ଣିଆ ବେମାରରେ ମୃତ୍ୟୁ ମୁଖରେ ପଡ଼ିଲେ । ପୁଅ ଦଣ୍ଡଧର ସରକାରୀ ଚାକିରୀ କରୁଥିବାରୁ, ବଡ଼ଝିଅ ମାହାଳିର ଜୁଆଇଁ କାଶୀ (ନାତୁଣୀ ସୁବର ବର) ଗାଁରେ ଚଉକିଆ ହେଲା ।

Digitized by srujanika@gmail.com

୧୯୬୫ ମସିହାରେ ଚଉକିଦାରୀ ଉଠିଯିବାରୁ ସେ ଭୋଗ କରୁଥିବା ସମସ୍ତ ଜମି କାଶୀ ନାଁରେ ରୟତି ହେଲା । ଥରେ ଗାଁ ସଭା କୌଣସି କାରଣରୁ ଏହି ପାଣ ଘରକୁ ଛୋଟିମାନା କରିବାରେ, ସେମାନେ ବ୍ୟସ୍ତ ହୋଇ ଗୋଡିରିଡ଼ା ଚାଲିଗଲେ । ସେତେବେଳକୁ ଦଣ୍ଡଧରଙ୍କର ମା' ଓ ଭଉଣୀ ବଞ୍ଚିଥିଲେ । ସେହି ପାଣଘର ଡିହକୁ ସାଉକାର ଘର କିଣି ଖଳା କରିଛନ୍ତି । ସମୟର ବିବର୍ତ୍ତନରେ ଲୋକେ ହୁଏତ ଭୁଲିଯିବେ ଯେ ଏଇ ଗାଁରେ ଗୋଟେ ପାଣଘର ଥିଲା ବୋଲି । ଅବସର ପରେ ଦଣ୍ଡଧର କଟକର ମହାନଦୀ ବିହାରରେ ଘର କିଣି ରହୁଥିଲେ । ଏବେ ସେ ମୃତ ।

ଗାଁ ଧୋବା ଘର

ମୁଁ ପିଲାବେଳୁ ଦେଖିଛି ବନସେଠୀ ଓ ତାଙ୍କ ସାନ ଭାଇ କହ୍ନେଇ ସେଠୀ ଗାଁର ସେବା କରୁଥିଲେ । ମଝିଆ ଭାଇ ବାଳିଆ ଘର ଜ୍ୱାଇଁ ହୋଇ ନୟାଗଡ଼ ଚାଲିଗଲେ । ସେମାନେ ସେବା ପାଇଁ ପ୍ରତି ପରିବାରରୁ ବର୍ଷକୁ ନିର୍ଦ୍ଦିଷ୍ଟ କିଛି ଧାନ ପାଉଥିଲେ । ଏବେ ବର୍ଷକୁ ୪ ନଉତି ପାଉଛନ୍ତି । ଛୋଟ ପ୍ରତି ଦମ୍ପତିକୁ ଏକ ପରିବାର ଭାବରେ ଧରାଯାଏ ଓ ଛୋଟ ପିଲାମାନଙ୍କୁ ହିସାବକୁ ନିଆଯାଏନି । ଧୋବାଘର ପରିବାରର ସଦସ୍ୟମାନେ ଗାଁର ଅନ୍ୟମାନଙ୍କୁ ଭାଇ, ନାନୀ ଓ ମାଉସୀ ବୋଲି ସମ୍ବୋଧନ କରନ୍ତି । ତୁଠରେ ଲୁଗା ସିଝାଇବାକୁ କାଠ ନମିଳିଲେ ମଶାଣିରୁ ଦରପୋଡ଼ା କାଠ ଆଣି ବ୍ୟବହାର କରନ୍ତି । ଲୋକ ମରିଲେ, ଧୋବା ମାଲହୋଇ ମଶାଣିକୁ ଯାଏ । କୌଣସି ସ୍ତ୍ରୀ ଲୋକ ଜନ୍ମ ନକରିପାରି ପ୍ରସୂତି ଅବସ୍ଥାରେ ମରିଗଲେ, ମଶାଣିରେ ଧୋବା ପ୍ରସୂତିର ପେଟଚିରି ମଲାଛୁଆକୁ କାଢ଼େ ଏବଂ ତା'ପରେ ଶବକୁ ପୋଡ଼େ । ଦୁର୍ବଳ କାମର 'ଦଶ' ଦିନ ଧୋବାକୁ ମଧ୍ୟ ଏକ ବନ୍ଧା ଓ ଧୋବଣୀକୁ ଏକ ମାଇପି ଲୁଗା ମିଳେ ।

ଭଣ୍ଡାରୀ ସେବା

ସାନ ଗୋରଡ଼ାର ଗଦେଇ ବାରିକ ଓ ଯାତ୍ରୀ ବାରିକ ଗାଁ ଚଷା, ଗୁଡ଼ିଆ, ଗଉଡ଼, ମହାନ୍ତି ଜାତିର ସେବା କରୁଥିଲେ । ଗୋଲଗାଁର ହରି ଡାକୁଆ, ତେଲୁଗୁ ଜାତିର ଲୋକଙ୍କୁ ସେବା କରୁଥିଲା । ହରିର ପୁଅମାନେ ମଧ୍ୟ ବାପ ସହିତ ଆସି କ୍ଷୌର କରନ୍ତି । ନହୁଣିରେ ନଖ କାଟିବା, ବୁଢ଼ା ଲୋକଙ୍କ ଗୋଡ଼ରୁ ମଲା ଚମ କାଢ଼ିବା ମଧ୍ୟ ସେବାର ଅନ୍ତର୍ଗତ । ବାର୍ଷିକ ପରିବାର ପିଛା ଏମାନେ ଧାନ ନିଅନ୍ତି । ମହାଳୟା ଶ୍ରାଦ୍ଧକୁ ଏମାନେ ପ୍ରତି ପରିବାରକୁ ପଣସପତ୍ର ଚଉପଦି ଯୋଗାନ୍ତି । ମଲା ମୁଣ୍ଡିକା କାମରେ ସାହାଯ୍ୟ

Digitized by srujanika@gmail.com

କରିବା, ଦଶାହ କର୍ମରେ ତୁଠକୁ ଲୁଗାନେବା ଓ ଦଶତୁଠରେ ଖିଅର କରିବା କାମ ମଧ୍ୟ କରନ୍ତି । ଦଶତୁଠରେ ଏବର ପ୍ରଥା ସେ ସମୟରେ ମଧ୍ୟ ଥିଲା । ପିଲାବେଳେ ମୁଁ ଦେଖିଛି, ବ୍ରାହ୍ମଣ ମାନଙ୍କ ଭୋଜନ ପାଇଁ ଯେଉଁ ଜାଉ (ଗହମ ଗୁଣ୍ଡ ଦ୍ୱାରା ଜାଉ) ତିଆରି ହୁଏ, ସେଥିପାଇଁ ଭଣ୍ଡାରୀ ପାଣି ଯୋଗାଏ, ମାତ୍ର ଅନ୍ୟ ସମୟରେ ବ୍ରାହ୍ମଣମାନେ ଭଣ୍ଡାରୀ ହାତରୁ ପାଣି ଛୁଅନ୍ତିନି । ଏବେ ତେଲୁଗୁ କୁଳକୁ ହରି ଡାକୁଆର କେହି ବଂଶଧର ସେବା କରୁ ନାହାନ୍ତି । ଭାଲିଆଡ଼ିର ଭଣ୍ଡାରୀ ଆସି କାମ କରୁଛନ୍ତି । ସାବିତ୍ରୀ ଅମାବାସ୍ୟା, ବିଭା ପୁଆଣି ଏବଂ ମଲାମୁର୍ଦ୍ଦିକାରେ, ଖଜାହାଣ୍ଡି ଭାର, ଲିଆ ଉଖୁଡ଼ା ଭାର, ପରିବା ଭାର ଇତ୍ୟାଦି କାମରେ ଏଇ ଭଣ୍ଡାରୀମାନେ ଶିକା ବାହୁଙ୍ଗିରେ ବୁହନ୍ତି । ହାଣ୍ଡିରେ ପିଠୋଉ ପାଣିରେ ବିଭିନ୍ନ ଚିତ୍ର କରାଯାଇଥାଏ । କିନ୍ତୁ ଏବେ ଦୂର ସ୍ଥାନକୁ ଭଣ୍ଡାରୀ ମାନେ ସେ ଜିନିଷକୁ ସାଇକେଲରେ ବା ଗାଡ଼ିରେ ନେଉଛନ୍ତି । ସେମାନେ ଗୋଟେ ଗାଁରୁ ଅନ୍ୟ ଗାଁକୁ ଜନ୍ମ, ମୃତ୍ୟୁ ଖବର, ନିମନ୍ତ୍ରଣ ପତ୍ର ମଧ୍ୟ ଦିଅନ୍ତି । ଥରେ ୧୯୫୬ ମସିହାରେ ବଡ଼ପୁଟରୁ ଭଣ୍ଡାରୀ ଆସି ମୋ ସାନଜେଜଙ୍କୁ ଖବର ଦେଲା "ସାଆନ୍ତେ ଆପଣଙ୍କର ନାତି ହୋଇଛି" । ସାନଜେଜେ ଖୁସି ହେଲେ ଏବଂ ବାରିକକୁ ଖୁସିରେ କହିଲେ "ଯା, ଯା, ତୋର ଗାମୁଛା ପାଚିଲା" । ବାରିକ କିଛି ନପାଇ ନିରାଶାରେ ଫେରିଲା । ସମସ୍ତେ ବହେ ହସିଲେ । ବାରିକ ଆଉ ଗାମୁଛା ପାଇନାହିଁ । ଏହି ନାତି ହେଉଛି ନାରାୟଣ ଦୋରା ଯେକି ବର୍ତ୍ତମାନ ରେଞ୍ଜର ଅଛନ୍ତି । ହରେକୃଷ୍ଣ ଦୋରାଙ୍କ (ଭେଟନାରୀ ଷ୍ଟକମ୍ୟାନ)ଙ୍କ ପ୍ରଥମ ପୁତ୍ର)

ଖଦାଳ ସାହି

ମୁଁ ପିଲାବେଳେ ଦେଖିଛି, ଗାଁର ଦକ୍ଷିଣ ପଟ ଧାଡ଼ିର ପଶ୍ଚିମକୁ ଖଦାଳ ସାହିଥିଲା । ଏମାନେ ୬ଟି ପରିବାର । ଏମାନଙ୍କର ସାଙ୍ଗିଆ ଭୋଇ । ସେତେବେଳେ ଏମାନଙ୍କୁ କେହି ଛୁଉଁ ନଥିଲେ । ମାତ୍ର ସେମାନେ ଅନ୍ୟ ଜାତିର ଲୋକଙ୍କୁ ଦଦା, ଭାଇ, ବଡ଼ବାପା ଇତ୍ୟାଦି ଡାକୁଥିଲେ । ସେତେବେଳେ ବିଭାଘର ବେଳେ ଏଇ ଭୋଇମାନେ ସବାରୀ ପାଲିଙ୍କି କାନ୍ଧେଇ ନିଅନ୍ତି । ଏଆଡ଼େ ଗଉଡ଼ ସବାରି କାନ୍ଧେଇବା ପରମ୍ପରା ନାହିଁ । ଏମାନଙ୍କର ନିଜର କିଛି ଜମି ଅଛି ଏବଂ ଶରଣକୁଳରେ ବିଜେ ଲଡୁବାବାଙ୍କର ସୁଆର ଓ ଗୁଡ଼ିଆ ଜମିକୁ ଭାଗଋଷ କରନ୍ତି । ଯେଉଁମାନେ ଅତି ଗରିବ, ସେମାନେ ଗାଁ ସାଉକାର ଘରେ କିମ୍ବା ଅନ୍ୟଲୋକଙ୍କର ହଳିଆ ଲାଗନ୍ତି । ଅନ୍ୟ ସମୟରେ

Digitized by srujanika@gmail.com

ମୂଳ ଲାଗନ୍ତି । ନଈ ପୋଖରୀ, ଦଣ୍ଡାରୁ ମାଛ ଧରି ଗାଁରେ ବିକିବା ଗରିବ ଖଦାଳଙ୍କର ନିତିଦିନିଆ କାର୍ଯ୍ୟ । ଏତଦ୍‌ବ୍ୟତୀତ ଏଇ ଖଦାଳମାନେ, କୁକୁଡ଼ା ପୋଷି, କୁକୁଡ଼ା ଓ ଅଣ୍ଡା ବିକନ୍ତି । ସେତେବେଳେ ଆଜିକାଲିକା ପରି ହାଟ ବଜାରରେ ଅଣ୍ଡା ମିଳୁ ନଥିଲା । ସାଙ୍ଗସାଥୀ ମେଳରେ ବଣଭୋଜି କଲେ ଏଇମାନଙ୍କ ଠାରୁ କୁକୁଡ଼ା କିଣାହୁଏ, ସେହି କୁକୁଡ଼ାକୁ ପାଣିରେ ବୁଡ଼ାଇ ଶ୍ୱାସରୁଦ୍ଧ କରି ମାରି ଗରମପାଣିରେ ସିଝେଇ ପର କଢ଼ାଯାଏ ।

ବାଉତୀ ଠାକୁରାଣୀ ଓ ଭାଗବତ ଘର

ଗ୍ରାମଦେବତୀ ବାଉତୀ ଠାକୁରାଣୀ ଗାଁର ପୂର୍ବପଟରେ ଗୋଟିଏ ଛଳଘର ମଣ୍ଡପରେ ପୂଜା ପାଉଥିଲେ । ୧୯୬୫ ମସିହାରେ ଏହି ଛଳଘର ପକ୍‌କା ଘରରେ ପରିଣତ ହେଲା । ଗାଁର ପୂର୍ବ ଅଂଶ ଓ ପଶ୍ଚିମ ଅଂଶରେ ଦୁଇଟି ଛଳ ଥିବା ଭାଗବତ ଘର ଥିଲା । ଏବେ ଛାତ ଘର ହୋଇ ସାରିଲାଣି । ସେତେବେଳେ ପଶ୍ଚିମପଟ ଭାଗବତ ଘରେ ସଂଧ୍ୟାରେ ଜଣେ ଭାଗବତ ପୋଥି ପଢ଼ିଲେ, ଅନ୍ୟମାନେ ବସି ପାଳି ଧରନ୍ତି । ଏବେ ୨୦୦୪ ମସିହାରୁ ଭାଗବତ ଠାକୁରଙ୍କ ସହ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତି ପୂଜା ପାଉଛନ୍ତି । ଏବେ ସବୁଦିନ ସଂଧ୍ୟା ୭ ରୁ ୯ ପର୍ଯ୍ୟନ୍ତ ଗୋଟିଏ ଭଜନ ଆସର ହେଉଛି । ପୂର୍ବପଟ ଭାଗବତ ଘରେ ରାଧାକୃଷ୍ଣ ମୂର୍ତ୍ତି ବସାଯାଇଛି । ୨୯.୧୦.୧୯୯୫ ତାରିଖରେ ପୁରୀ ମହାରାଜା ଦିବ୍ୟସିଂହ ଦେବ ଏହାକୁ ଉଦ୍‌ଘାଟନ ପାଇଁ ଆସିଥିଲେ । ଆଖପାଖ ଗାଁରୁ ୧୦ ହଜାର ଲୋକ ଯୋଗ ଦେଇଥିଲେ ।

ଗାଁ ପୋଡ଼ି

୧୯୫୩ ମସିହାରେ ଶୀତଦିନରେ ଗାଁ ପୋଡ଼ିଗଲା । ମାତ୍ର ଛରିଜଣ ଲୋକଙ୍କର ଘର ନ ପୋଡ଼ି ରହିଗଲା । କାରଣ ଏମାନଙ୍କର ଘର ଛଳ ଗାଁବାଲାଙ୍କ ସାଧାରଣ ଛଳରେ ମିଶି ନଥିଲା । ସାଉକାରଙ୍କ ପକାଘର ଛଳ ନିଆଁକୁ ବାଧା ଦେବାରେ ତାଙ୍କ ଘର ପୋଡ଼ିଲା ନାହିଁ । ଅନ୍ୟ ଯେଉଁ ମାନଙ୍କର ଘର ପୋଡ଼ିଲା ନାହିଁ, ସେମାନେ ହେଲେ - ଅଗାଧୁ ସ୍ୱାଇଁ, ହଜାରି ସ୍ୱାଇଁ ଓ ପାଣଘର । ଯେଉଁମାନଙ୍କର ମାଟିଘରରେ ଆଟୁ ଥିଲା ଅଥବା ମାରଦା ହୋଇଥିଲା ସେମାନଙ୍କର ଛଳ ଖାଲି ପୋଡ଼ିଗଲା । ମାରଦା ଅର୍ଥ ମାଟି ଓ ବାଉଁଶରେ ତିଆରି ନୂଆଣିଆ ଛାତ ଉପରେ ଛଳ ରହିବ । ଆଟୁଅର୍ଥ ମାଟି ଓ ବାଉଁଶ ତିଆରି ଫ୍ଲାଟ ଛାତ । ମାତ୍ର ସମସ୍ତଙ୍କର ଗୁହାଳ ଘର ପୋଡ଼ିଗଲା ।

Digitized by srujanika@gmail.com

ଗାଁ ପୋଡ଼ିଲା ଦିନ ମୁଁ ମୋ ମାଆ ସହିତ ମାମୁଁ ଘରେ ଥିଲି । ରାତ୍ରିବେଳେ ବଡ଼ମାମୁଁ ଘର ପୋଡ଼ି ସମ୍ବାଦ ଦେବାରୁ ମା ବ୍ୟସ୍ତ ହୋଇ ସେଇ ରାତି ରାତି ଗାଁକୁ ଫେରି ଆସିଲା । ଶୀତଦିନ ରାତ୍ରି । ଧାନ ଖଳାରେ ସମସ୍ତେ ଶୋଇଛନ୍ତି । ସକାଳୁ ଦେଖିଲା ବେଳକୁ ନିଆଁ ଲିଭିନାହିଁ । କୁହୁଳି କୁହୁଳି ଜଳୁଛି । ପାଖ ଗାଁର କମାର ମାନେ ପୋଡ଼ା କାଠରୁ କୋଇଲା ଛଡ଼ାଇବାରେ ବ୍ୟସ୍ତ । ସାଉକାର ଘର ପ୍ରତ୍ୟେକ ଘରର ପରିବାର ପିଛା ହିସାବ କରି ଚାଉଳ ଓ ଡାଲି ଦେଇଥିଲେ । ସମସ୍ତଙ୍କର ବନ୍ଧୁ ବାନ୍ଧବମାନେ ଭାତ, ତରକାରୀ ସାଙ୍ଗକୁ ପନିପରିବା ମଧ୍ୟ ଆଣିଥିଲେ । ବର୍ତ୍ତମାନପରି ସରକାରୀ ସାହାଯ୍ୟ ସେତେବେଳେ ପର୍ଯ୍ୟାପ୍ତ ମିଳୁନଥିଲା । ଘର ପୋଡ଼ିର ପ୍ରାୟ ଏକମାସ ପରେ ମାତ୍ର ୪ ଜଣଙ୍କୁ ଟ ୨୦ ମିଳିଥିଲା । ଏଥିରୁ ଦୁଇଜଣ ହେଲେ ଭରତ ଦୋରା, ଘନ ପାତ୍ର । ଆଉ ଅନ୍ୟ ଦୁଇଜଣଙ୍କର ନାମ ମୋର ମନେ ନାହିଁ ।

ଚାରି ପାଞ୍ଚ ଦିନ ଭିତରେ ଲୋକେ ଜଙ୍ଗଲରୁ କାଠ ବାଉଁଶ ଆଣି କାମକଲେ । ପୋଡ଼ିଯାଇଥିବା ଭାଗବତ ଘର ଦୁଇଟିର ଛାଳ ଏକ ବର୍ଷପରେ ହେଲା । ଠାକୁରଙ୍କ ପାଖରେ ଥିବା ସବୁ ତାଳପତ୍ର ପୋଥି ପୋଡ଼ିଯାଇଥିଲା । ଘର ପୋଡ଼ି ଫଳରେ ଗାଁର ଆଠ ପଣ ଲୋକ କଦମ ମାଳରେ ଥିବା ଢିପ ଜମିକୁ (ରାସ୍ତା କଡ଼ରେ) ଘର କରିବାକୁ ଚାଲିଗଲେ । ପ୍ରଥମେ ଦଳେଇ ପରିବାର, ରାଉତ ପରିବାର, ଗାଁ ବାହାରେ ଘର କଲେ । ଆମ ପରିବାର ଅର୍ଥାତ୍ ବାପା ଓ ସାନଦାଦା ଲିଙ୍ଗରାଜ ୧୯୬୩ ମସିହାରେ କଦମମାଳ ଆସିଲେ । ଏବେ ସେହି ବସତିକୁ "ତୋଟା ସାହି" କହୁଛନ୍ତି । କାରଣ, ଏଇ ସଡ଼କ କାନ୍ଥରେ ଅନେକ ଆମ୍ବ ଗଛ ଓ ଜାମୁ ଗଛ ଥିଲା । ବର୍ତ୍ତମାନ ଦେଖିଲେ ମୂଳଗାଁରେ ଅଛନ୍ତି ୭ପଣ ଓ ଏହି ତୋଟା ସାହିରେ ରହୁଛନ୍ତି ୯ ପଣ । ସେତେବେଳେ ଆଜିକାଲିକା ପରି ଦମକଳ ନଥିଲା । ଶୀତଦିନେ କିମ୍ବା ଖରା ଦିନେ ଗାଁ ପୋଡ଼ି ବେଳକୁ ପୋଖରୀ ଓ କୂଅ ଜଳଶୂନ୍ୟ ଥାଏ । ତେଣୁ ଘର ପୋଡ଼ିର ଭୀଷଣତା ଖରାଦିନେ ଅତି ପ୍ରଖର । ପ୍ରତିବର୍ଷ କିଛି ନା କିଛି ଗାଁ ପୋଡ଼େ ।

ଗାଁ ପୋଡ଼ି ପୂର୍ବରୁ (୧୯୪୮) ଯେଉଁମାନେ ଗାଁ ଛାଡ଼ି ରୋଡ଼ କାନ୍ଥକୁ ଚାଲି ଯାଇଥିଲେ ସେମାନେ ହେଲେ ୪ଟି ଭଟ୍ଟ ପରିବାର । ଏମାନେ ଜାତିରେ ଗୁଡ଼ିଆ । କୀର୍ତ୍ତିନିଆ ଗଉଡ଼ର ଘର ମଧ୍ୟ ରୋଡ଼ କାନ୍ଥରେ ଥିଲା । ତା ଡିହକୁ ସେ ସର୍ବରାକାରଙ୍କ ପରିବାରକୁ ବିକି ଦେଇ ରୋଡ୍ ସାଇଡରେ ଘର କରି ରହୁଥିଲା । ସେ ଗାଁର ଗାଈ ଚରାଉଥିଲା । ତାର ବାପା ଅଳ୍ପ ବୟସରେ ଚାଲି ଯାଇଥିଲେ । ଗାଁ ବାହାରେ ଏହି ଗଉଡ଼ ଘର ପଡ଼ିଶା ଘରେ ସରକାରୀ ଯାଗାରେ ଜଣେ ବର୍ମା ଫେରନ୍ତି ରହୁଥିଲେ ।

Digitized by srujanika@gmail.com

ପୁରୁଷଟି ଚଷା ଓ ସ୍ତ୍ରୀ ଜଣକ ଧୋବଣୀ । ତାଙ୍କର ଗୋଟିଏ ବୋଲି ସୁନ୍ଦରୀ ଝିଅଟିଏ ଥିଲା, ନାଁ ସୀତା । ସୀତାର ୧୬ ବର୍ଷ ବେଳକୁ ତାର ବାପା ଗାଁ ଛାଡ଼ି ଅନ୍ୟ କୁଆଡ଼େ ଚାଲିଗଲେ ଝିଅକୁ ବାହାଦେବା ପାଇଁ । ଆଉ ଦୁଇଟି ପରିବାର ଯଥା ଗୋବିନ୍ଦ ସ୍ୱାଇଁ ଓ ଗୋବିନ୍ଦ ଦାଶ ଗାଁ ଡିହ ବିକି ଅଖାରିଆ ମାଳକୁ ଯାଇ ଘର କଲେ ୧୯୪୦ ମସିହାରେ । ଅଖାରିଆ ମାଳ ଆଙ୍ଗିସିଙ୍ଗି ଗାଁ ସରହଦରେ ଅଛି ।

କୃଷକବନ୍ଧୁ ପାଠାଗାର

ଭାରତର ସ୍ୱାଧୀନତା ପରେ ନବ ଉନ୍ମେଷର ଉନ୍ମାଦନାରେ ୧୯୪୮ରେ ଗାଁର ଶିକ୍ଷିତ ଯୁବକଙ୍କ ଉଦ୍ୟମରେ ଗୋଟିଏ ପାଠାଗାର ଖୋଲିଲା । ତା'ର ନାମକରଣ କରାଗଲା, କୃଷକବନ୍ଧୁ ପାଠାଗାର । ଗାଁର ସମସ୍ତ ଲୋକ ତାଙ୍କ ଘରୁ ପୁରୁଣା ବହିମାନ ଦେଲେ । ପାଠପଢ଼ା ଯୁବକମାନେ ତାଙ୍କର ସ୍କୁଲ, କଲେଜ ବହିମାନ ଦେଲେ । ତାଙ୍କର ସାଙ୍ଗ ସାଥୀମାନଙ୍କ ଠାରୁ ମଧ୍ୟ ଯଥା କାଶୀନାଥ ସାହୁ, ଅଚ୍ୟୁତାନନ୍ଦ ପରିଡ଼ା ପ୍ରଭୃତିଙ୍କ ଠାରୁ ବହି ଆଣିଲେ । ଗାଁର ଜନସାଧାରଣ, ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରାଥମିକ ସ୍କୁଲ ଭିତରେ, ସେମାନେ ବିଶେଷ ଭାବେ ଅନୁପ୍ରାଣିତ ଓ ଉଦ୍‌ବୁଦ୍ଧ ହୋଇ ତାଙ୍କର ସକଳ ବହିମାନ ଦେଲେ । ବହିର ଦାମ୍ କମ୍ ହୋଇପାରେ, ମାତ୍ର ଦାନର ମହତ୍ୱ ଯଥେଷ୍ଟ ଅଧିକ । ମୁଁ ପରିଶିଷ୍ଟ-୩ରେ (ପୃଷ୍ଠା ୨୩୬) ବହିର ନାମ ସଙ୍ଗେ ଦାତାଙ୍କ ନାମ ଲେଖିଛି । ଏଥିରୁ ଅନେକ ଲୋକ ସ୍ୱର୍ଗବାସୀ ହେଲେଣି । ମୁଁ ସେମାନଙ୍କୁ ପିଲାବେଳେ ଦେଖିଥିବାରୁ ସେମାନଙ୍କର ମହତ୍ୱ ମନେପକାଉଛି । ଏହି ଯୁବକମାନେ ଦାନ କରିଥିବା ସେମାନଙ୍କର ସ୍କୁଲ ଓ କଲେଜ ବହିରେ ପାଟନା ବିଶ୍ୱବିଦ୍ୟାଳୟର ସିଲ୍‌ଥିବା ପାଠ୍ୟ ପୁସ୍ତକ ଥିଲା । ଗାଁକୁ କୁମ୍ଭାର, ହାଣ୍ଡି ମାଠିଆ ବିକିବାକୁ ଆସିଲେ ସେ ଅଣେ, ଦୁଇଅଣା, ଲାଇବ୍ରେରୀକୁ ଦାନ କରେ । ଗୁଡ଼ ମହାଜନ ଗୁଡ଼ କିଣିବାକୁ ଆସିଲେ ସେ ବି କିଛି ଦିଏ । ପ୍ରଥମେ ଗୋଟିଏ ଆମ୍ବ କାଠରେ ଆଲ୍‌ମିରା କରାଗଲା । ବହି ବହୁତ ହେବାରୁ ଆଙ୍ଗିସିଙ୍ଗିର ବାବାଜି ବୃନ୍ଦାବନ ଦାସ ଗୋଟିଏ ପିଆଶାଳ କାଠରେ ଗଢ଼ା ବଡ଼ ଆଲ୍‌ମିରାଟିଏ ଦେଲେ । କଟକରୁ ମୋର ବଡ଼ଭାଇ ମଦନ ମୋହନ ଦୋରା ଗାଁରୁ ଟଙ୍କା ନେଇ ୧୯୪୭-୪୮ରେ ଛପା ହୋଇଥିବା ଟ୨୦୦ର ବହି ପଠାଇଲେ । ଲାଇବ୍ରେରୀ ଭଲ ଚାଲିଲା । ଲୋକେ ବହି ନେଇ ପଢ଼ିଲେ ଓ ଠିକ୍ ସମୟରେ ଫେରାଇଲେ । ସ୍କୁଲର ସାଙ୍ଗ ପିଲାମାନେ ଲାଇବ୍ରେରୀରୁ ପାଠପଢ଼ାବହି ପାଇ ଉପକୃତ ହେଲେ । ଦଦା ଲିଙ୍ଗରାଜ ଏହି ପାଠାଗାରର ସମ୍ପାଦକ ଥିଲେ । ଗାଁ ସାଉକାରଘର ଗାଁ ପାଖ ଦଣ୍ଡାର କିଛି ଅଂଶ ପୋତି ଗୋଟିଏ ଲାଇବ୍ରେରୀ ଘରଟିଏ

Digitized by srujanika@gmail.com

କଲେ । କ୍ରମେ ଗାଁର ପାଠପଢ଼ା ଉତ୍ସାହୀ ଯୁବକମାନେ ଗାଁ ବାହାରକୁ ଚାଲିଗଲେ ଚାକିରି କରିବା ପାଇଁ । ଦାଦାଙ୍କ ପରେ ଶ୍ରୀ ବାଲୁକେଶ୍ୱର ପ୍ରଧାନ ଲାଇବ୍ରେରୀର ସେକ୍ରେଟାରୀ ହେଲେ । ମାତ୍ର ସେ ଲାଇବ୍ରେରୀ ଚଳାଇଲେ ନାହିଁ । ଯିଏ ବହି ନେଲା, ସେ ବହି ଫେରାଇଲା ନାହିଁ । ବହି ମୂଷା ଖାଇଲେ ଇତ୍ୟାଦି । ବର୍ତ୍ତମାନ ଲାଇବ୍ରେରୀ ସୁପ୍ତ । ଉତ୍ତର ପିଢ଼ି କିଛି କାମ କଲା ନାହିଁ । ସେହି ପୁରୁଣା କାଳର ବହି ଆଉ ଛପା ହେଉ ନାହିଁ । ସେ ସମୟରେ କଜଲାଇପଲ୍ଲୀର ରାଜପଣ୍ଡୀ ଲିଙ୍ଗରାଜ ମିଶ୍ର ଲାଇବ୍ରେରୀ ପ୍ରତିଷ୍ଠା କରିଥିଲେ । ସାନଗୋରଡ଼ାରେ ମଧ୍ୟ ଲାଇବ୍ରେରୀ ଚାଲୁଥିଲା । ଗାଁ ଲାଇବ୍ରେରୀରେ ଥିବା ମୋଟ ୭୮୮ଖଣ୍ଡ ବହିର ଏକ ତାଲିକା ପରିଶିଷ୍ଟରେ ଦିଆ ଯାଇଛି ।

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ମୁଁ ଭୁବନେଶ୍ୱରସ୍ଥ (ଏନ୍.ଜି.ଓ) ଶିକ୍ଷାସନ୍ଧାନର ଲାଇବ୍ରେରୀ ସହିତ ସଂଶ୍ଳିଷ୍ଟ ହେଲାପରେ ଗାଁ ଲାଇବ୍ରେରୀରୁ ତାଙ୍କର ପସନ୍ଦ ମୁତାବକ ବହୁତ ବହି Xerox କରି ଦେଇଅଛି । ୧୯୦୮, ୧୯୧୬ ଖ୍ରୀ.ଅ.ରେ ଛପାଯାଇଥିବା ସେ କାଳର ପାଠ୍ୟପୁସ୍ତକ ଦେଖି ମୋତେ ବହୁତ ଖୁସି ଲାଗେ । ସେ ସମୟରେ ମଧ୍ୟ ଛୋଟ ପିଲାଙ୍କ ପାଇଁ (Kindergarten) ବହି ଛପା ହେଉଥିଲା ।

ବଡ଼ଗୋରଡ଼ା ସେବା ସମବାୟ ସମିତି

୧୯୪୯ରେ ଗାଁରେ ଗୋଟିଏ Co-Operative Society ପ୍ରତିଷ୍ଠା ହେଲା । ସାନ ଗୋରଡ଼ା ଆଙ୍ଗିସିଙ୍ଗି, ଧୁଷୁମା ଏବଂ ବଡ଼ଗୋରଡ଼ା ଗାଁର କିଛି ଲୋକ ସଭ୍ୟ ରହିଲେ । ଏହାର ପ୍ରଥମ ସଭାପତି ଥିଲେ ସାନ ଜେଜେ କୃଷ୍ଣଚନ୍ଦ୍ର ଦୋରା । ଏବେ ଶରଣକୁଳ ରଣପୁର ରାସ୍ତା ପାଖରେ ୧୯୭୫ ମସିହାର ନୂଆଘର ତିଆର ହୋଇଛି । ୧୯୮୯ ମସିହାରେ ୧୦,୦୦୦ ଟଙ୍କା କୃଷି ଋଣଛାଡ଼ ଫଳରେ ସୋସାଇଟି ମ୍ଳାନ ହୋଇପଡ଼ିଛି ।

କୃଷକବନ୍ଧୁ କ୍ଲବ୍

୨୬.୦୯.୧୯୭୭ ରେ ଗାଁର କିଛି ଉଦ୍‌ଯୋଗୀ ଯୁବକଙ୍କୁ ନେଇ ଗଢ଼ି ଉଠିଛି କୃଷକବନ୍ଧୁ କ୍ଲବ୍ । ଏହି କ୍ଲବ୍ ଆନୁକୂଲ୍ୟରେ ଉଚ୍ଚମାନର ଖେଳ ପରିବେଷଣ କରାଯାଉଛି । ଭଲି ଟୁର୍ଣ୍ଣାମେଣ୍ଟର ଷଷ୍ଠ ବର୍ଷରେ ଏ ବର୍ଷ ତା ୨୬.୦୨.୦୯ ତାରିଖ ଦିନ ରାଜ୍ୟ ଓ ଜାତୀୟ ସ୍ତରର ଏକ ଟୁର୍ଣ୍ଣାମେଣ୍ଟ କରାଯାଇଥିଲା । ଏଥିରେ ବି.ଏମ୍. କ୍ଲବ୍, ଭୁବନେଶ୍ୱର ପୂର୍ବତଟ ରେଳବାଇ, ଜଟଣୀ, ତାମିଲନାଡୁ ଭଲି ଟିମ୍, ଛତିଶ ଗଡ଼ ଭଲି ଟିମ୍, ଇତ୍ୟାଦି ଅଂଶଗ୍ରହଣ କରିଥିଲେ ।

Digitized by srujanika@gmail.com

କଳନ୍ତର

ସେବେ କିଏ କାହାଠୁଁ ଧାନ କିମ୍ବା ଟଙ୍କା କରଜ ନେଲେ ଚଢ଼ା ସୁଧ ଦେଉଥିଲେ । ଧାନ କରଜ ଏକ ନଉତି ନେଲେ ସୁଧ ପଡ଼ିବ ଏକ ତୁମ୍ବ ଏକ ବୋଢ଼ା । (୧ ନଉତି =୨୪ ବୋଢ଼ା ଏବଂ ୧ ତୁମ୍ବ ୧ ବୋଢ଼ା = ୯ ବୋଢ଼ା) ସୁଧ ହାର ହେବ ୩୩% । ସେପରି ୧ ଟଙ୍କାର ବର୍ଷକୁ ସୁଧ ପଡ଼ିବ ୬ ଅଣା ଅର୍ଥାତ୍ ୩୬% । ଘଉଳ କରଜ ଦିଆଯାଏନି । ସେଇଟା ହାତ ଉଧାରିରେ ଗଣାଯାଏ ।

ଥିଏଟର୍

୧୯୫୦ ମସିହାର କଥା । ଦଶପଲ୍ଲାର ରାମଚନ୍ଦ୍ର ମିଶ୍ରଙ୍କର ନୂଆ ନାଟକ "ଘର ସଂସାର" ବାହାରିଲା । ସେ ବହି ଗାଁରେ ମଞ୍ଚସ୍ଥ କରାଗଲା । ୧୯୫୨ ମସିହାରେ ଲୋକଙ୍କ ମନରେ ଅଶେଷ ଆନନ୍ଦ ଓ ଉତ୍ସାହ । ଗୁଞ୍ଜୁବାରଣର ଆଡ଼ଭୋକେଟ୍ ଗଦାଧର ପଟ୍ଟନାୟକ ହେଲେ ନିର୍ଦ୍ଦେଶକ ।

ଗାଁ ଶିଶୁ ବିଦ୍ୟାଳୟରେ ରିହର୍ସଲ ହେଉଥାଏ । ପ୍ରାୟ ଏକ ମାସର ପ୍ରସ୍ତୁତି ପରେ ନାଟକ ମଞ୍ଚସ୍ଥ ହେଲା । ବହିରେ ଲେଖା ଥିଲା ପରିବେଷଣ ଅନୁମତିସାପେକ୍ଷ । ତେଣୁ ମୋ ଭାଇ (ମଦନ ମୋହନ ଦୋରା) ସାଇକେଲ୍‌ରେ ଦଶପଲ୍ଲା ଯାଇ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କୁ (୧୯୩୦-୯୨) ଭେଟି ଅନୁମତି ପ୍ରାର୍ଥନା କରନ୍ତେ ସେ ଆନନ୍ଦରେ ଅନୁମତି ଦେଲେ । ସାଉକାର ଘର ଖଦାଳ ବାରିକୁ ସଫାକରି ସେଠାରେ ଥିଏଟର୍ ମଞ୍ଚ ତିଆରି କରାଗଲା । ଏହି ଡ୍ରାମାରେ ଆଙ୍ଗିସିଙ୍ଗିର ନାରାୟଣ ରଥ, ଉଦୟନାଥ ସ୍ୱାଇଁ, ସାନଗୋଚଡ଼ାର ସୁରେନ୍ଦ୍ର ପଟ୍ଟନାୟକ, ଉଦୟ ନାଥ ପଟ୍ଟନାୟକ, ଭବାନୀ ଚରଣ ପଟ୍ଟନାୟକ ଓ ତାଙ୍କ ପୁଅ କୈଳାସ, ଗୋଲଗାଁର ଅଗାଧୁ ବେହେରା, ଗାଁର ଲିଙ୍ଗରାଜ ପରିଡ଼ା, ମଦନ ମୋହନ ଦୋରା, ରାମଚନ୍ଦ୍ର ଦୋରା, ଦୁର୍ଯ୍ୟୋଧନ ଦୋରା, ଦଣ୍ଡଧର ନାଏକ, ଲଡ୍ଡୁକିଶୋର ପଟ୍ଟନାୟକ, ରାମଚନ୍ଦ୍ର ଦୋରା (ବୁଧିଆ ଦୋରା), ହରି ପାତ୍ର, ବିଶ୍ୱନାଥ ପରିଡ଼ା ଇତ୍ୟାଦି ଅନେକ ଅଭିନୟ କରିଥିଲେ । ଏହି ଡ୍ରାମାରେ ଗାଁର ଛୋଟ ଛୋଟ ପିଲାମାନେ ସାନ ସାନ ଶିଶୁ ଭୂମିକାରେ ଅଭିନୟ କରିଥିଲେ । ସେତେବେଳକୁ ମଦନମୋହନ ସଦ୍ୟ ବି.ଏ. (B.A) ପାସ୍ କରି ପ୍ରଥମ ଥର ପାଇଁ ଫୁଲ୍ ପ୍ୟାଣ୍ଟ ପିନ୍ଧି ବିଲାତ ଫେରନ୍ତା ଯୁବକ ମିଃ. ବର୍ମା ଚରିତ୍ରରେ ଖଣ୍ଡି ଖଣ୍ଡି ଓଡ଼ିଆ କହି ଏତେ ଭଲ କଲେ ଯେ, ଘରିଆତୁ କରତାଳି ଉଠିଲା । ତାଙ୍କର ଜଣେ ବନ୍ଧୁ ପ୍ରୀତ ହୋଇ ନିଜେ ଟ ୨/- ପୁରସ୍କାର ଦେବାକୁ

Digitized by srujanika@gmail.com

ପ୍ରତିଶ୍ରୁତି ଦେଲେ । ଗାଁ ଟାଉଟର ଭୂମିକାରେ ଅଭିନୟ କରୁଥିଲେ ସାନଗୋରଡ଼ାର ପଠାଣି ପଟ୍ଟନାୟକ ଓ ଭବାନୀ ପଟ୍ଟନାୟକ । ଏମାନଙ୍କ ଭିତରୁ ଜଣେ ଗ୍ରୀନ୍ ରୁମ୍‌ରୁ ମଞ୍ଚକୁ ଆସିବା ବେଳେ ଭୂଲ୍‌ରେ ସିନ୍ ବାଉଁଶ ତାଙ୍କ କାନ୍ଧରେ ପଡ଼ିଲା । ସେ ରାଗରେ ଉଚ୍ଛନ୍ନ । ଡ୍ରାମାଟି ଦୁଇଦିନ ଧରି ଚାଲିଲା । ଟିକେଟ୍ ମଧ୍ୟ ହୋଇଥିଲା । ଚଉକିରେ ବସିବାକୁ ଟ ୩/- ବେଞ୍ଚରେ ବସିବାକୁ ଟ ୧/- ଓ ଆଗରେ (ଖାତ ଖୋଳି ତଳେ ଥିବା) ଦର୍ଶକଙ୍କ ଟିକେଟ ଥିଲା ଆଠଅଣା । ଡ୍ରାମାର ବହୁଳ ପ୍ରଚାର ପାଇଁ ମୁଁ ଓ ମୋର ସାଙ୍ଗମାନେ ଗୋଟିଏ ହାଡ଼ିବାଜା ନେଇ ୫/୬ କି.ମି. ଦୂରରେ ଥିବା ଗାଁମାନଙ୍କରେ କହିଆସିଲୁ । ସ୍ୱାଧୀନତା ପରେ ଗାଁରେ ନବଯୁବକମାନେ ପ୍ରଥମଥର ପାଇଁ ସଭ୍ୟ ଢଙ୍ଗରେ ଗୋଟିଏ ଥିଏଟର୍ ଦେଖାଇଲେ । ସେତେବେଳେ ଗାଁର ଏକତା ଥିଲା । ସର୍ବରାକାର କ୍ଷେତ୍ରମୋହନ ମହାପାତ୍ରଙ୍କୁ ଲୋକେ ଭାରି ଖାତିର କରୁଥିଲେ ।

ସେତେବେଳେ ପୁରୁଷମାନେ ହିଁ ସ୍ତ୍ରୀ ଭୂମିକାରେ ଅଭିନୟ କରୁଥିଲେ । ବର୍ତ୍ତମାନ ଗାଁରେ ଅନେକ ବହି ମଞ୍ଚସ୍ଥ ହେଲାଣି । ସାଉକାର ଘର ବ୍ରଜବଂଧୁ ପ୍ରଧାନ ନିଜେ ଜଣେ ନାଟ୍ୟକାର ଏବଂ ଦକ୍ଷ କଳାକାର । ଗାଁର ପିଲାଙ୍କୁ ମେଳାଇ ଅନେକ ବହି ମଞ୍ଚସ୍ଥ କଲେଣି । ସେ ଅନେକ ବହିରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ।

ଗାଁ ନାଚ ପାର୍ଟି

ପ୍ରାୟ ୧୯୪୭ ମସିହା ବେଳକୁ ଗାଁରେ ନାଚ ପାର୍ଟି ଗଠନ କରାଗଲା । କଲ୍ୟାଣପୁର ଗାଁର କାହ୍ନୁ ମହାନ୍ତି ହେଲେ ଓସ୍ତାଦ । ପ୍ରଥମେ ଆରମ୍ଭ ହେଲା ଏକ ଲୀଳାବନ୍ଦୀ ନାଟକ । ପୌରାଣିକ ହୋଇ ନଥିବା ନାଟକକୁ ଲୀଳାବନ୍ଦୀ କହନ୍ତି । ନାଟ ଆରମ୍ଭ ବେଳେ ହାରମୋନିୟମ ସାଙ୍ଗକୁ ଢୋଲକି, ଡୁବି ତାବଲା ମାଡ଼ରେ ସଭାସ୍ଥଳୀ କମ୍ପି ଉଠେ । ତା ସାଙ୍ଗକୁ କନ୍ନଟ ବାଜିଲେ ପରିସ୍ଥିତି ଲୋଭନୀୟ ହୁଏ ଏବଂ ଉନ୍ମାଦନା ଆସେ । ଡିବିରି ଆଲୁଅରେ ଅଭ୍ୟସ୍ତ ଗ୍ରାମବାସୀ ପେଟ୍ରୋମାକ୍ସର ଧଳା ଆଲୁଅରେ ଚମକୃତ ହୋଇ ନାଟ ଦେଖନ୍ତି ।

ନାଟ ଆରମ୍ଭରେ ୫/୬ ଜଣ ପୁଅପିଲା ଝିଅ ବେଶରେ ସଖି ହୋଇ ଆସିବେ । ସେମାନେ ଦେଶାତ୍ମବୋଧକ ଗୀତ କିମ୍ବା ଠାକୁରଙ୍କ ଗୀତ ଗାଇ ଫେରିଯିବେ । ଗୋଟିଏ ସଖୀ ଗୀତ ମୋର ମନେ ଅଛି -

"ଧନଜନ ଯୁକ୍ତ ଭାରତ ମାତା

ନମୋନମୋ ଜନନୀ ଶ୍ରୀଚରଣେ" ।

Digitized by srujanika@gmail.com

ଏବେ ୨୦୦୬ ମସିହାରେ ଏହି ଗୀତଟିକୁ ମୁଁ ଦେଖିବାକୁ ପାଇଲି । ଏହି ଗୀତଟିକୁ ଲେଖିଛନ୍ତି ଜାତୀୟ କବି ବାଞ୍ଛାନିଧି ମହାନ୍ତି (୧୮୯୭-୧୯୩୮) । ଲୀଳାବନ୍ଧୀ ନାଟକର ମଝିରେ ମଝିରେ 'ନିୟତି' ବାହାରେ । ସେ ଗୀତ ଗାଇ ଦୁଷ୍ଟଲୋକଙ୍କୁ ସାବଧାନ କରି ଫେରିଯାଏ । ଯେତେବେଳେ କୌଣସି ଗୋଟିଏ ଚରିତ୍ରର ଅଭିନେତା ନଥାନ୍ତି, ସେତେବେଳେ ହାରମୋନିୟମ ବଜାଉଥିବା ଅନ୍ତର୍ଯ୍ୟାମୀ ପରିଡ଼ା ସେଠି ବସି ଅନୁପସ୍ଥିତ ଥିବା ଅଭିନେତାର ସଂଳାପ କହିଯାଉଛନ୍ତି । ନାଟ ଭିତରେ ଯେତେବେଳେ ସ୍ତ୍ରୀ ଲୋକ ଆକ୍ରମିତ ହୁଏ, ସେ ବାମ ହାତରେ ଖଣ୍ଡା ବୁଲାଇ ଆକ୍ରମଣ ପ୍ରତିହତ କରିବ ଓ ଦୁଷ୍ଟ ଲୋକ ପରାସ୍ତ ହୋଇ ଫେରିଯିବ । ଗୋଟିଏ ନାଟକର ବିଷୟବସ୍ତୁ ଥାଏ, ରାଜାଙ୍କର ଦ୍ୱିତୀୟା ପତ୍ନୀ ସେନାପତିଙ୍କ ସହିତ ପାପ ପ୍ରଣୟରେ ଆବଦ୍ଧ । ସେ ଦୁହେଁ ରାଜାଙ୍କୁ ମିଠା କଥା କହି ପ୍ରଥମ ରାଣୀ ଓ ଯୁବରାଜଙ୍କ ବିରୁଦ୍ଧରେ ରାଜାଙ୍କୁ ମତାଉଥିବେ । ରାଜା କ୍ରୋଧରେ ବଡ଼ରାଣୀଙ୍କୁ ଦଣ୍ଡ ଦେବା ପାଇଁ କହୁଥିବେ । ଏହି ସମୟରେ ପିଲାମାନେ ଛୋଟ ପାଟିରେ ରାଜାଙ୍କୁ ପାଟି କରି କହନ୍ତି, "ରାଜା । ତୁ ସାନ ରାଣୀକୁ ବିଶ୍ୱାସ କରନା" । ଆମ ଗାଁ ନାଚ ପାର୍ଟିରେ ମିଶିଥିବା ବ୍ୟକ୍ତିମାନେ ହେଲେ - ଲିଙ୍ଗରାଜ ଦୋରା (ନାଚପାର୍ଟିର ସେକ୍ରେଟାରୀ), ରାମଚନ୍ଦ୍ର ଦୋରା (ବୁଧିଆ ଦୋରା), ବାସୁଦେବ ଦୋରା (ଦାଙ୍ଗିଡ଼ି ବିମ୍ବୁ), ଶ୍ୟାମ ସୁନ୍ଦର ଦୋରା, ତ୍ରିନାଥ ଦୋରା, ଇତୁକିଶୋର ପଟ୍ଟନାୟକ, ହରି ପାତ୍ର, ଦୟାନିଧି ଦାସ, କିର୍ତ୍ତନ ସ୍ୱାଇଁ (ଅଗାଧୁ ସ୍ୱାଇଁଙ୍କ ପୁଅ), ବାଞ୍ଛା ଭଟ୍ଟ, ଦନେଇ ପ୍ରଧାନ ଓ ତାଙ୍କ ଭଣଜା ଗମେଇର ଛାଟିଆ ସ୍ୱାଇଁ, ଅନ୍ତର୍ଯ୍ୟାମୀ ପରିଡ଼ା (ସେ ହାରମୋନିଅମ୍ ବଜାନ୍ତି), ବିଶ୍ୱନାଥ ପରିଡ଼ା, ହଜାରି ପରିଡ଼ା (ଦାମ୍ଭ) ମେଳିଆ ସ୍ୱାଇଁ, ଛାଟିଆ ସ୍ୱାଇଁ (ବାସୁ ସ୍ୱାଇଁଙ୍କ ବଡ଼ପୁଅ), ହଜାରୀ ଲେଙ୍କା, ସମାରୀ ପ୍ରଧାନ ଇତ୍ୟାଦି । ସେ ବେଳର ନାଚପାର୍ଟି ଅନେକ ବର୍ଷହେଲା ଭାଙ୍ଗିଗଲାଣି । ଅନ୍ୟ ଗାଁରୁ ବହିଣା ପାଇ ନାଚ ଦଳ ମଧ ଗାଁକୁ ଆସନ୍ତି । ଗାଁ ମଝିରେ ନାଚ ହୁଏ ଓ ଗାଁ କୋଠରୁ ଚାନ୍ଦାକରି ତାଙ୍କ ପାଉଣା ଦିଆଯାଏ । ସେ ସମୟରେ ପାଖ ଗାଁ ଆଙ୍ଗିସିଙ୍ଗିରେ କାଳୀୟଦଳନ ନାଟକ ହେଉଥିଲା । ବହିଟିରେ ବହୁତ ବଙ୍ଗୀୟ ସଂଳାପ ଅଛି । କାଳୀୟଦଳନ ନାଟକରେ ଗୋଟିଏ ଶଗଡ଼ ଚକର ଅଖକୁ ପୋତି ଦିଆଯାଏ, ଯେପରି ଚକ ଉପରେ ରହିବ, ଏବଂ ଚକକୁ କନା ଦ୍ୱାରା ଆବଦ୍ଧ କରି ଖାଲି ଯାଗାରେ ଅରସନ୍ଧିରେ ପଦ୍ମ ଫୁଲ ରଖି ପୋଖରୀ ସଦୃଶ କରାହେବ । କହ୍ନେଇ ବେହେରା ନାଟକରେ କୃଷ୍ଣ ହୁଅନ୍ତି । ଚକର ଅରସନ୍ଧିରୁ କାଳୀୟ ସର୍ପ ବାହାରି କୃଷ୍ଣଙ୍କୁ ଦଂଶିବା କଥା । ମାତ୍ର କହ୍ନେଇ ବେହେରା କହିଥାନ୍ତି "ମୋତେ କାଳୀୟ ଦ୍ୱାରା ଦଂଶାଇବ ନାହିଁ, ମୁଁ କାଳୀୟକୁ ଦେଖୁ ଦେଖୁ ମୁର୍ଚ୍ଛା ହୋଇଯିବି" । କୃଷ୍ଣ ମୁର୍ଚ୍ଛାଗଲେ ନିଦ ଛାଁ ଆସିଯାଏ ।

Digitized by srujanika@gmail.com

ଗରୁଡ଼ ଆସିଲା ପରେ କୃଷ୍ଣ ମୂର୍ଚ୍ଛାରୁ ଉଠିବା କଥା ମାତ୍ର କୃଷ୍ଣ ଉଠନ୍ତି ନାହିଁ । ଯଶୋଦା ଓ ରୋହିଣୀ କୃଷ୍ଣଙ୍କୁ ଉଠେଇବା ଗୀତ ଗାଇଲା ବେଳେ କୋରରେ ଚିମୁଟନ୍ତି । କୃଷ୍ଣ ଗୋପରେ ଗୋବତ୍ସ ପାଳନ ବେଳେ ପିଲାମାନେ ମୁଣ୍ଡରେ ପାଳଧୁଆ କାଠର ମୁଣ୍ଡଖୋଳ ଲଗାଇ ଗାଈ ବାଛୁରି ପରି ଗୁରୁଣ୍ଡି ଗୁରୁଣ୍ଡି ଚାଲନ୍ତି । ଏହି ଆଙ୍ଗିସିଙ୍ଗି ଗାଁରେ ନାଟ ଶିଖିବା ବହୁତ ପୁରୁଣା । ଏହି ଗାଁର ପଞ୍ଚୁ ବେହେରା ଥରେ ମୋତେ କହୁଥିଲେ ରାମେଶ୍ୱରର ଗୋକୁଳାନନ୍ଦ ପଟ୍ଟନାୟକ (୧୮୮୩-୧୯୪୬), ପ୍ରସିଦ୍ଧ କବି ତାଙ୍କ ଗାଁ ନାଟ ପାର୍ଟିର ଓସ୍ତାଦ ଥିଲେ ।

ଗାଁ ପାଖ ଆମ୍ବଡ଼ାପୁରର ରାମଲୀଳା ସେ ସମୟରେ ପ୍ରସିଦ୍ଧ ଥିଲା । ଏହି ରାମଲୀଳାର ଲେଖକ ଥିଲେ ବାଙ୍କୋଇର ଅନଙ୍ଗ ନରେନ୍ଦ୍ର (ସମୟ ୧୮ଶ ଶତାବ୍ଦୀ) । ଏହି ଲୀଳାରେ ଗାୟକ ମଞ୍ଚରେ ଛିଡ଼ା ହୋଇ ଅନର୍ଗଳ ଗୀତ ଗାଇବେ । ନାଚର ଚରିତ୍ର ମାନେ ମଧ୍ୟ ସେ ତାଳରେ ଗୀତ ଗାଇବେ । ସୀତା ନିଜେ ଗାଇବେ "ସୀତୟା କହନ୍ତି ଶୁଣ ଆହେ ରଘୁନାଥ" । ରାବଣ ମଧ୍ୟ କହିବ "ତାହା ଶୁଣି ରାବଣ ଯେ ଟହ ଟହ ହସେ" । କୋଡ଼ିଏ କାହାଣିୟା ଓ ମାଛିପଡ଼ାର ରାମଲୀଳା ମଧ୍ୟ ପ୍ରସିଦ୍ଧ । ଗଞ୍ଜାମ ଜିଲ୍ଲାରୁ ଆସେ ଦୁଆରୀ ନାଚ । ଏବେ ନୟାଗଡ଼ରେ ମଧ୍ୟ ସେ ନାଚ କଲେଣି । ଏଥିରେ ଦ୍ୱାରୀର ମୁଖ୍ୟ ଭୂମିକା ରହେ । ଏଥିରେ ମହାଭାରତରେ ବର୍ଣ୍ଣିତ ସୁଭଦ୍ରା ଅର୍ଜୁନ ପରିଣୟ ଚରିତ ପରିବେଷଣ କରାଯାଏ । ସତ୍ୟଭାମା ସୁଭଦ୍ରାଙ୍କୁ ନେଇ ଅର୍ଜୁନଙ୍କ ପୁରକୁ ଯାନ୍ତେ, ଦ୍ୱାରୀ ତାଙ୍କୁ ବିଭିନ୍ନ ପ୍ରଶ୍ନ କରେ । ଅର୍ଜୁନଙ୍କ ବିଭିନ୍ନ ନାମ ଧରି ସତ୍ୟଭାମା ଡାକନ୍ତେ ଅର୍ଜୁନ ନିଦ୍ରାରୁ ଉଠି ପଚାରନ୍ତି ମୋର ଦଶନାମ କିଏ ଜାଣି ଡାକୁଛି । ଅର୍ଜୁନଙ୍କ ଦଶନାମ ହେଉଛି : ଅର୍ଜୁନ, ପାର୍ଥ, ଫାଲ୍‌ଗୁନୀ, ବିଜୟୀ, ଧନଞ୍ଜୟ, ସବ୍ୟସାଚୀ, ଦ୍ୱିତୀକୃଷ୍ଣ, ଧନୁର୍ଜୟୀ, ଶ୍ୱେତବାହାନ, କିରିଟୀ । ଏ ଲୀଳାରେ ଦ୍ୱାରୀ ସାହିତ୍ୟ, ଅଳଙ୍କାର ଫୁଟାଏ । ଥରେ ଖଣ୍ଡପଡ଼ା ରାଜା ନୟାଗଡ଼ର ଦ୍ୱାରୀନାଚ ଡକାଇଲେ । ମାତ୍ର ସେ ଅସନ୍ତୁଷ୍ଟ ହେଲେ । କାରଣ ଦ୍ୱାରୀ ଯେଉଁ ସଂଳାପ କହିଲା, ସେଥିରେ ଥିଲା : ଅର୍ଜୁନଙ୍କୁ ଅନାଇ ଦ୍ୱାରୀ କହୁଛି କହିଦେବି ହେ, "ତମ ମାଙ୍କ ଗୁଣ, କହିଦେବି ହେ ତମ ବାପାଙ୍କ ଗୁଣ" ଇତ୍ୟାଦି । ଦ୍ୱାରୀ ଯେ ରାଜାଙ୍କୁ ଅବମାନନା କରି କହିବ, ଏହା ତାଙ୍କୁ ସୁଖ ଲାଗିଲାନି ।

ଆମ ଗାଁ ପାଖାପାଖି ଯେଉଁ ଗାଁ ଗୁଡ଼ିକରେ ନାଟ ହେଉଥିଲା ସେଗୁଡ଼ିକ ହେଲା, ଆଙ୍ଗିସିଙ୍ଗି, ଶିଖରପୁର, ଭାଡ଼ିକିଳା, ସାଂପୁର । କେଶପାନିଆ ଗାଁରେ ଯେବେ ନାଚ ଶିଖା ଆରମ୍ଭ ହେଲା, ସେତେବେଳେ ତାର ଉଦ୍ୟୋକ୍ତା ଥିଲେ ମଧୁ ଦୋରା ଓ ଫକୀର

Digitized by srujanika@gmail.com

ଦୋରା । ନାଟ ଆରମ୍ଭ ହେଲେ ପ୍ରଥମେ ସଖୀ ଦଳ (୫/୬ ଜଣ) ପ୍ରଥମେ ବାହାରିବେ ଠାକୁରଙ୍କ ଗୀତ ଗାଇବାକୁ । ବେଶ ଘରୁ (ଗ୍ରୀନ୍ ରୁମ୍) ଏହି ୫/୬ଜଣ ସଖୀ ପିଲା ବାହାରିଲା ବେଳେ ଆଗରେ ମଧୁ ଦୋରା ଚାଲିବେ ଓ ତାଙ୍କ ପଛେ ପଛେ ସଖୀ ପିଲା ଆସିବେ । ଷ୍ଟେଜ୍‌ରେ ଗୋଟିଏ ରାଉଣ୍ଡ୍ ବୁଲି ସାରିଲା ପରେ ମଧୁ ଦୋରା ସେହି ଷ୍ଟେଜର ଗୁରୁଙ୍କ ପାଖରେ ବସିବେ ଓ ସଖୀପିଲାଗଣ ତାଙ୍କ ଗୀତ ଆରମ୍ଭ କରିବେ । ମଧୁ ଦୋରା ଆଗରେ ଆସିବାର କାରଣ ହେଲା ପିଲାଗୁଡ଼ା ଷ୍ଟେଜକୁ ଆସିବାକୁ କାଳେ ଡରିବେ, ଏଥିପାଇଁ ଆଗେ ଆଗେ ଚାଲିବେ ।

ଗାଁର ଦୁଇ ମୁଖ୍ୟ ପରିବାର ପରିଡ଼ା ଘର ଓ ସାଉକାର ଘର ମଧ୍ୟରେ ସମ୍ପର୍କ ସେତେ ଭଲ ନଥିଲା । କ୍ଷେତ୍ରମୋହନ ମହାପାତ୍ର କୁବେର ଲୋକନାଥ ପ୍ରଧାନଙ୍କ ଝିଅ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ । କିନ୍ତୁ ଅକାଳରେ ପୁଅ ବାଳକୃଷ୍ଣର ୧୨ ବର୍ଷରେ ଧନୁଷ୍ଟଙ୍କାରରେ ମୃତ୍ୟୁ, ସ୍ତ୍ରୀ ଲକ୍ଷ୍ମୀଙ୍କ (ନଖି)ର ମୃତ୍ୟୁପରେ ଦୁଇ ପରିବାରର ବନ୍ଧନ ତୁଟିଗଲା । ଗାଁ ନାଚପାର୍ଟିର ମୁଖ୍ୟ ଥିଲେ ଅନ୍ତର୍ଯ୍ୟାମୀ ପରିଡ଼ା । ତେଣୁ ଏହି ନାଟକକୁ ସମତୁଲ କରିବା ପାଇଁ ୧୯୪୯ରେ ସାଉକାର ଘର ଗୋଟିଏ ଗ୍ରାମ୍‌ଫୋନ୍ କିଣିଲେ । ଲୋକେ ପ୍ରଥମ କରି ଗ୍ରାମଫୋନ୍ ଦେଖିଲେ । ଗୀତ ମଧ୍ୟରେ ଥିଲା 'ଶ୍ରୀ ରାଧା ବାତୁଳୀ', 'ଦିନେ ଦିନେ ଚାତୁରୀ', 'ମକରାରେ କହନା ତୋ ବାବୁଆଣି କଥା', 'ମନ୍ତ୍ରୀ ମଖୁ ଶୁଣି', 'ନାବକେଳି' 'ମହାଭାରତର ନାଟକ ସଂଳାପ' କଥା ଇତ୍ୟାଦି ଇତ୍ୟାଦି । ଏବେ ଗାଁରେ ନାଚପାର୍ଟି ଆଉ ନାହିଁ ଓ ସେହି ସାଉକାର ଘରର ପୁରୁଣା ଗ୍ରାମ୍‌ଫୋନ୍ ଯାଦୁଘରର ବସ୍ତୁରୂପେ ପଡ଼ିଛି । ସେ ସମୟରେ କେଶରପୁର ହଜାରି ଘର ଗୋଟିଏ ଗ୍ରାମ୍‌ଫୋନ୍ ମଧ୍ୟ କିଣିଥିଲେ ।

ସ୍ୱାଧୀନତା ଆନ୍ଦୋଳନ

ବହୁତ ପୂର୍ବରୁ ସାରା ଭାରତରେ ସ୍ୱାଧିନତା ଆନ୍ଦୋଳନ ଚାଲିଥିବା ବେଳେ ଅସହଯୋଗ ଆନ୍ଦୋଳନ ଓଡ଼ିଶାରେ ପ୍ରାୟତଃ ୧୯୨୧ ମସିହାରୁ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ଆରମ୍ଭ ହେଲା । ଗଡ଼ଜାତ ଆନ୍ଦୋଳନ ୧୯୩୮ ମସିହାରେ ରୂପ ନେଲା । ୧୯୪୬ ମଇ ମାସ ୨୬ ତାରିଖରେ ଗାଁ ପାଖ ଗୋଡ଼ିପଡ଼ାର ପ୍ରଜାମଣ୍ଡଳର ମୁଖ୍ୟ କର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ଦାସଙ୍କ (ଜ. ୧୯୧୫) ଉତ୍ସାହ ବଳରେ ନୟାଗଡ଼ ଗଡ଼ଜାତର ତୃତୀୟ ଅଧିବେଶନ ଆରମ୍ଭ ହେଲା ଗୋଡ଼ିପଡ଼ାରେ । ତିନିଦିନ ଧରି ଏହି

Digitized by srujanika@gmail.com

ସମ୍ମିଳନୀରେ ଦିନେ ସଭାପତିତ୍ୱ କରିଥିଲେ ଢେଙ୍କାନାଳର ଗଡ଼ଜାତ ନେତା ମହେଶ ଚନ୍ଦ୍ର ସୁବାହୁସିଂହ । ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ରହିବା ଓ ଖାଇବା, ପିଇବାର ବନ୍ଦୋବସ୍ତ ହୋଇଥିଲା । ଲୋକେ ନବ ଉନ୍ମାଦନାରେ ଉତ୍ସାହିତ ହୋଇ ହଳ ଶଗଡ଼ରେ ଜଙ୍ଗଲରୁ ତାଳପତ୍ର ଆଣି ବହୁତ କୁଡ଼ିଆ ମଞ୍ଚ ଇତ୍ୟାଦି ତିଆରି କରିଥିଲେ । ଏହି ସମୟକୁ ମୋର ବୟସ ହୋଇଥିଲା ୭ ବର୍ଷ । ଗାଁର ବହୁତ ଲୋକ ଗୋଡ଼ିପଡ଼ାରେ ଅନୁଷ୍ଠିତ ଅଧିବେଶନକୁ ଦେଖିବା ପାଇଁ ଯାଇଥିଲେ । ମୁଁ ମଧ ଚାଲି ଚାଲି ଯାଇଥିଲି । ଲାଉଡ଼ ସ୍ପିକର୍ ଲାଗିଥିବାରୁ କଥା ଜୋର୍‌ରେ ଶୁଭେ । ମୋର ଗୀତ ମଧ ମନେ ଅଛି "ଚଷା ଭାଇରେ ତୋ କରମ କେଡ଼େ ହୀନିମାନ" । ଭୋଜି ଖାଇବାର ଦୃଶ୍ୟ ଏବେ ବି ଆଖି ଆଗରେ ସ୍ପଷ୍ଟ ଭାବରେ ନାଚିଯାଏ । ରୋଷେଇବାସ ଚାଲିଥାଏ । ଲୋକମାନେ ଜାତିବର୍ଣ୍ଣ ନିର୍ବିଶେଷରେ ଧାଡ଼ି ଧାଡ଼ି ବସି ଭୋଜି ଖାଉଥାନ୍ତି । ଏହି ଭୋଜିରେ କେଶପାନିଆ ଗାଁର କମ୍ୟୁନିଷ୍ଟ ନେତା ବାସୁଦେବ ଦୋରା ଏବଂ ବଡ଼ଗୋରଡ଼ା ଗାଁର ଉଦୀୟମାନ ହାଇସ୍କୁଲ୍ ଛାତ୍ର ଦଣ୍ଡଧର ନାଏକ (ଜାତିରେ ହରିଜନ) ଏକାଠି ବସି ଗୋଟିଏ ପତ୍ରରେ ଭୋଜି ଖାଇଲେ । ଏହି ସମୟରେ ଜାତିପ୍ରଥା ଅତି ଉତ୍କଟ ଥିଲା । ଲୋକେ ହରିଜନ ମାନଙ୍କୁ ଛୁଉଁନଥିଲେ ଜାତି ଅଜାତିର ଭାବନା ଭୟଙ୍କର ଥିଲା । ଏହି ଘଟଣାକୁ କେନ୍ଦ୍ର କରି ଲୋକେ ଗାଇଲେ-

ଶ୍ରୀଧର ଦାସ

"ଗୋଡ଼ିପଡ଼ା ଅଧିବେଶନ, ମଝିରେ ବସିଛି ଦଣ୍ଡୁଆ ପାଣ" ।

ଏଇ ଇଲାକାର ପ୍ରାୟ ୨୦ କି.ମି. ବ୍ୟାସାର୍ଦ୍ଧରେ ଏହି ଦଣ୍ଡଧର ନାଏକ ଏକମାତ୍ର ଦୀପ୍ତିମାନ ଯୁବକ ଯେକି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ ପଢୁଥିଲେ । ସେ ସମୟରେ ଉଚ୍ଚ ମଧ୍ୟବିତ୍ତ ପରିବାର ପିଲାମାନେ ମଧ ହାଇସ୍କୁଲରେ ପଢୁନଥିଲେ । ତତ୍‌କାଳୀନ ଅଛବ ପିଲାଙ୍କ ପଢ଼ିବା କଥା କ'ଣ କୁହାଯିବ? ଗତ ୧୯ ତାରିଖ ଜୁଲାଇ ମାସ (୨୦୦୬ ମସିହା) କମ୍ୟୁନିଷ୍ଟ ନେତା ବାସୁଦେବ ଦୋରାଙ୍କ ସାଥିରେ ମୁଁ କଥା ହେଉଥିଲାବେଳେ ସେ କହିଲେ "ମୁଁ ନୟାଗଡ଼ ହାଇସ୍କୁଲରେ ପଢୁଥିବାବେଳେ ମୋର ୨ଟି ତଳ ଶ୍ରେଣୀରେ ପଢୁଥିଲେ ଦଣ୍ଡଧର । ତାଙ୍କୁ ରୁମରେ ରଖିବାକୁ କେହି ରାଜି ହେଉନଥିଲେ । ମୁଁ ତାଙ୍କୁ ଅଭୟ ନେଇ ମୋ ରୁମ୍‌ରେ ରଖିଲି ଏବଂ କୂଅରୁ ପାଣି ଆଣିଲାବେଳେ ମୁଁ ଠିଆ ହୋଇ ପାଣି କଢ଼େଇଲି ।"

Digitized by srujanika@gmail.com

ଗାଁର ବିଦ୍ୟାଧର ପଟ୍ଟନାୟକ ଏବଂ ଗୋପୀନାଥ ପରିଡ଼ା କଂଗ୍ରେସରେ ମିଶିଥିଲେ । ସେମାନେ ଗାନ୍ଧୀଟୋପି ପିନ୍ଧି କଂଗ୍ରେସ ପତାକା ଧରି ପ୍ରଚାର କରିବାକୁ ଗାଁ ଗାଁ ବୁଲୁଥିଲେ । ଗୋପୀନାଥ ପରିଡ଼ା ବହୁତ ଦିନ ବଞ୍ଚିପାରିଲେ ନାହିଁ । ସେ ପେଟ ରୋଗରେ ଆକ୍ରାନ୍ତ ହୋଇ ଆର ପାରିକୁ ଚାଲିଗଲେ । ପୂର୍ବରୁ ଥରେ ସେ ଏକ ବର୍ଷଣ ଅନ୍ଧାର ରାତ୍ରିରେ ଛେଳି ଖୋଜିଲା ବେଳେ ଭାଲୁ ଛୁଆକୁ ଛେଳି ବୋଲି ଭାବି ଧରି ପକାଇବାରୁ ମା' ଭାଲୁ ତାଙ୍କ ପେଟ ଚିରିଦେଲା । ସେ ଡାକ୍ତରଖାନା ଯାଇ ଭଲହେଲେ । ପରେ ସେହି ପେଟ ରୋଗରେ ଚାଲିଗଲେ । ବିଦ୍ୟାଧର ପଟ୍ଟନାୟକ ଭାରତ ସ୍ୱାଧୀନତା ପାଇଲା ପରେ ଆରପାରିକୁ ଚାଲିଗଲେ । ସେ ସଂଗ୍ରାମୀ ଭତ୍ତା ପାଇନାହାନ୍ତି ।

କ୍ଷେତ୍ରମୋହନ ମହାପାତ୍ର

ଏହି ଗଡ଼ଜାତ ପ୍ରଜା ଆନ୍ଦୋଳନ ବେଳେ ଗାଁରେ ଯୁବକଦଳ ଗଠିତ ହୋଇଥିଲା । ଏହି ଯୁବକ ଦଳ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ବିଶେଷ ଥିଲା । ଏଥିରେ ୧୮-୨୦ ବର୍ଷର ଯୁବକମାନେ ଯୋଗ ଦେଇଥିଲେ । ଗାଁ ପାହାଡ଼ତଳେ ପାରେଡ୍ ହୁଏ । ଆଇ.ଏନ୍.ଏ. ଫେରନ୍ତା ବଂଶୀଧର ଦାସ ବାୟାଁ ଚଲୋ, ଡାୟାଁ ଚଲୋ, କହିବାର ମୋର ମନେ ଅଛି । ଏହି ଯୁବକ ଦଳ ଗଠନ ବେଳେ ଗାଁର ସର୍ବରାକାର କ୍ଷେତ୍ରମୋହନ ମହାପାତ୍ର ଯୁବକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ "ଯା'ର ଜୀବନକୁ ଆଶା ନାହିଁ, ସିଏ ଯୁବକ ଦଳରେ ମିଶୁ" । ବର୍ତ୍ତମାନ ସେହି ଯୁବକଦଳର ମାତ୍ର ୨ ଜଣ କର୍ମୀ ୮୨ ବର୍ଷରେ ଉପନୀତ ହୋଇଛନ୍ତି ।

ଇଣ୍ଡିଆନ୍ ନ୍ୟାସ୍‌ନାଲ୍ ଆର୍ମି

ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଇଣ୍ଡିଆନ୍ ନ୍ୟାସନାଲ୍ ଆର୍ମି ଦଳ ଗଢ଼ିଥିଲେ । ଏହି ଇଣ୍ଡିଆନ୍ ନ୍ୟାସନାଲ୍ ଆର୍ମି ଦଳରେ ଗାଁର ଏକମାତ୍ର ବ୍ୟକ୍ତି ବଂଶୀଧର ଦାସ ମିଶିଥିଲେ । ସେ ଯେତେବେଳେ ଗାଁକୁ ଫେରିଲେ, ତାଙ୍କର ଅନୁଭୂତି ବର୍ଣ୍ଣନା କଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଥାନ୍ତି । ସେ ଖାକି ଡ୍ରେସ ଓ ମୁହଁରେ ମୁଖା ପିନ୍ଧି ତାଙ୍କ ବେଶ ଦେଖାନ୍ତି । ସେ ଅନେକ ଗୁଡ଼ିଏ ଭାଷା ଜାଣିଥିଲେ ବୋଲି କହୁଥିଲେ । ସାରା ଦେଶ ଏବଂ ବର୍ମା, ଇଣ୍ଡୋନେସିଆ, ଜାପାନ ପ୍ରଭୃତି ଦେଶ ସେ ବୁଲିଛନ୍ତି । ସେ ସଂଗ୍ରାମୀ ଭତ୍ତା ପାଇଛନ୍ତି । ତାଙ୍କର ୨୦ ବର୍ଷ ହେଲା ମୃତ୍ୟୁ ହେଲାଣି । ମୃତ୍ୟୁପରେ ତାଙ୍କ ସ୍ତ୍ରୀ ଭତ୍ତା ପାଉଛନ୍ତି ।

Digitized by srujanika@gmail.com

ଧାନ ଚାଷ

ମୁଁ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ଗାଁରେ ଥିଲି । ମାଟ୍ରିକ୍ ପାସ୍ କଲାପରେ କଟକ ଇଞ୍ଜିନିୟରିଂ ସ୍କୁଲରେ ପଢ଼ିବା ପାଇଁ ଗାଁ ଛାଡ଼ିଲି । କେବଳ ଶରଣକୂଳରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ବର୍ଷକ ପାଇଁ ହଷ୍ଟେଲରେ ରହିଥିଲି । ଏହି ୧୮ ବର୍ଷ ବୟସରୁ ପ୍ରଥମ ୫ ବର୍ଷ ଧୂଳି ଖେଳରେ ଗଲେ ବାକି ୧୩ ବର୍ଷରେ ମୁଁ ଗାଁର ଅନେକ କଥା ଲକ୍ଷ୍ୟ କରିଛି । ଶ୍ରାବଣ ଭାଦ୍ରବ ମାସ ବେଳକୁ ଗାଁର ୧୦/୧୨ ଜଣଙ୍କର ଘରକୁ ଛାଡ଼ିଦେଲେ କାହା ଘରେ ଧାନ ନଥାଏ । ସମସ୍ତେ ସାଉକାର ଘରକୁ ଧାନ ଆଣିବା ପାଇଁ ଯାଆନ୍ତି । କୁବେର ଲୋକନାଥ ପ୍ରଧାନଙ୍କ ପରିବାରକୁ ସାଉକାର ଘର କହନ୍ତି । ଲୋକନାଥ ପ୍ରଧାନଙ୍କ ଜେଜେ ଅନ୍ଧଥିଲେ । ତାଙ୍କ ଅମଳରୁ ସମ୍ପତ୍ତି ଆରମ୍ଭ ହେଲା । ଆମ ଗାଁ ବ୍ୟତୀତ ଆଖପାଖ ୨୦/୩୦ ଖଣ୍ଡ ଗାଁର ଲୋକେ, ତାଙ୍କ ଘରକୁ ଧାନ କରଜ ନେବାପାଇଁ ଆସନ୍ତି । ମୁଁ ଲକ୍ଷ କରିଛି ୧୯୪୫ ଠାରୁ ୧୯୬୭ ପର୍ଯ୍ୟନ୍ତ ଧାନ ଦିଆଯାଏ ଦେଢ଼ି ସୁଧରେ ।

ଧାନ ଅମଳ ମାର୍ଗଶୀର ଓ ପୁଷ ମାସରେ ହୁଏ । ଖଳାରୁ ଧାନ ଅମଳ ବେଳେ ଏଇ କରଜ ଧାନକୁ ସାଉକାର ଘରକୁ ସୁଝି ଦିଅନ୍ତି । କରଜର ସମୟ ମାତ୍ର ୫ ମାସରୁ କମ୍ । ଏ ସମୟରେ ଧାନ ଅମଳ ବହୁତ କମ୍ ଥିଲା । ଉନ୍ନତ ଧରଣର ସାର ଓ ବିହନର ପ୍ରୟୋଗ ନଥିଲା । ମରୁଡ଼ି ହେଲେ, ଡେଣ୍ଡା ଓ ସେଣାରେ ପାଣି ବୁହାଇ ଜମିରେ ମଡ଼ାଯାଏ । ତାହା ମଧ୍ୟ ଅତି ସୀମିତ । ଠିକ୍ ସମୟରେ ବର୍ଷା ନ ହେଲେ ଧାନ ବେଉଷଣ ଡେରିରେ ହୁଏ । ଦୁଆଣ୍ଟ ନଦୀରେ ବନ୍ଧ ପକାଇଲେ ଖମାରେ ପାଣି ଆସି ଗହୀରରେ ମାଡ଼େ । ଧୂଷୁମା ଓ ଶିଖରପୁର ବନ୍ଧରୁ ପାଣି ଆସି ଜମିରେ ମାଡ଼େ । ତାକୁ ନିଗିଡ଼ା ପାଣି କହନ୍ତି । ଯଦି ପାଳକ ଭଲ ହୁଏ ତେବେ ମାଣକୁ ଧାନ ୪୦ ନଉତି ଅମଳ ହୁଏ । ଗାଁ ମୁଣ୍ଡ ଜମିରେ ମାଣକୁ ୬୦ ନଉତି (୫ ବସ୍ତା) ହେଲେ ବେଶି । କିନ୍ତୁ ଯୁଗ ବଦଳିଲା । ଉନ୍ନତ ଅମଳକ୍ଷମ ବିହନ, ଉନ୍ନତ ସାର, ଜଳସେଚନର ସୁବିଧା, ଭୂତଳ ଜଳର ସଦୁପଯୋଗ ଯୋଗୁଁ ଏବେ ଧାନ ଅମଳ ମାଣକେ ୮୦ ନଉତିରୁ ୧୦୦ ନଉତି ହେଉଛି । ଏବେ ସେଥିପାଇଁ ଗୋଟିଏ ଗୋଟିଏ ଜମିରେ ଦୋ ଫସଲ ମଧ୍ୟ ହେଉଛି ।

ବଡ଼ଗୋରଡ଼ା ଗାଁର ଆୟତନ ପାଖ ଗାଁ ମାନଙ୍କଠାରୁ ବିଶେଷ ବଡ଼ । ଗାଁର ଚାରିପଟେ ଚାଷଜମି ଗହୀର । ଜମିକୁ ଚିହ୍ନଟ କରିବା ପାଇଁ ଗୁଡ଼ାଏ ନା ଅଛି ସେଗୁଡ଼ିକ ହେଲା -

Digitized by srujanika@gmail.com

ପୂର୍ବରେ : ପୋଖରୀ ତଳ, ଶଂଖମୁଣ୍ଡା ଆଡ଼ାପଟି, ଗୋହୀରା ଡିପ, ଖାଲତୋଟା, ରାୟା

ପଶ୍ଚିମ : ଦହଡ଼, ନାଳଡିଆଁ, କଦମମାଳ

ଉତ୍ତର : ବୁଢ଼ା ପଦା, ସମାଜି ପଡ଼ିଆ, କୋଗୁଁହା ପାରି

ଦକ୍ଷିଣ : କୟାଁ ପାରି, ଜଳହରି, ଘୋଡ଼ାପଦା, ଜାମୁଆ, ମଉ

୧୯୬୭ ପର୍ଯ୍ୟନ୍ତ ଲୋକମାନେ ଆବହମାନ କାଳରୁ ଚଳି ଆସୁଥିବା ପୁରୁଣା କାଳିଆ ଚାଷ ପଦ୍ଧତିକୁ ଅନୁସରଣ କରୁଥିଲେ । ପଦରିଧାନକୁ ଛାଡ଼ି ଧାନ ଦୁଇ କିସମର ଥିଲା, ଲଘୁଧାନ ଓ ବଡ଼ଧାନ । ଲଘୁଧାନ ମାର୍ଗଶୀର ମାସର ମଝିଭାଗରେ କଟାଯାଏ ଓ ଏହାର ଅମଳ କମ୍ । ବଡ଼ ଧାନ ଆଉ ୧୫/୨୦ ଦିନପରେ କଟାଯାଏ । ଏହାର ଅମଳ ଟିକିଏ ବେଶୀ । ପଦରିଧାନ ପଦାରେ ଚାଷ ହୁଏ ଓ ଅମଳ ଅତି କମ୍ । ପୁରୁଣା କାଳିଆ ଧାନର ନାଁ ହେଲା ଭାରି କଦମା, ପଖିଆ, କାଇଁଚଫୁଲ, ଖଦଡ଼, ବରପଙ୍କ, କଳା ମଇଁଶୀ, କୁସୁମୁକୁଣ୍ଡା, ନାଣ୍ଡି, କଣ୍ଟା ମାଧିଆ, ମାଗୁରା, ଅଳନ୍ଧୁକୁଟା, ଶରତକେଳୀ, ମାଗୁରା, ବେଣା ପଞ୍ଜର, କେରାଣ୍ଡିଆ, ପର୍ବତ କେଳୀ, ମହିପାଳ, ବାଣପୁରୀ, ବାଇ କାନି, ପଦ୍ମ କେଶରୀ, ଗଙ୍ଗା ବାଲି, କଦଳ ଚମ୍ପା, କଳାବିରି, ଗେଡ଼ି ମାଧେଇ, କଳାଁଗୁ, କୁସୁରୀ ମାଧିଆ ଇତ୍ୟାଦି । କୁସୁମୁ କୁଣ୍ଡା ଧାନର ବର୍ଣ୍ଣ ନାଲି । ଏଥିରେ ଲିଆ ଭଲ ଫୁଟେ । ଭାତ କଲେ ଅତ୍ୟନ୍ତ ଧଳା ଦିଶିବ । ଏବେ ଚାଷ ହେଉଥିବା ଆଧୁନିକ ଧାନର ନାଁ ହେଲା - ହଜାରେ ନଅ, ହଜାରେ ତିରିଶ, ଆଇ ଆର ଆଠ, ଟାଇଚୁଙ୍ଗ, ଓଷା, ପଥରା, ଛଅଶହ ତିରିଶ, ଅନ୍ନପୂର୍ଣ୍ଣା, ମସୁରୀ, ଜୟା, ଜଗନ୍ନାଥ, ମହାନଦୀ, ଏଗାର ଶହ ଏକ ଚଳିଶି, ଇତ୍ୟାଦି । ପୁରୁଣା ଧାନ ଚାଷ ବେଳେ ଚାଷୀ ବର୍ଷକୁ ବର୍ଷ ଅଲଗା ରଂଗର ମୂଳ ଥିବା ଧାନ ବିଲରେ ବୁଣେ । ଫଳରେ ବିଲରୁ ବାଲୁଙ୍ଗା ବାଛିବାକୁ ସୁବିଧା ହୁଏ ।

ଧାନ କଟା ପରେ ବିଲ ପାଗିଥିଲେ ମୁଗଚାଷ ପାଇଁ ବିଲ ହଳ ହୁଏ । ପାଗି ଥିବା ଅର୍ଥ ଲଙ୍ଗଳ ଚାଲିବା ଅବସ୍ଥାରେ ବିଲ ଥିବ । ଯଦି ପାଣି ଅଭାବରୁ ବିଲ ଶୁଖିଯିବ ତେବେ ମୁଗ ବୁଣା ହୁଏ ନାହିଁ । ବିଲ ଖାଲି ପଡ଼େ ଧାନ ଚାଷ ପର୍ଯ୍ୟନ୍ତ । ମୁଗ ବୁଣିଲା ବେଳେ ସୋରିଷ, ପେଶୁ ମଧ ସେଥିରେ ବୁଣନ୍ତି । ଏକାବେଳେକେ ୩ଟି ଶସ୍ୟ । ସେତେବେଳେ ଏପଟ ଆଡ଼ର ମୁଗର ଚାହିଦା ବେଶିଥିଲା । ଡାଲି କଲେ ଉପରେ ସର ପଡ଼େ । ଏବେ ରାସାୟନିକ ସାର ହେତୁ ମୁଗ ଉତ୍ପାଦନ ଭଲ ନାହିଁ । ମୁଗର ମିଠା ମଧ କମିଲାଣି । ଗାଁରେ ବିଲ ଚଣା (ଖେସାରି) ହେଉ ନଥିଲା । ଜଙ୍ଗଲ ପାଖଗାଁ ଯଥା

Digitized by srujanika@gmail.com

ଚାନ୍ଦପାଟଣା, ବାୟାପିଲି, ମାନପୁର ଆଡ଼େ ଚଣା ଋଷ ହୁଏ । ଚଣାଶାଗ ଖାଇବାକୁ ଭଲ ।

ଲୋକଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେତୁ ଏବେ ପ୍ରାୟତଃ ହଳିଆ ପ୍ରଥାଟି ବନ୍ଦ ହୋଇଗଲାଣି । ଲୋକେ ସୁରାଟ ଯାଇ ଖଟିବାକୁ ପସନ୍ଦ କରୁଛନ୍ତି । ଅଧିକ ଟଙ୍କା ବି ପାଉଛନ୍ତି । କିନ୍ତୁ ସେତେବେଳେ ଗରିବ ଲୋକମାନେ ଗାଁ ସାଉକାରଙ୍କର କିମ୍ବା ଅନ୍ୟ ଜମିଥିବା ମାଲିକଙ୍କର ହଳିଆ ଲାଗୁଥିଲେ । କିଏ ପୁରା ଲାଗେ, କିଏ କାଣିଏ, କିଏ ଅଧା । ସେହି ଅନୁପାତରେ ହଳିଆଙ୍କର ଦରମା ଭିନ୍ନ ଭିନ୍ନ ଥିଲା । ୬ ରୁ ୧୨ ବର୍ଷ ବୟସର ପିଲା ପୋଢୁଅ ଚରାନ୍ତି, ତାକୁ ପୋଢୁଅ ମାହାର କହନ୍ତି । ଏମାନେ ବର୍ଷକୁ ପ୍ରାୟ ଶଗଡ଼େ (୬ ½ ବସ୍ତା) ଧାନ ନିଅନ୍ତି । ପୋଢୁଅ ମାହାର ଦୁଇଓଳି ପୋଢୁଅ ଚରାଇବ, ଗାଧୋଇଦେଇ ମାଲିକ ଘରେ ବାନ୍ଧିବ । ପୋଢୁଅ ଶଗଡ଼ ବିଲକୁ ଗଲେ ସେ ଶଗଡ଼ ସାଥିରେ ଯିବ । ପାଳ ଗଦାରୁ ପାଳ ଆଣି ଗୁହାଳରେ ରଖିବ । ଧାନ ବେଙ୍ଗଲାବେଳେ ରାତିଯାକ ଅନିଦ୍ରା ହୋଇ ବେଙ୍ଗଲା ଓଡ଼ାଇବ । ପ୍ରତିବର୍ଷ ଦୋଳ ପୂର୍ଣ୍ଣମୀରେ ପୋଢୁଆ ମାହାର ଓ ନୂଆ ହଳିଆ ଲାଗନ୍ତି ଓ ପୁରୁଣା ହଳିଆ ଛାଡ଼ନ୍ତି । ଅକ୍ଷୟ ତୃତୀୟା ଠାରୁ ଧାନ ବୁଣା ଆରମ୍ଭ ହୋଇ ବିଲରୁ ଧାନ ଆଣି ଖଳାରେ ରଖିବା ପର୍ଯ୍ୟନ୍ତ ବହୁତ ପୂଜାର ବିଧି ବିଧାନ ଅଛି । ଚିତୋଉ ଅମାବାସ୍ୟାର ଚିତୋଉ ପିଠା ବିଲରେ ପୋତିବା, ପାଚିଲା ଧାନ ବିଲରେ ଥିଲାବେଳେ ବିଲରେ ମୁରୁଜ ଢାଉ ତିଆରି କରି ପୂଜା କରିବା ଇତ୍ୟାଦି ଢ଼େର ପୂଜା ପଦ୍ଧତି ମାନନ୍ତି । ଧାନ ଅମଳ ପରେ ନୂଆ ଧାନକୁ ପୁରୁଣା କରି ଖାଇବାକୁ ଡର ନାହିଁ । ସମସ୍ତେ ତ ପ୍ରାୟ ଅଭାବଗ୍ରସ୍ତ, ତେଣୁ ନୂଆ ଖିଆ ଆରମ୍ଭ ହୁଏ ପାଖ ପଡ଼ିଶାଙ୍କୁ ନେଇ । ଦଶହରାରେ ପଦରୀ ବିଲରୁ ଧାନ ଅମଳ କରି ଚୁଡ଼ା କରି ନୂଆ ଚୁଡ଼ା ଖିଆଯାଇଥାଏ ବହୁତ ଆଗରୁ ।

କଇଠ

ସାଉକାର ଘର ଦହଡ଼ କିଆରୀ ପାଖରେ ଗୋଡ଼ିପଡ଼ା – ଶରଣକୁଳ ରାସ୍ତାରେ ଯେଉଁ ବାଙ୍କ ଅଛି, ସେଠି କିଛି ସରକାରୀ ଜମି ଥିଲା । ସେଠାରେ ଥିଲା ଗୋଟିଏ କଇଠ ଗଛ । ଆମେ ପିଲାବେଳେ ଗଛରୁ କଇଠ ପାରୁ । କଇଠ ପାକଳ ନଥିଲେ ପାଣିରେ ପୋତି କଷାଯାଏ, ତା'ପରେ ଖିଆଯାଏ । ଗଛର ବକଳକୁ ଟିକେ ଖଣ୍ଡିଆ କଲେ, ଜଳୀୟ ଦ୍ରବ୍ୟ ବାହାରି ଅଠା ହୁଏ । ଏହି ଅଠା ସଂଗ୍ରହ କରି ବହି, ଖାତା ଚିରିଗଲେ ଯୋଡ଼ାଯାଏ । ୧୯୫୬ ମସିହାରେ ଆଙ୍ଗିସିଙ୍ଗି ମଠର ବାବାଜୀ ବୃନ୍ଦାବନ

Digitized by srujanika@gmail.com

ଦାସ ଏହି ଖାଲି ଜମିକୁ ଚାଷ ଜମି କରିଦେଲେ । ଏହି ଯାଗା କୁଆଡ଼େ ଗୋପୀନାଥ ଜୀଉଙ୍କ ନାମରେ ରେକର୍ଡ଼ ଅଛି । କଇଠ ଗଛ ଚାରିଟିକୁ ନିର୍ମମ ଭାବରେ କାଟିଦେଲେ । ଏହି ଜାଗାକୁ ଲୋକମାନେ ଚିହ୍ନଟ କରନ୍ତି 'କଇଠ' ବୋଲି ।

ଆଖୁଚାଷ

ଆଜି କାଲିକା ପରି, ସେ ସମୟରେ ମଧ୍ୟ ଆଖୁ ଚାଷ ହେଉଥିଲା, କିନ୍ତୁ ସେ ସମୟରେ ଲୋକେ ବଡ଼ କଷ୍ଟରେ ଟେଣ୍ଡାରେ ପାଣି ବୁହାଇ ଖରା ଚାରିମାସ ଆଖୁ ବଞ୍ଚାଉଥିଲେ । ଏବେ ଭୂତଳ ଜଳକୁ ପମ୍ପଯୋଗେ ଉଠାଇ ଜଳସେଚନ କରୁଛନ୍ତି । ଯେଉଁ ଲୋକ ପମ୍ପ୍ ବସାଇଛି, ସେ ଚାଷୀଙ୍କୁ ବର୍ଷଯାକ ପାଇଁ ମାଣ ପ୍ରତି ଏକ ନିର୍ଦ୍ଦିଷ୍ଟ ପରିମାଣର (ପ୍ରାୟ ୫୦୦ ରୁ ୬୦୦ ଟଙ୍କା) ଧାର୍ଯ୍ୟ କରି ଦେଇଛି । ଏହା ମୁଖ୍ୟତଃ ମାଘ ମାସ ଠାରୁ ରଥଯାତ୍ରା ପର୍ଯ୍ୟନ୍ତ ୫/୬ ମାସକୁ ଠିକ୍ ହୋଇଥାଏ । ନୟାଗଡ଼ର ପାଣିପୋଇଲା ଠାରେ ୧୯୮୮ ମସିହାରେ ଚିନିକଳ ସ୍ଥାପନ ହେଲା । ତା ପୂର୍ବରୁ ଲୋକେ ଆଖୁ କଳରେ (ଖାଇ) ଆଖୁ ପେଡ଼ି ଗୁଡ଼ ହାଣ୍ଡିରେ ରାନ୍ଧି ଗୁଡ଼ କରୁଥିଲେ । ବେଳେ ବେଳେ ଆସିକା ଚିନିକଳ ମଧ୍ୟ ଚାଷୀଙ୍କ ଠାରୁ ଆଖୁ ନିଏ । ପ୍ରଥମେ ନୟାଗଡ଼ ଚିନି କଳକୁ ଆଖୁ ଯୋଗାଣ ଭଲ ହେଲାନି । ଲୋକମାନେ ଚିନି କଳକୁ ଆଖୁ ଯୋଗାଇବାକୁ ଇଚ୍ଛା କଲାବେଳେ ଚିନିକଳ ବିଭିନ୍ନ କାରଣରୁ ବନ୍ଦ ହୋଇଗଲା । ଏବେ ଭୁବନେଶ୍ୱରର ତ୍ରୈଲୋକ୍ୟ ମିଶ୍ର ଚିନିକଳକୁ କିଣି କଳକୁ ଚାଲୁ କଲେଣି ।

ଆଖୁକଳକୁ ସ୍ଥାନୀୟ ଲୋକେ ଖାଇ କହନ୍ତି । କଳାପଥର (ଫତେଗଡ଼ ପାଖ) ମହାଜନ ଏହି ଖାଇଗୁଡ଼ିକ କିଣି ଭଡ଼ାରେ ଦେଇଥାଏ । ଗାଁର ୰ସୌରୀ ଭଟ ଖାଇକଳ ସବୁ ତାଙ୍କ ଜାଗାରେ ରଖି ମହାଜନ ତରଫରୁ ଭଡ଼ା ଦିଅନ୍ତି । ଏବେ ତାଙ୍କ ପୁଅ ଖାଇ କାମ ବୁଝୁଛନ୍ତି । ତା ସାଙ୍ଗକୁ ଗୁଡ଼ କରିବା ହାଣ୍ଡି (କଡ଼େଇ) ଭଡ଼ା ଦିଆଯାଏ ଗୋଟିଏ ସିଜନ ପାଇଁ ଅର୍ଥାତ୍ ଅକ୍ଟୋବର ଠାରୁ ଅପ୍ରେଲ୍ ପର୍ଯ୍ୟନ୍ତ । ସେତେବେଳେ ଭଡ଼ା ଥିଲା ୪୦ ଟଙ୍କା । ଏବେ ଅଛି ୩,୮୦୦ ଟଙ୍କା । ଆଖୁଖାଇ ଭଡ଼ା ଦେବାରେ ସୌରୀ ଭଟ ତାଙ୍କର ମଧ୍ୟସ୍ଥି ଟଙ୍କା ନିଅନ୍ତି । ଅପ୍ରେଲ ମାସରେ ଖାଇ ଫେରି ଆସି ଭଟଙ୍କ ଘର ପଡ଼ିଆରେ ରହିଲେ ଆସନ୍ତା ବର୍ଷ ପାଇଁ ଆବଶ୍ୟକୀୟ ମରାମତି କରାଯାଏ ।

୧୯୫୦ ମସିହା ବେଳକୁ ଆଲୁମିନିୟମ୍‌ର ବିଶେଷ ପ୍ରଚଳନ ନଥିଲା । ତେଣୁ ଆଖୁ ଶାଳରେ ଗୁଡ଼ ରନ୍ଧା କଡ଼େଇରୁ ଗରମ ଗୁଡ଼ ମାଟି ତାଡ଼ ହାଣ୍ଡିକୁ କଢ଼ାଯାଏ ।

Digitized by srujanika@gmail.com

ଯଦି ତାଡ଼ ହାଣ୍ଡିର ପୋଡ଼ ଠିକ୍ ନଥାଏ ତେବେ ତାଡ଼ ହାଣ୍ଡି ଭୂଷୁଡ଼ି ଯାଇ ଗରମ ଗୁଡ଼ କାଢୁଥିବା ଲୋକର ଗୋଡ଼ ଉପରକୁ ମାଡ଼ିଯାଏ । ସେ ସମୟରେ ଏପରି ଅନେକ ଦୁର୍ଘଟଣା ଘଟିବାର ମୁଁ ଦେଖିଛି । ଡାକ୍ତରୀ ଚିକିତ୍ସାର ପ୍ରଚଳନ ନଥିଲା । ଖାଲି ଗାଁ ବଇଦ ଚିକିତ୍ସା କରେ । ୧୦ ଦିନରେ ଭଲ ହେବା ରୋଗୀ, ଭଲ ହେବାକୁ ୨ ମାସ ସମୟ ନିଏ । ହାଣ୍ଡି କିମ୍ବା ବଣାରେ ରଖାଯାଉଥିବା ଗୁଡ଼କୁ କଡ଼ା ଗଣ୍ଡାରେ ପ୍ରକାଶ କରାଯାଉଥିଲା । ଯଥା : ଅଠର ଗଣ୍ଡା ଦୁଇକଡ଼ା, କୋଡ଼ିଏ ଗଣ୍ଡା ତିନି କଡ଼ା । ଏହି ମାପ ଓଜନଭିତ୍ତିକ ନଥିଲା । ଏହା ଥିଲା ପରିମାଣ ବିଶିଷ୍ଟ । ଗୋଟିଏ ଅଡ଼ାରେ ପାଣି ଭର୍ତ୍ତି କରି ହାଣ୍ଡିରେ ପକାଇ ତା'ର ପରିମାଣ ସ୍ଥିର କରା ଯାଉଥିଲା । ଅଡ଼ା ହେଉଛି, ତୁମ୍ବର ୪ ଭାଗରୁ ୧ ଭାଗ । ତୁମ୍ବେ ପାଣିର ଓଜନ ପ୍ରାୟ ୪ କିଲୋଗ୍ରାମ । ସାଧାରଣ ହାଣ୍ଡିରେ ଗୁଡ଼ର ପରିମାଣ ଥାଏ ୧୬ ଗଣ୍ଡାରୁ ୨୦ ଗଣ୍ଡା ପର୍ଯ୍ୟନ୍ତ । ଟ୍ରକ୍‌ରେ ବଡ଼ ବଡ଼ ବେପାରୀମାନେ ଗୁଡ଼ ହାଣ୍ଡି କିଣି ବିକିବାକୁ ନିଅନ୍ତି । ମାତ୍ର ଛୋଟ ଛୋଟ ବେପାରୀମାନେ ଭାରରେ ଗାଁ ଗାଁ ବୁଲି ବିଶାରେ ଗୁଡ଼ ବିକ୍ରି କରନ୍ତି । ବିଶାକ ୮ ପୁଲି, ପୁଲିକ ୪ ପଳ । ବର୍ତ୍ତମାନର ମାପରେ ୧ ବିଶାର ଓଜନ ପ୍ରାୟ ୨ କିଲୋଗ୍ରାମ । ଚାଷୀ ପାଣି ମାପରେ ହାଣ୍ଡିରେ ଯେଉଁ ପରିମାଣ ଲେଖିଥାଏ, ତାକୁ ସମସ୍ତେ ବିଶ୍ୱାସ କରନ୍ତି । ଥରେ ଗୋଟିଏ ଅଭାବନୀୟ ପରିସ୍ଥିତି ଉପୁଜିଲା । ୧୯୫୪ ମସିହାର କଥା । ଭାରରେ ବିକୁଥିବା ଗୁଡ଼ ବେପାରୀର ଭାଗୁଡ଼ି ହେଲା । ହାଣ୍ଡିରେ ଲେଖାଥିଲା ୧୮ ଗଣ୍ଡା । (୧ ଗଣ୍ଡା = ୪ କଡ଼ା, ୧ ପଣ = ୮୦ କଡ଼ା) । ମାତ୍ର ବିକିଲା ବେଳକୁ ଗୁଡ଼ ହେଲା ୧୭ ଗଣ୍ଡା ଦୁଇକଡ଼ା । ୨କଡ଼ା କମିଲା । ପୁଣି ପାଣିରେ ମାପିଲା ବେଳକୁ ହାଣ୍ଡିହେଲା ୧୭ ଗଣ୍ଡା ଦୁଇକଡ଼ା । ତା ଅର୍ଥ ଚାଷୀ ଦୁଇ କଡ଼ା ଅଧିକ ଲେଖିଛି । ସେ ଗାଁକୁ ଆସି ନ୍ୟାୟ ମାଗିଲା । ଭଦ୍ରଲୋକମାନେ ୨ କଡ଼ାର ପଇସା ଫେରାଇ ନେବାକୁ କହିଲେ । କହିଲେ "ମାପିଲା ବେଳେ ଭୂଲ୍ ହୋଇଥାଇପାରେ, ମାତ୍ର ୨ କଡ଼ାପାଇଁ କେହି ଜାଣିଶୁଣି ଭୂଲ୍ ନ କରିପାରେ ।" ମାତ୍ର ବେପାରୀ ଜିଦ୍ ଧରିଲା, ଥାନାକୁ ଯିବ । ଯେତେ ବୁଝାଇଲେ ମଧ୍ୟ ବୁଝିଲା ନାହିଁ । କ୍ଷେତ୍ରମୋହନ ଗାଁର ସର୍ବରାକାର ଥିଲେ । ସେ ଭାବିଲେ କାଳେଗାଁ ବଦନାମ ହେବ । ଗୋଟିଏ ଉପାୟ ପାଞ୍ଚିଲେ । ହଠାତ୍ ଗୋଟିଏ ପୋଢୁଅ ମାହାର ପିଲା ଧାଇଁ ଆସି ତା ବାଡ଼ିରେ ଗୁଡ଼ ହାଣ୍ଡିକୁ ପିଟିଦେଇ କୁଆଡ଼େ ଉଭେଇ ଗଲା । ହାଣ୍ଡିଟି ଭାଙ୍ଗିଗଲା । କିଏ କିଏ ବୋଲି ପାଟି କଲାବେଳକୁ କିଏ ନାହିଁ । ବର୍ତ୍ତମାନ ବେପାରୀ କରେ କ'ଣ ? ସେ ବର୍ତ୍ତମାନ ଦୁଇ କଡ଼ାର ପଇସା ମାଗିଲା । ଭଲରେ ଭଲରେ କଥା ନ ଶୁଣିବା ଲୋକକୁ କିଏ ବା କାହିଁକି ସାହାଯ୍ୟ କରିବ ? ବେପାରୀ ମୁହଁ ଶୁଖାଇ ଚାଲିଗଲା ।

Digitized by srujanika@gmail.com

ଭାଲୁ ଉପଦ୍ରବ

ସେ ସମୟରେ ଆଖୁ ବିଲରେ ଭାଲୁର ଉପଦ୍ରବ ବହୁତ ଥିଲା । ତାଳସାହି ପାହାଡ଼ରୁ ଭାଲୁ ରାତି ୮/୯ଟା ସମୟରେ ଗଡ଼ନ୍ତି । ଭାଦ୍ର-ଆଶ୍ୱିନ ମାସରେ ଆଖୁ ପଗ ଦେଇଥାଏ, ତେଣୁ ଖାଇବା ଉପଯୋଗୀ ହୋଇଥାଏ । ଚାଷୀମାନେ ଭାଲୁ ଜଗିବାକୁ ରାତିରେ ଭାଡ଼ିରେ ଶୁଅନ୍ତି । ଭାଡ଼ିର ଚାଳ ନଡ଼ାରେ ତିଆରି ଓ ଦେଖିବାକୁ କୋନ୍ ପରି । ଭାଡ଼ିରେ ୨ଟା ଥାକ ଥିବ ଓ ଉପରେ କୋନିକାଲ ଚାଳ ଥିବ । ପ୍ରଥମ ଥାକ ଭୂଇଁଠୁ ୪ ଫୁଟ ଉଚ୍ଚ । ଦ୍ୱିତୀୟ ଥାକ ତା' ଠୁଁ ଉଚ୍ଚ । ଚାଷୀ ତଳ ଥାକରେ ଆଲୁଅ ଜଳାଇ ବସିଥିବ ଏବଂ ଭାଲୁ ଆସିଲେ ପାଟି କରି ଘଉଡ଼ାଇବ । ଭାଲୁ ଚାଲିଗଲେ କିମ୍ୱା ଭାଲୁ ଆସିବା ସମୟ ଗଡ଼ିଗଲେ, ଚାଷୀମାନେ ଉପର ଥାକରେ ଶୁଅନ୍ତି । ଏହା ବ୍ୟତୀତ ବିଲୁଆଙ୍କ ଉପଦ୍ରବ ମଧ୍ୟ ବେଶି ଥିଲା । ଭେଳା ଭେଳା ଆସି ଆଖୁ ଖାଇ ପଦା କରି ଦେବେ । ଏବେ ଭାଲୁ ପ୍ରାୟତଃ ନାହାନ୍ତି । ବିଲୁଆଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି । ଲୋକେ ସେମାନଙ୍କୁ ବିଷ ଦେଇ ମାରି ସାରିଲେଣି । ଭାଲୁ ନଥିବାରୁ ଅନେକ ବର୍ଷ ହେଲା ଲୋକେ ଆଉ ଭାଡ଼ି କରୁନାହାନ୍ତି ।

ଶରଣକୁଳ-ରଣପୁର ରାସ୍ତା

ଗାଁଠୁ ଅଧ କି.ମି. ଦୂରରେ ଶରଣକୂଳ-ରଣପୁର ରାସ୍ତା ଯାଇଛି । ୧୯୨୦ ମସିହାରେ ରାଜାଙ୍କ ଶାସନ ସମୟରେ ବେଠିରେ ଏ ରାସ୍ତା ତିଆରି ହୋଇଥିଲା । ଗାଁ ଲୋକମାନେ ନିଜ ନିଜ ଗାଁ ଜିତ ଭିତରେ ଯାଉଥିବା ଅଂଶରେ ମାଟି ପକାଇଥିଲେ ।

ରାସ୍ତାର ଦି କଡ଼ରେ ଆମ୍ବଗଛ, ଜାମୁକୋଳି ଗଛ, ବରଗଛ, କର୍ଯାଁଗଛ, ଲିମ୍ବ ଗଛ ଲଗାଯାଇଥିଲା । ପ୍ରତ୍ୟେକ ପରିବାର ସେମାନେ ଲଗାଇଥିବା ଗଛଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଦାୟୀ ରହିଲେ । ବିଭାଘରରେ ବେଦୀ କରିବା ପାଇଁ ଜାମୁଡାଳରେ ଛାମୁଣ୍ଡିଆ କରାଯାଏ । ଜାମୁ ୨ ପ୍ରକାରର । ବଡ଼ ଜାମୁ ଓ ଭାତ ଜାମୁ । ପିଲାବେଳେ ଏଇ ସଡ଼କ କାନ୍ଥର ଜାମୁ ଗଛରେ ବହୁତ କୋଳି ଆସୁଥିଲା । ଏବେ ଗଛ ଗୁଡ଼ିକ ବୁଢ଼ା ହୋଇ ଦରମଲା ଅବସ୍ଥାରେ ଅଛନ୍ତି । ଲୋକଙ୍କର ଡର ଭୟ ନାହିଁ । ମନଇଚ୍ଛା କାଟୁଛନ୍ତି । ସେବର ଜାମୁକୋଳି ଆଉ ନାହିଁ ।

ଏହି ସମୟରେ ରାଜା କୃଷ୍ଣଚନ୍ଦ୍ର ସିଂହ ନାବାଳକ ଥିବାରୁ ସୁପରିନଟେଣ୍ଡେଣ୍ଟ ଅନିରୁଦ୍ଧ ପଟେଲ କୋର୍ଟ ଅଫ୍ ୱାର୍ଡ଼ସ ଦାୟୀତ୍ୱରେ ରହି ଶାସନ କାର୍ଯ୍ୟ କରୁଥିଲେ ।

Digitized by srujanika@gmail.com

ରାସ୍ତାଟି ପୋଡ଼ା ଶରଣକୁଳ ପାଖରେ ଯାଉଥିବା ନୟାଗଡ଼ ଓଡ଼ଗାଁ ରାସ୍ତାରୁ ବାହାରି ରଣପୁରକୁ ଯୋଗ କରୁଅଛି । ରଣପୁରରୁ ଜଙ୍କିଆ ପାଖରେ ଜାତୀୟ ରାଜପଥରେ ମିଶିଛି । ୧୯୮୬ ମସିହାରେ ଏହି ରାସ୍ତାକୁ "ନୂଆ ଜଗନ୍ନାଥ ସଡ଼କ" ନାମରେ ନାମିତ କରି ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ନିଆଯାଇଛି ।

ପୂର୍ତ୍ତ ବିଭାଗରେ ରାସ୍ତାଟିର ମୂଳ ନାମ ଥିଲା, ପ୍ରତାପ ପ୍ରସାଦ ଦର୍ପନାରାୟଣପୁର ଶରଣକୁଳ ରାସ୍ତା । ମାତ୍ର ପ୍ରତାପ ପ୍ରସାଦ ଠାରୁ ଦର୍ପନାରାୟଣପୁର ଅଂଶ ପର୍ଯ୍ୟନ୍ତ ୧୯୭୫ ମସିହାରେ ଭୁବନେଶ୍ୱର ଏନ୍.ଏଚ୍.ଡିଭିଜନ ଏବଂ ପ୍ରୋଜେକ୍ଟକୁ ଚାଲି ଗଲା । ଶରଣକୂଳ ଠାରୁ ଦର୍ପନାରାୟଣପୁର ଅଂଶଟି ହିଁ ପୂର୍ତ୍ତ ବିଭାଗ ଅଧୀନରେ ରହି ନୂଆ ଜଗନ୍ନାଥ ସଡ଼କର ଏକ ଅଂଶ ହୋଇରହିଲା ।

ତିଆରି ହେବା ସମୟରେ ରାସ୍ତାର ଉଚ୍ଚତା ଥିଲା ୨ ଫୁଟରୁ ୩ ଫୁଟ । ତା ବାଦ୍ ଦୁଇପଟରେ ୮ ଫୁଟ ଓସାରର ନୟନଯୋଡ଼ି ଥିଲା । ଏବେ ସମୟ କ୍ରମରେ ରାସ୍ତା ସଂକୁଚିତ ହୋଇଗଲାଣି । ନୟନଯୋଡ଼ିକୁ ପାଖ ଜମିବାଲା ନିଜ ଜମିରେ ମିଶାଇ ଦେଲେଣି । ଅନେକ ସ୍ଥାନରେ ରାସ୍ତାର ଓସାର ୨୬ ଫୁଟ ମଧ ନାହିଁ । ସ୍ୱାଧୀନତା ପରେ ପରେ "ଆର.ଇ.ଓ." ସଂସ୍ଥା ଏ ରାସ୍ତା ଦାୟିତ୍ୱରେ ଥିଲେ । ପରେ ପୂର୍ତ୍ତ ବିଭାଗକୁ ଆସିବା ପରେ ବିଧିବଦ୍ଧ ଉନ୍ନତିକରଣ ହେଲା । ସାନ ସାନ ପୋଲ ତିଆରି ହେଲା । କାଁ ଭାଁ ମାଟି ଉଠୁଥିବା ରାସ୍ତାରେ ମୋରମ/ବାଲି ପକାଇ ଯିବା ଆସିବାକୁ ସୁବିଧା କରାଗଲା । ପୋଡ଼ା ଶରଣକୁଳ ଠାରୁ ଦୁଇ କି.ମି. ପିଚୁ ମଧ କରାଗଲା । ୧୯୮୫ ମସିହାରେ ସବୁଠାରୁ ବଡ଼ କାମ ହେଲା ଦୁଆଣ୍ଟ ନଈ ଓ କଇଁଫୁଲିଆ ନାଳରେ ପୋଲ ନିର୍ମାଣ । ସ୍ଥାନୀୟ ବିଧାୟକ ଶ୍ରୀ ରମାକାନ୍ତ ମିଶ୍ରଙ୍କ ପ୍ରଚେଷ୍ଟାରେ ଏ ପୋଲ ଦୁଇଟିର ନିର୍ମାଣ ପରେ ଗୋଡ଼ିପଡ଼ା - ରଣପୁରକୁ ବର୍ଷାଦିନେ ଯିବା ଆସିବା ସମ୍ଭବ ହେଲା । କାମଟିର ଠିକାଦାର ଥିଲେ କୁରାଳର ପଦ୍ମଚରଣ ପାତ୍ର ।

୧୯୮୭ ମସିହା ଅକ୍ଟୋବର ମାସରେ ମୁଁ ନୟାଗଡ଼ ପୂର୍ତ୍ତବିଭାଗର ଏସ୍.ଡି.ଓ. ହିସାବରେ ଯୋଗଦାନ କଲି । ଶରଣକୁଳ ଦର୍ପନାରାୟଣପୁର ରାସ୍ତା ନୂଆ ଜଗନ୍ନାଥ ସଡ଼କର ଏକ ଅଂଶ ହିସାବରେ ମଞ୍ଜୁରି ପାଇଲା ନୟାଗଡ଼ ସବଡିଭିଜନ ଅଧୀନରେ । ଖୋରଧା ସବ୍ ଡିଭିଜନରେ ରହିଲା ଦର୍ପନାରାୟଣପୁର ଠାରୁ ସିକୋ ପର୍ଯ୍ୟନ୍ତ । ତା'ପରେ ଜଙ୍କିଆ ପର୍ଯ୍ୟନ୍ତ ଥିଲା ପୁରୀ ପ୍ରୋଜେକ୍ଟ ଡିଭିଜନ ଅଧିନରେ । ଶରଣକୂଳ ଦର୍ପନାରାୟଣ ରାସ୍ତାର ମଞ୍ଜୁରୀ ପରିମାଣ ଥିଲା ୪୫ଲକ୍ଷ ଟଙ୍କା । ଏହି ଟଙ୍କାରେ ବ୍ୟବସ୍ଥା ଥିଲା ଦୁଇକୋଟ

Digitized by srujanika@gmail.com

ମେଂଟାଲିଂ, ଏବଂ ପିଚୁ ଦ୍ୱାରା ସର୍ଫେସ ଡ୍ରେସିଂ । ଏଥିରେ ଆଉ ଗୋଟିଏ ଅଧିକ କାମ (item) ପ୍ରିମିକ୍ସିଡ୍ ସିଲ୍‌କୋଟ ଯୋଗକରି କାମଟି ଯଥା ସମୟରେ ସରିଲା । ନୂଆ ବିଷୟଟି ଯୋଗ କରିବାରୁ ସଂଶୋଧିତ ଅଟକଳ ଶତକଡ଼ା ୧୦% ବଢ଼ିଗଲା ।

ପ୍ରତାପ ପ୍ରସାଦ - ଦର୍ପନାରାୟଣପୁର ରାସ୍ତାରେ କୁସୁମୀ ଓ ଦୁଆଣ୍ଟ ନଦୀ ଉପରେ ଏନ୍.ଏଚ୍. ଡିଭିଜନ୍ ତରଫରୁ ଦୁଇଟି ପୋଲ ୧୯୮୭-୮୯ ମସିହାରେ ନିର୍ମିତ ହେଲା । ଯାହା ଫଳରେ ନୟାଗଡ଼ ଠାରୁ ରଣପୁର ପର୍ଯ୍ୟନ୍ତ ସବୁ ଦିନିଆ ରାସ୍ତା ଖୋଲିଲା । ଏବେ ଏହି ରାସ୍ତାଟି ମଧ୍ୟ ୧୯୯୦ରେ ପୂର୍ତ୍ତବିଭାଗ ଅଧିନକୁ ଏନ୍.ଏଚ୍. ଅଧିନରୁ ଫେରି ଆସିଛି ।

ଶିଖରପୁର ପୋଷ୍ଟ ଅଫିସ୍

୧୯୫୦ ମସିହାରେ ଶିଖରପୁର ଗାଁରେ ପୋ:ଅ: ହେଲା । ଆଗରୁ ଶରଣକୂଳ ଥିଲା ଗାଁର ପୋଷ୍ଟ ଅଫିସ । ଏହି ଶିଖରପୁର ପୋ:ଅ:ରେ ପୋଷ୍ଟମାଷ୍ଟର ହେଲେ ବାମଦେବ ରଥ (୧୯୦୫-୧୯୯୫) । ବାମଦେବ ରଥ ଶିଖରପୁର ଏଲ୍.ପି. ସ୍କୁଲର ଶିକ୍ଷକ ଥିଲେ । ସେତେବେଳେ ଏଲ୍.ପି. ସ୍କୁଲ୍ ଶିକ୍ଷକମାନେ ପୋ:ଅ: କାମ ତୁଲାଇ ପାରୁଥିଲେ । ମୁଁ ଗାଁକୁ ଯିବା ଆସିବା କରି ପଢୁଥିବାରୁ ଗାଁର ସବୁ ଚିଠି ପୋ:ଅ:ରୁ ନେଇ ଗାଁରେ ବାଣ୍ଟେ । ଗୋଟିଏ ଘଟଣା : ମୋର ସାନ ଜେଜେ କୃଷ୍ଣଚନ୍ଦ୍ର ଦୋରା ତାଙ୍କ ପୁଅଙ୍କ ଚିଠିକୁ ଅପେକ୍ଷା କରିଥାଆନ୍ତି । ସେତେବେଳେ ବଡ଼ ପୁଅ ଦୁର୍ଯ୍ୟୋଧନ ବାଲିଗୁଡ଼ା ପୋ:ଅ:ରେ ପୋଷ୍ଟମ୍ୟାନ ଥାଆନ୍ତି । ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ସେ ମୋତେ ପ୍ରତ୍ୟେକ ଦିନ ଚିଠି ଆସିବା କଥା ପଚାରନ୍ତି । ମୁଁ ଆସି ନାହିଁ ବୋଲି କହେ । ଦିନେ ତାଙ୍କର ବହୁ ପ୍ରତୀକ୍ଷିତ ଚିଠି ଆସିଲା । ସେଦିନ ଶନିବାର । ମୁଁ ପ୍ରାୟ ୧୨ଟା ବେଳକୁ ସ୍କୁଲରୁ ଫେରି, ତେଲ ଲଗାଇ ସାଉକାର ଘର ପୋଖରୀକୁ ଗାଧୋଇବାକୁ ଯାଉଥିଲି । ଗାଁ ମୁଣ୍ଡ ଶେଷରେ ଜେଜେ ଦେଖାହେଲେ ଓ ପଚାରିଲେ ତାଙ୍କ ଚିଠି କଥା । ମୁଁ କହିଲି 'ଚିଠି ଆସିନାହିଁ' । ଶିଖରପୁର ପୋ:ଅ:ର ପୋଷ୍ଟମ୍ୟାନ ଥାଆନ୍ତି ବାଉଁଶିଆର ରଘୁନାଥ ଦାସ, ଜାତିରେ ବ୍ରାହ୍ମଣ । ଗାଁର ଗଉଡ଼ମାନଙ୍କର ସେ କୂଳ ପୁରୋହିତ । ସେଦିନ କାହାର ଶ୍ରାଦ୍ଧ ଥିବାରୁ ସେ ଗାଁକୁ ଆସିଥିଲେ । ତାଙ୍କୁ ସାନ ଜେଜେ ପଚାରିଲେ "ତାଙ୍କର କିଛି ଚିଠି ଆସିଛିକି ?" ପୁରୋହିତ କହିଲେ "ତୁମ୍ଭ ନାତିକୁ ମୁଁ ଚିଠି ଦେଇଛି" । ସାନ ଜେଜେ ପୋଖରୀ ପାଖରେ ହାଜର । ସେତେବେଳକୁ ମୁଁ ଅଧା ଗାଧୋଇଛି । ସେ ପାଟିକରି କହିଲେ "ମୋର ଚିଠି ଆସିଛି କେମିତି ମନା କଲୁ ?" ମୁଁ କହିଲି, "ତୁମକୁ

Digitized by srujanika@gmail.com

ଯଦି ସେ କଥା କହିଥାଆନ୍ତି, ତେବେ ଗାଧୋଇବାକୁ ଆସପାରି ଥାଆନ୍ତି କି ? ସେଥିପାଇଁ ନାହିଁ କଲି । ଗାଧୋଇବା ପରେ ତମକୁ ଦେଇଥାନ୍ତି ।" ସେବେ ନୟାଗଡ଼ରୁ ଡାକମୁଣା ସିଲ୍ ହୋଇ ଆସେ ନିର୍ଦ୍ଦିଷ୍ଟ ପୋଷ୍ଟ ଅଫିସ୍ ଉଦ୍ଦେଶ୍ୟରେ । ମୁଁ ଦେଖିଛି ୧୯୫୭ରେ ରନର୍‌ଟି କାନ୍ଧରେ ୫/୬ଟି ଡାକମୁଣା ଧରି ନୟାଗଡ଼ରୁ ଶରଣକୁଳ ଦେଇ ଓଡ଼ଗାଁ ଯିବ । ସକାଳୁ ସେ ଓଡ଼ଗାଁ ଠାରୁ ଆସିବ । ଅର୍ଥାତ୍ ମୋଟ ୮୦ କିଲୋମିଟର ଚାଲିବ । ଝୁଣ୍ଣୁ ଝୁଣ୍ଣୁ ଶବ୍ଦ କରୁଥିବା ଗୋଟିଏ ଠେଙ୍ଗା ସେ ଧରିଥାଏ । ଗୋଟିଏ ପଟରେ ଲୁହା ମୁନ ଶୁଳ ପରି ଥାଏ । ଶରଣକୁଳରେ ଡାକ ବ୍ୟାଗ୍ ଧରି ଚାଲୁଥିବା ଅବସ୍ଥାରେ ମୁଁ କିଛି ପଚାରିବାରୁ ସେ ଥରେ ବିରକ୍ତ ହୋଇ କହିଲା "ଡାକ ଯାଉଛି, କାହିଁକି କଥା ହେଉଛ" ।

ଏବେ ଆମ ଗାଁର ପୋଷ୍ଟ ଅଫିସ୍ କେଶରପୁର । ପ୍ରଥମେ ଥିଲା ଶରଣକୁଳ, ତା'ପରେ ଶିଖରପୁର ଏବଂ ପରେ ଭାଲିଆ ଡିହି ଥିଲା ।

ନବପିଢ଼ିର ଶିକ୍ଷିତ ଯୁବକ

ଶର୍ବରୀ ଉପନ୍ୟାସରେ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି - 'ଶର୍ବରୀ' କୁ ୪ ଭାଗରେ ବିଭକ୍ତ କରିଛନ୍ତି । ଯଥା : (୧) ଘନ ଅନ୍ଧକାର (୨) ତାରା କିଟିମିଟି (୩) ଜୋଛନା ଝରିଲା (୪) ପାହାନ୍ତିଆ ଆଲୁଅ । ବର୍ତ୍ତମାନ ସମୟକୁ ପାହାନ୍ତିଆ ଆଲୁଅ କହିଲେ ୧୯୪୭ ମସିହାର ପୂର୍ବ ସମୟକୁ 'ଜୋଛନା ଝରିଲା' ବୋଲି କୁହାଯିବ । ଏହି ଜୋଛନା ଝରିଲା ସମୟରେ ଗାଁର ୫ଜଣ ପିଲା ଶରଣକୁଳରୁ ୫ କି.ମି ଯିବା ଆସିବା କରି ମାଇନର୍ ପାସ୍ କରି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ ପଢ଼ିଲେ । ଶରଣକୁଳରେ ହାଇସ୍କୁଲ ପ୍ରତିଷ୍ଠା ହେଲା ୧୯୪୬ ମସିହାରେ । ୧୯୩୮ ମସିହାରେ ନୟାଗଡ଼ରେ ବ୍ରଜେନ୍ଦ୍ର ହାଇସ୍କୁଲ ପ୍ରତିଷ୍ଠା ହେଲା । ଏହି ପାଞ୍ଚଜଣ ଛାତ୍ର ଥିଲେ ହରେକୃଷ୍ଣ ଦୋରା ଦଣ୍ଡଧର ନାୟକ, ଲିଙ୍ଗରାଜ ପରିଡ଼ା, ମଦନ ମୋହନ ଦୋରା ଓ ଦୁର୍ଯ୍ୟୋଧନ ଦୋରା । ଏହିମାନେ ଗାଁକୁ ନୂତନ ଆଲୋକ ବର୍ତ୍ତିକା ଆଣିଥିଲେ । ଗାଁରେ ପାଠାଗାର ପ୍ରତିଷ୍ଠା କରିବା, ଥିଏଟର କରିବା, ଗାଁର ଦୁଃସ୍ଥ ଲୋକଙ୍କୁ ସେବା ଯୋଗାଇବା ଇତ୍ୟାଦି କର୍ମମାନ କରୁଥିଲେ ।

ଗାଁର ଉପରୋକ୍ତ ୫ ଜଣଙ୍କ ପୂର୍ବରୁ ଯେଉଁସବୁ ଲୋକ ପାଠ ପଢ଼ିଥିଲେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ନିମ୍ନ ପ୍ରାଇମେରୀ ଭିତରେ ସୀମିତ ଥିଲା । ଏଇ ପାଠ ପଢ଼ି, ସେମାନେ ଭାଗବତ, ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣ ପଢ଼ିବା କାମ କରିପାରୁଥିଲେ । ଶରଣକୁଳରେ ମାଇନର ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା ୧୯୩୬

Digitized by srujanika@gmail.com

ମସିହାରେ । ବୋଧହୁଏ ଗୋବିନ୍ଦ ଚନ୍ଦ୍ର ଦୋରା (ଜନ୍ମ ୧୮୯୫-୬୨) । (ତାଙ୍କୁ କହନ୍ତି କାଳା ମାଷ୍ଟ୍ରେ), ମାମୁଁ ଘରେ ରହି ଖୋର୍ଦ୍ଧ ମାଇନର ସ୍କୁଲରେ କିଛି ବର୍ଷ ପଢ଼ିଛନ୍ତି । ସେ ଗାଁର ପ୍ରଥମ ଚାକିରିଆ । ସେତେବେଳେ ଭାଲୁ ଉପଦ୍ରବ ବହୁତ ଥିଲା । ଥରେ ସେ ସଂଧ୍ୟାରେ ଗାଁକୁ ଆସୁଥିବା ବେଳେ ଭାଲୁ ତାଙ୍କୁ ଆକ୍ରମଣ କଲା । କାନମୁଣ୍ଡାକୁ କ୍ଷତ ବିକ୍ଷତ କରିବାରୁ ଶୁଭିବା କମିଗଲା । ତେଣୁ ଚାକିରି ଛାଡ଼ି ଦେଲେ । ସେ ପାଖ ଗାଁମାନଙ୍କରେ ସ୍କୁଲ ଶିକ୍ଷକଥିଲେ । ତାଙ୍କ ବଡ଼ପୁଅ **ହରେକୃଷ୍ଣ** ଦୋରା (ଜନ୍ମ ୧୯୨୧-୯୨) । ଗାଁର ପ୍ରଥମ ମାଟ୍ରିକ୍ୟୁଲେଟ ଏବଂ ନୟାଗଡ଼ ହାଇସ୍କୁଲର ପ୍ରଥମ ବ୍ୟାଚ୍ ମାଟ୍ରିକ୍ୟୁଲେଟ । ସେ ୧୯୪୧ରେ ମାଟ୍ରିକ୍ ପାସ୍ କରି ନୟାଗଡ଼ ରାଜାଙ୍କ ଶାସନ ସମୟରେ ଫରେଷ୍ଟର ହୋଇ ଚାକିରି କରିଥିଲେ । ଚାକିରି ଶେଷ ସମୟକୁ ସେ A.C.F. ପଦବୀରେ ରହି ଚାକିରିରୁ ଅବସର ନେଇଥିଲେ ।

ଦଣ୍ଡଧର ନାୟକ : (୧୯୨୬ - ୨୦୦୧)

ଦଣ୍ଡଧର ନାୟକ

ଗାଁ ଚୌକିଦାର ଲୋକନାଥ ନାଏକଙ୍କ ଏକମାତ୍ର ପୁଅ । ଗାଁ ସ୍କୁଲରେ ପାଠପଢ଼ିଲେ । ସେ ହରିଜନ ଜାତିର । ଏଲ୍.ପି ସ୍କୁଲରୁ ଭଲରେ ପାସ୍‌କରି ବୃତ୍ତି ପାଇଲେ । ତେଣୁ ସାଙ୍ଗମାନଙ୍କ ମେଳରେ ଯାଇ ଶରଣକୁଳ ଏମ୍.ଇ. ସ୍କୁଲରେ ପଢ଼ିଲେ । ତାପରେ ଗଲେ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲକୁ । ୧୯୪୪ ମସିହାରେ ସେ ମାଟ୍ରିକ୍ ପାସ୍ କଲେ । କିନ୍ତୁ ଦଣ୍ଡଧର ଆଇ.ଏ. ପାସ୍ କରିପାରି ନାହାନ୍ତି । ଓଡ଼ଗାଁ ମାଇନର ସ୍କୁଲରେ କିଛିଦିନ ଶିକ୍ଷକତା କରି ପ୍ରେସ୍ ଇନଫର୍‌ମେସନ୍ ବ୍ୟୁରୋରେ କିରାଣୀ ହେଲେ । ତା'ପରେ ନୂଆ ଦିଲ୍ଲୀସ୍ଥ ସେଣ୍ଟ୍ରାଲ୍ ସେକ୍ରେଟାରିଏଟ୍‌ରେ ଚାକିରି ପାଇଲେ । ନନ୍ଦିନୀ ଶତପଥି ଦିଲ୍ଲୀରେ ମନ୍ତ୍ରୀ ଥିଲାବେଳେ ଦଣ୍ଡଧର ତାଙ୍କର ପି.ଏ. ଥିଲେ ଏବଂ ପରେ କେନ୍ଦ୍ରମନ୍ତ୍ରୀ ଚୈତନ୍ୟ ମାଝୀଙ୍କର ପି.ଏ. ମଧ୍ୟ ହେଲେ । ସେ ଅବସର ନେଇ କଟକ ମହାନଦୀ ବିହାରରେ ଘର କିଣି ରହିଲେ । ତାଙ୍କ ବାପାଙ୍କର ମୃତ୍ୟୁପରେ ତାଙ୍କର ଭାଣିଜି ଜ୍ୱାଇଁ କାଶିନାଥ ନାଏକ ଚୌକିଦାର କାମ କଲେ । ତାଙ୍କର ମା' ଭାଣିଜି, ଓ ଭାଣିଜି ଜ୍ୱାଇଁ ଗାଁ ଘର ଜମି ବିକି, ୧୯୭୬ ମସିହାରେ ଗୋଡିରିଡ଼ା ଚାଲିଗଲେ । ଦିଲ୍ଲୀରେ ପୁଅ ପାଖରେ ଥିଲା ବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହେଲା ।

Digitized by srujanika@gmail.com

ସେତେବେଳେ ଅଛୁଆ ଜାତିର ଲୋକଙ୍କୁ କେହି ଛୁଉଁ ନଥିଲେ । ଶୃଙ୍ଖଳା କାଠଯେତେ ଲମ୍ବା ହେଲେ ମଧ୍ୟ ଅଛୁଆ ଜାତିର ଲୋକେ ସେ କାଠର ଗୋଟିଏ ପାଖକୁ ଯଦି ଅନ୍ୟ ପଟକୁ ଉଚ୍ଚ ଜାତିର ଲୋକ କେହି ଧରିଛି, ତେବେ ସେ ଛୁଆଁ ହୁଏ । ସେହିପରି ପାଳ ନଡ଼ା କୁଟା ପଡ଼ିଥିଲେ ଛୁଆଁ କରେଣ୍ଟ ପରି ଲାଗିଯାଏ । ମାତ୍ର ଓଦା କାଠରେ ଛୁଆଁ ଆସେ ନାହିଁ । ଏଇ ଦଣ୍ଡଧର ବାବୁ ନୟାଗଡ଼ ହାଇସ୍କୁଲରେ ପଢୁଥିଲା ବେଳେ, ଯେତେବେଳେ ସେ ଗାଁକୁ ଆସନ୍ତି, ସର୍ବରାକାରଙ୍କ ଦୁଆରେ ବସିଲାବେଳେ ଟିକିଏ ଛାଡ଼ିକରି ବସନ୍ତି । ମୁଁ ତାଙ୍କୁ ଗାଁକୁ ଆସିଲେ ନମସ୍କାର କରେ ।

୧୯୭୬ ମସିହାରେ ଦଣ୍ଡଧର ବାବୁ କେନ୍ଦ୍ରମନ୍ତ୍ରୀ ଚୈତନ୍ୟମାଝୀଙ୍କ ବ୍ୟକ୍ତିଗତ ସହାୟକ ଥିଲେ । ମୋର ବଡ଼ ଭାଇ ମଦନମୋହନ ଦୋରା ଏ ସମୟରେ ନିମାପଡ଼ାରେ ଚକବନ୍ଦିରେ ଡ଼େପୁଟି କଲେକ୍ଟର ହୋଇ କାମ କରୁଥିଲେ । ସେ ଋହିଁଲେ ଗଞ୍ଜାମ ଜିଲ୍ଲାକୁ ବଦଳି ହୋଇ ଯିବା ପାଇଁ । କାରଣ ସେଠି ତାଙ୍କ ଜାତିର ବହୁତ ଲୋକ ଅଛନ୍ତି । ତେଣୁ ଝିଅର ବିଭାଘର ପାଇଁ ବରପାତ୍ର ମିଳିବେ । ଚକବନ୍ଦିର ନିର୍ଦ୍ଦେଶକଙ୍କୁ ଭାଇ ବହୁତଥର କହିଲେ ମଧ୍ୟ ସେ କଲେ ନାହିଁ । ତେଣୁ ଭାବିଲୁ ଦଣ୍ଡଧରବାବୁଙ୍କ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ନନ୍ଦିନୀ ଶତପଥିଙ୍କୁ କହି ବଦଳି କରାଇବାକୁ । କାରଣ ସେ ନନ୍ଦିନୀଦେବୀ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଥିଲାବେଳେ ତାଙ୍କର ବ୍ୟକ୍ତିଗତ ସହାୟକ ଥିଲେ । ଏଥିପାଇଁ ମୁଁ ସେ ବର୍ଷ ମେ ମାସରେ ଦିଲ୍ଲୀ ଗଲି । ମୋ ସାଙ୍ଗରେ ମୋ ସ୍ତ୍ରୀ ଓ ପାଞ୍ଚମାସର ଝିଅ ମୋନି ଆସିଲେ । ସେଠି ଭାଇଙ୍କ ହାଲ୍ ତାଙ୍କୁ କହିବାକୁ ସେ କହିଲେ 'ଆସନ୍ତା ମାସରେ ମୁଁ ମନ୍ତ୍ରୀଙ୍କ ସାଙ୍ଗରେ ଭୁବନେଶ୍ୱର ଗଲେ ନନ୍ଦିନୀ ଦେବୀଙ୍କୁ କହିବି ।' ତେଣୁ ଆମେ ଭୁବନେଶ୍ୱର ଫେରିବା ପୂର୍ବରୁ ପୁରୁଣା ଦିଲ୍ଲୀର ଐତିହାସିକ ସ୍ଥାନ ଓ ଆଗ୍ରା ବୁଲିଆସିଲୁ । କହିବା ଅନୁଯାୟୀ ଦଣ୍ଡଧର ବାବୁ ଭୁବନେଶ୍ୱରକୁ ଜୁନ୍ ମାସରେ ଆସି ମୁଖ୍ୟମନ୍ତ୍ରୀଙ୍କୁ କହିବାରୁ ଭାଇଙ୍କ ବଦଳି ହେଲା ବ୍ରହ୍ମପୁର ସର୍ଦ୍ଦନ ଡ଼ିଭିଜନ୍‌କୁ । ସେଠି ଆର.ଡ଼ି.ସି ତାଙ୍କୁ ଅତିରିକ୍ତ ତହସିଲ୍‌ଦାର୍ ଭାବରେ ଦିଗପହଣ୍ଡିରେ ନିଯୁକ୍ତି ଦେଲେ । ପ୍ରାୟ ବର୍ଷକ ଭିତରେ ବଡ଼ ଝିଅାରି ଇନ୍ଦୁର ବାହାଘର ହେଲା ଆସିକାରେ ।

ଲିଙ୍ଗରାଜ ପରିଡ଼ା

ଲିଙ୍ଗରାଜ ପରିଡ଼ା (୧୯୨୬ - ୯.୦୧.୯୯)

ସର୍ବରାକାର କ୍ଷେତ୍ରମୋହନ ମହାପାତ୍ରଙ୍କ ସାନଭାଇ ଓ ପଞ୍ଚୁପରିଡ଼ାଙ୍କ ସାନ ପୁଅ ହେଉଛନ୍ତି ଲିଙ୍ଗରାଜ ପରିଡ଼ା । ସେ

Digitized by srujanika@gmail.com

ଆଇ.ଏ. ପରୀକ୍ଷାରେ ଫେଲ୍ ହୋଇ ଶିକ୍ଷକ ହେଲେ । ପରେ ସି.ଟି. ଟ୍ରେନିଂ ନେଇ ଶରଣକୁଳ, ବନମାଳୀପୁର, ଗୋଡ଼ିପଡ଼ା ଇତ୍ୟାଦି ସ୍କୁଲରେ ଶିକ୍ଷକତା କରି ଅବସର ନେଲେ । ତାଙ୍କର ବଡ଼ଝିଅ ରମା ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇ ଅର୍ଦ୍ଧବାୟାଣୀ ହୋଇଗଲା । ତେଣୁ ସ୍ୱାମୀ ପରିତ୍ୟକ୍ତା ହୋଇ ଗାଁରେ ରହିଲା । ତାର ଗୋଟିଏ ବୋଲି ପୁଅ । ବର୍ତ୍ତମାନ ସେ ଘଣ୍ଟା କାରିଗର । ଝିଅର କଷ୍ଟ ଥିଲା ଲିଙ୍ଗରାଜଙ୍କର ମାନସିକ ଦୁଃଖ ।

ମଦନମୋହନ ଦୋରା : (ଜନ୍ମ ୧୯୨୮ ମସିହା)

ମୋର ବଡ଼ଭାଇ ଗାଁର ପ୍ରଥମ ଗ୍ରାଜୁଏଟ୍ । ସେ ୧୯୫୨ ମସିହାରେ ବି.ଏ. ପାସ୍ କଲେ ଏବଂ ଚାକିରି ଆରମ୍ଭ କରିଥିଲେ ବୋର୍ଡ଼ ଅଫ୍ ରେଭିନ୍ୟୁରେ ନିମ୍ନ ସହକାରୀ କିରାଣୀ (L.D. Asst.) ହୋଇ । କିଛି ଦିନ କାମ କଲାପରେ ସେଟଲମେଣ୍ଟ କାମ ଆରମ୍ଭ ହେଲା । ସେତେବେଳେ ବିମଳ କିଶୋର ମିଶ୍ର ଥିଲେ ଡିରେକ୍ଟର । ସେ ଥିଲେ ଜଣେ ଉଦ୍ୟୋଗୀ ଅଫିସର । ଲ୍ୟାଣ୍ଡ ରେକର୍ଡ଼ର ଓ ସର୍ଭେ ବିଭାଗରେ କାମ ବଢ଼ିବାରୁ ଭାଇ ଏ.ଏସ୍.ଓ ନନ୍ ଗେଜେଟେଡ୍ ହୋଇ ପୋଷ୍ଟିଂ ହେଲେ । ୧୯୬୫ ମସିହାରେ ସବ୍ ଡେପୁଟିକୁ ପ୍ରମୋସନ ପାଇଲେ । ଚାକିରି ସରିଲା ବେଳକୁ ସେ ଡେପୁଟି କଲେକ୍ଟର ହୋଇ ୧୯୮୬ ମସିହାରେ ଅବସର ନେଲେ । ଚାକିରି କାଳ ମଧ୍ୟରେ ସେଟଲ୍‌ମେଣ୍ଟରେ ଏ.ଏସ୍.ଓ ହୋଇ ସେ ସମ୍ବଲପୁର କଳାହାଣ୍ଡି, କଟକ, ପୁରୀ ଇତ୍ୟାଦି ଜିଲ୍ଲାରେ କାମ କରିଛନ୍ତି । ସେ ଡିଗିରିଆରେ ତହସିଲ୍‌ଦାର୍, ସିମୁଳିଆରେ ବି.ଡି.ଓ. କୋଦାଳାରେ ଅତିରିକ୍ତ ତହସିଲଦାର, ନିମାପଡ଼ାରେ ସହକାରୀ ଚକବନ୍ଦୀ ଅଫିସର୍, ଦିଗପହଣ୍ଡିରେ ଅତିରିକ୍ତ ତହସିଲଦାର, ଭଞ୍ଜନଗରରେ ରେଭେନ୍ୟୁ ଅଫିସର୍, ଏବଂ ବ୍ରହ୍ମପୁରରେ ତହସିଲ୍‌ଦାର ଭାବରେ କାମ କରିଛନ୍ତି । ଶେଷରେ ଛତ୍ରପୁର କଲେକ୍ଟରେଟ୍‌ରୁ ୧୯୮୬ ମସିହାରେ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର୍ ଭାବରେ କାମକରି ଅବସର ନେଲେ । ୧୯୫୨ ମସିହାରେ ଗାଁରେ ହୋଇଥିବା ପ୍ରଥମ ଥିଏଟର୍ 'ଘର ସଂସାର', ଏହାଙ୍କ ଉଦ୍ୟମରୁ ଆରମ୍ଭ ହୋଇଥିଲା । ଗାଁର ସବୁ ମୁଖିଆ ଲୋକ ତାଙ୍କୁ ବହୁତ ସମ୍ମାନ ଦିଅନ୍ତି । ସେ ବେଷ୍ଟ ସ୍କାଉଟ୍ ହିସାବରେ ଓ ମନିଟର ଭାବେ ସ୍କୁଲରେ ପୁରସ୍କୃତ ।

ମଦନମୋହନ ଦୋରା

Digitized by srujanika@gmail.com

ଦୁର୍ଯ୍ୟୋଧନ ଦୋରା (ଜନ୍ମ ୧୯୩୦ ମସିହା)

ଗାଁର ପୂର୍ବତନ ସର୍ବରାକାରଙ୍କ କୃଷ୍ଣଚନ୍ଦ୍ର ଦୋରାଙ୍କ ବଡ଼ପୁଅ । ସେ ଆମ କୁଟୁମ୍ବୀ । ସେ ନୟାଗଡ଼ ହାଇସ୍କୁଲ ଓ ପରେ ବୋଲଗଡ଼ ହାଇସ୍କୁଲରେ ପାଠ ପଢ଼ିଥିଲେ । ପୋଷ୍ଟାଲ ବିଭାଗରେ ପୋଷ୍ଟମ୍ୟାନ ହିସାବରେ କାମ କରି ଶେଷରେ କିରାଣୀ ପଦରୁ ଅବସର ନେଲେ । ଗାଁରେ ଥିବା ଜମି ଓ ଘର ବିକ୍ରି କରିଦେଇ ବ୍ରହ୍ମପୁର ସହରରେ ଘର କରି ରହୁଛନ୍ତି ।

ଉପରୋକ୍ତ ୫ ଜଣ ଯୁବକ ଗାଁର ପ୍ରଥମ ପିଢ଼ିର ଶିକ୍ଷିତ ଯୁବକ । ଏମାନେ ଗାଁର ସେବା କରିବା, ଉନ୍ନତି ମୂଳକ କାମ କରିବା, ଅନୁଷ୍ଠାନ ଗଢ଼ିବା, କଳା ସଂସ୍କୃତିରେ ବିକାଶ କରିବା କାମ କରିଛନ୍ତି ।

ଦ୍ୱିତୀୟ ପିଢ଼ିର ଶିକ୍ଷିତ ଯୁବକ

ଯେଉଁମାନେ ମାଇନ୍‌ର ପାସକରି ହାଇସ୍କୁଲରେ ପାଦ ଦେଲେ ତାଙ୍କୁ ତତ୍‌କାଳୀନ ପରିସ୍ଥିତିରେ ଶିକ୍ଷିତ ହିସାବରେ ଗ୍ରହଣ କରାଯାଇପାରେ । ଏମାନେ ଗଡ଼ଜାତର ଅଧିବାସୀ ଯାହାକୁ କି "ଅନ୍ଧାରି ମୂଲକ" କୁହାଯାଉଥିଲା । ତେଣୁ ସ୍ୱାଧିନତା କାଳରେ ଯେଉଁମାନେ ମାଇନର ସ୍କୁଲ ପର୍ଯ୍ୟନ୍ତ ଯାଇପାରିଲେ ସେମାନଙ୍କୁ ଶିକ୍ଷିତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧) ରାମଚନ୍ଦ୍ର ଦୋରା, (୧୯୩୧-୨୦୦୦)ପି : ଗୋବିନ୍ଦ ଚନ୍ଦ୍ର ଦୋରା

୧୯୫୪ ମସିହାରେ ମାଟ୍ରିକ୍ ପାସ୍ କଲେ । ସେ ପ୍ରକୃତରେ ୧୯୫୨ରେ ସେଣ୍ଟଅପ୍ ହୋଇ ପରୀକ୍ଷା ଦେଲେ । ସେ ବହୁତଥର ଫେଲ୍ ହେବାରୁ ତାଙ୍କ ମା କାନ୍ଦି କାନ୍ଦି କହୁଥାନ୍ତି ଯେ "ତାଙ୍କ ପୁଅ ସବୁ ଲେଖିଥିଲା । ମାତ୍ର ବାଡ଼ିଖିଆ ମାଷ୍ଟ୍ର ନମ୍ବର ଦେଲାନି" । ସେ ହାଇସ୍କୁଲରେ ଖେଳ ଶିକ୍ଷକ ହୋଇ ଅବସର ନେଲେ । ସେ ଥିଲେ ଜଣେ ଭଲ ଫୁଟବଲ୍ ଖେଳାଳୀ । ୨୦୦୦ ମସିହାରେ ସ୍ୱର୍ଗାରୋହଣ କଲେ ।

ରାମଚନ୍ଦ୍ର ଦୋରା

୨) ହରେକୃଷ୍ଣ ଦୋରା, ପି : କୃଷ୍ଣଚନ୍ଦ୍ର ଦୋରା : ଜନ୍ମ ୧୯୩୪

୧୯୫୩ ମସିହାରେ ସପ୍ଲିମେଣ୍ଟାରୀ ପରୀକ୍ଷାରେ ମାଟ୍ରିକ୍ ପାସ୍ କରି ଭେଟେରିନାରି ଷ୍ଟକ୍‌ମ୍ୟାନ୍ ହୋଇ ଅବସର ନେଲେ । ନୟାଗଡ଼ ଟାଉନରେ ଘର କରି

Digitized by srujanika@gmail.com

ରହୁଛନ୍ତି । ଗାଁରେ ଘର ଓ ଜମି ଅଛି । ଫୁଟବଲ ଖେଳରେ ଭଲ ନାଁ କରିଥିଲେ ।

ହରେକୃଷ୍ଣ ଦୋରା

୩)ତ୍ରିନାଥ ବୈଠାରୁ, ପି : ରାମଚନ୍ଦ୍ର ବୈଠାରୁ

ପିତା ଆଶା କରିଥିଲେ ପୁଅ ପାଠ ପଢ଼ି ଚାକିରି କରି ଘରକୁ ସାହାଯ୍ୟ କରିବ । ମାତ୍ର ହାଇସ୍କୁଲରେ କିଛି ଭଲ କଲେନି । ଶେଷକୁ ଗ୍ରାମସେବକ ଚାକିରିରେ ରହି ଅବସର ନେଇଥିଲେ । ଗାଁରେ ତାଙ୍କର ସମ୍ପତ୍ତି କିଛି ନାହିଁ । ୧୦ ବର୍ଷ ତଳେ ତାଙ୍କର ମୃତ୍ୟୁ ହେଲା ।

୪) ଦଣ୍ଡପାଣି ଦୋରା, ପି: ନରସିଂହ ଦୋରା, ଜନ୍ମ-୧୯୩୬

ଦଣ୍ଡପାଣି ଦୋରା

୧୯୫୫ ମସିହାରେ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍‌କରି ଭଞ୍ଜନଗରରେ B.T. ଟ୍ରେନିଂ ନେଇ ସରକାରୀ ବେସିକ୍ ସ୍କୁଲ୍‌ରେ ଶିକ୍ଷକତା କରି ୧୯୯୪ ମସିହାରେ ଅବସର ନେଇ ଗାଁର ପୈତୃକ ଘରେ ରହୁଛନ୍ତି । ସେ ଖୋରଧା ଡିଷ୍ଟ୍ରିକ୍ଟ ଇନ୍‌ସ୍ପେକ୍ଟର ଅଧିନରେ ଖୋରଧା ଅଞ୍ଚଳର ହଳଦୀପଦା, ପିଚୁକୁଳି, ଚୁଡ଼ା, ଡାବରଧୁଆପାଟଣା, ରାଜ ସୁନାଖେଳା, ଟାଙ୍ଗି ସାହି ବେସିକ୍ ସ୍କୁଲ୍‌ରେ ଏବଂ ନୟାଗଡ଼ର ଗୋଡ଼ିପଡ଼ା ମାଇନର୍ ସ୍କୁଲ ନାଗମୁଣ୍ଡଳି ବେସିକ୍ ସ୍କୁଲରେ ଶିକ୍ଷକତା କରିଛନ୍ତି ।

୫) କୁଞ୍ଜମୋହନ ଦୋରା (ଜ. ୧୯୩୪)

କୁଞ୍ଜମୋହନଙ୍କ ନିଜ ଗାଁ କେଶପାନିଆ । ସେ ଗୋଡ଼ିପଡ଼ାରୁ ମାଇନର୍ ପାସ୍ କରି ଶରଣକୁଳ ହାଇସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଲେ । ବଡ଼ଗୋରଡ଼ା ଗାଁରେ ରହି ଯିବା ଆସିବା କରି ପଢ଼ିଲେ । ଗାଁରେ ତାଙ୍କ ମାମୁଁ ଘର । ପଢ଼ିଲାବେଳେ ତାଙ୍କର ଆଈ ବଞ୍ଚିଥିଲେ । ମାମୁଁମାନେ ଅଲଗାହେବାରୁ ଆଈବୁଢ଼ୀ ତାଙ୍କୁ ରୋଷେଇ କରିଦିଅନ୍ତି । ସେ ୧୯୫୩ରେ ମାଟ୍ରିକ୍ ପାସ୍ କଲେ । ତା'ପରେ ଦଣ୍ଡକାରଣ୍ୟରେ କାମ କଲେ । ଚାକିରି ଶେଷ ବେଳକୁ ଦଣ୍ଡକାରଣ୍ୟର କାମ ଶେଷ ହେବାରୁ ସେ କେନ୍ଦ୍ର ସରକାରଙ୍କ ଅନ୍ୟ ଏକ ବିଭାଗରେ ୨ୟ ଶ୍ରେଣୀ ଅଫିସର୍ ହିସାବରେ ଯୋଗଦେଇ

Digitized by srujanika@gmail.com

ସେହି ପଦବୀରୁ ଅବସର ନେଲେ । ବ୍ରେନ୍ ମାଲେରିଆରେ ତାଙ୍କର ଆଠବର୍ଷ ହେଲା ମୃତ୍ୟୁ ହେଲାଣି ।

୬) ପୂର୍ଣ୍ଣଚନ୍ଦ୍ର ବୋରା : ଜନ୍ମ ୧୯୩୬

ପୂର୍ଣ୍ଣଚନ୍ଦ୍ରଙ୍କର ନିଜଗାଁ ହେଉଛି କେଶପାନିଆ । ସେ ବଡ଼ଗୋରଡ଼ା ଗାଁରେ ତାଙ୍କ ପିଉସୀ ଘରେ ରହି ଶରଣକୁଳ ଯିବା ଆସିବା କରି ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିଲେ । ଗଣିତ ଅପ୍‌ସନାଲ ନେଇ ୧୯୫୫ ମସିହାରେ ମାଟ୍ରିକ୍ ପାସ୍ କଲେ । ତା'ପରେ ସେ ଦୁଇବର୍ଷ ଘରୋଇ ସ୍କୁଲରେ ଶିକ୍ଷକତା କଲାପରେ ୧୯୫୭ ମସିହାରେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ (ବର୍ତ୍ତମାନ ଏହି ସ୍କୁଲ୍ ଉମାଚରଣ ଇଞ୍ଜିନିୟରିଂ ସ୍କୁଲ୍ ନାମରେ ନାମିତ) ରେ ପଢ଼ିଲେ । ମାତ୍ର ସେ ବର୍ଷ ମରୁଡ଼ି ହେତୁ, ତାଙ୍କର ବାପା ନିୟମିତ ମାସିକ ଦେୟ ଟ୫୦/- ପଠାଇ ପାରିଲେ ନାହିଁ । ସେ ଦଶହରା ସମୟକୁ ପଢ଼ା ଛାଡ଼ି ଘରକୁ ଫେରିଲେ । ତା'ପରେ ସି.ଟି. ଟ୍ରେନିଂ ନେଇ ଶିକ୍ଷକ ଚାକିରି କଲେ । ସେ ଅକ୍ଷମ ଅବସର ନେଇ ତାଙ୍କ ସ୍ଥାନରେ ତାଙ୍କ ପୁଅକୁ ରଖିଦେଲେ । ଏବେ ଅବସର ନେଇ ନିଜଗାଁ କେଶପାନିଆ ଗାଁରେ ରହୁଛନ୍ତି ।

ସତ୍ୟବାଦୀ ପାଇକରାୟ : ଜନ୍ମ ୧୯୩୮

ସତ୍ୟବାଦୀଙ୍କର ଘର ମଧ୍ୟ କେଶ ପାନିଆ ଗାଁରେ । ସେ ବଡ଼ଗୋରଡ଼ା ଗାଁରେ ତାଙ୍କ ମାଉସୀଘରେ ରହି ଶରଣକୁଳ ହାଇସ୍କୁଲରେ ପଢ଼ିଲେ । ଅଷ୍ଟମଶ୍ରେଣୀଟି ବଡ଼ଗୋରଡ଼ା ଗାଁରୁ ଶରଣକୁଳ ଯିବା ଆସିବା କରି ପଢ଼ିଲେ । କିନ୍ତୁ ନବମ, ଦଶମ ଓ ଏକାଦଶ ଏଇ ତିନି ଶ୍ରେଣୀ ସ୍କୁଲ୍ ହଷ୍ଟେଲ୍‌ରେ ରହି ପଢ଼ିଲେ । ୧୯୫୬ ମସିହାରେ ସେ ମାଟ୍ରିକ୍ ପାସ କରି କୋ-ଅପରେଟିଭ୍ ସୋସାଇଟ (Co-operative society)ରେ କାମକରି ଚାକିରି ଶେଷ ବେଳକୁ ସୁପରଭାଇଜର ପଦ ପାଇଥିଲେ । ସେ ଏବେ ତାଙ୍କ ନିଜ ଗାଁରେ ରହୁଛନ୍ତି ।

ଦ୍ୱିତୀୟ ପିଢ଼ି

୧୯୪୯ ମସିହାରେ ଗାଁର ୩ଜଣ ପିଲା ନିମ୍ନ ପ୍ରାଇମେରୀ ପାସ୍ କଲେ । ସେମାନେ ହେଲେ ରାଜକିଶୋର, ମଦନ ଏବଂ ମୁଁ ।

ରାଜକିଶୋର ପ୍ରଧାନ : ଜନ୍ମ ୧୯୪୦ ମସିହା ।

ଏ ହେଉଛନ୍ତି କୁବେର ଲୋକନାଥ ପ୍ରଧାନଙ୍କ ବଡ଼ନାତି ଏବଂ ଲଡୁକିଶୋର

Digitized by srujanika@gmail.com

ପ୍ରଧାନଙ୍କ ବଡ଼ ପୁଅ । ସେ ୧୯୫୯ ମସିହାରେ ମାଟ୍ରିକ୍ ପାସ୍ କଲେ ଏବଂ ପରେ ବି.ଏ. ମଧ୍ୟ ପାସ୍ କଲେ । ସେ ଋକିରି ଶେଷ ବେଳକୁ ଆଗ୍ରୋଇଣ୍ଡଷ୍ଟ୍ରିଜ୍ କର୍ପୋରେସନରେ ଜିଲ୍ଲା ମ୍ୟାନେଜର ପଦରୁ ଅବସର ନେଇ ବଡ଼ଗୋରଡ଼ାରେ ରହୁଛନ୍ତି । ସେ ଥିଲେ ଧନୀ ପରିବାରର ସନ୍ତାନ । ସେ ହାଇସ୍କୁଲରେ ପଢ଼ିଲା ବେଳେ ହଷ୍ଟେଲରେ ରହି ମାସକୁ ପ୍ରାୟ ଟ୧୦୦ ଖରଚ କରୁଥିଲେ ।

ଗୋବର୍ଦ୍ଧନ ଦୋରା (ମୁଁ): ଜନ୍ମ ୧୯୩୯

ଗୋବର୍ଦ୍ଧନ ଦୋରା

ମୁଁ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗରେ ଓଭରସିଅର ପଦରେ କାମ ଆରମ୍ଭ କରି ୧୯୯୭ ମସିହାରେ ନିର୍ବାହୀ ଯନ୍ତ୍ରୀ ପଦରୁ ଅବସର ନେଇ ଭୁବନେଶ୍ୱରରେ ରହୁଛି ।

ମଦନ ଦୋରା : ଜନ୍ମ ୧୯୩୮ ମସିହା ।

ସେ ପିଲାଦିନୁ ବାପଛେଉଣ୍ଡ । ତାଙ୍କର ଦଦା ଅଗାଧୁ ଦୋରା ରେଙ୍ଗୁନ୍ ଯାଇଥିଲେ । ସେ ଆଉ ସେଠାରୁ ଗାଁକୁ ଫେରି ନାହାନ୍ତି । ମଦନ ସାନଗୋରଡ଼ା ଏଲ୍.ପି. ସ୍କୁଲ୍‌ରୁ ପାସ୍ କରି ଘରେ ରହିଲେ । ବାପା ଓ ଦାଦାଙ୍କର ଯାହାକିଛି ଭୂ-ସମ୍ପତ୍ତି ଥିଲା ସେଥିରେ ସେ ଋଷକରି ଗୁଜୁରାଣ ମେଣ୍ଟାଇଲେ ।

ଜୟକୃଷ୍ଣ ପରିଡ଼ା : ଜନ୍ମ ୧୯୩୯, ମୃତ୍ୟୁ ୨୦୦୮

ଜୟକୃଷ୍ଣ ମୋ ତଳ ଶ୍ରେଣୀରେ ପଢୁଥିଲେ । ୧୯୫୦ ରେ ସେ ଶରଣକୁଳ ହାଇସ୍କୁଲରେ ୪ର୍ଥ ଶ୍ରେଣୀରେ ହଷ୍ଟେଲରେ ରହି ପଢ଼ିଲେ । ସେ ଅଷ୍ଟମ ଶ୍ରେଣୀ ପଢ଼ିବା ବର୍ଷ ତାଙ୍କ ଦାଦା ସି.ଟି. ଟ୍ରେନିଂ ପାଇଁ ବ୍ରହ୍ମପୁର ଯିବାରୁ ହଷ୍ଟେଲ ଛାଡ଼ି ଯିବା ଆସିବା କରି ପଢ଼ିଲେ । ମାତ୍ର ଆଉ ପଢ଼ି ପାରିଲେନି । ସେ ଅଷ୍ଟମ ଶ୍ରେଣୀରୁ ଘରକୁ ଫେରିଲେ । ନୟାଗଡ଼ କୋ ଅପରେଟିଭ୍ ସୋସାଇଟ୍‌ରେ ଋକିରି କରିଥିଲେ ।

ଦଣ୍ଡପାଣି ପରିଡ଼ା : ଜନ୍ମ ୧୯୪୦ ମସିହା

ଦଣ୍ଡପାଣି ୯ମ ଶ୍ରେଣୀରୁ ପାଠ ଛାଡ଼ିଲେ । ସେ କୌଣସି ଋକିରି ନକରି ଋଷକାମ କରି ଗାଁରେ ଅଛନ୍ତି । ସେ ଏବେ ଗାଁରେ ଓ ଆଖପାଖ ଗାଁରେ ଜଣେ ଭଲ ଜମି ମପାଳି ଭାବେ ପରିଚିତ । ତାଙ୍କ ବାପା ଭଗବାନ ପରିଡ଼ା ଅପର ପ୍ରାଇମେରି ପାଠ ପଢ଼ିଛନ୍ତି । ସେ କିଛିଦିନ ନିମ୍ନ ପ୍ରାଥମିକ ସ୍କୁଲର ଶିକ୍ଷକ ଥିଲେ । ବାପର ଗୋଟିଏ ପୁଅ ହେତୁ ଋକିରି ଛାଡ଼ି ଋଷ କାମ କଲେ ।

Digitized by srujanika@gmail.com

ନବ ପିଢ଼ିର ଶିକ୍ଷିତ ଯୁବକ

ଷଷ୍ଠ ଦଶକରେ ଶେଷ ଭାଗ ପରେ ଗାଁର ଯେଉଁ ଯୁବକମାନେ ପାଠ ପଢ଼ି ନାଁ କଲେ ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ମୁଁ ଉଲ୍ଲେଖ କରୁଛି । ଏଇ ସମୟ ବେଳକୁ ସିଭିଲ୍ ସୋସାଇଟି ବହୁତ କିଛି ଉନ୍ନତି କଲାଣି । ପାଖାପାଖି ବହୁତ ସ୍କୁଲ ଖୋଲିଲା । ଶରଣକୁଳରେ କଲେଜ ଖୋଲିଲା । ନୟାଗଡ଼ କଲେଜ ଖୋଲିଥିଲା ୧୯୬୦ ମସିହାରେ । ସାଉକାର ଘର କୀର୍ତ୍ତି ଚନ୍ଦ୍ର ପ୍ରଧାନଙ୍କ ପୁଅ ଶରତ ଓଡ଼ିଆରେ ଏମ୍.ଏ. ପାସ୍ କରି ଅଧ୍ୟାପକ ଥିଲେ । ଏବେ ସେ ଅକାଳରେ ମୃତ । ସେହି ପରିବାରର ବ୍ରଜକିଶୋର ପ୍ରଧାନ ଗାଁ ହାଇସ୍କୁଲରେ ଖେଳ ଶିକ୍ଷକ । ଜଗନ୍ନାଥ ପଟ୍ଟନାୟକଙ୍କ ପୁଅ କୈଳାସ ଚନ୍ଦ୍ର ପଟ୍ଟନାୟକ ଗାଁ ଏମ୍.ଇ. ସ୍କୁଲରେ ହେଡ୍ ମାଷ୍ଟର ହୋଇଥିଲେ । ଲଡୁ ପଟ୍ଟନାୟକ ପୁଅ ଲକ୍ଷ୍ମୀଧର ରେଭିନ୍ୟୁ ବୋର୍ଡ଼ରେ ଷ୍ଟେନୋ ଥିଲେ । ମଦନ ଦୋରାଙ୍କ ପୁଅ ମଧ୍ୟରୁ ଜଣେ ଜଣେ କଷ୍ ଆକାଉଣ୍ଟାଣ୍ଟ ଓ ଆଉଜଣେ ଓକିଲ ଅଛନ୍ତି । ହରେକୃଷ୍ଣ ଦୋରାଙ୍କ ବଡ଼ପୁଅ ସଚି Wireless ରେ ସବଇନସ୍‌ପେକ୍ଟର ହୋଇ ଅବସର ନେଇଛନ୍ତି । ତାଙ୍କର ଆଉ ଗୋଟିଏ ପୁଅ ଏବେ A.C.F. ପଦରେ କର୍ମରତ । ରାମଚନ୍ଦ୍ର ଦୋରାଙ୍କ

ତିନି ପୁଅ ଭିତରୁ ବଡ଼ ପୁଅ ହରି ପୋଲିସ୍ ଇନ୍‌ସପେକ୍ଟର ହୋଇ କଟକରେ କାର୍ଯ୍ୟରତ । ତାଙ୍କ ସାନ ପୁଅ ବିଜୟ ଘରବାଟିଆ ଓ.ଏସ୍.ଏ.ପିରେ ଡେପୁଟି କମାଣ୍ଡାଣ୍ଟ ଅଛନ୍ତି । ହରେକୃଷ୍ଣ ଦୋରାଙ୍କ ତିନି ପୁଅ ଭିତରୁ ବଡ଼ ପୁଅ ନାରାୟଣ ଏବେ ରେଞ୍ଜର ଅଛନ୍ତି । ତା ତଳ ଇଲେକ୍ଟ୍ରିକାଲ ଡିପ୍ଲୋମା ଇଞ୍ଜିନିଅର । ପୂର୍ବତନ ସର୍ବରାକାର କ୍ଷେତ୍ରମୋହନ ମହାପାତ୍ରଙ୍କ ବଡ଼ପୁଅ ପୂର୍ଣ୍ଣ ହାଇସ୍କୁଲର ହେଡ୍‌ମାଷ୍ଟର ହରିହର ଦୋରା ହିସାବରେ କାମ କରୁଛନ୍ତି । ବାଞ୍ଛାନିଧି ସ୍ୱାଇଁଙ୍କ ଜଣେ ପୁଅ ଆର୍ଯ୍ୟୁବେଦ ଡାକ୍ତର । ସୌରି ଭଟ୍ଟଙ୍କ ୪ ପୁଅ ଭିତରୁ ଜଣେ O.F.S.Cରେ ମ୍ୟାନେଜର ଏବଂ ଜଣେ ଏଗ୍ରିକଲଚର କଲେଜରୁ ପାସ କରି WALMI ରେ ପ୍ରଫେସର ହିସାବରେ କାର୍ଯ୍ୟରତ । ଚୈତନ୍ୟ ଭଟ୍ଟଙ୍କ ପୁଅ ରାଜ କିଶୋର ଏବେ ରେଞ୍ଜର ପଦରୁ ଅବସର ନେଇଛନ୍ତି । ଜଗନ୍ନାଥ ଭଟ୍ଟଙ୍କ ପୁଅ ନଟବର କେଶରପୁର ପ୍ରଧାନ ନାଗମୁଣ୍ଡଳୀ ହାଇସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଅଛନ୍ତି । ବଂଶୀଧର ଦାସଙ୍କ ପୁଅ ଯୁଗଳ ଟେଲିଫୋନ ବିଭାଗର ଏସ୍.ଡି.ଓ. ଅଛନ୍ତି । ଅଗାଧୁ ସ୍ୱାଇଁଙ୍କ ପୁଅ ଆନନ୍ଦ ଏବେ କଣ୍ଟିଲୋ କଲେଜରେ ମୁଖ୍ୟ ସହାୟକ ହିସାବରେ କାର୍ଯ୍ୟରତ । ଗଦେଇ ରାଉତଙ୍କ ପୁଅ ରମେଶ ଗାଁ ହାଇସ୍କୁଲ୍‌ରେ ଏବଂ କୁଞ୍ଜ ଭଟ୍ଟଙ୍କ ପୁଅ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି । ସଦେଇ ରାଉତ ବ୍ରିଟିଶ ଅମଳର ରୋଡ଼ଗ୍ୟାଙ୍ଗ୍ ।

Digitized by srujanika@gmail.com

ମୁଁ ନୟାଗଡ଼ରେ ସହକାରୀ ଯନ୍ତ୍ରୀ ଥିଲାବେଳେ (୧୯୮୯)ରେ ସେ ଚାକିରୀରୁ ଅବସର ନେଇ ପେନସନ୍ ପାଉଛନ୍ତି ।

ଏହା ବାଦ ଗାଁର ଅନେକ ପିଲାମାନେ କଲେଜରୁ ପାସ କରି ବିଭିନ୍ନ କର୍ମରେ ନିଯୁକ୍ତ । ଗାଁରେ ହାଇସ୍କୁଲ ଥିବାରୁ ପୁଅଝିଅ ସବୁ ହାଇସ୍କୁଲରୁ ପାସ କରି ଶିକ୍ଷିତ ହୋଇଛନ୍ତି । ଝିଅମାନେ ପାଠ ପଢୁଥିବାରୁ ମନରେ ଆନନ୍ଦ ଓ ଗର୍ବ ଆସୁଛି । ମୁଁ ସାନଗୋରଡ଼ା ଏଲ୍. ପି. ସ୍କୁଲରେ ପଢୁଥିବା ବେଳେ ମାତ୍ର ଦୁଇଟି ଝିଅ, ଜଣେ କେଶରପୁରର ଓ ଆଉଜଣେ ପାଟ୍ଟୁଳିସାହିର ପଢୁଥିଲେ ।

କୃଷ୍ଣ ଭଟ୍ଟ

ପାଖ ଗାଁର କିଛି ଶିକ୍ଷିତ ଯୁବକ

କେଶରପୁର ଗାଁର ଲିଙ୍ଗରାଜ ହଜାରୀ (୧୯୦୬-୧୯୯୧) ପୁଲିସ୍ ବିଭାଗରେ କାମ କରି ଇନ୍‌ସପେକ୍ଟର ପଦରୁ ଅବସର ନେଲେ । ସେ ଖୋରଧା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ । ତାଙ୍କ ସାନଭାଇ ସତ୍ୟବାଦୀ ହଜାରୀ କଟକ ମେଡିକାଲ କଲେଜର ବେଷ୍ଟ ଗ୍ରାଜୁଏଟ୍ ହୋଇ ୧୯୪୯ ରେ ଏମ୍.ବି.ବି.ଏସ୍. ପାସ୍ କରିଥିଲେ । ସେ ଯେଉଁବର୍ଷ କଟକ ମେଡିକାଲ୍ ସ୍କୁଲରୁ ଏଲ୍.ଏମ୍.ପି. ପାସ୍‌କଲେ ସେହିବର୍ଷ ମେଡିକାଲ କଲେଜ ଖୋଲିଲା । ସେ କଣ୍ଡେନ୍‌ସ କୋର୍ସରେ ଏମ୍.ବି.ବି.ଏସ୍. ପାସ୍‌କରି ସ୍ୱର୍ଣ୍ଣ ପଦକ ପାଇଲେ । ପରେ ସେ ଆମେରିକା ଗଲେ । ବୁର୍ଲା ମେଡିକାଲ କଲେଜ ଓ କଟକ ମେଡିକାଲ କଲେଜର ଆନାଟୋମି ବିଭାଗରେ ପ୍ରଫେସର୍ ହୋଇ ଭଲ ନାଁ କରି ଅବସର ନେଇ ନୟାଗଡ଼ରେ ଘର କରି ରହୁଥିଲେ । ଏବେ ତାଙ୍କର ମୃତ୍ୟୁ ହେଲା ଜାନୁୟାରୀ ୧୫, ୨୦୦୮ରେ । ଲିଙ୍ଗରାଜ ହଜାରୀଙ୍କ ୪ ପୁଅରୁ ବଡ଼ପୁଅ ନାରାୟଣ ହଜାରୀ ଏବଂ ୪ର୍ଥ ପୁଅ ସୁବାସ ହଜାରୀ ରାଜନୀତି ବିଜ୍ଞାନରେ ଏମ୍.ଏ. ପାସ୍ କରି ଏବଂ ପି.ଏଚ୍.ଡି. କରି ବାଣୀବିହାରରେ ପ୍ରଫେସର୍ ଥିଲେ । ଡକ୍ଟର ନାରୟଣ ହଜାରି ଜଣେ ଆଦର୍ଶବାଦୀ । ଦ୍ୱିତୀୟ ପୁଅ ମଦନ ମୋହନ ହଜାରୀ ଭେଟେନାରୀ ବିଜ୍ଞାନରେ ଏମ୍.ଏସ.ସି ପାସ୍‌କରି ଡେପୁଟି ଡିରେକ୍ଟର ହୋଇଥିଲେ । ତୃତୀୟ ପୁଅ ସନ୍ତୋଷ ହଜାରୀ ମେଡିକାଲ କଲେଜରୁ ଆନାଟୋମିରେ ଏମ୍.ଏସ୍ କରି ମେଡିକାଲ କଲେଜର ପ୍ରଫେସର ପଦକୁ ଯାଇଥିଲେ । ପ୍ରଫେସର ସତ୍ୟବାଦୀ ହଜାରିଙ୍କ ଦୁଇ ପୁଅ ଭିତରୁ ବଡ଼ ପୁଅ ସଏଲ କଞ୍ଜରଭେସନରେ କାର୍ଯ୍ୟରତ ଏବଂ ସାନପୁଅ ପଶୁ ଚିକିତ୍ସା ବିଜ୍ଞାନ (Veterinary Science) ରେ ପି.ଏଚ୍.ଡି. କରି ଉଚ୍ଚ ପଦବୀରେ ଅଧିଷ୍ଠିତ ।

ଡାକ୍ତର ସତ୍ୟବାଦୀ ହଜାରୀ

Digitized by srujanika@gmail.com

ଏଇ ଗାଁରେ ଥିଲେ ଜଣେ ସଂକୀର୍ତ୍ତନବାଲା । ତାଙ୍କ ନାଁ ପଞ୍ଚୁ ସାହୁ । ତାଙ୍କର ଗୁରୁ ଥିଲେ ନାଗ ମୁଣ୍ଡଳିରେ ବଳିୟାର ସିଂ । ପିଣ୍ଡିକି ଶ୍ରୀଚନ୍ଦନଙ୍କ ଲିଖିତ ବସନ୍ତରାସ ର ବଂଗାଳୀ ମିଶା ଓଡ଼ିଆ ଗୀତ ଗାଇ ଝାଞ୍ଜ ମାଡ଼ରେ ଏପରି ବୋଲନ୍ତି ଯେ ଦର୍ଶକମାନେ ବିମୋହିତ ହୋଇ ପଡ଼ନ୍ତି । ସଂକୀର୍ତ୍ତନରେ ଗୀତର ପଦକୁ ଓ ଝାଞ୍ଜର ମାଡ଼କୁ ତାଳ ଦେଇ ଖୋଳ ଧରି ସୁର କାଢ଼ିବେ । ଥରେ କୋରପିଠା ସାଆନ୍ତଙ୍କ ନିମନ୍ତ୍ରଣ କ୍ରମେ ବହୁତ ସଂକୀର୍ତ୍ତନ ଗୋଷ୍ଠୀ ସେଠାରେ ମିଳିତ ହୋଇ ସଂକୀର୍ତ୍ତନ ପରିବେଷଣ କରୁଥିଲେ । ଏଥିରେ ପଞ୍ଚୁ ସାହୁଙ୍କ ସଂକୀର୍ତ୍ତନ ବୋଲା ଅତି ଉଚ୍ଚକୋଟୀର ହୋଇଥିଲା ବୋଲି ସମସ୍ତେ କହନ୍ତି ।

ଏହି ପଞ୍ଚୁ ସାହୁ ସାନଗୋରଡ଼ା ଏଲ୍.ପି. ସ୍କୁଲରୁ ୪ର୍ଥ ପାସକରି ପଞ୍ଚମ ପଢ଼ିଲେ ଗାଁ ପାଖ ରାଜପାଟଣା ସ୍କୁଲରେ । ତାଙ୍କ ସାଙ୍ଗରେ ପଢୁଥିଲେ ସତ୍ୟବାଦୀ ହଜାରୀ । ସତ୍ୟବାଦୀ ଉତ୍ତର ଜୀବନରେ କଟକ ମେଡ଼ିକାଲ କଲେଜରୁ ପ୍ରଫେସର ହୋଇ ଭଲ ନାଁ କରି ଅବସର ନେଲେ । ପଞ୍ଚୁସାହୁଙ୍କ ପୁଅ ରାମଙ୍କୁ ସେ କହନ୍ତି, ତୋ ବାପା ପଢ଼ା ବନ୍ଦକରି ସଂକୀର୍ତ୍ତନରେ ମିଶିଲା । ଅନ୍ତତଃ ଆଉ ବର୍ଷେ ଖଣ୍ଡେ ପଢ଼ିଥିଲେ ଅତିକମ୍‌ରେ ସ୍କୁଲ ଶିକ୍ଷକ ହୋଇ ପାରିଥାନ୍ତା ଓ ତମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ପାରିଥାନ୍ତା । ପଞ୍ଚୁ ସାହୁଙ୍କ ପୁଅ ରାମ ଏବେ ମିଠା ବ୍ୟବସାୟ ଛାଡ଼ି କାଠ ମିସ୍ତ୍ରୀ କାମ କରୁଛନ୍ତି ।

ଏହି ଗାଁର ରଘୁନାଥ ପଟ୍ଟନାୟକ ନୟାଗଡ଼ ଗଡ଼ଜାତର ପ୍ରଥମ ମାଟ୍ରିକ୍ୟୁଲେଟ୍ । ସେ ଦରବାର ଶାସନ ବେଳେ ରେଞ୍ଜରହୋଇ ପରେ ଚାକିରି ଛାଡ଼ିଦେଲେ । ତାଙ୍କ ପୁଅ ସୋମନାଥ ପଟ୍ଟନାୟକ ବି.ଏ. ପାସ୍ କଲାପରେ କିଛିବର୍ଷ ଶିକ୍ଷକତା କରିଥିଲେ । ତା'ପରେ ସୋସିଆଲିଷ୍ଟ ଦଳରେ ମିଶିଥିଲେ । ପୁଣି ଏମ୍.ଏ ପାସ୍‌କରି ଅଧ୍ୟାପକ ହୋଇଥିଲେ ।

ସାନଗୋରଡ଼ା ଗ୍ରାମର କୁଞ୍ଜବିହାରୀ ପଟ୍ଟନାୟକ (ମୃତ୍ୟୁ ୧୯୩୭) ନୟାଗଡ ଗଡ଼ଜାତର ପ୍ରଥମ ଗ୍ରାଜୁଏଟ୍ । ସେ ୧୯୧୩ ମସିହାରେ ରେଭେନ୍ସା କଲେଜିଏଟ୍ ସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିଲେ । ସେ ସୁବାସ ଚନ୍ଦ୍ର ବୋଷଙ୍କ ସହପାଠୀ ଥିଲେ ଏବଂ ନୟାଗଡ଼ ରାଜାଙ୍କ ତହସିଲ୍‌ଦାର୍ ଥିଲେ । ସେ ଗାଁ ଛାଡ଼ି ନୟାଗଡ଼ ନିକଟ ଝୁମୁରୀ ଗାଁରେ ଘର କରି ରହିଲେ । ତାଙ୍କର ବଡ଼ ପୁଅଗୋପାଳ ଚନ୍ଦ୍ର ପଟ୍ଟନାୟକ (ଜନ୍ମ : ୧୯୨୪) ନୟାଗଡ଼ କଲେଜରେ ପ୍ରିନ୍‌ସପାଲ ଥିଲେ । ସେ ଶିକ୍ଷା ବିଭାଗର ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶକ ଥିଲେ । ଏବେ ଅବସର ନେଇଛନ୍ତି । ଗୋପାଳ ପଟ୍ଟନାୟକଙ୍କ ପୁଅ

Digitized by srujanika@gmail.com

ପ୍ରିୟବ୍ରତ ପଟ୍ଟନାୟକ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଜଣେ ଆଇ.ଏ.ଏସ୍. ଅଫିସର୍ । ସେହି ଗାଁର ସୁରେନ୍ଦ୍ର ପଟ୍ଟନାୟକ ଓଡ଼ିଶା ସରକାରଙ୍କ ଲୋକ ସମ୍ପର୍କ ବିଭାଗରେ ରିସର୍ଚ୍ଚ ଅଫିସର୍ ଥିଲେ । ତାଙ୍କର ଅକାଳ ମୃତ୍ୟୁ ପରେ ତାଙ୍କ ପୁଅ ଦେବାଶିଷ ସେହି ଲୋକସଂପର୍କ ବିଭାଗରେ ଆସିଷ୍ଟାଣ୍ଟ ଅଛନ୍ତି । ଉଦୟନାଥ ପଟ୍ଟନାୟକ ଜଣେ ଜାଣିବା ଶୁଣିବା ଲୋକ । ଗାଁରେ ହୋମିଓପାଥି ଚିକିତ୍ସା କରୁଥିଲେ ଓ ପରେ ସରପଞ୍ଚ ହୋଇଥିଲେ । ଭବାନୀ ଚରଣ ପଟ୍ଟନାୟକ ବଡ଼ମ୍ବାରୁ ସାନ ଗୋରଡ଼ାକୁ ପୁଅ ହୋଇ ଆସିଥିଲେ । ସେ ପ୍ରସିଦ୍ଧ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ଦଦାପୁଅ ଭାଇ । ଭବାନୀ ପଟ୍ଟନାୟକ ଏଲ୍.ପି. ସ୍କୁଲର ଶିକ୍ଷକ ଥିଲେ । ତାଙ୍କ ପୁଅ କୈଳାସ ମଧ୍ୟ ଏଲ୍.ପି. ସ୍କୁଲରେ ଶିକ୍ଷକ ଥିଲେ । କୈଳାଶ ଏବେ ସାନଗୋରଡ଼ାରୁ ଜମି ବିକ୍ରି କରିଦେଇ ଓଡ଼ଗାଁରେ ରହୁଛନ୍ତି । ଉଦ୍ୟନାଥ କର ଜଣେ ପାଲାକାର । ସେ ମୋର ସାଙ୍ଗରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ । ତାଙ୍କ ଜେଜେ ରାମ କର ଓ ବାପା ବୈଦ୍ୟନାଥ କର ଏ ଅଞ୍ଚଳର ପ୍ରସିଦ୍ଧ କବିରାଜ ଥିଲେ । ତ୍ରିଲୋଚନ କର ମୋ ସହିତ ତାଙ୍କ ଗାଁ ଏଲ୍.ପି. ସ୍କୁଲରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ପଢୁଥିଲେ । ସେ କଙ୍କାଇପଲ୍ଲୀ ହାଇସ୍କୁଲରୁ ୧୯୫୭ରେ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍‌କଲେ । ସେହି ବର୍ଷ ସାରା ଓଡ଼ିଶାରେ ମୋଟ ୧୫୦ଜଣ ଛାତ୍ର ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିଲେ । ସେ ଡାକ ବିଭାଗରେ ଋକିରି କରି ଋକିରି ଶେଷବେଳକୁ ଉଚ୍ଚପଦବୀରୁ ଅବସର ଗ୍ରହଣ କରିଛନ୍ତି ।

ଆଙ୍ଗିସିଙ୍ଗି ଗାଁର ଶିକ୍ଷିତ ବ୍ୟକ୍ତି ହେଲେ ନାରାୟଣ ରଥ, ବୈକୁଣ୍ଠ ନାଥ ପଟ୍ଟନାୟକ(ମୃ.୨୦୦୬), ଉଦୟନାଥ ସ୍ୱାଇଁ, ରାମକୃଷ୍ଣ ମହାପାତ୍ର(ମୃ ୧୯୯୧), ବାଳକୃଷ୍ଣ ଦାସ, ବାଞ୍ଛାନିଧି ବେହେରା । ଏମାନଙ୍କ ମଧ୍ୟରୁ ବୈକୁଣ୍ଠ ନାଥ ପଟ୍ଟନାୟକ ବି.ଏ. ପାସକରି ହାଇସ୍କୁଲ୍ ଶିକ୍ଷକ ଥିଲେ । ନାରାୟଣ ରଥ ବି.ଟି. ପାସ୍ କରି ପରେ ଘରୋଇ ଭାବରେ ବି.ଏ. ପାସ୍ କଲେ ଏବଂ ସେ ଜଣେ ଶିକ୍ଷକ ଥିଲେ । ମଟର ସାଇକେଲ୍‌ରେ ଯିବା ସମୟରେ ଦରପଦା ନିକଟରେ ୧୯୮୯ରେ ଉଚ୍ଚ ରକ୍ତଚାପ ରୋଗରେ ତାଙ୍କର ମୃତ୍ୟୁ ହେଲା । ଉଦୟନାଥ ସ୍ୱାଇଁ, ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ସେ ସମୟରେ ବହି କିଣିବା ଭାରି କଷ୍ଟଦାୟକ ଥିଲା ।

ବାଳକୃଷ୍ଣ ଦାଶ

ତେଣୁ ଉଦୟନାଥ କବିତା ପ୍ରବେଶ ବହିର ପଦ୍ୟ ଗୁଡ଼ିକ ଗୋଟିଏ ଖାତାରେ ଉତାରି

Digitized by srujanika@gmail.com

ଦେଇଥିଲେ । ବାଳକୃଷ୍ଣ ଦାଶ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ଏଲିମେଣ୍ଟାରି ଟ୍ରେନିଂ ନେଇ ଏଲ୍.ପି. ସ୍କୁଲ୍‌ରେ ଶିକ୍ଷକ ଥିଲେ । ସେ ଜଣେ ଅଜାତ ଶତ୍ରୁ (ଜ : ୧୯୩୮)

ଗୁଣ୍ଡାବାରଣ ଗାଁରେ ଅଧିକାଂଶ ମହାନ୍ତି ଜାତିର ଲୋକ ବାସ କରୁଛନ୍ତି । ଗଦାଧର ପଟ୍ଟନାୟକ ନୟାଗଡ଼ରେ ଓକିଲ ଥିଲେ । ପ୍ରାଣନାଥ ଦାସ ରେଞ୍ଜର ଭାବେ କାମକରି ଅବସର ନେଇଥିଲେ । ସେ ପ୍ରଫୁଲଙ୍କ ଦାଦା । ପ୍ରଫୁଲ ପଟ୍ଟନାୟକ ମୋର ଉପର ଶ୍ରେଣୀରେ ଶରଣକୁଳ ହାଇସ୍କୁଲରେ ପଢୁଥିଲେ । ପ୍ରଫୁଲ ସପ୍ଲାଇ ଇନ୍‌ପେକ୍ଟର ଥିଲେ । ୧୭୯୩ରେ ଜନ୍ମିତ କବି ହରେକୃଷ୍ଣ ପଟ୍ଟନାୟକଙ୍କ ଜନ୍ମ ଏହି ଗାଁରେ । ପ୍ରଫୁଲ ତାଙ୍କରି ବଂଶର ଦାୟାଦ । ହରେକୃଷ୍ଣ ରାଜା ବିନାୟକ ସିଂହଙ୍କ ରାଜ ସଭାର କବିଥିଲେ । ପ୍ରଫୁଲ କହନ୍ତି ୧୯୫୮ ମସିହାରେ କେଶରପୁରର ସୋମନାଥ ପଟ୍ଟନାୟକ ତାଙ୍କୁ ତାଙ୍କ ଘରର ପୁରୁଣା ପୋଥି ମାଗିଲେ, ଯେଉଁଥିରେ କି ହରେକୃଷ୍ଣଙ୍କ ଲେଖା ଥିଲା । ସେ ଲେଖା ଛପାଇଲେ ନାହିଁ କି ଫେରାଇଲେ ନାହିଁ । ଏପରି ଭାବରେ ଜଣେ କବିଙ୍କ ଲେଖା ହଜିଗଲା । ଦେବେନ୍ଦ୍ର ପଟ୍ଟନାୟକ ରେଭିନ୍ୟୁ ବିଭାଗରେ କାମ କରି ଶେଷକୁ ଡ଼େପୁଟି କଲେକ୍ଟର ହୋଇଥିଲେ ।

ଭାଲିଆଡ଼ିହି ଗାଁର ମଧୁସୂଦନ ପଟ୍ଟନାୟକ ଶରଣକୁଳକୁ ଯିବା ଆସିବା କରି ପାଠ ପଢୁଥିଲେ । ତାଙ୍କ ଗାଁ ଠାରୁ ଶରଣକୁଳ ପ୍ରାୟ ୮ କି.ମି. ଦୂର । ସେଥିରେ ୨ଟି ନଈ ପାରିହୋଇ ଯିବା ଆସିବା କରି ଯାଉଥିଲେ । ସେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ Dy. Inspector of school ପଦରୁ ଅବସର ନେଇ ପୁରୀରେ ରହୁଛନ୍ତି । ତାଙ୍କ ଗାଁର ଲିଙ୍ଗରାଜ ଭୂୟାଁ ଓ ଲିଙ୍ଗରାଜ ରାୟ ମୋର ସାଙ୍ଗ ମାଟ୍ରିକ୍ୟୁଲେଟ୍ ।

ଗାଁ ପାଖରେ ପ୍ରସିଦ୍ଧ କବି :

କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା (ଜ.୧୭୩୭) ଭିଖାରିପଡ଼ାରେ (ଶରଣକୁଳ) ଜନ୍ମଗ୍ରହଣ କରିଥିଲେ । ସେ ଥିଲେ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ଦୀକ୍ଷା ଗୁରୁ । ତାଙ୍କଦ୍ୱାରା ଲିଖିତ ବହିଗୁଡ଼ିକ ହେଲା : ଲଳିତ ଲୋଚନା, ମୋହନ କଞ୍ଚଲତା, ଯୁଗଳ ରସାମୃତ ଲହରୀ, ଯୁଗଳ ରସାମୃତ ଭଉଁରି, ପ୍ରେମ ତରଙ୍ଗିଣି, ଚିଟାଉ ଚନ୍ଦ୍ରୋଦୟ, ପ୍ରିତୀ ଚିନ୍ତାମଣି, ନାମ ଚିନ୍ତାମଣି, ନିଷ୍ଠା ଚିନ୍ତାମଣି, ତତ୍ତ୍ୱ ତରଙ୍ଗିଣୀ, ପାଟରତ୍ନାବଳୀ, କୀର୍ତ୍ତନ ଉଜ୍ୱଳ, ବିଶ୍ୱମ୍ଭର ବିହାର, ଘରୁ ଚିନ୍ତାମଣି, ପ୍ରେମ କଞ୍ଚଲତା, ବ୍ରଜଲୀଳାମୃତ ସମୁଦ୍ର, ଭଗବତ୍-ଗୀତାନୁବାଦ, ସଙ୍ଗୀତ ସଦାନନ୍ଦ, ବାଲବୋଧିନି, ସ୍ୱର ଦିପୀକା ବା ସ୍ୱର ଶାସ୍ତ୍ର, ଦୂତୀ ଚଉତିଶା, କୋଇଲି ଚଉତିଷା, ଶ୍ରୀ ନୀଳାଦ୍ରୀନାଥ ମଣିମା ଜଣାଣ, ଶ୍ରୀ ଚଉତିଷା

Digitized by srujanika@gmail.com

ଜଣାଣ, ନୂଆଗଡ଼ ଲଡୁକେଶ୍ୱରଙ୍କ ଜଣାଣ, ମଞ୍ଜ ଶିକ୍ଷା, ଚଉପଦୀ ସମାରହ, ମୋଟ ୨୭ଟି । କବିଙ୍କ ଲିଖିତ ମାତ୍ର ନ ମିଳୁନଥିବା ବହି : କୁଞ୍ଜ ବିହାର, ଗୋବିନ୍ଦ ଗୁଣ କିର୍ତ୍ତନମାଳା, ବ୍ରତ ସୂର୍ଯ୍ୟୋଦୟ, ବ୍ରହ୍ମାଣ୍ଡ ମଙ୍ଗଳ, ଉତ୍କଳ ନିଳମଣି, ପ୍ରେମ ଚିନ୍ତାମଣି, ହରି ଭକ୍ତି କଳ୍ପଲତା, ଶ୍ରୀକୃଷ୍ଣ ଚଉତିଷା ଚରିତାମୃତ, ମୋଟ ୮ଟି ।

ସୀତା ବିଳାସର କବି ସତ୍ୟବାଦୀ ସାମନ୍ତରାୟ (୧୮୩୦ - ୧୮୮୯) ଜନ୍ମ ଗ୍ରାମ ପୋଡ଼ା ଶରଣକୁଳ (ହରିହରପୁର ନ୨) । ସେ 'ସ' ଅନୁପ୍ରାସରେ ଉକ୍ତ କାବ୍ୟଟି ରଚନା କରିଛନ୍ତି । ବହିଟିରେ ମୋଟ ୫୭ଟି ଛାନ୍ଦ ଅଛି । ସରକାରଙ୍କ ସଂସ୍କୃତି ବିଭାଗ ଉକ୍ତ ବହିକୁ ୧୯୭୭ରେ ପ୍ରକାଶ କରିଛନ୍ତି ।

ପଣ୍ଡିତ ବିନାୟକ ମିଶ୍ର (୧୮୯୪ - ୫.୮.୧୯୭୧)ଙ୍କ ଜନ୍ମସ୍ଥାନ ନରେନ୍ଦ୍ରପୁର (ଶରଣକୁଳ ଅନ୍ତର୍ଗତ) । ସେ ଓଡ଼ିଆ ସାହିତ୍ୟର ଇତିହାସ, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ଇତିହାସ ଇତ୍ୟାଦି ଅନେକ ବହି ଲେଖିଛନ୍ତି ।

ବାଉଁଶିଆର ଦୟାନିଧି ଦାଶ (ଜ. ୧୯୩୪) ମଧ୍ୟ ଜଣେ ଉଦୀୟମାନ କବି । ସେ ୮୫୦ ପୃଷ୍ଠାର ମିମାଂସା ରାମାୟଣ ଲେଖିଛନ୍ତି ବିଭିନ୍ନ ଛାନ୍ଦରେ । ତାଙ୍କ ଦ୍ୱାରା ଅନୂଦିତ ରାମ ଚରିତ ମାନସ ଅତି ସରଳ ଭାଷାରେ ଲେଖା । ତା ବ୍ୟତୀତ ଅନ୍ୟ ବହିଗୁଡ଼ିକ ହେଲା ଯୁଗେ ଯୁଗେ ଜଗନ୍ନାଥ, ଭକ୍ତ ଓ ଭଗବାନ, ନାମରୁ କାମ, ଘରୁ ଯଜ୍ଞ, ଦାରୁଭୂତ ମୁରାରୀ, ଇତ୍ୟାଦି । ସେ ମୋ ସହପାଠୀ ଦେବରାଜ ଦାଶଙ୍କ ଅଗ୍ରଜ ।

ଗାଁର କିଛି ସ୍ମୃତି

କୃଷ୍ଣଚନ୍ଦ୍ର ଦୋରା

ବଡ଼ଗୋରଡ଼ା ଗାଁରେ ଯେଉଁ ମୁଖିଆ ଲୋକମାନେ ଥିଲେ, ସେମାନଙ୍କ ମଧ୍ୟରୁ ମୋର ସାନଜେଜେ ହାତୀରାମ ଦୋରା (କୃଷ୍ଣଚନ୍ଦ୍ର ଦୋରା) (୧୮୯୭-୧୯୭୧) ଅନ୍ୟତମ । ସେ ଜଣେ ମାମଲତକାର । ସଭାରେ ଜୋର କରି କହିବେ, ତାଙ୍କ ଯୁକ୍ତି ସାଧାରଣତଃ ଅକାଟ୍ୟ । ୧୯୩୦ ମସିହା ବେଳକୁ ସେ ଗାଁର ଅଧା ସର୍ବରାକାର ଥିଲେ । ପରେ ପରିଡ଼ାଘର ସେ ପଦ ନେଲେ । ସେ କୁଟୁମ୍ବ ହିସାବରେ ମୋର ବାପାଙ୍କ ଦାଦା ହେବେ । ତାଙ୍କର ଜନ୍ମ ୧୮୯୭ ମସିହା ।

Digitized by srujanika@gmail.com

ତାଙ୍କ ପରିବାରକୁ ସାନ ବାଇସିଟି ଘର ଓ ଆମ ଘରକୁ ବଡ଼ ବାଇସିଟି ଘର ବୋଲି ସମସ୍ତେ ଜାଣନ୍ତି । ମୋର ଜେଜେବାପା ବଡ଼ ଦୀନବନ୍ଧୁ ଦୋରା ତାଙ୍କ ମାମୁଁ ନାରାୟଣ ଙ୍କର ପୁଅ ହୋଇ ଆସିଥିଲେ । ନାରାୟଣ ଦୋରାଙ୍କ ବାପା ଓ କୃଷ୍ଣଚନ୍ଦ୍ରଙ୍କ ଜେଜେବାପା କାନ୍ତିଆ ଦୋରା ସଖ୍ୟ ଦୁଇଭାଇ । ସେହି ଦୃଷ୍ଟିରୁ ସେ ଆମର ଘିଅଖିଆ କୁଟୁମ୍ବ ।

ଜେଜେଙ୍କୁ (କୃଷ୍ଣଚନ୍ଦ୍ର) ଜଣା, କେଉଁଠି, କେତେବେଳେ କେଉଁକଥା କହିବେ, ଏଲ୍.ପି. ସ୍କୁଲ୍ ପାଠ ପଢ଼ି ମଧ୍ଯ ସବୁ ଲେଖା ପଢ଼ାରେ ସେ ଓସ୍ତାଦ୍ ଥିଲେ । ତାଙ୍କଠୁଁ କଥା ଶୁଣିବାକୁ ଭଲ ଲାଗେ । ମାତ୍ର ମୋର ଯୁକ୍ତି ତାଙ୍କ ସହିତ ଅବ୍ୟାହତ ରହେ । ସେତେବେଳେ ମୁଁ ତାଙ୍କୁ କୃପଣ ବୋଲି ଆଖ୍ୟା କରେ ସେ କହନ୍ତି, "ତୁ ତ ଅମ୍ବୁଦାନୀ" । ଅମ୍ବୁଦାନୀ ଅର୍ଥ ମେଘ ଯେପରି ଅକାତରରେ ଜଳ ଦାନ କରେ । ଗୋଟିଏ ସାଧାରଣ ଘଟଣାରେ ତାଙ୍କର ସ୍ତ୍ରୀ, ୧୯୪୮ ମସିହାରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ । ଜେଜେ ସେଥିପାଇଁ ମଲାପର୍ଯ୍ୟନ୍ତ କାନ୍ଦିଛନ୍ତି ।

୧୯୫୬ ମସିହା ଫେବୃଆରୀ ମାସ ଶେଷ ସପ୍ତାହର କଥା । ଗାଁର ଜଣେ ଲୋକ ଭାଗବତ ଘରେ ବସିଥିବା ବେଳେ ତାଙ୍କୁ ପଚରିଲା "ମୁଁ ୧ ତାରିଖଦିନ ଗଡ଼କୁ (ନୟାଗଡ଼) ଯିବି, କି ବା'ରେ ପଡ଼ିବ", ସେ ହିସାବ କରି କହିଲେ ଗୁରୁବାର ପଡ଼ିବ । ମୁଁ କହିଲି ନା ଶୁକ୍ରବାରେ ପଡ଼ିବ । ସେ ରାଗିଯାଇ ପାଟିକରି କହିଲେ, "ଦେଖରେ, ଟୋକାଟା ସବୁବେଳେ ଯୁକ୍ତି କରୁଛି ।" ତା'ପରେ ଗୋଟିଏ ଗୀତ ଗାଇଲେ ।

ତିରିଶ ଦିନ ଅଟେ ମାସ ସେପ୍ଟେମ୍ବର
ତା ସଙ୍ଗେ ଅପ୍ରିଲ ଜୁନ ଆଉ ନଭେମ୍ବର
ଫେବୃୟାରୀ ମାସ ହୁଏ ଅଠାଇଶ ଦିନ
ଆଉସବୁ ମାସଯାକ ଏକତ୍ରିଶ ଜାଣ ।।

ମୁଁ କହିଲି "ଗୀତର ଆଉ ଦୁଇଧାଡ଼ି ଛାଡ଼ି ଯାଇଛ । ସେଇଟା ହେଲା :

ପ୍ରତି ଚଉରିବର୍ଷରେ ପଡ଼େ ଅଧିବର୍ଷ
ଅଣତ୍ରିଶ ହୁଏ ଫେବୃୟାରୀ ମାସ

ସେ ସଙ୍ଗେ ସଙ୍ଗେ ପାଞ୍ଜି ମଗାଇଲେ । ପାଞ୍ଜିରେ ଫେବୃୟାରୀ ୨୯ ଲେଖାଥିବାରୁ ସେ ଆଚମ୍ବିତ ହୋଇ ମୋତେ କହିଲେ, 'ଏଥର ତୋ କଥା ସବୁବେଳେ ମାନିବି ।'

Digitized by srujanika@gmail.com

୧୯୫୩ ମସିହାରେ ନୟାଗଡ଼ର ସିଭିଲ ଏସ୍.ଡି.ଓ. ପଞ୍ଚାନନ ତ୍ରିପାଠୀ ତାଙ୍କୁ ଗାଁ ଦାଣ୍ଡରେ ଇଟା ରଖିବା ଅପରାଧରେ ଟ୫୦/- ଜୋରିମାନା କରିଥିଲେ । ଏଇ ଏସ୍.ଡି.ଓ. ଏ ଘଟଣାର କେତେମାସ ପରେ ଗାଁ କୁ ଆସିଲେ । ତାଙ୍କୁ ଜେଜେ କୃଷ୍ଣସିଂହ ମହାଭାରତର ଗୋଟିଏ ପଂକ୍ତି ଶୁଣାଇଲେ । ପଂକ୍ତିଟି ମନେ ନାହିଁ । ମାତ୍ର ତା'ର ଅର୍ଥ "ବଡ଼ ବଡ଼ ଲୋକଙ୍କୁ ଉତ୍ତର ନାହିଁ ।" ଗାଁ ଲାଇବ୍ରେରୀରୁ ଏସ୍.ଡି.ଓ. ସେହି ମହାଭାରତ ବହିଟି ପଢ଼ିବାକୁ ନେଲେ । ମାତ୍ର ଆଉ ଫେରାଇ ନାହାନ୍ତି । ସାନଜେଜେ ଥରେ ତାଙ୍କର ଅଙ୍ଗେନିଭା କଥା କହିଲେ ।

୧୯୪୨ ମସିହା ବେଳେ ଏ ଅଞ୍ଚଳରେ ଗୋରୁଙ୍କୁ ଫାଟୁଆ ରୋଗ ହୋଇଥିଲା । ପ୍ରତିଷେଧକ ଟୀକା ଦେବାପାଇଁ ଗଡ଼ରୁ କେହି ଭେଟେରିନାରୀ କର୍ମକର୍ତ୍ତା ଆସିଥିଲେ । କର୍ମକର୍ତ୍ତାମାନେ ଗାଁ ଏଲ୍.ପି. ସ୍କୁଲରେ ରାତିରେ ରହିଲେ । ଗାଁରେ କଥା ହେଲା ଉକ୍ତ ଭେଟେରିନାରୀ ଅଫିସରଙ୍କୁ କୁହାହେବ ଏବେ ଟୀକାନେଲେ ଋଷକାମ ବ୍ୟାହାତ ହେବ । ବିଲ ବେଉଷା ସରିଲେ ଟୀକା ଦିଆଯାଉ । ସକାଳେ ସାନଜେଜେ ଯାଇ ତାଙ୍କୁ ପରେ ଟୀକା ଦେବାକୁ ଅନୁରୋଧ କରି ଟ୧୦/- ଯାଚିଲେ । ସେ ଅଫିସର କହିଲେ "ଟଙ୍କା ରଖିଥା, ମୁଁ ମାଗିଲେ ଦେବ" । ସାନଜେଜେ ସଦା ଜାଗ୍ରତ । ସେ ବାହାରକୁ ଆସି ଟଙ୍କା ଅଣ୍ଟାରୁ କାଢ଼ି ଠିଆ ହୋଇଥିବା ଅଗାଧୁ ଦୋରାଙ୍କୁ କହିଲେ "ତୁ ଏ ଟଙ୍କା ନେଇ ଶୀଘ୍ର ଗାଁକୁ ପଳା" । ସେ ଋଲିଗଲେ । ପ୍ରାୟ ୨୦ ମିନିଟ୍ ପରେ ଆଉ କୌଣସି କର୍ମକର୍ତ୍ତା ଆସିବା ପରେ ଭେଟେରିନାରୀ ଅଫିସର୍ ସାନ ଜେଜେଙ୍କୁ ଘରଭିତରକୁ ଡକେଇ ସେହି ଟଙ୍କାଟା ମାଗିଲେ । ସାନ ଜେଜେ କହିଲେ "କାହିଁ କି ଟଙ୍କା ? ମୁଁ କେଉଁଠୁ ଟଙ୍କା ଆଣିବି, ମୁଁ ଦେବି ?" ଭେଟେରିନାରୀ ଅଫିସର୍ କହିଲେ "ଭାରି ଋଲାକିଆ ତ" ।

ଗଡ଼ଜାତ ଶାସନ ହେତୁ ଏତେ ଡର ଭୟ ଥିଲା ଯେ କାଳେ ବାହାରେ ଠିଆହୋଇଥିବା ଲୋକଙ୍କୁ ତନଖି କରି ୧୦ଟଙ୍କା ଠାବ ହୋଇଯିବ, ସେଥିପାଇଁ ଜେଜେ ସେ ଟଙ୍କା ସିଧା ଗାଁକୁ ଡରରେ ପଠାଇ ଦେଇଥିଲେ ।

ଅନ୍ଥବ ଜାତିର ପିଲା ଦଣ୍ଡଧର ନାଏକ, ଯେତେବେଳେ ଏଲ୍.ପି. ସ୍କୁଲରୁ ପାସ୍‌କଲେ, ତାଙ୍କ ବାପା ଜେଜେଙ୍କୁ କହିଲେ "ଆପଣ ଟିକିଏ ଶରଣକୂଳ ଏମ୍.ଇ. ସ୍କୁଲରେ ଦଣ୍ଡୁର ନାଁ ଲେଖାଇ ଦିଅନ୍ତୁ ।" ଜେଜେ ଦଣ୍ଡଧରଙ୍କୁ ପଋରିଲେ "ତୁ ପଢ଼ିବୁ ?" ଦଣ୍ଡଧର କହିଲେ "ହଁ ବଡ଼ପା, ମୁଁ ମନ ଦେଇ ପଢ଼ିବି" । ଦଣ୍ଡଧର ଏଲ୍.ପି. ସ୍କୁଲରୁ

Digitized by srujanika@gmail.com

ବୃତ୍ତି ପାଇଥିଲେ । ଜେଜେ ଦଣ୍ଡଧରଙ୍କୁ ନେଇ ଶରଣକୂଳରେ ନାଁ ଲେଖାଇଲେ । ତାଙ୍କ ବାପା ଗାଁ ଗୈଁକିଆ, ସେ କ'ଣ ହେଡମାଷ୍ଟରଙ୍କ ପାଖକୁ ଯାଇ କଥା ହୋଇପାରିବେ ?

ସେ ଦାଣ୍ଡ ଦୁଆରେ ବସିଥିଲାବେଳେ, ଯଦି କେହି ଜଣେ ତାଙ୍କୁ ସମ୍ବାଦ ଦେବେ ତାଙ୍କ ଖଜୁରୀ କିଆରୀରେ ଗାଈ ପଶିଯାଇଛି, ତାଙ୍କୁ ହଁ କହିବେ "ବାପାଟା ପରା, ଟିକିଏ ଓଡ଼ାଇ ଦେଇ ଆସେ" ।

ଥରେ ସାନଜେଜେ କହିଲେ "ମୋ ଶଳା ବାସୁ ପାଇକରା ଆମ ଗାଁକୁ ଆସିଥିଲେ । ତାଙ୍କ ଘର କେଶପାନିଆ । (ନୟାଗଡ଼ ରାଜା ଏହି ପରିବାରକୁ ପାଇକରାୟ ପଦବୀ ଦେଇଥିଲେ । ସାନଜେଜେଙ୍କ ବାପା ବାଲାଜୀ ଦୋରା ମଧ୍ୟ ପାଇକରାୟ ଉପାଧି ରଜାଙ୍କ ଠାରୁ ପାଇଥିଲେ) ମୁଁ ଭାଗବତ ଘରେ ବସିଥିଲାବେଳେ ବାସୁ ମଧ୍ୟ ସେଠାରେ ମୋ ପାଖରେ ବସିଥିଲା । ଜଣେ ପଚାରିଲା ସର୍ବରାକାରେ ଏ କୁଣିଆ କିଏ ? ମୁଁ କହିଲି ସେ ମୋ ଶଳା । ଏହି କଥାରେ ବାସୁ ରାଗି ସେହି ଭାଗବତ ଘରୁ ଦାଣ୍ଡେ ଦାଣ୍ଡେ କେଶପାନିଆ ଚାଲିଗଲା । ଏତେ ଲୋକଙ୍କ ମେଳରେ ତାଙ୍କୁ ଶଳା ବୋଲି ଚିହ୍ନଟ କରିବାରୁ ତାଙ୍କୁ ଅପମାନ ହେଲା ।"

ତାଙ୍କ ସାନପୁଅ ଭେଟେରିନାରୀ ଷ୍ଟକମାନ୍ ଚାକିରି କରିଥିଲେ । ୧୯୫୫-୫୬ ବେଳକୁ ସେ ସାଲେପୁର ନିକଟବର୍ତ୍ତୀ ଶୁକରପଡ଼ାରେ ନିଯୁକ୍ତି ପାଇଥିଲେ । ସେ ବାପାଙ୍କ ପାଖକୁ ଲେଖିଲେ "ସାଇକେଲ ଧରି ଆସ, ଯିବା ଆସିବାକୁ ଅସୁବିଧା ହେଉଛି" । କଥା ହେଲା ଜେଜେ ସାଇକେଲ୍‌କୁ ବସ୍‌ରେ ଲଦି ଶରଣକୂଳରୁ ଜଟଣୀ ପର୍ଯ୍ୟନ୍ତ ନେବେ । ସେଠାରୁ ରେଳ ଗାଡ଼ିରେ ସାଇକେଲ ରଖି ଜଗତପୁରରେ ଓହ୍ଲାଇବେ । ପୁଣି ସେଠାରୁ ବସ୍‌ରେ ସାଇକେଲ୍ ଲଦି ଶୁକରପଡ଼ାରେ ଓହ୍ଲାଇବେ । ଟ୍ରେନ୍‌ରେ ବସିବା ତାଙ୍କର ବହୁତ କମ୍ । ସେଥିରେ ପୁଣି ସାଇକେଲ ବୁକିଂ । କେମିତି ଯିବେ । ଅତି କମ୍‌ରେ ସେ ଏ ବିଷୟରେ ୨୦ ଜଣଙ୍କୁ ପଚାରିଥିବେ । ତାଙ୍କୁ ଉପଦେଶ ଦେବା ଲୋକ ମଧ୍ୟ ଟ୍ରେନ ଦେଖିନଥିବେ । ଏ ସମୟରେ ଗାଁକୁ ଆସୁଥିବା 'ସମାଜ'ରେ ଖବର ବାହାରିଲା "ରେଳଗାଡ଼ିରୁ ସାଇକେଲ୍ ଚୋରି" ଏ ପ୍ରକାର ସମ୍ବାଦ ଶୁଣି ତାଙ୍କୁ ଛାନିଆ ଲାଗିଲା । ପୁଣି ୫୦ ଲୋକଙ୍କୁ ପଚାର୍‌ । ସେ ଯାହାହେଉ, ଶେଷରେ ଜେଜେ ସାହସର ସହ ସାଇକେଲ ଧରି ଶୁକରପଡ଼ାରେ ପହଞ୍ଚିଲେ । ବାଟରେ କିଛି ଅସୁବିଧା ହୋଇନାହିଁ । ଜେଜେ କହନ୍ତି ରାମଚନ୍ଦ୍ରଙ୍କ (ରାମାୟଣର) ଚାଲୁଡିବେଳେ ଉତ୍ତର ଓ ପଶ୍ଚିମକୁ ମୁହଁ

Digitized by srujanika@gmail.com

କରିଥିବା ଘରମାନଙ୍କୁ ଖଜଣା ଦେବାକୁ ପଡୁନଥିଲା । କାରଣ ଉତ୍ତରା ମୁହଁ ଘରକୁ ଦକ୍ଷିଣା ପବନ ଆସେନି ଓ ପଶ୍ଚିମ ମୁହାଁ ଘର ମାନଙ୍କରେ ସୂର୍ଯ୍ୟ କିରଣ ପଡ଼େନି । ଜେଜେ ବେଳେବେଳେ ପ୍ରହେଳିକା କୁହନ୍ତି । ସେଥିରୁ ଗୋଟେ :

ମୀନ ମରନ୍ତି ହଜାରେ ହଜାରେ
ଘେରକୁ କିସ ବୋଲନ୍ତି ଚତୁରେ
(ଏହାର ଉତ୍ତର "ବଜାରେ")

ପ୍ରଥମ ବାକ୍ୟରେ ବଜା ଅର୍ଥ ମାଛ ଧରିବା ଏକ ଜିନିଷ 'ମୁଗୁରା' ପରି ଦିତୀୟ ବାକ୍ୟ ଘେରକୁ ବଜାରେ ଅର୍ଥାତ୍ ମାଡ଼ ଦିଅ ବୋଲି ସମସ୍ତେ କହନ୍ତି ।

ମୋର ନିଜ ଜେଜେ ବଡ଼ ଦୀନବଂଧୁ ଦୋରା ତାଙ୍କ ମାମୁଁଙ୍କର ପୁଅ ହୋଇଆସିଥିଲେ । ଯେହେତୁ ବାହାର ଲୋକ ସମ୍ପତ୍ତି ଖାଇ ଯାଉଛି, ସାନ ଜେଜେଙ୍କ ବାପା ବାଲାଜି ପାଇକରାୟ କନ୍ଦଳ କଲେ "ଆମକୁ କିଛି ଜମି ଦିଅ" । ବାଧ୍ୟ ହୋଇ ନାରାୟଣ ଦୋରା ପୁତୁରାଙ୍କୁ ବାଙ୍କିକିଆରୀ ୨ ମାଣ ଦେଲେ । ଫଳରେ ବଡ଼ ଦୀନବନ୍ଧୁ ଦୋରାଙ୍କର ୪ ପୁଅ ହେତୁ ଜମିର ପରିମାଣ ଆହୁରି କମିଗଲା । ଏପଟେ ଯଦିକିଏ ପୋଷ୍ୟପୁତ୍ର କି ଘରଜ୍ୱାଇଁ କରି ବାହାରୁ ଲୋକ ଆଣେ, ବିରାଦରମାନେ ଝଗଡ଼ା କରି ବିଲ ମାଗିବସନ୍ତି ।

ଗାଁରେ ଡାକ୍ତରୀ ଚିକିତ୍ସା

ସେତେବେଳେ ଚିକିତ୍ସା ପାଇଁ ଡାକ୍ତରୀ ସୁବିଧା ନଥିଲା । ସାନଗୋରଡ଼ାର ରାଡ଼ିବ କବିରାଜି ଚିକିତ୍ସା କରୁଥିଲେ । ଆଙ୍ଗିସିଙ୍ଗିର ଖଲି ରଥ ହୋମିଓପାଥିକ ଔଷଧ ଦେଉଥିଲେ । ପଞ୍ଚୁମୁର ପାଣୁ ମିଶ୍ରେ ଏଲୋପାଥିକ ଔଷଧ ନିଜେ ଅଭ୍ୟାସ ସୂତ୍ରରୁ ଦେଉଥିଲେ ଏ ଯେଉଁ ଚିକିତ୍ସା, ଭଗବାନଙ୍କ ଦୟାରୁ ବଞ୍ଚିବା କଥା । ଗୋଇଗାଁର ଜଣେ କବିରାଜ ନାଁ ତ୍ରିଲୋଚନ ଦାସ (ଡ଼ାକ ନାଁ ଅରକ୍ଷିତ ଦାସ) ଗୋଟିଏ କୋଥଳି ଧରି ଗାଁକୁ ଆସନ୍ତି । ସେ ତାଙ୍କ ଦାନ୍ତରେ ସୁନାପାତିଆ ଲଗାଇଥାନ୍ତି । ସାନଗୋରଡ଼ାର ପଠାଣି ପଟ୍ଟନାୟକ ମଧ୍ୟ ହୋମିଓପାଥିକ କରୁଥିଲେ । ତାଙ୍କର ଦୂରଦୃଷ୍ଟି ବହୁତ ଥିଲା । ଶେଷ ଜୀବନରେ ସରପଞ୍ଚ ହୋଇ ଗାଁ ଗଣ୍ଡଗୋଳରେ ପଶି ବଡ଼ ହାନସ୍ତା ହେଲେ ।

ଶରଣକୁଳରେ ୧୯୫୦/୫୧ରେ ଡାକ୍ତରଖାନା ହେଲା । ୧୯୫୪ ମସିହାରେ ଏଠାକାର ଡାକ୍ତର ବିନାୟକ କର ଗାଁ ସାଉକାରଙ୍କ ବଡ଼ପୁଅ ଲଡୁକିଶୋରଙ୍କ ଚିକିତ୍ସାପାଇଁ

Digitized by srujanika@gmail.com

ଡକରାରେ ଆସିଥିଲେ । ସେ ଚାଲି ଚାଲି ଆସିଥିଲେ । ଫେରିଲା ବେଳେ ଗାଁର ବୀର ପ୍ରଧାନ ତାଙ୍କର ମୁହଁ ପାରାଲିସିସ୍ ବେମାର ପାଇଁ ପଚାରନ୍ତେ ଡାକ୍ତର କହିଲେ, "ମୁଁ ତାଙ୍କ ଡାକରାରେ ଆସିଛି, ତୁମକୁ ଦେଖିବି କିପରି ?" ଥରେ ଶରଣକୁଳ ଡାକ୍ତରଖାନାର ବେହେରା (ଆଟେଣ୍ଡାଣ୍ଟ) ଧୋବା ବେହେରା ଗାଁକୁ ଆସି ରୋଗୀ ଚିକିତ୍ସା କରିବା ମୁଁ ଦେଖିଛି । ଗର୍ଭିଣୀ ସ୍ତ୍ରୀ ମାନଙ୍କ ପ୍ରସବ ପାଇଁ ଏବର ପରି ଗାଁ ମାନଙ୍କରେ ନର୍ସ ଧାଈ ନଥିଲେ । ସେ ସମୟରେ ପ୍ରସବ ସମୟରେ ଅନେକ ସ୍ତ୍ରୀ ଲୋକ ପ୍ରସବ ନକରି ପାରି ମୃତ୍ୟୁ ମୁଖରେ ପଡୁଥିଲେ । ଯାହା କିଛି ଔଷଧ ନୟାଗଡ଼ରୁ ମିଳେ । ଶରଣକୁଳରେ ୧୯୫୪ ମସିହାରେ ପ୍ରଥମ ଔଷଧ ଦୋକାନ ହେଲା । ଥରେ ମୁଁ ନୟାଗଡ଼ ପି.ଡବ୍ଲୁ.ଡି ଏସ୍.ଡି.ଓ. ଥିଲାବେଳେ (୧୯୮୯ ମସିହା) ମୋର ହାଇସ୍କୁଲ୍ ସହପାଠୀ ପଞ୍ଚୁମୁର ବାଞ୍ଛାନିଧି ମହାପାତ୍ରଙ୍କ ସହିତ ଡାକ୍ତରଖାନାରେ ଦେଖା ହେଲା । ମୁଁ ତାର କୁଶଳ ସମାଚାର ପଚାରିବାରୁ ସେ କହିଲେ, "ଦାନ୍ତ ଉପାଡ଼ିବାକୁ ଆସିଛି । ପ୍ରଥମଟା (ପ୍ରଥମ ସ୍ତ୍ରୀ) ମରିଯିବାରୁ ଏଇଟିକି ଆଣିଛି ।" ପାଖରେ ଠିଆ ହୋଇଥିଲେ ୨୫ବର୍ଷର ସ୍ତ୍ରୀ ଲୋକଟିଏ । ଦେଖିବାକୁ ବେଶ୍ ସୁନ୍ଦର, ଜଣେ ଶିକ୍ଷକଙ୍କ ଝିଅ । ସେତେବେଳେ ବାଞ୍ଛାନିଧିର ବୟସ ୫୦ ବର୍ଷ । ତାର ଆଖି ଗୋଟିଏ କଣା । ସେ ଥିଲା ଗ୍ରାମ ସେବକ । ଥରେ ୨୦୦୧ ମସିହାରେ ପଞ୍ଚୁମୁ ଗାଁର ଚିହ୍ନା ଲୋକଟିଏ କଥା ପ୍ରସଙ୍ଗରେ କହୁ କହୁ କହିଲେ, 'ବାଞ୍ଛାନିଧିର ଦ୍ୱିତୀୟ ସ୍ତ୍ରୀଟି ଚାଲିଗଲା । ଭାଗ୍ୟହୀନ ଲୋକଟା, ତା' ଭାଗ୍ୟରେ ସ୍ତ୍ରୀ ଯୋଗ ନାହିଁ' । ମୁଁ ଭାବିଲି, କେଡ଼େ ସହଜରେ ସେ କହିଯାଉଛି, ସ୍ତ୍ରୀ ଯୋଗ ନାହିଁ ବୋଲି । ଝିଅଟିର ଅକାଳ ମୃତ୍ୟୁରେ ତା'ର ବାପା, ମା'ଙ୍କର କି ପ୍ରକାର ମାନସିକ ଦୁଃଖ ସେକଥା କେହି ବିଚାରକୁ ନେଉ ନାହାନ୍ତି । ଜୀବନର ମୂଲ୍ୟ କଣ ଏଇଆ ?

ଗାଈ, ବଳଦ

ସେବେ ଦେଶୀ ଷଣ୍ଢ ଗାଈ ସାଙ୍ଗରେ କ୍ରସିଂ କରାଯାଇ ଛୁଆ କରାଯାଏ । ଅଣ୍ଡିରା ବାଛୁରୀ ଜନ୍ମ ହେଲେ ସମସ୍ତଙ୍କ ମନ ଖୁସୀ । କାରଣ ବାଛୁରୀଟି ଦାମୁଡ଼ି ହୋଇ ଜମି ଚାଷ କରିବ । ଏବେ ଇନ୍‌ଜେକ୍ସନ୍ ଦ୍ୱାରା ବାଛୁରୀ ଜନ୍ମ ହେଉଥିବାରୁ ଅଣ୍ଡିରା ବାଛୁରୀର ଆବଶ୍ୟକତା ରହୁନାହିଁ । କାରଣ ଏ ବାଛୁରୀ ଚାଷ କାମକୁ ପାରିବେ ନାହିଁ । ତେଣୁ ମାଈ ବାଛୁରୀ ହେଲେ ଭଲ, କ୍ଷୀର ଦେବେ ।

ଦୁର୍ବଳ କାର୍ଯ୍ୟ

ସାଧାରଣ ଲୋକମାନେ ଦୁର୍ବଳ କାର୍ଯ୍ୟରେ ୯ ଓ ୧୦ ଦିନ ବ୍ରାହ୍ମଣଭୋଜନ ଦିଅନ୍ତି । ସାନଗୋରଡ଼ା, ଆଙ୍ଗିସିଙ୍ଗି ଓ ବାଉଁଶିଆରୁ ବହୁତ ବ୍ରାହ୍ମଣ ଆସନ୍ତି । ଗାଁ ଦାଣ୍ଡରେ

Digitized by srujanika@gmail.com

ସମସ୍ତେ ଲାଇନ କରି ବସିବେ । ଟିକିଏ ଛାଡ଼ିକରି ନିମନ୍ତ୍ରିତ ହୋଇନଥିବା ମାଳୀମାନେ, ଗଣକମାନେ ବସନ୍ତି । ଭୋଜିରେ ହୁଏ ଗହମ (ଜାଉ), ଉଖୁଡ଼ା । ତା ସାଙ୍ଗକୁ ଦହିଚୁଡ଼ା, ଚୁଡ଼ାଘଷା, ଆମ୍ବୁଲରାଇ, କଦଳୀ ରସାବଳି ଇତ୍ୟାଦି । ଖାଉଥିବା ଅବସ୍ଥାରେ ଗାଁ ସର୍ବରକାର ଗୋଟିଏ ଚାଙ୍ଗୁଡ଼ିରେ ଚିଲରା ପଇସା ଧରି ଜଣକେ ଅଣେ ଲେଖାଏଁ ଦକ୍ଷିଣା ଦେବେ । କ୍ରମେ ଗହମ ଉଖୁଡ଼ାରୁ ସୁଜି ଉଖୁଡ଼ାକୁ ଗଲା । ଏବେ ପୁରୀ ତରକାରୀ । ତା ସାଙ୍ଗକୁ ଅନ୍ୟାନ୍ୟ ରୋଚକ ଦ୍ରବ୍ୟ । ମାତ୍ର ସେବ ପରି ଏବେ ଏତେ ବ୍ରାହ୍ମଣ ଆସୁନାହାନ୍ତି । ୯ ଦିନ ୯ ଜଣ ଏବଂ ୧୦ ଦିନ ୧୦ ଜଣ ଆସିଲେ ଯଥେଷ୍ଟ । ଦକ୍ଷିଣା ମଧ୍ୟ ଟ. ୧୦ରୁ କମ୍ ନୁହେଁ । ପୁଣି ସବୁ ଗାଁରେ ବ୍ରାହ୍ମଣ ସମିତି ଅଛି । ଫିସ୍ ୧୫ ଟଙ୍କା ଦବାକୁ ପଡ଼ିବ ।

ମରିବା ଲୋକ ଘରର ବୟୋଜ୍ୟେଷ୍ଠ ହୋଇଥିଲେ ୧୨ ଦିନ ସଂକୀର୍ତ୍ତନ ହେବ ଏବଂ ଜାତି ଭୋଜି ହେବ । ମାତ୍ର ବୟୋଜ୍ୟେଷ୍ଠ ହୋଇ ନଥିଲେ ୧୧ ଦିନ ସଂକୀର୍ତ୍ତନ ଓ ଜାତି ଭୋଜି ହୁଏ । ଏବେ ମାତ୍ର ଜାତି ଭୋଜି ନିଜ ଜାତି ଭିତରେ ନ ରହି ଗାଁର ଅନ୍ୟ ପାଟକଙ୍କୁ ଡକା ଯାଉଛି ।

ଟି.ବି. ବେମାର

ସେ ସମୟରେ କାହାକୁ ଟି.ବି. ହେଲେ ସେ ଯେ ନିଶ୍ଚୟ ମରିବ, ଆଉ କିଏ ଜାଣୁ ନ ଜାଣୁ ରୋଗୀ ମାତ୍ର ଜାଣିଥାଏ । ବୈଦ୍ୟ କହିବେ ଏ ରୋଗରେ ଶିବ ନିଜେ ଭଲ ନହୋଇ ମଲେ, ତେଣୁ ୧୦୦୦ ଦିନରେ ମରିବା ସୁନିଶ୍ଚିତ । ୧୯୫୪ ମସିହାରେ ରଣପୁର ରାଜମାତା ବସନ୍ତ ମଞ୍ଜରୀ ଦେବୀ ସ୍ୱାସ୍ଥ୍ୟ ଉପମନ୍ତ୍ରୀ ଥିବାବେଳେ ତାଙ୍କର ଟାଙ୍ଗୀ ଚାନ୍ଦପୁରରେ ଥିବା ପୁରାତନ ରାଜପ୍ରାସାଦକୁ ରାଜ୍ୟ ସରକାରଙ୍କୁ ଅଳ୍ପ ଟଙ୍କାରେ ଦେଇ ପ୍ରତିଷ୍ଠା କଲେ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ । ଏହା ୨୭-୨-୧୯୫୮ରେ ଉଦ୍‌ଘାଟିତ ହେଲା । ସେ ସମୟରେ ଟି.ବି.ର ଚିକିତ୍ସା ଘରେ ହୋଇ ପାରୁନଥିଲା । ଏହି ଅନୁଷ୍ଠାନ ପ୍ରତିଷ୍ଠା ହେଲାପରେ ବହୁତ ରୋଗୀ ଭଲହୋଇ ନୂତନ ଜୀବନ ପାଇଛନ୍ତି । ୧୯୫୮ରେ ମୁଁ ଇଞ୍ଜିନିଅରିଂ ସ୍କୁଲରେ ପଢୁଥିଲାବେଳେ ମୋର ଦାଦା ଝିଅ ଭଉଣୀର ଟି.ବି ହେଲା । ରୋଗକୁ ଜାଣି କଟକ ଡାକ୍ତର ଖାନାକୁ ଆଣିଲା ବେଳକୁ ପ୍ରାୟ ବର୍ଷେ ବିଳମ୍ବ ହେଲା । ଯାହା ହେଉ ଏହି ଭଉଣୀ ଚାନ୍ଦପୁର ସ୍ୱାସ୍ଥ୍ୟନିବାସରେ ଚିକିତ୍ସିତ ହୋଇ ୨ ମାସ ପରେ ଘରକୁ ଫେରିଲା । ପରେ ମୋର ନିଜ ଭଉଣୀ ଓ ଭାଇ ମଧ୍ୟ ଟି.ବି.ରେ ଆକ୍ରାନ୍ତ ହୋଇ

Digitized by srujanika@gmail.com

ଏହି ସ୍ୱାସ୍ଥ୍ୟ ନିବାସରେ ଭଲ ହୋଇଥିଲେ । ରୋଗୀର ଔଷଧ ଖର୍ଚ୍ଚ ଓ ଖାଇବା ବାବଦକୁ ମାସକୁ ମାସ ଟ୫୦/- ବାନ୍ଧିବାକୁ ପଡ଼େ । ଗାଁ ପାଖ ବରଡ଼ି ଗାଁର ଲଡ୍ଡୁ ନନ୍ଦ ଚନ୍ଦପୁର ଡାକ୍ତରଖାନାରେ ହେଡ୍ କ୍ଲର୍କ ଥାନ୍ତି । ତାଙ୍କ ସାହାଯ୍ୟ ଭୁଲିବାର ନୁହେଁ ।

ମୁଁ ଲକ୍ଷ୍ୟ କରୁଛି ସ୍ୱାଧୀନତା ପରେ ପରେ ସବୁ ପ୍ରକାର ସାମାଜିକ ଚଳଣୀ ଅତିଶୀଘ୍ର ବଦଳିଗଲା । ୧୯୬୦ ପରକୁ ପୁରୁଣା ପ୍ରୀତି, ରୀତି, ନୀତି ଆଉ କିଛି ରହିଲା ନାହିଁ । ସେଥିରୁ କିଛି :

ପିଲା କନ୍ୟା ବାହାଘର

ଗାଁରେ ତେଲୁଗୁଜାତି ବ୍ୟତୀତ ଅନ୍ୟ ଜାତି ଯଥା : ଚଷା, ଗୁଡ଼ିଆ, ଗଉଡ଼, ମାନଙ୍କର ପିଲା କନିଆ ବାହାଘର ହେଉଥିଲା । କନ୍ୟାକୁ ୪/୫ ବର୍ଷ ସମୟକୁ ପୁଅକୁ ୧୦/୧୨ବର୍ଷ । ଏ ପ୍ରଥା ଅତି ଅସମ୍ଭବ ଭାବରେ ୧୯୬୦ ମସିହା ପରେ ପରେ ବନ୍ଦ ହୋଇଗଲା । ଏଥିପାଇଁ ଶିକ୍ଷା ଓ ଜନ ସଚେତନତା ଦାୟୀ । ୧୯୫୪ ମସିହାର କଥା । ଗାଁ ପୋଡ଼ିଯାଇଥାଏ । ବୁଢ଼ା ସାଉକାର ଲୋକନାଥ ପ୍ରଧାନଙ୍କ ବଡ଼ପୁଅ ଲଡ୍ଡୁକିଶୋରଙ୍କ ତୃତୀୟ ଝିଅ ନିଶାର ବୟସ ୬ ଏବଂ ୪ର୍ଥ ଝିଅ ଶାନ୍ତିର ବୟସ ୪ ବର୍ଷ । ଏହି ଦୁଇ ଝିଅଙ୍କର ଏକ ସଙ୍ଗରେ ବାହାଘର ହେବାର ଥିଲା, ଯଥାକ୍ରମେ ଗାଁ ଭଗବାନ ପରିଡ଼ାଙ୍କ ପୁଅ ଦଣ୍ଡପାଣି (ବୟସ ୧୨ ବର୍ଷ), ଏବଂ ଗୋବିନ୍ଦ ସ୍ୱାଇଁଙ୍କ ପୁଅ ଭିକାରୀଙ୍କ (ବୟସ ୧୦ ବର୍ଷ) ସହିତ । ଏହି ସଂସ୍କୃତି ଶାରଦା ଆଇନର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ କେହି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁ ନଥିଲେ । ଗାଁ ଦି' ବାଡ଼ ହେତୁ କେହିଜଣେ ଖବର ଦେଲା ନୟାଗଡ଼ର ଏସ୍.ଡି.ଓ.ଙ୍କୁ । ଏସ୍.ଡି.ଓ.ଥିଲେ ପଞ୍ଚାନନ ତ୍ରିପାଠୀ । ସେ ଦିନେ ସକାଳେ ଜିପ୍‌ରେ ଆସି ସାଉକାରଙ୍କ ଦୁଆରେ ହାଜର । ସାଉକାର ବୁଢ଼ା ଲୋକନାଥ ପ୍ରଧାନଙ୍କୁ କହିଲେ "ଦେଖ ପଧାନେ ତୁମେ ଯଦି ଏହି ପ୍ରସ୍ତାବିତ ବାଲୁତ ବିବାହ କର ତୁମକୁ ଏବଂ ତମ ଘରର ସମସ୍ତଙ୍କୁ ଜେଲ୍ ଦେବି" । ଅବଶ୍ୟ ପ୍ରସ୍ତାବିତ ଦିନରେ ବାହାଘର ହେଲା ନାହିଁ । ସେ ଦିନର କଥା । ସେହି ଏସ୍.ଡି.ଓ.ଙ୍କ ଜିପ୍ ଗାଁକୁ ପଶିଲାବେଳେ ଅସୁବିଧାର ସମ୍ମୁଖିନ ହେଲା । ଗାଁ ପୋଡ଼ିଯାଇଥିବାରୁ ସାନ ଜେଜେ କୃଷ୍ଣଚନ୍ଦ୍ର ଦୋରା ତାଙ୍କ ଦୁଆରେ ଘର କରିବା ପାଇଁ ଇଟା ଗାଦିକରି ରଖିଥିଲେ । ଇଟା ଗାଦିର ବିପରୀତ ପଟରେ ଦାଣ୍ଡରେ ବଳଦ ବନ୍ଧା ହୋଇଥିଲେ । ଜିପ୍‌ର ହର୍ଣ୍ଣ ଶୁଣି, ମଫସଲି ବଳଦ ହୁରୁଡ଼ିଲେ । ଏସ୍.ଡି.ଓ.ଙ୍କର ସବୁ ରାଗ ପଡ଼ିଲା ଦୋରାଙ୍କ ଉପରେ ।

Digitized by srujanika@gmail.com

ତେଣୁ ଏସ୍.ଡି.ଓ. ଦୋରାଙ୍କୁ କାହିଁକି ଦାଣ୍ଡରେ ଇଟା ରଖିଛ ବୋଲି ଟ୫୦/- ଜୋରିମାନା କଲେ । ଟଙ୍କା ସଙ୍ଗେ ସଙ୍ଗେ ମାଗିବାରୁ ତାଙ୍କ ପୁଅ ମହଲତ ମାଗିଲେ ଏବଂ ତାଙ୍କୁ କୁହାଗଲା ପରଦିନ ନୟାଗଡ଼ କଚେରୀରେ ଦାଖଲ କରିବାକୁ । ପରଦିନ କୃଷ୍ଣଚନ୍ଦ୍ର ଦୋରା ଏସ୍.ଡି.ଓ.ଙ୍କୁ ଯେତେ ଅନୁରୋଧ କଲେ ସୁଦ୍ଧା ଏସ୍.ଡି.ଓ. କିଛି ଶୁଣିଲେ ନାହିଁ । ସେ ୫୦ଟଙ୍କା ଦେବାକୁ ବାଧ୍ୟ ହେଲେ । ସେତେବେଳର ଟ୫୦/- ସମୟକୁ ଋହିଁ ବହୁତ କିଛି ।

ବର୍ମା ଫେରନ୍ତୀ

ଆମ ଅଞ୍ଚଳରୁ ସେବେ ବହୁତ ଲୋକ ରୋଜଗାର ପାଇଁ ରେଙ୍ଗୁନ୍ ଯା'ନ୍ତି । ଦ୍ୱିତୀୟ ମହାଯୁଦ୍ଧ ଶେଷ ବେଳକୁ ଆମ ଗାଁର ଅନେକ ଲୋକ ଫେରି ଆସିଥିଲେ । ମୋ ବାପା ଓ ଦାଦା ରେଙ୍ଗୁନ୍ ଯାଇଥିବା ମୁଁ ଶୁଣିଛି । କିଛି ଲୋକ ଯଥା : ଅଗାଧୁ ଦୋରା (ଦାଙ୍ଗିଡ଼ି ବିମ୍ବ), ସମ୍ବାରୀ ଗୁରୁ ଓ ଆହୁରି ଅନେକ ଲୋକ ସେଠାରେ ମାଟି ନେଇଛନ୍ତି । ମୁଁ ଜାଣିବାରେ ରେଙ୍ଗୁନ୍ ଫେରିବା ଲୋକ ହେଉଛନ୍ତି, ରାମଚନ୍ଦ୍ର ଦୋରା (ବୁଧିଆ ଦୋରା), ବେନୁ ଖଟେଇ ଓ ରାଘବ ଦୋରା । ରାଘବ ଦୋରାଙ୍କୁ ରେଙ୍ଗୁନ୍‌ରୁ ଫେରାଇ ଆଣିବାକୁ ପାସ୍‌ପୋର୍ଟ ଇତ୍ୟାଦି କରି ଯାଇଥିଲେ ନାଇଡୁ ବଂଶର ଅଗାଧୁ ଦୋରା । ୧୯୫୪ ମସିହାରେ ରାଘବ ଦୋରା ଗାଁକୁ ଫେରିଥିଲେ । ଆମ ଗାଁ ପାଖ ସାନଗୋରଡ଼ାର ଜଣେ ଚଷା ଜାତିର ଲୋକ ରେଙ୍ଗୁନ୍‌ରୁ ଫେରିଥିଲେ ବର୍ମା ସ୍ତ୍ରୀ ଧରି । ତାଙ୍କର ପୁଅଟିଏ ଥିଲା । ପୁଅଟିର ଚେହେରା ପୁରା ବର୍ମା ମୁହଁ । ଏଇଟା ୧୯୬୨ ମସିହାର କଥା । ପିଲାଟିକୁ ପଚାରିଲି ତାର ନାଁ କ'ଣ । ସେ କହିଲା 'ହରିହର ପ୍ରଧାନ' । ସାଧାରଣତଃ ବର୍ମା ସ୍ତ୍ରୀ ଧରି ଗାଁକୁ ଫେରିଲେ ଜାତି ଭୋଜି ଦେଲେ ଜାତିରେ ମିଶିବ ।

ନିତ୍ୟ ଦରକାରୀ ଜିନିଷ

ହାତ କାମ : ଗାଁର ଲୋକମାନେ ସାଧାରଣତଃ ନିଜର ଦୈନନ୍ଦିନ ବ୍ୟବହାର ପାଇଁ ହେଁସ ତିଆରି କରୁଥିଲେ । ହେଁସ ତଳେ ଶୋଇବା ପାଇଁ ଏବଂ ଶୀତଦିନେ ହେଁସର ଅନ୍ୟ ଅଧା ଅଂଶ ଘୋଡ଼େଇ ହେବା ପାଇଁ ଦରକାରରେ ଆସୁଥିଲା । ନାଳ, ଦଣ୍ଡାରୁ ବେଗୁଁଆ ଘାସ ଆଣି ତାକୁ ସ୍ୱତନ୍ତ୍ର ଭାବରେ ରୋଇ ବେଗୁଁଆକୁ ବଡ଼ କରାଯାଏ । ତା'ପରେ ତାକୁ ଶୁଖାଇ ପାଗ କରି ଏବଂ କାଉଁରିଆ ବା ନଳିତା ଝୋଟରୁ ବାଣି ତିଆରି କରି ହେଁସ ବୁଣାଯାଏ । ବେଳେବେଳେ 'କାଣ୍ଡ' (ଏକ ପ୍ରକାର ଘାସ) ରୁ ସପ, ମସିଣା

Digitized by srujanika@gmail.com

ତିଆରି କରାଯାଏ । ଲୋକମାନେ ବିଲମାଳରୁ କାଇଁଚ (ଏକ ଜାତୀୟ ଘାସ) ଛିଣ୍ଡାଇ ଏଥିରେ ପାଛିଆ, ଶୁଆ (ପକ୍ଷୀ ବିଶେଷ) ତିଆରି କରନ୍ତି । ଗାଁ ପାଖରେ ଥିବା ଆଙ୍ଗିସିଙ୍ଗି ଏବଂ ଧୁଷୁମା ଗାଁରେ ହାଡ଼ିମାନେ ବାଉଁଶ ପାତିଆରୁ କୁଲା, ଝାମ୍ପି, ଟୋକେଇ, ଡାଲା ଇତ୍ୟାଦି ଗୃହୋପକରଣ ତିଆରି କରନ୍ତି । ବାହାଘର ଭୋଜି ପାଇଁ ଭାତ ଛାଣିଲା ବେଳକୁ ବଡ଼ ବଡ଼ ଡାଲା ଦରକାର । ତାକୁ ବରାଦ କରିବାକୁ ହୁଏ । ଶଗଡ଼ରେ ବ୍ୟବହାର ପାଇଁ ରୋଦର, ଘରପାଇଁ ଚାଞ୍ଚଡ଼ା ଇତ୍ୟାଦି ଯେତେ ପ୍ରକାର ଦରକାରୀ ଜିନିଷ ଥାଏ, ତାହା ଏମାନେ କରନ୍ତି । ମେଳା ସମୟରେ ଶଗଡ଼ରେ ଲଦି ହାଡ଼ିମାନେ ତାଙ୍କର ତିଆରି ଜିନିଷକୁ ଖୋର୍ଦ୍ଧା ଆଡ଼କୁ ବିକ୍ରି କରିବା ପାଇଁ ଆଣନ୍ତି । ମୋର ବାପା କୂପ କଣ୍ଟ୍ରାକ୍ଟ୍ କଲାବେଳେ ବାହାର ଲୋକଙ୍କର ଶଗଡ଼ ଭଡ଼ା ନେଇ ଘର ତିଆରି ପାଇଁ ଆବଶ୍ୟକ ଶାଳ, ପିଆଶାଳ, ଅସନ, ବାନ୍ଧଣ କାଠ ବିକିବା ପାଇଁ ପଠାନ୍ତି । ସେ କହନ୍ତି କାଠ ସବୁ ଯାଉଛି ଓଡ଼ିଶାକୁ । ସେତେବେଳେ ନୟାଗଡ଼ ଗଡ଼ଜାତର ଅନ୍ତର୍ଭୁକ୍ତ ଥିବା ହେତୁ ମୋଗଲବନ୍ଦୀ ଅଞ୍ଚଳକୁ ଓଡ଼ିଶା କୁହାଯାଉଥିଲା ।

ଝୋଟରୁ କୂଅ ପାଣିକଢ଼ା ଦଉଡ଼ି, ଶଗଡ଼ ପାଇଁ ପଲପ, ଲାନ୍ଧା, ଘରକରଣା ପାଇଁ ଶିକା ଇତ୍ୟାଦି ଚାଷୀମାନେ ହିଁ ନିଜେ ଘରେ ପ୍ରସ୍ତୁତ କରନ୍ତି । ଜଙ୍ଗଲ ଜନ୍ତୁର ଚମଡ଼ାରୁ ବିଶେଷତଃ ସମ୍ବର ଚମଡ଼ାରୁ ତିଆର ହୁଏ ଲାନ୍ଧା ଦଉଡ଼ି । ଏହା ଶଗଡ଼ରେ ଜୁହାଳି ବାନ୍ଧିଲା ବେଳେ ବ୍ୟବହାର କରାଯାଏ । ଏଇଟା ଭାରି ମଜଭୂତ ।

କାଠରୁ ତିଆରି ହୁଏ ଲଙ୍ଗଳ, କଣ୍ଟି, ଅନ୍ୟାନ୍ୟ ଚାଷ ଉପକରଣ । ବଢ଼େଇମାନେ ତୁମ୍ବ, ଡିବା, ଅଡ଼ା, ବୋଡ଼ା ସୋଲା ଇତ୍ୟାଦି ମାପ ଉପକରଣ ତିଆରି କରି ବିକନ୍ତି । ଧାନ ଚାଉଳ ଏବଂ ରବି ଫସଲ ଏହି ପରିମାଣ ଭିତ୍ତିକ ମାପରେ ମାପ ହୁଏ । ତିନି ତୁମ୍ବରେ ଏକ ନଉତି ହୁଏ । ନଉତିକୁ କେଶପାନିଆଁ ଗାଁର ବେତରାମାନେ ବେତରୁ ତିଆର କରୁଥିଲେ । ଏବେ ଧାନ ଚାଉଳ ଗୁଡ଼ ସବୁ ଓଜନ ଭିତ୍ତିକ ମାପରେ ଚାଲିଛି ।

ଖାଇବା ରୀତି

ସାଧାରଣତଃ ଚାଷୀମାନେ ସକାଳୁ ବାସୀ ପଖାଳ ଭାତ ଖାଇ ବିଲକୁ ଯାଆନ୍ତି । ଫେରିବାର ସମୟ ୨ଟା କି ୩ଟା । ଆସିଲେ ରୋଷେଇ ହୋଇଥିବା ଭାତ (ପାଣି ପଖାଳ କିମ୍ବା ସଜ ପଖାଳ) ଖାଆନ୍ତି । ପଖାଳ ଭାତରେ ଲଙ୍କାଲୁଣ ଖାଇବା ପାଇଁ

Digitized by srujanika@gmail.com

ଲୁଣଖାଇରେ (ଛୋଟ ପଥର ଗିନା) ଲଙ୍କା, ଲୁଣ ପିଆଜ ପାଗ କରି ଖାଆନ୍ତି । ଲୁଣଖାଈ ବଉଳମାଳିଆ ପଥରରେ ତିଆରି । ଏହି ପଥରରେ କୋଣାର୍କ ଓ ପୁରୀ ଜଗନ୍ନାଥ ମନ୍ଦିର ତିଆରି ହୋଇଛି । ଏହାକୁ ଇଂରେଜରେ ଆଷ୍ଟେଲାଇଟ ପଥର କୁହନ୍ତି । ଲୁଣ ରଖିବା ପାଇଁ କାଠ ତିଆରି କୁଣ୍ଡି ଥାଏ । କାଠକୁଣ୍ଡିର ଗୋଟିଏ ପଟେ ଲୁଣ ଓ ଅନ୍ୟ ପଟଟିରେ କଞ୍ଚା ଲଙ୍କା ରଖାଯାଏ । ମାଟିପାତ୍ର ଅଥବା ସିଲଭର (ଆଲୁମିନିୟମ) ତିଆରି ଜାଗାରେ ଲୁଣ ରଖିଲେ ପାତ୍ରଟି ଖାଇଯାଏ । ତେଣୁ କାଠ ଡବାରେ ରଖନ୍ତି, ତାକୁ କୁଣ୍ଡି କହନ୍ତି । ପଥୁରିଆମାନେ ଗାଁ ଗାଁ ବୁଲି ପଥର କୁଣ୍ଡ, କୁଣ୍ଡି ବିକନ୍ତି । ବଡ଼ ବଡ଼ କୁଣ୍ଡରେ ବଳଦ/ ପୋଡୁଅମାନଙ୍କ ପାଇଁ ତୋରାଣି ରଖି ଦାନା ଖିଆଯାଏ । ସଞ୍ଜବେଳ ଭୋଜନ ଶୁଖିଲା ଭାତ, ସାଙ୍ଗକୁ ଡ଼ାଲି । ଏହି ସଞ୍ଜବେଳ ଭୋଜନ ଉପରେ ଗାଁ ନାଟପାର୍ଟିର ଗୋଟିଏ ହାସ୍ୟଗୀତ ମନେପଡ଼େ:- *'ସଞ୍ଜ ସଞ୍ଜ ହେଲାଣି ଲୋ, ଅନ୍ଧାରବଦନୀ ତୁ କନ୍ଦାନା ମୋର ପେଟକୁ'* । ଖାଇବା ସମୟ ଅତି ଡେରି ହେଲେ ସଂଧ୍ୟା ୭ଟା । ଘରେ ଡିବିରି ଆଲୁଅ ।'କିଟି ମିଟି ଘନ ଅନ୍ଧକାର । ଲଣ୍ଠନ ଖୁବ୍ କମ୍ ଲୋକଙ୍କ ଘରେ ଥାଏ । ଯେଉଁମାନେ ଆଖୁବିଲ ଜଗିବାପାଇଁ ଯାଆନ୍ତି ସାଥିରେ ନେଇଥାନ୍ତି, ପାଲରେ ତିଆରି ଅଟା (ଦିହୁଡ଼ି) । ସେ ଅଟା କୁହୁଳି କୁହୁଳି ସକାଳ ପର୍ଯ୍ୟନ୍ତ ରହେ ।

ଘରେ ବ୍ୟବହୃତ ଜିନିଷ

କିରାସିନି ମିଳିଲା ପରେ ଡିବିରି ବ୍ୟବହାର ଆରମ୍ଭ ହେଲା । ଏହା ପିତଳରେ ତିଆରି । ଶିଙ୍ଗୁଳିଆମାନେ ଗାଁରେ ବିକନ୍ତି ଡିଜାଇନ୍ ଥିବା ମୟୁର ପରି କିମ୍ବା ଅଣ୍ଟ ଥିବା ଅନ୍ୟ ପକ୍ଷୀପରି । ତେଲଗିନାକୁ କାଞ୍ଚି କୁହନ୍ତି । ଏହା ପାଞ୍ଚ ଇଞ୍ଚ ଉଚ୍ଚା ଗିନା । ତଳ ତିନି ଇଞ୍ଚ ସରୁଆ ହୋଇ ରଖିବା ପାଇଁ ହୋଇଥାଏ । ବଟା ହଳଦୀ ରଖନ୍ତି, ହଳଦୀ ଗିନାରେ । ନହେଲେ ହଳଦୀ କାଠୁଆରେ । ସକାଳୁ ଚୁଲି ଲଗାଇବା ପାଇଁ ଦିଆସିଲି କାଠି ଖର୍ଚ୍ଚ ନକରି ଚଟୁରେ ନିଆଁ (ରଡ଼ ନିଆଁ) ମାଗିବାକୁ ପଡ଼ିଶା ଘରକୁ ଯା'ନ୍ତି । ଚଟୁଟି ପିତଳ କିମ୍ବା ଆଲୁମିନିୟମ ଅବା ମାଟିରେ ତିଆରି । ମାସନ୍ତ, ସଂକ୍ରାନ୍ତି କିମ୍ବା ଗୁରୁବାର ହୋଇଥିଲେ କେହି ନିଆଁ ଦିଅନ୍ତି ନାହିଁ । ଚୁଲିରେ ନିଆଁ ଜଳାଇବା ପାଇଁ ଗୋଟିଏ ବାଉଁଶ ନଳୀରେ ଫୁଙ୍କା ଯାଏ, ଏହାକୁ ଫୁଙ୍କାନଳା କୁହାଯାଏ । ବାଉଁଶକୁ ଦେଢ଼ ଫୁଟରୁ ଦୁଇ ଫୁଟ ଭିତରେ କାଟି ଭିତରେ ଥିବା ପଗ ଗୁଡ଼ିକୁ ଉଡ଼ାଇ ଦେଲେ ଫୁଙ୍କନଳି ତିଆରି ହୋଇଯାଏ । ସମୟକ୍ରମେ ଗୋଟିଏ ଅଂଶରେ ନିଆଁଲାଗି ଫୁଙ୍କାନଳ ୨/୩ମାସ ଯାଏ । ଏବେ ଗାଁକୁ ଗ୍ୟାସ୍ ଆସିଲାଣି ।

Digitized by srujanika@gmail.com

ବିଭାଘର

ଝିଅ କିମ୍ବା ପୁଅର ବିଭାଘର କଥା ଉଠିଲେ ମନପସନ୍ଦର ବର ଅବା କନ୍ୟା ଠିକ୍ ହୁଏ । ଜାତକ ମେଳକ ପଛକଥା । ଜାତକ ନ ମିଳିଲେ ପିଲାମାନଙ୍କ ବିବାହ ନିମିତ୍ତ ନୂଆ ନାମ ଦିଆଯାଇ ମେଳକ କରାଯାଏ । "ଜାତକ ନ ଶୁଝିବାରୁ ବିବାହ ହେଲା ନାହିଁ", ଏମିତିକା କଥା ଶୁଣାଯାଇ ନାହିଁ । ହରିଜନ ଜାତିରେ ବର ଅନ୍ୟମାନଙ୍କ ଗହଣରେ ଚାଲି କରିଯାଏ କନ୍ୟା ଘରକୁ । ଗରିବ ଗୁରୁବା ଲୋକେ ବରକୁ ଗୁଡୁ ଶଗଡ଼ରେ ବସାଇ ନିଅନ୍ତି । ଶଗଡ଼ରେ ଗୁଡୁ ନଥିଲେ ରୋଦର ଲଦି ବରଯାଏ । ଗୁଡୁ ଅର୍ଥ ଗୋଟିଏ କାଠ ଫ୍ରେମ୍ ଶଗଡ଼ରେ ରଖାଯାଏ ଓ ଖଜୁରି ପଟି କିମ୍ବା ପାଲରେ ଉପର ଘୋଡ଼ାଇ ଦିଆଯାଇଥାଏ । ରୋଦରଟି ବାଉଁଶ ବତାରେ ତିଆରି ଯାହାକୁ ଶଗଡ଼ରେ ରଖାଯାଇ ଧାନ ନବା ଆଣିବା ହୁଏ । ଖତ ମଧ୍ୟ ବିଲକୁ ଯାଏ । ରୋଦର ଉପରେ ୪ଟି ବାଉଁଶ ବତାର ଖିଲଣ ରଖି ଖଜୁରୀ ପଟି ରଖି ଦିଆଯାଏ । ମଧ୍ୟବିତ୍ତ ଲୋକେ ବିଭାଘରରେ ସବାରି ପାଲିଙ୍କି ଭଡ଼ା ଆଣନ୍ତି । ଗାଁ ସାଉକାର ଘରେ ୨ଟି ପାଲିଙ୍କି ଓ ଦୁଇଟି ସବାରୀ ଥାଏ । ଗାଁ ଖଦାଳମାନେ ସେବେ ଏହାକୁ ଭଡ଼ାରେ ନେଇ ଥାଆନ୍ତି । ବର ଗଲାବେଳେ ପାଲିଙ୍କିରେ ବସିଯାଏ । ସବାରୀ ସେମିତି ଖାଲିଯାଏ । ଫେରିଲାବେଳେ କନ୍ୟାକୁ ସେଥିରେ ଅଣାଯାଏ । ବର ବସିଲାବେଳେ ଗୋଟିଏ ହାତରେ ପାଲିଙ୍କି ବାଉଁଶରୁ ଓହଳିଥିବା ଝୁଲର ଧରିଥାଏ । ବେଳେବେଳେ କେହି ବର ପାଲିଙ୍କିରେ ବସି ଗ୍ରାମୋଫୋନ୍ ବଜାଇବାର ଦୃଶ୍ୟ ଦେଖାଯାଏ । ଏବେ ସବୁ ବଦଳି ଯାଇଛି । ପାଳିଙ୍କି ସବାରୀ ପ୍ରଥା ଆଉ ନାହିଁ କହିଲେ ଚଳେ । ଖଦାଳମାନେ ଆଉ କାନ୍ଧୋଉନାହାନ୍ତି । ଆମ ଏପଟେ ଗଉଡ଼ମାନେ କେବେ ସବାରୀ ପାଲିଙ୍କି କାନ୍ଧିନ୍ତି ନାହିଁ । ବର ଶଗଡ଼ରେ ନଚେତ ଜିପ/କାର ଭଡ଼ାକରି ଯାଉଛି । ବିଭାଘରରେ ଜାତି ଭୋଜି ନିଶ୍ଚୟ । କେହି ଅତି ଗରିବ ହେଲେ ଜାତି ଭୋଜିରୁ ନିସ୍ତାର ପାଇ ପାରନ୍ତି । ଗାଁର ପିଲାବେଳର ପାଲିଙ୍କି ବିଭାଘର କଥା :

୧୯୪୬ ମସିହାର କଥା । ପଡ଼ିଶାଘର ମୋର ପିଉସୀ ପୁଅ ଭାଇ ରାମଚନ୍ଦ୍ର ଦୋରା ବିଭାହେଲେ । ସେତେବେଳେ ବହୁତ ବିଭାଘର ହେତୁ ବଲୁଆ ଖଦାଳମାନେ ଅନ୍ୟ ବିଭାଘର କାମରେ ଗଲେଣି । ଯାଙ୍କ ଭାଗ୍ୟକୁ ପାଲିଙ୍କି ପାଇ ୪ଟି ବୁଢ଼ାଳିଆ ଭୋଇ (ଖଦାଳ) ମିଳିଲେ । ବର ବେଶ ଓଜନଦାର ମଣିଷ । ଗାଁରୁ ଭାଡ଼ିକିଲା କମ୍‌ରେ କମ୍ ୧୨ କି.ମି. । ୭ କି.ମି ଯାଇ ଭୋଇମାନେ ଅତିଷ୍ଠ ହୋଇଗଲେ । ବାରମ୍ବାର କାନ୍ଧ ବଦଳେ କଲେ ମଧ୍ୟ କଷ୍ଟ କମିଲାନି । ବାଟରେ ପଥରଗଡ଼ ଗାଁରେ ପାଲିଙ୍କି ଓହ୍ଲାଇ

Digitized by srujanika@gmail.com

ଭୋଇମାନେ ଆଉ ଯାଇପାରିବେନି ବୋଲି କହିଲେ । ଏ କି କଥା ? ବର ଯିବ କେମିତି, ବାହାଘର ହବ କେମିତି ? ଏହାର ମୂଳ ସମାଧାନ ହେଲା ଯେ ବର ପାଲିଙ୍କିରୁ ଓହ୍ଲାଇ ଚାଲି ଚାଲିଯିବ କନ୍ୟାଘର ଗାଁ ମୁଣ୍ଡକୁ । କେହି ଦେଖିବା ଆଗରୁ ବର ପାଲିଙ୍କିରେ ବସିବ । ସେୟା ହେଲା । ଗାଁ ମୁଣ୍ଡର ବର ପାଲିଙ୍କିରେ ବସିକରି ଆସିଲା । ବାହା ଭୋଜି ଖାଇ ସାରିଲା ପରେ ଭୋଇମାନେ କାହାକୁ କିଛି ନକହି ଖାଲି ପାଲିଙ୍କି ଘେନି ସେହି ରାତିରେ ଗାଁକୁ ଫେରି ଆସିଲେ । ବର ଶଗଡ଼ରେ ବସି କନ୍ୟାକୁ ଧରି ପରଦିନ ସକାଳେ ଆସିଲା ।

ବାହାଘର ରୋଷଣି

ଗରିବ ଲୋକଙ୍କ ବାହାଘର ରୋଷଣୀରେ ସେମିତି ଯାକଜମକ ନଥିଲା । ଖାଲି ଦାଣ୍ଡରେ ଛାମୁଣ୍ଡିଆ ହୁଏ । ୧୯୫୧ରେ ସାଉକାର ଘର କୀର୍ତ୍ତିଚନ୍ଦ୍ରଙ୍କ ଝିଅ କୌଶଲ୍ୟା ବିଭା ହୋଇଥିଲା ଶିଖରପୁର ମୁକୁନ୍ଦ ଜେନାଙ୍କ ପୁଅ ଅଭିମନ୍ୟୁ ସହିତ । ସେ ଦିନ ମଧ କୀର୍ତ୍ତିଚନ୍ଦ୍ରଙ୍କ ବଡ଼ ଭାଇ ଲଡୁ କିଶୋରଙ୍କ ଝିଅ ହେମ ବିଭାହେଲା ଆଙ୍ଗସିଙ୍ଗିର ଶତ୍ରୁଘ୍ନ ସହିତ । ସେ ଦିଇଟାଯାକ ବାହାଘରର ରୋଷଣି ଆସିଥିଲା ଗାଁକୁ ଅଧା ରାତିରେ । ସବାରି ପାଲିଙ୍କି ବିଭାଘର । କାରବାଇଡ଼ ଗ୍ୟାସ ଲାଇଟ ମୁଁ ପ୍ରଥମ କରି ଦେଖିଲି । କଲଘୋଡ଼ା, ସାପୁଆ ସାପୁଆଣି, ହାଡ଼ି ବାଜା । ହାଡ଼ି ବାଜାରେ ଥାଏ ଘଣ୍ଟ, ଢୋଲ, ଡ୍ରମ୍ ଇତ୍ୟାଦି । କନ୍ୟାଘର ଛାମୁଣ୍ଡିଆରେ କଖାରୁଆ(ଖଡ଼ିକା ଓ ନାଲି କାଗଜରେ କଖାରୁ ସଦୃଶ ତିଆରି) ଓହଳାଇ ସୁନ୍ଦର ସଜାଇଥିଲେ । ଏଠି ବର ଅଭିମନ୍ୟୁ ପାଲିଙ୍କିରେ ବସି ଗ୍ରାମୋଫୋନ୍ ଲଗାଇଥାଏ । ଏଠି ଗୀତ ଶୁଣିବାର ଉଦେଶ୍ୟ ନୁହେଁ । ମାତ୍ର ଆଡ଼ମ୍ବରର ସନ୍ଦେଶ । ଏବେ ଗାଁରେ ଡାଳ ତିଆରି ଛାମୁଣ୍ଡିଆ ନକରି ଟେଣ୍ଟ୍ ହାଉସ୍‌ରୁ ରଙ୍ଗୀନ କନା ଦୁଆରେ ସଜାଇଲେଣି । ଏହା ମଧବିତ୍ତ କିମ୍ୱା ତଦୁର୍ଦ୍ଧ୍ୱ ଲୋକଙ୍କର । ଗାଁରେ ଶତକଡ଼ା ୫୦ ଭାଗ ଗରିବ । ତେଣୁ ତାଙ୍କର ଏ ସାଜସଜା ନଥିଲା ।

ଅଳଙ୍କାର

ଅବସ୍ଥାସମ୍ପନ୍ନ ପରିବାରର ସ୍ତ୍ରୀ ଲୋକମାନେ ନାକରେ ନୋଥ, ଦଣ୍ଡି, ଫୁଲୁଗୁଣା, ଗୁଣା, କାନକୁ ପେଣ୍ଡି, କାନଫୁଲ, ମଲ୍ଲକଡ଼ି, ବେକରେ ସୋରିଷିଆ ମାଳି, ଧାନୁଆ ମାଳି, ଖା'ସୁଲ ଇତ୍ୟାଦିର ସୁନା ଅଳଙ୍କାର ପିନ୍ଧୁଥିଲେ । ମଧବିତ୍ତ ପରିବାରର ସ୍ତ୍ରୀ ଲୋକମାନେ ହାତରେ ରୁପା ବଟଫଳ, ଖଡୁ, ଅଣ୍ଟାରେ ରୁପାର ଅଣ୍ଟା ସୂତା, ପିନ୍ଧୁଥିଲେ ।

Digitized by srujanika@gmail.com

ଶାଢ଼ୀର ଖୋଷଣୀ ପାଇଁ ରସ କିମ୍ବା ରୂପାର କରାଟ ଖୋସିଥାନ୍ତି । ଗାଁର ଅରକ୍ଷିତ ବେହେରାଙ୍କ ସ୍ତ୍ରୀ ପୁରାହାତ ଭରତି ପିତଳ ବାହି ପିନ୍ଧିବାର ମୁଁ ଦେଖିଛି । ପିଲାମାନେ ବେକରେ ତେଉଁରିଆ, କାନରେ ଠିକିରି ପରି ସୁନା ତିଆରି ଫୁଲ, ଅଣ୍ଟାରେ ରୁପା ଜହ୍ଲି, ହାତରେ ଖଡ଼ୁ ପିନ୍ଧୁଥିଲେ । ଅଣ୍ଟାରେ ସୁତା ତିଆରି ଗାଞ୍ଜିଆ ମଧ ଥାଏ । ଯହିଁରେ ଅଣେ ଦି'ଅଣା ଡିଲରା ପଇସା ନିଶ୍ଚୟ ଥିବ ।

ସେ ସମୟରେ ସାୟା, ବ୍ଲାଉଜ୍‌ର ପ୍ରଚଳନ ନଥିଲା । ତନ୍ତ ତିଆରୀ ମୋଟା ଶାଢ଼ୀ ପିନ୍ଧୁଥିଲେ । ସ୍ତ୍ରୀଲୋକମାନେ ମୁଣ୍ଡରେ ଖୋସା ବାନ୍ଧୁଥିଲେ । ଏବେ ଯେଉଁ ପରିବାରମାନେ ପାଠ ପଢ଼ି ଚାକିରି କଲେ ତାଙ୍କ ପରିବାର ନୂଆ ପ୍ରକାର କୁଞ୍ଚଥାଇ ଶାଢ଼ୀ ପିନ୍ଧିଲେ । ମାତ୍ର ଗାଉଁଲି ସ୍ତ୍ରୀ ଲୋକମାନଙ୍କର ପରିବର୍ତ୍ତନ ନାହିଁ । ଏବେ ମଧ କାଛଲା ପିନ୍ଧୁ ନାହାନ୍ତି ।

ସେତେବେଳେ କଳଲୁଗା ପ୍ରାୟ ଗାଁରେ ମିଳୁ ନଥିଲା । ସାରା ଓଡ଼ିଶା ଭିତରେ ନୟାଗଡ଼ରେ ହିଁ ଅଧିକ କପା ଚାଷ ହେଉଥିଲା । ଗାଁରେ କପାଚାଷରୁ ଅନେକ ଘରର ସ୍ତ୍ରୀ ଲୋକମାନେ ଅରଟରେ ସୁତା କାଟି ଯୋଗାଇଲେ ତନ୍ତୀମାନେ ପୁରୁଷ ଲୋକଙ୍କ ପାଇଁ ଧୋତି, ଖଦି, ଗାମୁଛା, ଲୁଙ୍ଗୀ ଏବଂ ସ୍ତ୍ରୀ ଲୋକମାନଙ୍କ ପାଇଁ ଶାଢ଼ୀ କରୁଥିଲେ । ଅନେକଙ୍କ ଘରେ କାଠତିଆରି ଅରଟ ଥାଏ । ମଞ୍ଜିଥିବା କପା ପୁରାଇଲେ ମଞ୍ଜି ଅଲଗା ହୋଇ ତୁଳା ବାହାରେ । ତୁଳାରୁ ଅରଟରେ ସୁତା ହୁଏ । ତେଣୁ ୧୯୪୫-୪୬ ବେଳକୁ ଗାଁ ଲୋକମାନେ ତନ୍ତ ଲୁଗା ହିଁ ପିନ୍ଧୁଥିଲେ । ଶିଖରପୁର ଗାଁର ତନ୍ତୀମାନେ ଗାଁରେ ତନ୍ତବୁଣା ଲୁଗା ବିକନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ହେତୁ ଲୁଗା, କିରାସିନି କଣ୍ଟ୍ରୋଲ୍‌ରେ ମିଳୁଥିଲା । ୧୯୪୬-୪୭ରେ ଭାଲିଆଡିହି ଗାଁର ଜଣେ କୁମୁଟି ମହାଜନ ସରକାରଙ୍କ ତରଫରୁ ଡିଲର ହୋଇ କିରାସିନି ଯୋଗାଉଥିଲେ । କିରାସିନିର ବ୍ରାଣ୍ଡ ନାଁ ଥିଲା, 'ଜୟ ହିନ୍ଦ୍‌' ।

ଜାଳେଣୀ କାଠ

ଧାନକଟା ପରେ ମୁଗ ବୁଣିଲା ପରେ ଜଙ୍ଗଲରୁ ଜାଳେଣୀ କାଠ ହଳ ଶଗଡ଼ ଥିବା ଲୋକମାନେ ଆଣନ୍ତି । ଗରିବ ଲୋକମାନେ ଡୋଟାରୁ କାଠ ସଂଗ୍ରହ କରନ୍ତି । ଗାଁର ସୁନାରି ପରିବାରର ଲୋକେ ଜାଳେଣି କାଠ କିଣନ୍ତି । ଭାଲିଆ ଡିହି ଗାଁର ଖଦାଳୁଣୀ ମାନେ ଜଙ୍ଗଲରୁ ଶୁଖିଲା କାଠ ବଡ଼ ବଡ଼ ବିଡ଼ା କରି ମୁଣ୍ଡରେ ଆଣି ବିକନ୍ତି । ଏବେ କାଠ ବିକିବା ତଥା ଜଙ୍ଗଲରୁ କାଠ ଆଣିବା ବନ୍ଦ । ଗାଁରେ ଗ୍ୟାସ୍‌ର ଚଳଣୀ ଆରମ୍ଭ ହେଲାଣି । ଗରିବ ଲୋକେ ଗାଁ ପାହାଡ଼, ଡୋଟାରୁ ଶୁଖିଲା କାଠି ସଂଗ୍ରହ କରୁଛନ୍ତି ।

Digitized by srujanika@gmail.com

ଗାଁରେ ପ୍ରଚଳିତ ନିଆରା ଶବ୍ଦ

ସହର ମାନଙ୍କରେ ପୋଟଳ ବୋଲି ଯେଉଁ ପରିବା ଅଛି, ତାକୁ ଆମ ଗାଁରେ କଟକି ପୋଟଳ ବୋଲି କହନ୍ତି । ସଚିନ୍ଦ୍ରାକୁ କହନ୍ତି ପୋଟଳ । କାଗଜ ଫୁଲ (ମେରିପାମ୍) କହନ୍ତି ସୀତା ବନବାସ ଫୁଲ । କାଠ ଚମ୍ପାକୁ କହନ୍ତି ଗୁଲ୍‌ବାସ୍ । କଙ୍କି (ଉଡୁଥିବା ପତଙ୍ଗ) କୁ କହନ୍ତି ଫିରିଙ୍ଗି । ମାଟି ହଣା କୋଦାଳକୁ କହନ୍ତି ରେଙ୍ଗୁନ୍ କୋଡ଼ି । ଗାଁରେ କୋଦାଳର ବ୍ୟବହାର କମ୍ । ସମସ୍ତେ ହାତକୋଡ଼ି ବ୍ୟବହାର କରନ୍ତି । ରେଙ୍ଗୁନ୍ କୋଡ଼ି କହିବାର ଅର୍ଥ ଗାଁର ଯେଉଁ ଲୋକମାନେ ରେଙ୍ଗୁନ୍ ଯାଇଛନ୍ତି, ସେଠାରେ ଏହା ଦେଖିଛନ୍ତି ।

କାଚଶିଶି

ସେ ସମୟରେ କାଚ ବୋତଲ ଶିଶିର ଗାଁ ମାନଙ୍କରେ ପ୍ରଚଳନ ନଥିଲା । ଔଷଧ ଦୋକାନ ଶରଣକୂଳରେ ମଧ୍ୟ ନଥିଲା । ଔଷଧ କିଣିଲେ କାଚଶିଶି ମିଳେ । ଗାଁ ପାଖ ଧୁଷୁମାର କିଛି ହରିଜନ ଲୋକ କଲିକତାରେ କାମ କରନ୍ତି । ସେମାନେ ବର୍ଷକୁ ଥରେ ଗାଁକୁ ଆସିଲେ ବ୍ୟବହୃତ ହୋଇଥିବା ପୁରୁଣା ବୋତଲ, ପୁରୁଣା ଦାନ୍ତଘସା ବ୍ରସ ଗାଁକୁ ଆଣି, ତାଙ୍କ ସ୍ତ୍ରୀମାନଙ୍କ ଦ୍ୱାରା ସ୍ତ୍ରୀ ମହଲରେ ବିକନ୍ତି । ମୋର ମନେ ଅଛି, ମୋ ଭଉଣୀ ଗୋଟିଏ ପୁରୁଣା ଦାନ୍ତଘସା ବ୍ରସ୍ କିଣିଥିଲା ତା'ର ଦଣ୍ଡି ସଫା କରିବା ପାଇଁ । ଏହାର ଦାମ୍ ଥିଲା ଏକ ଅଣା । ପାଖ ଗାଁ ଶଙ୍ଖେଇରେ ଜଣେ ବୈଦ୍ୟ ଥିଲେ, ସେ ଧୋବା ବୈଦ୍ୟ ବୋଲି ଖ୍ୟାତ । ସେ ପରିସ୍ରା ଦେଖି ରୋଗୀର ରୋଗ ନିଦାନ କରନ୍ତି ଏବଂ ଔଷଧ ଦିଅନ୍ତି । କିନ୍ତୁ ଏହି ପରିସ୍ରା ନେବାକୁ ବୋତଲ ନଥାଏ । ଲୋକେ ଗୋଟିଏ ବାଉଁଶ ନଳୀରେ ପରିସ୍ରା ନିଅନ୍ତି ।

ସେ ସମୟରେ ଶଗଡ଼ ଅଖରେ ତେଲ ଦେବା ପାଇଁ ଶଗଡ଼ିଆ ଏହି ବାଉଁଶ ନଳୀରେ ଜଡ଼ାତେଲ ରଖିଥାଏ । ବର୍ତ୍ତମାନ ପରି ପ୍ଲାଷ୍ଟିକ୍ ବୋତଲ ନଥିଲା । କେଉଁଠୁ କେମିତି ବଡ଼ କଷ୍ଟରେ ବଡ଼ ବଡ଼ କାଚ ବୋତଲ ଯୋଗାଡ଼ କରି କିରାସିନି ରଖନ୍ତି ।

ଗହ୍ମା ପୂର୍ଣ୍ଣମୀ

ଶ୍ରାବଣ ପୂର୍ଣ୍ଣମୀକୁ ଗାଁରେ ଗହ୍ମାପୂର୍ଣ୍ଣମୀ କହନ୍ତି । ଏହି ଦିନ ଲୋକମାନେ ବହୁତ ଘାସ କାଟି ଗାଈମାନେ ସନ୍ଧ୍ୟାବେଳେ ଚରି ଫେରିଲା ବେଳକୁ ଗାଁ ଦାଣ୍ଡରେ ଘାସ ଦିଅନ୍ତି । ଏଇଠି ନିଜ ଗାଈ ପର ଗାଈ ଭାବନା ନାହିଁ । ଗୋଟିଏ ପ୍ରକାର ଗଛ ଅଛି ।

Digitized by srujanika@gmail.com

ତା' ନାଁ ଗେଣ୍ଡାଳିଆ । ଏହି ଗେଣ୍ଡାଳିଆ ଗଛକୁ କାଟି ଗାଈ ବଳଦମାନଙ୍କୁ ଶୃଙ୍ଗାରେ ଛୁଆନ୍ତି । ସକାଳୁ ତ ଗାଈ ବଳଦଙ୍କ କାନରେ ସିନ୍ଦୁର ଲଗାଯାଇଥାଏ । ଏ ଦିନ ଘରେ ପିଠା କରି ଖିଆଯାଏ ।

ମହାଳୟା

ଆଶ୍ୱିନ ମାସ ଅମାବାସ୍ୟାରେ ମହାଳୟା ଶ୍ରାଦ୍ଧ ଦିଆଯାଏ । ଯେଉଁମାନେ ମଉଳା ଶ୍ରାଦ୍ଧ (ଆଶ୍ୱିନ ଅମାବାସ୍ୟା) ଦେବେ, ସେ ଶୁଚିମନ୍ତ ହୋଇ ରହିବେ । ବାଳକାଟିବେ ନାହିଁ, ନିଶ ଦାଢ଼ୀ ଖିଅର ହେବେ ନାହିଁ । ଅନ୍ୟ ପାକରେ ଖାଇବେ ନାହିଁ ଇତ୍ୟାଦି । ଏ ଦିନ ଘରର ସବୁ ଲୁଗାପଟା, ମଶିଣା, ସପ, କନ୍ଥା ଇତ୍ୟାଦି ଗାଁ ଦଣ୍ଡା, କୁସୁମୀ ନଈ ବା ପୋଖରୀରେ ଧୋଇ ଶୁଖାନ୍ତି । ସେତେବେଳେ ଘରେ ପ୍ରାୟ ସମସ୍ତେ ମାଟି ହାଣ୍ଡି, ମାଠିଆ, ଷଢ଼େଇ ଡଙ୍କି ବ୍ୟବହାର କରୁଥିଲେ । ତେଣୁ ଏହି ଦିନ ଏଗୁଡ଼ିକ ଫୋପାଡ଼ି ନୂଆ ମାଠିଆ, ହାଣ୍ଡି ବ୍ୟବହାର କରନ୍ତି । ପଞ୍ଚୁରିଡ଼ା, ଶିଖରପୁର, ମଝିଆଖଣ୍ଡ ଗାଁରୁ କୁମ୍ଭାରମାନେ ଶଗଡ଼ରେ ମଝିରେ ମଝିରେ ହାଣ୍ଡି ଆଣି ବିକନ୍ତି । ଭାତ ପାଇଁ ଅଲଗା ହାଣ୍ଡି, ତରକାରୀ ପାଇଁ ଅଲଗା ହାଣ୍ଡି, ପାଣି ରଖିବା ପାଇଁ ଅଲଗା ଅଲଗା ହାଣ୍ଡି, ଚକୁଳି ପିଠା ପାଇଁ ପଲମ, ଇତ୍ୟାଦି ବ୍ୟବହାର କରାଯାଉଥିଲା ।

ସେଦିନ ପୂଜାପାଇଁ ଗୋଟେ କି ଦୁଇଟା ନଡ଼ିଆ ଆସିଥିବ । ମୋ ଜେଜେ ବାପା ନଡ଼ିଆକୁ ଏପରି ଦୁଇଫାଳ କରିବେ ଯେ ନଡ଼ିଆର ଦୁଇଫାଳଯାକ ଦୁଇଟି ଡଙ୍କା ହୋଇପାରିବ । କିନ୍ତୁ ଏବେ ପ୍ରାୟ ଏଇ ଡଙ୍କା ଉଭେଇ ଗଲାଣି । ସମସ୍ତେ ସିଲଭର ବା ଷ୍ଟିଲ୍ ଡଙ୍କି ବ୍ୟବହାର କରୁଛନ୍ତି । ପୁରୋହିତ ଥିଲେ ଶରଣକୁଳର ଦଣ୍ଡପାଣି କର । ସେ ସେଇ ମଉଳା ଶ୍ରାଦ୍ଧକୁ ଦିନ ୨ଟା ଭିତରେ ଶେଷ କରିବାକୁ ଅଧିକ ଜଣେ ପୁରୋହିତ ଆଣିଥାନ୍ତି । ଶ୍ରାଦ୍ଧ ସରିଲେ ଖାଇବା ପର୍ବ ଆରମ୍ଭ ହୁଏ । ପାଖ ପଡ଼ିଶା ଓ ଗାଁରେ ଥିବା ନିଜ ବନ୍ଧୁଙ୍କୁ ଖାଇବାକୁ ଡକାଯାଏ । ଚଉଳ ଜାଉ, ଉଷୁନା ଭାତ, ଆମ୍ବିଳ, ଗୋଟେ ତରକାରୀ ରହିବ । ଆଗ ଇଷାଣରେ ଗୋଟିଏ ଖଲିପତ୍ରରେ ବଢ଼ାଯିବ ଏବଂ ପରେ ଘରର ମୁରବୀ ସେ ପତ୍ର ସାରିବେ ।

କୁମାର ପୂର୍ଣ୍ଣମୀ

ଆଶ୍ୱିନ ମାସ ସାରା ସଂଧ୍ୟାରେ କୁଆଁରୀ ଝିଅମାନେ ଜହ୍ନି ଓଷା କରନ୍ତି । ସଂଧ୍ୟାରେ ତୁଳସୀ ଚଉରା ପାଖରେ ଝିଅପିଲାମାନେ ମେଳ ହୋଇ ଏହି ଓଷା କରନ୍ତି । ମୋତେ

Digitized by srujanika@gmail.com

ଡକାହୁଏ ପ୍ରତିଦିନ ଜହ୍ନି ଓଷା ବହି ପଢ଼ିବାକୁ । ସେତେବେଳକୁ ମୁଁ ସ୍କୁଲରୁ ଫେରିଥାଏ । ସେ ମାସର ଅନେକଦିନ ୨/୩ ସ୍ଥାନରେ ବହି ପଢ଼େ । ଓଷା କରୁଥିବା ଝିଅମାନେ ମାସ ଯାକ ଜହ୍ନି ଖାଆନ୍ତି ନାହିଁ । ଆଶ୍ୱିନମାସର ପୂର୍ଣ୍ଣମୀକୁ କୁମାର ପୂର୍ଣ୍ଣମୀ କହନ୍ତି । ଆକାଶ ନିର୍ମଳ ହେତୁ ଏହି ରାତ୍ରରେ ଜହ୍ନ ବିଶେଷ ତୋରା ଦିଶେ । ସେଦିନ ରାତିରେ ଖଦାଳ ସ୍ତ୍ରୀ ଲୋକ ଓ ପୁରୁଷ ଲୋକ, ଗଉଡ଼ ଅଳିଆ ବେହେରା ପ୍ରଭୃତି କୁମ୍ଭ ଧରି ଆସନ୍ତି । କୁମ୍ଭରେ ଖଡ଼ିକାରେ ଫୁଲ ସଜା ହୋଇ ଲାଗିଥାଏ । କେଉଁ କେଉଁ କୁମ୍ଭରେ ୪ଟି ହାତ ବାହାରିଥାଏ ଓ ହାତରେ ଚୁଡ଼ିଥାଏ । ଏହି କୁମ୍ଭକୁ ଠାକୁରାଣୀ କହନ୍ତି । ଏହି ପୂର୍ଣ୍ଣମୀ ସଂଧ୍ୟାରେ ସବୁବର୍ଷ ମୋ ମା' ବାପାଙ୍କୁ ଡାଲାଏ ଲିଆ ଗାଁ ଦାଣ୍ଡରେ ବାଣ୍ଟିବାକୁ ଦିଅନ୍ତି । ପିଲାମାନେ ଲିଆ ନେବାପାଇଁ ଦୌଡ଼ିବେ । ଏବେ ଗାଁରେ ଥିବା ଭାଇ ଏହି ଦିନରେ ଆଉ ଲିଆ ବାଣ୍ଟୁ ନାହାନ୍ତି ।

କାର୍ତ୍ତିକ ଅମାବାସ୍ୟା

ଏହି ଅମାବାସ୍ୟା ରାତିରେ ପ୍ରତ୍ୟେକ ଘର ବଡ଼ ବଡ଼ିଆ ଡାକନ୍ତି । ଏହା ଏକ ପ୍ରକାର ପିତୃପୁରୁଷଙ୍କୁ ଶ୍ରାଦ୍ଧ । କହନ୍ତି – "ବଡ଼ ବଡ଼ିଏ ହେ.. ଅନ୍ଧାରରେ ଆସି ଆଲୁଅରେ ଯାଅ । ବାଇଶି ପାହାଚରେ ଗଡ଼ ଗଡ଼ଉଥାଅ । ଶୁଭ ଦୃଷ୍ଟିରେ ଘହିଁଥ.. ଇତ୍ୟାଦି ।" କିଛି କାଉଁରିଆ କାଠି, ଦଣ୍ଡା ବାଲୁଙ୍ଗା, ଆଖୁ ଖଣ୍ଡରେ ଘିଅ ସଳିତା ଏକାଠି ବାନ୍ଧି, ନିଆଁ ଲଗାଇ ବଡ଼ବଡ଼ିଆଙ୍କୁ ଡାକନ୍ତି । ଡକା ସରିବାରେ ପୂଜା ହୋଇଥିବା ପିଠା, ଫଳ ଇତ୍ୟାଦି ଉପସ୍ଥିତ ପିଲା ଓ ବଡ଼ମାନଙ୍କ ମଧ୍ୟରେ ବଣ୍ଟା ହୁଏ । ଗାଁରେ ବାଣ ମାରିବାର ପ୍ରଚଳନ ଜମା ନଥିଲା । ମୁଁ ୧୯୫୭ରେ କଟକରେ ଦୀପାଳୀ ଆମାବାସ୍ୟା ଦିନ ପ୍ରଥମ କରି ବାଣମରା ଦେଖିଥିଲି । ତେଲୁଗୁ ଜାତିର ଲୋକମାନେ ବଡ଼ବଡ଼ିଆ ଡାକିଲା ବେଳେ ଓଡ଼ିଆ ଲୋକଙ୍କ ଡାକରାକୁ ପୁରା ଅନୁବାଦ କରି ତେଲୁଗୁ ଭାଷାରେ ହିଁ ଡାକନ୍ତି ।

କାର୍ତ୍ତିକ ପୂର୍ଣ୍ଣମୀ

କାର୍ତ୍ତିକ ମାସକୁ ଲୋକେ ବହୁତ ମାନନ୍ତି । ଅଧିକାଂଶ ଲୋକ ଏହି ମାସରେ ଆମିଷ ଖାଆନ୍ତି ନାହିଁ । କିଛି ଲୋକେ ସକାଳେ ଗାଧାନ୍ତି । ତାକୁ କାର୍ତ୍ତିକ ସ୍ନାନ କହନ୍ତି । ପୂର୍ଣ୍ଣମୀ ଦିନ ସ୍ନାନ ସାରି ମୁଁ ପିଲାଦିନେ ଆଙ୍ଗିସିଙ୍ଗିରେ ବିଜେ "କପିଳେଶ୍ୱର ଠାକୁର"ଙ୍କୁ ଦର୍ଶନ କରିବାକୁ ଯାଏ । ଏହି ପୂର୍ଣ୍ଣମୀକୁ ରାସ ପୂର୍ଣ୍ଣମୀ ମଧ କହନ୍ତି । ମୁଁ ଘରୁ ତମ୍ବା ପଇସାଟିଏ ନେଇଥାଏ । ଏହାକୁ ମାଳିକୁ ଦେଇ ପାଦୁକା ପାଇ ଫେରେ । ଅନେକ ବର୍ଷ ଧରି ଏହି ମାସରେ ମୋ ମାଆ ଆଙ୍ଗିସିଙ୍ଗି ଗ୍ରାମର ଘନଶ୍ୟାମ ଶତପଥୀଙ୍କୁ ଡ଼କାଇ

Digitized by srujanika@gmail.com

ଆଣି ତୁଳସୀ ଚଉରାମୂଳେ ପୁରା ମାସ ଯା'କ କାର୍ତ୍ତିକ ମହାତ୍ମ୍ୟ ପଢିବା ପାଇଁ କହନ୍ତି । ମାସ ଶେଷରେ ମା' ତାଙ୍କୁ ଗୋଟିଏ ଧୋତି ଓ ବିଦାକି ଦିଏ ।

ଦଶହରା

ଦଶହରାଦିନ ପ୍ରତିଘରେ ବହିଖାତା ଲୁହା ସରଞ୍ଜାମ ଇତ୍ୟାଦିକୁ ଗୋଟିଏ ଜାଗାରେ ରଖି କ୍ଷୀର ଋଉଳଦେଇ ପୂଜା କରାଯାଏ । ବାଡ଼ିଗୁ ଜହ୍ନି ଆଣି ସେଥିରେ ଖଡ଼ିକା ୪ଟି ମାରି ୪ଟି ଗୋଡ଼ କରନ୍ତି । ଏଇ ଜହ୍ନି ହୁଏ ଘୋଡ଼ା । ଜହ୍ନିର ଡେମ୍ଫ ଘୋଡ଼ାର ଲାଞ୍ଜ ସଦୃଶ ଦିଶେ । ଦଶହରା ରାତିରେ ଗାଁକୁ ଖଦାଳୁଣୀମାନେ ମୁଣ୍ଡରେ କଳସ ଆଣନ୍ତି । ଶରଧା ଖଦାଳୁଣୀ ସେଦିନ ରାତିରେ ଢେଣ୍ଟୁକୋଇଲା ବୋଲେ । ଢେଣ୍ଟୁକୋଇଲା ଏକ ବାଦ୍ୟ ଯନ୍ତ୍ର । ଏକ ବଡ଼ ମାଟି ହାଣ୍ଡି ଉପରେ ଏକ କୁଲାକୁ ଘୋଡ଼ାଇ ଦିଆଯାଏ । କୁଲା ଉପରେ ଘାଘୁଡ଼ି ବନ୍ଧା ଧନୁ ଓ ବାଡ଼ିରେ ଘଷାଯାଇ ଶବ୍ଦ ସୃଷ୍ଟି କରାଯାଇ ସୁନ୍ଦର ଭାବରେ ବଜାଯାଏ । ତା ସାଙ୍ଗକୁ ମଙ୍ଗଳାଙ୍କ ଗୀତ । ଏହି ଢେଣ୍ଟୁକୋଇଲା ଗୀତକୁ ଶରଧା ନାନୀ ତା'ର ସ୍ମୃତି ଓ ମନରୁ ବୋଲେ । ଅନ୍ୟ ଗାଁର ବଢ଼େଇ କମାର ମାନେ ଗାଁକୁ ଆସି ଗାଁର ମୁଖିଆ ଲୋକଙ୍କୁ ଦଶହରା ଭେଟି ଦିଅନ୍ତି । ମାତ୍ର ସେମାନେ ପଇସା ଠିକ୍ ସମୟରେ ପାଆନ୍ତିନି । ସମସ୍ତ ଘରେ ଘରେ ଏହି ଦିନ ନୂଆ ଚୁଡ଼ା ଖିଆ ଯାଏ । ପଦରି ଧାନରୁ ଆଦାୟ ଧାନରୁ ଚୁଡ଼ା କରାଯାଇ ଚୁଡ଼ାରୁ ଖିରି ହୁଏ । ଇଷାଣରେ ପୂଜା କରିବାପରେ ଆଗ ଚୁଡ଼ା ଖିରି ଖାଆନ୍ତି ଓ ତା'ପରେ ଭାତ ଖାଆନ୍ତି । ଦଶହରାକୁ ଅନ୍ୟ ଗାଁର ନାଚଦଳ ଗାଁକୁ ଆସି ନିର୍ଦ୍ଦିଷ୍ଟ ଦୁଆରେ ସଖିନାଚ କରନ୍ତି । ଏଥିପାଇଁ ସେମାନଙ୍କୁ ବିଦାକି ଦିଆଯାଏ । ସେ ବିଦାକି ବଡ଼ କଷ୍ଟ । ଘର କର୍ତ୍ତା ଘରେ ଥାଇ ଖବର ପଠାନ୍ତି ସେ ନାହାନ୍ତି ବୋଲି । କମ୍‌ସେ କମ ୩/୪ ଟଙ୍କା ନେବେ । ଏବେ ସେ ଭେଟି ପରମ୍ପରା ଆଉ ନାହିଁ । ଦଶହରାରେ ଦୁର୍ଗାମୂର୍ତ୍ତି ପୂଜା ଏପଟେ ନଥିଲା । ଏବେ ପ୍ରାୟ ୨୫ ବର୍ଷରୁ ଉର୍ଦ୍ଧ ସମୟରୁ ଶରଣକୂଳରେ ଦୁର୍ଗାମୂର୍ତ୍ତି ତିଆର ହେଉଛି ।

ଦଶହରା ରାତ୍ରିରେ ଗୋଟିଏ ବଡ଼ କାମ ହେଉଥିଲା ସେଇଟା ହେଲା ପାଇକ ନାଚ । ଗାଁର କିଛି ଯୁବକ ପାଇକ ଖେଳ ଶିଖିଥାନ୍ତି । ଦଶହରା ରାତ୍ରିରେ ବାଡ଼ି ଧରି ଖେଳ ଦେଖାନ୍ତି । ବାଡ଼ିର ଗୋଟିଏ ପଟରେ ହାତ ମୁଠା ରହିବା ପାଇଁ ଖୋପ ପରି ଅଡ଼ା ତିଆର ହୋଇଥାଏ । ଅଡ଼ାରେ ଖୋପ ତିଆରି ହୋଇ ଲୁହା କିମ୍ବା ଟିଣର ପତଳା ଗିନି ସଦୃଶ୍ୟ ଯୋଡ଼ି ହୋଇଥାଏ । ପାଇକ ହାତ ବୁଲାଇଲେ ଝଣ ଝଣ ଶବ୍ଦ ହୋଇ ଯୁଦ୍ଧର ଆଭାସ ଆଣିବ । ଦୁଇଜଣ ପାଇକ ସାବଧାନ ଛଳିରେ ଯୁଦ୍ଧ କରିବେ । ଗୋଟିଏ

Digitized by srujanika@gmail.com

ମଜା କଥା : ୧୯୪୯ ମସିହାର କଥା । ଭାଲିଆଡିହ ଗାଁର ଗଣେଶ ପଟ୍ଟନାୟକ ଅନ୍ୟ ଏକ ଗାଁରୁ ବିବାହ ସାରି ଗାଁ ଦାଣ୍ଡରେ ରୋଷଣି ନେଇ ଫେରୁଥିଲେ । ବଡ଼ଗୋରଡ଼ା ଗାଁର ପାଇକ ପିଲାମାନେ କହିଲେ "ଆମେ ପାଇକ ନାଚ ଦେଖାଇବୁ" । ପାଇକ ନାଚ ହେଲା । ମାତ୍ର ସରିବାର ନାଁ ଧରିଲାନି । ସମସ୍ତେ କହିଲେ ବନ୍ଦ କର । ଆମେ ଚାଲିଯିବୁ ।" ମାତ୍ର ପାଇକମାନେ ନଶୁଣି ସେମିତି ଦେଖାଇ ଚାଲିଲେ । ତା'ପରେ ହେଲା ଗଣ୍ଡଗୋଳ ପିଟାପିଟି ଇତ୍ୟାଦି । ଆହତ ହୋଇ ବର ଓ ବରଯାତ୍ରୀ ଆଉ ରୋଷଣି ନ କରି ଭାଲିଆଡ଼ି ଫେରିଲେ । ତା'ପରେ ସେ ଗାଁର ସବୁଲୋକ ବାଡ଼ି, ଠେଙ୍ଗା ଧରି ବଡ଼ଗୋରଡ଼ା ଗାଁରେ ହାଜର । ଭାଲିଆଡିହି ବଡ଼ ଗୋରଡ଼ା ଗାଁ ଠାରୁ ଆୟତନରେ ୪ ଗୁଣ । ତେଣୁ ଲୋକସଂଖ୍ୟା ସେପରି ମଧ୍ୟ । ବହୁତ ଖୋସାମତି କାକୁତି ମିନତି ପରେ ସେମାନେ କ୍ଷାନ୍ତ ହୋଇ ଫେରିଲେ ।

ଦୋଳ ପୂର୍ଣ୍ଣମୀ

ଦୋଳ ପୂର୍ଣ୍ଣମୀରେ ପୁରୁଣା ହଳିଆ ଛାଡ଼ି ଯାନ୍ତି ଓ ନୂଆ ହଳିଆ ଲାଗନ୍ତି । ଯଦି ହଳିଆ ପୁରା ୩୬୫ ଦିନ ଲାଗେ, ତାକୁ ଗୋଟା ହଳିଆ କହନ୍ତି । ଦିନେ ଛଡ଼ା ଦିନେ ହେଲେ ଅଧା ଓ ତିନିଦିନ ପରେ ଦିନେ ଆସିଲେ କାଣିଏ କହନ୍ତି । ଏମାନେ ହିସାବ ଅନୁଯାୟୀ ଧାନ ନିଅନ୍ତି ଓ କିଛି ଜମି ମଧ୍ୟ ଭାଗ ଚାଷରେ ନିଅନ୍ତି । ୬ ବର୍ଷରୁ ୧୪ ବର୍ଷର ପିଲା ପୋଡୁଅ ମାହାର ରହନ୍ତି । ଏମାନେ ପୁରା ବରଷ କାମ କରିବେ । ମଜୁରୀ ମଧ୍ୟ ବେଶୀ ନୁହେଁ । ବର୍ଷକୁ ଶଗଡ଼େ ଧାନ । ଏଇ ହଳିଆମାନେ ସୁବିଧା ଅସୁବିଧାରେ ଧାନ କରଜ ନେଲେ ମାଲିକ ସେହି ଦେଢ଼ିରେ ହିଁ କରଜ ଦେବ । ଏବେ ଗାଁରେ କେହି ହଳିଆ ଲାଗୁ ନାହାନ୍ତି ।

ଦୋଳ ପୂର୍ଣ୍ଣମୀ ଦିନ ଶିଖରପୁରରୁ ଜ୍ୟୋତିଷ ଆସି ଠାକୁରାଣୀ ମଣ୍ଡପରେ ବସି ବର୍ଷର ଫଳାଫଳ କହିବେ । ଗାଁର ମୁଖିଆ ମୁଖିଆ ଲୋକମାନେ ପାଞ୍ଜି ଶୁଣିବେ । ଏହିଦିନ ନୂଆ ଚଣା ଓ ଆମ୍ବ ଉଖୁଡ଼ା ମିଶାଇ ଘରେ ପୂଜା କରାଯାଏ । ସେତେବେଳେ ଆଜି କାଲିକା ପରି ମଫସଲରେ ହୋଲି ପାଳନ ହୁଏ ନାହିଁ । ରଙ୍ଗ ମରାମରି କେହି ଜାଣି ନଥିଲେ ।

ହଇଜା, ବସନ୍ତ

ସେ ସମୟରେ ଗାଁ ମାନଙ୍କରେ ହଇଜା ଓ ବସନ୍ତର ପ୍ରାଦୁର୍ଭାବ ବେଶୀ ଥିଲା । ଅବଶ୍ୟ ମୋ ଦେଖାରେ ଗାଁରେ ସେପରି କିଛି ମଡ଼କ ହୋଇନାହିଁ । ୧୯୪୭ ମସିହାରେ

Digitized by srujanika@gmail.com

ପାଣିଭଣ୍ଡାର ଗାଁରେ ହଇଜା ଲାଗିଥିଲା । ଏହି ହଇଜାରେ ଗୋଟିଏ ଗୋଟିଏ ପରିବାର ମୂଳପୋଛ ହୋଇଯାଇଥିଲେ । ୧୯୪୬ ମସିହାରେ ମୋର ଦାଦା ସନ୍ୟାସୀ ମାତ୍ର ୩୦ବର୍ଷ ବୟସରେ ହଇଜାରେ ଚାଲିଯାଇଥିଲେ । ଗାଁ ମାନଙ୍କରେ ଶରଣକୂଳରୁ ଟିଆଦିଆ ଆସି ବସନ୍ତଟୀକା ଦେଉଥିଲେ । ଏହି ବସନ୍ତ ରୋଗକୁ ଗାଉଁଲି ଲୋକମାନେ ଠାକୁରାଣୀ କହି ପୂଜା କରନ୍ତି । ପଣା ପାଣି ଦିଅନ୍ତି । ବସନ୍ତ ହେଲେ ଗାଁରେ ଭାଳେଣୀ ପଡ଼ିଯାଏ । ତେଣୁ ପ୍ରତିବର୍ଷ ଗାଁ ଠାକୁରାଣୀଙ୍କୁ ମେଲାଣି ଦିଆଯାଏ । ତା' ଅର୍ଥ ଠାକୁରାଣୀଙ୍କୁ ବିଦାୟ ଦିଆଯାଏ । ଯେତେବେଳେ ରୋଗର ପ୍ରକୋପ କମିଯାଏ, ଗାଁ ଚଉକିଆ ଡାକି କହନ୍ତି ଅମୁକ ଦିନ ମେଲାଣି ଦିଆଯିବ । ଏହି ମେଲାଣି ଦିନ ଗାଁର ପ୍ରତ୍ୟେକ ପରିବାର ନୂଆ ମୁଗରେ ମଣ୍ଡାପିଠା କରି ସଂଧ୍ୟା ୭ଟା ସମୟକୁ ହାତରେ ସଳିତା ଦୀପ ଧରି ଗାଁ ଗହିରସ୍ଥ ଶଙ୍ଖମୁଣ୍ଡାରେ ସାହାଡ଼ା ଗଛ ମୂଳରେ ଥୋଇ ଦେଇ ଆସନ୍ତି । ଏହି ପିଠାକୁ ଧୋବା, ଖଦାଳ, ଘୌକିଆ, ହାଡ଼ିମାନେ ବାଣ୍ଟି ନେଇଥାନ୍ତି । ହାତରେ ବଡ଼ ବଡ଼ ବଥ ହୋଇ ଘାଆ ହେଲେ, ଲୋକେ ତାକୁ ମହାପୁରୁ ବୋଲି କହନ୍ତି । ଏହି ସମୟରେ ରୋଗୀକୁ ତୁ, ତା' ନକରି ତୁମେ ଆପଣ ବୋଲି ସମ୍ବୋଧନ କରନ୍ତି । ଦଶହରା, ଦଣ୍ଡ ଠାକୁର, କୁମାର ପୂର୍ଣ୍ଣମୀ ବେଳକୁ ଠାକୁରାଣୀ ବନା ସେଠୀ, ଶରଧା ଖଦାଳୁଣୀ ଦେହରେ ଉଭା ହେବା ଏକ ନିୟମିତ ଘଟଣା । ଗାଁର ମୁରବୀସ୍ଥାନୀୟ ଲୋକମାନେ କାଳିଶୀକୁ ଗାଁର ଭଲମନ୍ଦ କଥା ପଚାରନ୍ତି । ସେ ଗାଁରେ ହବାକୁ ଥିବା ଘଟଣ ଅଘଟଣ କହେ ।

କାହାକୁ ଯଦି ସାପ ଦଂଶିଦେଲା, ଲୋକେ ପ୍ରାଥମିକ ଚିକିତ୍ସା ନକରି ଗାଁ ବାଉତୀ ଠାକୁରାଣୀଙ୍କ ପାଖରେ ଅଧିଆ ପକାଇଦିଅନ୍ତି । ଏହାକୁ ଘାଉଡ଼ିଆ କହନ୍ତି । ରୋଗୀ ଶରୀରରେ ଗରା ଗରା ପାଣି ଢାଳନ୍ତି । ଗାଁର ବିଦ୍ୟାଧର ପଟ୍ଟନାୟକ ଠାକୁରାଣୀ ମଣ୍ଡପରେ ବସି ବେତଧରି କହନ୍ତି "ଉଠ ଉଠ ନହେଲେ ଦେଖିବୁ" । ମୋର ମନେ ଅଛି ବିଲଗୋରଡ଼ାର ୨ଟି ଲୋକ ଏଇ ସାପକାଟିରେ ମରିଯାଇଛନ୍ତି । ସେମାନେ ଗୁହାରିଆ ମଧ୍ୟ ପଡ଼ିଥିଲେ ।

ଦଣ୍ଡ ଠାକୁର

ଗାଁରେ ଦଣ୍ଡ ଠାକୁର ଥିବାରୁ ଦଣ୍ଡଯାତ୍ରା ହୁଏ । ଯେଉଁମାନେ ଦଣ୍ଡଯାତ୍ରାରେ ମିଶିବା ପାଇଁ ମାନସିକ କରିବେ, ସେମାନେ ମୀନ ସଂକ୍ରାନ୍ତି ଠାରୁ ପିଆଜ, ରସୁଣ, ଆମିଷ ବାରିବେ । ଦଣ୍ଡୁଆମାନଙ୍କର ମୁଖ୍ୟଙ୍କୁ ପାଟ ଭଗତା କହନ୍ତି । ତାଙ୍କ ନିଷ୍ପତ୍ତି ଅନୁଯାୟୀ ୨୧ ଦିନିଆ ବା ୧୩ ଦିନିଆ ପାଣି ତୋଳା ହୁଏ । କିନ୍ତୁ, ପଣା ସଂକ୍ରାନ୍ତି

Digitized by srujanika@gmail.com

ଦିନ ହିଁ ଏହି ଦଣ୍ଡଯାତ୍ରା ସମାପନ ହୁଏ । ତେଣୁ ଦିନ ଠିକ୍ ହୋଇସାରିଲାପରେ ପାଣି ତୋଳା ହୁଏ । ଗାଁକୁ ସଂଧ୍ୟାରେ ଠାକୁର ଆସିଲେ, ପିଲାମାନେ ଠାକୁରଙ୍କ ଆଗରେ ଗୁହାରିଆ ପଡ଼ନ୍ତି । ମୁଖ୍ୟ ଦଣ୍ଡୁଆ ଗୀତ ଆକାରରେ ଗାଇବ "ନୀଳରତ୍ନ ମଣିମା ଭୋଳେ, ଗୁହାରିଆର ମନସ୍କାମନା ପୂର୍ଣ୍ଣ ହେଉ" ଇତ୍ୟାଦି । ତା'ପରେ ଠାକୁରଙ୍କୁ ପଇସେ ଦେଇ ପାଦୁକ ପାଆନ୍ତି । ପ୍ରତି ଦୁଇ ବର୍ଷରେ ଥରେ ଦଣ୍ଡୁଆ ମାନେ ମେରୁଦିନ ହାନ୍ଦୋଳା ଚଢ଼ନ୍ତି ଓ ପଣାସଂକ୍ରାନ୍ତି ଦିନ ସକାଳେ ନିଆଁ ଗାଡ଼ରେ ଠାକୁରଙ୍କ ସହିତ ଦଣ୍ଡୁଆମାନେ ଚାଲନ୍ତି । ଗାଁରେ ନିଆଁଗଡ଼ ମାତ୍ର ୭ହାତ ଲମ୍ବ । ଗୋଟିଏ ମୁଣ୍ଡରେ କ୍ଷୀର କୁଣ୍ଡ ଓ ଅନ୍ୟ ମୁଣ୍ଡରେ ପାଣିକୁଣ୍ଡ ଥାଏ । ପ୍ରଥମେ ପାଟଦଣ୍ଡୁଆ ଠାକୁରଙ୍କୁ ନିଆଁରେ ଚଲାଏ ଏବଂ ପରେ ଦଣ୍ଡୁଆମାନେ ଚାଲନ୍ତି । ଏହି ଦଣ୍ଡଯାତ୍ରାରେ ଦଣ୍ଡୁଆମାନେ କଷ୍ଟପାଆନ୍ତି । ଦିନଯା'କ ଉପବାସ ରହିବେ, ସଂଧ୍ୟା ବା ରାତିରେ ଗାଧୋଇ ପଣା ସାରନ୍ତି ଓ ରାତିରେ ଅରୁଆ ହବିଷ ଖାଆନ୍ତି । ନିଆଁରେ ଖେଳିବା, ଧୂଳିରେ ଖେଳିବା (ଧୂଳିଦଣ୍ଡ) ଇତ୍ୟାଦି ଖେଳ ଦେଖାନ୍ତି । ହିନ୍ଦୋଳା ଦିନ ପ୍ରଥମେ ଠାକୁର ହାନ୍ଦୋଳାରେ ଚଢ଼ନ୍ତି ଓ ପରେ ଅନ୍ୟ ଦଣ୍ଡୁଆମାନେ ହନ୍ଦୋଳାରେ ଚଢ଼ନ୍ତି । ହାନ୍ଦୋଳାରେ ଦଣ୍ଡୁଆର ଗୋଡ଼ ଦୁଇଟି ବନ୍ଧାଯିବା ପରେ ମୁଣ୍ଡ ତଳକୁ ରହେ, ତାକୁ ଏପଟ ସେପଟ କରି ଝୁଲାଇ ଦିଆଯିବା ଅବସ୍ଥାରେ ତଳୁ ତାଙ୍କୁ କଷ୍ଟ ହେଲାଭଳି ଝୁଣା ଧୂଆଁ ଦିଆଯାଏ ।

ସଂକୀର୍ତ୍ତନ

ଗାଁ ଦିପଟରେ ଯୋଡ଼ିଏ ଭାଗବତ ଘର । ଭାଗବତ ଘରରେ ଥାଏ ୩/୪ଟି ନଦିଆ (ଖୋଳ), ୨/୩ ହଳ ଝାଞ୍ଜ । ବିଧିବଦ୍ଧ ଭାବରେ ସଂକୀର୍ତ୍ତନ ଦଳ ନଥାଏ । ମାତ୍ର ସଂକୀର୍ତ୍ତନ ଚାଲେ । ଗାଁରେ କିଏ ମଲେ, ତାର ମୃତ୍ୟୁର ୧୧ ଦିନ ଅଥବା ୧୨ ଦି. ଯେଉଁ ଦିନ ଘିଅ ଖିଆ ହୁଏ, ସେଦିନ ରାତ୍ରରେ ସଂକୀର୍ତ୍ତନ ହୁଏ । ପୁଅ କିମ୍ବା ଝିଅ ଜନ୍ମର ୨୧ ଦିନ (ଏକୋଇଶା) ରେ ମଧ୍ୟ ସଂକୀର୍ତ୍ତନ ହୁଏ । ଗୀତ ବୋଲନ୍ତି ଶ୍ୟାମ ଦୋରା, ସିନା ଦୋରା । ଏମାନେ ବୋଲିବାଟା ମୁଁ ଲକ୍ଷ୍ୟ କରିଛି । ୧୯୫୩ ମସିହାରେ ଗାଁ ପୋଡ଼ିରେ ଏସବୁ ସରଞ୍ଜାମ ପୋଡ଼ିଗଲା । ପରେ ୧୯୫୮ ବେଳକୁ ବିଧିବଦ୍ଧ ସଂକୀର୍ତ୍ତନ ଦଳ ଗଢ଼ାହେଲା । ଗୁରୁ ଆସିଲେ, ନଦୀୟାମାଧୁରୀ ବହିରୁ ଓଡ଼ିଆ ଗୀତ (ଚୈତନ୍ୟଙ୍କ ଉପରେ) ବୋଲା ହେଲା । ଅବସ୍ଥାସଂପନ୍ନ ଲୋକଙ୍କ ମୃତ୍ୟୁରେ ତାଙ୍କ ଶବ ସହିତ ମଶାଣି ପର୍ଯ୍ୟନ୍ତ ସଂକୀର୍ତ୍ତନ ଦଳ ଲୋଡ଼ା ଯାଇ ଯାଆନ୍ତି । ଏଇଟା ଖର୍ଚ୍ଚ ସାପେକ୍ଷ ।

Digitized by srujanika@gmail.com

ପୁରୀ ଜଗନ୍ନାଥ ଦର୍ଶନ

ମୋ ପିଲାବେଳେ ଅର୍ଥାତ୍ ୧୯୪୭-୪୮ ବେଳକୁ ଗାଁର ଯିଏ ପୁରୀ ଯିବ ଜଗନ୍ନାଥ ଦର୍ଶନ ପାଇଁ ସେ ଗାଁର ସମସ୍ତଙ୍କ ଘରକୁ ଯାଇ କହି ଦେଇ ଆସିବ ଯେ ସେ ପୁରସ୍ତମ ଯାଉଛି । ବଡ଼ମାନଙ୍କୁ ନମସ୍କାର କରିବ । ଫେରିଆସିଲା ପରେ ପୁଣି ବଡ଼ମାନଙ୍କୁ ନମସ୍କାର ଜଣାଇବ । ସାଙ୍ଗରେ ଆଣିଥିବା ପୁରୀରୁ ଅନ୍ନ "କୁଡୁଆ" । ସମସ୍ତଙ୍କ ଘରେ ଦହି ମିଶା ଅନ୍ନ (ମହାର୍ଦ) ଋମଚେ ଋମଚେ ଦବ । ପୁରୁଣାକାଳିଆ ନାଟ ବହିରେ ପୁରୀକୁ ପୁରସ୍ତମ ବୋଲି ବର୍ଣ୍ଣନା କରାଯାଇଛି । ଗାଁ ନାଟପାର୍ଟି ଗୀତର ଗୋଟିଏ ପଂକ୍ତି : 'ପୁରସ୍ତମ କେତେଦୂର ପୁରସ୍ତମ କେତେଦୂର ଚମ୍ପା ତୁ କହ ସତ୍ୱର ।' ଅସ୍ଥି ବିସର୍ଜନ ପାଇଁ ପ୍ରୟାଗ ଗଲେ ଗାଁର ଅନେକ ପରିବାର ଏକାଠି ମିଶିକରି ଯାନ୍ତି । ଗାଁରେ ସେମାନଙ୍କୁ ଖୋଳ, ସଂକୀର୍ତ୍ତନ ଦ୍ୱାରା ବିଦାୟ ଦିଆହୁଏ ।

ଜାନୁଘଣ୍ଟ

ସମୟେ ସମୟେ ଗଞ୍ଜାମ ଜିଲ୍ଲାରୁ ଜାନୁଘଣ୍ଟ ଗାଁକୁ ଆସନ୍ତି । ସେମାନେ ଗୋଟିଏ ଚିତ୍ରିତ ଲାଉ ତୁମ୍ୱା ଧରି ଭିକ୍ଷା ମାଗିବାକୁ ଆସନ୍ତି । ଜାନୁଘଣ୍ଟ ସାଧାରଣତଃ ବ୍ରାହ୍ମଣ ମାନେ ହିଁ ହୁଅନ୍ତି । ନୟାଗଡ଼ ଗଞ୍ଜାମ ଜିଲ୍ଲାର ପଡ଼ୋଶୀ ଥିବାରୁ ଏମାନେ ଏ ଅଞ୍ଚଳରୁ ପ୍ରାୟତଃ ଆସନ୍ତି । ଦକ୍ଷିଣ ଜଙ୍ଘରେ ଗୋଟିଏ ଘଣ୍ଟି ବନ୍ଧା ହୋଇଥାଏ, ତେଣୁ ଋଲିଲେ ଘଣ୍ଟି ବାଜେ । ଏମାନେ ଦାଣ୍ଡରେ ଋଲିବେ । କାହା ଦୁଆରେ ମାଗିବେ ନାହିଁ । ବେଳେବେଳେ ଏମାନେ ଦୁଇଜଣ ଆସନ୍ତି । ଜଣେ ରାମ ଅନ୍ୟଜଣେ ପର୍ଶୁରାମ ହୋଇ ଅଭିନୟ କରି ଭିକ୍ଷା କରନ୍ତି । ଜଣେ ଗାଁର ଗୋଟିଏ ମୁଣ୍ଡରୁ ଏବଂ ଅନ୍ୟଜଣେ ଗାଁର ବିପରୀତ ମୁଣ୍ଡରୁ ଆସନ୍ତି । ସେମାନେ ଗୀତ ଗାଇ ଗାଇ ଆସନ୍ତି । ମଝିରେ ସେ ଦୁଇଜଣଙ୍କର ବଚସା ହୁଏ ଓ ଶେଷରେ ପରସ୍ପର ମଧ୍ୟରେ ଯୁଦ୍ଧ ହୁଏ । ଯୁଦ୍ଧରେ ପର୍ଶୁରାମ ପରାସ୍ତ ହୁଅନ୍ତି । ଏହି ଭେଟ ୩ଥରରେ ସରେ । ତିନିଥର ଗାଁ ବୁଲିବା ପରେ ଏମାନେ ଗାଁରୁ ବିଦାୟ ନିଅନ୍ତି । ସ୍ତ୍ରୀ ଲୋକମାନେ ଏମାନଙ୍କୁ ଋଉଳ ଦିଅନ୍ତି । ପଇସାର ଅଭାବ ଥାଏ । ପର୍ଶୁରାମଙ୍କର ଗୋଟିଏ ଉକ୍ତି ମନେ ଅଛି । "ନଚିହ୍ନୁ ମୋତେ, ଶିର କାଟିବି ଶସ୍ତ୍ରଘାତେ" ।

ଚକୁଳିଆ ପଣ୍ଡା

ଗାଁକୁ ମଝିରେ ମଝିରେ ଚକୁଳିଆ ପଣ୍ଡା ଆସନ୍ତି । ବଡ଼ ପାଟିରେ ଗୀତ ଗାଇ ଦାଣ୍ଡରେ ଋଲିବେ । ଧରିଥିବେ ଲାଉ ତୁମ୍ୱା । କାହା ଦୁଆରେ ଠିଆ ହେବେନି । ବଡଲୋ

Digitized by srujanika@gmail.com

ଗାଇ ଗୀତ, ଗୋବିନ୍ଦ ଚନ୍ଦ୍ରଙ୍କ କହାଣୀ ଗାଇଲେ ଘରର ସ୍ତ୍ରୀ ଲୋକମାନେ କାନ୍ଦ କାନ୍ଦ ହୋଇ ଚାଉଳ ଦିଅନ୍ତି ।

ଅନ୍ୟାନ୍ୟ ପର୍ବ

ଗାଁର ଝିଅପିଲାମାନେ ତଥା ସ୍ତ୍ରୀ ଲୋକମାନେ ଯେଉଁ ସବୁ ପୂଜାକରନ୍ତି ସେଗୁଡ଼ିକ ହେଲା, ଖୁଦୁରୁକୁଣି, ଜହ୍ନି ଓଷା, ଅଲଣା ଓଷା, ବୁଧେଇ ଓଷା, କାଞ୍ଜିଅଁଳା ଓଷା, ଇତ୍ୟାଦି । ଖୁଦୁରୁକୁଣୀ ଓଷାରେ ଝିଅମାନେ କାନ୍ଥରେ ମଙ୍ଗଳାଙ୍କ ଫଟ ରଖି କିମ୍ବା କାନ୍ଥରେ ମଙ୍ଗଳାଙ୍କ ଚିତ୍ରକରି ପୂଜା କରନ୍ତି । ଗାଁରେ ସେ ସମୟରେ ଏଇ ଓଷା ଖୁବ୍ ଜୋର୍‌ଦାର୍‌ରେ ଓ ଜିଦ୍‌ବାଦରେ ହୁଏ । ଗାଁର ଦୁଇମୁଣ୍ଡରେ ଦୁଇଟି ପୂଜା ସ୍ଥଳୀ ଥାଏ । କାହାର ଓଷା ଭଲ ହେବ, କିଏ ପ୍ରଥମ ହେବ, ସେଥିପାଇଁ କଇଁ ଫୁଲ ତୋଳା ଠାରୁ ଆରମ୍ଭ କରି ବାଣଫୁଟା ପର୍ଯ୍ୟନ୍ତ ସବୁପିଲାମାନେ ଏକମନ ହୋଇ ଲାଗିଥାଆନ୍ତି । ଗାଁ ଠାରୁ ୮ କି.ମି. ଦୂର ପଲ୍ଲୀଶାସନ ଗାଁଟି ବାଣପାଇଁ ପ୍ରସିଦ୍ଧ । ଏହି ଓଷାରେ କଇଁ ଫୁଲରେ ମାଳକରି ମଙ୍ଗଳାଙ୍କ ଉପରେ ବାନ୍ଧନ୍ତି ଏବଂ ଗାଁର ଉତ୍ତର ଧାଡ଼ି ଘର ଓ ଦକ୍ଷିଣ ଧାଡ଼ି ଘରକୁ ସଂଯୋଗକରି କଇଁମାଳ ଲମ୍ବିଥାଏ । ୧୯୪୫ ମସିହାର କଥା । ଏଇ କଇଁଫୁଲ ତୋଳିବାକୁ ବୀର ପ୍ରଧାନଙ୍କ ଦଶବର୍ଷର ଝିଅ ଶଶୀ ଗାଁ ଦଣ୍ଡାକୁ ଯାଇଥିଲା । ସେ ପାଣିରେ ବୁଡ଼ି ମରିଯିବାର ମୁଁ ଜାଣିଛି ।

ପାଲା ପୂଜା

ପୁଅଟିଏ ହେଲେ ଲୋକେ ପାଲା କରିବା ପାଇଁ ସେ ସମୟରେ ମନାସୁ ଥିଲେ । ଶରଣକୂଳରେ ଦୁଇଟି ପାଲାଦଳ ଥିଲେ । ଗୋଟିଏ ମୋହନ ମହାପାତ୍ରଙ୍କର ଏବଂ ଆଉ ଗୋଟିଏ ଖଡି ମହାପାତ୍ରଙ୍କର । ପାଲା ପୂଜାରେ ଷୋଳପାଲାରୁ ଗୋଟିଏ ପାଲା ବୋଲାଯାଏ । ଏଥିରେ ସାହିତ୍ୟ, ସଙ୍ଗୀତ ଏବଂ ସାହିତ୍ୟରେ ଉପମା ଯୋଗକରି ଅଳଙ୍କାର ବୋଲାଯାଏ । ଏଗୁଡ଼ିକ ଠିଆପାଲା । କଟକ ଜିଲ୍ଲା ପରି ଏ ଅଞ୍ଚଳରେ ବୈଠକୀ ପାଲା ନାହିଁ । ଏ ମାନସିକ ପାଲା ବ୍ୟତୀତ ଆଉ ଗୋଟିଏ ପାଲା ଅଛି, ତାମସିକ ପାଲା । ଏହି ପାଲାରେ ସାହିତ୍ୟ ଚର୍ଚ୍ଚା ହୁଏ । ସାହିତ୍ୟର ବିଭିନ୍ନ ଦିଗକୁ ପର୍ଯ୍ୟବେକ୍ଷଣ କରି ପାଲା କରାଯାଏ । ଗାଁ ପାଖ କାଳିକାପ୍ରସାଦ ଗାଁରେ ବାଦୀ ପାଲା ହେଉଥିଲା । ଦୁଇଟି ପାଲାଦଳ ଥାକ ଥାକ ହୋଇ ନିଜ ନିଜ ଶୈଳୀରେ ପାଲା କରନ୍ତି । ଗୋଟିଏ ଦଳ ଅନ୍ୟ ପାଲାକାରଙ୍କୁ ପ୍ରଶ୍ନ ପଚାରେ । ଦ୍ୱିତୀୟ ଦଳ ସେହି ପ୍ରଶ୍ନର ଉତ୍ତର ~~ଦେଇ ଅନ୍ୟ ଦଳକୁ~~ ମଧ୍ୟ ପ୍ରଶ୍ନ

Digitized by srujanika@gmail.com

ପଡ଼ାରିଥାଏ । ଏହି ପରି ପାଲା ପରିବେଷଣ ହୋଇଥାଏ । ମୁଁ ଷଷ୍ଠ ଶ୍ରେଣୀରେ ପଢ଼ିଲାବେଳେ ଥରେ ଏହି କାଳିକାପ୍ରସାଦ ଗାଁ କୁ ପାଲା ଦେଖିବାକୁ ଯାଇଥିଲି । ବିଶିଷ୍ଟ ପାଲାକାର ବିଶ୍ୱନାଥ ପଟ୍ଟଯୋଶୀ, ଏବଂ ମଦନ ମହାରଣାଙ୍କ ମଧ୍ୟରେ ବାଦୀପାଲା ଚାଲିଥିଲା । ପଟ୍ଟଯୋଶି 'କୁମାର ସମ୍ଭବ' କାବ୍ୟକୁ ପାଲାରେ ଆଲୋଚନା କରୁଥିଲେ । ଗାଁର ପଞ୍ଚୁବେହେରା ଓ ଆଙ୍ଗିସିଙ୍ଗିରି ବିନାୟକ ଦାସ ଏତେ ପାଲାପ୍ରିୟ ଯେ ସେମାନେ ଦୀର୍ଘ ୨୦ କି.ମି. ରାସ୍ତା ପର୍ଯ୍ୟନ୍ତ ସାଇକେଲରେ ଯାଇ ପାଲା ଦେଖି ସକାଳୁ ସକାଳୁ ନିଜ ନିଜର କାମକୁ ଫେରନ୍ତି । କାହାର କିଛି କାବ୍ୟ ପୁରାଣ ସମ୍ବନ୍ଧରେ ସନ୍ଦେହ ହେଲେ ପଞ୍ଚୁ ବେହେରା ବୁଝାଇ ପାରୁଥିଲେ । ଥରେ ମୁଁ ତାଙ୍କୁ ପଚାରିଲି ବୈଦେହୀଶ ବିଳାସରେ ଗୋଟିଏ ପଂକ୍ତି ଅଛି, 'ବାରଣ ଶିରେ ପଦ ଦେଇଆସୁ, ବରଣ କରି ରାମ ମନ ତୋଷୁ ଯେ' । ଏଥିରେ ବାରଣ ଶବ୍ଦର ଅର୍ଥ କ'ଣ ? ସେ କହିଲେ ବାରଣ ଅର୍ଥ ଏରୁଣ୍ଡି ବନ୍ଧ । ସାହିତ୍ୟିକମାନେ ବାରଣ ଶବ୍ଦକୁ ହାତୀ ଅର୍ଥରେ ବିଘ୍ନ (ବିଘ୍ନ ନାଶକ ଅର୍ଥ କରନ୍ତି) ମାତ୍ର ସେ ମନା କଲେ, କହିଲେ "ସେ ଏଇଟା ପ୍ରଚଳିତ ଶବ୍ଦ" ।

ଅନ୍ୟାନ୍ୟ ଠାକୁର

ଚୈତ୍ରମାସର ଶେଷ ବେଳକୁ ମୁଗ ଅମଳ ସରିଥାଏ । ଆଙ୍ଗିସିଙ୍ଗିର ପାଣିଆ ହାଡ଼ି, ତା ଦଳସହ ମୁଗ ମହାପୁର ଆଣି ଗାଁ ଗାଁ ବୁଲି ମୁଗ, ଚାଉଳ ଓ ପଇସା ସଂଗ୍ରହ କରନ୍ତି । ଚୂଆବୋଳା ଘଟରେ ଖଡ଼ିକା ଦ୍ୱାରା ଗୁନ୍ଥା ଫୁଲ ପେନ୍ଥା ଦ୍ୱାରା ଶୋଭିତ ଘଟକୁ ମୁଗ ମାହାପ୍ରୁ କହନ୍ତି । ସେ ପିନ୍ଧିଥିବ ଏକ କଳା ରଙ୍ଗର ଘାଘରା ଏବଂ ବ୍ଲାଉଜ ପରି ସାର୍ଟ । ଏଇ କାଳିସୀ ମାଟିର ଘଟକୁ ମୁଣ୍ଡାଇ ହାଡ଼ିବାଜା ସହ ତାଳଦେଇ ନାଚୁଥାଏ । ଏବଂ ମଙ୍ଗଳାଙ୍କର ଗୀତ ଗାଇ ଗାଇ ଚାଲିଥାଏ ।

ଖରାଦିନେ ଆମ ଅଞ୍ଚଳକୁ ଆନ୍ଧ୍ରରୁ ନରସିଂହ ମହାପ୍ରଭୁଙ୍କୁ ଧରି କିଛି ତେଲୁଗୁ ଲୋକ ଆସନ୍ତି । ଏମାନେ ଦି'ହାତରେ ଦିଟା ମଶାଲ ଧରିଥାନ୍ତି । ମଝିରେ ମଝିରେ ଏମାନେ ନିଆଁକୁ ପାଟିରେ ପୁରାନ୍ତି । ଘର ଘର ମାଗି ପଇସା ନିଅନ୍ତି । ସେମାନେ ପିଇବା ପାଇଁ ଗୁଡ଼ପଣା ମାଗନ୍ତି ।

ରଣପା

ଚୂଆ ବୋଳା କଳସୀକୁ ଠାକୁର କରି ଦି' ତିନିଜଣ ଗାଁକୁ ମାଗିବାକୁ ଆସୁଥିଲେ । ସେମାନେ ଏଇ କଳସୀକୁ ମୁଣ୍ଡାଇଥିବେ । ଗୋଡ଼ରେ ରଣପା ପିନ୍ଧିଥିବେ । ଅନ୍ୟମାନେ

Digitized by srujanika@gmail.com

ତା'ର ସହକାରୀ ହୋଇ ଆସିଥିବେ । ସେମାନେ ପଇସା ଚାଉଳ ମାଗିକରି ନିଅନ୍ତି । ରଣପା ପିନ୍ଧି ଚାଲିବାରୁ ଏମାନେ ବେଶି ଡେଙ୍ଗା ଦିଶନ୍ତି ।

ପଇସା ମାଗିବାକୁ ଆଉ ଏକ ପ୍ରକାରର ଦଳେ ଲୋକ ଗାଁକୁ ଆସନ୍ତି । ଜଣଙ୍କର ପିଠି ଚମକୁ କଣାକରି ଗୋଟିଏ ଲୁହା ଶିକୁଳୀ ଲଗାଯାଇଥାଏ । ଆଉଜଣେ ଏହି ଶିକୁଳୀକୁ ଧରିଥିବ ଓ ଶିକୁଳୀ ଲଗା ଲୋକ ଆଗକୁ ଧାଇଁଥିବ । ଧରିଥିବା ଲୋକ ଶିକୁଳୀକୁ ଟାଣି ଧରି ଧାଇଁଥିବ । ସେ ମଝିରେ ମଝିରେ ଚମକଣା ହୋଇଥିବା ଜାଗାରେ ପାଣି ପକାଇ ଥଣ୍ଡା କରୁଥିବ । ଏଇଟା କଷ୍ଟ ଦାୟକ ଦୃଶ୍ୟ । ଅନ୍ୟ ସହକର୍ମୀମାନେ ପଇସା ଓ ଚାଉଳ ମାଗିବେ । ପିଲାବେଳେ ମୁଁ ଥରେ ଭାଇ ରାମଚନ୍ଦ୍ର ଦୋରାଙ୍କୁ ପଚାରିଲି ଏହି ଲୁହା ଶିକୁଳି ବିଷୟରେ । ସେ କହିଲେ "ଏ ଲୋକ ପ୍ରତି ଅଭିଶାପ ଅଛି । ମହାଭାରତ ଯୁଦ୍ଧ ସମୟରେ ଯେଉଁମାନେ ଯୁଦ୍ଧ ନକରି ପଳେଇ ଆସିଥିଲେ ସେମାନେ କଳିଯୁଗରେ ଏଭଳି କଣ୍ଟାଫୋଡ଼ା ଖାଇବେ ।" ପୁରୀ ଅଞ୍ଚଳରେ ପିଠିରେ କଣ୍ଟା ଫୋଡ଼ା ଲୋକ ଉଡ଼ା ଯାତ୍ରାରେ ମିଶେ । ମାତ୍ର ଏ ଆଡ଼େ ଉଡ଼ାଯାତ୍ରା ନାହିଁ । ଉଡ଼ାଯାତ୍ରା ଅର୍ଥ କଣ୍ଟା ଫୋଡ଼ା ଲୋକଟି ଅରଟରେ ଉପରକୁ ଉଠେ ଓ ବୁଲେ ।

ବାଙ୍କୀ, କାକଟପୁର ଅଞ୍ଚଳରୁ ଲୋକେ ଏ ଅଞ୍ଚଳକୁ ମଙ୍ଗଳା ଠାକୁରାଣୀକୁ ଭାରରେ କାନ୍ଧେଇ ଆଣନ୍ତି । ଭାରର ଅନ୍ୟପଟରେ ସେ ଲୋକର ପେଟରା ଥାଏ । ସେଥିରେ ଚାଉଳ, ଲୁଗାପଟା ଧରି ଗାଁ ଗାଁ ବୁଲେ । ମଙ୍ଗଳା ଠାକୁରାଣୀ ଥାନ୍ତି ଗୋଟିଏ ଛୋଟ ଆଲମିରା ପରି ଯାଆଁଳା କବାଟ ବିଶିଷ୍ଟ ଏକ କାଠ ବାକ୍ସରେ । ସେ ଘଣ୍ଟ ବାଡ଼େଇଲେ କୌଣସି ଭକ୍ତ ତା' ଦୁଆର ଆଗ ଦାଣ୍ଡରେ ଲିପାପୋଛା କରିଦିଏ । ସେହି ଲିପାସ୍ଥାନରେ ଏହି ମଙ୍ଗଳା ମା' ବିଜେ କରନ୍ତି । ସେଠାରେ ସେ ମା'ଙ୍କୁ ଡାକି ଗାଁର ମଙ୍ଗଳ କାମନା କରନ୍ତି । ତା'ପରେ ଟଙ୍କା ପଇସା ଚାଉଳ ସଂଗ୍ରହ କରି ସେ ଚାଲିଯାଏ ।

ହାତକଟା

ଗାଁକୁ ସେବେ 'ହାତକଟା'ମାନେ ଆସନ୍ତି । ପୁରୁଷ ଲୋକମାନେ ହାତରେ ଖଡୁପିନ୍ଧି ସେଇ ହାତରେ ଆଉ ଗୋଟିଏ ବଡ଼ ଲୁହାବାଡ଼ି ଧରି ହଲାଇବା ଦ୍ୱାରା ଶବ୍ଦ ହୁଏ । ଏହି ଶବ୍ଦ ଶୁଣି ସ୍ତ୍ରୀଲୋକମାନେ ଦାଣ୍ଡ ଦୁଆରକୁ ଆସି ଚାଉଳ ଦିଅନ୍ତି । ପିଲା ଖେଳିବା ପାଇଁ ଏମାନେ ତାଳପତ୍ରରେ ଝୁମୁକା ତିଆରି କରି ବିକ୍ରି କରନ୍ତି । ଝୁମୁକା ଭିତରେ ସରୁ ଗୋଡ଼ି ଥାଏ । ଏହି ଜାତିର ସ୍ତ୍ରୀଲୋକମାନେ ହାତ ଦେଖନ୍ତି । ମୋର

Digitized by srujanika@gmail.com

ମାଆଙ୍କ ହାତଦେଖି ଜଣେ ହାତକଟା ସ୍ତ୍ରୀ ଲୋକ କହିବାର ଶୁଣିଛି "ତୋର ମନରେ ଛନ୍ଦ କପଟ ନାହିଁ ଲୋ, ପେଟ୍ କଥା ବୁଝି ତୁ କାମ୍ କରୁ । ତୋ ପିଲାମାନେ ଭଲ ହେବେ, ସେମାନଙ୍କର ଦେହ ଭଲ ରହିବ" ଇତ୍ୟାଦି । ସେତେବେଳକୁ ମୋର ବଡ଼ ଭାଇ ନୟାଗଡ଼ ହାଇସ୍କୁଲରେ ପଢୁଥିଲେ । ବଡ଼ ପୁଅ ବିଷୟରେ ପଚାରିଲେ ଉତ୍ତର ଆସିବ, "ତା'ର ଭଲପାଠ ହେବ, ସେ ବଡ଼ ଲୋକ ହେବ," ଏଥିରେ ମା' ଖୁସି ହୋଇ ତାକୁ ବୋଡ଼େ ଚାଉଳ ଦିଅନ୍ତି ।

ଧୁଷୁମା ଗାଁର ଦେବସ୍ନାନ ପୂର୍ଣ୍ଣୀମା ଠାକୁରାଣୀ

ବଡ଼ଗୋରଡ଼ା ଗାଁର ଦକ୍ଷିଣପଟକୁ ଧୁଷୁମା ଗାଁ ଅଛି । ଏଗାଁରେ ଅଧିକାଂଶ କାଳନ୍ଦି ଜାତିର ଲୋକେ ବାସ କରନ୍ତି । କାଳନ୍ଦି ଜାତି ଖଣ୍ଡାୟତ ଜାତି ଭଳି । ମାତ୍ର ଏମାନେ ଦୁର୍ଦ୍ଧର୍ଷ । ଏ ଅଞ୍ଚଳରେ ଏ ଜାତିଥିବା ଗାଁ ଗୁଡ଼ିକ ହେଲା ବାଦ ଭୂଇଁ, ଭାଲିଆଡିହି, ଡିସିସର, ମଝିଆ ଖଣ୍ଡ । ଏମାନେ ମାତ୍ର ୩୦୦ ରୁ ୪୦୦ ବର୍ଷ ଭିତରେ ଗଞ୍ଜାମ ଅଞ୍ଚଳରୁ ଆସିଛନ୍ତି । ଏମାନଙ୍କ ଭାଷା ଗଞ୍ଜାମ ଭାଷାପରି 'ତାଙ୍କ ତିକି', 'ଆମ ତିକି' ଏହିପରି । ଏପର୍ଯ୍ୟନ୍ତ ଏହି ଗାଁରୁ ଉଚ୍ଚଶିକ୍ଷିତ ବାହାରି ନାହାନ୍ତି । ଏବେ ଜଙ୍ଗଲ ଶୀକାର ବନ୍ଦ ହୋଇ ଗଲାଣି । ମାତ୍ର ଆଗରୁ ସେମାନେ କୁକୁର ନେଇ ପାରିଧି କରି ସମ୍ବର, ହରିଣ ମାରୁଥିଲେ ।

ଜ୍ୟେଷ୍ଠ ମାସ ପୂର୍ଣ୍ଣମୀ ହେଉଛି ଦେବସ୍ନାନ ପୂର୍ଣ୍ଣମୀ । ଏହିଦିନ ଧୁଷୁମାରେ ଗୋଟିଏ ରଥ ହୁଏ । ରଥରେ ଗୋଟିଏ ମାଟି ନିର୍ମିତ ପ୍ରତିମା ବିଜେ କରନ୍ତି । ଶଗଡ଼କୁ ରଥପରି ସଜାଯାଏ । ଦେବୀଙ୍କୁ ଲୋକେ ଘରୁ ଶାଢ଼ୀ, ନାନା ଅଳଙ୍କାର ବିଭୁଷିତା କରି ସଜାନ୍ତି । ଅଳଙ୍କାରମାନ ସ୍ତ୍ରୀ ଲୋକମାନେ ତାଙ୍କ ଦେହରୁ ଉତାରି ଦେଇଥାନ୍ତି । ଉପରବେଳା ପୁରୁଷ ଲୋକେ ରଥ ଟାଣନ୍ତି ଏବଂ ଗାଁର ଉତ୍ତର ପଟ ନାଳିଆ ଦଣ୍ଡାରେ ବିସର୍ଜନ କରନ୍ତି । ବିସର୍ଜନ ପୂର୍ବରୁ ସବୁ ପାଟପଟିନି ଅଳଙ୍କାର ମାନ ଉତାରି ଦିଅନ୍ତି । ଏହି ଯାତ୍ରା ଦେଖିବାକୁ ପାଖ ଆଖ ଗାଁର ପିଲାମାନେ, ପୁରୁଷ ସ୍ତ୍ରୀ ସମସ୍ତେ ପିଲା ଆସନ୍ତି । ଏଇଟା ମୋ ପିଲା ବେଳର କଥା । ଏବେ ମୁଁ ଗାଁକୁ ଯାଇ ସେ ବୁଝିଲି ଏଯାତ୍ରା ୧୫ ବର୍ଷ ହେଲା ବନ୍ଦ ହୋଇଗଲାଣି । ଜନଶୃତିରୁ ଜଣାଯାଏ ଏହି ଗାଁର କିଛି ପରିବାର ରକ୍ତପଟା ଯାଗିରି ପାଇ ପ୍ରତିବର୍ଷ ପଣା ସଂକ୍ରାନ୍ତି ଦିନ ବାଉତି ଠାକୁରାଣୀଙ୍କୁ ମଣିଷ ରକ୍ତ ଯୋଗାଉଥିଲେ । ଏମାନଙ୍କୁ ଶଂଖିକଟା କହନ୍ତି । ଏହିପରି ରଣପୁରରେ ପୁଷୁମାସିଆ ମାନେ ପୁଷମାସରେ ମଣିନାଗେଶ୍ୱରୀଙ୍କୁ ରକ୍ତ ଯୋଗାଉଥିଲେ ।

Digitized by srujanika@gmail.com

ଧୁଷୁମା ବାଦେ ରାଜପାଟଣା ପାଖ ଜାମୁ ସାହି ଗାଁରେ କିଛି ଚଷା ଲୋକଙ୍କର ରକ୍ତପଟ୍ଟା ଜାଗିରି ଜମି ମଧ୍ୟ ଥିଲା । ଏମାନେ ବାଉତି ଠାକୁରାଣୀଙ୍କୁ ମଣିଷ ରକ୍ତ ଯୋଗାଉ ଥିଲେ । ଏହି ବଂଶର ଦୁରୁଜ ବିଶୋଇ କହନ୍ତି ଯେ ତାଙ୍କ ଜେଜେବାପା ଶଙ୍ଖି କଟା କାମ କରୁଥିଲେ । ଦଶହରା ପୂଜା ସମୟରେ ଘରର ମୁଖ୍ୟ ଜିନିଷ ଯଥା ଲଙ୍ଗଳ ଲୁହା, ବହି, ଅନ୍ୟାନ୍ୟ ଉପକରଣ ସଙ୍ଗେ ପୂଜା କରାଯାଏ ଗୋଟିଏ ବଡ଼ ଛୁରୀ ଯେଉଁଥିରେ କି ଲୋକଙ୍କର ଶଙ୍ଖି କଟାଯାଏ ରକ୍ତ ସଂଗ୍ରହ ପାଇଁ । ତା ସାଙ୍ଗେ ସାଙ୍ଗେ ବାଉଁଶ ନଳୀ ଯାହାର ବ୍ୟାସ ପାଖାପାଖି ଛଅ ଇଞ୍ଚ ହେବ, ନଳୀର ତଳ ପାଖରେ ଏବଂ ଉପର ପାଖରେ ଲୁହା ପାତିଆର ବଳା ଲାଗିଥାଏ । ନଳୀକୁ ଧରିବା ପାଇଁ ଉପର ପଟ ଗୋଜିଆ ହୋଇଥାଏ । ଏହା ହେଉଛି ରକ୍ତବୁହା ନଳୀ, ଯେଉଁଥିରେ କି ରକ୍ତ ସଂଗ୍ରହ ହୋଇ ବାଉତି ଠାକୁରାଣୀଙ୍କୁ ସମର୍ପଣ ହୁଏ ।

ଦୁନ୍ଦୁଭି ବାଦ୍ୟ

ଗାଁରେ ଗୋଟିଏ ସୁନାରି ପରିବାର ଥିଲା । ଏମାନେ ତେଲୁଗୁ ବଂଶଜ । ସେମାନଙ୍କର ସାଙ୍ଗିଆ ବୈଠାରୁ । ତାଙ୍କରି ଦୁର୍ବଳକର୍ମରେ ମଡ଼ା ପୋଡ଼ିବାକୁ ତେଲୁଗୁ ଜାତିର ଲୋକମାନେ ଯା'ନ୍ତି । କାରଣ ଏହି ସୁନାରିମାନଙ୍କର ପୁରୁଷଲୋକ କମ୍ ଥାଆନ୍ତି । ମଲା ମୁର୍ତ୍ତିକାର ନଅ ଓ ଦଶାହ କର୍ମରେ ହୋଇଥିବା ଗହମ ଉଖୁଡ଼ା ଖାଇବାକୁ ଏମାନଙ୍କୁ ଡକାଯାଏ । ଏହି ଗାଁର ନାରଣ ବୈଠାରୁ ହେଉଛନ୍ତି ମୋର ଜେଜେବାପାଙ୍କ ବୟସର । ତାଙ୍କର ୪ ପୁଅ । ଏମାନେ ପ୍ରତ୍ୟେକ ଅଲଗା ଅଲଗା ହୋଇ ଚଳୁଥିଲେ । ଏହି ସୁନାରି ପରିବାର ଗାଁ ତଥା ଆଖପାଖ ଗାଁର ଲୋକମାନଙ୍କର ସୁନା ଗହଣା ତିଆରି କରୁଥିଲେ । ଗାଁଠାରୁ ୧୦ କି.ମି. ଦୂର ବଡ଼ପୁଟ ଗାଁରେ ମଧ୍ୟ ଗୋଟିଏ ସୁନାରି ପରିବାର ଥିଲା । ଓଡ଼ିଆ ସୁନା କାରିଗରମାନଙ୍କୁ ଏପଟେ ବଣିଆ କହନ୍ତି । ସୁନାରି ଓ ବଣିଆଙ୍କ ବିଭାଘର ଚଳଣି ନଥାଏ । ଗାଁ ସୁନାରିମାନେ ଗହଣା ତିଆରିକରି ଓ ନିଜର ପିତୃଅର୍ଜିତ ଜମିରେ ଏମାନେ ଧାନଚାଷ କରି ନିଜର ପରିବାର ଭରଣ ପୋଷଣ କରନ୍ତି । ଏମାନେ ମୁଖ୍ୟତଃ, କାନଫୁଲ, ମଲ୍ଲୁକଡ଼ି, ଡେଉଁରିଆ, ଦଣ୍ଡି, ନୋଥ, ଫୁଲଗୁଣା, ଅଣ୍ଟାସୁତା, ମୁଦି, ଟଙ୍କିମାଳି, ସୋରିଷିଆମାଳି ତିଆରି କରନ୍ତି । ଏହି ଜାତିର ଗହଣା ସେ ସମୟରେ ଗାଁ ଗହଳିରେ ଚଳୁଥିଲା । ୧୯୫୨/୫୩ ମସିହାରେ ଗଞ୍ଜାମର ଘୁମୁସୁରରୁ ଅନେକ ସୁନାରି ଆସି ଏ ଅଞ୍ଚଳରେ ଖେଳେଇ ହୋଇଗଲେ । ଆଙ୍ଗିସିଙ୍ଗିକୁ ଆସିଲେ ମୁକୁତ ଆଚାରୀ, ମହାଦେବ ଆଚାରୀ । ବଡ଼ଗୋରଡ଼ା ଗାଁକୁ ଆସିଲେ ଗଣପତି ଆଚାରୀ ଓ ସୂର୍ଯ୍ୟନାରାୟଣ

Digitized by srujanika@gmail.com

ଆଗରୀ । ଏହି ଘୁମୁସରବାସୀଙ୍କୁ ଭଲ ସୁନା କାମ ଜଣା । ଏମାନେ ଭଲ ଡିଜାଇନରେ ଗହଣା ତିଆରି କରିବାରୁ ଗାଁ ବୈଠାରୁମାନଙ୍କର ବ୍ୟବସାୟ କମିଲା । କ୍ରମେ ଏମାନେ ଦରିଦ୍ରରୁ ଦରିଦ୍ରତର ହେଲେ । ତା'ପରେ ୧୯୬୪ ମସିହା ବେଳର ୧୪ କ୍ୟାରେଟ୍ ସୁନା ନିୟମ ଏମାନଙ୍କୁ ନିଷ୍ଠିହ୍ନ କରିଦେଲା ।

ଆନ୍ଧ୍ରରୁ ଗୋଟିଏ ତେଲୁଗୁ ଜାତି ଗୋଟିଏ ବଡ଼ ବାଜା ଧରି ଗାଁକୁ ଆସନ୍ତି । ବାଜାବାଲାମାନେ ଗାଁର ସୁନାରି ଘରକୁ ଆସନ୍ତି । ବାଜାର ଗୋଟିଏ ପଟେ ପିଟାଯାଏ । ଏହାକୁ ଦୁନ୍ଦୁଭି ବାଜା କହନ୍ତି । ଏହି ଦୁନ୍ଦୁଭି ବାଜାକୁ ସୁନାରି ବାଜା ମଧ୍ୟ କହନ୍ତି । ଲୋକମାନଙ୍କୁ କୁହାଯାଏ ଯେ ଏ ବାଜା ଦୁନ୍ଦୁଭି ଦୈତ୍ୟର ଅନ୍ତ ଓ ଚମରେ ତିଆରି । ଦୀର୍ଘ ୧ ଘଣ୍ଟା କାଳ ବଜାଇ ତେଲୁଗୁରେ କେତେ କ'ଣ ଗୀତ ଗାଇବେ । ଏ ପ୍ରକାର ବାଜା ଶୁଣିବାକୁ ଭାରି ଭଲ ଲାଗେ । ଏମାନେ ଗାଁରେ ଦିନେ ଦୁଇଦିନ ରହି ସୁନାରି ଘରକୁ ବିଦାକି ମାଗି ଚାଲିଯାନ୍ତି । ଅଭାବଗ୍ରସ୍ତ ସୁନାରିମାନଙ୍କୁ ଗଲାବେଳେ ପଇସା ପାଇଁ ଭାରି କଟାଳ କରନ୍ତି । ଏହି ୫୦ବର୍ଷ ଭିତରେ ସୁନାରି ବଂଶ ବୁଡ଼ିଗଲା । ଦୁନ୍ଦୁଭି ବାଜା ଏବେ ଆଉ ଆସୁନାହିଁ । ଦୁନ୍ଦୁଭି ବାଜା ଗାଁର ଏକ ଇତିହାସ ହୋଇ ରହିଗଲା ।

ଦୋକାନ

ମୋ ପିଲାବେଳେ ଗାଁରେ ୪ଟି ଦୋକାନ ଥିଲା । ଗୋଟିଏ ଦୋକାନ ଥିଲା ମୋର ସାନ ଜେଜେଙ୍କ ବସାଘରେ । ଏ ଦୋକାନରେ ଚୈତନ୍ୟ ଭଞ୍ଜ ବିକୁଥିଲେ । ଏ ଦୋକାନ ସାନ ଜେଜେ ଓ ଚୈତନ୍ୟ ଭଞ୍ଜ ଭାଗରେ କରିଥିଲେ । ଏହା ୧୯୪୪ ମସିହାର କଥା । ଏହି ଚୈତନ୍ୟ ଭଞ୍ଜ (ଜନ୍ମ ୧୯୦୮), ୨୦୦୫ ମସିହାରେ ୯୭ ବର୍ଷ ବୟସରେ ଆରପାରିକୁ ଚାଲିଗଲେ । ଆଉ ଗୋଟିଏ ଦୋକାନ ଥିଲା ଭଗୀ ଲେଙ୍କାଙ୍କ ଦାଣ୍ଡଘରେ । ସେହିଠାରେ ଆଙ୍ଗିସିଙ୍ଗିର ସନେଇ ସୁବୁଦ୍ଧି ବିକୁଥିଲେ । ଯେତେବେଳେ ସନେଇ ସୁବୁଦ୍ଧି ୨୦/୨୨ ବର୍ଷର ହୋଇଥିଲେ । ସେତେବେଳେ ସେ ଦୋକାନ ଦେଇଥିଲେ । ସନେଇ ସୁବୁଦ୍ଧିଙ୍କ ବାପା ବିଦ୍ୟାଧର ସୁବୁଦ୍ଧି, ମାଣିକାଗୋଡ଼ାରୁ ଆସି ଏଠି ରହିଥିଲେ । ବିଦ୍ୟାଧର ସୁବୁଦ୍ଧିଙ୍କ ୩ ପୁଅ । ଏମାନେ ସମସ୍ତେ ଅତ୍ୟନ୍ତ ନାଟପ୍ରିୟ । ଏମାନଙ୍କ ଉତ୍ସାହରେ ଆଙ୍ଗିସିଙ୍ଗି ଗାଁରେ ବେଶିଦିନ ନାଟ ଚାଲିଥିଲା । ମୁଁ ୧୯୯୦ରେ ନୟାଗଡ଼ରେ ସହକାରୀ ଯନ୍ତ୍ରୀ ଥିଲାବେଳେ ମାଣିକାଗୋଡ଼ା ଯାଇଥିଲି । ସେଠି ଡାକ୍ତରଙ୍କ ରହିବା ପାଇଁ କ୍ୱାର୍ଟର ତିଆରି ଚାଲିଥିଲା । ସେଠି ବସିଥିଲା ବେଳେ ଗାଁର କିଛି ବୟୋଜ୍ୟେଷ୍ଠ ଲୋକ ମୋ ସହିତ କଥା ହେବା ପାଇଁ ଆସିଲେ । ଜଣେ ବୃଦ୍ଧ ଲୋକଙ୍କୁ

Digitized by srujanika@gmail.com

ଚିହ୍ନା ମୁହଁପରି ଦେଖି ମୁଁ ପଚାରିଲି "ଆପଣ କ'ଣ ଆଙ୍ଗିସିଙ୍ଗିର ସୁବୁଦ୍ଧି ପରିବାରଙ୍କ ସମ୍ପର୍କୀୟ କି ?" ସେ କହିଲେ "ମୁଁ ପରା ବିଦ୍ୟାଧର ସୁବୁଦ୍ଧିଙ୍କ ସାନଭାଇ" । ସୁବୁଦ୍ଧି ଆଙ୍ଗିସିଙ୍ଗି ଗାଁର ନାଚ ପ୍ରେମରେ ଏହି ଗ୍ରାମରେ ବାସିନ୍ଦା ହୋଇଗଲେ । ସେତେବେଳେ ମୁଁ ଜାଣିଲି ଆଙ୍ଗିସିଙ୍ଗି ସୁବୁଦ୍ଧିଙ୍କର ମୂଳ ଗାଁ ହେଉଛି ମାଣିକଗୋଡ଼ା । ୧୯୫୦-୫୫ ମସିହା ବେଳକୁ ଗାଁରେ ଅନ୍ୟ ଯେଉଁମାନେ ଦୋକାନ ଦେଇଥିଲେ ସେମାନେ ହେଲେ ଗୋବିନ୍ଦ ପଟ୍ଟନାୟକ, ସୁଦର୍ଶନ ଦାସ ଓ ଜଗନ୍ନାଥ ପଟ୍ଟନାୟକ, ଗୌରାଙ୍ଗ ଭଟ୍ଟ । ବିକାବିକିରେ ଧାନ, ଚାଉଳ ଓ ମାଣ୍ଡିଆ ଦେଇ ଜିନିଷ କିଣାଯାଏ । ପଇସା କା ପାଖରେ ନଥାଏ । ଦୋକାନରେ ଲଙ୍କା, ସୋରିଷ, ଜିରା, ନାସ, ଗୁଣ୍ଡି, ନଡ଼ିଆ ତେଲ, ଗୁଡ଼, ଭଲ ତେଲ, ରାଶିତେଲ ଇତ୍ୟାଦି । ଚାଉଳ ଖେଦାଏ ଆଣି ସିଏ କଣ କଣ ଜିନିଷ ନେବ କହିଲେ ଦୋକାନୀ ଦେବ । ୧୫/୨୦ ଦିନ ଅନ୍ତରରେ ଦୋକାନୀ ଚାଉଳ ଧାନ ଇତ୍ୟାଦି ବେପାରୀକୁ ବିକି ପଇସା ଆଣି ଇଟାମାଟି ପେଣ୍ଠକୁ ଯିବ ଦୋକାନ ସଉଦା ପାଇଁ । ଗାଁ ପାଖ ଆଙ୍ଗିସିଙ୍ଗିରେ ଗୁରୁପାତ୍ରଙ୍କ ଦୋକାନ ବଡ଼ । ଗାଁ ସାଉକାର ଘର ଓ ଗୁରୁ ପାତ୍ର ଭାଗରେ ଦୋକାନ କରିଥିଲେ । ଦୋକାନ ଘରଟି ସାଉକାରଙ୍କର ନିଜର । ଏହି ଦୋକାନରେ କିରାସିନି, ମିଶ୍ରି, ସୋରିଷତେଲ ଆଦି ଅଧିକା ଜିନିଷ ମିଳେ ।

ମାଘମାସ ଶେଷ ବେଳକୁ ଗୁଡ଼ ପେଡ଼ା ଚାଲିଥିବ । ଏ ସମୟରେ ଚାଷୀଙ୍କ ହାତରେ ପଇସା ଥାଏ । ଗାଁକୁ ଏ ସମୟରେ ଲୁଗା ବେପାରୀ, ଲୁଙ୍ଗି, ଗାମୁଛା, ଧୋତି, ଗଞ୍ଜି, ଫ୍ରକ୍ ଧରି ଗାଁରେ ନିଲାମ ଡାକିବ । ତା'ର ଲାଭକୁ ଦେଖି ଏକ ଦୁଇ ତିନି କହି ନିଲାମ ସାରିବ । ନଚେତ୍ କିଛି କମିଶନ ଡାକିବା ଲୋକଙ୍କୁ ଦେବ । ଯେଉଁମାନେ ମାଘ ମାସରେ ଲୁଗାପଟା କିଣନ୍ତି ନାହିଁ, ସେମାନେ ଶରଣକୁଳ ଜାଗର ଯାତ୍ରାରେ କିଣନ୍ତି ।

ସମୟ ସମୟରେ ଗାଁକୁ ପାଟରା ପସରା ଆସେ । ଏଥିରେ ସେ ନାସ କରାଟ, ସେପ୍‌ଟିପିନ୍, ବାଳଚିପା, ଚିପାବୋତାମ, ଛୁଞ୍ଚ, ଡ଼ିମଛୁଞ୍ଚ, ଉଲ୍, ପାନଡବା, ରିବନ ଫିତା ଇତ୍ୟାଦି ଆଣିଥିବ । ଝିଅ ପିଲାମାନେ କିଣନ୍ତି ଅଳତା, ପ୍ଲାଷ୍ଟିକ୍ ପାନିଆ, କାଠପାନିଆ, ସିନ୍ଦୁର । ସେତେବେଳେ କିନ୍ତୁ ବିନ୍ଦିର ପ୍ରଚଳନ ନଥିଲା ।

ଉଦୟଗିରିରୁ କନ୍ଧମାନେ ଭାରରେ ହଳଦୀ, ଅଦା ଆଣନ୍ତି ବିକ୍ରି କରିବାକୁ । ଭାରର ଦୁଇପଟରେ ପତରା ଦ୍ୱାରା ତିଆରି ହୋଇଥାଏ ବୋଝ । ତେଣୁ ପବନ ବୋଝ ଭିତରକୁ ସହଜରେ ଯିବା ଆସିବା କରିପାରେ । ଶରଣକୂଳର ହଳଦୀ ବେପାରୀ ଟଙ୍କା

Digitized by srujanika@gmail.com

ପଇସା ନନେଇ ପୁରୁଣା ଟାହୁ ପିତଳ ବଦଳକରେ । ସେ ଢଗ ଗାଇ ଡାକେ "ହଳଦୀ ବଦଳ ଟାହୁ ପିତଳ, ଭଙ୍ଗା ଭଙ୍ଗି ଥିଲେ ଆଣ ଚଞ୍ଚଳ ।"

ଆଙ୍ଗିସିଙ୍ଗିର ପଞ୍ଚୁ ବେହେରା, ନାରଣ ବେହେରା ଭଜାଚଣା ଓ ଭଜା ବରଗୁଡ଼ି ଧରି ଗାଁ ଗାଁ ବୁଲି ବିକନ୍ତି । ଏମାନେ ଜାତିରେ କେଉଟ । ମାତ୍ର ମାଛବିକା କେଉଟ ନୁଅନ୍ତି । ଏମାନେ ପାନ ବ୍ୟବସାୟ କରନ୍ତି । ଋଉଳ ବଦଳରେ ଏଇ ଭଜା ବିଲ ଚଣା ଓ ବରଗୁଡ଼ି କିଣାଯାଏ । ଏମାନେ ଚୂଡ଼ାରୁ ହୁଡୁମ କରି ମଧ ଲୋକଙ୍କୁ ବିକନ୍ତି । କିନ୍ତୁ ଏବେ ଯୁଗ ବଦଳିଛି । ଲୋକଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେଲାଣି । ଆଉ ଏ ଜିନିଷ ବିକିବା ପାଇଁ କେହି ଆଣୁନାହାନ୍ତି ।

ମାଳବାଇଗଣ

ଶୀତଦିନ ଆରମ୍ଭରେ ମାଳଆତୁ (ଗୋଛା, କୁଟୁଣୀ) କାକରି ବାଇଗଣ ଭାରରେ ଓ ଶଗଡ଼ରେ ବିକା ହେବାକୁ ଆସେ । ଏଇ ବାଇଗଣର ଆକୃତି ବଡ଼ ବଡ଼ ଓ ସେଥିରେ କଣ୍ଟା ଥିବ । ଦେଖିବାକୁ କଅଁଳ ଦିଶେନା ସିନା କିନ୍ତୁ ଖାଇବାକୁ ଭାରି ଭଲ ଲାଗେ । ସାନ ଜେଜେ କୃଷ୍ଣଚନ୍ଦ୍ର ଦୋରା ଭାର ମୂଲକରି ତାକୁ ଖେଜା ଖେଜା କରି ଭାଗ କରିବେ । ଭାଗକୁ ଅଣେ ପାଖାପାଖି ପଡ଼େ । କିନ୍ତୁ ବିଶାଦରିଆ (୧ ବିଶା = ୨ କେ.ଜି) କିଣିଥିଲେ ସେତକ ବାଇଗଣକୁ ୨ ଅଣା ପଡ଼ିଥାଏ । ଏବେ କିନ୍ତୁ ସେ ପ୍ରକାରର ବାଇଗଣ ଯଦିଓ ଅଛି, କିନ୍ତୁ ଆଗପରି ଆଉ ଶଗଡ଼ରେ ଆସୁନାହିଁ । କଟକ ଭୁବନେଶ୍ୱରରୁ ଗାଡ଼ିଆସି ନେଇ ଯାଉଛି, ଅବା ନୟାଗଡ଼ ଗଦିକୁ ପଳାଇ ଯାଉଛି । ଗଞ୍ଜାମରୁ ଶୁଖିଲା ଲଙ୍କା ଆସିଲେ, ତାକୁ ହୁଣ୍ଡା ମୂଲ କରି ଭାଗ କରନ୍ତି । ଶୀତଦିନ ଆରମ୍ଭରେ ଗଞ୍ଜାମ ପଟୁ ଭାର ଭାର ଶୁଖୁଆ ଆସେ ବିକା ହେବା ପାଇଁ । ଏମାନେ ଶରଣକୂଳରେ ଗଦି କରି ଗାଁ ଗାଁ ବୁଲେଇ ଭାରରେ ବିକ୍ରି କରନ୍ତି । ଏଇ ଶୁଖୁଆ ବେପାରୀମାନେ ଭାରରେ କୋକଲି, କାଉ କୋକଲି, କଦଳୀ ମଞ୍ଜା, ଖାରପାଣିଆ, ଆଦି ଶୁଖୁଆ ବିକ୍ରି କରନ୍ତି । ଏହି ଶୁଖୁଆ ବେପାରୀମାନେ ସାଧାରଣତଃ ନଗଦ ବିକ୍ରି କରନ୍ତି ନାହିଁ । ସେମାନେ ଦିର୍ଘ ୪ମାସ କାଳ ଲୋକଙ୍କୁ ବାକି ଦେଇ ଚଳିବେ । ଜାଗର ବେଳକୁ ଏମାନେ ୧/୨ ମାସ ପର୍ଯ୍ୟନ୍ତ ଘର ଘର ବୁଲି ବଡ଼ ପାଟିରେ ଡାକ ପକାଇ ପଇସା ଆଦାୟ କରିବେ । ଏମାନେ ଯାଚିକି ଲୋକଙ୍କୁ ଶୁଖୁଆ ଦେବେ । କିନ୍ତୁ ପଇସା ମାଗିଲା ବେଳେ ଏମାନେ ପାଟିକରି କହେଇବେ "ଶୁଖୁଆ ଖାଇବାକୁ ମନ ହେଉଛି, ପଇସା ବାହାରୁନି" । ଖରାଦିନେ ଗାଁରେ ପରିବା

Digitized by srujanika@gmail.com

ମିଳେନା । ଶରଣକୂଳ ବଜାରରୁ କିଣିବାର ଉପାୟ ନଥିଲା । ଏବର ପରି ସେ ସମୟରେ ସାଇକେଲ ଦେଖିବାକୁ ସ୍ୱପ୍ନ । ତେଣୁ ଚାଲି ଚାଲି ଶରଣକୂଳରୁ ପରିବା କିଣିବା ସମ୍ଭବ ନଥିଲା । କିଣିବା ପାଇଁ ନଗଦ ପଇସା ମଧ୍ୟ ନଥିଲା । ବିଲାତି ଆଳୁ କିମ୍ବା ବନ୍ଧାକୋବି କିଣନ୍ତି ଜାଗର ଯାତ୍ରା ସମୟରେ । ଭାଲିଆଡିହି, ଗୋଲଗାଁ, ଧୂଷୁମା ଗାଁର ଖଦାଳୁଣୀମାନେ ପଦ୍ମନାଡ଼, ପିଠଳ, ପାଣିଆଳୁ, ଟୁଙ୍ଗା, କଡ଼ବା ବିକନ୍ତି । ଏମାନେ କେବେ କେବେ ମାଛ ଧରି ଲୋକଙ୍କୁ ବିକନ୍ତି । ଧୂଷୁମା ଗାଁର ଜଣେ କମାର ସ୍ତ୍ରୀ ଲୋକ ବାଇଗଣ ଆଣି ଘରେ ଘରେ ବିକ୍ରିକରେ ।

ଶିଖରପୁର ଗାଁରେ ପନ୍ଦାରିଆମାନେ ରହନ୍ତି । ଏମାନେ ନିଜ ନିଜ ବାରିରେ ଶାଗ, ମୂଳା, ପନିପରିବା, ଧାନୁଆ ଲଙ୍କା ଚାଷକରି ଶୀତଦିନେ ଗାଁ ଗାଁ ବୁଲି ବିକ୍ରି କରନ୍ତି । ବର୍ତ୍ତମାନ ଗାଁରେ ବହୁତ ପରିବାଚାଷୀ ଚାଷ ଆରମ୍ଭ କଲେଣି । ଶରଣକୂଳ, ନୟାଗଡ଼ ଭଳି ଗାଁରେ ଦୋକାନ ମାନଙ୍କରେ ସବୁ ପ୍ରକାର ପରିବା ମିଳୁଅଛି ।

ପିଲାବେଳେ ଗାଁକୁ ପାଚିଲା କେନ୍ଦୁ ବିକାହେବା ପାଇଁ ଆସେ । ଧାନ ଚାଉଳ ବଦଳରେ କେନ୍ଦୁ କିଣାଯାଏ । ଏହାଛଡ଼ା ବିକ୍ରିପାଇଁ ଭଇଁଚକୋଳି, ଖିରି କୋଳି, ଖଜୁରି କୋଳି, ତାଳସଜ ଗାଁକୁ ଆସେ । କିନ୍ତୁ ଏବେ ଏ ପ୍ରକାରର କୋଳି ଗାଁକୁ ଆସୁନାହିଁ । କିନ୍ତୁ ତାଳସଜ ଆସୁଅଛି । ଗୋଡ଼ିପଡ଼ାର ଗୋଲଣୀମାନେ ଗାଁ ଗାଁ ବୁଲି ଛେଳି ଛେନା ବିକନ୍ତି । ଏହି ଛେନାରେ ଗୁଡ଼ ମିଶାଇ ଖିଆଯାଏ । ଛେଳିଛେନାର ଗନ୍ଧ ବେଶୀ । ସେ ସମୟରେ ଚିନି ଗାଁରେ ମିଳେନାହିଁ । ତେଣୁ ଲୋକେ ଗୁଡ଼ ବ୍ୟବହାର କରନ୍ତି ।

ଗାଁକୁ କେଳା ଆସନ୍ତି କେଳା ନାଚ ଦେଖାଇବା ପାଇଁ । ଦି ମୁଣ୍ଡରେ ଦି'ଟା ଖୁଣ୍ଟ ପୋତି ତାର ଟାଣି ତା ଉପରେ ଜଣେ ପିଲା ଚାଲେ । ମୁଁ ଦେଖିଛି ଯେଉଁ ପିଲାଟି କେଳାକୁ ବିଭିନ୍ନ ଦୃଶ୍ୟରେ ସାହାଯ୍ୟ କରୁଛି, ସେ ଏତେ ଦୁର୍ବଳ ଯେ ତାକୁ ପେଟରାର ଗୋଟିଏ ପଟରେ ବସାଇ କାନ୍ଧରେ ଭାର ନେଇ ଚାଲୁଛି । ସେ ଚାଲିବା ପାଇଁ ପୁରା ଅକ୍ଷମ ।

ସାପୁଆ କେଳା ଗାଁକୁ ଆସନ୍ତି ସାପ ଦେଖାଇବା ପାଇଁ । ଲୋକଙ୍କୁ ଗଦ ବିକନ୍ତି, ସାପୁକାମୁଡ଼ାର ଅବ୍ୟର୍ଥ ଔଷଧ ବୋଲି । ଥରେ ଗୋଟିଏ ସାପୁଆକେଳା ଆସିଥିଲା, ବେକରେ ଗୋଟିଏ ଅଜଗର ସାପ ଗୁଡ଼ାଇ ହୋଇ ।

Digitized by srujanika@gmail.com

ମାଛମରା

ପିଲାବେଳେ ଗାଁ ଗହୀରରୁ ବେଶି ମାଛ ମରାଯାଉଥିଲା । ବର୍ଷାଦିନେ ଦୁଆଣ୍ଟ ନଦୀରୁ ପାଣି ଗାଁ ଗହୀରେ ପଶିଲେ, ମାଛ ହୁଅନ୍ତି । ଶ୍ରାବଣମାସ ଠାରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଲୋକମାନେ ବିଲରେ ମୁଗୁରା, ନଟେଇ ଦ୍ୱାରା ମାଛ ମାଡ଼ କରନ୍ତି । କେହି କେମିତି ମାଛ ଧରିବା ପାଇଁ ବଙ୍ଗା ବ୍ୟବହାର କରନ୍ତି । ସେତେବେଳେ ମାଛ ଧରିବାକୁ ଭାରି ଭଲଲାଗେ । ଏଇ ଚୂନା ମାଛ ଖାଇବାକୁ ମଧ୍ୟ ଭଲ । ବେଶି ପରିମାଣରେ ମାଛ ଧରାଗଲେ ତରକାରୀ ବାଦ କିଛି ମାଛକୁ ଚୁଲିରେ ତଓ୍ୱାରେ ରଖି ଶୁଖାଇ ଶୁଖୁଆ କରନ୍ତି, ଏହାକୁ ପିତାଶୁଖୁଆ କହନ୍ତି । ମୋର ବାପା ଚଷ କରୁଥିବା ନାଳଡିଆଁ ଗୁଡ଼ିଆ ଜମିରେ ଗୋଟିଏ ମାଛଘାଇ ଥାଏ । ସବୁଦିନ ସକାଳୁ ମୁଗୁରାରେ ୫ କିଲୋରୁ ଉର୍ଦ୍ଧ୍ୱ ମାଛ ପଡ଼ନ୍ତି । ମାଛ ଭିତରେ ଥାନ୍ତି : କେରାଣ୍ଡି, ବାଳିଆ ପିଚା, ମାଗୁର, ଗଡ଼ିସା, ଚେଙ୍ଗ, ତୋଡ଼ି ଇତ୍ୟାଦି ହରେକ ରକମର । ମୋ ବାପା ଭଲ ଭଲ ବଛା ମାଛ ତିନି କିଲୋ ଖଣ୍ଡେ ତାଙ୍କ ସଙ୍ଗାତ ଘର ସାଉକାର ଘରକୁ ଆଗ ପଠାଇ ଦିଅନ୍ତି । ସେମାନଙ୍କ ପରିବାରକୁ ସନ୍ତୋଷରେ ରଖିବା ତାଙ୍କର ଉଦ୍ଦେଶ୍ୟ । ବାକି ଦୁଇ କିଲୋ ନିଜର ତରକାରି ଓ ପିତା ଶୁଖୁଆରେ ବ୍ୟବହାର ହୁଏ । ଏ ପ୍ରକାର ମାଛଧରା ଶ୍ରାବଣ ମାସରୁ ଆଶ୍ୱିନ ଶେଷ ପର୍ଯ୍ୟନ୍ତ ଚାଲେ । କିନ୍ତୁ ବର୍ତ୍ତମାନ ଯୁଗରେ ଲୋକମାନେ ଜମିରେ ଅତ୍ୟଧିକ ପିଡ଼ିଆ ସାର ଓ ରାସାୟନିକ ସାର ସହ ଉତ୍କଟ ପୋକମରା ଔଷଧର ବ୍ୟବହାର ଫଳରେ ମାଟି ସମ୍ପୂର୍ଣ୍ଣ ଦୂଷିତ ହୋଇ ଗଲାଣି । ଫଳରେ ମାଛ ଆଉ ଗହୀରରେ ବଢୁ ନାହାନ୍ତି । ଆଜି କାଲିକା ପରି ସେ ସମୟରେ ପୋଖରୀରେ ମାଛଚାଷ ହେଉନଥିଲା । ଯାଆଁଳ ଛଡ଼ାଯାଏ ନାହିଁ । ପୋଖରୀ ହାଣିଲେ, ଗହୀରରୁ ଯାହା ମାଛ ପୋଖରୀରେ ପଶିବେ । ଖରାଦିନେ ତିଅରମାନେ କାଳୁପଡ଼ା ଘାଟରୁ ଚିଲିକା ମାଛ ଆଣି ବିକ୍ରିକରନ୍ତି । ଶୀତଦିନ ଶେଷ ବେଳକୁ ପୋଖରୀ ନାଳରୁ ପାଣି ଶୁଖିଯାଇଥାଏ । ସର୍ବରାକାରଙ୍କ ନିର୍ଦ୍ଦେଶରେ ଗାଁ ଚୌକିଆ ରାତିରେ ଡାକିଲେ ପରଦିନ ଗାଁର ସମସ୍ତ ଲୋକ ଜାଲ, ଖଇଞ୍ଚ, ଟଙ୍ଗା, ପୋହଳ ଧରି ମାଛ ଧରିବା ପାଇଁ ପୋଖରୀରେ ପଶିଯାଆନ୍ତି । ଅନେକ ଲୋକ ପୋଖରୀର ଜଳକୁ ଘାଣ୍ଟିବାଦ୍ୱାରା ଛୋଟ ମାଛମାନେ ଉପରେ ପହଁରନ୍ତି । ଏହିପରି ମାଛଧରା ହୁଏ । କଞ୍ଚା ମାଛ କିମ୍ୱା ଶୁଖୁଆ ରଖିବାକୁ ଶିକା ଘରେ ଓହଳି ଥାଏ, ନ ହେଲେ ବିଲେଇ ଖାଇଯିବ ।

ବେଙ୍ଗୁଲି ନାଚ

ଆଷାଢ଼ ଶ୍ରାବଣ ମାସରେ ବିଲ ବେଉଷା ପାଇଁ ବର୍ଷା ନ ହେଲେ ସମସ୍ତେ

Digitized by srujanika@gmail.com

ଆକାଶକୁ ଚାହାନ୍ତି । ତେଣୁ ଗାଁର ଟୋକା ଦଳ ମିଳିତ ହୋଇ ବେଙ୍ଗୁଲି ନାଚ କରନ୍ତି । ଏମାନେ ଜାମୁଡାଳରେ ଦେହକୁ ଆବୃତ କରି ସମସ୍ତଙ୍କ ଦୁଆରେ ବେଙ୍ଗପରି ଫକଫକ କରି ନାଚ କରିବେ । ଘରର ସ୍ତ୍ରୀ ଲୋକମାନେ ଏଇ ଜାମୁଡାଳରେ ଆବୃତ ପିଲାମାନଙ୍କ ଉପରକୁ ହଳଦୀ ଆଣି ଅଜାଡ଼ନ୍ତି । ଅନ୍ୟ ଏକ ପିଲା ଗୋଟିଏ ବେଙ୍ଗକୁ ସାରୁ ପତ୍ରରେ ବାନ୍ଧି ବାହୁଙ୍ଗୀକରି ଓହଳାଇଥିବ । ଏହାପରେ ବର୍ଷା ନିଶ୍ଚୟ ହେବ ବୋଲି ସମସ୍ତଙ୍କ ବିଶ୍ୱାସ ।

ବର୍ଷାହେବା ପାଇଁ ଗାଁର ଯୁବକ ଦଳ ଗାଁ ପାଖ ତାଳସାହି ପାହାଡ଼ର ଶୀର୍ଷ ସ୍ଥାନରେ ଥିବା ବଡ଼ ପଥରକୁ ଯାଇ ଗିରି ଗୋବର୍ଦ୍ଧନ ପୂଜା ପ୍ରତିବର୍ଷ କରୁଥିଲେ । କିନ୍ତୁ ଏବେ ଏଇ ପୂଜା ପ୍ରାୟ ହେଉନାହିଁ ।

ହଳିଆ ଭୋଜି

ଧାନ କଟା ପରେ ପରେ ଗାଁ ସାଉକାର ଘର ତାଙ୍କ ହଳିଆମାନଙ୍କୁ ଏକ ଭୋଜି ଦେଉଥିଲେ । ଏହାକୁ ହଳିଆ ଭୋଜି କହନ୍ତି । ଏଇ ଭୋଜିରେ ହଳିଆ ମାନଙ୍କ ବ୍ୟତୀତ ଗାଁର କେତେକ ସମ୍ପର୍କୀୟ ଲୋକଙ୍କୁ ମଧ୍ୟ ଡାକନ୍ତି । ମୁଁ ମଧ୍ୟ କେତେଥର ଏଇ ଭୋଜି ଖାଇଛି । ଏବେ ହଳିଆ ନାହାନ୍ତି କିମ୍ବା ସାଉକାର ଘରର ପୂର୍ବ ବିଭବ ନାହିଁ । ସବୁ ଇତିହାସର କଥା ହୋଇଅଛି ।

ପାନ

ପାନ ଖାଇବା ବହୁତ ଲୋକଙ୍କର ନିତ୍ୟ ନୈମିତିକ ଅଭ୍ୟାସଥିଲା । ମୋ ବାପା ଦିନକୁ ୫୦ ଖଣ୍ଡ ପାନ ଖାଉଥିଲେ । ଘରକୁ କୁଣିଆ, ବନ୍ଧୁ ଆସିଲେ, ପ୍ରଥମେ ପାନ ଦ୍ୱାରା ଚର୍ଚ୍ଚା ହୁଅନ୍ତି । ବର୍ତ୍ତମାନ ସହରରେ 'ଚା' ଏକ ରାଜକୀୟ ପାନୀୟର ମର୍ଯ୍ୟାଦା ଲାଭ କରିଛି । ଆଙ୍ଗିସିଙ୍ଗି ଗ୍ରାମର ପଞ୍ଚୁ ବେହେରା ୧୯୬୫ ମସିହାରେ ଏ ଗାଁକୁ ଆସିଲେ । ସେ ଜାତିରେ କେଉଟ । ପାନ ବିକିବା ହେଉଛି ତାଙ୍କର ବେଉଷା । ସେ ପିପିଲି ହାଟରୁ ପାନ ଆଣି, ଗାଁ ଗାଁ ବୁଲି ସାଇକେଲରେ ପାନ ବିକ୍ରି କରୁଥିଲେ । ପିପିଲି ପାନକୁ ନରସିଂହପୁର ବଡ଼ ପାନ କହନ୍ତି । ଯା ବାଦେ ଗଞ୍ଜାମରୁ ଦକ୍ଷିଣୀ ପାନ ଆସେ । ଏ ପାନ ଶସ୍ତା ଓ ଛୋଟ ଆକାରର । ଗାଉଁଲି ଲୋକମାନେ ଯେଉଁମାନେ ସବୁଦିନ ପାନ ଖାଆନ୍ତି, ସେମାନେ ବଟୁଆ ରଖିଥିବେ । ଏଇ ବଟୁଆରେ ୪/୫ଟି ଘର ଥିବ । କେଉଁଥିରେ ଗୁଆ ତ କେଉଁଥିରେ ଗୁଣ୍ଡି ଓ ଖଇର ଥିବ । ବଟୁଆରେ ପାନ

Digitized by srujanika@gmail.com

ଥୋଇବା ପାଇଁ ପିତଳର ଦାନି ଥିବ । ପିତଳ ଦାନିର ଗୋଟିଏ ପଟେ ଚୁନ ଓ ଅନ୍ୟପଟେ ପାନପତ୍ର ଥିବ । ବଟୁଆରେ ଗୋଟିଏ ଗୁଆକାତି ପଡ଼ିଥିବ ଓ ଛେରା ମୁଣାରେ ଅଣେ, ଦି'ଅଣା, ପଇସେ ବି ଲୁକ୍‌କାୟିତ ଭାବରେ ପଡ଼ିଥିବ । ବର୍ତ୍ତମାନ ଯୁଗ ବଦଳିବା ସହ 'ବଟୁଆ'ର ବ୍ୟବହାର ବହୁଳ ଭାବରେ କମିଗଲାଣି ।

ପଞ୍ଚୁ ବେହେରା, ନାରଣ ବେହେରା ଓ ହୁରିଆ ବେହେରା ଆଙ୍ଗିସିଙ୍ଗି ଗାଁର । ପିପିଲି ହାଟ ସୋମବାର ଓ ଶନିବାରଦିନ ବସେ । ସେତେବେଳେ ORT କମ୍ପାନୀର 'ତୀର୍ଥସାଥି' ବସ୍ ସକାଳୁ ଓଡ଼ଗାଁରୁ ଯାଇ ପୁରୀରୁ ସଂଧ୍ୟାରେ ଫେରେ । ଏମାନେ ପାଳିକରି ଏଇ ବସ୍‌ରେ ପାନ ଆଣନ୍ତି । ଏହା ୧୯୬୬-୬୭ ମସିହାର କଥା । ସେ ଶସ୍ତା ଯୁଗରେ ପଞ୍ଚୁ ବେହେରା ଅନେକ ଟଙ୍କା ରୋଜଗାର କରିଛନ୍ତି । ସେତେବେଳେ ମୁଁ ପଞ୍ଚୁବେହେରାଙ୍କ ହାତରେ ୧୦ଟି ନଡ଼ିଆ ଚାରା କିଣି ବସରେ ପଠାଇଥିଲି । ଏବେ ଏଇ ନଡ଼ିଆ ଗଛରେ ଅନେକ ବର୍ଷ ହେଲା ଫଳ ଆସିଲାଣି । ଏବେ ପଞ୍ଚୁ ବେହେରା ୧୦ ବର୍ଷ ହେଲା ଆର ପାରିକୁ ଚାଲି ଗଲେଣି ।

ଲୁଗା ଶୁଖା

ଏବର ପରି ଆଗ କାଳରେ ଲୁଗା ରଖିବା ପାଇଁ ଲୁହା ଆଲ୍‌ମିରା, ଟ୍ରଙ୍କ୍ ବାକ୍‌ସ, କାହାର ନଥିଲା । ସବୁ ଘରେ କାଠର ସିନ୍ଦୁକ, କିମ୍ବା ବେତତିଆରି ପେଡ଼ି ଥାଏ । ବେତପେଡ଼ିରେ ମଠାଲୁଗା, ବିବାହବେଳର ବରହମ୍‌ପୁରୀ ପାଟ, ପୁରୁଣା ଲୋଇକୋର୍ଟ, ସାର୍ଟ, ସରୁ ଧୋତି, ମୋଟା ଖଦି ରଖାଯାଏ । ଭାଦ୍ରବ ମାସ ଆସିଲେ ଏସବୁ ବସ୍ତ୍ର ଦାଣ୍ଡରେ ଶୁଖାଯାଏ । ଲୁଗା ଶୁଖାଇଲାବେଳେ ଜଣେ କେହି ଜଗିକରି ରହିବ । କାଳେ ବର୍ଷା ଆସିଯିବ । ଭାଦ୍ରବ ମାସରେ ଲୁଗାପଟାରେ ଖରା ବାଜିଲେ, ଲୁଗାକୁ ଆଉ ପୋକ କାଟନ୍ତି ନାହିଁ । ବେତତିଆରି ପେଡ଼ି କେଶପାନିଆ ଗାଁର ବେତରା ମାନେ କରନ୍ତି । ବେତରା ଏକ ହରିଜନ ଜାତି । ଏମାନେ ସୁକରମଲ ପାହାଡ଼ରୁ ବେତ ଗଛକୁ କାଟି ବେତ ଆଣନ୍ତି । ବେତରେ ନଉଡି, ଡିବା, ପେଟରା କରି ବିକନ୍ତି । ବେତ ଗଛର ଛେପାରୁ ହିଁ ବେତ ତିଆରି ଜିନିଷ ପ୍ରସ୍ତୁତ ହୁଏ । ଏହି କେଶପାନିଆ ଗାଁର ଜଣେ ବେତରାଙ୍କୁ ଲୋକେ ପାଲାକାରିଆ ବୋଲି ଡ଼ାକୁଥିଲେ । ସେ ଭଲ ପାଲା କରୁଥିଲେ । ସେ ତାଙ୍କ ଦଳ ନେଇ ପାଲା ପରିବେଷଣ କରୁଥିଲେ । ଏବେ ସେ ମୃତ ।

ଗାଁର କିଏ ଅନ୍ୟ ଗାଁରେ ଥିବା କୁଣିଆ ଘରକୁ ଗଲେ ସଫା ଧୋତି, ସାର୍ଟ କି ଗେଞ୍ଜି କାନ୍ଧରେ ରଖି ଗାମୁଛା ପିନ୍ଧି ବାହାରନ୍ତି । ନିର୍ଦ୍ଦିଷ୍ଟ ଗାଁର ଅଧ କିଲୋମିଟର ପୂର୍ବରୁ

Digitized by srujanika@gmail.com

ସଫା ଲୁଗାକୁ ପିନ୍ଧି କୁଣିଆ ଘରେ ପହଞ୍ଚନ୍ତି । ଏଇଟା ନିତ୍ୟ ନୈମିତିକ ଘଟଣା । ବନ୍ଧୁ ଘରକୁ ସମସ୍ତେ ଚାଲିକରି ଯାନ୍ତି । ସାଇକେଲ୍ ପ୍ରାୟ କାହାର ନଥାଏ । ଥିବ ଗୋଟେ ଗାଁରେ ଜଣଙ୍କର କିମ୍ବା ଦୁଇଜଣଙ୍କର ।

ଯାଚଣ୍ଣା

ମୁଁ ୧୯୫୩ ମସିହାରୁ ୧୯୫୬ ପର୍ଯ୍ୟନ୍ତ ଶରଣକୂଳକୁ ଯିବା ଆସିବା କରି ପଢୁଥିଲି । ଶରଣକୂଳରେ ଲଡୁବାବା ବିଜେ ହୋଇଛନ୍ତି । ଗାଁରେ ଯାହାର ଯାହା ଠାକୁରଙ୍କୁ ଦେବାପାଇଁ ଯାଚଣ୍ଣା କରିଥିବେ, ସେମାନେ ମୋ ହାତରେ ହିଁ ପଠାଇବେ । ଗୋଟିଏ ହାତରେ ସ୍କୁଲ ବ୍ୟାଗ ଓ ଅନ୍ୟ ହାତରେ କଦଳୀ କାନ୍ଧି କି ନଡ଼ିଆ ଭୋଗ ନେଇ ମନ୍ଦିରର ମାଳିକୁ ଦେଇଆସେ । ମୁଁ ତା'ର ନାଁ କହିଦିଏ । ମାତ୍ର ଘରକୁ ଫେରିଲେ ଯାଚିଥିବା ଲୋକଟି ତା'ର ନଡ଼ିଆ କଦଳୀ ଦେଲି କି ନାହିଁ ସେ କଥା ପଚାରେ ନାହିଁ । ଠାକୁରଙ୍କ ଜିନିଷ ପଠାଇ ଦେଲେ, ତା'ର ଦାୟିତ୍ୱ ସରିଲା । ତା ପାପ ଗଲା ।

ଧାନ କୁଟୁଣୀ

ଗାଁ ଅଞ୍ଚଳରେ ୧୯୬୦ ପର୍ଯ୍ୟନ୍ତ ସେତେବେଳେ ଚାଉଳ କଳ ନଥିଲା । ଲୋକେ ଢ଼ିଙ୍କିରେ ଧାନ କୁଟି ଖାଆନ୍ତି । ୧୯୬୧ ମସିହାରେ ଭିକାରୀ ପଡ଼ାରେ ରଘୁନାଥ ତ୍ରିପାଠୀ ଓ ବାଉଁଶିଆର ଗୋଲଖ ବିହାରୀ ଦାସ ମିଶିକରି ଧାନକଳ ବସାଇଲେ । ଚାଉଳ କଳ ବସିବା ପୂର୍ବରୁ ଗାଁର କିଛି ଗରିବ ସ୍ତ୍ରୀ ଲୋକମାନେ ଅନ୍ୟମାନଙ୍କର ଧାନକୁଟି ଚାଉଳକରି ମୂଲ ନିଅନ୍ତି । ତୁମ୍ଭେ ଚାଉଳ କୁଟିଲେ ବୋଡ଼େ ଚାଉଳ ମିଳେ । ପ୍ରାୟ ସମସ୍ତ ଚଳିଲା ବାଲାଙ୍କ ଘରେ ଢ଼ିଙ୍କି ଥାଏ । ଏଇ ଗରିବ ସ୍ତ୍ରୀ ଲୋକମାନେ ପ୍ରାୟ ବର୍ଷଯାକ ଧାନକୁଟି ଚଳନ୍ତି । ଏବେ ଗାଁରେ ଚାଉଳ କଳ ବସିଲାଣି । ଧାନ କୁଟୁଣୀ ଆଉ ନାହାନ୍ତି । ସେତେବେଳେ ଗରିବ ସ୍ତ୍ରୀ ଲୋକଙ୍କର ଧାନ କୁଟି ଚଳିବା ଏକ ଅବଲମ୍ବନ ଥିଲା ।

ଧାନ ବେଙ୍ଗଳା

ଧାନ ବେଙ୍ଗଳା ପଡ଼ିଲେ, ପୋଢୁଅ ମାହାର ପିଲା ରାତ୍ରି ଅନିଦ୍ରା ହୋଇ ବେଙ୍ଗଳା ଓଡ଼େଇବ । ରାତିରୁ ବେଙ୍ଗଳା ଆରମ୍ଭ ହୋଇ ସକାଳୁ ସକାଳୁ ବେଙ୍ଗଳା ଉଠିବ । ଏ ଅଞ୍ଚଳରେ ବେଙ୍ଗଳାରେ ମେଢ଼ି ଖୁଣ୍ଟ ପୋତାଯାଏ ନାହିଁ । ଅନ୍ୟ ଅଞ୍ଚଳରେ ମେଢ଼ି ଖୁଣ୍ଟି ପୋତାଯାଇଥିବ ଏବଂ ସେହି ଖୁଣ୍ଟିକୁ କେନ୍ଦ୍ର କରି ବେଙ୍ଗଳା ବୁଲାଯାଏ ।

Digitized by srujanika@gmail.com

ମହିମା ଧର୍ମ

ବେଳେବେଳେ ଶୀତ ଋତୁରେ ଯୋରନ୍ଦାରୁ ମହିମାଧର୍ମୀ ବାବାଜୀମାନେ ଗାଁକୁ ଆସନ୍ତି । ସେମାନେ କାଳମାଷ୍ଟ୍ର ଗୋବିନ୍ଦ ଦୋରାଙ୍କ ଓସାରିଆ ପିଣ୍ଡାରେ ରହନ୍ତି । ୪/୫ ଦିନ ରହିବା ପରେ ସେମାନେ ଫେରିଯାଆନ୍ତି । ବିଶ୍ୱନାଥ ବାବା ଅନେକଥର ଗାଁକୁ ଆସିଥିବାର ମୁଁ ଭାଇଙ୍କଠାରୁ ଶୁଣିଛି । ସେ ବାବା ମହିମାଧର୍ମକୁ ବହୁତ ବିସ୍ତାର କରିଛନ୍ତି । ବଡ଼ଗୋରଡ଼ା ଗାଁରେ କେହି ମହିମା ଧର୍ମୀ ନାହାନ୍ତି । ମାତ୍ର ମୋ ପିଲାବେଳେ ଧୂଷୁମାରେ ଜଣେ ମାତ୍ର ଏହି ଧର୍ମ ନେଇନଥିଲେ । ତାଙ୍କ ନାଁ ଅରକ୍ଷିତ ସାହୁ । ଏବେ ସେ ଗାଁରେ ବହୁତ ମହିମାଧର୍ମୀ ହେଲେଣି ।

ଅପର୍ତ୍ୟାଣୀ

ମା'ର ପ୍ରଥମ ଗର୍ଭର ଛୁଆ ନଷ୍ଟ ହୋଇଗଲେ, ଦ୍ୱିତୀୟ ଗର୍ଭରେ ପୁଅ କି ଝିଅ ହେଉ ତା'କୁ ଯମ ଦାଉରୁ ରକ୍ଷା କରିବା ପାଇଁ ବାପା, ମାଆ ଛୁଆର ନାଁ ଦିଅନ୍ତି- ଅଇଁଠା, ହାଡ଼ି, ଖଦାଳ, ଗୋଲଣୀ, ପାଣୁଆ, ଅନ୍ଧ, କନ୍ଧ, ଧୋବା ଇତ୍ୟାଦି । ବାପା ମା' ବିଶ୍ୱାସ କରନ୍ତି ଏ ଭଳିଆ ନାଁ ଶୁଣି ଯମ ଘୃଣାରେ ପିଲାର ପାଖ ମାଡ଼ିବ ନାହିଁ । ପୁଅପିଲା ଦିହରେ ଚମ ପଇତା ପକାଇ ଦିଅନ୍ତି । ପିଲା ବଡ଼ ହୋଇ ଯେତେବେଳେ ସେ ନିଜେ ଏ ପଇତା କାଢ଼ିବା ପାଇଁ କହିବ, ସେତେବେଳେ ତା ଦେହରୁ ଏ ପଇତା ଉତରାଯିବ । ପୁଅମାନେ ମଧ ଦଣ୍ଡି ଲଗାନ୍ତି । ପିଲାଙ୍କୁ ୮/୧୦ ମାସ ହେଲେ ପିହୁଳା ରୋଗରୁ ରକ୍ଷା ପାଇବା ପାଇଁ ବାପା ମାଆ ପିଲାକୁ ଲାଲ ଗରମ ଲୁହାରେ ଚେଙ୍କ ଦିଅନ୍ତି । ଏହା ନାହି ମୁଣ୍ଡା ଘରିପଟେ ଦିଆଯାଏ । ମୋ ପେଟରେ ଏ ଚିହ୍ନ ଏବେ ବି ଅଛି । ଏବେ ଏଇ ଚେଙ୍କ ପ୍ରଥା ଉଠିଗଲାଣି । ସେ ସମୟରେ ପିଲାର କ'ଣ ଟିକିଏ ହେଲେ ଗାଁ ଧୋବା ବନା ସେଠୀକୁ ଡାକି ପାଣି ମନ୍ତୁରେଇବା, ଫୁଙ୍କେଇବା ସବୁବେଳେ ଚାଲିଥାଏ । ପିଲାକୁ ଯମ ଭୟରୁ ରକ୍ଷା କରିବାକୁ ବାପା ମାଆ ପିଲାକୁ ହାଡ଼ିପାଣ ଘରକୁ ମିଛି ମିଛିକା ପୁଅ କରି ଦିଅନ୍ତି । ସେ ସମୟରେ ବସନ୍ତ ରୋଗରୁ ରକ୍ଷା ପାଇବା ପାଇଁ ହାତରେ ଟୀକା ଦେବାକୁ ଶରଣକୂଳରୁ ଟୀକାଦିଆ ଆସି ଟୀକା ଦିଅନ୍ତି । ଏହି ଟୀକା ହାତରେ ଦିଆଯାଏ । ଶରଣକୂଳରୁ ଟୀକାଦାର ଗାଁକୁ ଆସିଲେ ପିଲେ ଭୟରେ, ଆଟୁ, ସଙ୍ଗା, ଭାଡ଼ିତଳେ ପ୍ରାଣ ଭୟରେ ଲୁଚନ୍ତି । ଟୀକା ନେବାର କିଛି ଦିନପରେ ଟିକା ଘା'ରେ ପରିଣତ ହୋଇଯାଏ । କ୍ରମେ ଘାଆ ଖୁଖି ଏକ ବଡ଼ ଚିହ୍ନ ହୋଇ ରହିଯାଏ ।

Digitized by srujanika@gmail.com

ମଲାବାଘ ଦେଖା

ମୋର ପିଲାବେଳେ ଅର୍ଥାତ୍ ୧୯୫୪ ପର୍ଯ୍ୟନ୍ତ ଏ ଆଡ଼େ ଦୂର ଜଙ୍ଗଲରେ ବାଘର ପ୍ରାବଲ୍ୟ ଥିଲା । ଲଟାକୁ ଜାଳେଣୀକାଠ, ବାଉଁଶପାଇଁ ଗଲେ କେବେ କେବେ ବାଘ ଆସି ଆକ୍ରମଣ କରେ । ମୁଁ ୨/୩ ଥର ଦେଖିଛି ଯେ ବାଘ ଦ୍ୱାରା ଘାଇଲା ହେଲେ କିମ୍ବା ବାଘ ମାତିଲେ ବାଣୁଆ ବନ୍ଧୁକରେ ବାଘ ମାରେ । ବାଘ ମାରିଲା ପରେ ଗୋଟିଏ ଶଗଡ଼ରେ ବାଘକୁ ଲଦି ସବୁ ଗାଁ ଗାଁ ବୁଲାଏ । ସ୍ତ୍ରୀ ଲୋକମାନେ ବାଘକୁ ଦେଖି ତା ଉପରେ ହଳଦୀ ପାଣି ପକାନ୍ତି, ତା ଅର୍ଥ ଆଉ ବାଘ ଆକ୍ରମଣ ନ ହେଉ । ମୋ ବାପା କହନ୍ତି ୧୯୪୮ ମସିହା ବାୟାପଲ୍ଲୀ ଗାଁର ଜଣେ ଦୋରା ଜଙ୍ଗଲରେ କାଠ କାଟୁଥିବା ଅବସ୍ଥାରେ ତାଙ୍କୁ ବାଘ ନେଇଗଲା । ଅନ୍ୟ ଶଗଡ଼ିଆମାନେ ଡରରେ ହଳ ଶଗଡ଼ ଧରି ଗାଁକୁ ଚାଲି ଆସିଲେ । ତା'ପରଦିନ ଗାଁଲୋକ ସବୁ ଏକଜୁଟ ହୋଇ ଜଙ୍ଗଲକୁ ଯାଇ ଦୋରାଙ୍କୁ ଖୋଜନ୍ତେ ଲାସ ପାଇଲେ । ମୁହଁଟି ଅକ୍ଷୁନ୍ନ, ପାଟିରେ ପାନଖିଲ ଅଛି । ଦେହରେ ଅନ୍ୟ ଅଂଶରେ କିଛି ମାଂସ ନାହିଁ । ଏବେ ଲୋକମାନେ ବାଘର ସୁରକ୍ଷା ପାଇଁ କେତେ ବ୍ୟାକୁଳ ! ସେତେବେଳେ ବାଘକବଳରୁ ମନୁଷ୍ୟର ସୁରକ୍ଷା ପାଇଁ କେହି ବ୍ୟାକୁଳ ହେଉ ନଥିଲେ । ଆଉ ଗୋଟିଏ କଥା । ୧୯୫୩ରେ ଗାଁ ପୋଡ଼ିଗଲା ପରେ ଦାଣ୍ଡ ଦୁଆର ଗୁହାଳ ସମସ୍ତଙ୍କର ପ୍ରାୟ ମେଲା । ଖରାଦିନ ଆମ ଆଗ ଦୁଆରୀ ଗଉଡ଼ ନୀଳ ବେହେରା ମେଲା ଗୁହାଳରେ ଗାଈ ବାନ୍ଧିଥିଲେ । କିଛି ଦୂରରେ ୪ ମାସର ବାଛୁରୀ ବନ୍ଧା ହୋଇଛି ସକାଳେ କ୍ଷୀର ଦୁଆଁହେବ । ରାତିରେ ପେଣ୍ଡରା ଆସିଲା । ପେଣ୍ଡରା ଲିଓପାର୍ଡ଼ ଭଳି ଜନ୍ତୁ । ବାଛୁରୀକୁ ସିଧା ଉଠେଇ ନେଇ ଚାଲିଲା । ମା' ଗାଈ କି ସମ୍ଭାଳେ । ପଘା ଛିଣ୍ଡେଇ ହମ୍ବା ରଡ଼ି କରି ପେଣ୍ଡରାକୁ ତଡ଼ିଲା । ଖରା ଦିନ ବାହାରେ ଶୋଇ ଥିବା ହେତୁ ଶବ୍ଦରେ ଲୋକେ ଉଠି ଗାଈ ନ ଦେଖି ଧାଇଁଲେ । ପ୍ରାୟ ଅଧ କି.ମି. ଦୌଡ଼ି ପେଣ୍ଡରା ବାଛୁରି ଛାଡ଼ି ଚାଲିଗଲା । ବାଛୁରୀର କିଛି କ୍ଷତି ହୋଇନଥିଲା ।

ରେଡ଼ିଓ

ମୁଁ ୧୯୫୦ ରେ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ମୋର ସାଙ୍ଗ ଜୟକୃଷ୍ଣ ପରିଡ଼ା (ଏବେ ମୃତ) କହିଲା ଯେ, ତାଙ୍କ ହାଇସ୍କୁଲକୁ ରେଡ଼ିଓ ଆସିଛି । ଜୟ ଶରଣକୁଳ ହାଇସ୍କୁଲର ୫ମ ଶ୍ରେଣୀରେ ପଢୁଥିଲା । ରେଡ଼ିଓ କେମିତିକା ଜିନିଷ, ସେଥିରେ ପୁଣି ବିନା ତାରରେ କଥା ବାହାରୁଛି ଏଥିରେ ମୁଁ ଆଚମ୍ବିତ ହେଲି । ମୁଁ ପୁଣି ଯେତେବେଳେ

Digitized by srujanika@gmail.com

୧୯୫୩ରେ ଶରଣକୁଳ ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ନାଁ ଲେଖାଇ ପଢ଼ିଲି, ସେଠି ଦେଖିଲି ପ୍ରତି ଶନିବାର ଦିନ ସ୍କୁଲର ସବୁପିଲା ହେଡ଼ମାଷ୍ଟରଙ୍କ ଅଫିସ ବାରଣ୍ଡାରେ ବସି ରେଡ଼ିଓ ଶୁଣୁଛନ୍ତି । ଏକ ଶନିବାର ଦିନ ସାହିତ୍ୟ ପ୍ରବେଶ ବହିରେ ଥିବା ରତ୍ନାକର ପତିଙ୍କ "ଗ୍ରାମ୍ୟ ଜୀବନ" ନିଜେ ରତ୍ନାକର ପତି ତାଙ୍କ ଲେଖାଟା ପଢୁଥିଲେ ।

ପରେ ୧୯୬୮ ବେଳକୁ ଓଡ଼ିଶା ସରକାରଙ୍କ ପି.ଆର. ବିଭାଗ ସ୍ୱଳ୍ପ ମୂଲ୍ୟରେ ସବୁଗାଁକୁ ରେଡ଼ିଓ ଯୋଗାଇଲେ । ଏହାର ନାଁ ଥିଲା ରେଡ଼ିଓଲା । ବଡ଼ଗୋରଡ଼ା ମଧ୍ୟ ଗୋଟିଏ ରେଡ଼ିଓଲା କିଣିଲା । ଏଥିପାଇଁ ମୁଁ ଲୋକସମ୍ପର୍କ ବିଭାଗର ଆର୍ତ୍ତବନ୍ଧୁ ରାଉତ ଡେପୁଟି ଡିରେକ୍ଟରଙ୍କୁ ଦେଖାକରି କିଣିବାର ବନ୍ଦୋବସ୍ତ କରିଥିଲି । ସବୁଦିନ ଲୋକମାନେ ଗାଁ ଦାଣ୍ଡରେ ବସି ରେଡ଼ିଓ ଶୁଣିଲେ । ଆଲୋଚନା କରୁଥିଲେ ପାଣ୍ଡେ ଓ ଟିମା (ଦିନବଂଧୁ) । ଗାଁରେ ପ୍ରଥମ ଟେଲିଫୋନ୍ ଲାଗିଲା ତା ୧୭.୦୫.୨୦୦୧ରେ । ଏବେ ଗାଁକୁ ମୋବାଇଲ୍ ଫୋନ୍ ଆସିଲାଣି

ମାପ ପଦ୍ଧତି

ଧାନ, ଚାଉଳ ମୁଗ ଇତ୍ୟାଦି ନଉତିରେ ମପାଯାଏ । ଏହା ଏକ ପରିମାଣ ବିଶେଷକ ମାପ । ନଉତିକ ୩ ତୁମ୍ବ । ତୁମ୍ବକ ୨ ଡିବା = ୪ ଅଡ଼ା = ୮ ବୋଡ଼ା = ୧୬ ସୋଲା = ୩୨ ଅଧା = ୬୪ ଗେଧା । ୧ ତୁମ୍ବ ଧାନର ଓଜନ ୨ ୧/୨ କେ.ଜି । ୧୯୪୬ ମସିହାରେ ଯେତେବେଳେ ସାଉକାର ଘରୁ ଲେଭିଧାନ ସରକାର ନେଲେ, ସେତେବେଳେ କଣ୍ଟାରେ ଓଜନ ହୋଇ ଧାନ ବସ୍ତାମାନ ତାଙ୍କ ଘରୁ ବାହାରିଲା । ତା' ଆଗରୁ ଧାନ କେବେ ଓଜନ ହୋଇନଥିଲା । ଲୋକେ ଏହାକୁ ଏକ ଅପକର୍ମ ବୋଲି ଭାବିଲେ । ଓଜନ ପାଇଁ ବିଶାର ପ୍ରଚଳନ ଥାଏ । ଏକ ବିଶା ପ୍ରାୟ ୨ କେ.ଜି ସହ ସମାନ । ଗୋଟିଏ ଲୁହା କିମ୍ବା ପିତଳ ଦଣ୍ଡରେ ଗୋଟିଏ ପଟରେ ଗୋଲ୍ ହୋଇ ପିତଳ ଓଜନ ବଟା ଥାଏ । ଅନ୍ୟ ପଟରେ ଓଜନ କରିବା ନିମିତ୍ତ ପଲ୍ଲା ଥାଏ । ପଲ୍ଲା ବାଉଁଶ ତିଆରି ଖଡ଼ିକା ଦ୍ୱାରା ହୋଇଥାଏ । ପିତଳ ଦଣ୍ଡରେ ଗାର କଟାଯାଇ ସୂତାରେ ଦଣ୍ଡକୁ ବନ୍ଧାଯାଇ, ଓହଳାଇ ଓଜନ କରନ୍ତି । ଏକ ବିଶା = ୮ ଫୁଲି । ମାଛ, ମାଂସ, ପରିବା ଇତ୍ୟାଦି ଓଜନରେ ମାପ ହୁଏ । ତେଲ, ଘିଅ ଆଦି ବୋଡ଼ା, ସୋଲାରେ ପରିମିତି ମାପରେ ମାପ ହୁଏ । ଲମ୍ବା ଜାଣିବା ପାଇଁ ହାତର ମାପକ ବ୍ୟବହାର କରାଯାଏ । ୧ ହାତ = ହାରାହାରି ଦେଢ଼ ଫୁଟ । ୧୯୫୭ ପର୍ଯ୍ୟନ୍ତ ପ୍ରଚଳନ ଥିଲା ପୁରୁଣା ପଇସା ।

Digitized by srujanika@gmail.com

୧ ଟଙ୍କା = ୬୪ ପଇସା = ୩୨ ଦି' ପଇସି = ୧୬ ଅଣା = ୮ ଦି'ଅଣି = ୪ ସିଉକା = ୨ ଆଠଣି (ଅଧୁଲି) । ଆଗେ ଦି' ଅଣି, ସୁକି, ଆଠଣି ଏବଂ ଟଙ୍କା ରୂପାରେ ତିଆରି ହେଉଥିଲା । ପରେ ତମ୍ବା ଓ ନିକେଲ୍‌ରେ ତିଆରି ହେଲା । ମୋ ପାଖରେ ମହାରାଣି ଭିକ୍ଟୋରିଆଙ୍କ ଅମଳର ବେଣିଆ ଟଙ୍କା ଠାରୁ ଏବର ପର୍ଯ୍ୟନ୍ତ ବହୁତ ମୁଦ୍ରା ମୁଁ ସଂଗ୍ରହ କରି ଆଲ୍‌ବମ୍‌ରେ ରଖିଛି ।

□□□

Digitized by srujanika@gmail.com

ଇଞ୍ଜିନିୟରିଂ ସ୍କୁଲରେ ଛାତ୍ର ଜୀବନ

ପୂର୍ବ ପରିକଳ୍ପନା ଅନୁଯାୟୀ, ମୁଁ କଟକ ଇଞ୍ଜିନିୟରିଂ ସ୍କୁଲରେ ନାମ ଲେଖାଇଲି । ମାଟ୍ରିକ୍ ପରୀକ୍ଷାର ଫଳର ଅଙ୍କ ଇଚ୍ଛାଧୀନ ଓ ବାଧ୍ୟତାମୂଳକର ମୋଟ ନମ୍ବର ସହିତ ଇଂରାଜୀର ଦୁଇଟି ପତ୍ରର ମୋଟ ନମ୍ବରର ଶତକଡ଼ା ବାହାର କରି ମିଶାଇ ମିଶାଣ ଫଳର ଏକ କ୍ରମିକ ତାଲିକା କରାଯାଏ । ଏହି କ୍ରମ ତାଲିକାରେ ମୋର କ୍ରମ ଥିଲା ୧୨୦ । ସେ ସମୟରେ ସ୍କୁଲର ସିଟ୍ ସଂଖ୍ୟା ଥିଲା ୨୦୦ । ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିଅରିଂରେ ୧୯୨୩ ମସିହାରେ ୨ ବର୍ଷିଆ ସବ୍ ଓଭରସିଅର କୋର୍ସ ଆରମ୍ଭ ହୋଇଥିଲା ଏବଂ ୧୯୨୫ରେ ୪୦ଜଣ ଛାତ୍ର ସବ୍ ଓଭରସିଅରିଂ ପାସ୍ କରିଥିଲେ । ସେହି ୧୯୨୫ରେ ୩ ବର୍ଷିଆ ଇଞ୍ଜିନିଅରିଂ ଡିପ୍ଲୋମା କୋର୍ସ ଆରମ୍ଭ କରାଗଲା ଏବଂ ୧୯୨୭ରେ ପ୍ରଥମ ଥର ପାଇଁ ୨୨ ଜଣ ଛାତ୍ର ପାସ୍ କଲେ । ପରୀକ୍ଷା ଦେଇଥିଲେ ୨୯ ଜଣ । ଏହି ୨୨ ଜଣ ମଧ୍ୟରୁ ୭ ଜଣ ପ୍ରଥମ ଶ୍ରେଣୀ, ଓ ୧୪ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଥିଲେ । ଏହି ସବ୍ ଓଭରସିଅର୍ ପାଠ ପୂର୍ବରୁ ୧୮୭୬ ମସିହାରେ ସର୍ଭେସ୍କୁଲ ସ୍ଥାପିତ ହୋଇଥିଲା । ଏଥିରୁ ପାସ୍ କରିଥିବା ସର୍ଭେ ଛାତ୍ରମାନେ ସେଟଲ୍‌ମେଣ୍ଟ କାର୍ଯ୍ୟରେ ନିଯୁକ୍ତି ପାଉଥିଲେ । ୧୮୯୧ ମସିହାର କେନ୍ଦୁଝର ଭୂୟାଁ ବିପ୍ଳବର ନାୟକ ଧରଣୀଧର ଭୂୟାଁ ଏହି ସର୍ଭେସ୍କୁଲରୁ ପାସ୍ କରିଥିଲେ ।

ଇଞ୍ଜିନିୟରିଂ ସ୍କୁଲ୍ ପାଇଁ ଦୁଇଟି ହଷ୍ଟେଲ୍ ତିଆରି ହୋଇଥିଲା । ଗୋଟିକର ନାଁ ଆଠଗଡ଼ ହଷ୍ଟେଲ ଏବଂ ଅନ୍ୟଟି ପ୍ରିନ୍‌ସ୍ ଅଫ୍ ୱେଲସ୍ ହଷ୍ଟେଲ୍ । ଆଠଗଡ଼ ରାଜା ବିଶ୍ୱନାଥ ଦେବ ବର୍ମା ଟ୧୫୦୦୦ ସ୍କୁଲକୁ ସାହାଯ୍ୟ ଦେଇଥିବାରୁ ଗୋଟିଏ ହଷ୍ଟେଲ ତାଙ୍କ ରାଜ୍ୟ ନାଁରେ ନାମିତ କରାଗଲା । ଅନ୍ୟଟି ପ୍ରିନ୍‌ସ୍ ଅଫ୍ ୱେଲ୍‌ସ (ପରେ ଅଷ୍ଟମ ଏଡ୍‌ୱାର୍ଡ଼) ଙ୍କର ୧୯୨୧ରେ ଭାରତ ଆଗମନ ଉପଲକ୍ଷେ ଏହି ନାମରେ ନାମିତ ହେଲା । ସେବେ ମୁଁ ପଢ଼ିଲାବେଳେ ୨ଟି ଟ.୨୦ର ବୃତ୍ତି ଆଠଗଡ଼ ଗଡ଼ଜାତ ପିଲାଙ୍କୁ ମିଳୁଥିଲା । ଏହା ସେଇ ସମୟରୁ ହିଁ ଗଡ଼ିଆସୁଛି । ବର୍ତ୍ତମାନର ଇଞ୍ଜିନିୟରିଂ ସ୍କୁଲର କୋଠା ୧୯୩୨ ମସିହାରେ ତିଆରି ହୋଇଥିଲା ।

ମୁଁ ୧୯୫୭ ରୁ ୧୯୬୦ ମସିହା ପର୍ଯ୍ୟନ୍ତ ଇଞ୍ଜିନିୟରିଂ ସ୍କୁଲରେ ପଢୁଥିଲି । ପିଲା ଅଧିକ ହେବାରୁ ତାଳଦଣ୍ଡା କେନାଲପାଖ ବାରାକ୍‌ରେ ଛାତ୍ରମାନେ ରହୁଥିଲେ । ୨ଟି ବାରାକରେ ଶିଳ୍ପ ତାଲିମ୍ କେନ୍ଦ୍ର (Industrial Training Center) ର ପିଲାମାନେ ଏବଂ ତିନୋଟି ବାରାକରେ ୫,୬, ଓ ୭ ଇଂଜିନିୟରିଂ ଡ଼ିପ୍ଲୋମାର ଛାତ୍ରମାନେ

Digitized by srujanika@gmail.com

ରହୁଥିଲେ । ଶେଷ ବର୍ଷ ଅର୍ଥାତ୍ ତୃତୀୟ ବର୍ଷର ଛାତ୍ରମାନେ ଆଠଗଡ଼ ଓ ପ୍ରିନ୍ସ ଅଫ ୱେଲସ୍ ହଷ୍ଟେଲରେ ରହୁଥିଲେ । ବାରାକ୍‌ରେ ଥିଲାବେଳେ ପୂର୍ବପଟରେ ରୋଷେଇଘର ଓ ଖାଇବା ପାଇଁ ପ୍ରଶସ୍ତ ବାରଣ୍ଡା ଥାଏ । ମେସ ଗୁଡ଼ିକର ନାଁ ଗଞ୍ଜାମ ମେସ୍, କ୍ୟାପିଟାଲ ମେସ୍ ଇତ୍ୟାଦି । କିଛି ପିଲା ମେସ୍‌ରେ ନ ଖାଇ ରାମ ଲାଲ ପାଖରୁ ଖାଉଥିଲେ । ରାମ ଲାଲ ଜଣେ ବିହାରୀ ଲୋକ । ସେ ତା ଘରେ ରୋଷେଇ କରି ଶିକାରେ ଗୁଡ଼ିଏ ଥାଳି ଧରି ଠିକ୍ ଖାଇଲା ବେଳକୁ ଆଣେ । ମିଲ୍ ଗୋଟିକୁ ଛଅ ଅଣା ଦୁଇ ପଇସା । ବର୍ତ୍ତମାନର ୪୦ ପଇସା । ତାର କଥା ଗୁଡ଼ିକ ଭାରି ମିଠା । ନିହାତି ଭଲ ଲୋକ । ୧୯୭୦ ମସିହାର ଆଦ୍ୟ ଭାଗରେ ମୋର ପତ୍ନୀ ଆରଥ୍ରାଇଟିସ୍ ବେମାରରେ ପୀଡ଼ିତ ହୋଇ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିଲେ । ସେଠି ଜଣେ ସ୍ତ୍ରୀ ଲୋକ ରୋଗିଣୀମାନଙ୍କର ସେବା ଶୁଶ୍ରୂଷା କରୁଛି ଘରୋଇ ଭାବରେ ଓ ରୋଗୀମାନଙ୍କ ଠାରୁ କିଛି ପାଉଣା ନେଇ ଚଳୁଛି । ମୁଁ ଚିହ୍ନିଲି ସେ ରାମ ଲାଲର ପତ୍ନୀ । ତାର କାହାଣୀ ଅତୀବ କରୁଣ । ୧୯୬୫ ମସିହା ବେଳକୁ ନାଗାଲାଣ୍ଡର କିଛି ଛାତ୍ର ଯେଉଁମାନେକି ଇଞ୍ଜିନିଅରିଂ ସ୍କୁଲରେ ପଢୁଥିଲେ, ରାମଲାଲ ଠୁ ୧୦,୦୦୦ ଟଙ୍କା ବାକିରେ ଖାଇଥିଲେ । ଟଙ୍କା ଦେବେ ଦେବେ ବୋଲି କହି ଦିନେ ନଦେଇ ଚାଲିଗଲେ । ଏତେ ଟଙ୍କାର ବୋଝ ରାମ ଲାଲ ସହି ନପାରି ହୃଦରୋଗରେ ଚାଲିଗଲା । ସ୍ତ୍ରୀର ଅନ୍ୟ ଗତି ନାହିଁ । ପେଟ ଚାଖଣ୍ଡକ ପାଇଁ ଆଜି ରୋଗିଣୀମାନଙ୍କ ସେବା କରୁଛି ।

ମେସ୍‌ରେ ଜଳଖିଆ ହୁଏନା । ପିଲାମାନେ ଖାଆନ୍ତି ସ୍କୁଲ ନିକଟରେ ଥିବା ବେଙ୍ଗ ଦୋକାନରୁ । ବେଙ୍ଗର ଭଲ ନାଁ ଗୋବିନ୍ଦ ଚନ୍ଦ୍ର ସାହୁ । ଅନେକ ପିଲା ବାକିରେ ଖାଆନ୍ତି ଓ ଷ୍ଟାଇପେଣ୍ଡ୍ ପାଇ ସୁଝନ୍ତି । ପଛୁଆ ଜାତିର ପିଲାମାନେ ମାସକୁ ୭୫ ଟଙ୍କା ଷ୍ଟାଇପେଣ୍ଡ୍ ପାଆନ୍ତି । ଅନୁଗୁଳ ଓ ଢେଙ୍କାନାଳର ପିଲାମାନେ ଯେଉଁମାନେ ବ୍ରାହ୍ମଣ କି କରଣ ନୁହଁନ୍ତି ନିଜକୁ କୁଳତା କହି ଷ୍ଟାଇପେଣ୍ଡ ପାଇଁ ଦରଖାସ୍ତ କରନ୍ତି । ତନ୍ତୀ ତେଲି, ଗୁଡ଼ିଆ ମଧ୍ୟ ପଛୁଆ ଜାତି (backward caste) । ବେଙ୍ଗ ଦୋକାନ ପାଖରେ ଆଉ ଗୋଟିଏ ଜଳଖିଆ ଦୋକାନ ଥାଏ । ସେ ଦୋକାନ ଅକ୍ରୁରର । ସେମାନେ ୪ ଭାଇ ଦୋକାନ ଚଳାନ୍ତି । ମାତ୍ର ଭଲ ବ୍ୟବସାୟ ଜମେନି । ପିଲାମାନେ କେବେ କେବେ ମଙ୍ଗଳାବାଗ ଛକରେ ଥିବା ପ୍ରକାଶ ରେଷ୍ଟୁରାଣ୍ଟ ଓ ମାରୱାଡ଼ି ଜଳଖିଆ ଦୋକାନରେ ଜଳଖିଆ ଖାଆନ୍ତି । ମାରୱାଡ଼ି ଦୋକାନରେ ଭଲ ଦୋସା ଓ ଦହିବରା ମିଳେ । କଲେଜ ଛକରେ ଥାଏ ସାଉଥ୍ ଇଣ୍ଡିଆନ୍ ହୋଟେଲ୍ । ଦକ୍ଷିଣ ଭାରତୀୟ ଭୋଜନ ମିଳ ଗୋଟାକ

Digitized by srujanika@gmail.com

ତେର ଅଣା ଅର୍ଥ ବର୍ତ୍ତମାନର ୮୦ ପଇସା । ପରେ ସେ ଦୋକାନୀ ରେଟ୍ ବଢ଼ାଇ ଟ ୧.୩୦ ପଇସା କଲା ୧୯୬୦ ମସିହାରେ । ୧୯୬୪ ବେଳକୁ ଘରର ମାଲିକ ନିଜେ ହୋଟେଲ ଆରମ୍ଭ କଲେ । 'ସାଭଏ' ନାଁ ନେଇ । ବହୁତ ଦିନର ଭଲ ଜଳଖିଆ ଏବଂ ମିଲ୍‌ସ୍ ଦୋକାନ ଉଠିଗଲା । ରେଭେନ୍‌ସା କଲେଜର ସମ୍ମୁଖରେ ଥିଲା କଲେଜ କ୍ୟାବିନ । ତାର ମାଲିକଙ୍କୁ ମଦନିବାବୁ ବୋଲି ପିଲେ ଡାକନ୍ତି । ଭାରି ମିଶା ଲୋକଟି । କଲେଜ ଛକ ସମ୍ମୁଖରେ ଯୋବ୍ରାକୁ ରାସ୍ତାଥିବା ଛକରେ ଥିଲା ଓନ୍ ଜଳଖିଆ ଦୋକାନ । ଗୁଜରାଟି ରୁଚିରେ ଆଳୁଚପ୍, ଚିପସ୍ ଛାଣି ଭଲ ବେସନ ଚଟଣି କରେ । ହିନ୍ଦ୍ ସିନେମା ପାଖରେ ଥାଏ ନବୋଜ୍ୱଳ ହୋଟେଲ । ରେଟ ଭାରି ମହଙ୍ଗା ।

ସେ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୪୬୦ ନମ୍ବର ପାଇଥିବା ଛାତ୍ରମାନଙ୍କୁ ଟ ୨୦ ବୃତ୍ତି ମିଳିଥିଲା । ମୋର ମାତ୍ର ୪୩୦ ନମ୍ବର ଥିବାରୁ ମୁଁ ଏହି ବୃତ୍ତି ପାଇପାରିଲି ନାହିଁ । ଇଚ୍ଛାଧୀନ ଗଣିତରେ ମୋର ଭଲ ହୁଏ । ମାତ୍ର ସେ ବର୍ଷ (୧୯୫୭ରେ) ଗୋଟିଏ ହାଇଟ୍ ଆଣ୍ଡ ଡିଷ୍ଟାନ୍ସ ଅଙ୍କ ଏପରି ଗୋଳମାଳରେ ପକାଇ ଦେଲା ଯେ, ସବୁ ସମୟ ସେଥିରେ ଚାଲିଗଲା । ତେଣୁ ଏହି ପତ୍ରରେ ମୋର ମାତ୍ର ୫୩ ନମ୍ବର ରହିଲା । ଯଦି ଏ ପତ୍ରରେ ୮୦ ନମ୍ବର ଖଣ୍ଡେ ରହିଥାନ୍ତା ମୁଁ ବୃତ୍ତି ପାଇପାରିଥାନ୍ତି । ୮୦ ନମ୍ବର ପାଇବା ମୋ ପାଇଁ ବଡ଼କଥା ନଥିଲା । ବାଧ୍ୟତାମୂଳକ ଅଙ୍କରେ ମୋର ୮୨ ଥିଲା । ହାଇସ୍କୁଲର ସାଙ୍ଗ ଦେବରାଜ ଦାସ, ଯେ କି ମୋ ସହିତ ଇଞ୍ଜିନିୟରିଂ ସ୍କୁଲରେ ପଢୁଥିଲେ, ୪୬୮ ନମ୍ବର ରଖିଥିବାରୁ ତାଙ୍କୁ ଟ୨୦ ବୃତ୍ତି ମିଳିଲା । ଆଉଥରେ ଗୋଟିଏ ଖବର ପ୍ରକାଶ ପାଇଲା । ସବୁ ଗଡ଼ଜାତ ଛାତ୍ରଙ୍କୁ କିଛି ଷ୍ଟାଇପେଣ୍ଡ ମିଳିବ । ସାଙ୍ଗ ଦେବରାଜ ଓ ଚିନ୍ତାମଣି ଦରଖାସ୍ତ କରିବା ପାଇଁ ନୟାଗଡ଼ ଏସ୍.ଡି.ଓ.ଙ୍କ ପାଖକୁ ଗଲେ । ମୁଁ ମଧ୍ୟ ତାଙ୍କ ସହିତ ଗଲି । ଗୁଣ୍ଡୁବାରଣ ଗାଁର ଆଡ଼୍‌ଭୋକେଟ୍ ଗଦାଧର ପଟ୍ଟନାୟକ ମୋତେ ଏସ୍.ଡି.ଓ.ଙ୍କ ସହିତ ଚିହ୍ନଟ କରାଇଲେ । ସେତେବେଳେ ଏସ୍.ଡି.ଓ. ଥାଆନ୍ତି ବିନୟ ଘୋଷ । ସେ ଢେଙ୍କାନାଳ ଗଡ଼ଜାତର ପୂର୍ବତନ ଅଫିସର । ରାଜ୍ୟ ମିଶ୍ରଣପରେ ଡେପୁଟି କଲେକ୍ଟର ହେଲେ । ମାତ୍ର ଷ୍ଟାଇପେଣ୍ଡ ମିଳିଲା ନାହିଁ । ଏଥିପାଇଁ ଯିବା ଆସିବାରେ ମୋର ୧୦/୧୨ଟଙ୍କା ଅକାରଣରେ ଖର୍ଚ୍ଚ ହୋଇଗଲା । ବୋଧେ ଏହା ଏକ ଉଡ଼ା ଖବର ଥିଲା ।

ସେ ସମୟରେ ଇଞ୍ଜିନିୟରିଂ ସ୍କୁଲ୍‌ର ଅଧ୍ୟକ୍ଷ ଥିଲେ ଯଦୁମଣି ମହାନ୍ତି । ସେ ବିହାରର ପାଟନା ଇଞ୍ଜିନିୟର କଲେଜରୁ ପାସ୍ କରିଥିଲେ । ଏହି କଲେଜ ପ୍ରତିଷ୍ଠା

Digitized by srujanika@gmail.com

ହୋଇଥିଲା ୧୯୨୫ ମସିହାରେ । ସିଭିଲ୍ ଇଂଜିନିୟରିଂରେ ପଢ଼ାଉଥିବା ଅନ୍ୟ ଅଧ୍ୟାପକ ମାନେ ହେଲେ - ଉଦୟନାଥ ମିଶ୍ର, ଭି: ଜଗନ୍ନାଥ ରାଓ, ହରନାଥ ଦାସ୍ ଜଗନ୍ନାଥ ନାଏକ, ନାରାୟଣ ଚନ୍ଦ୍ର ମଲ୍ଲ, ପୂର୍ଣ୍ଣଚନ୍ଦ୍ର ଦାସ୍ ଜୟକ୍ରିଷ୍ଣ ପଟ୍ଟନାୟକ, ବନବାସୀ ପଟ୍ଟନାୟକ, ଲିଙ୍ଗରାଜ ନନ୍ଦ, ଗଣେଶ୍ୱର ନନ୍ଦ, ମଦନ ମୋହନ ନନ୍ଦ, ଗୁରୁ ମୂର୍ତ୍ତି ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଦାସ ଇତ୍ୟାଦି । ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢ଼ାଉଥିଲେ କିଶୋରଚନ୍ଦ୍ର ଆଚାର୍ଯ୍ୟ ଏବଂ ମେକାନିକାଲ ଇଞ୍ଜିନିୟରିଂ ପଢ଼ାଉଥିଲେ ଗୌରୀଶ୍ୟାମ ସାହୁ । ଚାକିରି ଜୀବନ କାଳରେ ଉପରୋକ୍ତ ସିଭିଲ ଇଂଜିନିୟରଙ୍କ ମଧ୍ୟରୁ ଜଗନ୍ନାଥ ନାୟକ, ହରନାଥ ଦାସ, ବନବାସୀ ପଟ୍ଟନାୟକ, ଭି.ଜେ. ରାଓ. ସି.ଭି.କେ ମୂର୍ତ୍ତି ଙ୍କ ଅଧିନରେ କାମ କରିବାକୁ ମୋତେ ସୁଯୋଗ ମିଳିଥିଲା ଏବଂ ମୁଁ ସେମାନଙ୍କର ଛାତ୍ରଥିଲି ବୋଲି କହିବାରେ ସେମାନେ ବହୁତ ଆନନ୍ଦିତ ହେଉଥିଲେ ।

୧୯୫୮ ମସିହାରେ ମହାନଦୀ କୂଳରେ ୩ ମହଲା ବିଶିଷ୍ଟ ହଷ୍ଟେଲ୍ ତିଆରି ହେଲା ଏବଂ ସମସ୍ତେ ଏହି ନୂଆ ହଷ୍ଟେଲ୍‌କୁ ଚାଲିଗଲେ । ପ୍ରତି ବଖରାରେ ୪ଟି ପିଲା ରହିବାର ବନ୍ଦୋବସ୍ତ ହୋଇଥିଲା । ମୁଁ ତିନିବର୍ଷଯାକ ଇଞ୍ଜିନିୟରିଂ ସ୍କୁଲରେ ରହି ଲକ୍ଷ୍ୟ କରିଛି ଯେ ବର୍ଷଯାକ ନିର୍ମାଣ କାମ ଚାଲିଥିବ । ସ୍କୁଲ ଘରଟିକୁ ପରିବର୍ଦ୍ଧିତ କରାଯାଇ ଆଉ ୪ଟି କ୍ଲାସ୍ ହଲ୍ ତିଆରି ହେଲା । ଏକା ସମୟରେ ଶ୍ରେଣୀର ସବୁପିଲା ଖାଇବାକୁ ଆସୁଥିବାରୁ ମୂଳ ଡ଼ାଇନିଂ ହଲ୍ ବାଦ୍ ଆଉଗୋଟେ ଅଧିକା ଡ଼ାଇନିଂ ହଲ୍ ମଧ୍ୟ ତିଆରି ହେଲା । କ୍ଲାସ୍ ଆରମ୍ଭ ହୁଏ ସକାଳ ୭ଟାରୁ ୧୧ ଟା ଓ ଅପରାହ୍ନ ୧.୩୦ରୁ ୪.୩୦ ପର୍ଯ୍ୟନ୍ତ ।

ଇଞ୍ଜିନିୟରିଂ ସ୍କୁଲରୁ ପାସ୍‌କରି ବାହାରୁଥିବା ଛାତ୍ରମାନେ ସାଧାରଣତଃ ପୂର୍ତ୍ତ ବିଭାଗରେ କାମ କରନ୍ତି । ସ୍କୁଲର ପରିଚାଳନା ଭାର ଥାଏ ଶିକ୍ଷା ବିଭାଗ ଅଧୀନରେ । ଏବେ ମଧ୍ୟ ଅଛି । ଏବେ ବୈଷୟିକ ଶିକ୍ଷା (Technical education) ନାଁରେ ଆଉ ଗୋଟିଏ ନିର୍ଦ୍ଦେଶାଳୟ ଖୋଲିଛି । ସେ ସମୟରେ ଭେଙ୍କଟରମଣ ଶିକ୍ଷା ନିର୍ଦ୍ଦେଶକ ଥିଲେ ଏବଂ ଶିକ୍ଷାମନ୍ତ୍ରୀ ଥିଲେ ଦୀନବନ୍ଧୁ ସାହୁ ।

ଇଞ୍ଜିନିୟରିଂ ସ୍କୁଲର ପାଠପଢ଼ା

କଟକ ଇଞ୍ଜିନିୟରିଂ ସ୍କୁଲ ଡିପ୍ଲୋମା ପାଠ୍ୟକ୍ରମ ୩ ବର୍ଷିଆ । ସିଭିଲ ଇଞ୍ଜିନିଅରିଂ, Electrical ଓ Mechanical (Combined) ଛାତ୍ରମାନେ ପ୍ରଥମ ବର୍ଷ ଏକାଠି ପଢ଼ନ୍ତି

Digitized by srujanika@gmail.com

ଏବଂ ଦ୍ୱିତୀୟ ବର୍ଷରେ Electrical ଓ Mechanical ପିଲାମାନଙ୍କର ଅଲଗା କ୍ଲାସ୍ ହୁଏ । ଏମାନେ ପାସ୍‌କଲା ପରେ କେହି କେହି Electrical Dept. ରେ କାମ କରନ୍ତି ତ କେହି Mechanical Dept. ରେ କାମ କରନ୍ତି । ପ୍ରଥମ ବର୍ଷରେ ଥାଏ ଗୋଟିଏ Workshop ବିଷୟ, ୧୦୦ ନମ୍ବର । ଏଥିରେ ଥାଏ ବିଭିନ୍ନ କାଠ ଯୋଡ଼େଇ, ଲୁହାର ସାନ ସାନ ଜିନିଷ କରିବାକୁ ପଡ଼େ । ଏଥିରେ ୪୦ରୁ କମ୍ ନମ୍ବର ରହିଲେ ଫେଲ୍ । ମୁଁ ପରୀକ୍ଷା ବେଳେ କାଠର ଟି ଜଏଣ୍ଟ କଲାବେଳେ ଯୋରରେ ହାମରରେ ପଟି ଦେବାରୁ କାଠର ଗର୍ଭ ନଷ୍ଟ ହୋଇଗଲା । ତେଣୁ ଆଉ ଗୋଟିଏ କାଠ ଆଣିବାକୁ ପଡ଼ିଲା । ଏଥିପାଇଁ ୫ ମାର୍କ କଟିବ । ପରୀକ୍ଷାରେ ଏ ବିଷୟରେ ମୋତେ ୪୦ ମାର୍କ ମିଳିଥିଲା ବୋଲି ପାସ୍ କଲି । ପ୍ରଥମ ବର୍ଷରେ ବିଜ୍ଞାନ, ଅଙ୍କ ଇତ୍ୟାଦି ପଢ଼ାହୁଏ ଏବଂ ଦ୍ୱିତୀୟ ବର୍ଷରେ Civil Engineering ସମ୍ବନ୍ଧୀୟ ବୈଷୟିକ ପାଠ ପଢ଼ାଯାଏ । ସେବେ ସେସ୍‌ନାଲ ମାର୍କ ନଥିଲା । ପୁରା ଲିଖିତ ପରୀକ୍ଷାରେ ପାସ୍ କରିବାକୁ ପଡ଼େ । ଏଗ୍ରିଗେଟରେ ୪୫% ରଖିବାକୁ ପଡ଼େ । ପ୍ରତି ବିଷୟରେ ଅତି କମ୍‌ରେ ୪୦ ନମ୍ବର ପାସ୍ ପାଇଁ ରଖିବାକୁ ହୁଏ । ଏଠି ତୃତୀୟ ଶ୍ରେଣୀ ବ୍ୟବସ୍ଥା ନାହିଁ । ଗୋଟିଏ ଲେଣ୍ଡିଙ୍ଗ ଲାଇବ୍ରେରି ଅଛି । ଜଣକେ ୪/୫ଟି ବହି ମିଳେ ।

ମଙ୍ଗଳାବାଗ ଛକ ଉପରେ ଗୋଟିଏ ବହି ଦୋକାନ ଥିଲା । ଏବେ ବୋଧିହୁଏ ଅଛି । ଦୋକାନ ନାଁ ଡ଼ି.ପି.ସର୍ ଆଣ୍ଡ୍ ସନସ୍ । ସ୍ଥାପିତ ହୋଇଥିଲା ୧୯୧୪ ମସିହାରେ । ଏଠାରେ ଇଞ୍ଜିନିୟରିଂ ଡ୍ରଇଁ କରିବା ପାଇଁ ଯନ୍ତ୍ରବାକ୍ସ, ଟି ସ୍କୋୟାର, ଇଂଜିନିୟରିଂ ବହି, ଡ୍ରଇଁ ପ୍ଲେଟ୍ ଇତ୍ୟାଦି ମିଳେ । ପରେ ରେଭେନ୍ସା କଲେଜ ଛକ ପାଖରେ ଗୋଟିଏ ନୂଆ ଦୋକାନ ଖୋଲିଲା । ଦୋକାନ ନାଁ ଡ୍ରିମ୍‌ଲ୍ୟାଣ୍ଡ୍ । ଏଠି ମଧ୍ୟ ଉପରୋକ୍ତ ଜିନିଷ ମିଳିଲା ।

ଇଞ୍ଜିନିୟରିଂ ସ୍କୁଲର ମାସିକ ଫିସ୍ ଥିଲା ଟ୫/- ଏବଂ ହଷ୍ଟେଲ୍ ଫିସ୍ ଥିଲା ଟ୩/- । ବଡ଼ ଭାଇ ମାସକୁ ଟ୪୫/- ପଠାଉଥିଲେ । ତେଣୁ ଏହି ଟଙ୍କାରେ ସବୁ ପ୍ରକାର ଖର୍ଚ୍ଚ ସମତୁଲ କରି ମୁଁ ପାଠ ଶେଷ କଲି । ମୋର ପାଠ ଶେଷ ହେବାକୁ ଥିବା ଶେଷ ୬ ମାସ ବେଳକୁ ଉପର ଭାଇଙ୍କର ଚାକିରି ହୋଇଯାଇଥିବାରୁ ମୋତେ ଅଧିକା ୧୦ଟଙ୍କା ମିଳିଲା ।

ଇଞ୍ଜିନିୟରିଂ ସ୍କୁଲର ଶେଷ ବର୍ଷର ପରୀକ୍ଷା ଫଳ ୧୯୬୦ ଜୁଲାଇ ପ୍ରଥମ ସପ୍ତାହରେ ପ୍ରକାଶ ପାଇଲା । ତା'ପରେ ଟ୍ରେନିଂ ପାଇବା କଥା । ନିୟମାନୁଯାୟୀ ଟ୍ରେନିଂ ସମୟସୀମା ୧ ବର୍ଷ । ଟ୍ରେନିଂ ଭତ୍ତା ମିଳେ ଟ୫୦/- । ମାତ୍ର ଓଭରସିୟରଙ୍କର

Digitized by srujanika@gmail.com

ନିଯୁକ୍ତି ଜରୁରୀ ଥିବାରୁ ସେହି ସମୟରେ ୩/୪ ମାସ ପରେ ଚାକିରୀ ମିଳିଯାଉଥିଲା । ଶିକ୍ଷ ବିଭାଗରେ ପରୀକ୍ଷା ଫଳ ବାହରିଲା ପରେ ପୂର୍ତ୍ତ ଚିଫ୍ ଇଞ୍ଜିନିୟରଙ୍କୁ ତାଲିକା ଦେବାପରେ ଟ୍ରେନିଂ ଅର୍ଡ଼ର୍ ଆସିବା କଥା । ମାତ୍ର ୧୯୬୦ରେ କଟକ ଜିଲ୍ଲାରେ ପ୍ରବଳ ବନ୍ୟା ହେବାରୁ ଚିଫ୍ ଇଞ୍ଜିନିୟର ବ୍ୟସ୍ତ ରହିଲେ ଏବଂ ଟ୍ରେନିଂ ପାଇଁ ଡେରିରେ ଇଣ୍ଟରଭିୟୁ କଲେ । କାରଣ ପୂର୍ବରୁ PWDରେ ରାସ୍ତା ଓ ଗୃହ, ଜଳସେଚନ, ଜନସ୍ୱାସ୍ଥ୍ୟ ମିଶିକରି ଥିଲା ଏବଂ ଜଣେ ଚିଫ୍ ଇଞ୍ଜିନିୟର ଏ ସବୁର ଦାୟିତ୍ୱରେ ଥିଲେ । ମାତ୍ର ଏହି ସମୟରେ ମୂଳ ବିଭାଗ ଦୁଇ ଭାଗରେ ବିଭକ୍ତ ହେଲା ଯଥା : ନିର୍ମାଣ ବିଭାଗ ଓ ଜଳସେଚନ ବିଭାଗ । ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ଥିଲେ କେ.କେ. କାର୍ଥା । ତାଙ୍କର ଘର କେରଳ । ମୁଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ ରହିବା ପାଇଁ କହିଲି ଏବଂ ସେହି ବିଭାଗରେ ହିଁ ଟ୍ରେନିଂ ପାଇଁ ଅର୍ଡ଼ର୍ ଆସିଲା । ଠିକ୍ ସମୟରେ ଟ୍ରେନିଂକୁ ଗଲି ।

ଇଞ୍ଜିନିଅରିଂ ସ୍କୁଲର ସାଥୀ

୧୯୫୭ରେ ପାଖ ଗାଁ ବାଉଁଶିଆର ଦେବରାଜ ଦାଶ ଓ ଚିନ୍ତାମଣି ରଥ ମୋ ସହିତ ଇଞ୍ଜିନିୟରିଂ ସ୍କୁଲରେ ନାମ ଲେଖାଇଥିଲେ । ଦେବରାଜ ଓ ମୁଁ ୪ର୍ଥ ଶ୍ରେଣୀରୁ ସହପାଠୀ । ଚିନ୍ତାମଣି ୧୯୫୫ ମସିହାର ମାଟ୍ରିକ୍ୟୁଲେଟ୍ । ତାଙ୍କ ବାପା ବାମଦେବ ରଥ ମୋର ଏଲ୍.ପି. ସ୍କୁଲ୍ର ପ୍ରଥମ ଶିକ୍ଷକ । ଚିନ୍ତାମଣି ଥିଲେ ଧୀର ସ୍ଥିର । ଶେଷକୁ ସେ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ପଦରୁ ଅବସର ନେଲେ ।

ଦେବରାଜ ଦାଶ

ଦେବରାଜ ଦାଶ

ଦେବରାଜ ଦାଶ ମୋର ଏମ୍.ଇ. ସ୍କୁଲର ୪ର୍ଥ ଶ୍ରେଣୀରୁ ଇଞ୍ଜିନିୟର ସ୍କୁଲ ଶେଷ ପର୍ଯ୍ୟନ୍ତ ସହପାଠୀ ଥିଲେ । ସେ ଅତ୍ୟନ୍ତ ମେଧାବୀ ଥିଲେ । ୧୯୫୭ ମସିହା ମାଟ୍ରିକ୍ ପରୀକ୍ଷାରେ ୫୮% ନମ୍ବର ପାଇ ପ୍ରଥମ ଶ୍ରେଣୀରୁ ବଞ୍ଚିତ ହେଲେ । କଟକ ଇଞ୍ଜିନିୟର ସ୍କୁଲର ପ୍ରଥମ ୨ବର୍ଷ ସେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ । ତୃତୀୟ ବର୍ଷ ଫାଇନାଲ୍ ପରୀକ୍ଷାରେ ସେ କିନ୍ତୁ ଫାଷ୍ଟ୍ କ୍ଲାସ୍ ପାଇପାରିଲେ ନାହିଁ । କାରଣ "Roads" ବିଷୟରେ ୨୨ ନମ୍ବର ପାଇଲେ । ସେ ଏତେ କମ୍ ନମ୍ବର ପାଇବା ଅବିଶ୍ୱାସ୍ୟ । ମାତ୍ର ସେତେବେଳେ ପୁନଃ ମୂଲ୍ୟାଙ୍କନ ପଦ୍ଧତି ଆଜିକାଲିକା ପରି ନଥିଲା । ଯାହା କିଛି ଆପରି ହୁଏ ତାହା ଟାବୁଲେସନ୍ର ଭୁଲ

Digitized by srujanika@gmail.com

ପାଇଁ । ଏ କ୍ଷେତ୍ରରେ ୨ ୨ ଥିବାରୁ ଟାବୁଲେସନ୍ ପାଇଁ ଦରଖାସ୍ତ ପାଇଁ ସୁଯୋଗ ରହିଲା ନାହିଁ । Railways & Bridges ଏବଂ Roads ମିଶି ଗୋଟିଏ ଗ୍ରୁପ । ଏହି ଗ୍ରୁପ୍‌ରେ ୮୦ ନମ୍ବରରୁ ଅଧିକ ରଖି ପାସ୍ କରିଗଲେ । ଇଞ୍ଜିନିୟର ସ୍କୁଲ୍ ପାଠ ସରିଲା ପରେ ସେ କୋଠା ବାଡ଼ି ବିଭାଗରେ ଜଗତପୁରରେ ଟ୍ରେନିଂ ନେଇ ଟ୍ରେନିଂ ପରେ ଭୁବନେଶ୍ୱର କ୍ୟାପିଟାଲ ସଂରକ୍ଷଣ ସବ୍‌ଡିଭିଜନ୍‌ରେ ଓଭରସିଅର୍ (ପରେ ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର ନାମିତ) ଭାବରେ ଯୋଗ ଦେଲେ ।

ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିୟରିଂ ଚାକିରି ୨ବର୍ଷ କରିବା ପରେ ଦେବରାଜ AMIE ପଢ଼ିବାକୁ ମାଡ୍ରାସ ଗଲେ । ସେ କମ୍ ସମୟରେ AMIE ପାସ୍ କରି ୧୯୬୬ରେ ଭୁବନେଶ୍ୱର ଫେରିବା ବେଳକୁ ଇଞ୍ଜିନିଅରିଂ ବିଭାଗରେ ସବୁପ୍ରକାର ଚାକିରି ବନ୍ଦ । ଆସିଷ୍ଟାଣ୍ଟ ଇଞ୍ଜିନିୟର ହେବେ କ'ଣ, S.A.E. ଚାକିରି ମଧ୍ୟ ଖାଲି ନାହିଁ । ସେ ସମୟରେ ଆର୍.ଏନ୍. ସିଂ ଦେଓ ଥିଲେ ମୁଖ୍ୟ ମନ୍ତ୍ରୀ ଏବଂ ବିମଳ କିଶୋର ମିଶ୍ର ଥିଲେ ପ୍ଲାନିଂ ବିଭାଗର ସଚିବ । ଇଞ୍ଜିନିୟରିଂ ପାସ୍ କରିଥିବା ଯୁବକ ମାନଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଗୋଟିଏ କ୍ରମ ତାଲିକା (Gradation list), ଯୋଜନା ବିଭାଗରେ ତିଆରି ହେଲା । ତାଲିକା ଭିତ୍ତିରେ ଏମାନଙ୍କୁ ନିଯୁକ୍ତି ଦିଆଗଲା । ସେ ସମୟରେ Orissa State Housing Board ନୂଆ କରି ଗଠିତ ହେଲା ଏବଂ ଦେବରାଜ ଏହି ହାଉସିଂ ବୋର୍ଡ଼ରେ ଜେ.ଇ. ହୋଇ ରହିଲେ । ସେ ସମୟରେ ଇଞ୍ଜିନିୟରିଂ ଗ୍ରାଜୁଏଟ୍‌ମାନେ S.A.E. କ୍ୟାଡ଼ରରେ ରହୁଥିଲେ । ମାତ୍ର ତାଙ୍କୁ କୁହାଯାଉଥିଲା ଜେ.ଇ । ଏମାନଙ୍କର ଦରମା ଥିଲା ଟ୨୫୦/-, (SAE ଙ୍କ ମୂଳ ଦରମା ୧୮୫ + ୬୫ ଅଧିକା) । ୧୯୮୦ ମସିହାରେ ସରକାରୀ ବିଭାଗ ପାଇଁ ବହୁତ ଗୁଡ଼ିଏ ସହକାରୀ ଇଞ୍ଜିନିଅର ପଦ ପାଇଁ ବିଜ୍ଞାପନ ବାହାରିଲା । ସେ P.S.C. କୁ ଦରଖାସ୍ତ କରି ଜଳସେଚନ ବିଭାଗକୁ ଚାଲିଗଲେ । ହାଉସିଂ ବୋର୍ଡ଼ ଚାକିରିର ସିନିୟରିଟି ମିଶିଲା ନାହିଁ । ଚାକିରିରେ ସେ ଜୁନିୟର ହୋଇଯିବାରୁ ଆଉ ପଦୋନ୍ନତି ନପାଇ ସେହି ସହକାରୀ ଯନ୍ତ୍ରୀ ପଦରୁ ଅବସର ନେଲେ । ୧୯୯୭ ମସିହା ଜୁନ୍ ମାସ ପର୍ଯ୍ୟନ୍ତ ସେ ଯଦି Housing Board ରେ ରହିଥାଆନ୍ତେ, ସେହି ବୋର୍ଡ଼ରେ ହୁଏତ ଅଧୀକ୍ଷଣ ଯନ୍ତ୍ରୀ ପଦକୁ ଯାଇପାରି ଥାନ୍ତେ ।

ମୁଁ ୧୯୬୦ ମସିହା ନଭେମ୍ବର ମାସରେ କଟକ (ରାସ୍ତା ଓ ଗୃହ) ଡ଼ିଭିଜନ୍ ଅଧିନସ୍ଥ S.I.H.S. (Subsidised Industrial Housing Scheme) ସବ୍‌ଡିଭିଜନ

Digitized by srujanika@gmail.com

ଅନ୍ତର୍ଗତ କଟକ ମେଡ଼ିକାଲ୍ କଲେଜ ସେକସନ୍‌ରେ ଟ୍ରେନିଂ ନେଲି । ସେତେବେଳେ ନିର୍ବାହୀ ଯନ୍ତ୍ରୀ ଥିଲେ ପ୍ରହଲ୍ଲାଦ ପଟ୍ଟନାୟକ । ମେଡ଼ିକାଲ୍ କଲେଜ କାମରେ ସହକାରୀ ଯନ୍ତ୍ରୀ ଥାଆନ୍ତି ଭି. ଜେ. ରାଓ । ସେ ମୋର ଇଞ୍ଜିନିୟରିଂ ସ୍କୁଲର ଲେକ୍‌ଚରର ଥିଲେ । ଅଧ୍ୟାପକ ହିସାବରେ ସେ ଭଲ ନାଁ କରିଥିଲେ । ସେ ସେହି ସମୟରେ ନୂଆ ହୋଇ ଯୋଗଦାନ କରିଥିଲେ । ତାଙ୍କ ଆଗରୁ ସହକାରୀ ଯନ୍ତ୍ରୀ ଥିଲେ ମାଗୁଣୀ ଚରଣ ସ୍ୱାଇଁ । କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜ ଥିଲେ ପୂର୍ତ୍ତ ମନ୍ତ୍ରୀ । କଟକ ମେଡ଼ିକାଲ କଲେଜର ଛାତ୍ର ସଂଖ୍ୟା ବୃଦ୍ଧି ହେତୁ ପୂର୍ବର ଦୁଇ ମହଲା ହଷ୍ଟେଲକୁ ତିନି ମହଲାକୁ ପରିବର୍ଦ୍ଧନ କରାଗଲା ଏବଂ ଦୁଇପଟେ Wing ବଢ଼ାଯାଇ ତାକୁ ମଧ୍ୟ ତିନି ମହଲା କରାଗଲା । ପୁରୁଣା ହଷ୍ଟେଲର ଆଗ ପଟେ ମଧ୍ୟ ତିନି ମହଲା କରି ଯୋଗ କରାଗଲା । ଏହି କାମର ଠିକାଦାର ଥିଲେ ବ୍ରଜେନ ଦତ୍ତ । ଏହି ଦତ୍ତ ଥିଲେ କଟକ ବାରବାଟୀ ଷ୍ଟାଡିୟମର କାଉନସିଲ୍ ମେମ୍ବର । କିଛି ବର୍ଷପରେ ଦତ୍ତଙ୍କର କର୍କଟ ରୋଗରେ ମୃତ୍ୟୁ ହେଲା । କଟକ ମେଡ଼ିକାଲ କଲେଜରେ ସେ ସମୟରେ ବହୁତ କିଛି ନୂଆ କୋଠା ତିଆରି ହେଉଥିଲା ।

ତିନିମହଲା ବିଶିଷ୍ଟ ଲେକ୍‌ଚର୍ ଥିଏଟର୍‌ର କାମ ସରି ସରି ଆସୁଥିଲା । ଏହାର ଜୁନିଅର ଇଞ୍ଜିନିୟର ଥିଲେ ଜଗତ୍‌ସିଂହପୁରର କୃଷ୍ଣଚନ୍ଦ୍ର ଦାସ । ଏ ମହାଶୟ AMIE ପାସ୍ କରି ନିର୍ବାହୀ ଯନ୍ତ୍ରୀ ହୋଇ ୧୯୯୫ ମସିହାରେ ଅବସର ନେଲେ । ଆନାଟୋମି ବିଭାଗ ପାଇଁ ବଡ଼ କୋଠାର କାମ ମଧ୍ୟ ସରିଥିଲା । ଏହାର J.E. ଥିଲେ ଭାବଗ୍ରାହୀ ମିଶ୍ର । ମିଶ୍ରବାବୁ ସହକାରୀ ଯନ୍ତ୍ରୀ ପଦରୁ ଅବସର ନେଲେ । ପ୍ରସୂତୀ ବିଭାଗର ବିରାଟ କୋଠା, ନୂଆ ସର୍ଜିକାଲ କୋଠା, ନର୍ସମାନଙ୍କ ହଷ୍ଟେଲ କାମ ସେହି ସମୟରେ ପୁରା ଦମ୍‌ରେ ଚାଲୁଥିଲା । ସର୍ଜରୀ ବିଭାଗର ମୁଖ୍ୟ ଗିରିଜାବାବୁ ବହୁତ ଉତ୍ସାହର ସହିତ କାମ କରାଉଥିଲେ । ବଡ଼ବଡ଼ ହଲ ମାନଙ୍କରେ ୫ ଇଞ୍ଚିଆ କାନ୍ଥ ପାର୍ଟିସନ୍ କରି ୪ ଜଣିଆ ବ୍ଲକ କରାଗଲା ତାଙ୍କରି ନିର୍ଦ୍ଦେଶରେ । ସେ କହିଲେ ପ୍ରତ୍ୟେକ ରୋଗୀ ଘରର କଣ ଥିବା ଖଟିଆ ଚାହାନ୍ତି । କେହି ମଝିରେ ରହିବାକୁ ପସନ୍ଦ କରନ୍ତିନି । ତେଣୁ ୪ ଜଣିଆ ବ୍ଲକ୍ କଲେ ସମସ୍ତେ କୋଣ ପାଇବେ । Nurse's ହଷ୍ଟେଲ ଓ ସର୍ଜରି ୱାର୍ଡ଼ର J.E. ଥିଲେ ଯୁଚେରିଆନ୍ ଏବଂ ଗାଇନିକ ବ୍ଲକ J.E. ଥିଲେ ପୁରୁଷୋତ୍ତମ ପଟ୍ଟନାୟକ ।

ମୋ ସହିତ ଅନ୍ୟ ଯେଉଁମାନେ କଟକରେ ଷ୍ଟୁଡେଣ୍ଟ ଓଭରସିଅର ଟ୍ରେନିଂ ନେଉଥିଲେ ସେମାନେ ହେଲେ ନାରାୟଣ ପ୍ରସାଦ ନାୟକ, ଭବାନୀ ପ୍ରସାଦ ରଥ,

Digitized by srujanika@gmail.com

ତ୍ରିଲୋଚନ ସାହୁ, ହରେନ୍ଦ୍ର କୁମାର ମିଶ୍ର ଓ ବନମାଳି ସାଥୁଆ । ନାରାୟଣ ଚାକିରିରେ ଥାଇ AMIE ପାସ୍ କରି ଶେଷରେ ନିର୍ବାହୀ ଯନ୍ତ୍ରୀ ହୋଇ ଅବସର ନେଲେ । ଭବାନୀ ଟ୍ରେନିଂ ପରେ ଚାକିରି ନକରି ମାଡ୍ରାସ ଗଲା AMIE ପଢ଼ିବାକୁ । ସେ Sec A ଥରକେ ଓ Sec B ଥରକେ ପାସ୍ କରି ୧୯୬୩ ଲୋକସେବା ଅୟୋଗର ସମ୍ମୁଖୀନ ହୋଇ ସହକାରୀ ଯନ୍ତ୍ରୀ ହେଲା । ସେ ଢେଙ୍କାନାଳରେ ନିର୍ବାହୀଯନ୍ତ୍ରୀ ଥିଲାବେଳେ କର୍କଟ ରୋଗରେ ତା'ର ମୃତ୍ୟୁ ହେଲା । ଉପରୋକ୍ତ ଅନ୍ୟ ତିନିଜଣ ଚାକିରି ଶେଷ ବେଳକୁ ଆସିଷ୍ଟାଣ୍ଟ ଇଞ୍ଜିନିୟର ହୋଇ ଅବସର ନେଲେ । ମୁଁ ମେଡ଼ିକାଲ ହଷ୍ଟେଲ୍ କୋଠା ନିର୍ମାଣରେ ଟ୍ରେନିଂ ନେଉଥିଲା ବେଳେ (୧୯୬୦ ନଭେମ୍ବର, ଡିସେମ୍ବର) ଜେ.ଇ. ଥିଲେ ଗଦାଧର ପାତ୍ର । ଇଞ୍ଜିନିୟରିଂ ସ୍କୁଲରେ ସେ ମୋର ଉପର ଶ୍ରେଣୀରେ ପଢୁଥିଲେ । ସେ ସେହି ସେକ୍‌ସନ୍‌ରେ କିଛି ବର୍ଷ ରହିଲା ପରେ ତାଙ୍କରି ବଦଳି ହେଲା ଜିଲ୍ଲାପାଳଙ୍କ କୋଠା ନିର୍ମାଣ ସେକ୍‌ସନ୍‌କୁ । ସେତେବେଳେ ଶୁଣାଯାଉଥିଲା ସେହି କୋଠାରୁ ଇସ୍ପାତ୍ ଆକାଉଣ୍ଟ ଗଡ଼ବଡ଼ ହୋଇଛି । ସେ ସେଠିକୁ ନଯାଇ ଅନ୍ୟ ସେକ୍‌ସନ୍‌କୁ ଯିବାକୁ ଇଚ୍ଛା କଲେ । ମାତ୍ର ବଦଳି ବନ୍ଦ ନ ହେବାରୁ ସେ ଇସ୍ତଫା ଦେଇଦେଲେ ଏବଂ ବ୍ରଜେନ ଦତ୍ତଙ୍କୁ କହି କଟକ ଷ୍ଟାଡିୟମ୍‌ରେ ଚାକିରି କଲେ ।

ଚାକିରୀ ଜୀବନ

ତିନିମାସର ଟ୍ରେନିଂ ପରେ ମୋର ନିଯୁକ୍ତି ହେଲା ନୂଆ କରି ସୃଷ୍ଟି ହୋଇଥିବା କଟକ ନିର୍ମାଣ ଡ଼ିଭିଜନ୍ (Cuttack Construction Division) ର ମଧୁପାଟଣା ସେକ୍‌ସନ୍‌ରେ । ସାଇକେଲ୍ ନ ହେଲେ ଦୈନନ୍ଦିନ କାର୍ଯ୍ୟ କରିବା ଅସମ୍ଭବ । ଘରୁ ଟ୨୫୦/- ଆଣି ଗୋଟିଏ ହର୍‌କ୍ୟୁଲେସ୍ ସାଇକେଲ୍ କିଣିବା ପରେ ସେ ୧୬/୦୨/୧୯୬୧ ରେ ଚାକିରିରେ ଯୋଗଦାନ କଲି । ପରେ ମେଡ଼ିକାଲ୍‌ରେ ସହକାରୀ ଯନ୍ତ୍ରୀ ଥିବା ଭି.ଜେ. ରାଓ ନିର୍ବାହୀ ଯନ୍ତ୍ରୀ ହୋଇ ଏହି ନୂଆ ଡିଭିଜନରେ ଯୋଗଦାନ କଲେ । ମଧୁପାଟଣା ସେକ୍‌ସନ୍‌ରେ ସେକ୍‌ସନ୍ ଅଫିସର୍ ଥିଲେ ମୋର ଉପର କ୍ଲାସ୍‌ରେ ପଢୁଥିବା ନଗେନ୍ ରାୟ । ଇଞ୍ଜିନିୟରିଂ ସ୍କୁଲ୍ ପରିସରରୁ ଶିଳ୍ପ ତାଲିମ୍ କେନ୍ଦ୍ର (Industrial Training Center) ମଧୁପାଟଣାକୁ ଉଠିଗଲା ଏବଂ ନୂଆ ନାମ ହେଲା ଶିଳ୍ପ ତାଲିମ୍ ଅନୁଷ୍ଠାନ (Industrial Training Institute) । ମୁଁ ଯୋଗଦେବା ସମୟରେ ୱାର୍କସପ୍ କୋଠା କାମ ଶେଷ ହୋଇଯାଇଥିଲା ଏବଂ ଆଉ ଗୋଟିଏ ଏକାପରି କୋଠା 'ଓରିଏଣ୍ଟସେନ୍ ଟ୍ରେନିଂ ସେଣ୍ଟର' ନିର୍ମାଣ ଆରମ୍ଭ ହେଉଥିଲା । ମୁଁ ପୁରା ଦାୟିତ୍ୱ ନେଇ ନଥିବା ଅବସ୍ଥାରେ

Digitized by srujanika@gmail.com

କଟକ କୋଠାବାଡ଼ି ଡ଼ିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରହଲ୍ଲାଦ ପଟ୍ଟନାୟକ ମୋତେ କାଠଯୋଡ଼ି ସେକ୍‌ସନ୍‌କୁ ବଦଳି କଲେ । ଠିକ୍ ଏହି ସମୟରେ ସେଣ୍ଟ୍ରାଲ୍ ସର୍କଲର ଅଧିକ୍ଷଣ ଯନ୍ତ୍ରୀ ସୀତାରାମ ପାଢ଼ୀ ମୋତେ ମହାନଦୀ ଓ ବିରୁପା ବ୍ରିଜ୍ ଡିଭିଜନ୍‌କୁ ପୁର୍ନନିଯୁକ୍ତି କଲେ । ସେ ସମୟରେ ଶରଣକୁଳର ଗୋଦାବରୀଶ ଦାସ ମୁଖ୍ୟ ଯନ୍ତ୍ରୀ କୋଠବାଡ଼ି ଅଫିସ୍‌ରେ ସହକାରୀ ଯନ୍ତ୍ରୀ ଥିଲେ । ତାଙ୍କୁ ଏ ବିଷୟରେ କହିବାରେ ସେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କହିଲେ । ସେ କହିଲେ "ମହାନଦୀ ଓ ବିରୁପା ବ୍ରିଜ୍‌ର କାମ ସିଘ୍ରରେ କରିବାକୁ ପଡ଼ିବ । ତେଣୁ ଆଦେଶ ବଦଳିବ ନାହିଁ ।" ତେଣୁ ମୁଁ ବ୍ରିଜ୍ ଡିଭିଜନ୍‌ରେ ଯୋଗ ଦେଲି । ଚାକିରୀର ଆରମ୍ଭରେ ଦରମା ଥିଲା ୧ ୨ ୦ ଟଙ୍କା + ୨ ୭ଟଙ୍କା ଆଠ ଅଣା । ମୋଟ ଟ ୧ ୪ ୭ଟଙ୍କା ଆଠ ଅଣା । ଯୋଗକୁ ନୂଆ ଦରମା କମିଟି ରିପୋର୍ଟ ସରକାର ଗ୍ରହଣ କରିବାରୁ ୧.୩.୧ ୯ ୬ ୧ ରୁ ଦରମା ଓ ମହଙ୍ଗା ଭତ୍ତା ମିଶି ଟ୨ ୦ ୫କୁ ବଢ଼ିଗଲା । ଅବସର ବେଳକୁ ମଧ୍ୟ ରାଜ୍ୟ ସରକାର ୫ମ ବେଳେ କମିସନଙ୍କ ରିପୋର୍ଟ ଗ୍ରହଣ କରିବାରୁ (୧.୧.୧ ୯ ୯ ୬ ଠାରୁ) ମୁଁ ଅବସର ବେଳକୁ ମଧ୍ୟ ବହୁତ ଆର୍ଥିକ ଭାବେ ଉପକୃତ ହେଲି । ମୁଁ ଅବସର ନେଲି ୩୦ ତାରିଖ ଜୁନ୍ ୧ ୯ ୯ ୭ରେ ।

ଏହି ଗୋଦାବରୀଶ ଦାଶଙ୍କ ଘର ଶରଣକୁଳର ଭିକାରୀପଡ଼ା ଗାଁରେ । ସେ ୧ ୯ ୫୩ ମସିହାରେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ଶରଣକୁଳ ନାରାୟଣ ହାଇସ୍କୁଲରୁ ପାସ୍ କରିଥିଲେ । ସେ ଏତେ ଭଲ ପଢୁଥିଲେ ଯେ ସମସ୍ତେ ଭାବୁଥିଲେ ସେ ପ୍ରଥମ ୧୦ଜଣରେ ରହିବେ । କିନ୍ତୁ ସେ ପୁରୀ ଜିଲ୍ଲାରେ ଟପ୍‌ପର ହେଲେ । ସେ ଅତ୍ୟନ୍ତ ସରଳ, ମେଧାବୀ ଓ ଭଦ୍ର । ସେ ଆଇ.ଏସ୍.ସି ପରେ ବୃତ୍ତିପାଇ ପାଟନା କଲେଜରୁ ଇଞ୍ଜିନିୟରିଂ ପାସ୍ କରି କୋଠାବାଡ଼ି ଚିଫ୍ ଇଞ୍ଜିନିୟରିଂ ଅଫିସ୍‌ରେ ୧ ୯ ୬ ୧ ମସିହାରେ ସହକାରୀ ଯନ୍ତ୍ରୀ ହୋଇ କାମ କଲେ । ଭୁବନେଶ୍ୱରର ବଡ଼ ବଡ଼ ଅଫିସରଙ୍କ ପିଲାଙ୍କୁ ସେ ବିନା ପଇସାରେ ଟ୍ୟୁସନ କରୁଥିଲେ । ମୁଁ ମୋର ପ୍ରତ୍ୟେକ ସୁବିଧା ଅସୁବିଧା ତାଙ୍କୁ ଜଣାଏ ।

ମୁଁ ଏ.ଏମ୍.ଆଇ.ଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲାବେଳେ ତାଙ୍କ ପାଖକୁ ପ୍ରତ୍ୟେକ ପାଠ ବିଷୟ ବୁଝିବାକୁ ଯାଏ । ସେ ୧ ୯ ୯ ୨ ମସିହାରେ ଅଧୀକ୍ଷଣ ଯନ୍ତ୍ରୀ ପଦରୁ ଅବସର ନେଲେ । ତାଙ୍କର ଭାଇ ଗଙ୍ଗାଧର ଦାସ ମୋର ଶିଖରପୁର ମାଇନର ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ । ଗୋଦାବରୀଶଙ୍କ ଜ୍ୱାଇଁ ପ୍ରସନ୍ନ କୁମାର ରଥ ମୋ ପାଖରେ ୧ ୯ ୯ ୫-୯ ୬ରେ ବଉଦରେ ସହକାରୀ ଯନ୍ତ୍ରୀ ଥିଲେ । ଏହିସବୁ କାରଣରୁ ଗୋଦାବରୀଶ ବାବୁଙ୍କ ସହ ମୋର ପରିଚିତି ଟିକିଏ ବେଶୀ ।

Digitized by srujanika@gmail.com

୧୯୫୯-୬୦ ମସିହାରେ ମହାନଦୀ ଓ ବିରୁପା ବ୍ରିଜ୍ ଡିଭିଜନ୍ ଆରମ୍ଭ ହେଲା । ତା' ପୂର୍ବରୁ କଟକ ଡିଭିଜନ୍‌ରେ ଏହି ଦୁଇ ନଦୀର ସବୁପ୍ରକାର ସର୍ଭେ କାର୍ଯ୍ୟ ସାରି କାମ ଆରମ୍ଭ ହେଲା ବେଳକୁ ଉପରୋକ୍ତ ନୂଆ ଡିଭିଜନ୍ ସୃଷ୍ଟି ହେଲା । ଏହି ଡିଭିଜନ୍‌ରେ ପ୍ରଥମ ନିର୍ବାହୀ ଯନ୍ତ୍ରୀ ଥିଲେ ଆନନ୍ଦଚନ୍ଦ୍ର ପାଢ଼ୀ । ମହାନଦୀ ବ୍ରିଜ୍‌ରେ ପ୍ରଥମ ସହକାରୀ ଯନ୍ତ୍ରୀ ଥିଲେ ପଦ୍ମଲୋଚନ ଦଣ୍ଡପାଟ । ବିରୁପା ପୋଲର ସହକାରୀ ଯନ୍ତ୍ରୀ ଥିଲେ ଏମ୍.ଏଲ୍. ପଟ୍ଟନାୟକ । କାମ ଶୀଘ୍ର ସାରିବାକୁ ସିଫ୍‌ଟରେ ଆଉ ଦୁଇଜଣ ସରକାରୀ ଯନ୍ତ୍ରୀ ମହାନଦୀକୁ ଆସିଲେ । ସେ ହେଲେ ଶ୍ରୀନିବାସ ଚୌଧୁରୀ ଓ ବାଳକୃଷ୍ଣ ମହାନ୍ତି ଏବଂ ବିରୁପାକୁ ଆସିଲେ ସଦାନନ୍ଦ ମହାନ୍ତି । ମୋ ସାଙ୍ଗରେ ଅନ୍ୟ ଯେଉଁମାନେ କନିଷ୍ଠ ଯନ୍ତ୍ରୀ ଥିଲେ ସେମାନେ ହେଲେ ଭାଗୀରଥି ପଣ୍ଡା, ଆର୍ତ୍ତତ୍ରାଣ ସାହୁ ଓ ମୋହନ ଚନ୍ଦ୍ର ପଟେଲ । ତେଣୁ ୨ ଜଣ ସହକାରୀ ଯନ୍ତ୍ରୀ ଓ ୪ଜଣ S.A.E.ଙ୍କୁ ନେଇ ବିରୁପା ବ୍ରିଜ୍ କାମ ଆଗେଇଲା । ମୁଁ ଯୋଗଦେବା ବେଳକୁ ୬ଟି କୂଅର କାମ ଚାଲିଥିଲା । କାମ ଆରମ୍ଭ ହୁଏ ଦିନ ୧୨ଟାରେ ଓ ସରେ ସଂଧ୍ୟା ୬ଟାରେ । ଖରାଦିନେ ଛତାଧରି କାମ ଦେଖିବାକୁ ହୁଏ । ମହାନଦୀ ଓ ବିରୁପା ବ୍ରିଜ୍‌ରେ ଠିକା ନେଇଥିଲେ ବମ୍ବେର ହିନ୍ଦୁସ୍ଥାନ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନି । ବଡ଼ କମ୍ପାନି, ଭଲ ନାଁ, ଉଚ୍ଚଧରଣର କାମ, ବାଛିବାକୁ ନାହିଁ । କମ୍ପାନି ତରଫରୁ ଇଞ୍ଜିନିୟର ମଧ୍ୟ କାମ ଉପରେ ଥିବେ । ନର୍ବାହୀ ଯନ୍ତ୍ରୀ ପାଢ଼ୀ ସାହେବଙ୍କୁ ସମସ୍ତଙ୍କ ଡର । ଜଳସେଚନ ବିଭାଗର ମହାନଦୀ ନର୍ଥ ଡିଭିଜନର ଅଫିସ୍ ଜଗତପୁରରେ ଅଛି । ସେଠାରେ ଏକ ଇରିଗେସନ୍ କଲୋନି ଅଛି । ସେହି କଲୋନିର ୨ଟା କ୍ୱାର୍ଟର୍‌ର ବ୍ରିଜ୍ ସବ୍‌ଡ଼ିଭିଜନ୍‌କୁ ମିଳିଥିଲା । ଗୋଟେ କ୍ୱାଟରରେ ଏମ୍.ଏଲ୍ ପଟ୍ଟନାୟକ ରହୁଥିଲେ ଏବଂ ତାଙ୍କ ଦାଣ୍ଡଘରେ ଅଫିସ୍ କରୁଥଲେ । ଅନ୍ୟ କ୍ୱାର୍ଟରରେ ୪ଜଣଯାକ କନିଷ୍ଠ ଯନ୍ତ୍ରୀ ରହୁଥିଲେ । ଜୁଲାଇ ମାସ ଆରମ୍ଭରେ ନଦୀରେ ପାଣି ଆସିଲେ କାମବନ୍ଦ ହୁଏ । ପୁଣି ଅକ୍ଟୋବର ମାସରେ କାମ ଆରମ୍ଭ ହୁଏ । କଟକ ଯିବାବେଳେ ବର୍ଷାଦିନେ ରେଲ୍‌ୱେ ପୋଲର ଗାଲା ଉପରେ ଯିବା ଆସିବା କରାଯାଏ । ବର୍ଷାଦିନ ପରେ ପରେ ଅକ୍ଟୋବର ନଭେମ୍ବର ମାସରେ ଓ.ଏମ୍.ପି ଜଙ୍କସନ୍‌ରୁ ମହାନଦୀର ବାମ ପାର୍ଶ୍ୱକୁ ଯୋଗ କରିବା ସର୍ଭେ ଆରମ୍ଭ ହେଲା । ୧୯୬୧ ମସିହା ଜୁନ୍ ମାସରେ ସହକାରୀ ଯନ୍ତ୍ରୀ ଏମ.ଏଲ୍. ପଟ୍ଟନାୟକ ପ୍ରମୋସନ ପାଇ ସମ୍ବଲପୁର ବଦଳି ହୋଇ ଚାଲିଗଲେ ରାଜସ୍ୱ ବିଭାଗକୁ ନିର୍ବାହୀ ଯନ୍ତ୍ରୀ ହୋଇ । ସେ ଯିବାବେଳେ ନିର୍ବାହୀ ଯନ୍ତ୍ରୀଙ୍କୁ କହି ମହାନଦୀର ବାମପାଖ ରାସ୍ତା (Left approach) ସର୍ଭେ କରିବା ପାଇଁ ନୂଆ କରି ହୋଇଥିବା ଆପ୍ରୋଚ୍ ରୋଡ୍ ସବ୍‌ଡିଭିଜନକୁ ସେକ୍‌ସନ୍ ଅଫିସର ହିସାବରେ ମୋତେ

Digitized by srujanika@gmail.com

ବଦଳି କରି ଦେଲେ । ମୁଁ କଟକ ଆସି ଏହି ସବ୍ ଡିଭିଜନ୍‌ରେ ଯୋଗଦେଲି । ସେହି ସମୟରେ କଟକଠାରୁ ବିହାର ସୀମା ପର୍ଯ୍ୟନ୍ତ ଜାତୀୟ ରାଜପଥ ୫ର ଓସାରିକରଣ ଓ ଶକ୍ତିକରଣ (Widening and Strengthening) ପାଇଁ ବିଶ୍ୱବ୍ୟାଙ୍କ ୧୧ କୋଟି ଟଙ୍କା ଋଣ ଦେଲେ । ଏହି ଟଙ୍କାରେ ୭ଟି ବଡ଼ ନଦୀ ଶଂଖ ଯଥା - ମହାନଦୀ, ବିରୁପା, ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ, ସାଳନ୍ଦୀ ଏବଂ ବୁଢ଼ାବଳଙ୍ଗ, ୧୦୦ଟି ଛୋଟ ନଦୀ ଓ କେନାଲ ଉପରେ ମାଇନର ବ୍ରିଜ୍ ଏବଂ କଲଭଟ ଓ ସମସ୍ତ ରାସ୍ତାର ଓସାରିକରଣ (Widening and Strengthening) ହେଲା । ସବୁ କଲ୍‌ଭର୍ଟ ଓ ରାସ୍ତାର ଓସାର ୨୬ ଫୁଟରୁ ୩୮ ଫୁଟକୁ ବଢ଼ିଲା ।

ସୁନ୍ଦରଗଡ଼ ପି.ଡବ୍ଲୁ.ଡି. ଡିଭିଜନର ନିର୍ବାହୀ ଯନ୍ତ୍ରୀ ଆର୍ତ୍ତବନ୍ଧୁ ମହାନ୍ତି ଏବଂ ମହାନଦୀ ବିରୂପାର ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୋସନ ପାଇ ସୁପରଟେଣ୍ଡିଂ ଇଞ୍ଜିନିୟର ହେଲେ । ଦୁଇଟି ସର୍କଲ୍ ଖୋଲିଲା । ଗୋଟିଏ କଟକରେ ଓ ଅନ୍ୟଟି ବାଲେଶ୍ୱରଠାରେ । ଆର୍ତ୍ତବନ୍ଧୁ ମହାନ୍ତି କଟକ ସର୍କଲରେ ଓ ଆନନ୍ଦ ଚନ୍ଦ୍ର ପାଢ଼ୀ ବାଲେଶ୍ୱର ସର୍କଲରେ ରହିଲେ । ପୂର୍ବରୁ ମହାନଦୀ ବ୍ରିଜ୍ ସବ୍ ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ଦଣ୍ଡପାଟ ପ୍ରମୋସନ ପାଇ ଢେଙ୍କାନାଳକୁ ନିର୍ବାହୀ ଯନ୍ତ୍ରୀ ହୋଇ ଯାଇଥିଲେ । ଏହା ପରେ ପରେ ମହାନଦୀ ଓ ବିରୁପା ବ୍ରିଜ୍ ଡିଭିଜନ୍‌ରୁ ବିରୁପା ବ୍ରିଜ୍ ଡିଭିଜନ ନୂଆ କରି ପ୍ରତିଷ୍ଠିତ ହେଲା । ପୁରୁଣା ଡିଭିଜନ୍‌ର ନାଁ ବଦଳି ନୂଆ ନାଁ ହେଲା ମହାନଦୀ ବ୍ରିଜ୍ ଡିଭିଜନ୍ । ମହାନଦୀ ବ୍ରିଜ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ହେଲେ ଦଣ୍ଡପାଟ ଓ ବିରୁପା ବ୍ରିଜ୍‌ର ନିର୍ବାହୀ ଯନ୍ତ୍ରୀ ହେଲେ ଉଦୟ ଚରଣ ପଟ୍ଟନାୟକ । ଏହି ଉଦୟ ଚରଣ ପୂର୍ବରୁ ମହାନଦୀର ସହକାରୀ ଯନ୍ତ୍ରୀ ଥିଲେ । ବ୍ରାହ୍ମଣୀ ଡିଭିଜନର ନିର୍ବାହୀ ଯନ୍ତ୍ରୀ ହେଲେ ଏମ୍.ଏଲ୍. ପଟ୍ଟନାୟକ । । ଅନନ୍ଦ ଚନ୍ଦ୍ର ପାଢ଼ୀ ନୂତନ ଗଠିତ ବାଲେଶ୍ୱର ସର୍କଲରେ ଯୋଗ ଦେଲେ ନାହିଁ । ତେଣୁ ଆର୍ତ୍ତବନ୍ଧୁ ମହାନ୍ତି ଦୁଇଟାଯାକ ସର୍କଲ ଦାୟୀତ୍ୱରେ ରହି କାମ ଚଳାଇଲେ । ଏହି ସମୟରେ ନୂତନ ଭାବରେ ନାସନାଲ ହାଇୱେ ପାଇଁ ନୂଆ ମୁଖ୍ୟ ଯନ୍ତ୍ରୀ ପଦ ଖୋଲିଲା ଏବଂ ଗୋଆର ଜଣେ ଅବସର ପ୍ରାପ୍ତ ଇଞ୍ଜିନିୟର ଏମ୍.ଡ଼ି. ମୋଲୋ ମୁଖ୍ୟଯନ୍ତ୍ରୀ ହୋଇ ଯୋଗଦେଲେ । ଆନନ୍ଦ ଚନ୍ଦ୍ର ପାଢୀ ନିର୍ବହୀ ଯନ୍ତ୍ରୀ ଥିଲାବେଳେ ମହାନଦୀର ଲେଫ୍ଟ୍‌ଆପ୍ରୋଚ୍ ପାଇଁ ଯେଉଁ ନକ୍ସା କରିଥିଲେ ତାକୁ ଆର୍ତ୍ତବନ୍ଧୁ ମହାନ୍ତି ଅଧୀକ୍ଷଣ ଯନ୍ତ୍ରୀ ହେଲା ପରେ ଏହି ନକ୍ସା ବଦଳାଇ ନୂଆ ପ୍ରସ୍ତାବ ଦେଲେ । ପୁଣି ସର୍ଭେ କାର୍ଯ୍ୟ ଆରମ୍ଭ ହେଲା । ଏ ପ୍ରସ୍ତାବରେ ଶିଖରପୁର, ଗଣ୍ଡରପୁର, ଓ.ଏମ୍.ପି. କ୍ୟାମ୍ପସ୍ କୁ ଦିଖଣ୍ଡ କରି ବର୍ତ୍ତମାନର ସିଧା ରାସ୍ତା

Digitized by srujanika@gmail.com

ଓ.ଏମ୍.ପି. ଇଙ୍କସନ୍‌କୁ ଗଲା । ସର୍ଭେ କରାଗଲା ଅଗଷ୍ଟ, ସେପ୍ଟେମ୍ବର ମାସରେ । ବିଲ ମାନଙ୍କରେ ଅଣ୍ଟେ ଅଣ୍ଟେ ପାଣି । ଶିଖରପୁର ଗାଁର ଲୋକମାନଙ୍କୁ କ୍ଷତିପୂରଣ ଦେବାପାଇଁ ତାଙ୍କ ଘର ଦ୍ୱାର ମାପିବାରୁ ଅକଥନୀୟ ଗାଳି ଶୁଣିବାକୁ ପଡ଼ିଲା । ଓ.ଏମ୍.ପିର ଯେଉଁ ଘର ଗୁଡ଼ିକ ୨୦୦ ଫୁଟ ରାସ୍ତା ମଝିରେ ପଡ଼ିଲା ତା' ବଦଳରେ ସେମାନଙ୍କୁ ସେହି ନକ୍‌ସାରେ ଅନ୍ୟ ଯାଗାରେ ଘର କରିବାକୁ ପଡ଼ିଲା । ଅତି କମ୍ ସମୟ ମଧ୍ୟରେ ଶୃଙ୍ଖଳାର ସହିତ ଜାତୀୟ ରାଜପଥର କାମ ସରିବା ପାଇଁ ଏକା ଆର୍ତ୍ତବନ୍ଧୁ ମହାନ୍ତି ହିଁ ଧନ୍ୟବାଦାର୍ହ । ସେ କେତେ କର୍ମଠ, ତାଙ୍କ ସମ୍ପର୍କରେ ଯିଏ ଆସିଛି ସେହିଁ କେବଳ କହିବ । ସମୟକ୍ରମେ ୨ଟା ସର୍କଲ ଗୋଟିଏ ସର୍କଲରେ ପରିଣତ ହେଲା । ତା'ପରେ ମେଲୋ ସାହେବଙ୍କର ଦେହ ଅସୁସ୍ଥ ହେତୁ ଛୁଟିରେ ଯିବାରୁ ଆର୍ତ୍ତବନ୍ଧୁ ମହାନ୍ତି ମୁଖ୍ୟ ନିର୍ମାଣ ଯନ୍ତ୍ରୀ (Chief Construction Engineer) ହିସାବରେ ଜାତୀୟ ରାଜପଥର ସର୍ବେସର୍ବା ହୋଇ ସବୁ ପ୍ରକାର ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟ ଶେଷ କଲେ । ଅସୁସ୍ଥତା ହେତୁ ଛୁଟିରେ ଥିବା ଅବସ୍ଥାରେ ହିଁ ମେଲୋ ସାହେବଙ୍କର ମୃତ୍ୟୁ ହେଲା ।

ମୁଁ ଆପ୍ରୋଚ୍ ରୋଡ୍ ସେକ୍‌ସନ୍‌ରେ କାମ କରୁଥିବା ବେଳେ କଲେଜ ଛକ ନିକଟସ୍ଥ ପାରାଡ଼ାଇଜ୍ ମେସ୍‌ରେ ରହୁଥିଲି । ଏହି ପାରାଡାଇଜ୍ କୋଠା ଅତି ପୁରାତନ କାଳର । ଏହାର ମାଲିକ ଥିଲେ ସୁରେନ୍ଦ୍ର ପଟ୍ଟନାୟକ । କୋଠାଟିର ମୂଳ ମାଲିକ ଥିଲେ ଜଣେ ମାରୱାଡ଼ି । ସୁରେନ୍ଦ୍ର ପଟ୍ଟନାୟକ ତାଙ୍କଠାରୁ ଲିଜ୍ ନେଇ ପ୍ରଥମେ ହୋଟେଲ୍ କରିଥିଲେ ଏବଂ ୧୯୬୧-୬୨ରେ ଏହି କୋଠାରେ ମେସ୍ ଚାଲିଥିଲା । ଏବେ ସେଠାରେ ଆଉ ସେହି ପୁରୁଣା କୋଠା ନାହିଁ । ଏହି ପୁରୁଣା କୋଠାକୁ ଭାଙ୍ଗି ନୂଆ କୋଠା କରାଯାଇଛି ।

୨୧.୨.୧୯୬୨ରେ ମୁଁ କଟକ କିଲ୍ଲାସ୍ଥ N.H. Laboratory କୁ ବଦଳି ହେଲି । । ଏଠାରେ ଓଡ଼ିଶାରେ ପ୍ରଥମ ଥର ପାଇଁ ମାଟି ଅନ୍ୟାନ୍ୟ ଉପକରଣର ପରୀକ୍ଷା ନିରୀକ୍ଷା ପାଇଁ ପରୀକ୍ଷାଗାର ଖୋଲିଲା । କଟକ ବାରବାଟୀ କିଲ୍ଲାରେ କଟକ କ୍ଲବର ଅନେକ ଗୁଡ଼ିଏ ବ୍ୟବହାର ହେଉ ନଥିବା ଭଗ୍ନ ପ୍ରାୟ କୋଠା ଥିଲା । ଗୋଟିଏ ପାର୍ଶ୍ୱରେ କଟକ କ୍ଲବ ଚାଲୁଥିଲା । ଆର୍ତ୍ତବନ୍ଧୁ ମହାନ୍ତି ଅଧୀକ୍ଷଣ ଯନ୍ତ୍ରୀ ହୋଇ ଯୋଗଦେଲା ପରେ ଏହି ଭଗ୍ନ କୋଠାକୁ କଟକ କ୍ଲବ୍‌ରୁ ଭଡ଼ା ଆଣି, ତାକୁ ମରାମତି କରି ସର୍କଲ ଅଫିସ୍ N.H. Laboratory, ମହାନଦୀ ଡିଭିଜନ ଅଫିସ୍ ଆଦି ଆରମ୍ଭ କଲେ । ଯେହେତୁ

Digitized by srujanika@gmail.com

ଏମାନେ ମରାମତି କଲେ, ଭଡ଼ା ଅପେକ୍ଷାକୃତ କମ୍ ଥିଲା । ଏହି ଲାବୋରାଟୋରୀରେ ମାଟି, ଗୋଡ଼ି, ସିମେଣ୍ଟ ଆଦିର ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ବ୍ୟବହାର ପାଇଁ ଅନୁମତି ଦିଆଯାଉଥିଲା । ପୂର୍ବରୁ ମହାନଦୀର ସହକାରୀ ଯନ୍ତ୍ରୀ ଥିବା ଥିବା ଶ୍ରୀନିବାସ ଚୌଧୁରୀ ଲାବରାଟୋରୀର Research Officer ଥିଲେ । ମହେଶଚନ୍ଦ୍ର ଦାସ ଥିଲେ ଅନ୍ୟତମ ରିସର୍ଚ୍ଚ ଅଫିସର୍ । ଏଠାରେ କାମ କରୁଥିବା ସମୟରେ ମୁଁ ଅଧିକ ପଢ଼ିବା ପାଇଁ ମନସ୍ଥ କଲି । ଡ଼ିପ୍ଲୋମା (Diploma) ପାସ୍ ପରେ ସହକାରୀ ଯନ୍ତ୍ରୀ ହେବା ପାଇଁ AMIE ପାସ୍ କରିବା ଏକାନ୍ତ ଆବଶ୍ୟକ । ଏଥିରେ ୨ଟି ଭାଗ ଅଛି । ଗୋଟିଏ କିମ୍ବା ଏକାଧିକ ବିଷୟରେ ପରୀକ୍ଷା ଦେଇ ୫୦% କିମ୍ବା ଅଧିକ ରଖିଲେ ଏହି ବିଷୟରେ ପରୀକ୍ଷା ଦେବା ଦରକାର ନାହିଁ । ଏଗ୍ରୀଗେଟ୍‌ରେ ଶତକଡ଼ା ୫୦ ନମ୍ବର ଓ ପାସ୍ ପାଇଁ ପ୍ରତି ବିଷୟରେ ୪୦ ନମ୍ବର ଦରକାର । ପ୍ରଥମ ଭାଗରେ ୬ଟି ବିଷୟ ଥିଲା ଏବଂ ଦ୍ୱିତୀୟ ଭାଗରେ ୯ଟି ବିଷୟ ଥିଲା । ସେ ସମୟରେ ଯେଉଁମାନେ AMIE ପଢ଼ିବାକୁ ଚାହୁଁଥିଲେ ସେମାନେ ପ୍ରାୟ ମାଡ୍ରାସ୍ ଯାଇ ସୁନ୍ଦର ରାଜନ ପ୍ରତିଷ୍ଠା କରିଥିବା ସଂସ୍ଥାରେ ପଢ଼ନ୍ତି । ପଢ଼ିବା ପାଇଁ ସିଲାବସ୍, ବହି ତାଲିକା, କଟକ ଭୁବନେଶ୍ୱରରେ ମିଳୁନଥିଲା । ନୂଆକରି Institute of Engineers ର ଓଡ଼ିଶା ଶାଖା କଟକରେ ଖୋଲିଥାଏ । ଏହାର ସେକ୍ରେଟାରୀ ଥିଲେ ଶିକ୍ଷ ବିଭାଗର ଜଏଣ୍ଟ ସେକ୍ରେଟାରୀ ସଦାନନ୍ଦ ପାଢ଼ୀ । ତାଙ୍କ କ୍ୟାଣ୍ଟନମେଣ୍ଟ ରୋଡ଼୍ ସ୍ଥିତ ବସା ଘରର ମଟର ଗ୍ୟାରେଜରେ ତାଙ୍କ ଷ୍ଟେନୋ ଉମାକାନ୍ତ ବେହେରା ଅନୁଷ୍ଠାନର କାଗଜପତ୍ର କାମ କରୁଥିଲେ । ଚାକିରୀ ଛାଡ଼ି ମାଡ୍ରାସ୍ ଯିବା ମୋ ପକ୍ଷେ ଅସମ୍ଭବ ଥିଲା । ଗାଁରେ ଥିବା ପୈତୃକ ଘର ଅତି ସଂକୀର୍ଣ୍ଣ ଥିବାରୁ ଆମ ପରିବାରକୁ ଗାଁ ବାହାରକୁ ଆସି ଘର କରିବା ଆବଶ୍ୟକ ଥିଲା । ମୋର ଟ ୨୦୦ ଦରମାରୁ ଅତି କମ୍ ଟ ୧୫୦ ମାସକୁ ଘରକୁ ଦେଲେ ଘର କାମ ଆସ୍ତେ ଆସ୍ତେ ଆରମ୍ଭ ହେବ । ମୋର ଉପର ଦୁଇ ଭାଇ ମଧ୍ୟ କିଛି ଦେବେ । ଏ ପ୍ରକାର ପରିସ୍ଥିତିରେ ଚାକିରୀରେ ରହି AMIE ପରୀକ୍ଷା ଦେବାକୁ ମୁଁ ନିଷ୍ପତ୍ତି ନେଲି । ଦରଖାସ୍ତ ଫର୍ମ ପୂରଣ କଲାବେଳେ ଦୁଇଜଣ କର୍ପୋରେଟ ମେମ୍ବର ମୋତେ ସମର୍ଥନ କରିବେ ଯେ ମୁଁ ଇଞ୍ଜିନିୟରିଂ କର୍ମରେ ନିୟୋଜିତ ଅଛି । ସେମାନେ ଏହି ସାର୍ଟିଫିକେଟ ଦେବେ । ମୋର ପ୍ରଥମ ପ୍ରସ୍ତାବକ ହେଲେ ପୁରୁଷୋତ୍ତମ ଦାସ ମେହେଟା । ମୁଁ ମହାନଦୀ ବ୍ରିଜ୍‌ରେ କାମ କରୁଥିବା କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀର ମୁଖ୍ୟ ଇଞ୍ଜିନିୟର । ଅନ୍ୟ ପ୍ରସ୍ତାବକଙ୍କ ନାମ ମୋର ମନେ ନାହିଁ । ୪ମାସ ପରେ ମୋତେ ଛାତ୍ରପଦ (Studentship) ମିଳିଗଲା । ତା'ପରେ ପଢ଼ା ଆରମ୍ଭ କଥା । ସେତେବେଳେ ବମ୍ବେରେ British Institute of Engineering and Technology

Digitized by srujanika@gmail.com

ଡାକ ମାଧ୍ୟମରେ ଶିକ୍ଷା ଦେବା ପାଇଁ ଏକ ସଂସ୍ଥା ଥିଲା । ଛଅମାସ ପରେ ଏ ପଢ଼ାରେ ମୋର ସନ୍ତୋଷ ଆସିଲା ନାହିଁ । ତେଣୁ ଏହାକୁ ବନ୍ଦ କଲି ।

ସେବେ ଶିବଶଙ୍କର ବେହେରା ମୁଖ୍ୟଯନ୍ତ୍ରୀ ଥିଲେ । ଏବଂ ତାଙ୍କ ନନ୍‌ଟେକ୍‌ନିକାଲ ସହାୟକ ଥାନ୍ତି ଡ଼ି.କେ.ଆର୍ ପଟ୍ଟନାୟକ । ମୁଁ ଉହିଁଲି ଚିଫ୍ ଇଞ୍ଜିନିୟର ଅଫିସ୍‌ରେ ଏଷ୍ଟିମେଟର ହୋଇ ରହି ପଢ଼ିବାକୁ । ମୁଁ ରହୁଥିବା କଟକ ପରାଡାଇଜ୍ ମେସ୍‌ରେ ଜଣେ ଶିକ୍ଷୋଦ୍ୟାଗୀ ରାସ ବିହାରୀ ପଣ୍ଡା ରହୁଥାନ୍ତି । ସେ ମୋତେ ନେଇ ଭେଟାଇଲେ ଚିଫ୍ ଇଞ୍ଜିନିୟର ଅଫିସର ନିର୍ବାହୀ ଯନ୍ତ୍ରୀ ଅମ୍ବିକା ପ୍ରସାଦ ନନ୍ଦଙ୍କ ସହିତ । ଅମ୍ବିକା ପ୍ରସାଦ ଡି.କେ.ଆର୍ ପଟ୍ଟନାୟକଙ୍କୁ ମୋତେ ତାଙ୍କ ଅଫିସକୁ ଆଣିବା ପାଇଁ କହିବାରୁ ସେ ଏହି ସମ୍ବନ୍ଧରେ ଗୋଟିଏ ଦରଖାସ୍ତ କରିବାକୁ କହିଲେ, ତେଣୁ ମୁଁ ତାଙ୍କୁ ଗୋଟିଏ ଦରଖାସ୍ତ ଦେଲି । ଯେହେତୁ ମୁଁ ଚିଫ୍ ଇଞ୍ଜିନିଅର ଏନ୍.ଏଚ୍. ଙ୍କ ଅଧୀନରେ ଅଛି, ସେ ମୋ ଦରଖାସ୍ତକୁ ଫାଇଲ ସହ ଚିଫ୍ ଇଞ୍ଜିନିୟର ଏନ୍.ଏଚ୍. ଙ୍କୁ ମତାମତ ପାଇଁ ପଠାଇଦେଲେ । ମୁଁ ସେହି ସମୟରେ ଯଦିଓ ଲାବୋରେଟୋରୀରେ କାର୍ଯ୍ୟ କରୁଥିଲି, ଦରମା ପାଉଥିଲି ଏନ୍.ଏଚ୍. ସର୍କଲ୍ - ୨ ଭୁବନେଶ୍ୱରରୁ । ସେତେବେଳେ ଏସ୍. ଇ. ଥିଲେ ଦିବ୍ୟସିଂହ ମିଶ୍ର । ସେ ଚିଫ୍ ଇଞ୍ଜିନିୟରଙ୍କ ଉଦ୍ଦେଶ୍ୟରେ ଲିଖିତ ଦରଖାସ୍ତର କପି ଦେଖି ମୋତେ ତାଙ୍କ ଅଫିସକୁ ଡକାଇ ଆଣି ସେହି ସର୍କଲ ଅଫିସ୍‌ରେ କାମ କରିବାକୁ କହିଲେ । ଏସ୍.ଇ.ଙ୍କର ଜଣେ ପି.ଏ. ଥାଆନ୍ତି । ତାଙ୍କ ନାଁ ମଧୁସୂଦନ ପଟ୍ଟନାୟକ । ଘର ଖୋରଧା ଟାଉନ । ଅଫିସ ହେଉଥିଲା ମ୍ୟୁଜିୟମ କୋଠିରେ, ବର୍ତ୍ତମାନ ଯେଉଁଠି ସଂସ୍କୃତି ନିର୍ଦ୍ଦେଶକଙ୍କ (Director of Culture) ଅଫିସ ଚାଲିଛି । ଚିଫ୍ ଇଞ୍ଜିନିୟର ଏନ୍.ଏଚ୍. ଙ୍କ ପ୍ରଶ୍ନ ଥିଲା 'ଦୋରା, କ'ଣ AMIE ପାଇଁ ପ୍ରସ୍ତୁତ ହେଉଛନ୍ତି କି ?' ଏଥିରେ ଏସ୍.ଇ. ଅଫିସ୍ ଲେଖିଲା "ଆମ ପାଖରେ ସେମିତି କିଛି ରେକର୍ଡ଼ ନାହିଁ, ସେ ପଢୁଛନ୍ତି ବୋଲି " । ପୁଣି ଚିଠି ଆସିଲା, "ତୁମେ ତାଙ୍କ ରେକର୍ଡ଼ ମଗାଇ ତନଖି କରି ଉତ୍ତର ଦିଅ" । ସେତେବେଳେ ଏସ୍.ଇ. ଅଫିସର ମୁଖ୍ୟ କିରାଣୀ ଥିଲେ ଦତ୍ତବାବୁ । ମୁଁ ତାଙ୍କୁ କହିଲି "ଦତ୍ତବାବୁ ମୋତେ ସାହାଯ୍ୟ କରନ୍ତୁ, ଆପଣଙ୍କ ସାହାଯ୍ୟରେ କିପରି ପାଠ ପଢ଼େ" । ସେ ଚିଠି କଲେ ତାଙ୍କ କାଗଜ ପତ୍ର ସାର୍ଟିଫିକେଟ୍ ତନଖି କରି ଦେଖିଲୁ ଯେ ସେ ପ୍ରକୃତରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି । ଏ ଚିଠିଟି ମୁଖ୍ୟ ଯନ୍ତ୍ରୀ (C.E. N.H). ଅଫିସ୍‌କୁ ଗଲାପରେ ମୋ କେସ୍ ମୁଖ୍ୟ ଯନ୍ତ୍ରୀ କୋଠାବାଡ଼ିକୁ [C.E. (R & B)] କୁ ଯିବା କଥା । ମୁଁ ଆଉ C.E. (R & B) ଅଫିସ୍‌କୁ ନଯିବା ପାଇଁ ସ୍ଥିର କରି, ମୁଖ୍ୟଯନ୍ତ୍ରୀଙ୍କ ସହକାରୀ ବିବେକାନନ୍ଦ ଦାସଙ୍କୁ କହିଲି "ମୋତେ ଆପଣଙ୍କ ଅଫିସ୍‌ରେ ହିଁ ରଖନ୍ତୁ ।

Digitized by srujanika@gmail.com

ଏଠି ରହିଲେ ମଧ୍ୟ ଭୁବନେଶ୍ୱରରେ ରହି ହେବ ଏବଂ ପଢ଼ାପଢ଼ି ପାଇଁ ମଧ୍ୟ ସୁବିଧା ହେବ ।” ମୁଖ୍ୟ ଯନ୍ତ୍ରୀ ଏନ୍.ଏଚ୍. ଅଫିସ୍‌ରେ ହେଡ୍ ଆସିଷ୍ଟାଣ୍ଟ ଥିଲେ ବୈତାରୀ ରଥ । ମୁଁ ତାଙ୍କୁ ମଧ୍ୟ କହିଲି, ସେ ସେପରି ଟିପ୍‌ପଣୀ ଦେବାରୁ ମୋତେ ଚିଫ୍ ଇଞ୍ଜିନିୟରଙ୍କ ଅଫିସକୁ ବଦଳି ହେଲା । ମୁଁ ୧୭.୮.୧୯୬୨ ତାରିଖରେ ମୁଖ୍ୟ ଯନ୍ତ୍ରୀ ଏନ୍.ଏଚ୍. ଅଫିସ୍‌ରେ ଯୋଗଦେଲି ।

ନ୍ୟାସନାଲ ହାଇୱେର ଚିଫ୍ ଇଞ୍ଜିନିୟର ଥିଲେ ଏମ୍.ଡ଼ି. ମେଲୋ । ତାଙ୍କ ଘର ଗୋଆ । ସେ ଜଣେ କ୍ୟାଥୋଲିକ୍ ଖ୍ରୀଷ୍ଟିଆନ୍ । ତାଙ୍କର ୧୯୬୩ରେ ଏହି ଭୁବନେଶ୍ୱରରେ ହିଁ ମୃତ୍ୟୁ ହେଲା । ତାଙ୍କୁ କବର ଦିଆଗଲା ସତ୍ୟନଗରସ୍ଥ ଗୀର୍ଜା ପାଖରେ । ସୋମନାଥ ମିଶ୍ର ଥିଲେ ରାସ୍ତା ଦାୟିତ୍ୱର ଡିଜାଇନ ଇଞ୍ଜିନିୟର ଏବଂ ଯୋଗେନ୍ଦ୍ର ନାଥ ମହାନ୍ତି ଥିଲେ ଶଂଖ ଦାୟିତ୍ୱର ଡିଜାଇନ ଇଞ୍ଜିନିୟର । ସହକାରୀ ଯନ୍ତ୍ରୀ ଥିଲେ ସୁରେନ୍ଦ୍ର ପାଢ଼ୀ, ରୁଦ୍ରନାରାୟଣ ପାଢ଼ୀ, ପ୍ରାଣବନ୍ଧୁ ପତି, ଏବଂ ଭାସ୍କର ହୋତା । ଏହା ଛଡ଼ା ଆମେ ଏଷ୍ଟିମେଟର୍ ଥିଲୁ ୬ ଜଣ । ଏ ଅଫିସ୍ ୟୁନିଟ୍-୫ର ଆଇ୍‌ବେଷ୍ଟସ୍ ଘରେ (Temporay shed)ରେ ପ୍ରଥମେ ଚାଲୁଥିଲା । ପରେ ୟୁନିଟ୍ -୫ର ଏବେ ଯେଉଁଠି କ୍ୟାପିଟାଲ କନଷ୍ଟ୍ରକ୍‌ସନ୍ ଡିଭିଜନ୍ ଚାଲିଛି, ସେଠାକୁ ଉଠିଗଲା । ଏହି କୋଠିର ଅନ୍ୟ ପାର୍ଶ୍ୱରେ ଇଲେକ୍ଟ୍ରିକାଲ୍ ପ୍ରୋଜେକ୍ଟ ଅଫିସ୍ ହେଉଥିଲା । ସେଠାରେ ମୁଖ୍ୟ ଯନ୍ତ୍ରୀ ଥିଲେ କୃଷ୍ଣଚନ୍ଦ୍ର ଗନ୍ତାୟତ ।

ଜାତୀୟ ରାଜପଥରେ ୬ଟି ଡିଭିଜନ ଥିଲା । ମହାନଦୀ ବ୍ରିଜ୍ ଡିଭିଜନ, ବିରୁପା ବ୍ରିଜ୍ ଡିଭିଜନ, ବ୍ରାହ୍ମଣୀ ବ୍ରିଜ୍ ଡିଭିଜନ, ବୈତରଣୀ ବ୍ରିଜ୍ ଡିଭିଜନ୍, ବାଲେଶ୍ୱର ଏନ୍.ଏଚ୍. ଡିଭିଜନ୍ ଓ ବାରିପଦା ଏନ୍.ଏଚ୍. ଡିଭିଜନ୍ ।

ଏହି ଅଫିସ୍‌ରେ ମୋର ପଢ଼ାପଢ଼ି ବହୁତ ସୁବିଧାରେ ହେଲା । ୧୯୬୫-୬୬ ମସିହାରୁ ଏନ୍.ଏଚ୍. କାମର ଚାପ କମିବାରୁ ପଢ଼ାପଢ଼ି ଆହୁରି ଭଲ ହେଲା । ମୋର ନିର୍ବାହୀଯନ୍ତ୍ରୀ ଥିଲେ ଯୋଗେନ୍ଦ୍ର ନାଥ ମହାନ୍ତି । ତାଙ୍କୁ ସେତେବେଳେ ୫୩ ବର୍ଷ । ଆଗରୁ ଜିଲ୍ଲା ବୋର୍ଡ଼ରେ ଇଞ୍ଜିନିୟର ଥିଲେ । ବୋର୍ଡ଼ ଭାଙ୍ଗିଗଲା ପରେ ସେ ନିର୍ବାହୀଯନ୍ତ୍ରୀ ପଦକୁ ପଦୋନ୍ନତି ପାଇ ଏହି ଅଫିସକୁ ଆସିଥିଲେ । ଚିଫ୍ ଇଞ୍ଜିନିୟର ଥିଲେ ଆର୍ତ୍ତବନ୍ଧୁ ମହାନ୍ତି । ସେ ଅତ୍ୟନ୍ତ ଭଦ୍ର, ଦୟାଳୁ ଓ କର୍ମଠ । ଯୋଗେନ୍ଦ୍ର ମହାନ୍ତି ଥିଲେ ଅତ୍ୟନ୍ତ ଭଲ ଲୋକ । ମୁଁ ସମସ୍ତ Minor Bridge ଦାୟିତ୍ୱରେ ରହି ନିର୍ବାହୀ ଯନ୍ତ୍ରୀଙ୍କ ସିଧା ସମ୍ପର୍କରେ ଆସୁଥିଲି । ତେଣୁ ପରୀକ୍ଷା ସମୟରେ ଛୁଟିନେବା ସହଜ

Digitized by srujanika@gmail.com

ଥିଲା । ଅଫିସ୍‌ରେ ଜଣେ କଲେଜ ଫେରନ୍ତା ଗ୍ରାଜୁଏଟ ଇଞ୍ଜିନିୟର ଥିଲେ ଉତ୍ପଳ କୁମାର ରଥ, ତାଙ୍କ ସାହାଯ୍ୟ ଯୋଗୁ ମୋର ପାଠପଢ଼ାର ସନ୍ଦେହ ମୋଚନ ସହଜରେ ହୋଇପାରିଲା । ମୋଟ ଉପରେ କହିବାକୁ ଗଲେ, ପଢ଼ାପଢ଼ି ପାଇଁ ପରିବେଶ ମୋତେ ବେଶ୍ ସୁହାଇଲା ।

ମୁଁ Sec A ପାସ୍ କଲି ୧୯୬୪ ମସିହାର ମେ ମାସର ପରୀକ୍ଷାରେ । ସେବେ ଥିଲା Sec A ରେ ୬ଟି ବିଷୟ । ୨ ଥରରେ ୨ଟି ଲେଖାଏ ବିଷୟରେ ୫୦ ରୁ ଉର୍ଦ୍ଧ ରଖି ମୁକ୍ତ ହେଲି ଏବଂ ଶେଷ ଥର ପରୀକ୍ଷାରେ ଦୁଇଟି ବିଷୟରେ ୫୦ରୁ ଅଧିକ ରଖି ପୁରା ପାସ୍ କଲି ।

Sec A ପାସ୍ କରିବା ପରେ ବର୍ଷକ ପାଇଁ ଜଣେ ରେଫରିଙ୍କ ପାଖରେ ଟ୍ରେନିଂ ନେବାକୁ ପଡ଼େ । ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ କରପୋରେଟ ସଭ୍ୟ ଯେ କି ରେଫରି ଭାବରେ ନିଯୁକ୍ତ ହୋଇଥାନ୍ତି ତାଙ୍କୁ ସଂଲଗ୍ନ (Attach) ହେବା ଦରକାର । ମୋର ରେଫରି ଥିଲେ ପୁରୀର ଗୋଲଖ ପ୍ରସାଦ ରାୟ । ସେତେବେଳକୁ ତାଙ୍କ ବୟସ ୭୦ ବର୍ଷ । ସେ ସାହିତ୍ୟିକ ଅନ୍ନଦା ଶଙ୍କର ରାୟଙ୍କ (୧୯୦୪-୨୦୦୨) ଦାଦା ।

ମୁଁ ୧୯୬୮ ନଭେମ୍ବର ମାସର A.M.I.E. Sec B. ପାସ୍ କଲି । ପରୀକ୍ଷା ଫଳ ବାହାରିଲା ୩୧.୧.୧୯୬୯ରେ । Sec B ରେ ୯ଟି ବିଷୟ ଥିଲା । ପ୍ରଥମ ଚେଷ୍ଟାରେ ୪ଟି । ଅନ୍ୟ ୩ଟି ପରୀକ୍ଷାରେ ୨,୨ ହିସାବରେ ମୁକ୍ତ ହୋଇ ଶେଷ ଗୋଟିଏ ବିଷୟରେ ୪୭ ନମ୍ବର ରଖି ପୂରା ପାସ୍ କଲି ।

ଏହିଦିନ ଠାରୁ ମୋର ପଦବୀ ନାମ କରଣ S.A.E. ବଦଳରେ J.E. ହେଲା । ସେତେବେଳକୁ ସରକାରଙ୍କ ପାଖରେ ନୂଆ ଆସିଷ୍ଟାଣ୍ଟ ଇଞ୍ଜିନିୟର ଚାକିରି ନାହିଁ । ସେମିତି ସେଇ ଜୁନିଅର ଇଞ୍ଜିନିୟର ପଦବୀରେ ରହି ଗ୍ରାମ୍ୟ ଉନ୍ନୟନ ସଂସ୍ଥା (R.E.O) ଭାଙ୍ଗିଲାପରେ ହିଁ ୧୯୮୦ ମସିହାରେ ସହକାରୀ ଯନ୍ତ୍ରୀ ହେଲି । । ସେତେବେଳକୁ ମୋର ମୋଟ ଚାକିରି କାଳ ୧୯ ବର୍ଷ ଏବଂ ତହିଁରୁ AMIE ପାସ୍ କରିବାର ୧୨ ବର୍ଷ ହୋଇଥିଲା । A.M.I.E. ପାସ୍ ନ କରିଥିଲେ ମୋଟ ଚାକିରି କାଳ ୩୬ ବର୍ଷ ଭିତରୁ ଶେଷ ଦୁଇ କିମ୍ବା ତିନି ବର୍ଷ ସହକାରୀ ଯନ୍ତ୍ରୀ ହୋଇଥାନ୍ତି । ମାତ୍ର ପାସ୍ କରିଥିବାରୁ ୧୨ ବର୍ଷ ପାଇଁ ସହକାରୀ ଯନ୍ତ୍ରୀ, ୪ ବର୍ଷ ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ (Asst. Executive

Digitized by srujanika@gmail.com

THE INSTITUTION OF ENGINEERS (INDIA)

8, GOKHALE ROAD, CALCUTTA 20

Certified that Shri Gobardhan Dora

Studentship No. S.33835 passed the Sections A and B of the Associate Membership Examination in May 1964 and November 1968 respectively.

SECTION A

1. Mathematics I
2. Mathematics II
3. Applied Mechanics
4. Principles & Applications of Heat, Light & Sound
5. Principles & Applications of Electricity
6. Theory of Structures & Strength of Materials

SECTION B

Civil Engineering

Compulsory :

1. Materials and Construction
2. Theory and Design of Structures
3. Structural Engineering
4. Surveying and Geodesy
5. Hydraulics
6. Geology
7. Civil Engineering Design and Drawing

Optional :

8. Town Planning
9. Highway Engineering

Date 21 MAR 1969

Assistant Secretary (Examinations)

Digitized by srujanika@gmail.com

Engineer) ଏବଂ ଦେଢ଼ ବର୍ଷ ପାଇଁ ନିର୍ବାହୀ ଯନ୍ତ୍ରୀ (Executive Engineer) ହୋଇ ପାରିଲି ।

ଜୁନିଅର ଇଞ୍ଜିନିୟର କ୍ୟାଡର ଗଠନ :

୧୯୬୫ ମସିହାର ଶେଷ ବେଳକୁ ଇଞ୍ଜିନିୟର ନିଯୁକ୍ତିରେ ଅସୁବିଧା ସୃଷ୍ଟି ହେଲା । ଇଞ୍ଜିନିୟରିଂ କଲେଜରୁ ପାସ୍ କଲାପରେ ୧୯୬୫ ମସିହା ଗ୍ରାଜୁଏଟମାନେ ଓଭରସିଅରଙ୍କ (୧୯୬୭ରେ ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ନାମରେ ନାମିତ) କ୍ୟାଡରରେ ଜୁନିୟର ଇଞ୍ଜିନିୟର ନାଁରେ ରହୁଥିଲେ । ଓଭରସିଅରଙ୍କ ଦରମା ଟ୧୮୫ରୁ ଟ୩୨୫/- । ଗ୍ରାଜୁଏଟ ଇଞ୍ଜିନିୟର ମାନଙ୍କୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ଟ୨୫୦/- ରୁ ଆରମ୍ଭ କରାଯାଉଥିଲା । ମୋର ଦରମା ୧୯୬୯ ଜାନୁୟାରୀ ବେଳକୁ ଟ୨୫୦/-ରୁ ଉର୍ଦ୍ଧ୍ୱରେ ଥିଲେ ମଧ୍ୟ ଦରଖାସ୍ତ କରିବାରୁ ମୋର ପଦବୀ ଜୁନିଅର ଇଞ୍ଜିନିୟର ହୋଇ ରହିଲା ସିନା କୌଣସି ଆର୍ଥିକ ସୁବିଧା ମିଳିଲା ନାହିଁ । ୧୯୬୫ରେ ହୋଇଥିବା ଭାରତ ପାକିସ୍ତାନ ଯୁଦ୍ଧପରେ ସବୁପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ବାଧା ପାଇଲା । ଏହି କଲେଜ ଫେରନ୍ତା ଇଞ୍ଜିନିଅରିଂ ଗ୍ରାଜୁଏଟମାନେ ସହକାରୀ ଯନ୍ତ୍ରୀ ହେବେ କଣ, ଜୁନିଅର ଇଞ୍ଜିନିୟର ହେବା ବହୁତ କଷ୍ଟସାଧ ହୋଇ ପଡ଼ିଲା । ୧୯୬୮ ମସିହାରେ ଇଞ୍ଜିନିଅର ନିଯୁକ୍ତିର ଏକ ସାମୟିକ ସମାଧାନ ପାଇଁ ସେକ୍ରେଟାରୀଏଟ୍‌ରେ ପ୍ଲାନିଙ୍ଗ କୋ-ଅର୍ଡ଼ିନେସନ୍ ବିଭାଗରେ ଏକ ସେଲ ଖୋଲାଗଲା ଏବଂ ଚାକିରି ପାଇ ନଥିବା ସମସ୍ତ ଗ୍ରାଜୁଏଟ ଇଞ୍ଜିନିଅରଙ୍କ ପାଇଁ ଏକ ତାଲିକା ପ୍ରସ୍ତୁତ ହେଲା । ଏହି ତାଲିକା ବଳରେ ଯେତେବେଳେ ଯେଉଁଠି ଚାକିରି ଖାଲିହେଲା ତାଙ୍କୁ ନିଯୁକ୍ତି ଦିଆଗଲା । ପ୍ରାୟ ୧୯୮୦ ମସିହା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁ ରହିଲା । ମାପ ଓ ଓଜନ ବିଭାଗରେ ସିନିୟର ଇନସପେକ୍ଟର ପଦବୀର ନିଯୁକ୍ତି ପାଇଁ ଉପରୋକ୍ତ ତାଲିକାରୁ କିଛି ଇଞ୍ଜିନିୟରଙ୍କୁ ପଠାଗଲା । ଉଦ୍ଦେଶ୍ୟ କିଛି ଇଞ୍ଜିନିୟର ଚାକିରି ପାଆନ୍ତୁ । ମୃତ୍ତିକା ସଂରକ୍ଷଣ ବିଭାଗ, ହାଉସିଂ ବୋର୍ଡ଼ ମଧ୍ୟ କିଛି କିଛି ଇଞ୍ଜିନିୟର ନିଯୁକ୍ତି ଦେଲେ ।

ପ୍ରତିବର୍ଷ ଇଞ୍ଜିନିୟରିଂ କଲେଜରୁ ଗ୍ରାଜୁଏଟ୍ ହୋଇ ପାସ୍ କରୁଥିବା ପିଲାମାନଙ୍କୁ ବର୍ଷଓ୍ୱାରୀ ହିସାବରେ ଯାନ୍ତ୍ରିକ ବିଭାଗ ମାନଙ୍କରେ ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତି ଦିଆଯାଉଥିଲା । ମାତ୍ର ୧୯୬୫ ମସିହା ପରେ ଏହି ନିଯୁକ୍ତି ବନ୍ଦ ହୋଇଯିବାରୁ ବର୍ଷଓ୍ୱାରୀ ଭିତ୍ତିରେ ନିଯୁକ୍ତ ହୋଇଥିବା ଏହି ଗ୍ରାଜୁଏଟ୍ ଇଞ୍ଜିନିୟର ମାନଙ୍କର ବରିଷ୍ଠତା ତାଲିକା ନିର୍ଣ୍ଣୟ କରିବା ଏକ ସମସ୍ୟା ରୂପେ ଦେଖାଦେଲା । କାରଣ ପରବର୍ତ୍ତୀ କାଳରେ

Digitized by srujanika@gmail.com

ଯେତେବେଳେ ସେମାନେ ଲୋକସେବା ଆୟୋଗର ସମ୍ମୁଖୀନ ହେବେ ସେମାନଙ୍କର ବରିଷ୍ଠତାରେ ଏପଟ ସେପଟ ହେବାର ସମ୍ଭାବନା ଥିଲା । ତେଣୁ ବର୍ଷୱାରୀ ଭିତ୍ତିରେ ଏସ୍.ଏ.ଇ. କାର୍ଡ଼ରରେ ନିଯୁକ୍ତ ଏହି ଗ୍ରାଜୁଏଟ୍ ଇଞ୍ଜିନିୟର୍ ମାନଙ୍କୁ ଏକ ସ୍ୱତନ୍ତ୍ର କ୍ୟାଡ଼ର ଭୁକ୍ତ କରି ରଖି ପ୍ରମୋସନ୍ ଦେବା ନିମନ୍ତେ ଆସୋସିଏସନ୍ ଦାବି କଲା । ଇଞ୍ଜିନିୟରିଂ ସର୍ଭିସ୍ ଆସୋସିଏସନ୍‌ର ବାରମ୍ବାର ଦାବୀ ଫଳରେ ୧୯୬୯ ସେପ୍ଟେମ୍ବର ୨ ତାରିଖରେ କାବିନେଟ୍ ନିଷ୍ପତ୍ତି ନେଲେ ଏହି ଜୁନିଅର ଇଞ୍ଜିନିଅର୍‌ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ୟାଡ଼ରେ ଗଠନ କରିବାକୁ । ୧୯୭୨ ନଭେମ୍ବର ମାସରେ ଏ ସଂକ୍ରାନ୍ତୀୟ ସରକାରୀ ସିଦ୍ଧାନ୍ତ (Govt resolution) ବାହାରିଲା ଏବଂ ୧.୧.୧୯୭୨ ଠାରୁ ଲାଗୁହେଲା । ଏହି କ୍ୟାଡରର ରୂପରେଖ ହେଲା ଡିପ୍ଲୋମା ଇଞ୍ଜିନିଅର୍ କ୍ୟାଡ଼ର ପଦବୀର ଶତକଡ଼ା ୨୫ ଭାଗ ଜୁନିୟର ମାନଙ୍କ ପାଇଁ ସଂରକ୍ଷିତ ହେବ । ୧.୧.୧୯୭୨ ସୁଦ୍ଧା ପ୍ରତ୍ୟେକ ଇଞ୍ଜିନିୟରିଂ ବିଭାଗରେ ଥିବା ଜୁନିଅର ଇଞ୍ଜିନିୟର୍‌ମାନଙ୍କୁ ନୂତନ ଭାବେ ଗଠିତ ଜୁନିଅର ଇଞ୍ଜିନିୟର୍ କ୍ୟାଡରରେ ସାମିଲ କରାଗଲା ।

ଜୁନିଅର ଇଞ୍ଜିନିୟର୍ କ୍ୟାଡର ନିୟମାବଳୀରେ ବ୍ୟବସ୍ଥା ରହିଲା ଯେ ଯେଉଁ ଯେଉଁ ଇଞ୍ଜିନିଅରିଂ ବିଭାଗରେ ସବ ଆସିଷ୍ଟାଣ୍ଟ ଇଞ୍ଜିନିୟର ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟର କ୍ୟାଡ଼ର ଥିବ, ସେହି ବିଭାଗ ମାନେ ହିଁ ଜୁନିୟର ଇଞ୍ଜିନିୟର କାର୍ଡ଼ର ଗଠନ କରିପାରିବେ । ଏହି ନିୟମ ଗଠନ ହେବା ପୂର୍ବରୁ ଯେଉଁ ଜୁନିଅର ଇଞ୍ଜିନିୟର ପଦବୀଧାରୀ ଥିଲେ ସେମାନଙ୍କର ସିନିୟରଟି ଜୁନିଅର ଇଞ୍ଜିନିୟର ଭାବେ ନିଯୁକ୍ତ ଦିନଠାରୁ ନିଆଯିବ । ସବ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ପଦବୀରେ ଥାଇ AMIE ପାସ୍ କରିଥିବା ଜୁନିଅର ଇଞ୍ଜିନିୟର ମାନଙ୍କର ତାଙ୍କର ପାସ କରିଥିବା ତାରିଖରୁ ସିନିଅରଟି ନିଆଯିବ । ଗୋଟିଏ ବର୍ଷ ଭିତରେ (Calender Year) କଲେଜ୍ ଫେରନ୍ତା ଇଞ୍ଜିନିଅରିଂ ଗ୍ରାଜୁଏଟ୍ ଏବଂ ସବ୍ ଆସିଷ୍ଟାଣ୍ଟ ଚାକିରୀରେ ଥାଇ AMIE ପାସ କରିଥିବା ଜୁନିଅର ଇଞ୍ଜିନିଅର ମାନଙ୍କ ମଧ୍ୟରେ ସିନିଅରଟି ପାଇଁ ଆଗ AMIE ପାସ କରିବା ଇଞ୍ଜିନିଅର ମାନଙ୍କ ନାମ ରହିବ । ଏହି ନିୟମ ପ୍ରଣୟନ ଫଳରେ ୧୯୬୬, ୧୯୬୭ରେ ପାସ କରିଥିବା ଗ୍ରାଜୁଏଟ ଇଞ୍ଜିନିଅର ମାନଙ୍କ ନାମ ତଳେ ମୋର ନାମ ରହିଲା ଯେହେତୁ ମୋର ପରୀକ୍ଷା ଫଳ ୩୧.୧.୧୯୬୯ରେ ବାହାରିଥିଲା । ମୁଁ ୧୯୬୧ ମସିହାରୁ ଓଭରସିଅର ଚାକିରୀ ଆରମ୍ଭ କରିଥିଲେ ମଧ୍ୟ ୯ ବର୍ଷର ଚାକିରୀ କାଳ ସିନିୟରଟି ପାଇଁ କୌଣସି ବିଚାର ପରିସରକୁ ଆସିଲା ନାହିଁ ।

Digitized by srujanika@gmail.com

ରାଜ୍ୟ ସରକାରଙ୍କ ଅଧୀନରେ ବିଧିବଦ୍ଧ ଇଞ୍ଜିନିଅରିଂ ବିଭାଗ ହେଉଛି ରାସ୍ତାଗୃହ (R & B), ଜଳସେଚନ (Irrigation),ଜନସ୍ୱାସ୍ଥ୍ୟ (P.H) ଏବଂ ବିଦ୍ୟୁତ୍ ବିଭାଗ (Electrical) । ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରେ (R.E.O) ରେ ଏସ୍.ଏ.ଇ କ୍ୟାଡର କିମ୍ବା ସହକାରୀ ଯନ୍ତ୍ରୀ କ୍ୟାଡ଼ର ନଥିଲା । ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା, ରାସ୍ତା ଓ ଗୃହ ଏବଂ ଜଳସେଚନ ବିଭାଗରୁ ସବ୍‌ଆସିଷ୍ଟାଣ୍ଡ ଇଞ୍ଜିନିଅର ଓ ଆସିଷ୍ଟାଣ୍ଟ ଇଞ୍ଜିନିଅର ଡେପୁଟେସନ୍‌ରେ ନେଉଥିଲେ । ମାତ୍ର ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ମୂଳରୁ କିଛି ଏସ୍.ଏ.ଇ ନିଯୁକ୍ତି ଦେଇଥିଲା । ବାଞ୍ଛାନିଧି ସାହୁ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାର ଚିଫ୍ ଇଞ୍ଜିନିୟର ଥିବା ସମୟରେ କେତେକ ଗ୍ରାଜୁଏଟ ଇଞ୍ଜିନିଅର ଜୁନିୟର ଇଞ୍ଜିନିଅର ଭାବରେ ମଧ୍ୟ ନିଯୁକ୍ତି ପାଇଥିଲେ । ନିର୍ମାଣ ବିଭାଗ, ଜଳସେଚନ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ନିଜ ନିଜର ଜୁନିୟର ଇଞ୍ଜିନିୟର କ୍ୟାଡ଼ର ସୃଷ୍ଟିକଲେ । ଜୁନିୟର ଯନ୍ତ୍ରୀଙ୍କର ମଧ୍ୟ କ୍ରମ ତାଲିକା ତିଆର ହେଲା । ମାତ୍ର ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ନିଜର ଜେ.ଇ. କ୍ୟାଡ଼ର ସୃଷ୍ଟି କରି ପାରିଲା ନାହିଁ ।

କ୍ୟାଡ଼ର ଥିବା ବିଭାଗରେ ସିନିୟରିଟି

ଏହା ପୂର୍ବରୁ ବର୍ଣ୍ଣିତ ହୋଇଥିବା ୧୯୬୭ ମସିହାରେ ପାସ କରିଥିବା ଇଞ୍ଜିନିଅରିଂ ଗ୍ରାଜୁଏଟ ମାନଙ୍କ ପାଇଁ ଯୋଜନା ଓ ସମନ୍ୱୟ ବିଭାଗ (Planning of Co-ordination Dept.)ରୁ ପ୍ରସ୍ତୁତ ତାଲିକାରୁ ବିଭିନ୍ନ ବିଭାଗକୁ ଯାଇଥିବା ଇଞ୍ଜିନିଅରମାନଙ୍କର ସମସ୍ୟା କିଛି ରହିଲା । ତାହା ହେଲା ପ୍ଲାନିଂ ବିଭାଗର ପ୍ରଥମ ଦଫାରେ ଗ୍ରାଜୁଏଟ ଇଞ୍ଜିନିୟରମାନେ ମାପ ଓ ଓଜନ ବିଭାଗକୁ ସିନିୟର ଇନସ୍‌ପେକ୍ଟର ନିଯୁକ୍ତ ହୋଇ ଯାଇଥିଲେ । ତା'ପରେ କିଛି ଗ୍ରାଜୁଏଟ ଇଞ୍ଜିନିୟର ଗଲେ ବାଲିମେଳା ପ୍ରୋଜେକ୍ଟକୁ । ଏହିପରି ଭାବରେ ଅନେକ ଗ୍ରାଜୁଏଟ ଇଞ୍ଜିନିୟର ବିଭିନ୍ନ ବିଭାଗ ଓ ସଂସ୍ଥାକୁ ଗଲେ । ବାଲିମେଳାର କାମ ସରିଯିବାରୁ କିଛି ବର୍ଷପରେ ଏହି ଗ୍ରାଜୁଏଟମାନେ ପୁଣି ବେକାର ହେଲେ । ଏମାନଙ୍କୁ ପ୍ଲାନିଙ୍ଗ ସେଲ୍ ନିଯୁକ୍ତି ଦେଲା ରାସ୍ତା ଓ ଗୃହ ଏବଂ ଜଳସେଚନ ବିଭାଗରେ ୧୯୭୦ ମସିହାରେ । ଅନେକେ ଅଣଇଞ୍ଜିନିୟରିଂ ବିଭାଗରେ ରହି ସେମାନଙ୍କୁ ସେ ଚାକିରି ଭଲ ନ ଲାଗିବାରୁ ରାସ୍ତା ଓ ଗୃହ, ଜଳସେଚନ ବିଭାଗକୁ ଦରଖାସ୍ତ କରି ଫେରିଲେ । କାରଣ ସେ ସମୟକୁ ଏହି ଇଞ୍ଜିନିଅରିଂ ବିଭାଗ ଦ୍ୱୟରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେଲା । ମାପ ଓଜନ ବିଭାଗରେ ରହିଥିବା ସିନିୟର ଇନସ୍‌ପେକ୍ଟରମାନେ ବିଭାଗୀୟ ସଚିବଙ୍କୁ ଅନୁରୋଧ କରି ଇଞ୍ଜିନିଅରିଂ କ୍ୟାଡର ଥିବା

Digitized by srujanika@gmail.com

ବିଭାଗକୁ ଯଥା ରାସ୍ତା ଓ ଗୃହ ଏବଂ ଜଳସେଚନନ କୁ ମଧ୍ୟ ଫେରିଲେ । ମାତ୍ର ଏମାନେ ଯୋଗଦେବା ବେଳେ ଯୋଜନା ଓ ସମନ୍ବର ମୂଳପାନେଲରେ ତଳେ ଥିବା ଗ୍ରାଜୁଏଟମାନେ ବାଲିମେଳାରୁ ଫେରି ଉପରେ ରହିଗଲେ କାରଣ କ୍ୟାଡରରେ ଯୋଗଦେବା ଦିନଠୁଁ ହିଁ ସିନିୟରିଟି ଗଣାହେଲା । ଏଠି ମୂଳ ପାନେଲର ସିନିଅରଟିର ପ୍ରଶ୍ନ ନଥିଲା । ତେଣୁ ଏହି ସିନିଅରଟି ପାଇଁ ସବୁ ଅଶାନ୍ତିର ସୂତ୍ରପାତ ହେଲା । କୋର୍ଟରେ ବିଭିନ୍ନ ମକଦ୍ଦମା କରାଗଲା । ଏଠି ଜଣକ କଥା କହୁଛି । ଲୋକନାଥ ନନ୍ଦ (ଛଦ୍ମନାମ) । ମାପ ଓ ଓଜନ (Weight & Measures) ବିଭାଗରେ ପି ଆଣ୍ଡ୍ ସି ଚିଠା ଅନୁଯାୟୀ ଯୋଗ ଦେଇଥିଲେ । ସେ ଉଠା ଜଳସେଚନ ବିଭାଗକୁ ନିଜ ଇଚ୍ଛାକ୍ରମେ ଆସି ସେହି ପୁରୁଣା ପି ଆଣ୍ଡ ସି ର ସିନିଅରଟି ଦାବୀ କଲେ । ସରକାରୀ ସ୍ତରରେ ତାହା ଗ୍ରହଣ ନହେବାରୁ ଓଡ଼ିଶା ହାଇକୋର୍ଟରେ କେଶ କଲେ । କୋର୍ଟ କହିଲେ "ଉଠା ଜଳସେଚନ ବିଭାଗରେ ଯୋଗଦେବା ଦିନଠାରୁ ସିନିଅରଟି ଗଣା ହେବ । ଅତୀତର ଇତିବୃତ୍ତି ଏଠି କାମ କରିବ ନାହିଁ । ଚାକିରୀରେ ସିନିଅରଟି ଏକ ମୁଖ୍ୟ ଅଂଶ । ବହୁତ କିଛି ସୁବିଧା ସୁଯୋଗ ଏହି ସିନିଅରଟିରୁ ହିଁ ମିଳିଥାଏ" ।

ଆଉ ଜଣଙ୍କ କଥା ଉଲ୍ଲେଖ କରୁଛି । ତାଙ୍କ ନା ବିନୟ ଦାସ (ଛଦ୍ମ ନାମ) । ସେ ଡିପ୍ଲୋମା ପାସ କରି ରାଜ୍ୟ ସରକାରଙ୍କ ଅଧୀନରେ ୧ ବର୍ଷ ଓଭରସିଅର ହୋଇ କାମ କଲେ । ତା'ପରେ ଇସ୍ତଫା ନେଇ ଏ.ଏମ୍. ଆଇ ପଢ଼ିବାକୁ ମାଡ୍ରାସ ଗଲେ । ପାସ କରି ଆସିଲା ବେଳକୁ ଚାକିରି ନାହିଁ । ଏହି ସମୟରେ ଦ୍ରୁତିମାର୍ଗ (Express-way) ର ମାଟି ପରୀକ୍ଷା ଗବେଷଣା ଗାରରେ କିଛି ଜୁନିୟର ଇଂଜିନିୟର ଦରକାର ପଡ଼ିଲା । ବିନୟ ଏହି ସଂସ୍ଥାରେ ୨ବର୍ଷ କାମ କଲେ । କାମ ସରିଯିବାରୁ ଛଟେଇ ହେଲେ । ତା'ପରେ ତାଙ୍କ ନା ରେଜେଷ୍ଟ୍ରି ହେଲା ଯୋଜନା ଓ ସମନ୍ୱୟ ବିଭାଗ ସେଲ୍‌ରେ । ସେ ପାନେଲରୁ ନିଯୁକ୍ତ ପାଇଲେ ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ (Soil conservation Dept.) ରେ ଜୁନିଅର ଇଞ୍ଜିନିଅର ହୋଇ । ପ୍ରାୟ ଦୁଇବର୍ଷ କାମ କଲାପରେ ସେ ଦରଖାସ୍ତ କରି ରାସ୍ତା ଓ ଗୃହ ବିଭାଗକୁ ଆସିବାକୁ ଚାହିଁଲେ । ମୁଖ୍ୟ ଯନ୍ତ୍ରୀ (ରାସ୍ତା ଓ ଗୃହ) ତାଙ୍କ ନିଯୁକ୍ତି ପତ୍ରରେ ସଫା ଲେଖିଲେ ଯେ "ଯେହେତୁ ସେ ନିଜ ଇଚ୍ଛାରେ ଆସୁଛନ୍ତି, ସେ ତାଙ୍କ ପୂର୍ବ ଚାକିରୀର ସିନିଅରଟି ଏଠାରେ ଦାବୀ କରିପାରିବେ ନାହିଁ" । ସେ ମୁଖ୍ୟଯନ୍ତ୍ରୀ (ରାସ୍ତା ଓ ଗୃହ) [C.E. (R & B)] ଅଫିସରେ କିଛି ଦିନ କାମ କଲାପରେ ତାଙ୍କ ସିନିଅରଟି ଦାବୀ ଉତ୍‌ଥାପନ କଲେ । ତାଙ୍କର ଜୁନିଅର ଇଞ୍ଜିନିଅର

Digitized by srujanika@gmail.com

କ୍ୟାଡ଼ର ତାଲିକାରେ (୧.୧.୭୨ରେ ପ୍ରସ୍ତୁତ) ପୋଜିସନ ଥିଲା ୯୫ । ମାତ୍ର ବିନୟଙ୍କର ସିନିଅରଟି ଦାବୀକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ରଖିଲେ ୩୪ ରେ । ତାଙ୍କ ଚାକିରୀର ଇତିହାସ ଥିଲା ଏହିପରି:—

ପାଠ ପଢ଼ିବାକୁ ଯିବାବେଳେ ବିନୟଙ୍କର ଇସ୍ତଫା ଗୃହୀତ ହୋଇନଥିଲା । ତେଣୁ ମାଡ୍ରାସରେ ପଢ଼ିବା ସମୟକୁ ବିଧିବଦ୍ଧ ସରକାରୀ ଚାକିରୀରେ ଅଛନ୍ତି ବୋଲି ଗଣା ହେଲା । ସରକାରଙ୍କ ନନ୍‌କ୍ୟାଡ଼ର ବିଭାଗର ଚାକିରୀ ମଧ୍ୟ ପୁରାପୁରି ସରକାରୀ କାର୍ଯ୍ୟ । ନିର୍ମାଣ ବିଭାଗର ଘୋର ବିରୋଧ ସତ୍ତ୍ୱେ ବିଧି ବିଭାଗ ମତ ଦେଲେ ଯେ ସରକାରଙ୍କ ଯେ କୌଣସି ବିଭାଗରେ ଜୁନିୟର ଇଞ୍ଜିନିୟର ହୋଇ କାମ କରିଥିଲେ ସେହିଦିନଠାରୁ କ୍ୟାଡ଼ର ବିଭାଗରେ ସେହି ସିନିଅରଟି ଗଣାହେବ । ତେଣୁ ବିନୟ ଯେଉଁଦିନ ଯୋଗ ଦେଇଥିଲେ ସେହିଦିନ ଠାରୁ ସିନିଅରଟି ଗଣତି ହେବାରୁ ତାଙ୍କ ସ୍ଥିତିର ଉନ୍ନିତ ହେଲା ୬୭କୁ । ପୁଣି ତାଙ୍କର ପୁରୁଣା ଚାକିରୀ ଯୋଗ ହେବାରୁ ଏବଂ ତ୍ୱରିତମାର୍ଗରେ ଜେ.ଇ. ହୋଇ କାମ କରିଥିବାରୁ ସାପ ନେଉଳ ନ୍ୟାୟରେ ସ୍ଥିତି ପୁନରାୟ ଉନ୍ନିତ ହେଲା ୩୪କୁ ।

ରାସ୍ତା ଓ କୋଠାବାଡ଼ି ବିଭାଗର ଜଣେ ଜୁନିୟର ଇଞ୍ଜିନିଅର ଉପରୋକ୍ତ ବିନୟଙ୍କ ସିନିଅରଟି ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟରେ କେଶ କଲେ । ପରେ ଏହି ମକଦ୍ଦମା ଓଡ଼ିଶା ଷ୍ଟେଟ୍ ଆଡମିନିଷ୍ଟ୍ରେଟିଭ ଟ୍ରିବୁନାଲ୍‌କୁ ଆସିଲା । ମାଡ୍ରାସ୍‌ରେ ପଢ଼ିବା ସମୟକୁ ଇସ୍ତଫା ଭାବେ ଗ୍ରହଣ ନକରି ଅବୈତନିକ ଛୁଟି ହିସାବକୁ ଟ୍ରିବୁନାଲ ନାକଚ କରିଦେବାରୁ ସିନିୟରଟି ୩୪ରୁ ପୁଣି ଖସି ଆସିଲା ୬୭କୁ । ମାତ୍ର ସେ ସରକାରୀ ନନ୍ କ୍ୟାଡ଼ର ବିଭାଗରେ ଜେ.ଇ. ହୋଇ ଯୋଗ ଦେଇଥିଲେ ମଧ୍ୟ ଇଞ୍ଜିନିଅରିଂ କ୍ୟାଡ଼ର ବିଭାଗରେ ପରେ ଯୋଗ ଦେଲେ ବି ସେହିଦିନଠାରୁ ସିନିଅରଟି ଗଣା ହେବା ନିଷ୍ପତ୍ତି କାଏମ ରହିଲା । ଟ୍ରିବୁନାଲଙ୍କ ଏହି ନିଷ୍ପତ୍ତି ବିରୁଦ୍ଧରେ ଆଉ ଅପିଲ ହେଲା ନାହିଁ । କାରଣ କେଶ୍ କରିଥିବା ବ୍ୟକ୍ତିଙ୍କ ସ୍ଥିତି ୬୭ ଠାରୁ ଉର୍ଦ୍ଧ୍ୱରେ ଥିଲା । ସେ ବ୍ୟକ୍ତିଗତ ଭାବେ କ୍ଷତିଗ୍ରସ୍ତ ହେଉନଥିବା ହେତୁ ଅପିଲ କଲେ ନାହିଁ ।

ନିର୍ମାଣ ବିଭାଗର ଆଉଜଣେ ଜୁନିଅର ଇଞ୍ଜିନିଅର ଏହି ବିନୟ ଦାସଙ୍କ ଉଦାହରଣ ଦେଇ ସେ କୃଷି ବିଭାଗରେ ଜେ.ଇ. ହୋଇ ଯୋଗଦେବା ଦିନଠାରୁ ତାଙ୍କ ସିନିଅରଟି ବଳବତ୍ତର ହେଉ ବୋଲି ପ୍ରାର୍ଥନା କଲେ । ମାତ୍ର କେଇଜଣ ତା ବିରୁଦ୍ଧରେ ସରକାରଙ୍କୁ ଲେଖିଲେ । ୧୯୯୨ରେ ଆଉ ଗୋଟିଏ ଓଡ଼ିଶା ଷ୍ଟେଟ୍ ଆଡମିନିଷ୍ଟ୍ରେଟିଭ ଟ୍ରିବୁନାଲ୍‌ରେ କେଶ୍ କରାଗଲା । ଯାହାର ବିଷୟବସ୍ତୁ ହେଲା "ଓଡ଼ିଶା ସରକାରଙ୍କ

Digitized by srujanika@gmail.com

କୌଣସି କ୍ୟାଡ଼ର ବିହୀନ ସରକାରୀ ସଂସ୍ଥାରୁ ଜଣେ ଜେ.ଇ. ଭାବେ ନିଯୁକ୍ତି ପାଇ ପରେ ଇଞ୍ଜିନିଅର କ୍ୟାଡ଼ର ଥିବା ବିଭାଗକୁ ଆସିଲେ ପୂର୍ବ ଚାକିରି ବଳରେ ନୂତନ ଚାକିରୀରେ ସିନିଅରଟି ପାଇବେ କି ?" ଏହି କେଶଟି ବୋଧହୁଏ ଏ ପର୍ଯ୍ୟନ୍ତ ଅମୀମାଂସିତ ହୋଇ ପଡ଼ିଛି । ୧୯୮୦ ମସିହାରେ ଜୁନିୟର ଇଞ୍ଜିନିୟର କ୍ୟାଡର ଉଠିଗଲା । ସେହି ପୂର୍ବତନ ଜୁନିୟର ଇଞ୍ଜିନିୟର ଏବଂ କ୍ୟାଡରରୁ ପଦୋନ୍ନତି ପାଇଥିବା ସମସ୍ତ ଇଞ୍ଜିନିୟର ଅବସର ନେଲେଣି । ପ୍ରଥମରୁ ଥିବା ଓଭରସିଅର ପଦବୀ ଓ ପରେ ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର (୧୯୬୭) ପଦକୁ ନାମିତ ହୋଇଥିବା ଉକ୍ତ କ୍ୟାଡର ଏବେ ଜୁନିଅର ଇଞ୍ଜିନିଅର ନାମକୁ ବଦଳି ଗଲାଣି । ୧୯୯୧ ସେପ୍ଟେମ୍ବର ମାସରେ ମୁଁ ନୟାଗଡ଼ ସବ୍ ଡିଭିଜନରୁ ବଦଳି ହୋଇ ବି.ଡ଼ି.ଏରେ ଯୋଗଦେଲି । ମୋର ସାଥୀ ଯୁଧିଷ୍ଠିର ଶତପଥି ମଧ ଢେଙ୍କାନାଳ ପ୍ରୋଜେକ୍ଟ ଡିଭିଜନ୍‌ରୁ ମୁଖ୍ୟ ଯନ୍ତ୍ରୀ (ଗ୍ରାମ୍ୟ ରାସ୍ତା) [C.E. (R.W.)] ଅଫିସ୍‌ରେ ଯୋଗଦେଲେ । ଥରେ ଦୁହେଁ ନିର୍ମାଣ ବିଭାଗରେ ବସି ଥିବାବେଳେ ଶୁଣିବାକୁ ପାଇଲୁ ଯେ ଅତୀତରେ ମାପ ଓ ଓଜନ ବିଭାଗରେ ସିନିଅର ଇନ୍‌ସପେକ୍ଟର ଭାବେ କାମ କରିଥିବା କିଛି ଇଞ୍ଜିନିଅରିଂ ଗ୍ରାଜୁଏଟ ଯେଉଁମାନେ କି ନିର୍ମାଣ ବିଭାଗରେ ବର୍ତ୍ତମାନ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ କାମ କରୁଅଛନ୍ତି ପୁରୁଣା ସିନିଅରଟି ପାଇବା (Weight and measurs Dept. ରେ ଯୋଗଦେବା ଦିନ ଠାରୁ) ପାଇଁ ଟ୍ରିବୁନାଲରେ କେଶ କରିଛନ୍ତି । କେଶରେ ବିରୁଦ୍ଧ ପକ୍ଷ ହେଉଛନ୍ତି ରାଜ୍ୟ ସରକାର ଏବଂ ଆଉ ଜଣେ ଇଞ୍ଜିନିୟର । ପ୍ରକୃତ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ପକ୍ଷ ନକରି ଏପରି ଜଣେ ବ୍ୟକ୍ତିଙ୍କୁ ପାର୍ଟି କରାଗଲା, ଯଦ୍ୱାରା ଏ କେଶର ଫଳାଫଳ ଯାହାହେଲେ ମଧ ତାଙ୍କର କିଛି କ୍ଷତି ହେବ ନାହିଁ । ଅତୀତରେ ହାଇକୋର୍ଟ ନିଷ୍ପତ୍ତି ଦେଇଥିଲେ ମଧ ଟ୍ରିବୁନାଲରେ ଏକାପରି କେଶ ଦାଖଲ କରାଗଲା । ଯୁଧିଷ୍ଠିର ଏ କେଶରେ ବାଦୀ (Intervenor) ହେବାକୁ ଟ୍ରିବୁନାଲରେ ଦରଖାସ୍ତ କଲେ ଏବଂ ତାଙ୍କର ଦରଖାସ୍ତ ଗ୍ରହଣ ହେଲା । ଏହି ମକଦ୍ଦମାର ରାୟ ଅନେକ ବର୍ଷ ପରେ ବାହାରିଲା ଏବଂ ଏ କେଶରେ ଯୁଧିଷ୍ଠିର ଜିତିଲେ । ରାୟ ବାହାରିଲା ବେଳକୁ ମୁଁ ଅବସର ନେଇ ସାରିଲିଣି ।

REO ସମସ୍ୟା :

ଜୁନିୟର ଇଞ୍ଜିନିୟର କ୍ୟାଡର ଗଠନ ପରେ ନିର୍ମାଣ ବିଭାଗରେ ସହକାରୀ ଯନ୍ତ୍ରୀ ପଦପାଇଁ ଆମେ ପ୍ରମୋସନ ପାଇବା କଥା । ମାତ୍ର ଏଇଠି ଗୋଟିଏ ବଡ଼ ସମସ୍ୟା ସୃଷ୍ଟି ହେଲା, ସରକାରୀ ନିର୍ଦ୍ଦେଶ ଥିଲା ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରୁ (R.E.O) ରୁ ସମସ୍ତ

Digitized by srujanika@gmail.com

ନିର୍ମାଣ ବିଭାଗୀୟ ସହକାରୀ ଯନ୍ତ୍ରୀ ନ ଫେରିବା ପର୍ଯ୍ୟନ୍ତ ନିର୍ମାଣ ବିଭାଗ ପ୍ରମୋସନ ଦେଇପାରିବେ ନାହିଁ । ଏ ସମ୍ବନ୍ଧରେ ଏକ ବିସ୍ତୃତ ବିବରଣୀ :

ଯୋଜନା ଏବଂ ସମନ୍ୱୟ ବିଭାଗରେ ୧୯୬୨ରେ ଆର୍.ଇ.ଓ ସୃଷ୍ଟି ହେଲା । ଆଗରୁ ରେଭେନ୍ୟୁ ଏବଂ ଅନ୍ୟାନ୍ୟ ସରକାରୀ ବିଭାଗରେ ହେଉଥିବା ସାନ ସାନ ରାସ୍ତା, ଛୋଟ ଜଳସେଚନ ଡ୍ୟାମ ଇତ୍ୟାଦି ଏହି ଯୋଜନା ଏବଂ ସମନ୍ୱୟ ବିଭାଗକୁ ଚାଲି ଆସିଲା । ଏହି ବିଭାଗରେ ନିଜର ସ୍ୱତନ୍ତ୍ର କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ ନଥିବାରୁ ଏମାନେ ପୂର୍ବର ଜଳସେଚନ ଓ ନିର୍ମାଣ ବିଭାଗରୁ ଡେପୁଟେସନ୍‌ରେ ଇଞ୍ଜିନିୟର ଆଣି କାମ କରାଉଥିଲେ । ବାଞ୍ଛାନିଧି ସାହୁ ଆର୍.ଇ.ଓରେ ମୁଖ୍ୟ ଯନ୍ତ୍ରୀ ହେଲାପରେ ବ୍ୟାପକ ଅନୁସନ୍ଧାନ କରାଇ ବହୁତ କିଛି ମାଇନର୍ ଇରିଗେସନ୍ ୱାର୍କସର ଯୋଜନା ଆରମ୍ଭ କଲେ । ତାଙ୍କ ପରେ ଆର୍ତ୍ତବନ୍ଧୁ ମହାନ୍ତି ମୁଖ୍ୟ ଯନ୍ତ୍ରୀ ହୋଇ ଆସିବାରେ ଆର୍.ଇ.ଓ ଅତି ବଡ଼ ସଂସ୍ଥା ହୋଇ ବହୁତ କିଛି ଉନ୍ନୟନମୂଳକ କାମ କଲା । କହିବାକୁ ଗଲେ ଓଡ଼ିଶାରେ ଏପରି ଏକ ସ୍ଥାନ ରହିଲା ନାହିଁ ଯେଉଁଠି ଆର୍.ଇ.ଓ ତାର ସର୍ଭେ କାମ କରିନାହିଁ । ସମୟ କ୍ରମେ ଆର୍.ଇ.ଓ ନିଜେ କିଛି ଓଭରସିଅର ସାଙ୍ଗକୁ କଲେଜ ଫେରନ୍ତା ଗ୍ରାଜୁଏଟ ଇଞ୍ଜିନିଅରଙ୍କୁ ସିଧା ସଳଖ ନିଯୁକ୍ତି ଦେଇଥିଲା । ୧୯୭୨ ରେ ନୂତନ ଭାବେ ଗଠିତ ଜୁନିଅର ଇଞ୍ଜିନିଅର କ୍ୟାଡ଼ର ନିୟମାବଳୀ ପ୍ରକାଶ ପାଇଲା । ୧୯୭୧ ମସିହାରୁ ସେକ୍ରେଟାରିଏଟରେ ରୁରାଲ ଡେଭେଲପମେଣ୍ଟ ଡିପାର୍ଟମେଣ୍ଟ ସୃଷ୍ଟି ହେଲା ଏବଂ ଆର୍.ଇ.ଓ ଏହି ବିଭାଗ ଅଧିନକୁ ଯୋଜନା ଏବଂ ସମନ୍ୱୟରୁ ଚାଲି ଆସିଲା । ଯେହେତୁ ଆର୍.ଇ.ଓରେ ଏସ୍.ଏ.ଇ କ୍ୟାଡ଼ର ଓ ସହକାରୀ ଯନ୍ତ୍ରୀ କ୍ୟାଡ଼ର ନାହିଁ ଏଠାରେ ଜେ.ଇ. କ୍ୟାଡର ସୃଷ୍ଟି ହୋଇ ପାରିଲା ନାହିଁ ।

ଗ୍ରାମ୍ୟ ଇଂଜିନୟରିଂ ସଂସ୍ଥାରେ ସିଧାସଳଖ ନିଯୁକ୍ତି ପାଇଥିବା ଏହି ଜେ.ଇ.ମାନେ ଦେଖିଲେ ଯେ ରାସ୍ତା ଓ ଗୃହ ଓ ଜଳସେଚନର ଜେ.ଇ ମାନେ କ୍ୟାଡ଼ର ମୁତାବକ ପ୍ରମୋସନ ପାଇ ସହକାରୀ ଯନ୍ତ୍ରୀ ହୋଇପାରୁଛନ୍ତି, ଅଥଚ ଏମାନଙ୍କ ପାଇଁ ପ୍ରମୋସନ୍‌ର ବାଟ ବନ୍ଦ । ତେଣୁ ଗ୍ରାମ୍ୟ ଇଂଜିନୟରିଂ ସଂସ୍ଥାରେ ୪.୩.୧୯୭୪ ଠାରୁ ଏକ ସ୍ଥାୟୀ ଇଞ୍ଜିନିୟରିଂ କ୍ୟାଡ଼ର କରାଗଲା । ଯାଦ୍ୱାରା ଏସ୍.ଏ.ଇ କ୍ୟାଡ଼ର ଏବଂ ସହକାରୀ ଯନ୍ତ୍ରୀ କ୍ୟାଡ଼ର ସେହିଦିନ ଠାରୁ ବିଧିବଦ୍ଧ ଭାବରେ ଗଠିତ ହେଲା । ଏହି କ୍ୟାଡ଼ର ସୃଷ୍ଟି ବେଳକୁ ଓଡ଼ିଶାରେ ରାଜ୍ୟପାଳ ଶାସନ ଚାଲୁଥିଲା ଏବଂ ରାଜ୍ୟପାଳଙ୍କ ଉପଦେଷ୍ଟା ଥିଲେ ବାଲଚନ୍ଦ୍ରନ ଓ କେ.ଟି. ସତାରୱାଲା । ୪.୩.୧୯୭୪ ର ସିଦ୍ଧାନ୍ତରେ ଉଲ୍ଲେଖ ରହିଲା

Digitized by srujanika@gmail.com

ଯେ ରାସ୍ତା ଓ ଗୃହ ଓ ଜଳସେଚନ ବିଭାଗରୁ ଆସିଥିବା ସମସ୍ତ ଆସିଷ୍ଟାଣ୍ଟ ଇଞ୍ଜିନିଅର ମାନେ ନିଜ ନିଜ ବିଭାଗକୁ ପର୍ଯ୍ୟାୟକ୍ରମେ ଫେରିଯିବେ । ଏହି ବିଭାଗ ଦ୍ୱୟ ନିଜ ନିଜ ବିଭାଗରେ ପଦବି ଖାଲି ହେଉଥିଲେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରୁ ନିଜ ଲୋକ ଫେରାଇ ଆଣିବେ । ସମସ୍ତ ଆସିଷ୍ଟାଣ୍ଟ ଇଞ୍ଜିନିଅର ନ ଫେରିବା ପର୍ଯ୍ୟନ୍ତ ନିଜ ବିଭାଗମାନଙ୍କରେ ସିଧାସଳଖ ନିଯୁକ୍ତି କିମ୍ବା ପଦୋନ୍ନତିରେ କୌଣସି ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀ ପୂରଣ ହେବ ନାହିଁ । ଏହି କ୍ରମରେ ଗ୍ରାମ୍ୟ ଇଂଜିନୟରିଂ ସଂସ୍ଥାରେ ଖାଲି ହେଉଥିବା ପଦବୀରେ ନିଜ ଏସ୍.ଏ.ଇ ଓ ଜେ.ଇଙ୍କୁ ପ୍ରମୋସନ ଦେଇ ରଖିବ" । ଅନ୍ୟ ପକ୍ଷରେ ରାସ୍ତା ଓ ଗୃହ ଓ ଜଳସେଚନ ବିଭାଗରେ ନିଯୁକ୍ତି ସମ୍ପୂର୍ଣ୍ଣ ବାଧା ପାଇଲା । ଏ ପ୍ରକାର ଅସମତାକୁ ଦୂର କରିବା ପାଇଁ Orissa Engineers' Service Association (ସଂକ୍ଷେପରେ O.E.S.A.) ଯେଉଁ ପ୍ରୟାସ କଲା ତହିଁରେ ଗୋଟିଏ ସମାଧାନର ସୂତ୍ର ବାହାରିଲା । ଗ୍ରାମ ଉନ୍ନୟନ ବିଭାଗର ୭.୭.୧୯୭୬ ତାରିଖ ସିଦ୍ଧାନ୍ତରେ ସ୍ଥିର ହେଲା ଯେ ମତାମତ (Option) ଭିତ୍ତିରେ ନିର୍ମାଣ ବିଭାଗ ଓ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଅଧକ୍ଷଣ ଯନ୍ତ୍ରୀ ମାନଙ୍କ ଠାରୁ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରେ ସ୍ଥାୟୀ ଭାବରେ ରହିବା ପାଇଁ ମତାମତ ଗ୍ରହଣ ପରେ ସମସ୍ତଙ୍କୁ ନେଇ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ଏକ ପୂର୍ଣ୍ଣାଙ୍ଗ କ୍ୟାଡ଼ର ହେବ । ଏହି ମତ ଆହ୍ୱାନକୁ ସମ୍ମାନ ଦେଇ ନିର୍ମାଣ ବିଭାଗରୁ ମୋଟ୍ ୯୭ ଜଣ (A.E. ୮୨, E.E. ୧୪ ଓ S.E. ୩) ଏବଂ ଜଳସେଚନ ବିଭାଗରୁ ମୋଟ ୧୩ ଜଣ (E.E. ୧୧ ଓ S.E. ୨) ଇଚ୍ଛା ପ୍ରକାଶ କରିଥିଲେ । ଏହି ପ୍ରକାର ନିଷ୍ପତ୍ତିକୁ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାର ସିଧାସଳଖ ନିଯୁକ୍ତ ଇଞ୍ଜିନିୟରମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ । ତେଣୁ ସେମାନେ ମୂଳ Orissa Engineers' Service Associationରୁ ଅଲଗା ହୋଇ "R.E.O. Engineers' Service Association" (ସଂକ୍ଷେପରେ REOES) ନାମରେ ଏକ ନୂଆ ଆସୋସିଏସନ କରି ତାର ମାଧ୍ୟମରେ ବିଭିନ୍ନ ଚିଠିପତ୍ର ସରକାରଙ୍କୁ ଲେଖିଲେ । ମୂଳ OESA, ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କ୍ୟାଡ଼ର କିପରି ମୂଳ ବିଭାଗରୁ ଲୋକ ନେଇ ଗଠିତ ହେବ, ତାର ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହେବ, ଚେଷ୍ଟା କଲା ।

ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାର ଜଣେ ଜୁନିଅର ଏହି ସମୟରେ ଓଡ଼ିଶା ହାଇକୋର୍ଟରେ ଗୋଟିଏ କେଶ କଲେ (O.J.C. 257 of 1975) । ସେ ପ୍ରାର୍ଥନା କଲେ ଯେ ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ନିର୍ମାଣ ବିଭାଗ ଓ ଜଳସେଚନ ବିଭାଗ ନିଜ

Digitized by srujanika@gmail.com

ବିଭାଗର ପଦବୀ ଖାଲିଥିବା ସତ୍ତ୍ୱେ ନିଜର ସହକାରୀ ଯନ୍ତ୍ରୀଙ୍କୁ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରୁ ଫେରାଇ ଆଣୁ ନାହାନ୍ତି । ଅନ୍ୟ ପକ୍ଷରେ ସରକାରୀ ନିର୍ଦ୍ଦେଶ ନମାନି ସହକାରୀ ଯନ୍ତ୍ରୀ ନିଯୁକ୍ତ କରୁଛନ୍ତି । ଶେଷ ସରକାରୀ ନିଷ୍ପତ୍ତି ଯଥା ମତାମତ (option) ମାଗିବା କଥା, କୋର୍ଟଙ୍କୁ ଜଣାଇଲେ ନାହିଁ । ଏହି କେଶ୍‌ରେ ସରକାରଙ୍କ ବ୍ୟତୀତ ଆଉ କେହି ବିରୋଧି ପକ୍ଷ ନଥିଲେ । ସରକାରୀ ଓକିଲ ସରକାରଙ୍କ ଶେଷ ନିଷ୍ପତ୍ତି ମଧ କୋର୍ଟଙ୍କୁ ଜଣାଇଲେ ନାହିଁ । କୋର୍ଟ ଜଜ୍‌ମେଣ୍ଟ ଦେଲେ ଯେ ନିର୍ମାଣ ବିଭାଗ ଓ ଜଳସେଚନ ବିଭାଗ ଯଥା ଶୀଘ୍ର ଶୁନ୍ୟ ପଦବୀ ବଦଳରେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରୁ ଲୋକ ଫେରାଇ ଆଣିବେ ଏବଂ ପୁରା ଶୂନ୍ୟ ନକଲା ପର୍ଯ୍ୟନ୍ତ ଅନ୍ୟ କୌଣସି ଉପାୟରେ ଯଥା ପଦୋନ୍ନତି କିମ୍ୱା ସିଧା ସଳଖ ନିଯୁକ୍ତି ଦେଇ ପାରିବେ ନାହିଁ । ଏହି ସମୟ ବେଳକୁ ପୂର୍ତ୍ତ ବିଭାଗରେ ସମସ୍ତଙ୍କର ଚେତା ପଶିଲା ଏବଂ କଣ କରାଯିବ ବୋଲି ବିଚାର ଚାଲିଲା । ନିର୍ମାଣ ବିଭାଗରେ ସହକାରୀ ଯନ୍ତ୍ରୀ ପଦ ଖାଲି ହେବାରୁ କିଛି ଗ୍ରାଜୁଏଟ ଇଞ୍ଜିନିଅରମାନଙ୍କୁ ଜେ.ଇ ଏସ୍.ଡି.ଓ. ଭାବରେ ରଖାଗଲା । ଏମାନଙ୍କୁ ମାତ୍ର ଟ.୬୫/- ଅଧିକ ଭତ୍ତା ଆକାରରେ ଦିଆଗଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାର ଇଞ୍ଜିନିଅରମାନେ ତାଙ୍କ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍‌ସିପାତ୍ରଙ୍କୁ ହାଇକୋର୍ଟ ଜଜ୍‌ମେଣ୍ଟ କଥା କହିଲେ । ହାଇକୋର୍ଟ ଜଜ୍‌ମେଣ୍ଟ ପୂର୍ବରୁ ପୂର୍ତ୍ତ ବିଭାଗର କେତେଜଣ ବକ୍‌ସିପାତ୍ରଙ୍କୁ ଭେଟି ମତାମତ (option) କଥା ଫାଇନାଲ କରବାକୁ କହନ୍ତେ ସେ କହିଥିଲେ "ଆମେ ଏତେ ଶିଘ୍ର ବଛାବଛି କରିପାରିବୁ ନାହିଁ । ଇଚ୍ଛା ପ୍ରକାଶ କରିଥିବା ଇଞ୍ଜିନିଅର ମାନଙ୍କ ଜନ୍ମତାରିଖ ଦେଖି ବାଛିବୁ ।" ହାଇକୋର୍ଟ ଜଜ୍‌ମେଣ୍ଟର କେତେଦିନ ପରେ ମାନ୍ୟବର ବକ୍‌ସିପାତ୍ରଙ୍କୁ ପୁଣି ସେମାନେ ଭେଟିଥିଲେ ତାଙ୍କ ସରକାରୀ ବଙ୍ଗଳାରେ ତାଙ୍କ ସମସ୍ୟାର ସମାଧାନ ପାଇଁ । ସେତେବେଳକୁ ତାଙ୍କ ପାଖକୁ ଆଡ଼ଭୋକେଟ ଜେନେରାଲ୍‌ଙ୍କ ନିକଟରୁ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ସମନ୍ଧୀୟ ଗୋଟିଏ ଫାଇଲ୍ ଆସିଥିଲା । ସେ ଫାଇଲ୍ ପଢ଼ି ଉତ୍‌କ୍ଷିପ୍ତ ହୋଇ କହିଲେ 'ତମେମାନେ ଆଡ୍‌ଭୋକେଟ ଜେନେରାଲ୍‌ଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛ' (You people have gone to the extent of influencing the Advocate General) । ଏହାର ବିନମ୍ର ଉତ୍ତର ଦେଲେ ସାଙ୍ଗରେ ଯାଇଥିବା ଯୁଧିଷ୍ଠିର ଶତପଥି । ସେ କହିଲେ "ମାନ୍ୟବର ମନ୍ତ୍ରୀ ନିଜେ ଜଣେ ଆଇନ ସ୍ନାତକ (Law graduate) ଏବଂ ଆଇନ ସମନ୍ଧୀୟ ବିଷୟ ଆପଣଙ୍କୁ ବେଶ ଭଲ ଜଣା । Learned Advocate General ଙ୍କୁ ଆଇନ ସମନ୍ଧରେ ପ୍ରଭାବିତ କରିବାର କୌଣସି

Digitized by srujanika@gmail.com

ଦକ୍ଷତା ଆମର ନାହିଁ । ଆମେ କେବଳ ଆମର ସମସ୍ୟା ଯେଭଳି ଆପଣଙ୍କୁ ଜଣାଉଛୁ, ସେହି ପରି ତାଙ୍କୁ ଜଣାଇଥିଲୁ ଓ ଆମ ପାଇଁ ନ୍ୟାୟ ମାଗିଥିଲୁ ।"

O.S.E.A ମାଧ୍ୟମରେ ମୁଁ ଓ ମୋର ବନ୍ଧୁମାନେ ନିର୍ମାଣ ବିଭାଗ ମନ୍ତ୍ରୀ ମାନ୍ୟବର ନଟବର ପ୍ରଧାନଙ୍କୁ ଅନୁରୋଧ କରିବାରେ ସେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ନୀଳମଣି ରାଉତ ରାୟଙ୍କ ଦୃଷ୍ଟିକୁ ଆଣିଲେ । ନଟବର ପ୍ରଧାନଙ୍କୁ ଆମେ ଅତିକମ୍‌ରେ ୮ ଥର ଭେଟିଥିବୁ । ସେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ୩/୪ ଥର କହିଥିବେ ଆମ ସମସ୍ୟା । Orissa Engineer's Service Association ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବାରେ ସେ କହିଲେ "ଚାଲ ଗୋଟିଏ କମିଟି କରିଦେବା, କମିଟି କଣ କହୁଛି, ଶୁଣି ଆମେ ଆମର କାର୍ଯ୍ୟପନ୍ଥା ସ୍ଥିର କରିବା ।" ଏହାପୂର୍ବରୁ ମୁଁ ଓ ମୋର ବନ୍ଧୁମାନେ O.E.S.A ମାଧ୍ୟମରେ ୨ ଥର ଚିଫ୍ ସେକ୍ରେଟେରି କେ. ରାମମୂର୍ତ୍ତିଙ୍କୁ ଭେଟିଥିଲୁ । ତାଙ୍କୁ କହିଥିଲୁ ମତାମତ (Option) ଭିତ୍ତିରେ ଶୀଘ୍ର ଆଇ.ଇ.ଓ. କ୍ୟାଡ଼ର ସମ୍ପୂର୍ଣ୍ଣ କରିବାକୁ । ମାତ୍ର ସେ ସାହାଯ୍ୟ କରିବେ କ'ଣ ଓଲଟି କହିଲେ "ନିର୍ମାଣ ବିଭାଗର ଇଞ୍ଜିନିଅର୍‌ମାନେ କିଛି କାମ କରୁ ନାହାନ୍ତି, ସେମାନେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାକୁ କାହିଁକି ଯିବେ ?" ଏହା ପରଠାରୁ ସର୍ଭିସ୍ ଆସୋସିଏସନ୍ ଚିଫ୍ ସେକ୍ରେଟେରିଙ୍କୁ ଦେଖା କରିବାର ଆବଶ୍ୟକତା ଅନୁଭବ କଲେ ନାହିଁ ।

୯.୮.୧୯୭୮ ମସିହାରେ କମିଟି ଗଠନ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ବାହାରିଲା । ଏଥିରେ ଅର୍ଥବିଭାଗ ସଚିବ ଶୋଭନ କାନୁନଗୋ ଚେୟାରମ୍ୟାନ ରହିଲେ । ଆଇନ୍ ସଚିବ ଡ. ବ୍ରଜନାଥ ମିଶ୍ର ଏବଂ Political & Services Dept. ର ଅତିରିକ୍ତ ସଚିବ ଏ.ଏନ୍. ତିୱାରୀ ସଭ୍ୟ ରହିଲେ । ଶ୍ରୀ ରାମଚନ୍ଦ୍ର ବେଉରିଆ, ଅଣ୍ଡର ସେକ୍ରେଟାରୀ, ପଲିଟିକାଲ୍ ଆଣ୍ଡ୍ ସର୍ଭିସେସ୍ ଡ଼ିପାର୍ଟମେଣ୍ଟ ଏହି କମିଟିର ସଚିବ ରହିଲେ । ଏହି କମିଟି ସଂପୃକ୍ତ ବିଭାଗର ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ମତାମତ ଏବଂ ଦୁଇ Engineer's Service Association ର ବକ୍ତବ୍ୟ ଶୁଣିଲେ ।

ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ସୃଷ୍ଟି ହୋଇଥିଲା ୧୯୬୨ ମସିହାର ଯୋଜନା ଏବଂ ସମନ୍ୱୟ ବିଭାଗ ଆଦେଶନାମାରେ । ୧୯୭୧ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସୃଷ୍ଟି ହେଲା ଏବଂ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ତା ଅଧିନକୁ ଆସିଲା । ନିର୍ମାଣ ବିଭାଗର ୧୯୬୧ ମସିହା ଆଦେଶନାମା ବଳରେ ସ୍ଥିର ହୋଇଥିଲା ଯେ ଯେଉଁ ଯେଉଁ ବିଭାଗକୁ ନିର୍ମାଣ ବିଭାଗ ଓ ଜଳସେଚନ ବିଭାଗ ଡେପୁଟେସନ ଭିତ୍ତିରେ ପଠାଇବ,

Digitized by srujanika@gmail.com

ସେହି ସେହି ବିଭାଗମାନେ ଯେତେବେଳେ ନିଜ ନିଜର କ୍ୟାଡର ଗଠନ କରିବେ ସେତେବେଳେ ଡେପୁଟେସନ୍ ରକିରି ସେହି ବିଭାଗମାନଙ୍କୁ ଚାଲିଯିବ ।

ପୁଂଖାନୁପୁଂଖ ବିଶ୍ଳେଷଣ ପରେ କମିଟି ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କୁ ଭାଙ୍ଗି ନିର୍ମାଣ ଓ ଜଳସେଚନ ବିଭାଗରେ ମିଶାଇ ଦେବାକୁ ପ୍ରସ୍ତାବ ଦେଲେ । ଅନ୍ୟ ଏକ ବିକଳ୍ପ ସିଦ୍ଧାନ୍ତ ଦେଲେ ଯେ ଯଦି ସରକାର ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କୁ ରଖିବାକୁ ଚାହାନ୍ତି ତେବେ ପୂର୍ବରୁ ଦେଇଥିବା ମତାମତ (option) ଭିତ୍ତିରେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କ୍ୟାଡ଼ର ନିୟମାବଳୀ ପ୍ରକାଶ ପାଉ । ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରୁ ନିର୍ମାଣ ବିଭାଗକୁ ଇଞ୍ଜିନିଅର ଫେରାଇବା ନିର୍ଦ୍ଦେଶରେ କମିଟି କହିଲେ ଯେ ସରକାରଙ୍କ ସର୍ବଶେଷ ସିଦ୍ଧାନ୍ତ କୋର୍ଟଙ୍କ ନୋଟିସ୍‌କୁ ଅଣାଯାଇଥିଲେ ରାୟ ହୁଏତ ଅନ୍ୟ କିଛି ହୋଇଥାନ୍ତା । କ୍ୟାଡ଼ର ନିୟମାବଳୀରେ ହାଇକୋର୍ଟଙ୍କ ଆଦେଶ କିଛି ବାଧା ଆଣିବ ନାହିଁ ।

କମିଟିଙ୍କ ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀ ପାଇଲା ପରେ ସେ ଆଦେଶ ଦେଲେ ଯେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କ୍ୟାଡର ରହିବ ଏବଂ ପୂର୍ବ ମତାମତ (option) ଭିତ୍ତିରେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କ୍ୟାଡ଼ର ଗଠନ ହେବ ସମ୍ବିଧାନର ୩୦୯ ଧାରାରେ । ମୁଖ୍ୟ ମନ୍ତ୍ରୀଙ୍କ ଏ ଆଦେଶ କାର୍ଯ୍ୟକାରୀ କରିବାକୁ ଚିଫ୍ ସେକ୍ରେଟାରୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଲେ । ଯେଉଁ ବିଭାଗର କର୍ମକର୍ତ୍ତାମାନେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରୁ ସମସ୍ତ ଯନ୍ତ୍ରୀ ଫେରାଇଦେବାକୁ ଉଦ୍‌ବିଗ୍ନ, ସେହି ବିଭାଗ ପୁଣି ନିୟମ ପ୍ରଣୟନ କରିବ । ଯେତେପ୍ରକାର ବିଳମ୍ବ କରାଯାଇପାରେ, ଗ୍ରାମ୍ୟଉନ୍ନୟନ ବିଭାଗ ସେଥିରେ ହେଳା କଲା ନାହିଁ ।

ଗ୍ରାମ୍ୟଇଂଜିନିୟରିଂ ସଂସ୍ଥାକୁ ଯିବାପାଇଁ ସହକାରୀ ଯନ୍ତ୍ରୀ ପଦବୀରୁ ଜଳସେଚନ ବିଭାଗରେ କାହାରି ମତାମତ ଲୋଡ଼ାଯାଇ ନଥିଲା । ଯେତେବେଳେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା କ୍ୟାଡର ଗଠନ କାର୍ଯ୍ୟ ଆରମ୍ଭ ହେଲା, ସେତେବେଳେ ଜଳସେଚନ ବିଭାଗର କେତେଜଣ ସହକାରୀ ଯନ୍ତ୍ରୀ ଆସୋସିଏସନ୍ ମାଧ୍ୟମରେ ପୁଣି ମତାମତ ସଂଗ୍ରହ କରିବା ପାଇଁ ଚାହିଁଲେ । ତା' ଅର୍ଥ ଦଳେଇ ଆସିଲେ ମୂଳରୁ ଗାଇବା ପରି । ସବୁକାମ ମୂଳରୁ ଆରମ୍ଭ ହେବ ଏବଂ ଏପ୍ରକାର ପ୍ରକ୍ରିୟା କମିଟି ରିପୋର୍ଟର ପ୍ରତିକୂଳ ହେବ । ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ଯେତେ ପ୍ରତିରୋଧ କଲେ ମଧ୍ୟ ଏ ଚିଠି OESA ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ (R.D. Dept.)କୁ ଗଲା । ଏ ପ୍ରସ୍ତାବରେ ଚିଫ ସେକ୍ରେଟାରି ମଧ୍ୟ ଅନୁକୂଳ ମତ ଦେଲେ । ମାତ୍ର ମୁଖ୍ୟମନ୍ତ୍ରୀ ଏ ପ୍ରସ୍ତାବକୁ ମନାକଲେ । କହିଲେ "ପୂର୍ବର

Digitized by srujanika@gmail.com

ମତାମତ ହିଁ ବିଚାରକୁ ନିଆଯିବ । ନୂଆ ମତାମତ ଆହ୍ୱାନ କରାଯିବ ନାହିଁ ।" ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ତା ଯୋଗୁଁ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାରେ ଜୁହୁଳୁଥିବା ଅଗ୍ନି ନିର୍ବାପିତ ହେଲା ।

ପୂର୍ବରୁ କୁହାଯାଇଛି ଯେ ନିର୍ମାଣ ବିଭାଗରେ ସହକାରୀ ଯନ୍ତ୍ରୀ ନିଯୁକ୍ତି ପାଇଁ ସରକାରୀ ଆଦେଶ ଓ କୋର୍ଟ ଆଦେଶ ବଳବତ୍ତର ଥିବାରୁ ସବୁ ପୂର୍ତ୍ତ ସବଡ଼ିଭିଜନ୍ ମାନଙ୍କରେମାନଙ୍କରେ ଜେ.ଇ. ଏସ୍‌ଡ଼ିଓମାନଙ୍କୁ ରଖାଗଲା । ଏହାଥିଲା କାମ ଚଳା ରୀତି । ଜେ.ଇ କ୍ୟାଡ଼ରରେ ମୋର ସ୍ଥାନ ଥିଲା ୬୦ । ୧୯୭୨ରେ ୩୨ ଜଣ ଓ ୧୯୭୪ରେ ୮ ଜଣ ସହକାରୀ ଯନ୍ତ୍ରୀ ପଦବୀକୁ ପ୍ରମୋସନ ପାଇ ସାରିଥିଲେ । ଏହାପରେ ଜେ.ଇ. ମାନେ ଏସ୍.ଡି.ଓ. ପଦରେ ରହିଲେ । ମୋ ଉପର ସିରିଏଲ୍‌ରେ ଥିଲେ (୫୯) ନାରାୟଣ ଦାଶ । ସେ ରାଜଭବନରେ ଜେ.ଇ. ଥିଲେ । ଚିଫ୍ ଇଞ୍ଜିନିଅର (ରାସ୍ତା ଓ ଗୃହ) ଥିଲେ ଆର୍ତ୍ତବନ୍ଧୁ ମହାନ୍ତି । ପୂର୍ବରୁ ନାରାୟଣ ଦାସଙ୍କୁ ବଦଳି ହୋଇଥିଲା ରାଜ ଭବନ ସେକ୍‌ସନ୍‌ରୁ ଅନ୍ୟ ସେକ୍‌ସନ୍‌କୁ । ମାତ୍ର ତାଙ୍କ ବଦଳି ବନ୍ଦ କରିବା ପାଇଁ ସେ ରାଜ୍ୟପାଳଙ୍କ ସେକ୍ରେଟାରିଙ୍କ ସାହାଯ୍ୟ ନେଲେ ଓ ବଦଳି ବନ୍ଦ ହେଲା । ଏହାର ଫଳ ସ୍ୱରୁପ ଚିଫ୍ ଇଞ୍ଜିନିଅର ମହୋଦୟ ଆଉ ନାରାୟଣ ଦାଶଙ୍କୁ ଏସ୍.ଡି.ଓ. ପଦରେ ନିଯୁକ୍ତି ଦେଲେ ନାହିଁ । ତେଣୁ ମୋର ଏସ୍.ଡି.ଓ. (୧୯୭୪ ରୁ ୧୯୮୦ ପର୍ଯ୍ୟନ୍ତ) ହେବା ସମ୍ଭବ ହେଲା ନାହିଁ । କାରଣ ଏ ପ୍ରକାର ନିଯୁକ୍ତି ଗୋଟିଏ ଥିବା ପାନେଲରୁ ଦିଆଯାଉଥିଲା ।

୧୯୭୮ ମସିହାର ହାଇକୋର୍ଟଙ୍କ ଆଦେଶ ପୂର୍ତ୍ତ ଓ ଜଳସେଚନ ଯନ୍ତ୍ରୀଙ୍କ ପ୍ରତି ଡ଼େମୋକ୍ଲିସ୍‌ଙ୍କ ଖଣ୍ଡା ସଦୃଶ ଝୁଲିଲା ।

ଯୁଧିଷ୍ଠିର ଶତପଥୀ

ଇଞ୍ଜିନିୟର ଯୁଧିଷ୍ଠିର ଶତପଥୀ ହାଇକୋର୍ଟ ରାୟ (O.J.C.257 of 1975) ବିରୁଦ୍ଧରେ ଗୋଟିଏ ରିଭିୟୁ ପେଟିସନ ଦାଖଲ କଲେ କାରଣ ଏହି ରାୟ ତାଙ୍କ ସ୍ୱାର୍ଥର ପରିପନ୍ଥୀ ଥିଲା ଓ ତାଙ୍କୁ ମୂଳ ରିଟ ପେଟିସନ୍‌ରେ ପକ୍ଷଭୁକ୍ତ କରାଯାଇ ନଥିଲା । ତାଙ୍କର ଆଡ଼୍‌ଭୋକେଟ୍ ଥିଲେ ରାଧାଚରଣ ପଟ୍ଟନାୟକ (ପରେ ସୁପ୍ରିମ କୋର୍ଟର ଜଷ୍ଟିସ୍) । ଯୁଧିଷ୍ଠିରଙ୍କ ପେଟିସନ୍ ଦାଖଲ କଲାପରେ ମାନ୍ୟବର କୋର୍ଟ କହିଲେ ଯେ କେଶରେ ପାର୍ଟି ହୋଇନଥିବା ବ୍ୟକ୍ତିମାନେ ରିଭିୟୁ

Digitized by srujanika@gmail.com

ପେଟିସନ୍ କରିବାରେ ଆଇନ୍‌ଗତ ବାଧା ରହିବ । ତେଣୁ ରାଜ୍ୟ ସରକାର ଚାହିଁଲେ ରିଭିୟୁ ପେଟିସନ୍ କରିପାରନ୍ତି । ତେଣୁ ସରକାରୀ ଆଡ୍‌ଭୋକେଟ୍ ନିର୍ମାଣ ବିଭାଗ ସଚିବଙ୍କୁ ଚିଠି ଲେଖିଲେ ସରକାରୀ ସ୍ତରରେ ଗୋଟିଏ ରିଭିୟୁ ପିଟିସନ୍ ପାଇଁ । Extract of letter dt. 10/8/1979 of Advocate General, Cuttack.

The review application was today listed in the court for hearing and in course of the hearing the court observed that there might be some technical difficulty in allowing the review since the review has been filed at by the persons who were not parties to the decision of the High Court. The court also casually observed that the State may file an application for review, even though an application in the Supreme Court is pending. I am of the opinion that it is worth while for filing a review petition taking clearance from the Law Department, hence an application before the Supreme Court need not be persued. The court further observed that the application if any has to be filled by 16.8.1979, positively. Accordingly, the order of the Government in Law Department may be obtained so that appropriate steps can be taken for filing a review petition. Since tomorrow is a holiday Sri G. Dora, Junior Engineer of Works Department was called for and this letter is being handedover to him for immediate action.

This may be treated as most urgent.

ମୂଳ କେସ୍‌ଟି ବିଚାର ହୋଇଥିଲା ମାନ୍ୟବର ବିଚାରପତି ମାନ୍ୟବର ରଙ୍ଗନାଥ ମିଶ୍ର ଏବଂ ମାନ୍ୟବର ପ୍ରଫୁଲ୍ଲ କିଶୋର ମହାନ୍ତି ଇଜଲାସରେ । ତେଣୁ ରିଭିୟୁ ପେଟିସନ୍ ଏହି ବେଞ୍ଚରେ ହିଁ ଶୁଣାଯିବ । ବେଞ୍ଚ ଗଠନରେ ବହୁତ ବିଳମ୍ବ ହେଲା । ଯେଉଁଦିନ ବେଞ୍ଚ ଗଠନ ହୋଇ ଶୁଣାଣି ଆରମ୍ଭ ହେଲା, ସେତେବେଳେ ଆର.ଇ.ଓ ତରଫରୁ ଆଡ୍‌ଭୋକେଟ୍ ଲିଙ୍ଗରାଜ ରଥ ଜଣାଇଲେ "ରାଜ୍ୟ ସରକାର ଏହି କେଶ ଉପରେ ସୁପ୍ରିମ୍ କୋର୍ଟକୁ ଯାଇଛନ୍ତି, ତେଣୁ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଅପେକ୍ଷା କରାଯାଉ ।" କୋର୍ଟ ବିଚାର ସ୍ଥଗିତ ରଖିଲେ ।

ହାଇକୋର୍ଟଙ୍କ ରାୟ ବାହାରିଲା ପରେ ନିର୍ମାଣ ବିଭାଗ, ବିଧି ବିଭାଗ ଓ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ ଅନୁକୂଳ ମତାମତ ନେଇ ସୁପ୍ରିମ୍ କୋର୍ଟରେ ଅପିଲ ପାଇଁ ଫାଇଲ ପ୍ରସେସ କଲେ । ଚିଫ୍ ସେକ୍ରେଟାରୀ ଲେଖିଲେ ଦୁଇ ବିଭାଗର ଅର୍ନ୍ତବିବାଦ

Digitized by srujanika@gmail.com

ପାଇଁ ସୁପ୍ରିମ୍ କୋର୍ଟକୁ ଯିବା ଦରକାର ନାହିଁ । ଫାଇଲଟି ମୁଖ୍ୟମନ୍ତ୍ରୀଙ୍କୁ ଦେବା ବାଟରେ ନିର୍ମାଣ ମନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଅଭିମତ ପାଇଁ ପଠାଇଲେ । ମାନ୍ୟବର ମନ୍ତ୍ରୀ ନଟବର ପ୍ରଧାନ ଲେଖିଲେ "ହାଇକୋର୍ଟଙ୍କ ଆଦେଶ ବଳରେ ନିର୍ମାଣ ବିଭାଗ ଅସୁବିଧାରେ ପଡ଼ିଛି । ଏହି ରାୟ ବିରୁଦ୍ଧରେ ସୁପ୍ରିମ୍ କୋର୍ଟକୁ ଯିବା ନିହାତି ଦରକାର" । ସେ ଆଉ ଫାଇଲ୍‌ଟି ଆର୍.ଡି. ମନ୍ତ୍ରୀଙ୍କୁ ନ ଦେଇ ମୁଖ୍ୟ ମନ୍ତ୍ରୀଙ୍କ ନିକଟକୁ ପଠାଇଦେଲେ । ସାଙ୍ଗେ ସାଙ୍ଗେ ସୁପ୍ରିମ୍ କୋର୍ଟରେ ଅପିଲ କରିବା ପାଇଁ ମୁଖ୍ୟ ମନ୍ତ୍ରୀଙ୍କ ଅଦେଶ ଆସିଗଲା । ପ୍ରାୟ ବର୍ଷକ ପରେ ଅର୍ଥାତ୍ ୧୯୮୦ ମସିହାରେ ସୁପ୍ରିମ୍ କୋର୍ଟଙ୍କ ଠାରୁ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଆସିଲା । ସେତେବେଳକୁ ଆର୍.ଉ.ଓ କ୍ୟାଡ଼ର ଗଠନ ନିୟମ ପ୍ରଣୟନ ଚାଲିଥିଲା । ସୁପରିଟେଣ୍ଡିଂ ଇଞ୍ଜିନିଅର ଏନ୍. ଏନ୍. ପଣ୍ଡା ମୋତେ ସ୍ଥଗିତାଦେଶ ଆସିବା କଥା କହିଲେ । ମୁଁ ତତ୍‌କ୍ଷଣାତ୍ ନିର୍ମାଣ ବିଭାଗ ସେକ୍ରେଟାରୀ ଏ.ସି. ପାଢ଼ୀଙ୍କୁ ଏହି ବିଷୟ ଜଣାନ୍ତେ ସେ କହିଲେ "ବର୍ତ୍ତମାନ ଆମେ ପଦୋନ୍ନତି ଆରମ୍ଭ କରିବା ।" ମାତ୍ର ଏଇଠି ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯୭୪ ନିର୍ଦ୍ଦେଶନାମା ବଳବତ୍ତର ରହିଲା । କ୍ୟାଡର ରୁଲରେ ଏହି ନିର୍ଦ୍ଦେଶନାମା ଅଥବା ଅନ୍ୟ ଏକ ସିଦ୍ଧାନ୍ତନାମା ବଳରେ କଟିବ ।

ଆର୍.ଇ.ଓ ଗଠନ ଫାଇଲର ଗତି ଏତେ ମାନ୍ଦା ହେଲା ଯେ ସମସ୍ତେ ବହୁତ ବ୍ୟସ୍ତ ହୋଇ ପଡ଼ିଲେ । ୧୯୮୦ ବେଳକୁ ବୃନ୍ଦାବନ ନାୟକ ଦେଲେ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ । ଆର.ଇ.ଓ ଏବଂ ପୁର୍ତ୍ତ ବିଭାଗର ଇଞ୍ଜିନିଅରମାନେ ବିଭିନ୍ନ ସମୟରେ ତାଙ୍କୁ ଦେଖା କଲେ । ପୁର୍ତ୍ତବିଭାଗ ଇଞ୍ଜିନିଅରମାନେ କହୁଥିଲେ ଶିଘ୍ର ଆର.ଇ.ଓ କ୍ୟାଡ଼ର ଫାଇଲ ତ୍ୱରାନ୍ୱିତ କରିବାକୁ ମାତ୍ର ଆର.ଇ.ଓ ଇଞ୍ଜିନିୟରମାନେ କହୁଥିଲେ ନିର୍ମାଣ ବିଭାଗର ଯନ୍ତ୍ରୀଙ୍କୁ ଫେରାଇ ଦେବାକୁ । ଏହି ସମୟରେ (୧୯୮୦)ରେ ରାଜ୍ୟପାଳ ଶାସନ ହେଲା । ନୂଆ ଚିଫ୍ ସେକ୍ରେଟାରି ହେଲେ ସୁଧାଂଶୁ ମୋହନ ପଟ୍ଟନାୟକ । ଏହି ସୁଧାଂଶୁ ମୋହନ ପଟ୍ଟନାୟକ ହେଉଛନ୍ତି 'ଧଉଳି ପାହାଡ଼'ର କବି ପଦ୍ମଚରଣ ପଟ୍ଟନାୟକଙ୍କ ପୁରୁରା ଏବଂ ସାହିତ୍ୟିକ ଓ ସମାଲୋଚକ ମଦନ ମୋହନ ପଟ୍ଟନାୟକଙ୍କ (୧୮୯୦-୧୯୬୭) ପୁତ୍ର । ଦିନେ O.E.S.A ର କର୍ମକର୍ତ୍ତାମାନେ ଚିଫ୍ ସେକ୍ରେଟାରୀଙ୍କୁ ଭେଟିଲେ । ସର୍ଭିସ ଆସୋସିଏସନ୍ ତରଫରୁ ଯୁଧିଷ୍ଠିର ଶତପଥି କହିଲେ ଯେ ବିଭିନ୍ନ ପ୍ରକାର ଆଳ ଦେଖାଇ ଗ୍ରାମ୍ୟ ଉନ୍ନୟନ ସେକ୍ରେଟାରି ନିଷ୍ପତ୍ତି ନେବାରେ ବହୁତ ଡେରି କରୁଛନ୍ତି, ତାଙ୍କ ଉଦ୍ଦେଶ୍ୟ ମତାମତଭିତ୍ତିକ କ୍ୟାଡର ନହେଉ । ଏହି ସମୟରେ R.Dର ଶାସନ ସଚିବ ଥିଲେ ରାଧାକାନ୍ତ ନାୟକ । ଏଥିରେ ଉତ୍କ୍ଷିପ୍ତ

Digitized by srujanika@gmail.com

ହୋଇ ଚିଫ୍ ସେକ୍ରେଟାରୀ କହିଲେ "ମୋ ସେକ୍ରେଟାରି ପାତର ଅନ୍ତର କରୁଛନ୍ତି ବୋଲି ମୋତେ ଲେଖିଦେଇ ପାରିବ କି ?" ଶତପଥି କହିଲେ "ବର୍ତ୍ତମାନ ଆସୋସିଏସନ୍ ତରଫରୁ ଚିଫ୍ ସେକ୍ରେଟାରିଙ୍କୁ ଦିଆଯାଇଥିବା ମେମୋରାଣ୍ଡମ୍‌ରେ ଆର୍.ଡି. ସେକ୍ରେଟାରୀ କିପରି ପାତର ଅନ୍ତର କରୁଛନ୍ତି ତାର ବିସ୍ତୃତ ବର୍ଣ୍ଣନା ପ୍ରମାଣ ସହ ଦିଆଯାଇଛି ।" ଆସୋସିଏସନ୍ ସଭ୍ୟମାନେ ଫେରିଗଲା ପରେ ଚିଫ୍ ସେକ୍ରେଟାରି ପୁରା କେଶ୍ ଷଡ଼ି କରି ମତାମତ ଦେବାକୁ ଫାଇଲ୍‌କୁ ଆଡ଼ିସିନାଲ୍ ଚିଫ୍ ସେକ୍ରେଟାରୀ ବିମଳକିଶୋର ମିଶ୍ରଙ୍କ ପାଖକୁ ପଠାଇ ଦେଲେ । ଚିଫ୍ ସେକ୍ରେଟାରୀ ତାଙ୍କ ନିର୍ଦ୍ଦେଶ ନାମାରେ ଆଡ଼ିସ୍‌ନାଲ୍ ଚିଫ୍ ସେକ୍ରେଟାରିଙ୍କୁ **one man's Committee** କଲେ ଓ ନିର୍ମାଣ ବିଭାଗ, ଜଳସେଚନ ବିଭାଗ ଓ ଉଭୟ ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ ସହିତ ବିଚାର ବିମର୍ଷ କରି ତାଙ୍କର ସୁଚିନ୍ତିତ ମତାମତ ଦେବାକୁ କହିଲେ ।

ଆଡ଼ିସନାଲ୍ ଚିଫ୍ ସେକ୍ରେଟାରି, ଆର୍.ଡି. ସେକ୍ରେଟାରି, ନିର୍ମାଣ ବିଭାଗ ସେକ୍ରେଟାରି, ଜଳସେଚନ ବିଭାଗ ସେକ୍ରେଟାରି ଓ ଦୁଇ ଆସୋସିଏସନ୍‌ର ମତାମତ ଶୁଣିଲେ । ସବୁ ଶୁଣିଲା ପରେ ସେ ତାଙ୍କର ମନ୍ତବ୍ୟ ଦେଲେ ଯେ ନିର୍ମାଣ ବିଭାଗ ସବୁ ନିୟମ ମାନିଚାଲିଛି, ଅଯଥାରେ ଆର୍.ଡି. ବିଭାଗ ବିଳମ୍ବ କରୁଛି । ତେଣୁ ଅତିଶିଘ୍ର କ୍ୟାଡର ରୁଲ ତିଆରି ହେଲେ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସ୍ତରରେ ନିଯୁକ୍ତି ଆରମ୍ଭ କରିବ । ଏହି ଫାଇଲ୍ ଚିଫ୍ ସେକ୍ରେଟାରିଙ୍କ ପାଖରେ କିଛିଦିନ ରହିଲାପରେ ୯.୬.୧୯୮୦ରେ ନୂଆ ସରକାର ପ୍ରତିଷ୍ଠିତ ହେଲା ଏବଂ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେଲେ । ମନ୍ତ୍ରୀ ମଣ୍ଡଳ ଶପଥ ଗ୍ରହଣପରେ ଯେଉଁ ମନ୍ତ୍ରୀ ସଭା (Council of Ministers) ହେଲା, ସେଥିରେ ଆର.ଇ.ଓକୁ ଭାଙ୍ଗି ଦେବାକୁ ନିଷ୍ପତ୍ତି ନିଆଗଲା । ସେକ୍ରେଟାରୀଏଟ୍ ସ୍ତରରେ ବିଭାଗଗୁଡ଼ିକର ପୁର୍ନଗଠନର ନିଷ୍ପତ୍ତି ନିଆଗଲା । ଆର୍.ଡି. ଡିପାର୍ଟମେଣ୍ଟ ଉଠିଯିବାର ନିଷ୍ପତ୍ତି ହେତୁ ବିଭାଗ ବଣ୍ଟା ହେବା ବେଳକୁ ଆର୍.ଡି. ବିଭାଗର କୌଣସି ମନ୍ତ୍ରୀ ରହିଲେ ନାହିଁ । ଏହାପରେ ଆର.ଇ.ଓର ଇଞ୍ଜିନିଅରମାନେ ଏବଂ ଅନ୍ୟ କର୍ମଚାରୀ ପ୍ରାୟ ଦୀର୍ଘ ୨ ମାସ କାଳ ଧର୍ମଘଟ କଲେ ମଧ୍ୟ ସରକାର ତାଙ୍କର ନିଷ୍ପତ୍ତି ବଦଳାଇଲେ ନାହିଁ ।

ଆର.ଇ.ଓ କୁ Minor Irrigation ନାମରେ ନାମିତ କରାଗଲା ଏବଂ ଜଳସେଚନ ଓ ବିଦ୍ୟୁତ୍ ବିଭାଗ (Irrigation and Power Dept.) ଅଧିନରେ ରଖାଗଲା । ନିର୍ମାଣ ବିଭାଗରୁ ଡେପୁଟେସନ୍‌ରେ ଆସିଥିବା ସମସ୍ତ ଇଞ୍ଜିନିଅର ସହିତ ରାସ୍ତାଘାଟ ଓ

Digitized by srujanika@gmail.com

କୋଠାବାଡ଼ି କାମ ନିର୍ମାଣ ବିଭାଗ ଅଧିନକୁ ଚାଲିଗଲା । ଆର.ଇ.ଓର ନିଜସ୍ୱ କ୍ୟାଡ଼ରରେ ଥିବା ସମସ୍ତ ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିଅର ଓ ଜୁନିଅର ଇଞ୍ଜିନିଅରମାନେ ଏହି ନୂତନ ସଂସ୍ଥା (Minor Irrigation) ଅଧିନରେ ରହିଲେ । ଏମାନଙ୍କୁ ଜଳସେଚନ କ୍ୟାଡ଼ରରେ ସାମିଲ୍ ନ କରି ବାହାରେ ରଖାଗଲା । କାରଣ ସିନିଅରଟି ସମ୍ବନ୍ଧୀୟ ଯାବତୀୟ ଗଣ୍ଡଗୋଳ ପରେ ସୃଷ୍ଟି ହୋଇପାରେ । ଏହି ଜୁନିଅର ଇଞ୍ଜିନିଅରମାନେ ପ୍ରମୋସନ ପାଇଁ Minor Irrigation ର ସମସ୍ତ ସହକାରୀ ଯନ୍ତ୍ରୀ ପଦବୀ ପୂରଣ କଲେ । ଆର.ଇ.ଓ ପ୍ରଶ୍ନର ସମାଧାନ ପରେ ନିର୍ମାଣ ବିଭାଗରେ ନବ ନିଯୁକ୍ତି ପାଇଁ କିଛି ବାଧା ରହିଲା ନାହିଁ । ଦୀର୍ଘ ୩ ବର୍ଷର ପ୍ରଚେଷ୍ଟା, କଟକ ହାଇକୋର୍ଟକୁ ଦୌଡ଼, ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କୁ ଦେଖା କରିବା, ବିଭିନ୍ନ ବିଭାଗର ସେକ୍ରେଟାରୀମାନଙ୍କୁ ଗୁହାରି କରିବା ଫଳରେ ଆମେ ସମସ୍ତେ ପ୍ରମୋସନ ପାଇବାକୁ ହକଦାର ହେଲୁ । O.E.S.A ର ସଭାପତି ଇଂଜିନିୟର ବି.ଏନ୍.ତ୍ରିପାଠୀ ଏବଂ ସେକ୍ରେଟାରି ଇଞ୍ଜିନିୟର ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ଦାନ ଉଲ୍ଲେଖଯୋଗ୍ୟ । ମୁଖ୍ୟମନ୍ତ୍ରୀଙ୍କ ଆଗରେ ଇଞ୍ଜିନିଅର ବି.ଏନ୍. ତ୍ରିପାଠୀ ଗ୍ରହଣଯୋଗ୍ୟ ଯୁକ୍ତି ଉପସ୍ଥାପିତ କରିବାରୁ ମୁଖ୍ୟମନ୍ତ୍ରୀ ସମସ୍ୟାର ସମାଧାନ ପାଇଁ ଏକ କମିଟି ଗଠନ କଲେ । ରମେଶ ଚନ୍ଦ୍ର ତ୍ରିପାଠୀ ଧିରସ୍ଥିର ଭାବରେ ଯେପରି ଦୃଢ଼ଯୁକ୍ତି ଉତ୍ଥାପନ କରୁଥିଲେ ତାହା ଅବିସ୍ମରଣୀୟ । ଆସୋସିଏସନ୍‌ର ଏ ଦୁଇ କର୍ମକର୍ତ୍ତାଙ୍କ ଦୃଢ଼ତା ଓ ନିଷ୍ଠା ଭୂଲିବାର ନୁହେଁ । ଏହି ଆସୋସିଏସନକୁ ମାଧ୍ୟମ କରି ମୁଁ ଓ ମୋର ବନ୍ଧୁମାନେ ଦୀର୍ଘ ୩ ବର୍ଷର ଚେଷ୍ଟାରେ ପ୍ରମୋସନ ପାଇଲୁ । ଯେଉଁ ସରକାରୀ ଉଚ୍ଚ କର୍ମକର୍ତ୍ତା ଏମାନଙ୍କ ସମସ୍ୟା ଧୀରସ୍ଥିର ଚିତ୍ତରେ ଶୁଣିଛନ୍ତି, ସେମାନେ ହେଲେ ଆନନ୍ଦଚନ୍ଦ୍ର ପାଢ଼ୀ ନିର୍ମାଣ ବିଭାଗ ସଚିବ; ଆଡ଼ଭୋକେଟ୍ ଜେନେରାଲ ବୀରେନ୍ଦ୍ର ମୋହନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ସେକ୍ରେଟାରୀ ଏବଂ ନିର୍ମାଣ ବିଭାଗ ମନ୍ତ୍ରୀ ନଟବର ପ୍ରଧାନ । ଏହାଛଡ଼ା ଅନେକ ଏମ୍.ଏଲ୍.ଏ. ମାନଙ୍କୁ ଭେଟି ଆମମାନଙ୍କପାଇଁ କହିବାକୁ ଅନୁରୋଧ କରାଯାଇଛି । ନିର୍ମାଣ ବିଭାଗ ଓ ଜଳସେଚନ ବିଭାଗର ଯେଉଁ ଯନ୍ତ୍ରୀମାନେ ପ୍ରେରଣା ଓ ସାହସ ଦେଇଥିଲେ ସେମାନେ ହେଲେ ବିନୋଦ ଚନ୍ଦ୍ର ପାଢ଼ୀ, କୁଳମଣି ପରିଡ଼ା, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ ଚନ୍ଦ୍ର ମହାନ୍ତି, ମନୋରଂଜନ କର, ପ୍ରଦୀପ ଚନ୍ଦ୍ର ପଟ୍ଟନାୟକ, ପୀତବାସ ପଣ୍ଡା, ବିଜେନ୍ଦ୍ର ନାରାୟଣ ମହାନ୍ତି (୨୯.୭.୧୯୩୭-୩.୦୧.୨୦୦୮) । ମୋର ଜୁନିଅର ଇଞ୍ଜିନିୟର ବନ୍ଧୁ

ଇଂ.ଅନନ୍ତ ପ୍ରସାଦ ମହାନ୍ତି

Digitized by srujanika@gmail.com

ଯେଉଁମାନେ ପ୍ରମୋସନ ଯୁଦ୍ଧରେ ଥିଲେ ସେମାନଙ୍କ ସର୍ବାଗ୍ରେ ଥିଲେ ଯୁଧିଷ୍ଠିର ଶତପଥୀ,ଅନନ୍ତ ପ୍ରସାଦ ମହାନ୍ତି (୨୨.୧୧.୧୯୪୧-୧୩.୦୯.୨୦୦୩), ଗୋଦାବରୀଶ ମହାପାତ୍ର, ପ୍ରଭାତ କୁମାର କର ।

ଆର.ଇ.ଓ ଇଞ୍ଜିନିୟର ସର୍ଭିସ ଆସୋସିଏସନ୍ ମଧ୍ୟ କମ୍ ପରିଶ୍ରମ କରିନାହିଁ । ସେମାନେ ଦଳ ଦଳ ହୋଇ ଯାହାକୁ ଭେଟିବାକୁ ଯାଆନ୍ତି, ଆମ ଦଳ ମଧ୍ୟ ତାଙ୍କୁ ଭେଟିବାକୁ ଗଲେ ବାଟରେ ଭେଟାଭେଟି ହୁଅନ୍ତି । ଅନେକେ କହନ୍ତି ମନ୍ତ୍ରୀ ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳ ଆର.ଇ.ଓ ଭାଙ୍ଗିବାରେ ଏକ ଭୂମିକା ଗ୍ରହଣ କରିଛନ୍ତି ବୋଲି । ମାତ୍ର ଏହା ସତ୍ୟ ଉପରେ ଆଧାରିତ ନୁହେଁ ।

ସହକାରୀ ଯନ୍ତ୍ରୀ ହେବାର ପୂର୍ବ ୫ ବର୍ଷ

୧୯୭୩ ମସିହାରେ ମୁଁ ଗୋଟିଏ ରାଜଦୂତ ମଟର ସାଇକେଲ ଟ୪୭୦୦ରେ କିଣିଲି । ଏଥିପାଇଁ ୨୮୦୦ ଟଙ୍କା ସରକାରୀ ଋଣ ମିଳିଥିଲା । ଜିପିଏଫ୍‌ରୁ ଆଉ କିଛି ଟଙ୍କା ଋଣ ଆଣିଲି । ଏହି ଗାଡ଼ିଟିକୁ ମୁଁ ବ୍ୟବହାର କରିଥିଲି ଦୀର୍ଘ ୩୧ବର୍ଷ, ୨୦୦୪ ପର୍ଯ୍ୟନ୍ତ । କିକ୍ ମାରିବାକୁ କଷ୍ଟ ହେବାରୁ ରାଜଦୂତକୁ ରଖି ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟର କିଣିଲି । ଏଥିରେ କିକ୍‌ର ଆବଶ୍ୟକତା ନାହିଁ । ଅଟୋ ଷ୍ଟାର୍ଟରେ ଗାଡ଼ି ଚାଲିବ । ମୁଁ ଫୁଲବାଣୀରେ ନିର୍ବାହୀଯନ୍ତ୍ରୀ ଥିଲାବେଳେ ସରକାରୀ ବସାରେ କାମ କରୁଥିବା କ୍ଷେତ୍ର କହିଲା "ମୁଁ ଅନେକ ବର୍ଷ ହେଲା ଏହି କୋଠିରେ କାମ କରୁଛି ଏବଂ ଦେଖିଲି ଖାଲି ଆପଣଙ୍କର କାର ନାହିଁ" । ମୁଁ କହିଲି "ବହୁତ ବ୍ୟତିକ୍ରମ ଭିତରେ ଇଏ ବି ଗୋଟିଏ" ।

ମୁଁ ୧୯୬୨ରେ ଭୁବନେଶ୍ୱର ବଦଳି ହୋଇ ଆସିବାପରେ ପ୍ରଥମେ ନଅ ନମ୍ବର ୟୁନିଟରେ ମୋର ଚିହ୍ନା ପରିଚୟ ମହେଶ୍ୱର ଦାସଙ୍କ ଘରେ ରହୁଥିଲି । ରୋଷେଇର ସୁବିଧା ନାହିଁ । ଦୁହେଁ ୧ ନମ୍ବର ରୋଡ୍ (ଏବେ ସେହି ରୋଡ୍‌କୁ ୫ ନମ୍ବର କହୁଛନ୍ତି)ରେ ଥିବା ଭଗବାନ ଭାଇନାଙ୍କ ହୋଟେଲରେ ଖାଉଥିଲୁ । ଗୋଟିଏ ମଜା ଘଟଣା : ହୋଟେଲର ରେଟ୍ ଥିଲା ମିଲ ପ୍ରତି ଏକ ଟଙ୍କା, ମାତ୍ର ପୁରା ମାସେ ଅର୍ଥାତ୍ ୧ ରୁ ୩୦ ପର୍ଯ୍ୟନ୍ତ ଖାଇଲେ ୫୫ଟଙ୍କା ଦେବାକୁ ପଡ଼ିବ । ନଚେତ୍ ମିଲ୍‌କୁ ୧ ଟଙ୍କା ହିସାବରେ ଦେବାକୁ ପଡ଼ିବ । ଥରେ ଗୋଟିଏ ମାସରେ ମହେଶ୍ୱର ଗାଁକୁ ଯାଇଥିବାରୁ ତାଙ୍କର ମିଲ ସଂଖ୍ୟା ହେଲା ୫୯ । ତେଣୁ ତାଙ୍କୁ ଭଗବାନ ଭାଇନା ଦାବିକଲେ ୫୯ଟଙ୍କା । ମାତ୍ର ମୁଁ ୬୦ଟି ମିଲ୍ ଖାଇଥିବାରୁ ମୋତେ ଦେବାକୁ ହେଲା ୫୫ଟଙ୍କା । ଏଥିରେ

Digitized by srujanika@gmail.com

ମହେଶ୍ୱରଙ୍କର ଆପତ୍ତି । ସେ କମ୍ ମିଲ୍ ଖାଇକି ବେଶି ଟଙ୍କା ଦେବେ ଅର୍ଥାତ୍ ମୁଁ ବେଶି ମିଲ୍ ଖାଇ ଦେବି କମ୍ । ଏ ଯୁକ୍ତିରେ ଭଗବାନ ଭାଇନା ତରଳିଲେ ନାହିଁ । ଶେଷକୁ ମହେଶ୍ୱର ମିଥ୍ୟାର ଆଶ୍ରୟ ନେଇ କହିଲେ "ମୁଁ ତ ପୁରା ମାସଯାକ ମିଲ ଖାଇଛି, ମୋର ୫୯ଟି ମିଲ କାହିଁକି ଲେଖା ହୋଇଛି" । ଭଗବାନ ଭାଇନା କହିଲେ 'ନାହିଁ, ୫୯ଟି ମିଲ୍ ଖିଆଯାଇଛି । ଖାଇବା ଲୋକ ମହେଶ୍ୱର କହିଲେ ସେ ୬୦ଟି ମିଲ୍ ଖାଇଛନ୍ତି । ଏ ଦ୍ୱନ୍ଦ୍ୱରେ ମୁଁ ସାକ୍ଷ୍ୟ ଦେଲି "ପ୍ରକୃତରେ ଖାତାରେ ୬୦ଟି ମିଲ୍ ଆସିବା କଥା, କଣ ପାଇଁ ୫୯ ହୋଇଛି ?" । ଏଥିରେ ଭଗବାନ ଭାଇନା ତରଳିଲେ । ୫୫ଟଙ୍କାରେ କଥାଟି ସମାଧାନ ହେଲା । ଭୁବନେଶ୍ୱରରେ ପ୍ରାୟ ୬ବର୍ଷ ରହିବା ପରେ ମୋତେ ସରକାରୀ କ୍ୱାର୍ଟରଟିଏ ମିଳିଥିଲା, ରମାଦେବୀ କଲେଜ ପାଖରେ ଗୋଟିଏ ଏଫ୍ ଟାଇପ୍ ଘର । ମାତ୍ର ୨ବର୍ଷ ପରେ ଏଫ୍.ସି.ଆଇ.କୁ ଡେପୁଟେସନ୍‌ରେ ରାୟଗଡ଼ା ଯିବାରୁ ଘର ଛାଡ଼ିବାକୁ ହେଲା । ଏହି ୬ବର୍ଷ ଭିତରେ ଭଡ଼ାଘର ବଦଳାଇ ମୁଁ ନୟାନ୍ତ ।

ମୁଁ ମୁଖ୍ୟଯନ୍ତ୍ରୀ ରାଜପଥ ଅଫିସରେ ୭ ବର୍ଷ ରହିଲା ପରେ ମୋର ବଦଳି ହେଲା ଭୁବନେଶ୍ୱର ଏନ୍.ଏଚ୍. ଡ଼ିଭିଜନ୍‌କୁ ଜୁନିଅର ଇଂଜିନିଅର ଭାବରେ । ସେହି ଡ଼ିଭିଜନ୍‌ଟି ନୂଆ ହେଲା । ଭୁବନେଶ୍ୱର ଡ଼ିଭିଜନ୍ (P.W.D. Division) ରେ ଥିବା ଏନ୍.ଏଚ୍.ର କାମ (ଭୁବନେଶ୍ୱର ଠାରୁ ବାଲୁଗାଁ ପର୍ଯ୍ୟନ୍ତ) ଏହି ଡିଭିଜନ ଅଧିନକୁ ଆସିଲା । ଏହି ଡିଭିଜନର ପ୍ରଥମ ନିର୍ବାହୀ ଯନ୍ତ୍ରୀ ଥିଲେ ଲକ୍ଷ୍ମୀନାରାୟଣ ବାରିକ । ଡିଭିଜନରେ ୪ଟି ସବ୍ ଡିଭିଜନ୍ ରହିଲା । ଯଥା : ଭୁବନେଶ୍ୱର, ଖୋର୍ଦ୍ଧା, ଟାଙ୍ଗୀ ଓ ବାଲୁଗାଁ । ମୁଁ ଭୁବନେଶ୍ୱର ଏନ୍.ଏଚ୍. ସବଡ଼ିଭିଜନ୍‌ରେ ରହିଲି । ଏହାର ସହକାରୀ ଯନ୍ତ୍ରୀ ଥିଲେ ଚନ୍ଦ୍ରଶେଖର ସାହୁ । ପ୍ରତି ସବ୍‌ଡିଭିଜନ୍‌ରେ ୪ଟି ସେକ୍‌ସନ୍ ରହିଲା । ମୁଁ ଏନ୍.ଏଚ୍. ସେକ୍‌ସନ୍ II ର ଦାୟୀତ୍ୱରେ ରହିଲି । ସେକସନର ସୀମା ରହିଲା ବର୍ତ୍ତମାନର ବରମୁଣ୍ଡା କାଳିମନ୍ଦିରରୁ ଆଇଂଗିଣିଆର ଆଳୁଗୋଦାମ ପର୍ଯ୍ୟନ୍ତ । ଆଗରୁ ଜାତୀୟ ରାଜପଥରେ ୧୨ ଫୁଟ ଓସାରର ପିଚୁ ରାସ୍ତା ଥିଲା । ବର୍ତ୍ତମାନ ତାକୁ ୨୩ ଫୁଟ ଓସାରକୁ ଆଣିବା କଥା । ପୂର୍ବରୁ ଭୁବନେଶ୍ୱର ଡିଭିଜନ ରାସ୍ତାର ଉଭୟ ପାର୍ଶ୍ୱର ଓସାରିକରଣ ମେଣ୍ଟାଲିଂ କାମ ସାରିଦେଇଥିଲେ । ବର୍ତ୍ତମାନ ତା ଉପରେ ୨ ଇଞ୍ଚ ବହଳର ବିଟୁମିନସ୍ ମାକାଡମ୍ ଓ ତା'ପରେ କାର୍ପେଟିଂ, ଏବଂ ସିଲ୍‌କୋର୍ଟ କରିବା କଥା । ଯଥା ସମୟରେ ସେ କାମ ସରିଲା । ତା'ପର କେଇବର୍ଷ ମୁଁ ସେହି ସେକ୍‌ସନ୍‌ରେ ରହିଲି । ମାତ୍ର ସାଧାରଣ ମେଣ୍ଟନାନ୍‌ସ ଛଡ଼ା ଅନ୍ୟ କିଛି କାମ ନଥିଲା । ସେ ୨୩.୭.୭୫ରେ ମୁଖ୍ୟ ଯନ୍ତ୍ରୀ, ଏନ୍.ଏଚ୍. ଅଫିସ୍‌କୁ ପୁନର୍ବାର ବଦଳି ହୋଇଆସିଲି । କିଛି ଦିନ ପରେ ଫୁର୍ତ୍ତି

Digitized by srujanika@gmail.com

କର୍ପୋରେସନ୍ ଅଫ ଇଣ୍ଡିଆକୁ ଡ଼େପୁଟେସନ୍‌ରେ ଯିବା ପାଇଁ ମତାମତ ଆହ୍ୱାନ କରାଗଲା । ମୁଁ ଯିବାକୁ ରାଜି ହୋଇ ନିଜର ମତାମତ ଦେଲି । ତେଣୁ ମୋର ପୋଷ୍ଟିଂ ହେଲା କୋରାପୁଟ ଜିଲ୍ଲାର ରାୟଗଡ଼ାରେ । କ୍ରାସ୍ ପୋଗ୍ରାମ୍‌ରେ ଓଡ଼ିଶାରେ ବହୁତ ସ୍ଥାନରେ ଗୋଦାମ ଘର ତିଆରି ହେଉଥାଏ । ଯଥା : ଜୟପୁର, ରାୟଗଡ଼ା, ଜଟଣୀ, ବଡ଼ବିଲ୍, ବାଲେଶ୍ୱର, ଇତ୍ୟାଦିରେ । ମୋ ଦୁର୍ଭାଗ୍ୟକୁ ରାୟଗଡ଼ାରେ କାମ କରୁଥିବା ଠିକାଦାର ତା'ର ଆର୍ଥିକ ଅସୁବିଧା ଯୋଗୁଁ ଆଗେଇ ପାରିଲା ନାହିଁ । ତା'ର ଭାଗୁଆଳିମାନେ ବିଲ୍ ପାଇଲାପରେ ଟଙ୍କା ନେଇଗଲେ, ମାତ୍ର ପୁନଃ ବିନିଯୋଗ କରିବାକୁ ଅରାଜି ହେଲେ ।

ମୁଁ ବହୁତ ଚେଷ୍ଟାକରି ଘରିପଟର କାନ୍ଥଗୁଡ଼ିକୁ ଛାତପତନ ପର୍ଯ୍ୟନ୍ତ ନେଲି । ମାତ୍ର ୧୭ ମାସ ପରେ ମୋର ବଦଳି ହୋଇଗଲା ଭୁବନେଶ୍ୱରସ୍ଥ ରାସ୍ତା ଓ ଗୃହ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌କୁ । ବଦଳିର କାରଣ ହେଲା : ମୋର ସଦରମହକୁମା ରହିଲା (Head quarter) ରହିଲା ରାୟଗଡ଼ାରେ । ମାତ୍ର ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କର ଅଫିସ୍ ହେଲା ଭୁବନେଶ୍ୱରରେ । ସେ ମାସକେ ପ୍ରାୟ ଥରେ/୨ଥର ଭୁବନେଶ୍ୱର ଆସିବାରେ ଜୟପୁରରେ ଥିବା ଫୁଡ୍ କର୍ପୋରେସନ୍‌ର ଜିଲ୍ଲା ମ୍ୟାନେଜର ଆପତ୍ତି ଉଠାଇଲେ । ମୁଁ କହିଲି, "ଏସ୍.ଡି.ଓ.ଙ୍କ ସାଙ୍ଗରେ ସିଧା କଥାବାର୍ତ୍ତା ନକଲେ ମୋର ଯାନ୍ତ୍ରିକ (Technical) ସମସ୍ୟା ସମାଧାନ ହେବ କିପରି ?" ମୋର ଦରମା, ଗସ୍ତ ଖର୍ଚ୍ଚ ଇତ୍ୟାଦି ଡ଼ିଷ୍ଟ୍ରିକ୍ଟ ମ୍ୟାନେଜର, ଜୟପୁର ଦେଉଥିଲେ । ଡ଼ିଷ୍ଟ୍ରିକ୍ଟ ମ୍ୟାନେଜର ଙ୍କ ସାଙ୍ଗରେ ମତାନ୍ତର ଯୋଗୁଁ ସେ ସିଧା ରିଜିଓନାଲ୍ ମ୍ୟାନେଜରଙ୍କ ନିକଟକୁ ଲେଖିଲି "ମୋର ପ୍ରକୃତ ଉପରିସ୍ଥ କର୍ମକର୍ତ୍ତା କିଏ ?" ମୁଁ ନିର୍ବାହୀ ଯନ୍ତ୍ରୀଙ୍କ ଅନୁମତି ନେଇ ଭୁବନେଶ୍ୱର ଯାଉଥିଲେ ମଧ୍ୟ ଜୟପୁର ଡ଼ିଷ୍ଟ୍ରିକ୍ଟ ମ୍ୟାନେଜର ମୋତେ କାହିଁକି ମନା କରୁଛନ୍ତି ?" ଏ ଚିଠି ଖଣ୍ଡିକ ପାଇ ରିଜିଓନାଲ୍ ମ୍ୟାନେଜର ମୋତେ ସିଧା ଓଡ଼ିଶା ସରକାରଙ୍କ ଅଧୀନକୁ ଫେରାଇ ଦେଲେ । କାମର ଅଗ୍ରଗତି ହେଉନଥିବାରୁ ମୁଁ ମଧ୍ୟ ଅଶାନ୍ତିରେ ଥିଲି । ଏହି ସମୟବେଳକୁ ଡ଼ିଷ୍ଟ୍ରିକ୍ଟ ମ୍ୟାନେଜର (ଜୟପୁର) ଜନ୍ ମାଥ୍ୟୁ ଯାହାଙ୍କ ସହିତ ମୋର ମତ ଅମେଳ ହୋଇଥିଲା ସେ ମଧ୍ୟ ବଦଳି ହୋଇ କୋଚିନ୍ ଚାଲିଗଲେ । ତାଙ୍କ ଦାୟିତ୍ୱରେ ରହିଲେ ମିଷ୍ଟର ଶାସ୍ତ୍ରୀ । ସେ ମୋର ବାକିଥିବା ଟଙ୍କା ତୁଟାଇ ଦେଲେ । ଫୁଡ୍ କର୍ପୋରେସନ୍‌ଙ୍କ ଠାରୁ ପ୍ରତ୍ୟାବର୍ତ୍ତନ ଚିଠି ପାଇଁ ନିର୍ମାଣ ବିଭାଗର ଶାସନ ସଚିବ ରିଜିଓନାଲ ମ୍ୟାନେଜରଙ୍କୁ ଚିଠି ଲେଖିଲେ "ଦୋରାଙ୍କର ଭୂଲ୍ କ'ଣ ? କଣ ପାଇଁ ଏ ସମୟରେ ଫେରାଉଛନ୍ତି ? ଆପଣ ଲେଖିଲେ ଆମେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ" ।

Digitized by srujanika@gmail.com

ସେତେବେଳେ ରାସ୍ତା ଓ ଗୃହ ଏବଂ ଏନ୍.ଏଚ୍‌ରେ ନିଯୁକ୍ତି ଅବସ୍ଥା ଭଲ ନଥିଲା । କେଉଁଠି କିଛି ପଦ ଖାଲି ମଧ୍ୟ ନଥିଲା । ସଚିବଙ୍କର ଚିଠି ପାଇ ଫୁଡ୍ କର୍ପୋରେସନ୍ କୌଣସି ଭୂଲ ନ ଦେଖାଇ ଫେରାଇ ଦେବାକୁ ପୁନର୍ବାର ଅନୁରୋଧ କଲେ । ଯେହେତୁ ମୁଁ ଫୁଡ୍ କର୍ପୋରେସନ୍‌ରେ ଅଶାନ୍ତ ହୋଇ ରହିବାକୁ ଋହୁଁ ନଥିଲି, ସେତେବେଳେ ମୋର ଦୁଃଖ କଥା ନିର୍ମାଣ ବିଭାଗର ଏଷ୍ଟାବ୍ଲିସ୍‌ମେଣ୍ଟରେ କାମ କରୁଥିବା ସୋମନାଥ ମିଶ୍ରଙ୍କୁ କହନ୍ତେ, ସେ ଫାଇଲରେ ପ୍ରସ୍ତାବ ଦେଲେ, ଏବେ ଦୋରାଙ୍କୁ ଫେରାଇ ଅଣାଯାଉ ଏବଂ ତାଙ୍କ ଯାଗାରେ ଅନ୍ୟ ଜଣଙ୍କୁ ନେବାପାଇଁ କୁହାଯାଉ ।" ଏ ପ୍ରସ୍ତାବରେ ସେକ୍ରେଟାରୀ ମହୋଦୟ ରାଜି ହୋଇ ମୋତେ ଚିଫ୍ ଇଞ୍ଜିନିଅର (ରାସ୍ତା ଗୃହ)ଙ୍କୁ ନିଯୁକ୍ତି ପାଇଁ ପଠାଇ ଦେଲେ ।

ରାୟଗଡ଼ାରେ ଫୁଡ୍ କର୍ପୋରେସନ୍ ତାଙ୍କ ଗୋଦାମ କରିବା ପାଇଁ ଯାହାଙ୍କଠାରୁ ଯାଗା କିଣିଥିଲେ ସିଏ ହେଉଛନ୍ତି ଦେବୀ ପ୍ରସାଦ । ଓଡ଼ିଶାରେ ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଥିବା ରାମଶେଷୟାଙ୍କ ପୁଅ । ଗୋଟିଏ ବିରାଟକାୟ ଆୟତାକାର ଜମିରୁ ଗୋଟିଏ ପଟରୁ ୪ ଏକର ଫୁଡ୍ କର୍ପୋରେସନ୍ କିଣିଥିଲେ । ଏହି ଜମି କର୍ପୋରେସନ୍ ନାଁରେ ମ୍ୟୁଟେସନ୍ ହୋଇନଥିଲା । ଜୟପୁର ଡ଼ିଷ୍ଟ୍ରିକ୍ ମ୍ୟାନେଜର ମାଥ୍ୟୁ ମୋତେ କହିବାରୁ ମୁଁ ତହସିଲଦାରଙ୍କୁ ଦରଖାସ୍ତ କରି ମ୍ୟୁଟେସନ୍ କରାଇ ଦେଇଥିଲି । ଏହି କାମ ପାଇଁ ଡି.ଏମ୍. ମହାଶୟ ମୋତେ ଧନ୍ୟବାଦ ଦେବେ କ'ଣ ଓଲଟି ଗୋପନୀୟ ଭାବରେ ଲେଖିଲେ ଯେ ମୁଁ ନିଜର ସ୍ୱାର୍ଥପାଇଁ କିଛି ଯାଗା ପୂର୍ବର ଜମି ମାଲିକଙ୍କୁ ଦେଇଦେଇଛି । ଭୁବନେଶ୍ୱର ଆସିଲା ପରେ ମୁଁ ଏ ଖବର ପାଇଲି । ଡି.ଏମ୍. ଇଞ୍ଜିନିଅରିଂ ଫୁଡ୍ କର୍ପୋରେସନ୍‌ର ଯାଗା ମାପଚୁପ କରି ଠିକ୍ ଥିବାର ଜାଣିଲେ । ନିଆଁ ନଥିଲେ ମଧ୍ୟ ଧୂଆଁ ବାହାରେ ଏକଥା ମୁଁ ଏଇଠାରୁ ଜାଣିଲି ।

ମୁଁ ଚିଫ୍ ଇଞ୍ଜିନିୟର ଅଫିସରେ ରହିବାପରେ କିଛି ମାସ ପରେ ମୋର ବଦଳି ହେଲା ଜଗତସିଂହପୁର (R & B). ସେକ୍‌ସନ୍‌କୁ । ସେଠି ମାତ୍ର ୩ ମାସ ରହିଲି । କାରଣ ସେଠାକାର ଏମ୍.ଏଲ୍.ଏ. କୁଆଡ଼େ ମୋ ରହିବା ଋହିଁଲେନି । ତା'ପରେ କଟକ ଡିଭିଜନରେ ଏଷ୍ଟିମେଟିଂ ବ୍ରାଞ୍ଚରେ ଯୋଗଦେଲି । ଏହି କଟକ ଡ଼ିଭିଜନ୍‌ରେ ରହଣି କାଳରେ କିଛି ସମୟ କଟକ ନୂଆ ସର୍କିଟ ହାଉସ୍ ଦାୟିତ୍ୱରେ ଥିଲି । ସେତେବେଳକୁ କାମ ପ୍ରାୟ ସରିଯାଇଥିଲା । ଏହା ୧୯୭୮-୮୦ ମସିହାର କଥା । ଏହି ସମୟରେ ମୋ ବାପା ପ୍ରୋଷ୍ଟେଟ୍ ଗ୍ରନ୍ଥିର ବୃଦ୍ଧି ହେତୁ ପରିସ୍ରା ନ ହେବାରୁ ବଡ଼ କଷ୍ଟ ପାଇଲେ ।

Digitized by srujanika@gmail.com

ହଠାତ୍ ଦିନେ ପରିସ୍ରା ବନ୍ଦ ହୋଇଯିବାରୁ ଶଗଡ଼ରେ ଶରଣକୂଳ ଆସି ଡ଼ାକ୍ତରଖାନାରେ ପରିସ୍ରାନଳୀ ଦ୍ୱାରା ପରିଶ୍ରା କରାଗଲା । ଖବର ପାଇ ମୁଁ ତାଙ୍କୁ କଟକ ଆଣିଲି । ସେତେବେଳେ ୟୁରୋଲୋଜି ବିଭାଗର ପ୍ରଫେସର ଥିଲେ ବାଲ୍ ଚନ୍ଦ୍ର ଅଗ୍ରୱାଲ ଏବଂ ସହକାରୀ ଅଧ୍ୟାପକ ଥିଲେ ଲକ୍ଷ୍ମୀଧର ସାହୁ । ପ୍ରଫେସର ସତ୍ୟବାଦୀ ହଜାରୀ ବାପାଙ୍କ ପାଇଁ ପ୍ରଫେସର ଅଗ୍ରୱାଲ୍‌ଙ୍କୁ କହିଥିଲେ । ପ୍ରାୟ ମାସକ ପରେ ତାଲିକା ଭିତ୍ତିରେ ବାପାଙ୍କର ଅପରେସନ୍ ହେଲା ଏବଂ ବାପା ଏହି ରୋଗରୁ ମୁକ୍ତି ପାଇଲେ । ସେବେ ଏବପରି ବହୁତ କ୍ଲିନିକ୍ କିମ୍ବା ନର୍ସିହୋମ୍ ନଥିଲା । ଏହିଠାରେ ହିଁ ପ୍ରମୋସନ୍ ପାଇଲି ଆସିଷ୍ଟାଣ୍ଟ ଇଞ୍ଜିନିଅର ପଦକୁ ।

ଓଡ଼ିଶା ଇଂଜିନିୟରସ୍ ସର୍ଭିସ୍ ରୁଲ୍ ୧୯୪୧କୁ ସଂଶୋଧନ କରାଗଲା ୧୯୭୨ ର ଜୁନିଅର ଇଞ୍ଜିନିଅର କ୍ୟାଡର ଗଠନ ପରେ । ସେଥିରେ ବ୍ୟବସ୍ଥା ରହିଲା ଯେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀକୁ ପ୍ରମୋସନ ପାଇଁ ଏସ୍.ଏ.ଇ କ୍ୟାଡ଼ରରୁ ଶତକଡ଼ା ୨୫ ଭାଗ, ଜେ.ଇ. କ୍ୟାଡ଼ରର ଶତକଡ଼ା ୫୦ ଭାଗ ଏବଂ ଖୋଲା ବଜାରୁ ବଳକା ୨୫ ଭାଗ ନିଆଯିବ । ଦିନେ ମୁଁ ଯୁଧିଷ୍ଠିର, ଅନନ୍ତ ପ୍ରଭୃତି ୫/୬ ଜଣ ଜେ.ଇ. ନିର୍ମାଣ ବିଭାଗ ସଚିବ ଏ.ସି. ପାଢ଼ୀଙ୍କୁ ଯାଇ କହିଲୁ - "ଆମେ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଜେ.ଇ. ହିସାବରେ ଅଛୁ । ତେଣୁ ବର୍ତ୍ତମାନ ପାଇଁ ଖୋଲା ବଜାରରୁ ୨୫ ଭାଗ ନ ନେଇ ଆମକୁ ଦିଆଯାଉ । " ପାଢ଼ୀ ସାହେବ ଏଥିରେ ରାଜିହେଲେ । ସେତେବେଳେ ପାଖାପାଖି ୬୫ଟି ଆସିଷ୍ଟାଣ୍ଟ ଇଞ୍ଜିନିଅର ପଦବୀ ଖାଲି ହୋଇଥିଲା । ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିଅର୍ ମାନେ ତାଙ୍କ କ୍ୟାଡ଼ର ହିସାବରେ ଗଣି ୩୫ଟି ପଦ ପାଇଲେ । ଜେ.ଇ. ମାନଙ୍କୁ ଦିଆଗଲା ଅବଶିଷ୍ଟ ୩୦ଟି ପଦ । ଏହି ୩୦ଟି ପଦବୀରେ ପୂର୍ବରୁ ଯେଉଁମାନେ ଏସ୍.ଡି.ଓ. ଦାୟୀତ୍ୱରେ ଥିଲେ ତାହା ମଧ୍ୟ ମିଶିଛି ।

ଜୁନ୍ ୧୯୮୦ରେ ବିଭାଗୀୟ ପଦୋନ୍ନତି କମିଟି ବସିଲା । ସେହି କମିଟିର ଚେୟାରମ୍ୟାନ୍ ଭାବରେ ଶ୍ରୀଯୁକ୍ତ ପାଢ଼ୀଙ୍କର ମତାମତ ଲିପିବଦ୍ଧ ହେଲା ଯେ ଖୋଲା ବଜାରରୁ ୨୫% ନ ନେଇ ୩୦ଟି ପଦବୀ ଜେ.ଇ. ମାନଙ୍କ ମଧ୍ୟରୁ ପ୍ରମୋସନ୍ ଦେବା ପାଇଁ । ୨୭.୦୬.୧୯୮୦ରେ ଆମେ ୩୦ଜଣ ପ୍ରମୋସନ୍ ଅର୍ଡ଼ର ପାଇଲୁ । ଏହି କମିଟିରେ ନିର୍ଦ୍ଦିଷ୍ଟ ନିଯୁକ୍ତିର ମଧ୍ୟ ନିଷ୍ପତ୍ତି କରି ଦିଆଯାଇଥିଲା ଏବଂ ମୋର ଇଞ୍ଜିନିୟରିଂ ସ୍କୁଲରେ ଲେକ୍‌ଚର ହେବାପାଇଁ ପ୍ରସ୍ତାବ ଥିଲା ।

Digitized by srujanika@gmail.com

ମୁଖ୍ୟ ଯନ୍ତ୍ରୀ, ରାସାଗୃହ ଅଫିସରେ ଥିବା ସହକାରୀ ଯନ୍ତ୍ରୀ ଗୋରାଚାନ୍ଦ ଶତପଥୀ ପ୍ରମୋସନ୍ ପାଇ ବ୍ରିଟ୍ (ବର୍ତ୍ତମାନ ବି.ଡି.ଏ) କୁ ଯାଇଥିଲେ । ପୂର୍ବରୁ ସେ ମୋତେ ଜାଣିଥିବାରୁ ବ୍ରିଟ୍‌କୁ ଆସିଷ୍ଟାଣ୍ଟ ଇଞ୍ଜିନିଅର ପଦପାଇଁ ମୋ ନାମ ସୁପାରିଶ କରିଥିଲେ । ମୁଁ ନିର୍ମାଣ ବିଭାଗର ସଚିବ ଏ.ସି. ପାଢ଼ୀଙ୍କୁ କହିଲି, "ବ୍ରିଟ୍ ମୋ ନାଆଁ ମାଗିଛି, ଆପଣ ମୋତେ ସେଠାକୁ ପଠାଇଲେ ଉପକୃତ ହେବି" । ପାଢ଼ୀ ସାହେବ ରାଜି ହୋଇ ମୋତେ ଲେକଚରର୍ ଅର୍ଡ଼ର୍ ନକରି ବ୍ରିଟ୍‌କୁ ଅର୍ଡ଼ର କଲେ । ୨୭.୦୬.୧୯୮୦ରେ ପ୍ରମୋସନ୍ ଅର୍ଡ଼ର ଏବଂ ୩୦.୦୬.୮୦ରେ ପୋଷ୍ଟିଂ ଅର୍ଡ଼ର ବାହାରିଲା । ବ୍ରିଟ୍ କୁ ଦିଆଯାଇଥିଲା ୮ ଜଣଙ୍କୁ । ମାତ୍ର ସେଠାରେ ରେ କାମ ନଥିବାରୁ ମାତ୍ର ୩ ଜଣଙ୍କୁ ନେବାପାଇଁ କଥା ହେଲା । ଏହି ସମୟକୁ ବ୍ରିଟ୍‌ର ଚେୟାରମ୍ୟାନ ଥିଲେ ନଗର ଉନ୍ନୟନ ସଚିବ ସୁରେନ୍ଦ୍ର ମିଶ୍ର ଏବଂ ଯନ୍ତ୍ରୀ ତଥା ସଚିବ ଥିଲେ ଏମ୍.ଏଲ୍. ପଟ୍ଟନାୟକ । ସେକ୍ରେଟେରି ଯେହେତୁ ମୋତେ ଜାଣିଥିଲେ, ଏହି ୩ ଜଣଙ୍କ ଭିତରେ ମୋ ନାମ ରହିଲା । ବ୍ରିଟ୍ ୟୁନିଟ-୨ ରେ ଭଡ଼ା ଘରେ ଚାଲୁଥିଲା । ୧୯୮୨ ମସିହାରେ ଷ୍ଟେସନ୍ ଛକସ୍ଥ, ଅଶୋକା ମାର୍କେଟ କୋଠାକୁ ଆସିଲା । ମୋ'ର ନିଯୁକ୍ତି ହେଲା ନୂଆକରି ହେଉଥିବା ଡିଭିଜନ୍ ୪ ରେ । ନିର୍ବାହୀ ଯନ୍ତ୍ରୀ ଥିଲେ ନିତ୍ୟାନନ୍ଦ ଚୌଧୁରୀ । ଡିଭିଜନ ମାନେ ମାତ୍ର ୩ ଜଣ । ଜଣେ ନିର୍ବାହୀ ଯନ୍ତ୍ରୀ, ଜଣେ ସହକାରୀ ଯନ୍ତ୍ରୀ ଓ ଜଣେ ଛାତ୍ର ଏସ୍.ଏ.ଇ. । ରସୁଲଗଡ଼ର ପୂର୍ବକୁ କେନାଲ ପାଖରେ ଥିଲା ମଶାଣି ପଡ଼ିଆ । ଗାଁ ନାଁ ଗୋଡ଼ା ଗୋପୀନାଥ ପ୍ରସାଦ । କେହି କେହି ତାକୁ ଭୁଲରେ ଗଡ଼ଗୋପୀନାଥ ପ୍ରସାଦ କହୁଛନ୍ତି । ସେହି ମଶାଣି ପଡ଼ିଆକୁ ଯିବା ପାଇଁ କେନାଲ ବନ୍ଧରୁ ଗୋଟିଏ ପାଣି ମାହାରା, ୧୦ ଫୁଟ ଓସାର ସରିକି ଥିଲା । ଆଗରୁ ସ୍ଥାନୀୟ ଲୋକମାନେ ମାହାରର ହିଡ଼ରେ ପଡ଼ିଆକୁ ଯାଉଥିଲେ । ଯେତେବେଳେ ସର୍ଭେକାମ ଆରମ୍ଭ ହେଲା ସେତେବେଳକୁ ଶବ ପୋଡ଼ିବା ଅନ୍ୟ ସ୍ଥାନରେ ହେଉଥିଲା । ମାତ୍ର ପଡ଼ିଆରେ ୬/୭ଟି ପୁରୁଣା ସମାଧି ସ୍ତମ୍ଭ ଥିଲା । ଗୋଡ଼ା ଗୋପୀନାଥ ପ୍ରସାଦ ହାଉସିଙ୍ଗ ପ୍ରୋଜେକ୍ଟର ଆର୍କିଟେକ୍ଟ (ସ୍ଥପତି) ଥିଲେ ଏ. ଏନ୍. ରାୟ ଚୌଧୁରୀ । ଏହି ସ୍କିମ୍‌ରେ ଥିଲା ଓ ୬୪ଟି ଏମ୍.ଆଇ.ଜି.ଏ. ଓ ୬୪ଟି ଏମ୍.ଆଇ.ଜି.ବି. ଘର, ୭୦୦ଟି ଏଲ୍.ଆଇ.ଜି. ଘର ଓ ୭୦୦ ଟି ଇ.ଡବ୍ଲୁ.ଏସ୍. ଘର । ଏହି ପ୍ରୋଜେକ୍ଟର ବିଶେଷତ୍ୱ ଥିଲା, ଏମ୍.ଆଇ.ଜି. ଘର ଉପରେ ଏମ୍.ଆଇ.ଜି.ବି. ଘର ଏବଂ ଇ.ଡବ୍ଲୁ.ଏସ୍ ଘର ଥିଲା ଏଲ୍.ଆଇ.ଜି. ଘର ଉପରେ । ପ୍ରଥମଥର ପାଇଁ ଓଡ଼ିଶାରେ ବହୁତଳ ବିଶିଷ୍ଟ ଘର ବିକ୍ରୟ ଉଦ୍ଦେଶ୍ୟରେ ତିଆରି ହେଲା । ଅଟକଳ ପ୍ରସ୍ତୁତ କରିବା, ସ୍କିମ୍ ତିଆରି କରିବା ଇତ୍ୟାଦି ମୁଁ ଏବଂ ନିର୍ବାହୀ ଯନ୍ତ୍ରୀ କଲୁ । ସମୁଦାୟ ପ୍ରୋଜେକ୍ଟର ମୂଲ୍ୟ ଥିଲା ୧୨୪.୫୮ ଲକ୍ଷ

Digitized by srujanika@gmail.com

ଏବଂ ୨୨୮ ଘରର ମୂଲ୍ୟ ଥିଲା ୮୮ ଲକ୍ଷ ଟଙ୍କା । ଆଉ କେହି ଷ୍ଟାଫ୍ ନଥିଲେ । ଛାତ୍ର ଏସ୍.ଏ.ଇ ଜଣଙ୍କ ଚାକିରି ପାଇ ଅନ୍ୟଆଡ଼େ ଚାଲିଗଲେ । ସ୍କିମ୍ ହୁଡ୍‌କୋରୁ ମଞ୍ଜୁରୀ ପାଇଲା ବେଳକୁ ଚୌଧୁରୀ ବାବୁ ବଦଳି ହୋଇ ଢେଙ୍କାନାଳ ଏନ.ଏଚ୍. ଡିଭିଜନ୍ କୁ ଚାଲିଗଲେ ଏବଂ ଡିଭିଜନ୍ ୪ ଭାଙ୍ଗି ଯାଇ ଡିଭିଜନ୍ ୩ ଅଧିନକୁ ଆସିଗଲା । ଟେଣ୍ଡର ହୋଇ କାମ ଆରମ୍ଭ ହେବା ବେଳକୁ ପ୍ରଥମ ଦଫାରେ ୨ ଜଣ ଏସ୍.ଏ.ଇ. ଆସିଲେ । ତା'ପରେ ୩ ଜଣ । ଏହି ଏସ୍.ଏ.ଇ. ମାନେ ହେଲେ ୰ଅଜିତ୍ କର, ୰ପତିତପାବନ ସାହାଣି, ୰ଦିନବନ୍ଧୁ ମିଶ୍ର, ଶରତ ମହାପାତ୍ର, ଏବଂ ଉପେନ୍ଦ୍ର ସାମନ୍ତରା । ପ୍ରୋଜେକ୍ଟ ଆରମ୍ଭ ହେବାର ୬ ମାସ ପରେ ଆଉଜଣେ ସହକାରୀ ଯନ୍ତ୍ରୀ, ରବିନାରାୟଣ ମହାପାତ୍ର ଆସିଲେ । ସେ ମୋର ଇଞ୍ଜିନିଅରିଂ ସ୍କୁଲର ସହପାଠୀ । ମୋ' ପରି ସେ ମଧ୍ୟ ଚାକିରିରେ ଥାଇ ଏ.ଏମ୍.ଆଇ.ଇ. ପାସ୍ କରି ଥିଲେ । ରବିନାରାୟଣ ୧୯୯୬ରେ ସେ ଅବସର ନେଲେ ସେହି ସହକାରୀ ଯନ୍ତ୍ରୀ ପଦରେ । ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ ପାଇଁ ତାଙ୍କର ସରକାରୀ ନିର୍ଦ୍ଦେଶନାମା ବାହାରିଲା ତାଙ୍କର ଅବସର ନେବାର ୪ ଦିନ ପରେ ।

ଇଂ. ରବିନାରାୟଣ ମହାପାତ୍ର

ଗୋଡ଼ା ଗୋପୀନାଥ ପ୍ରସାଦ ହାଉସିଂ ପ୍ରୋଜେକ୍ଟର କାମ ଆରମ୍ଭ ବେଳକୁ ସମୁଦାୟ ପ୍ରୋଜେକ୍ଟକୁ ୭ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା । ଠିକାଦାରମାନେ ହେଲେ ସୀତାରାମ ଅଗ୍ରୱାଲ୍, ସୂର୍ଯ୍ୟମଣି ନାୟକ, ବସନ୍ତ କୁମାର ବିଶ୍ୱାଳ, ହେମନ୍ତ ଗଜେନ୍ଦ୍ର ଏବଂ ଏମ୍.ଏ. ରହମନ । ଏମାନଙ୍କର କାହାର ହେଲେ କଂକ୍ରିଟ୍ ମିକ୍ସଚର ନଥିଲା । ଏହି ମେସିନ୍ ବ୍ରିଟ୍‌ର ଦୁଇ ନମ୍ବର ଡ଼ିଭିଜନରେ ଥିଲା । ଡିଭିଜନ-୨ର କାମ ସରିବାପରେ ଏହି ମିକ୍ସର ମେସିନ୍ ଡିଭିଜନ୍-୩କୁ ଟ୍ରାନ୍ସଫର କରିବା କଥା । ମାତ୍ର ତାହା ହୋଇନଥିଲା । ଅନ୍ୟ ପକ୍ଷରେ ଡିଭିଜନ୍-୨ କାମ କରିଥିବା ଠିକାଦାର ମାନଙ୍କୁ ଭଡ଼ା ସୂତ୍ରରେ ଦେଉଥିଲା । ଢଳେଇ କରିବା ଦିନ ସ୍ଥିର କଲେ ମଧ୍ୟ ଯଦି ମେସିନ୍ ଅନ୍ୟ କେଉଁଆଡ଼େ ଯାଇଥିବ, ଡିଭିଜନ୍-୩ କୁ ଅପେକ୍ଷା କରିବାକୁ ପଡୁଥିଲା । ଡିଭିଜନ୍-୨ ଓ ଡିଭିଜନ୍ - ୩ ର ନିର୍ବାହୀ ଯନ୍ତ୍ରୀମାନେ ବୁର୍ଲାରେ ଏକା ଶ୍ରେଣୀରେ ପଢୁଥିଲେ । ମାତ୍ର ତାଙ୍କର ସମ୍ପର୍କ ଭାଇବୋହୂ ଦେଢ଼ଶୂର ପରି ଥିଲା । କିଏ କାହାକୁ ଅନାଅନି ହେଉନଥିଲେ । ମୁଁ ଏକଥା ସେକ୍ରେଟାରି ଏମ୍.ଏଲ୍. ପଟ୍ଟନାୟକ ସାହେବଙ୍କ ନଜରକୁ

Digitized by srujanika@gmail.com

ଆଣିଲି । କହିଲି, "ଡିଭିଜନ୍ - ୨ ବାହାର ଲୋକଙ୍କୁ ଭଡ଼ା ଦେଇ ପଇସା ଆଦାୟ କରୁଛି, ଅଥଚ ଡିଭିଜନ୍ - ୩ରେ କାମ ହୋଇପାରୁନି । ଏପରି ଅବସ୍ଥାରେ ସ୍କିମ୍‌ର ଲକ୍ଷ୍ୟ ଠିକ୍ ସମୟରେ ପୂରଣ ହେବ କିପରି ?" ଡିଭିଜନ୍ - ୨ର ଇ.ଇ.ଙ୍କୁ ନିର୍ଦ୍ଦେଶ ଦିଆଗଲା, ସବୁ ମେସିନ୍‌କୁ ଡିଭିଜନ୍ -୩ କୁ ଟ୍ରାନ୍‌ସଫର ପାଇଁ । ଗୋଡ଼ା ଗୋପୀନାଥ ପ୍ରସାଦର ହାଉସିଂ ପ୍ରୋଜେକ୍ଟରେ ଥିବାବେଳେ ମୋର ସମୟ ଭଲରେ କଟୁଥିଲା । ୫ଜଣ ଏସ୍.ଏ.ଇ.ରୁ ୩ଜଣ ଏସ୍.ଏ.ଇ. ମୋର ସହପାଠୀ ଏବଂ ଜଣେ ମୋ ତଳ ଶ୍ରେଣୀରେ ପଢୁଥିଲେ । ନିର୍ବାହୀ ଯନ୍ତ୍ରୀ ଗୋରାଚାନ୍ଦ ବାବୁ ଆଗରୁ ହାଉସିଂ ବୋର୍ଡ଼ରେ ଏସ୍.ଡି.ଓ ଥିଲେ । ତେଣୁ କମ୍ ଖର୍ଚ୍ଚ ବିଶିଷ୍ଟ ପ୍ରୋଜେକ୍ଟରେ ଘର କରିବା, ଅଭିଜ୍ଞତା ତାଙ୍କର ଥିଲା । ଉଦାହରଣ ସ୍ୱରୂପ, ପଲସ୍ତରା ସିମେଣ୍ଟ ଭାଗ ଥିଲା ୧:୮ । କାନ୍ଥ ପଲସ୍ତରା କରିବା ଆଗରୁ ପୂର୍ବଦିନ କାନ୍ଥକୁ ପାଣି ମାରି ଏପରି ଓଦା କରାଯିବ ଯେ, ପାଣି ଭେଦି କାନ୍ଥର ଅନ୍ୟପଟକୁ ଓଦା କରିବ । ଢଳେଇର ଚଟାଣ କରିବା ସମୟରେ ଇଟାଗେଟି ଉପରେ ୧ ଇଞ୍ଚର ପାଣି ଠିଆ ହୋଇଥିବ, କଂକ୍ରିଟ୍ ପଡ଼ିବ । କାନ୍ଥରେ ଇଟା ବ୍ୟବହାର କରିବା ପୂର୍ବରୁ, ଇଟା ପାଣିରେ ଏମିତି ଭେଦିଯାଏ ଯେ ପାଣି ନିଗିଡ଼ି ପଡୁଥିବ । ଛାତ ଢ଼ଳେଇ ପରେ ୨୮ ଦିନ ପର୍ଯ୍ୟନ୍ତ ୪ ଇଞ୍ଚ ଉଚର ପାଣି ଲହଡ଼ା ମାରିବ । ୩୧.୦୮.୧୯୮୩ ତାରିଖରେ ବ୍ରିଟ୍, ବି.ଡ଼ି.ଏ ନାମିତ ହେଲା ଗୋଟିଏ ନିୟମ ବଳରେ । ଏମ୍.ଏଲ୍. ପଟ୍ଟନାୟକ ବଦଳି ହୋଇ ଚାଲିଗଲେ । ତାଙ୍କ ସ୍ଥାନରେ ଆସିଲେ ମାଗୁଣି ଚରଣ ସ୍ୱାଇଁ, ଇଞ୍ଜିନିଅର ମେମ୍ବର ଭାବରେ । ଏସ୍.ଇ. ର୍‍ୟାଙ୍କ୍ । ମାତ୍ର ୨ ମାସ ଭିତରେ ସ୍ୱାଇଁଙ୍କର ବଦଳି ହୋଇଗଲା ମୁଖ୍ୟଯନ୍ତ୍ରୀଙ୍କ ଅଫିସକୁ । ତା'ପରେ ଏମ୍. କୋରା ଇଞ୍ଜିନିଅର ମେମ୍ବର ହୋଇ ଆସିଲେ ।

ଗୋଡ଼ା ଗୋପୀନାଥ ପ୍ରସାଦର ଘର କାମ ଖୁବ୍ ଭଲରେ ଆଗେଇଲା । ମାତ୍ର ୧୯୮୩ ମେ ମାସର ଅଦିନିଆ ଝଡ଼ ସବୁ ଓଲଟ ପାଲଟ କରିଦେଲା । ଇଟା ଭାଟି ମାଲିକଙ୍କର କଞ୍ଚାଇଟା ନଷ୍ଟ ହୋଇଗଲା ପରେ ଇଟାର ଦାମ୍ ବହୁତ ବଢ଼ିଗଲା । ପୂର୍ବରୁ ହଜାର ଦର ଯାହାଥିଲା ସିଧା ବଢ଼ିଗଲା ୧.୫ ଗୁଣକୁ । ସ୍କିମ୍‌ର ଅଟକଳ ହୋଇଥିଲା ୧୯୭୯ ମସିହା ସିଡ୍ୟୁଲ ରେଟ୍‌ରେ । ଟେଣ୍ଡର ପରେ କାମ ଆରମ୍ଭ ହେଲା ୩୦.୧୦.୧୯୮୧ ମସିହାରେ । ଠିକାଦାରମାନେ ସିଡୁଲଠାରୁ ବେଶି କିଛି ଅଧିକ ଦରରେ କାମ ନେଇନଥିଲେ । ତେଣୁ କାମ ପ୍ରାୟ ସ୍ଥାଣୁ ଅବସ୍ଥାକୁ ଆସିଗଲା । ଏହି ସମୟବେଳକୁ ୬୫ ଭାଗ କାମ ହୋଇସାରିଥିଲା । ଏଣେ ଇଟାର ଦର ବଢ଼ିଯିବାରୁ

Digitized by srujanika@gmail.com

ଉପର ମହଲାର କାମ ଅଧିକ ଖର୍ଚ୍ଚାନ୍ତ ହୋଇପଡ଼ିଲା । ଠିକାଦାରମାନେ ଅନୁରୋଧ କଲେ, ଅଧିକ କିଛି ଟଙ୍କା ନେବାପାଇଁ । ଅବଶ୍ୟ ବହୁତ ପରେ ବି.ଡି.ଏ. କର୍ତ୍ତୃପକ୍ଷ କିଛି ଅଧିକା ଟଙ୍କା ଠିକାଦାରମାନଙ୍କୁ ଦେଲେ । କିନ୍ତୁ ପ୍ରାରମ୍ଭରେ ଅଧିକା ଦରଦେବା ପାଇଁ ଗ୍ୟାରେଣ୍ଟି ଦେବ କିଏ ? ସେଥିପାଇଁ କାମ କଚ୍ଛପ ଗତିକୁ ଚାଲିଗଲା ।

ଗୋଡ଼ା ଗୋପୀନାଥ ପ୍ରସାଦର କାମ ଭଲ ବୋଲି ସବୁ ସ୍ଥଳରେ ଆଲୋଚିତ ହେଉଥିବା ବେଳେ ଘର କିଣିଥିବା ବ୍ୟକ୍ତିମାନେ ପ୍ରଥମଥର ପାଇଁ ଆପାର୍ଟମେଣ୍ଟ ଘର କିଣି ଅସନ୍ତୋଷ ବ୍ୟକ୍ତ କଲେ । ତଳେ ଜଣେ, ଉପରେ ଆଉ ଜଣେ । ଏପରି ସ୍ଥଳେ କେହିଜଣେ ବ୍ୟକ୍ତି ଦୁର୍ନିତି ନିବାରଣ ବିଭାଗକୁ ଚିଠି ଲେଖିଲେ । କାମ ବହୁତ ଖଇଚା ହୋଇଛି ବୋଲି । ଏହା ୧୯୮୬ ମସିହାର କଥା । ମାତ୍ର ଅନୁସନ୍ଧାନ ପରେ ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲା ।

୧୯୮୪ ଜୁନ୍‌ରେ ମୁଁ ବଦଳି ହୋଇ ଚାଲିଗଲି ଚାରିବାଟିଆକୁ । ପ୍ରାୟ ୧୯୪୦ ମସିହା ବେଳକୁ ଚାରିବାଟିଆ ଏ.ଆର୍.ସି. କାମ ଆରମ୍ଭ ହୋଇଥିଲା । ଓଡ଼ିଶା ପୂର୍ତ୍ତ ବିଭାଗ ଏହି ପ୍ରକଳ୍ପର କାମ କଲାବେଳେ ନିଜ ପାଇଁ ଷ୍ଟାଫ୍ କ୍ୱାର୍ଟର ମଧ୍ୟ କରିଥିଲା । ସମୟକ୍ରମେ ବ୍ୟୋମ ପଡ଼ିଆ (Air Sleep) ରକ୍ଷଣାବେକ୍ଷଣ କାମ ସି.ପି.ଡବ୍ଲୁ.ଡି.କୁ ମିଳିଲା । ଏରୋଡ୍ରମ୍ ବାହାରେ ଥିବା ଅଫିସ୍ ଓ ଷ୍ଟାଫ୍ କ୍ୱାଟରର କାମ ଓଡ଼ିଶା ପୂର୍ତ୍ତ ବିଭାଗ ଦେଖିଲା । କାମ କମିଯିବାରୁ ଚାରବାଟିଆ ଡିଭିଜନ୍ କଟକ ଜିଲ୍ଲାର କିଛି ପୂର୍ତ୍ତକାମ ହାତକୁ ନେଲା ଏବଂ ଗୋଟିଏ ମାତ୍ର ସବ୍‌ଡିଭିଜନ୍ ଚାରବାଟିଆର ଦାୟିତ୍ୱରେ ରହିଲା । ଏହି ସବ୍‌ଡିଭିଜନ୍‌ରେ ୪ଟି ସେକ୍‌ସନ୍ ଥିଲା । ଷ୍ଟୋର ସେକ୍‌ସନ୍ ଏଥିରୁ ଗୋଟିଏ ସେକ୍‌ସନ୍ । ମୁଁ ୧୯୮୭ରେ ଚାରବାଟିଆ ଛାଡ଼ିଲାବେଳକୁ ୪ଟି ସେକ୍‌ସନ୍ କମି ୩କୁ ରହିଲା । ଏହି ସବ୍-ଡିଭିଜନ୍ ଅଧିନରେଏ.ଆର୍.ସି.ର କିଛି ଅଫିସ୍ ଓ ଷ୍ଟାଫ୍ କ୍ୱାଟର, ପୂର୍ତ୍ତ ଷ୍ଟୋର ଏବଂ ୮ କି.ମି. ଲମ୍ବା ଗୋଟିଏ ମାତ୍ର ରାସ୍ତା ଚାରିବାଟିଆ ମଙ୍ଗରାଜପୁର ରୋଡ଼ ଥିଲା । ଏଠି ନିର୍ବାହୀ ଯନ୍ତ୍ରୀ ଥିଲେ ଶ୍ରୀଯୁକ୍ତ ଲଳିତ ମୋହନ ପାତ୍ର ଓ ଅଧିକ୍ଷଣ ଯନ୍ତ୍ରୀ ଥିଲେ ଶ୍ରୀଯୁକ୍ତ ଏସ୍.ପି. ଗନ୍ତାୟତ । ୧୯୮୨ ମସିହାର ବନ୍ୟା ପାଇଁ ଦିଆଯାଇଥିବା ଟଙ୍କାରେ ଷ୍ଟୋର ପାଇଁ ଅଧିକ ମୂଲ୍ୟରେ ଏବଂ ଅନାବଶ୍ୟକ ଜିନିଷ କିଣା ଯାଇଥିଲା ବୋଲି ଅଭିଯୋଗ ଥିଲା । ୧୯୮୪ରେ ସରକାର ଷ୍ଟୋର ଭେରିଫିକେସନ୍ ପାର୍ଟିକୁ ପଠାଇ ଗୋଟେ ସ୍ପେସିଆଲ୍ ଅଡ଼ିଟ୍ କରାଇଲେ । ମୁଁ ଯୋଗଦେବାର ପ୍ରାୟ ୪ ମାସପରେ ନିରଞ୍ଜନ ପାଣିଗ୍ରାହୀ ନିର୍ବାହୀ ଯନ୍ତ୍ରୀ ହିସାବରେ ୩୧.୧୦.୮୪ରେ ଯୋଗଦେଲେ ।

Digitized by srujanika@gmail.com

ସେ ଯୋଗ ଦେବାର ଘଣ୍ଟାକ ପରେ ଖବର ମିଳିଲା, ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ନିହତ ହୋଇଗଲେ । ପାଣିଗ୍ରାହୀ ସାହେବ ଅତି କଡ଼ା ଲୋକ । ତାଙ୍କ ପାଖରେ କାମ କରିବା ଖଣ୍ଡା ଧାରରେ ଚାଲିବା ପରି । ସେହି ସମୟରେ ଆଠଗଡ଼ରେ ଯେଉଁ ପୂର୍ତ୍ତ ଏସ୍‌.ଡି.ଓ. ଥିଲେ ସିଏ ଆଗରୁ ପାଣିଗ୍ରାହୀ ସାହେବ୍ କ୍ୟାପିଟାଲ୍ ମେଣ୍ଟେନାନ୍‌ସରେ ଏସ୍‌.ଡି.ଓ. ଥିଲାବେଳେ ସବ୍ ଆସିଷ୍ଟାଣ୍ଟ ଇଞ୍ଜିନିଅର ଥିଲେ । ସେ ପାଣିଗ୍ରାହୀ ସାହେବଙ୍କୁ ଖୁବ୍ ଡରନ୍ତି । ସେ ମାତ୍ର ୨ ମାସ ପରେ ଦରଖାସ୍ତ କରି ଚିଫ୍ ଇଞ୍ଜିନିଅର ଅଫିସକୁ ବଦଳି ହୋଇ ଚାଲିଗଲେ । ମୁଁ ଚାରିବାଟିଆରେ ୩ବର୍ଷ ରହିଲି । ମୋର ରହିବା ଭିତରେ ସବୁ 4-R, 5-R, ଘର ଗୁଡ଼ିକରେ ପ୍ରଥମ ଥର ପାଇଁ ସିମେଣ୍ଟ ରଙ୍ଗ କରାଗଲା । ଷ୍ଟୋର୍‌କୁ ବହୁତ କିଛି ସଂସ୍କାର କଲି । ଠିକ୍ ସମୟରେ ଇଣ୍ଡେଣ୍ଟ୍ ମୂଲ୍ୟାୟନ କରି ଏ.ଆର୍‌.ସି.ର ଖର୍ଚ୍ଚକୁ ସମତୁଲ କରି ରଖିଲି । ଅତୀତରେ ଇଣ୍ଡେଣ୍ଟ୍ ମୂଲ୍ୟାୟନ ନକରି ତତ୍‌କାଳୀନ ଆକାଉଣ୍ଟାଣ୍ଟ, ଏକାଥରକେ ମୂଲ୍ୟାୟନ କରିବାରୁ ଗୋଟିଏ ବର୍ଷର ୨୨ ଲକ୍ଷ ଟଙ୍କାର ମରାମତି କାମ ପୁରା ବନ୍ଦ ହୋଇଯାଇଥିଲା । ମୁଁ ଚାରିବାଟିଆରେ ରହିବାର ୨ବର୍ଷ ପରେ କିଛି ବ୍ୟକ୍ତି ମୋ ବଦଳି ପାଇଁ ଚେଷ୍ଟା କରିଥିଲେ । ମାତ୍ର ନିଜେ ପାଣିଗ୍ରାହୀ ସାହେବ ମୋ ସପକ୍ଷରେ ସାଂସଦଙ୍କ ପାଖରେ ଯୁକ୍ତି କରିବାରୁ ପ୍ରସ୍ତାବିତ ବଦଳି ବନ୍ଦହେଲା ।

ମୁଁ ଚୌଦ୍ୱାର ପୌରପାଳିକାର ଇଞ୍ଜିନିଅର ମଧ୍ୟ ଥିଲି । ଚୌଦ୍ୱାର ସହର ରାସ୍ତା କାମ ହୋଇପାରୁ ନଥିଲା ପିଚୁ ଅଭାବରୁ । ତା' ଛଡ଼ା ପୌରପାଳିକାରେ ଟଙ୍କା ଅଭାବରୁ ଦରମା ମଧ୍ୟ ପାଇବାରେ ଅସୁବିଧା ହେଉଥିଲା । ପୂର୍ତ୍ତଷ୍ଟୋର ପାଇଁ ଯେଉଁ ପିଚୁ, ଛଡ଼, ସିମେଣ୍ଟ ଅନ୍ୟାନ୍ୟ ଜିନିଷ କିଣା ହେଉଥିଲା ସେଥିରୁ ଚୌଦ୍ୱାରରେ ବ୍ୟବହାର ହେଉଥିବା ଜିନିଷର ଗୋଟିଏ ହିସାବ କରି ପ୍ରତି ମାସରେ ପଣ୍ୟ (Octri) ଟଙ୍କା ଦେବାରୁ ପୌରପାଳିକାର ଆର୍ଥିକ ଅବସ୍ଥାରେ ଟିକିଏ ଉନ୍ନତି ହେଲା ।

ଏ.ଆର୍‌.ସି.ର ଭିତର ରୋଡ୍‌ରେ ନିର୍ମାଣ କାମରେ ମୁଁ ୩/୪ ଇଞ୍ଚ ପ୍ରିମିକ୍ସ କାର୍ପେଟ୍ ଏବଂ ପ୍ରିମିକ୍ସଡ୍ ସିଲ୍‌କୋଟ୍ କରୁଥିଲି । ମାତ୍ର ପୌରପାଳିକାର ରାସ୍ତାରେ ସର୍ଫେସ ଡ୍ରେସିଂ ଉପରେ ପ୍ରିମିକସଡ୍ ସିଲ୍ କୋଟ କରାଉଥିଲି । ଏଥିରେ ଚୌଦ୍ୱାରର କିଛିଲୋକ ଆସି କହିଲେ "ଆମ ରୋଡ୍ କାମ କାହିଁକି ଏ.ଆର୍‌.ସି. କାମରୁ ନୀରସ ହେଉଛି ?" ମୁଁ କହିଲି "ସାରା ଓଡ଼ିଶା ପୂର୍ତ୍ତ ବିଭାଗରେ ଯେଉଁ ମାନରେ କାମ ହେଉଛି, ସେପରି ମଧ୍ୟ ଏଠାରେ ହେଉଛି । ମାତ୍ର ଏ.ଆର.ସି.ର ଆର୍ଥିକ ଅବସ୍ଥା ଭଲ ହେତୁ ତା' ପାଇଁ ଅଲଗା

Digitized by srujanika@gmail.com

ମାନର (Specification) କାମ ହେଉଛି । ମୁଁ ନିଜେ ଷ୍ଟୋର ଏସ୍.ଡି.ଓ. ହେତୁ ଏବଂ ମୋ' ପାଖରେ ରୋଲ୍‌ର ଥିବାରୁ ପୌରପାଳିକାର କାମ ଉପରିସ୍ଥ ଅଫିସର୍‌ଙ୍କ ଆଦେଶ ନେଇ ସହଜରେ କରି ପାରୁଥିଲି । ଅବଶ୍ୟ ପରେ ତାଙ୍କ ଠାରୁ ଭଡ଼ାଟଙ୍କା ଆଦାୟ କରାଯାଉଥିଲା ।

ମୁଁ ୧୯୮୯ରେ ନୟାଗଡ଼ରେ ସହକାରୀ ଯନ୍ତ୍ରୀ ଥିଲାବେଳେ ଘରିବାଟିଆରେ ହୋଇଥିବା କାର୍ଯ୍ୟ ସମ୍ବନ୍ଧୀୟ ଗୋଟିଏ ଅଭିଯୋଗ ଆସିଥିଲା । ସରକାର ଚାର୍ଜ ଫ୍ରେମ୍ କରିଥିଲେ ଭିଜିଲାନ୍‌ସ ଡିପାର୍ଟମେଣ୍ଟ ପାଖରୁ ମିଳିଥିବା ଅଭିଯୋଗ ଭିତ୍ତିରେ । ଷ୍ଟୋର ଜେ.ଇ. ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ମଧ୍ୟ କରିଥିଲେ । ମୁଁ ଅଭିଯୋଗର ଉତ୍ତର ଗୋଟିଏ ପଦରେ ଲେଖିଲି – "ଏହି ଅଭିଯୋଗ ସହିତ ମୋର କିଛି ସମ୍ବନ୍ଧ ନାହିଁ ।" ମୋର ଏ ଉତ୍ତର ପରେ ଭିଜିଲାନ୍‌ସ ଷ୍ଟାଫ୍ ଏବଂ ଘରିବାଟିଆର ନିର୍ବାହୀ ଯନ୍ତ୍ରୀ ସବୁ କାଗଜ ପତ୍ର ଆଣି ନିର୍ମାଣ ବିଭାଗର ଡେପୁଟି ସେକ୍ରେଟାରୀଙ୍କ ପାଖରେ ପହଞ୍ଚିଲେ । ଅଭିଯୋଗ ସଂକ୍ରାନ୍ତୀୟ ଜିନିଷ କିଣା ଏବଂ ବ୍ୟବହାର ଅନ୍ୟ ଜଣେ ଏସ୍.ଡି.ଓ.ଙ୍କର, ମୋର ନୁହେଁ । ମୁଁ କହିଲି "ମୋ ନାମ ଯଦି ଭୁଲରେ ଆସିଗଲା, ମୋ ଷ୍ଟୋର ଜେ.ଇ. ନାମ କେମିତି ଆସିଲା ? ଅଭିଯୋଗରେ ଜଣେ ଏସ୍.ଡି.ଓ. ଏବଂ ତାଙ୍କ ଜେ.ଇ. ରହିଲେ ଅଲଗା ଏସ୍.ଡି.ଓ. ଓ ଅଲଗା ଜେ.ଇ.ଙ୍କ ନାମ କେମିତି ଆସିବ" ? ମୁଁ ବୁଝିପାରିଲି,ଚକ୍ରାନ୍ତ କରି ନିର୍ଦ୍ଦୋଷକୁ ଚାର୍ଜ ଫ୍ରେମ୍ କରିଦେଲେ ଅସଲ ଲୋକୁ ଚାର୍ଜ କଲାବେଳକୁ ଡେରି ହେବ । ସେ ଆରାମରେ ଖସିଯିବେ । ମାତ୍ର ସେ କଥା ହେଲା ନାହିଁ । ଡେ଼ପୁଟି ସେକ୍ରେଟାରିଙ୍କୁ ମୁଁ କହିଲି "ଆପଣ ଦୁଃଖ ପ୍ରକାଶ କରି ମୋ ପାଖକୁ ପତ୍ର ଲେଖନ୍ତୁ ।" ମାତ୍ର ସେ ଭୁଲ୍ କ୍ରମେ ଚାର୍ଜ ହୋଇଥିବା ନଲେଖି ଚାର୍ଜ ବନ୍ଦ ହେଲା ବୋଲି ଲେଖିଲେ । ମୁଁ ସେତେବେଳେ ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀରେ ଥିବାରୁ, ଚାର୍ଜ ଫ୍ରେମ୍ ଅର୍ଡ଼ର ପାଇଁ ଫାଇଲରେ ଚିଫ୍ ମିନିଷ୍ଟର ବିଜୁ ପଟ୍ଟନାୟକଙ୍କ ଆଦେଶ ଅଣାଯାଇଥିଲା, କାରଣ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ ଜୁନିୟର କ୍ଲାସ – ୧ ଅନ୍ତର୍ଗତ । ଚାର୍ଜ ବନ୍ଦହେଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅର୍ଡ଼ର ଆଣିବା କଥା । ମାତ୍ର ଡରରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଫାଇଲ୍ ଦିଆଗଲା ନାହିଁ । ସେକ୍ରେଟାରୀଙ୍କ ସ୍ତରରେ ବନ୍ଦ ହେଲାବୋଲି ନିଷ୍ପତ୍ତି ହେଲା ।

ଘରିବାଟିଆ ରହଣି କାଳ ଭିତରେ ମୋ ଉପରେ କାମର ଚାପ ପ୍ରାୟ ନଥିଲା । ଗୋଟିଏ ମାତ୍ର ରୋଡ଼୍ । ସେଇଟା ପିଚୁ ହୋଇଛି । RLEGP ରୁ ଟ.୫୦,୦୦୦/- ମିଳିଥିବାରୁ ସେଇ ରୋଡ଼କୁ ୧ କି.ମି. ପର୍ଯ୍ୟନ୍ତ ଅଧିକା ବଢ଼ାଇ ପିଚୁକାମ ସାରିଲି ।

Digitized by srujanika@gmail.com

୮୨-୮୩ ମସିହାରେ ବନ୍ୟା ପାଇଁ ଯେଉଁ ଟଙ୍କା ଆସିଥିଲା, ସେଥିରେ ଅପର୍ଯ୍ୟାପ୍ତ ଷ୍ଟୋର୍ ଜିନିଷ କିଣା ଯାଇଥିଲା । ଏ.ଆର୍.ସି.ର ମୂଳକାମ ପାଇଁ ଯେଉଁ ଟଙ୍କା ଆସିଥିଲା, ସେଥିରେ ମଧ୍ୟ ଗୁଡ଼ିଏ ଜିନିଷ ସାଇଟ୍ ଆକାଉଣ୍ଟରେ କିଣାଯାଇଥିଲା । ସେଥିରେ ଗୋଟିଏ କାମ ହେଉଛି 'Rx' ଏରିଆରର କଣ୍ଟା ତାର ଛାଉଣୀ ଏବଂ ୱାଚ୍ ଟାୱାର ନିର୍ମାଣ । କିଛିକାମ ନ ହୋଇ ଜିନିଷ କିଣାରେ ସବୁ ଟଙ୍କା ସରିଗଲା । ତେଣୁ ସେ ସବୁ ଅଟକଳକୁ ଚିଫ୍ ଇଞ୍ଜିନିଅର ଅଫିସରୁ ପାସ୍ କରାଇ ଦିଲ୍ଲୀ ପଠାଗଲା । ପ୍ରାୟ ୮ ମାସ ପରେ ମଞ୍ଜୁରି ଆସିଲା । ତେଣୁ ୱାଚ୍ ଟାୱାର କାମ ଶେଷ ହେଲା । ଷ୍ଟୋରରେ ବହୁତ କିଛି ଅବ୍ୟବସ୍ଥା ଥିବାରୁ ମୁଁ ସଗୁଡ଼ିକ ବନ୍ଦ କରିବାକୁ ଲାଗିଲି । ଗୋଟିଏ କାମ ହେଲା ଠିକାଦାରମାନେ ନେଇଥିବା ଛଡ଼ ନିର୍ମାଣ ଦାୟୀତ୍ୱରେ ଥିବା ଏସ୍.ଏ.ଇ.ଙ୍କ ମାର୍ଫତରେ ଷ୍ଟୋରକୁ ଫେରାଇ ଦିଅନ୍ତି । ଅନେକ ଗୁଡ଼ିଏ ଛଡ଼ ବେଶ ଲମ୍ୱା । ଅନ୍ୟ କୌଣସି କାମରେ ବ୍ୟବହାର ହୋଇ ପାରିବ । ମାତ୍ର ସେମାନେ ବଳକା ହିସାବ (surplus account) କୁ ଫେରାନ୍ତି । ଏହାଫଳରେ ସେହି ନିର୍ଦ୍ଦିଷ୍ଟ କାମର ମୂଲ୍ୟ କମେ ନାହିଁ । ସେହି ବ୍ୟବହାର ଉପଯୋଗୀ ଷ୍ଟୋରରେ GRS Account (Goods Received Sheet)ରେ ଫେରାଇଲେ ମୂଳ କାମର ଏଷ୍ଟିମେଟ କମିଯାଏ ଓ ଅଯଥା ପୁନଃ ଅଟକଳର ଆବଶ୍ୟକତା ନଥାଏ । ଯେଉଁ ଛୋଟ ଛୋଟ ମାପର ଛଡ଼ ଯାହା ବ୍ୟବହାରର ସମ୍ଭାବନା ନଥାଏ, ତାକୁ ବଳକା ହିସାବରେ (Surplus account)ରେ ନିଆଗଲା ।

ଏ.ଆର୍.ସି. କ୍ୟାମ୍ପସ୍‌ର ଗୋଟିଏ ମୁଣ୍ଡକୁ ପୂର୍ବ ଷ୍ଟାଫ୍ କ୍ୱାଟର୍ ଥାଏ । ପ୍ରତିବର୍ଷ ଖରାଦିନେ ଏଠି ବାଦୀ ପାଲା ହୁଏ । ପ୍ରଥମ ଦୁଇବର୍ଷ ଯଥା ୧୯୮୫ ମେ ଆଉ ୧୯୮୬ ମେ ରେ ବାଦୀପାଲା ହୋଇଥିଲା । ଘରବାଟିଆ ସବ୍ ଡିଭିଜନ୍ - ୧ (ମୁଁ ଦାୟିତ୍ୱରେ ଥିବା ସବ୍‌ଡିଭିଜନ୍) ଏହାର ଉଦ୍ୟୋକ୍ତା । ୧୯୮୭ ମସିହାରେ ବହୁ ସମୟରୁ ହେଉଥିବା ପାଲା ବଦଳରେ ହେଲା ଗୋଟିଏ ଯାତ୍ରା । କାରଣ ଘରବାଟିଆ ସବ୍ ଡିଭିଜନ-୨ ର ଏସ୍.ଡି.ଓ. ଲଳିତ ମୋହନ ମହାନ୍ତି ଯାତ୍ରା (ନିଜ ଷ୍ଟାଫ୍‌କୁ ନେଇ) ସପକ୍ଷରେ କହିବାରୁ ସମସ୍ତେ ରାଜି ହେଲେ । ଷ୍ଟାଫ୍‌ମାନେ ପୂର୍ବପ୍ରସ୍ତୁତି କରି ଅଭିନୟ କଲେ । ଯାତ୍ରାଆରମ୍ଭରୁ ମୁଁ ଉଦ୍ୟୋକ୍ତା ସବ୍‌ଡିଭିଜନ୍‌ର ମୁଖ୍ୟ ଭାବେ ଏକ ପ୍ରାରମ୍ଭିକ ସଂକ୍ଷିପ୍ତ ଭାଷଣ ଦେଲାପରେ ଯାତ୍ରା ଆରମ୍ଭ ହେଲା ।

ଘରବାଟିଆରେ କାମ କଲାବେଳେ ମୁଁ ଯେତେ ଆତ୍ମ ସନ୍ତୋଷ ଲାଭ କଲି ସେତିକି ପରିମାଣରେ ଅଯଥାରେ ହଇରାଣରେ ମଧ୍ୟ ପଡ଼ିଲି । ୧୯୯୪ ମସିହାରେ

Digitized by srujanika@gmail.com

ଫୁଲବାଣୀରେ ଥିଲାବେଳେ ଗୋଟିଏ ଚିଠି ମିଳିଲା, ଗୋଟିଏ ନିର୍ଦ୍ଦିଷ୍ଟ ତାରିଖରେ ପବ୍ଲିକ୍ ଆକାଉଣ୍ଟ କମିଟିରେ ହାଜର ହେବାକୁ । ମାତ୍ର ଚିଠି ପାଇଲା ବେଳକୁ ତାରିଖ ଗଡ଼ି ଯାଇଥିଲା । ଏହା ଥିଲା ଘରବାଟିଆ ଷ୍ଟୋର ପାଇଁ ଜିନିଷ କିଣା କାରବାର ଉପରେ । ଏହା ମୋର ଯୋଗ ଦେବା ପୂର୍ବର କଥା । ଏହାପରେ ଆଉ କିଛି ଚିଠି ଆସିନାହିଁ । ୧୯୮୨ ମସିହାରେ ଥିବା ଷ୍ଟୋର ଜେ.ଇ., ଏସ୍.ଡି.ଓ. ଏବଂ ନିର୍ବାହୀ ଯନ୍ତ୍ରୀ ବହୁତ ବିଭାଗୀୟ କେସ୍, ଭିଜିଲାନ୍ସ କେସ୍ ରେ ହଇରାଣ ହୋଇଛନ୍ତି ।

୧୯୮୭ ମସିହା ଅକ୍ଟୋବର ମାସରେ ମୁଁ ନୟାଗଡ଼ ପୂର୍ତ୍ତ ସବ୍ ଡିଭିଜନ୍ ରେ ଏସ୍.ଡି.ଓ. ହିସାବରେ ଯୋଗ ଦେଲି । ଏହି ସବ୍‌ଡିଭିଜନ୍‌ରେ ୪ଟି ସେକ୍‌ସନ୍ (୧୯୯୧ ମସିହାରେ ଗୋଟିଏ ସେକ୍‌ସନ୍ କି.ମି. ଏବେ ୩ ରେ ଅଛି) । ନୟାଗଡ଼ ଟାଉନରେ ୨ଟି, ଓଡ଼ଗାଁରେ ଗୋଟିଏ ଏବଂ ଖଣ୍ଡପଡ଼ାରେ ଗୋଟିଏ । ବହୁତ ଆଗରୁ ଦଶପଲ୍ଲାରେ ଗୋଟିଏ ସେକ୍‌ସନ୍ ଥିଲା ଏହି ସବ୍‌ଡିଭିଜନ ଅଧିନରେ । କେଇବର୍ଷ ହେଲା ଦଶପଲ୍ଲା ସବ୍‌ଡିଭିଜନ ସୃଷ୍ଟି ହୋଇ ତହିଁରେ ୩ଟି ସେକ୍‌ସନ୍ ରହିଲା । ଯଥା : ଦଶପଲ୍ଲା, ଗଣିଆ, ଓ ନୂଆଗାଁ । ସର୍ବ ପ୍ରଥମେ ନୟାଗଡ଼ ଏସ୍.ଡି.ଓ. ପି.ଡବ୍ଲୁ.ଡି. ଅଫିସ୍ ହୋଇଥିଲା ନୟାଗଡ଼ ସିଭିଲ୍ ଏସ୍.ଡି.ଓ.ଙ୍କ କଚେରୀର ଗୋଟିଏ ବଖରାରେ । ପରେ ବଙ୍ଗଳା ପାଖରେ ଖାଲି ଜାଗାକୁ ତତ୍‌କାଳୀନ ପୂର୍ତ୍ତ ବିଭାଗର ଏସ୍.ଡି.ଓ. ଶରତ ଦାସ ପ୍ରାଚେରୀ କାନ୍ଥ ଘେରାଇ କିଛି ଘରକରି ଅଫିସ୍ କଲେ । ସମୟ କ୍ରମେ ସେଠି ୮ ବଖରା ବିଶିଷ୍ଟ ଅଫିସ୍ ଘର, ତଳିଆ କର୍ମଚାରୀଙ୍କ ଘର, ଷ୍ଟୋର ଘର ତିଆରି ହେଲା । ଡାକବଙ୍ଗଳାଟି ଦରବାର ସମୟରେ ନିର୍ମିତ ରାଜାଙ୍କର ନିଜ କୋବିଲତରେ ଅଛି । ମୁଁ ଯିବା ପୂର୍ବରୁ ରାଜାଙ୍କ ଏହି ସମ୍ପତ୍ତି ଉପରେ ପୂର୍ତ୍ତ ବିଭାଗ ତରଫରୁ ଗୋଟିଏ ଓ.ଏଲ୍.ଆର୍. କେସ୍ ରାଜାଙ୍କ ବିରୁଦ୍ଧରେ ଦିଆଯାଇଥିଲା । ଘଟଣାଟି ହେଉଛି ୰ଅମରେନ୍ଦ୍ର ସିଂ (କୃଷ୍ଣଚନ୍ଦ୍ର ସିଂଙ୍କ ସାନପୁଅ) ଜମି ସିଲିଙ୍ଗ ଆଇନରେ ୩୩ ଏକର ରଖିବା ପାଇଁ ଯେଉଁ ଜମିର ଚିଠା ଦେଇଥିଲେ, ସେଥିରେ ବଙ୍ଗଳା ଯାଗା ନଥିଲା । ମାତ୍ର ପରେ ତାହା ପୁଣି ପରିବର୍ତ୍ତନ କରି ଡାକବଙ୍ଗଳା ଜମି ସେଥିରେ ସାମିଲ କରିଥିଲେ । ମାତ୍ର ପୂର୍ତ୍ତ ବିଭାଗ ଗୋଟିଏ ମିସ୍‌କେସ୍ କଲା ଯେ, ଥରେ ଓ.ଏଲ୍.ଆର୍. କେଶରେ ଜମିର ଚିଠା ଦେଇଦେଲା ପରେ ପୁନର୍ବାର ବଦଳାଇ ଚିଠାରେ ପୁଣି ରଖିବା ଆଇନସମ୍ମତ ନୁହଁ । ଏହି ମାମଲାଟି ସିଭିଲ୍ ଏସ୍.ଡି.ଓ.ଙ୍କ କୋର୍ଟରେ ଗ୍ରହଣ ହୋଇଗଲା ।

Digitized by srujanika@gmail.com

ମୁଁ ଏହି ସବ୍‌ଡିଭିଜନ୍‌ରେ ୪ବର୍ଷ ରହିଲା ଭିତରେ, ଗୋଟିଏ ବଡ଼କାମ ହୋଇଥିଲା, ତାହା ନୂଆ ଜଗନ୍ନାଥ ସଡ଼କ । ଶରଣକୂଳ ଠାରୁ ପୁରୀ ପର୍ଯ୍ୟନ୍ତ ସଡ଼କ ପାଇଁ ସରକାରୀ ମଞ୍ଜୁରୀ ଥିଲା । ପୂର୍ତ୍ତ ବିଭାଗକୁ ଦିଆଯାଇଥିଲା ଶରଣକୂଳ ଠାରୁ ସିକୋ ପର୍ଯ୍ୟନ୍ତ ଓ ସେଠାରୁ ପୁରୀ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ଇଞ୍ଜିନିଅରିଂ ସଂସ୍ଥାକୁ ଦିଆଯାଇଥିଲା । ଶରଣକୂଳ ଠାରୁ ଆରମ୍ଭ ହୋଇଥିବା ପୁରୁଣା ରାସ୍ତାଟି ରଣପୁର ଦେଇ ଜଙ୍କିଆ ପାଖରେ ଜାତୀୟ ରଜପଥକୁ ସଂଯୋଗ କରିଛି । ନୟାଗଡ଼ ସବ୍‌ଡିଭିଜନ୍ ଭିତରେ ଆସୁଥିବା ରାସ୍ତାଟି ଥିଲା ଶରଣକୂଳ ଠାରୁ ଦର୍ପ ନାରାୟଣପୁର ପର୍ଯ୍ୟନ୍ତ ୨୩ କି.ମି. । ମୂଳରାସ୍ତାଟିର ନାଁ ହେଲା ପ୍ରତାପ ପ୍ରସାଦ ଦର୍ପନାରାୟଣପୁର ଶରଣକୂଳ । ମୁଁ ଯୋଗ ଦେଲା ବେଳକୁ ପ୍ରତାପ ପ୍ରସାଦ ଠାରୁ ଦର୍ପନାରାୟଣପୁର ରାସ୍ତା ଜାତୀୟ ରାଜପଥ ଏବଂ ପ୍ରୋଜେକ୍ଟ (N.H.P. and Project) ସଂସ୍ଥା ଅଧିନରେ ଥିଲା । ୧୯୮୭ ଓ ୯୧ ଭିତରେ ଏହି ରାସ୍ତାରେ କୁସୁମୀ ଓ ଦୁଆଣ୍ଡ ଉପରେ ଦୁଇଟି ପୋଲ ପ୍ରୋଜେକ୍ଟ ସଂସ୍ଥା କରିଥିଲେ ।

୧୯୨୦ ମସିହାରେ ନୟାଗଡ଼ ଗଡ଼ଜାତରେ ରାଜା ନାବାଳକ ଥିବାରୁ court of wards ଶାସନ ଚାଲିଥିଲା । ଏହି ସମୟରେ ବେଠିରେ ଉକ୍ତ ରାସ୍ତାଟି ନିର୍ମାଣ କରାଯାଇଥିଲା । ଅନେକ ସ୍ଥଳରେ ଗାଁ ଭିତରେ ସଡ଼କ ଯାଇଛି । ସେହି ଗାଁ ଗୁଡ଼ିକ ହେଲା ହରିହରପୁର, ମୁଗୁପାଟଣା, ଆଙ୍ଗିସିଙ୍ଗି, ସାନଗୋରଡ଼ା, ପାଟୁଳିସାହି, ଗୋଡ଼ିପଡ଼ା, ଗୋଡ଼ିମଡ଼ା, ରାସ୍ତା ଇତ୍ୟାଦି । ସ୍ଥାନେ ସ୍ଥାନେ ୯୦°ରେ ବାଙ୍କ ହୋଇଛି । ରାସ୍ତାର ହାରାହାରି ଉଚ୍ଚତା ଭୂମି ପତ୍ତନରୁ ୨ ଫୁଟରୁ ୩ ଫୁଟ ପର୍ଯ୍ୟନ୍ତ । ଖାଲି ମାଟି ପକାଇ କାଁ ଭାଁ ପାଖ ପାହାଡ଼ରୁ ମୋରମ ପକାଯାଇଥିଲା । ଲୋକମାନେ ତାଙ୍କ ଗାଁ ଭିତରେ ରାସ୍ତାର ଦୁଇ ପାଖରେ, ଆମ୍ବ, ଲିମ୍ବ, ଜାମୁକୋଳି, ବର, ଇତ୍ୟାଦି ଗଛ ଲଗାଇ ରକ୍ଷଣା ବେକ୍ଷଣ କରୁଥିଲେ । ସେତେବେଳେ କିଛି ଯାନ ବାହନ ନଥିବାରୁ ଅଧିକାଂଶ ଲୋକ ପାଦରେ ଚାଲି ଚାଲି ଯିବା ଆସିବା କରୁଥିଲେ । ତେଣୁ ଖରାଦିନେ ଏଇ ଗଛ ଗୁଡ଼ିକ ଲୋକଙ୍କୁ ଛାଇ ଦେଉଥିଲା । ପିଲାବେଳେ ମୁଁ ଦେଖିବାରେ ରାସ୍ତାର ଦୁଇ ପାଖରେ ନୟନ ଜୋରି ଥିଲା । ଏବେ ଲୋକମାନେ ଜବର ଦଖଲ କରିସାରିଲେଣି । ଲୋକମାନେ ବନ୍ଦୋବସ୍ତରେ ନୟନଜୋରିକୁ ନିଜ ନାମରେ ମଧ୍ୟ କରିସାରିଲେଣି । ଜଙ୍ଗଲ ବିଭାଗ ପରି ପୂର୍ତ୍ତବିଭାଗର ଇଞ୍ଜିନିଅରମାନେ ଜବର ଦଖଲ ବିରୁଦ୍ଧରେ ଯଦି ମକଦ୍ଦମା ଦେଇପାରନ୍ତେ ଜବର ଦଖଲ କମିଯାଆନ୍ତା । ୧୯୯୭ରେ ହରିହର ସ୍ୱାଇଁ ନିର୍ମାଣ ବିଭାଗ ମନ୍ତ୍ରୀ ଥିଲାବେଳେ ପୂର୍ତ୍ତ ବିଭାଗକୁ କେଶ ଦେବା ଅଧିକାର ଦେବେ ବୋଲି କହୁଥିଲେ । ମାତ୍ର ତା'ର ପରିଣତି କ'ଣ ହେଲା ଜଣା ନାହିଁ ।

Digitized by srujanika@gmail.com

ଶରଣକୂଳ ଦର୍ପନାରାୟଣପୁର ରାସ୍ତାର ଉନ୍ନତିକରଣ ପାଇଁ ଅଟକଳ ଥିଲା ୪୫ ଲକ୍ଷ ଟଙ୍କା । ଅଟକଳରେ ବରାଦ ଥିଲା ୨ କୋଟ୍ ମେଣ୍ଟାଲିଂ, ଏବଂ ତା' ଉପରେ ପିଚୁ ସର୍ଫେସ ଡ୍ରେସିଂ । ଖୋର୍ଦ୍ଧାର ଡ଼ିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଥିଲେ ଦଣ୍ଡପାଣି ସାହୁ । ତାଙ୍କୁ ମୁଁ ପ୍ରସ୍ତାବ ଦେଲି ସର୍ଫେସ ଡ୍ରେସିଂ ଉପରେ ପ୍ରି-ମିକ୍ସଡ୍ ସିଲ୍ କୋଟ କରିବାକୁ । ପ୍ରି-ମିକ୍ସଡ୍ ସିଲ୍ କୋଟ ଅର୍ଥ ବଜ୍ରୁରୀକୁ କଡ଼େଇରେ ଗରମ କରି ପିଚୁଢ଼ାଳି ଉଖୁଡ଼ା ଭଳି ପାଗ କରି ରାସ୍ତାରେ ପକାଇବା । ସର୍ଫେସ୍ ଡ୍ରେସିଂ ଅର୍ଥ ରାସ୍ତା ଉପରେ ଗରମ ପିଚୁ ଢାଳି ତା' ଉପରେ କଞ୍ଚା ଗୋଡ଼ି ପକାଇ ରୋଲର ଚଳାଇବା ଓ ଏହା ଉପରେ ପିଚୁ ପକାଇ ବାଲି ପକାଇବା । ପିଚୁଲାଗିଥିବା ଗୋଡ଼ି ଗୁଡ଼ିକ ଗାଡ଼ିର ଘର୍ଷଣରେ ଉଠିଯିବାର ସମ୍ଭାବନା ଅଧିକ । ଯେଉଁ ରାସ୍ତାରେ ବହୁତ ଗାଡ଼ି ଚାଲୁଥିବ ସେଠି ସର୍ଫେସ ଡ୍ରେସିଂ କଲେ ହୁଏତ ଚଳିବ । ବାରମ୍ବାର ଚକ ଗଡ଼ିଲେ ପିଚୁ ତରଳି ଅନ୍ୟ ଗୋଡ଼ିଗୁଡ଼ିକୁ ବାନ୍ଧିରଖିବ । ମାତ୍ର ଏହା ଏ ରାସ୍ତାରେ ଚଳିବନି । ଦିନକୁ ଅତି ବେଶିରେ ୪/୫ଟି ୪ଚକିଆ ରବର ଚକ ଗାଡ଼ି ଚାଲିଲେ ପିଚୁ ତରଳିବା ସମ୍ଭବ ନୁହେଁ । ମୋ କଥାରେ ନିର୍ବାହୀ ଯନ୍ତ୍ରୀ ରାଜି ହୋଇ ଚିଫ୍ ଇଞ୍ଜିନିଅରଙ୍କ ନଜରକୁ ଆଣିବା ପରେ ସେ ରାଜିହେଲେ ଓ ସିଲ୍‌କୋଟ୍ କରିବା ପାଇଁ ମଞ୍ଜୁରୀ ମିଳିଲା । ଏ ହେତୁରୁ ରାସ୍ତାର ପୁନଃ ଅଟକଳ ଅଧିକା ଶତକଡ଼ା ୧୦କୁ ବୃଦ୍ଧି ପାଇଲା । ଏହି ସିଲ୍‌କୋର୍ଟ ଯୋଗୁ ହିଁ ୧୫ ବର୍ଷ ବିତିଗଲେ ମଧ୍ୟ ରାସ୍ତାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅପେକ୍ଷାକୃତ କମ୍ ହୋଇଛି । ରାସ୍ତା କାମ ଅଧାଅଧି ସରିଲା ବେଳକୁ ନୂଆ ନିର୍ବାହୀ ଯନ୍ତ୍ରୀ, ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣ ଯୋଗ ଦେଲେ । ତାଙ୍କୁ ସମସ୍ତେ ଜାପାନି ବାବୁ ବୋଲି ଜାଣନ୍ତି । ୧୯୪୨ରେ ଜାପାନ ଯୁଦ୍ଧ ସମୟକୁ ତାଙ୍କର ଜନ୍ମ ହେତୁ ତାଙ୍କର ଏପରି ନାମ । ରାସ୍ତାର ଖର୍ଚ୍ଚ ମୋ ଯୋଗୁଁ ବୃଦ୍ଧିପାଇବା ହେତୁ ସେ ମୋତେ କହିଥିଲେ, ଏହି କାମର ପରିବର୍ଦ୍ଧିତ ଅଟକଳ (revised estimate) ତିଆରି କରି ସବୁ ସ୍ତରରେ ପାସ୍ କରାଇ ଯେମିତି ଚିଫ୍ ଇଞ୍ଜିନିୟରଙ୍କ ପାଖରୁ ଅଟକଳ ନିର୍ମାଣ ବିଭାଗକୁ ଯାଏ । ଏଇଟା ଆପଣଙ୍କ ଦାୟିତ୍ୱ । ମୁଁ ଏଥିରେ ସମ୍ମତି ପ୍ରଦାନ କରିଥିଲି । କାମ ସରିଲା । ପରିବର୍ଦ୍ଧିତ ଅଟକଳ ଏଷ୍ଟିମେଟ ଚିଫ୍ ଇଞ୍ଜିନିୟରଙ୍କ ଅଫିସ୍ କୁ ଗଲାପରେ ଜଣେ ଛାତ୍ର କନିଷ୍ଠ ଯନ୍ତ୍ରୀଙ୍କୁ ମାସେ କାଳ ଭୁବନେଶ୍ୱରରେ ରଖି ଚିଫ୍ ଇଞ୍ଜିନିଅର ଅଫିସର ଏଷ୍ଟିମେଟ୍ ବ୍ରାଞ୍ଚରେ ସବୁ ପ୍ରକାର ପ୍ରଶ୍ନ ଓ ଆପତ୍ତିର ଉତ୍ତର ଦେଇ ଅଟକଳଟି ନିର୍ମାଣ ବିଭାଗକୁ ପଠାଇବାରେ ସକ୍ଷମ ହେଲି । ନିର୍ମାଣ ବିଭାଗକୁ ଲେଖା ଯାଇଥିବା ଚିଠିର ନକଲ ପାଇ ଜାପାନୀବାବୁ ମୋତେ କହିଲେ "ଆପଣଙ୍କ ଯୋଗୁ ପରିବର୍ଦ୍ଧିତ ଅଟକଳ ସରକାରଙ୍କ ନିକଟକୁ ଚାଲିଗଲା, ମାତ୍ର ଅନ୍ୟ ଅଂଶ (ଦର୍ପନାରାୟଣପୁର ଠାରୁ ସିକୋ

Digitized by srujanika@gmail.com

ପର୍ଯ୍ୟନ୍ତ, ଯାହାକି ଖୋରଧା ସବ୍‌ଡିଭିଜନ୍ ଅଧିନରେ ଥିଲା) ମୂଳରୁ ତିଆରି ହୋଇ ପାରିନି ।"

ଖଣ୍ଡପଡ଼ା ରାଜା ହରିହର ସିଂହ ପୂର୍ତ୍ତ ବିଭାଗର ମନ୍ତ୍ରୀ ଥିଲାବେଳେ, ୧୯୬୫ ରେ ୧୧ କି.ମି. ଲମ୍ବା କଳାପଥର - ଭାପୁର ବାଇପାସ୍ ରାସ୍ତା ତିଆରି ହୋଇଥିଲା । ରାସ୍ତାର ମାଟିକାମ ଶେଷ ହୋଇଥିଲା । ମଝିରେ କାଁ ଭାଁ ଗୋଟିଏ କି.ମି. ରାସ୍ତା ମେଣ୍ଟାଲିଂ ହୋଇଥିଲା । ନୂଆ ରାସ୍ତାରେ କାଳିଗିରି ନଈରେ ଗୋଟିଏ ଶଂଖ ଓ ଆଉଗୋଟିଏ କଲଭର୍ଟ ହେବାକୁ ବାକିଥିଲା । ଅନେକ ଗୁଡ଼ିଏ ଛୋଟ କଲଭର୍ଟ ଆଗରୁ ତିଆରି ସରିଥିଲା । ହରିହର ସିଂହଙ୍କ ମନ୍ତ୍ରୀତ୍ୱ ଗଲାପରେ ଏହି ରାସ୍ତାର ନିର୍ମାଣ ଧିମେଇ ଗଲା । ମୂଳ ରାସ୍ତାର କାଳିଗିରିରେ ଉଚ୍ଚା ବୁଡ଼ା ପୋଲ (High level submergible) ହୋଇ ଯିବାରୁ ଏଇ ବାଇପାସ୍ ସେମିତି ଅଧା ପନ୍ତରିଆ ହୋଇ ପଡ଼ିଥିଲା । ତା'ର ପ୍ରାଧାନ୍ୟ ଆଉ ରହିଲା ନାହିଁ । ତଥାପି ୧୧ କି.ମି. ବ୍ୟାପି ଦୀର୍ଘ ରାସ୍ତାଦ୍ୱାରା ପାଖାପାଖି ଗାଁ ଲୋକମାନେ ଉପକୃତ ହେଉଥିଲେ । ମୁଁ ନୟାଗଡ଼ ସବ୍ ଡିଭିଜନ୍‌ରେ ଯୋଗ ଦେବା ସମୟରେ କଳାପଥର ବାଇପାସ୍‌ରେ ଥିବା କାଳିଗରି ପୋଲର ଟେଣ୍ଡର ବାହାରି ଥିଲା । ମାତ୍ର ଡ୍ରଇଁ ହୋଇ ନଥିବାରୁ ଅଟକଳ ହୋଇନଥିଲା । ତେଣୁ ଟେଣ୍ଡର ବିକ୍ରି ହୋଇପାରିଲା ନାହିଁ । ତେଣୁ ଡ୍ରଇଁ ତିଆରି ପାଇଁ ମୁଁ ଚେଷ୍ଟା କଲି । ପ୍ରଥମେ ଯେଉଁ ଡ୍ରଇଁ ହେଲା, ସେଥିରେ ପ୍ରସ୍ତାବ ରହିଲା ୨୫ ଫୁଟିଆ ୬ଟି ସ୍ପାନ୍ ।

ନଈର ଓସାର ମାତ୍ର ୧୦୦ ଫୁଟ । ଚିଫ୍ ଇଞ୍ଜିନିୟର, ଏମ୍.ଏଲ୍. ପଟ୍ଟନାୟକ ଯେତେବେଳେ ପରିଦର୍ଶନରେ ଆସିଲେ ମୁଁ ଦର୍ଶାଇଲି "ନଦୀର ଓସାର ୧୦୦ ଫୁଟ, କିନ୍ତୁ ପୋଲର ଦୈର୍ଘ୍ୟ ୧୫୦ ଫୁଟ । ନଈରେ ଫ୍ଲଡ୍ ବନ୍ଧ ନାହିଁ । ଯେତେବେଳେ ବଢ଼ି ବଢ଼ିଆସେ; ସେତେବେଳେ ସମୁଦାୟ ଅଞ୍ଚଳ ପାଣିରେ ବୁଡ଼ିଯାଏ ଏବଂ ଦୁଇ ପାଖର ରାସ୍ତା ମଧ୍ୟ ବୁଡ଼ା ରାସ୍ତା ।" ଚିଫ୍ ଇଞ୍ଜିନିୟର ଦେଖିବେ ବୋଲି କହି କିଛିଦିନ ପରେ ଚିଫ୍ ଇଞ୍ଜିନିୟର ଅଫିସର ଡିଜାଇନସ୍ ମୁଖ୍ୟ ଯନ୍ତ୍ରୀ ଉଦୟଚନ୍ଦ୍ର ପଟ୍ଟନାୟକଙ୍କୁ ପଠାଇଲେ । ପଟ୍ଟନାୟକ ସାହେବ ସ୍ଥଳ ପରିଦର୍ଶନ କରି ଅନ୍ୟ ଏକ ଡ୍ରଇଁ (4 x 25) କରି ପଠାଇଲେ । ପୂର୍ତ୍ତ ମନ୍ତ୍ରୀ ମୁଜାଫର ହୁସେନ୍ ଖାଁ ଏହି ସେତୁର ଶିଳାନ୍ୟାସ କରିଥିଲେ ୨୭.୦୨.୧୯୮୯ ରେ । ମୁଁ ନୟାଗଡ଼ ସବ୍ ଡିଭିଜନ୍ ଛାଡ଼ିଲି ୧୯୯୧ ଅକ୍ଟୋବରରେ । ସେତେବେଳକୁ ପୋଲର ୯୦% କାମ ସରିଯାଇଥିଲା ।

Digitized by srujanika@gmail.com

ରାଜସୁନାଖଳାଠାରୁ ମହିପୁର ପର୍ଯ୍ୟନ୍ତ ଏସ୍. ଏଚ୍ (ବର୍ତ୍ତମାନ N.H. ହେଲାଣି) ନୟାଗଡ଼ ସବ୍-ଡିଭିଜନର ଅନ୍ତର୍ଭୁକ୍ତ । ଏଥିରେ ପିଚୁ ରାସ୍ତାର ଓସାର ମାତ୍ର ୧୨ ଫୁଟ । ଗାଡ଼ି କ୍ରସିଂ ବା ଓଭରଟେକ୍ କଲାବେଳେ ପିଚୁରାସ୍ତାର ଦି' କଡ଼ ଘୋରି ଗାତ ହୋଇଯାଏ । ଏ ପ୍ରକାର ସ୍ଥିତିକୁ ମୁକାବିଲା କରିବା ପାଇଁ ସ୍ପେଷିଆଲ୍ ରିପେୟାର୍ ଗ୍ରାଣ୍ଟରେ ପୁରୁଣା ପିଚୁ ରାସ୍ତାର ଦୁଇକଡ଼କୁ ୩ ଫୁଟ ହିସାବରେ ବଢ଼ାଇ ମୋଟ ୧୮ ଫୁଟ (୧.୫ ଲେନ୍) କରିବାକୁ ପ୍ରସ୍ତାବ ହେଲା । ନୟାଗଡ଼ ଟାଉନ୍‌ଠାରୁ ରାଜସୁନାଖଳା ୨୬ କି.ମି. । ଏଥିରୁ ପ୍ରାୟ ୧୦ କି.ମି. ରାସ୍ତା ମୋ ସମୟରେ ଓସାରୀ କରଣ ହୋଇଥିଲା । ପୂର୍ବରୁ ମଧ୍ୟ କିଛି ଅଂଶ ହୋଇଥିଲା । ଜଗନ୍ନାଥ ନାୟକ ସେତେବେଳେ ସେଣ୍ଟ୍ରାଲ ସର୍କଲର ଅଧିକ୍ଷଣ ଯନ୍ତ୍ରୀଥିଲେ। ତାଙ୍କର ଏ ପ୍ରକାର ଓସାରୀକରଣରେ ଭାରି ପସନ୍ଦ । ବର୍ଷକୁ ସାମାନ୍ୟ ମିଳୁଥିବା ଆର୍.ଡି.ପି. ଏବଂ ଏସ୍.ଆର୍. ଗ୍ରାଣ୍ଟରେ ଏଇ କାମ ଆଗେଇଲା । ୧୭.୧୦.୧୯୮୮ରେ ଏସ୍.ପି. ଗନ୍ତାୟତ ମୁଖ୍ୟ ଯନ୍ତ୍ରୀ (ରାସ୍ତା ଗୃହ) ହେଲେ । ଥରେ ପରିଦର୍ଶନ ବେଳେ ଦଶପଲ୍ଲା ଡାକ ବଙ୍ଗଳାରେ ସେ ୧୮ ଫୁଟ ଓସାର ପିଚୁକାମକୁ ଅପସନ୍ଦ କରି କହିଲେ, "ସେ ଟଙ୍କାରେ ରାସ୍ତାର ବହୁତ ଅଂଶ ମରାମତି ହୋଇପାରିଥାନ୍ତା । ଓସାରିକରଣ କରିବା ହେତୁ ରାସ୍ତାର କମ୍ ଅଂଶକୁ ଛୁଆଁ ଯାଇଛି ।" ସେ ଉଦାହରଣ ଦେଲେ, " ତୁମର ଝିଅ ବାହା ହେବାକୁ ଅଛି, ତୁମେ ଝିଅ ବିଭା ନ କରି ପୁଅକୁ ବିଲାତ ପଠାଇବ କି ପାଠ ପଢ଼ିବା ପାଇଁ ?" ନିର୍ବାହୀ ଯନ୍ତ୍ରୀ ଦଣ୍ଡପାଣି ସାହୁ କହିଲେ, "ଝିଅ ବିଭା ହେବ ବୋଲି ପୁଅ କ'ଣ ମୂର୍ଖ ହେବ ?" ଚିଫ୍ ଇଞ୍ଜିନିଅର ହସିଲେ ।

ଇଂ. ଜଗନ୍ନାଥ ନାୟକ

ବାହାଡ଼ାଝୋଲା ପାଖ ସୁନାମୁହିଁ ଗାଁକୁ ଗୋଟିଏ ପାହାଡ଼ିଆ ନଈ ତିନିପଟେ ଘେରି ରହିଛି । ଗାଁ ଲୋକେ କିଛିବାଟ ନଈ ଭିତରେ ଚାଲି ଚାଲି ବାହାଡ଼ାଝୋଲା ରାସ୍ତାକୁ ଆସନ୍ତି । ଯେତେବେଳେ ନଈରେ ବଢ଼ିଆସିବ, ସେହି ଚାରିଦିନ ସେମାନେ ଗାଁରେ ଅଟକି ରହିବେ । ଯଦିଓ ବାହାଡ଼ା ଝୋଲା - ସୁନା ମୁହିଁ ରାସ୍ତାଟି ଜାତୀୟ ରାଜପଥ ଏବଂ ପ୍ରୋଜେକ୍ଟ ଅଧିନରେ ଥିଲା, ପୋଲକରିବା ପାଇଁ ରାସ୍ତା ଓ ଗୃହ ସଂସ୍ଥାକୁ ବଜେଟ୍‌ରେ ଟଙ୍କା ଦିଆଗଲା । ଏଥିପାଇଁ ଇଞ୍ଜିନିଅର ଦଣ୍ଡପାଣି ନାୟକଙ୍କ ଦାନ ବେଶୀ । ତାଙ୍କ ଘର ସେଇ ଇଲାକାରେ । ସ୍ୱାଧୀନତା ପାଇବାର ୫୦ ବର୍ଷପରେ ମଧ୍ୟ ଏ ଗାଁଟି ଏପରି ଅବସ୍ଥାରେ ଥିଲା । ଏଠାରେ ଦୁଇଟି ପୋଲ ହୋଇଥିଲା । ମୋ

Digitized by srujanika@gmail.com

ଅମଳରେ ଗୋଟିଏ ହୋଇଥିଲା ଏବଂ ଅନ୍ୟଟି ଆରମ୍ଭ ହେବା ସମୟରେ ମୋର ଭୁବନେଶ୍ୱରକୁ ବଦଳି ହୋଇଗଲା ।

ବଡ଼ପଣ୍ଡୁସର ପାଖରେ କୁସୁମୀ ନଦୀରେ ୧୯୧୫ ମସିହାରେ ୧୦୦ ଫୁଟ ଲମ୍ବା ଏକ ପ୍ରକାର ବିଶିଷ୍ଟ ଲୁହା ଶଂଖ ହୋଇଥିଲା । ଏହି ପୋଲର ନାଁ ଥିଲା ରାମସେ ବ୍ରିଜ୍ ।ଏଲ୍. ଇ.ବି. କବ୍‌ଡ଼େନ୍ ରାମ୍‌ସେ ଗଡ଼ଜାତ ସମୂହର ସୁପରିଟେଣ୍ଡେଣ୍ଟ ଥିଲାବେଳେ ଏହି ପୋଲ ହୋଇଥିଲା ଓ ତାହାକୁ ସେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ଦିନ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲାର ରାଜାମାନେ ଓ ଦେୱାନମାନେ ଉପସ୍ଥିତ ଥିଲେ । ସେହି ସ୍ଥାନରେ ଅନେକ ଗୁଡ଼ିଏ ଅସ୍ଥାୟୀ ଘର ତିଆରି ହୋଇଥିଲା । ସ୍ଥାନଟି ଏକ ବଜାର ପାଲଟିଗଲା । ୧୯୮୯ରେ ମୁଁ ଏହି ପୋଲର ଡେକ ରିପେୟାର କରିଥିଲି । ଏବେ ଏଠି ଗୋଟେ ୨ ପ୍ରକାର ବିଶିଷ୍ଟ ବକ୍ସ ଗାର୍ଡ଼ର ଶଙ୍ଖ ନିର୍ମିତ ହୋଇଛି । ପୁରୁଣା ଲୁହା ଶଙ୍ଖର ଅଂଶ ବିକ୍ରୟ ହୋଇଯାଇଛି । ଇତିହାସକୁ ଧରି ରଖିଥିବା ୧୯୧୫ରେ ଖୋଦିତ ମାର୍ବଲ ଫଳକ ଏବେ କେଉଁଠାରେ ଅଛି କିଏ ଜାଣେ ? ସେହି ପରି ଡାହୁକା ନଈ ଉପର ଲୁହା ପୋଲ ୧୯୨୩ ମସିହାରେ ନିର୍ମିତ ହୋଇଥିଲା ।

ମୁଁ ନୟାଗଡ଼ରେ ସହକାରୀ ଯନ୍ତ୍ରୀ ଥିଲାବେଳେ କେଶରପୁର ଗାଁର ଉଦ୍ୟୋକ୍ତାମାନେ ଯଥା : ନାରାୟଣ ହଜାରୀ, ମଦନମୋହନ ହଜାରୀ, ଭିକ୍ଷାକାରୀ ହଜାରୀ ନିର୍ମାଣ ବିଭାଗର ସଚିବଙ୍କୁ ତାଙ୍କ ଗାଁକୁ ଡାକିଥିଲେ । କେଶରପୁର ଗାଁରେ ଗାଁ ବାଲାଙ୍କୁ ନେଇ ଗୋଟିଏ ସଭା ହେଲା । ନୟାଗଡ଼ ପାଟୁଳି ସାହି ରାସ୍ତାର ଉନ୍ନତି ପାଇଁ ସଭାରେ ଆଲୋଚନା ହୁଅନ୍ତେ, ସଚିବ ଜନ୍ ବୁନିୟାନ୍ ଦାସ ରାସ୍ତାର ଉନ୍ନତି ପାଇଁ ୧୨ଲକ୍ଷ ଟଙ୍କାର ମଞ୍ଜୁରୀ ନିମନ୍ତେ ଘୋଷଣା କଲେ । କାଗଜପତ୍ର ହୋଇ ୧୨ଲକ୍ଷ ଟଙ୍କାର ଶାସନ ବିଭାଗୀୟ ମଞ୍ଜୁରୀ ମିଳିଲା । ବଜେଟ୍‌ରେ ମଧ୍ୟ ଟଙ୍କା ରହିଲା । ମାତ୍ର ସେ ବର୍ଷ ନୂଆ କରି ଗ୍ରାମ୍ୟ ରାସ୍ତା ଉନ୍ନୟନ ଶାଖା ଖୋଲିବାରୁ ଉପରୋକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯିବାରୁ ଏହି ମଞ୍ଜୁରୀଟି କିଛି କାମ କଲା ନାହିଁ । ଅବଶ୍ୟ ପରେ କେଶରପୁର ଠାରେ କୁସୁମୀ ନଦୀରେ ଶଙ୍ଖ ତିଆରୀ ହେବାରୁ ରାସ୍ତାର ବହୁବିଧ ଉନ୍ନତି ହୋଇଛି । ରାଜପାଟଣା ପାଖ ଶୁଳିଆ ନଦୀର ହ୍ୟୁମ୍ ପାଇପ ପୋଲକୁ ଭଙ୍ଗାଯାଇ ଖୁଣ୍ଟଥିବା ଶଂଖ ତିଆରି ହୋଇଛି ।

୧୩.୧.୧୯୯୧ ମସିହାରେ ନୟାଗଡ଼ରେ ପ୍ରଥମ ଥର ପାଇଁ ରୋଟାରି କ୍ଲବ୍‌ର

Digitized by srujanika@gmail.com

ଶାଖା ଆରମ୍ଭ ହେଲା । ନିର୍ବାହୀ ଯନ୍ତ୍ରୀ ଢାପାନିବାବୁଙ୍କ ଚେଷ୍ଟାରେ ଏ କ୍ଲବ ସ୍ୱୀକୃତ । ଏହି କ୍ଲବ୍‌ର ଚାର୍ଟାର୍ଡ଼ ପ୍ରେସିଡେଣ୍ଟ ହେଲେ ସ୍ଥାନୀୟ ଏସ୍.ବି.ଆଇ.ର ମୁଖ୍ୟ ଋଟାର୍ଜୀ ବାବୁ ଏବଂ ସେକ୍ରେଟାରି ସୁବୋଧ ପଟ୍ଟନାୟକ । ସୁବୋଧ ହେଉଛନ୍ତି କବି ପଦ୍ମଚରଣ ପଟ୍ଟନାୟକଙ୍କ ନାତି । ମୁଁ ଥିଲି ଟ୍ରେଜରର । ଏହି କ୍ଲବ୍ ସ୍ଥାନୀୟ ଗାଁ ମାନଙ୍କୁ ଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିଲା ।

ଡଂ. ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣ (ଢାପାନି)

ନୟାଗଡ଼ରେ ମୋର ଅବସ୍ଥାନ ସମୟରେ ବିଶେଷ ମରାମତି କାମଗୁଡ଼ିକ ପୂର୍ତ୍ତ କୋଡ଼୍‌ର ନିୟମ ମୁତାବକ K2 ଅଥବା ନୋଟିସ୍ ବୋର୍ଡ଼ରେ ଟେଣ୍ଡର୍ ନୋଟିସ୍ କାଢ଼ି କାମ କରାଯାଉଥିଲା । ମୋର ନୟାଗଡ଼ ସବ୍ ଡିଭିଜନ୍‌ରେ ରହଣିବେଳେ ଓଡ଼ିଶା ସରକାର ଓଡ଼ିଶା ପୂର୍ତ୍ତ କୋର୍ଡ଼ର ବ୍ୟାପକ ସଂଶୋଧନ କରି ଅଫିସରଙ୍କ ଅର୍ଥ ମଞ୍ଜୁରୀକୁ ଦ୍ୱିଗୁଣିତ କଲେ । ଯଥା : ପୂର୍ତ୍ତ ଏସ୍.ଡ଼ି.ଓଙ୍କ ରାସ୍ତା କୋଠାବାଡ଼ି ମରାମତି ଅଟକଳ ମଞ୍ଜୁରୀ ଟ.୫୦୦୦ ରୁ ଟ.୧୦୦୦୦ ବଢ଼ାଇଲେ । ସେହିପରି ନିର୍ବାହୀ ଯନ୍ତ୍ରୀଙ୍କର ଟେକ୍‌ନିକାଲ୍ ମଞ୍ଜୁରୀ କ୍ଷମତା ଟ.୭୦,୦୦୦/- ରୁ ଟ.୧,୪୦,୦୦୦/-କୁ ବଢ଼ାଇଲେ । ସେତେବେଳେ ଚନ୍ଦ୍ରମୋହନ ପଟ୍ଟନାୟକ ଥିଲେ ନିର୍ମାଣ ବିଭାଗର ଅଣ୍ଡର ସେକ୍ରେଟାରି । ସେ ଏ.ଜି. ଅଫିସରୁ ଡେପୁଟେସନରେ ଆସିଥିଲେ । ମୁଁ ତାଙ୍କୁ କହିଲି, "କୋର୍ଡ଼ରେ ଅଛି ଟ.୨୫,୦୦୦/- ପର୍ଯ୍ୟନ୍ତ ଟେଣ୍ଡର ଖବର କାଗଜକୁ ଯିବ ନାହିଁ । ସେଇଟା ଦ୍ୱିଗୁଣ କାହିଁକି ହେଉନାହିଁ" । ସେଇ କଥାରେ ସେ କୋର୍ଡ଼ ରିଭିଜନ କମିଟିରେ ପ୍ରସ୍ତାବ ପକାଇ ଏହି ଟ.୨୫,୦୦୦ କୁ ଟ. ୫୦,୦୦୦ କୁ ପରିବର୍ତ୍ତିତ କଲେ ।

ମୋର ନୟାଗଡ଼ରେ ଅବସ୍ଥାନ କାଳରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ନୟାଗଡ଼ ପୂର୍ତ୍ତ ସବ୍ ଡିଭିଜନ୍ ପରିସର ଭିତରେ ଦୁଇଟି ନିର୍ବାଚନ ସଭା କରିଥିଲେ । ଗୋଟିଏ ଲାଠିପଡ଼ାରେ ଓ ଅନ୍ୟଟି ନୟାଗଡ଼ ଟାଉନ୍‌ରେ । ବାରିକେଡ୍ ଓ ରୋଷ୍ଟ୍ରମ୍ କରିବାରେ ଅତ୍ୟଧିକ ପରିଶ୍ରମ ହେତୁ ମୁଁ ଅଂଶୁଘାତ ବେମାରରେ ଏକ ସପ୍ତାହ ପଡ଼ିଲି । ଅନ୍ୟ ଏକ ଉଲ୍ଲେଖନୀୟ ଘଟଣା ହେଉଛି ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୮ ରେ ନୟାଗଡ଼ ଚିନିକଳ ଉଦ୍‌ଘାଟନ କରିଥିଲେ । ୧୯୯୦ ମସିହାରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବୋଲଗଡ଼ର ଏକ ସଭାରେ ସ୍ଥାନୀୟ ଡକାୟତମାନେ ଆତ୍ମ ସମର୍ପଣ କରିଥିଲେ । ଡକାୟତମାନେ ପରିବର୍ତ୍ତିତ ଜୀବନ ଯାପନ କଲେ । ପୋଲିସ୍ ଏହି

Digitized by srujanika@gmail.com

ତକାୟତ ମାନଙ୍କୁ ସିନେମା ପରି ଇଟାମାଟି ଚିତ୍ରାଳୟରେ ନର୍ମଦା ଉପତ୍ୟକା ତକାୟତମାନଙ୍କ ପରି ସଜାଇ ଥିଲେ ।

୧୯୯୦ ମସିହାରେ ସାଧାରଣ ନିର୍ବାଚନ ବେଳେ ୰ଚିନ୍ତାମଣି ପାଣିଗ୍ରାହୀ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନେକ ସମୟରେ ନୟାଗଡ଼ ଆସୁଥିଲେ । ସେ ଭୁବନେଶ୍ୱର ଲୋକସଭା ନିର୍ବାଚନୀ ମଣ୍ଡଳୀରୁ ସାଂସଦ ହୋଇଥିଲେ । ସ୍ଥାନୀୟ ମନ୍ତ୍ରୀ ଓ ସାଂସଦଙ୍କର ରାଜନୈତିକ ବିଦ୍ୱେଷ ଥିଲା । ଦିନେ ଚିନ୍ତାମଣି ପାଣିଗ୍ରାହୀ ନୟାଗଡ଼ସ୍ଥ ପୂର୍ତ୍ତ ବଙ୍ଗଳାରେ ପହଞ୍ଚିବା ପରେ ସ୍ଥାନୀୟ ଅଫିସରମାନେ (ରାଜସ୍ୱ ବିଭାଗର) କେହି ସ୍ୱାଗତ କରବାକୁ ଆସିନଥିଲେ । ମୁଁ ତାଙ୍କ ପାଖକୁ ଯାଇ ଭି.ଆଇ.ପି ସୁଟ୍‌କୁ ଡାକିଲି ।

୧୯୯୦ ଜୁନ୍‌ରେ ମୋର ନୟାଗଡ଼ରେ ରହଣୀ ୩ବର୍ଷ ପୁରିଗଲା । ସେତେବେଳକୁ ମୋ ବଡ଼ଝିଅର ବି.ଏ. ଫାଇନାଲ୍ ବର୍ଷ, ଦ୍ୱିତୀୟ ଝିଅର +୨ ଦ୍ୱିତୀୟ ବର୍ଷ ଓ ତୃତୀୟ ଝିଅର ମାଟ୍ରିକ୍ ପରୀକ୍ଷା । ମୁଖ୍ୟ ଯନ୍ତ୍ରୀ ରାସ୍ତାଗୃହଙ୍କୁ ମୋର ଏହି ଅସୁବିଧା ଜଣାଇବାରେ ସେ ବଦଳି କଲେ ନାହିଁ। ହୁଏତ ବଦଳି ହୋଇଥିଲେ ମୁଁ ମୋର ପରିବାରକୁ ନୟାଗଡ଼ରେ ରଖି ଅନ୍ୟତ୍ର ଯାଇଥାନ୍ତି । ୧୯୯୧ ସେପ୍ଟେମ୍ବର ମାସରେ ମୁଁ ବଦଳି ହୋଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (B.D.A) ରେ ନିଯୁକ୍ତି ପାଇ ଯୋଗ ଦେଲି। ।

ଏଇଟା ମୋର ବି.ଡି.ଏ. ର ଦ୍ୱିତୀୟ ନିଯୁକ୍ତି । ମୁଁ ଡିଭିଜନ -୪ରେ ଯୋଗ ଦେଲି । ସେତେବେଳେ ନିର୍ବାହୀ ଯନ୍ତ୍ରୀ ଥିଲେ ବିନୋଦ ବିହାରୀ ସାହୁ । ତାଙ୍କୁ ମୁଁ ଆଗରୁ ଜାଣିଥିଲି । ମୁଁ ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀଙ୍କ ଅଫିସରେ ଥିଲାବେଳେ ସେ ମହାନଦୀ ବ୍ରିଜ୍‌ର ସହକାରୀ ଯନ୍ତ୍ରୀ ଥିଲେ। କାମ ପ୍ରାୟ କିଛି ନଥିଲା । ଚନ୍ଦ୍ରଶେଖରପୁରରେ ରେଣ୍ଟାଲ୍ ହାଉସିଂ ସ୍କିମ୍‌ରେ ଅନେକ ଗୁଡ଼ିଏ ବାସଗୃହ ବି.ଡି.ଏ. କରିଥିଲା । ଏହି ଯୋଜନାରେ ଯେଉଁ ଘର ଗୁଡ଼ିକ ତିଆରି ହୋଇଥିଲା, ତା'ର ପ୍ଲାନ୍ ଦେଇଥିଲେ ବମ୍ବେର ଜଣେ ସ୍ଥପତି । ଏଥିପାଇଁ ତାଙ୍କୁ ମିଳେ ମୂଳଅଟକଳର ଶତକଡ଼ା କିଛି ଅଂଶ । ବି.ଡି.ଏ.ର ନିଜର ସ୍ଥପତି ବିଭାଗ ଅଛି । ମୁଖ୍ୟ ସ୍ଥପତି ଡେଭେଲପ୍‌ମେଣ୍ଟ ଅଥରିଟିର ଜଣେ ସଭ୍ୟ ମଧ୍ୟ । ଗୋଟିଏ ବ୍ଲକ୍‌ରେ ୪ଟି କ୍ୱାଟର । ତଳେ ଦୁଇଟି ଓ ଉପରେ ୨ଟି । ସେହି ପ୍ଲାନ୍‌ରେ କୌଣସି ଝରକା କିମ୍ବା ଦୁଆରର ଉପରେ ସନ୍‌ସେଡ୍ ନାହିଁ । ଫଳରେ ବର୍ଷା ହେଲେ ଘରକୁ ଛିଟିକା ଆସିବ । ଖୋଲା ପାହାଚ । ଉପର ମହଲାରେ ରହିବା ଲୋକ ପାଇଁ ସ୍କୁଟର କିମ୍ବା ମଟର ସାଇକେଲ ରଖିବା ବ୍ୟବସ୍ଥା ନାହିଁ । ସରକାରୀ ବିଭାଗ

Digitized by srujanika@gmail.com

ହୋଇଥିଲେ ବାହାରକୁ ନକ୍ସା ପାଇଁ ଅର୍ଡ଼ର ଦେଇ ହୁଅନ୍ତା ନାହିଁ । ଏ ସମ୍ବନ୍ଧରେ ଗୋଟିଏ କଥା ମୋର ମନେ ପଡ଼େ । ୧୯୯୦ ମସିହାରେ ଶରଣକୂଳରେ ଗୋଟିଏ ପାନ୍ଥଶାଳାର ଶୁଭ ଦିଆଗଲା । ଏହି ନକ୍ସାଟି ପ୍ରସ୍ତୁତି କରିଥିଲେ ବାଲେଶ୍ୱରର ଜଣେ ଘରୋଇ ସ୍ଥପତି । ସରକାରଙ୍କ ମୁଖ୍ୟ ସ୍ଥପତି ତାଙ୍କୁ ଏହି କାମଟି ଦେଇଥିଲେ । ଏହି କୋଠାର ଅଟକଳ ବେଳେ ମୁଖ୍ୟ ସ୍ଥପତି ମହାଶୟ ନିର୍ବାହୀ ଯନ୍ତ୍ରୀଙ୍କୁ କହିଲେ ଅଟକଳରେ ୨୦% ବ୍ୟବସ୍ଥା ରଖିବା ପାଇଁ କାରଣ ପ୍ରାଇଭେଟ ନକ୍ସା ପ୍ରସ୍ତୁତକାରୀଙ୍କୁ ଟଙ୍କା ଦେବାକୁ ହେବ । ମାତ୍ର ନିର୍ବାହୀ ଯନ୍ତ୍ରୀ ଏଥିରେ ରାଜି ହେଲେ ନାହିଁ, କାରଣ ନିର୍ମାଣ ବିଭାଗ ଅନ୍ୟ ବିଭାଗର କାମକଲାବେଳେ ୧୬% ପ୍ରୋରଟା ଚାର୍ଜ ନିଏ । ଏହି ପ୍ରୋରଟା ହେଉଛି ନିର୍ମାଣ ବିଭାଗ ଅନ୍ୟ ବିଭାଗର କାମ କରିବା ଏଷ୍ଟାବ୍ଲିସ୍‌ମେଣ୍ଟ ଖର୍ଚ୍ଚ । ତେଣୁ ପର୍ଯ୍ୟଟନ ବିଭାଗକୁ ଆଉ ଅଧିକା ୨୦% ଦେବାପାଇଁ କୁହାଯାଇ ପାରିବ ନାହିଁ । ସେହି ଘରୋଇ ସ୍ଥପତି ଆଉ ଟଙ୍କା ପାଇଲେ ନାହିଁ ।

ମୋର ବି.ଡି.ଏ.ରେ ଦୁଇବର୍ଷର ରହଣି ଭିତରେ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୁ ସାହୁ ବଦଳି ହୋଇ ଚାଲିଗଲେ । ତାଙ୍କ ପରେ ଆସିଲେ ପର୍ଶୁରାମ ନାୟକ । ଡିଭିଜନ - ୪ ତରଫରୁ କଳିଙ୍ଗ ନଗରର କିଛି ଅଂଶରେ ସର୍ଭେକରି ଘର ତିଆରି ପାଇଁ ଓ ରାସ୍ତାପାଇଁ ମାପ (Layout) ଦିଆଗଲା । ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପାଖରେ ଦିମହଲା ଘର (Duplex) ମଧ୍ୟ ତିଆରି ହେଲା । କିନ୍ତୁ ଡୁ୍ୟପ୍ଲେକ୍ସର ଭିତର ରାସ୍ତା କାମ (Internal Road) ରାସ୍ତାକାମ ଦିଆଗଲା ଜନସ୍ୱାସ୍ଥ୍ୟ ଡ଼ିଭିଜନ୍ (P.H. Dvn.) କୁ । ସବୁପ୍ରକାର ଜନସ୍ୱାସ୍ଥ୍ୟ କାମ କରିବା ପାଇଁ ଜନସ୍ୱାସ୍ଥ୍ୟ ଡ଼ିଭିଜନ୍ ଉଦ୍ଦିଷ୍ଟ । ସେମାନେ ଜଳଯୋଗାଣ ସମସ୍ୟା, ସ୍ୱରେଜ୍, ଇତ୍ୟାଦି କରିବା କଥା । ଏହି ଡିଭିଜନ କିପରି ରୋଡ୍ କାମ ନେଲା, ତା'ର ଗୋଟିଏ ମଜା କଥା : ଜନସ୍ୱାସ୍ଥ୍ୟ ଡ଼ିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ, ବି.ଡି.ଏ.ର ଭାଇସ୍ ଚେୟାରମ୍ୟାନ୍‌ଙ୍କୁ ବୁଝାଇଲେ ଯେ, ଆମେ ସମସ୍ତେ ସିଭିଲ୍ ଇଂଜିନୟର । ଗୋଟିଏ ପାଠ ପଢ଼ିଛୁ । ଏହି ଯୁକ୍ତିରେ ପ୍ରଭାବିତ ହୋଇ ଉପାଧ୍ୟକ୍ଷ (Vice-Chairman) ତାଙ୍କୁ ଭରତପୁର କଳିଙ୍ଗନଗର ରାସ୍ତାକାମ ମଧ୍ୟ ଦେଲେ । ଆଗରୁ ଏହି ପି.ଏଚ୍. ଯନ୍ତ୍ରୀ କିମ୍ବା ତାଙ୍କ ଡିଭିଜନ ଯେ କୌଣସି ରାସ୍ତା କାମରେ ସଂଶ୍ଳିଷ୍ଟ ନାହାନ୍ତି ତାହା ବିଚାରକୁ ନେଲେ ନାହିଁ ।

ବି.ଡି.ଏ. ରେ ପ୍ରାୟ ୨ବର୍ଷ ରହିଲା ପରେ ୧୯୯୩ ନଭେମ୍ବରରେ ମୋର ବଦଳି ହେଲା ଫୁଲବାଣି ରାସ୍ତାଗୃହ ଡିଭିଜନର ନର୍ଥ ସବ୍‌ଡ଼ିଭିଜନ୍‌କୁ । ଏଠାରେ ସହକାରୀ

Digitized by srujanika@gmail.com

ନିର୍ବାହୀ ଯନ୍ତ୍ରୀ ଥିଲେ ପୁରୁଷୋତ୍ତମ ବେହେରା । ମୁଁ ଏଠାରେ ୨୯.୦୯.୧୯୯୩ ରେ ଯୋଗଦେଲି ।

ଏହି ଫୁଲବାଣି ରାସ୍ତାଗୃହ ଡ଼ିଭିଜନ୍‌ରେ ୩ଟି ସବ୍ ଡିଭିଜନ୍ ଅଛି । ଯଥା : ଯଥା ନର୍ଥ, ସାଉଥ୍, ଏବଂ ବଉଦ । ଫୁଲବାଣି ଜିଲ୍ଲାରେ ଆଉ ଗୋଟିଏ ପୂର୍ତ୍ତ ଡିଭିଜନ ଅଛି, ତାହା ବାଲିଗୁଡ଼ା ରାସ୍ତାଗୃହ ଡ଼ିଭିଜନ୍ । ନର୍ଥ ସବ୍‌ଡ଼ିଭିଜନରେ ମେକାନିକାଲ୍ ସେକ୍‌ସନ୍‌କୁ ମିଶାଇ ୫ଟି ସେକ୍‌ସନ୍ । ଷ୍ଟୋର୍ ସେକ୍‌ସନ୍ ମଧ୍ୟ ଏହି ସବ୍‌ଡିଭିଜନ୍‌ରେ ଅଛି । ମେକାନିକାଲ୍ ଜେ.ଇ. ଦରମା ପାଆନ୍ତି ମେକାନିକାଲ ଡ଼ିଭିଜନ୍‌ରୁ ମାତ୍ର କାମ କରନ୍ତି ଫୁଲବାଣି ସବ୍‌ଡିଭିଜନର ରୋଲର, ଜିପ୍, ଟ୍ରକ୍ ଇତ୍ୟାଦିର ମରାମତି ପାଇଁ । ନିୟମାନୁଯାୟୀ ବଡ଼ ବଡ଼ ମରାମତି ମେକାନିକାଲ ଡିଭିଜନ କରିବା କଥା । ମାତ୍ର ସେମାନେ ତାହା ଆର୍ଥିକ ସଂକଟରୁ କରିବା ପାଇଁ ଅକ୍ଷମ ଥିବାରୁ ସିଭିଲ୍ ଡିଭିଜନ୍ ମରାମତିର ଦାୟିତ୍ୱ ନିଏ । ମେକାନିକାଲ ଡିଭିଜନର ଜଣେ ସହକାରୀ ଯନ୍ତ୍ରୀଙ୍କ ହେଡ୍ କ୍ୱାଟର ଫୁଲବାଣିରେ । ଡିଭିଜନର ହେଡ୍‌କ୍ୱାଟର ବ୍ରହ୍ମପୁରରେ ।

ମୁଁ ନର୍ଥ ସବ୍‌ଡ଼ିଭିଜନରେ ଥିଲାବେଳେ ବି.ବି. ମହାପାତ୍ର ମେକାନିକାଲ ଏସ୍.ଡି.ଓ. ଥିଲେ । ସେ ଶନିବାର ସଂଧ୍ୟାରେ ଭୁବନେଶ୍ୱର ଆସି ପୁଣି ସୋମବାର ସକାଳେ ଫୁଲବାଣି ଫେରିଯା'ନ୍ତି । ମୁଁ କ୍ୱାଟରରେ ଏକାକୀ ଥାଏ । ଆମେ ଗୋଟିଏ ମେସ୍ କରି ରହିଥିଲୁ । ହଠାତ୍ ଦିନେ ମହାପାତ୍ରବାବୁ ଭୁବନେଶ୍ୱରରେ ଥିବାବେଳେ ତାଙ୍କର ତିଆରି ହେଉଥିବା ଘରକାମ ଉପରେ ଅତ୍ୟନ୍ତ ବିରକ୍ତି ଭାବ ପ୍ରକାଶ କରିବାରେ ଉଚ୍ଚ ରକ୍ତଚାପର ପ୍ରଭାବ ଯୋଗୁ ମୃତ୍ୟୁ ମୁଖରେ ପଡ଼ିଲେ ।

୧୯୯୫ ମସିହାରୁ ପୂର୍ତ୍ତ ବିଭାଗରେ ଷ୍ଟୋର ପାଇଁ ଜିନିଷ କିଣା ବନ୍ଦ ହୋଇଯାଇଥିଲା । ଠିକାଦାରମାନେ ନିଜର ଦରକାର ମୁତାବକ ଛଡ଼ ସିମେଣ୍ଟ ଖୋଲାବଜାରରୁ କିଣି ବ୍ୟବହାର କରନ୍ତି । କିନ୍ତୁ ପୂର୍ବରୁ ଡିଭିଜନ୍ ପାଇଁ ଦରକାର ମୁତାବକ ସିମେଣ୍ଟ, ଛଡ଼, ରଙ୍ଗ, ପିଚୁ, ଓ ଅନ୍ୟାନ୍ୟ ଆନୁସାଙ୍ଗିକ ପଦାର୍ଥ ଷ୍ଟୋର ପାଇଁ ଡିଭିଜନ ଦ୍ୱାରା କିଣା ଯାଉଥିଲା । ୧୯୮୦ ମସିହା ପରଠାରୁ ଷ୍ଟୋର କିଣାରେ ବହୁତ କିଛି ଅଘଟଣ ଘଟିଲା । ଯୋଗାଣକାରୀମାନେ ରାଜନୈତିକ ଅସ୍ତ୍ର ମଧ୍ୟ ପ୍ରୟୋଗ କରିବାକୁ ଭୁଲିଲେ ନାହିଁ । ସେମାନେ ସିମେଣ୍ଟ, ପିଚୁ ଓ ଲୁହାଛଡ଼, ବ୍ୟତୀତ ଅନ୍ୟାନ୍ୟ ଉପକରଣ ଯୋଗାଇବାକୁ ଲାଗିଲେ ।

Digitized by srujanika@gmail.com

ଫୁଲବାଣି ଡିଭିଜନ ଗୋଟିଏ ପୁରୁଣା ଡିଭିଜନ । ଏହା ୧୯୫୨ ମସିହାରୁ ଆରମ୍ଭ ହେଲାଣି । ସେତେବେଳେ ଛଡ଼, ସିମେଣ୍ଟ କଣ୍ଟ୍ରୋଲ୍ ଥିଲା । ତେଣୁ କାରଖାନାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଆଣି ଫୁଲବାଣିକୁ ପଠାଇବା ପାଇଁ ବ୍ରହ୍ମପୁର ଠାରେ ଫୁଲବାଣି ଡିଭିଜନର ଗୋଟିଏ ଫରୱାଡ଼ିଂ ଅଫିସ୍ ଅଛି । ବରିଷ୍ଠ କିରାଣୀ ପାହ୍ୟାର ଜଣେ ଫରୱାଡ଼ିଂ ଅଫିସର୍ ଓ ଅନ୍ୟାନ୍ୟ କର୍ମଚାରୀ ସେଠାରେ ଥାଆନ୍ତି । ଗୋଟିଏ ସିମେଣ୍ଟ ଗୋଦାମ, ଛଡ଼ ରଖିବା ପାଇଁ ଖୋଲା ଜାଗା, ଗୋଟିଏ ରେଷ୍ଟ୍‌ସେଡ୍, ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଘର ମଧ୍ୟ ଅଛି ।

ମୁଁ ଫୁଲବାଣିରେ ନିର୍ବାହୀ ଯନ୍ତ୍ରୀ ଥିବା ଅବସ୍ଥାରେ ଷ୍ଟୋର କିଣା ବନ୍ଦ ହେବାରୁ ଫରୱାଡ଼ିଂ ଅଫିସ୍ ବନ୍ଦ ହୋଇଗଲା । ସେଠାରେ ଥିବା କର୍ମଚାରୀମାନଙ୍କ ମଧ୍ୟରୁ କିଛି ଫୁଲବାଣିକୁ ଆସିଲେ ଏବଂ କିଛି ଅଧିକ୍ଷଣ ଯନ୍ତ୍ରୀ ସଦର୍ନ ସର୍କଲରେ ରହିଲେ । ଅଫିସ୍‌ର ଅଧାଭାଗ ମେକାନିକାଲ ଡିଭିଜନ୍‌କୁ ଅଫିସ୍ କରିବା ପାଇଁ ଦିଆଗଲା । ବାକି ରେଷ୍ଟସେଡ୍ ଇତ୍ୟାଦି ଫୁଲବାଣି ଡିଭିଜନ ଅଧିନରେ ରହିଲା ।

ପୂର୍ବେ କନ୍ଧମାଳ ବଉଦ କରଦରାଜ୍ୟର ଏକ ଅଂଶ ଥିଲା । ୧୮୪୫ ମସିହାରେ ବ୍ରିଟିଶ ସରକାର କନ୍ଧମାନଙ୍କ ମଧ୍ୟରେ ବହୁକାଳରୁ ପ୍ରଚଳିତ ମେରିଆ ପ୍ରଥା ବନ୍ଦ କରିବା ପାଇଁ ଗୋଟିଏ ମେରିଆ ଏଜେନ୍‌ସି ଗଠନ କଲେ । ବଉଦ ରାଜାଙ୍କୁ ଏହି କନ୍ଧମାନେ ମାନୁ ନଥିଲେ । ତେଣୁ ସରକାର ମେରିଆ ଦମନ ଉଦ୍ଦେଶ୍ୟରେ କନ୍ଧମାଳ ଇଲାକାର ଶାସନ ଭାର ସିଧାସଳଖ ନିଜ ହାତକୁ ନେଲେ । ଅବଶ୍ୟ ବର୍ତ୍ତମାନର ପୁରା କନ୍ଧମାଳ ଜିଲ୍ଲା ବଉଦ ରାଜ୍ୟର ଅଂଶ ନଥିଲା । ଜି. ଉଦୟଗିରି, ବାଲିଗୁଡ଼ା ଇତ୍ୟାଦି ଗଞ୍ଜାମ ଜିଲ୍ଲା ଅଧିନରେ ଥିଲା । ସ୍ୱାଧୀନତା ପରେ ନୂଆ ଜିଲା ଗଠନ ବେଳେ ଗଞ୍ଜାମ ଜିଲ୍ଲାରୁ ବାଲିଗୁଡ଼ା ଅଞ୍ଚଳ ପୂର୍ବତନ ବଉଦ ରାଜ୍ୟ ଏବଂ କନ୍ଧମାଳ ଅଞ୍ଚଳକୁ ନେଇ ବଉଦ କନ୍ଧମାଳ ଜିଲ୍ଲା ଗଠିତ ହୋଇଥିଲା ।

୧୮୯୧ରେ ଅନୁଗୁଳ (କନ୍ଧମାଳକୁ ମିଶାଇ) ଜିଲ୍ଲା ସୃଷ୍ଟି ହୋଇଥିଲା । ଅନୁଗୁଳ ଜିଲ୍ଲାର ଦୁଇଟି ସବ୍ ଡିଭିଜନ୍ ଥିଲା, ଯଥା : ଅନୁଗୁଳ ସବ୍‌ଡିଭିଜନ୍ ଓ କନ୍ଧମାଳ ସବ୍‌ଡିଭିଜନ୍ । କନ୍ଧମାଳର ସଦର ମହକୁମା ଥିଲା, ବିସିପଡ଼ା । ସେଠାରୁ ୧୯୦୪ରେ ଫୁଲବାଣି ସହରକୁ ଆସିଲା । ଅନୁଗୁଳ ମଧ୍ୟ ଆଗରୁ ଗଡ଼ଜାତ ଥିଲା । ୧୮୪୮ ମସିହାରେ ଖାସ୍ ହେଲାପରେ ଗୋଟିଏ ସବ୍‌ଡିଭିଜନ ହୋଇଥିଲା । ୧୯୧୨ରେ

Digitized by srujanika@gmail.com

ବିହାର-ଓଡ଼ିଶା ପ୍ରଦେଶ ଗଠନ ହେଲାପରେ ଯେଉଁ ୫ଟି ଜିଲ୍ଲା ଗଠିତ ହୋଇଥିଲା ତହିଁରେ ଅନୁଗୁଳ ଥିଲା ଅନ୍ୟତମ ।

ଫୁଲବାଣିରୁ ଅନୁଗୁଳକୁ ଏକ ରାସ୍ତା ଅଛି । ଏହି ରାସ୍ତାରେ ପଡ଼େ ଭେଟଖୋଲ ଘାଟି ରାସ୍ତା ଏବଂ ରାଣି ପଥର ଘାଟିରାସ୍ତା । ଚରିଛକ ଦେଇ ରାସ୍ତା ଲମ୍ବିଯାଇଛି ଅନୁଗୁଳର ଟିକରପଡ଼ାକୁ । ଟିକରପଡ଼ା ପାଖରେ ପଡ଼େ ସଂକୀର୍ଣ୍ଣ ମହାନଦୀ । ଏଠି ମହାନଦୀର ଓସାର କମ୍ ଏବଂ ଏଠାରୁ ଆରମ୍ଭ ହୋଇଛି ସାତକୋଶିଆ ଗଣ୍ଡ । ଫୁଲବାଣିଠାରୁ ଚରିଛକ ପର୍ଯ୍ୟନ୍ତ ଯେତେକ ଛୋଟ ଛୋଟ ପୋଲି ତିଆରି ହୋଇଛି ତାହା ୧୯୭୦ ରୁ ୧୯୮୦ ଭିତରେ । ମୁଁ ଫୁଲବାଣି ନର୍ଥ ସବ୍ ଡିଭିଜନ୍ ଦାୟୀତ୍ୱରେ ଥିଲାବେଳେ ଛୋଟ ଛୋଟ ନଦୀରେ ଘୋଷରା (Cause way) ଥିବା ଯାଗାରେ ଶଂଖ କରିବା ପାଇଁ କାଗଜପତ୍ର କରିଥିଲି ।

ଫୁଲବାଣି ଡିଭିଜନର କୌଣସି ରାସ୍ତା କାମ ଦେଖିବାକୁ ଗଲେହିଁ ସିଧା ୩୦/ ୪୦ କି.ମି. ଗଲେ ହିଁ କାମ ଜାଗା ଆସିବ । ନର୍ଥ ସବ୍ ଡିଭିଜନ୍‌ରେ କନ୍ଧମାଳ ଏବଂ ବଉଦ ଜିଲ୍ଲାର ଅଂଶ ରହିଛି । ଜଙ୍ଗଲ ଭିତରେ ଗାଈ ମଇଁଷି ଚରାଉଥିବା ଗଉଡ଼ ହାତରେ ବାଡ଼ି ଧରିଥିବ ଓ ତା ସହ ଗୋଟିଏ ଛୋଟ ଟାଙ୍ଗିଆ ମଧ୍ୟ ଧରିଥିବ । ଉଦ୍ଦେଶ୍ୟ କୌଣସି ହିଂସ୍ରଜନ୍ତୁ ଆକ୍ରମଣ କଲେ ଟାଙ୍ଗିଆ ଦ୍ୱାରା ଆତ୍ମ ରକ୍ଷା କରିବ । ମୁଁ ମଧ୍ୟ ଜିପ୍‌ରେ ଗୋଟିଏ ଟାଙ୍ଗିଆ ରଖିଥାଏ । ଉଦ୍ଦେଶ୍ୟ, ଘାଟି ରାସ୍ତାରେ ଆସିଲାବେଳେ ବର୍ଷା ଓ ପବନ ହେତୁ ପାହାଡ଼ ଉପରୁ ଗଛ ପଡ଼ି ରାସ୍ତା ଅବରୋଧରୁ ମୁକ୍ତି ପାଇବାକୁ । ଗଛର କିଛି ଅଂଶ କାଟି ଜିପ୍ ଯେପରି ରାସ୍ତା ଅତିକ୍ରମ କରାଯିବ ତା'ର ବ୍ୟବସ୍ଥା କରାଯାଏ । ପରେ ରାସ୍ତା ଗ୍ୟାଙ୍ଗ୍ ଖବର ପାଇ ରାସ୍ତା ସଫା କରନ୍ତି । ଫୁଲବାଣି ଜିଲ୍ଲାର ୪ ବର୍ଷ ଚାକିରି କାଳ ମଧ୍ୟରେ ଏମିତି ଗଛ କଟା ଧନ୍ଦା ୪/୫ ଥର ହୋଇଥିବ । ଗାଈଆଳ ଚରାଉଥିବା ଗାଈ ବଳଦଙ୍କ ସାଙ୍ଗରେ ଗୋଟିଏ ଗୋଟିଏ ବାର୍‌ହା ଛୁଆ ଚରାଇବାର ଦୃଶ୍ୟ ମୁଁ ଦେଖିଛି । ଏହି ବାର୍‌ହା ଛୁଆ ବଡ଼ ହେଲେ ବିକ୍ରି କରାଯାଏ । ବିବାହ ଭୋଜିରେ ବାର୍‌ହାକୁ ମାଂସ କରିବାକୁ ନିଅନ୍ତି । ଏହାର ଦାମ୍ ହାରାହାରି ଟ.୫୦୦୦/- ପର୍ଯ୍ୟନ୍ତ ।

ବାଇଶି ପଡ଼ା ପୋଲ ;

ଚରି ଛକ ଠାରୁ ଟିକର ପଡ଼ା ମଧ୍ୟରେ ଥିବା ବାଇଶି ପଡ଼ା ଗାଁ ପାଖରେ ଗୋଟିଏ ଖରସ୍ରୋତା ନଈ ପ୍ରବାହିତ । ଏହି ନଈର ଓସାର ପ୍ରାୟ ୨୦୦ ଫୁଟ ଓ

Digitized by srujanika@gmail.com

ଗାଡୁଆ । ରାଜା ଶାସନ ସମୟରେ ଏହି ନଈରେ ଏକ ଘୋସରା ତିଆରି ହୋଇଥିଲା । ପାଣି ଯିବା ପାଇଁ ଯେଉଁ ୪ଟି ନଳା ଥିଲା ତାହାର ଆକାର ୪ଫୁଟ ରେ ୨ ଫୁଟ । ଏଣୁ ସାମାନ୍ୟ ବର୍ଷାହେଲେ ଏହି ଜଙ୍ଗଲି ନଈରେ ଘୋଷରା ଉପରେ ପାଣି ଗଲେ । ପାଣିର ଗତି ଅତି ପ୍ରଖର । ମୁଁ ୧୯୯୩ ନଭେମ୍ବରରେ ଯୋଗଦେଲା ପରେ ଜାଣିଲି ଯେ ଏହି ପ୍ରସ୍ତାବିତ ଶଂଖର ଅନେକଥର ଟେଣ୍ଡର ବାହାରୁଛି ମାତ୍ର ସରକାରଙ୍କ ମଞ୍ଜୁରି ଅଭାବରୁ ଟେଣ୍ଡର ବାରମ୍ବାର ବାତିଲ ହେଉଛି । ମୁଁ ଯାଇ ସଚିବାଳୟର ନିର୍ମାଣ ବିଭାଗରେ ବୁଝିଲି ଯେ, ପ୍ରସ୍ତାବଟି ଅର୍ଥ ବିଭାଗରେ ଅନେକ ଦିନ ହେଲା ପଡ଼ି ରହିଛି । ମୁଁ ତା'ର ଖୋଜ୍ ଖବର ନେଲି । ଫାଇଲ୍‌ର ଦାୟିତ୍ୱରେ ଥିବା ଅର୍ଥ ବିଭାଗର ସହାକାରୀ କହିଲେ "ପୋଲର ଆବଶ୍ୟକତା କ'ଣ" ? ମୁଁ କହିଲି, "ଆପଣ ସେ ଯାଗା ଦେଖିଲେ ଜାଣିବେ, ସ୍ୱାଧୀନତାର ୫୦ ବର୍ଷପରେ ମଧ ଗୋଟିଏ ପ୍ରଧାନ ରାସ୍ତା ଯାହାକି ଫୁଲବାଣୀ ଓ ଅନୁଗୁଳକୁ ସଂଲଗ୍ନ କରିଛି ତାହା କିପରି ଅବହେଳିତ" । ପ୍ରସ୍ତାବଟି ଅର୍ଥ ବିଭାଗର ମଞ୍ଜୁରୀ ପାଇଲା ଏବଂ ସବୁ ପ୍ରକାର ଆନୁଷଙ୍ଗିକ କାର୍ଯ୍ୟପରେ ଶଂଖଟିର କାର୍ଯ୍ୟ ଆରମ୍ଭ ହେଲା । ମୁଁ ଏହି ଡିଭିଜନରେ ନିର୍ବାହୀ ଯନ୍ତ୍ରୀ ଥିବା ଅବସ୍ଥାରେ ପୋଲଟିର ନିର୍ମାଣ କାମ ଶେଷ ହେଲା । ଯେତେବେଳେ ନଈ ବଢ଼ି ୫/୬ଦିନ ରହେ ଲୋକେ ଘରିଛକକୁ ଆସିପାରନ୍ତି ନାହିଁ । ସେମାନେ ନଈର ଦାଢ଼େ ଦାଢ଼େ ଯାଇ ଲମ୍ବା ଶାଳଗଛ ହାଣନ୍ତି, ଯେପରି ଗଛର ଅଗ୍ରଭାଗ ନଈର ଆରକୂଳରେ ପଡ଼ିବ । ଏପରି ଅବସ୍ଥାରେ ଲୋକେ ଗଛଦ୍ୱାରା ନଈ ପାରି ହୁଅନ୍ତି । ଯଦି ଦୁର୍ଭାଗ୍ୟ ବଶତଃ ଗୋଡ଼ ଖସିଯାଇ କେହି ନଈରେ ପଡ଼ିଯିବ, ସେ ଭାସିଯାଇ ମହାନଦୀରେ ପଡ଼ିବ । ପୋଲ ହେଲା ପରେ ଲୋକେ ଯେଉଁ ଖୁସୀ ହେଲେ ତାହା ମୋତେ ବହୁତ ଆନନ୍ଦ ଦେଲା । ଏହି ପୋଲଟିର ଠିକାଦାର ଥିଲେ ବଉଦର ସତ୍ୟବାଦୀ ପଣ୍ଡା । ସେ ଯଥା ସମୟରେ ପୋଲ କାମ ଶେଷ କରିଦେଇଥିଲେ ।

୧୯୯୪ ମସିହା ଅଗଷ୍ଟ ୨୯/୩୦ ତାରିଖରେ ଯେଉଁ ପ୍ରଳୟଙ୍କରୀ ବନ୍ୟା ହେଲା, ସେଥିରେ ଫୁଲବାଣି ଜିଲ୍ଲାର ବହୁତ କ୍ଷତି ହେଲା । ଫୁଲବାଣି ଘରିଛକ ରାସ୍ତାକୁ ଇକ୍ଷ୍ମାନଳା ସାପ ପରି ବୁଲି ବୁଲି ୭/୮ ଥର ଅତିକ୍ରମ କରିଛି । ପୁରୁଣାକାଳର ପୋଲ ସବୁ ପାଣି ମାଡ଼ରେ ଧ୍ୱଂସପ୍ରାୟ ଅବସ୍ଥାକୁ ଆସିଗଲା । ଯାନବାହନ ଚଳାଚଳ ବନ୍ଦ ହୋଇଗଲା । ୧୦/୧୨ ଦିନ ପାଇଁ ପ୍ରଥମେ ବାଲିବସ୍ତା ଦ୍ୱାରା ମରାମତି କରି ଯାନବାହନ ଚଳାଚଳ ଆରମ୍ଭ ହେଲା । ଘରିଛକ ପଟକୁ ଥିବା ଏହି ରାସ୍ତାରେ ଗୋଟିଏ ୬ ଫୁକାର ବିଶିଷ୍ଟ ଶଂଖ ଅଛି । ତୀବ୍ର ଜଳସ୍ରୋତ ଓ ଜଙ୍ଗଲରୁ ଆସୁଥିବା ବଡ଼ବଡ଼ କାଠର ମାଡ଼ରେ

Digitized by srujanika@gmail.com

ଦୁଇଟି ଖୁଣ୍ଟର ସମ୍ମୁଖ ଭାଗ ନଷ୍ଟ ହୋଇ ବହୁତ କିଛି ପଥର ବାହାରି ପଡ଼ିଲା । ବଢ଼ିପରେ ଏହି କ୍ଷତିଗ୍ରସ୍ତ ଖୁଣ୍ଟକୁ ପୁରା ସିମେଣ୍ଟ କଂକ୍ରିଟ ତଳେଇ ଦ୍ୱାରା ଘୋଡ଼ାଇ (ଜ୍ୟାକେଟିଂ) ମଜ୍‌ଭୁତ୍ କରାଗଲା ।

ଘରିଛକ - ଟିକରପଡ଼ା ରାସ୍ତାର ହରଭଙ୍ଗା ଛକରୁ ହରଭଙ୍ଗା ରାସ୍ତାରେ ଲକ୍ଷ୍ମୀନଳା ପଡ଼େ । ଏହି ବଢ଼ି ଫଳରେ ଜଙ୍ଗଲରୁ ବାଉଁଶକୁମ୍ଭମୂଳରୁ ତାଡ଼ିହୋଇ ୨୦ ଫୁଟ ଓସାର ବିଶିଷ୍ଟ ସବୁ ଫୁକାରକୁ ବନ୍ଦ କରିଦେଲା । ତେଣୁ ବନ୍ୟାଜଳ ଶଙ୍ଖର ଦୁଇପଟ ରାସ୍ତାକୁ ତାଡ଼ିନେଇ ଗୋଟେ ପଟେ ୨୦୦ ଫୁଟ ଓ ଅନ୍ୟପଟେ ୧୦୦ ଫୁଟ ଘାଇ କରି ଦେଲା । ଏହି ସମୟରେ ଦେଖିବ ଘରିଆଡ଼େ ଜଳାର୍ଣ୍ଣବ । ୨ଜଣ ଜେ.ଇ. କ୍ଷୟକ୍ଷତି ଦେଖିବା ପାଇଁ ଯାଇଥିଲେ, ସେମାନେ ଅଖିଆ ଅପିଆ ଦିନେ ପାଣିଘେରରେ ରହିଗଲେ । ୨/୪ ଦିନ ପରେ ବଢ଼ି କମିବାରେ ରାସ୍ତା ମରାମତି ଆରମ୍ଭ ହେଲା ।

ଘରିଛକ ବଉଦ ରାସ୍ତାର ଲକ୍ଷ୍ମୀନଳାରେ ବଉଦ ରାଜାଙ୍କ ଦ୍ୱାରା ପ୍ରାୟ ୧୯୨୦ ବେଳକୁ ଗୋଟିଏ ଘୋସରା ହୋଇଥିଲା । ଘୋସରାରେ ୫ଟି ଛୋଟ ଭେଣ୍ଟ (ପାଣିବାଟ) ଅଛି । ବର୍ଷାଦିନେ ବଢ଼ି ଆସି ୨ ଦିନ ପରେ ବଢ଼ି ପ୍ରକୋପ କମିଲେ ଏହି ଘୋଷରାରେ ଗାଡ଼ି ଯାଏ । ୧୯୮୯ରେ ଏହି ଘୋଷରାରେ ଉପରପଟରେ ଗୋଟିଏ ୬ ଫୁକାର ୨୫ ଫୁଟିଆ ହାଇଲେବୁଲ୍ ସବମର୍ଜିବିଲ ସେତୁ ତିଆର ହୋଇଥିଲା । ନଦୀର ଶଯ୍ୟା ତୀଖା । ପୁରୁଣା ଘୋଷରାଟି କର୍ଟେନ କାନ୍ଥ ପରି କାମ କରୁଥିଲା । ୧୯୯୪ର ଅକ୍ଟୋବର ବନ୍ୟା ଏବେ ପ୍ରବଳ ହେଲା ଯେ ପାଖ ଜଙ୍ଗଲରୁ ଲଟା ଡାଳ ଆଣି ଫୁକାର ମୁହଁରେ ଜମି ରହିଲା । ପାଣି ସିଧା ସେତୁ ଛାତ ବୁଡ଼ାଇ ତା ଉପରେ ୫ ଫୁଟ ପାଣି ଚାଲିଲା । ସେତୁର କର୍ଟେନ ୱାଲ୍‌ର (Curtain Wall) କିଛି ଅଂଶ ଧୋଇ ହୋଇ ଚାଲିଗଲା । ଫଳରେ ଗୋଟିଏ ଖୁଣ୍ଟ ଉପୁଡ଼ି ପଡ଼ିଲା ଓ ଦୁଇଟି ସ୍ଲାବ ଖସିଗଲା ।

ଏହି ବଉଦ ରାସ୍ତା ବଲାଙ୍ଗିର ପର୍ଯ୍ୟନ୍ତ ଯାଇଛି । ବଲାଙ୍ଗିରରୁ ଭୁବନେଶ୍ୱରକୁ ଚାଉଳ ଆସେ । ସେତେବେଳେ ଏହାଥିଲା ରାଜ୍ୟ ରାଜପଥ । ଏବେ ଜାତୀୟ ରାଜପଥ ହୋଇଗଲାଣି । ବନ୍ୟାର ପ୍ରକୋପ କମିବାରେ ଖାଲି ଲୋକ ଚାଲିଲା ଭଳି ଲୁହାର ଗାର୍ଡ଼ର ଦ୍ୱାରା ୫ ଫୁଟ ଓଷାର ଗୋଟିଏ ଚଲାପଥ ଆବୁଟ୍‌ମେଣ୍ଟ ଓ ଦ୍ୱିତୀୟ ପିଅର ଖୁଣ୍ଟ ଉପରେ ତିଆରି କରାଗଲା । ଫୁକାର ହେଲା ୫୦ ଫୁଟ । ଭୁବନେଶ୍ୱରରୁ ଗୋଟିଏ କମ୍ପାନୀ ଯେଉଁମାନେ କି ଏ ବିଷୟରେ କୁଶଳୀ ଏ କାମଟିକୁ ଯଥାଶୀଘ୍ର କଲେ ।

Digitized by srujanika@gmail.com

ଯାହାଫଳରେ ଲୋକମାନେ ଚାଲି ଚାଲି ଅଥବା ସାଇକେଲରେ ଲକ୍ଷ୍ମୀନାଳ ପାର ହେଲେ । ପୁରୁଣା ଘୋଷରାକୁ ମରାମତି କରି ପାଣି ଚାଲୁଥିବା ଅବସ୍ଥାରେ ୫୦ ଫୁଟ ଓସାର ଓ ୧୦ ଫୁଟ ଗଭୀର ଚେନେଲକୁ ହ୍ୟୁମ ପାଇପ ଦ୍ୱାରା ଯୋଡ଼ି ଟ୍ରକ୍/ବସ୍ ଯିବା ଅସ୍ଥାୟୀ ରାସ୍ତା ନଭେମ୍ବର ୨୬ ସୁଦ୍ଧା ଶେଷ ହୋଇଗଲା । ତା ପରେ ଉପରୋକ୍ତ ଫେୟାର ଓଦେର ରାସ୍ତା ସରିବା ପୂର୍ବରୁ ନଦୀ ପୋଲର ୧୦୦ ଫୁଟ ତଳେ ଗୋଟିଏ ଚଲା ରାସ୍ତା ମଧ୍ୟ ତିଆରି ହୋଇଥିଲା । ପାଣି ଯାଉଥିବା ଖୋଲରେ ଦୁଇଟି ଲୁହା ଗାର୍ଡ଼ର ଆଣି ପକାଇବାରେ ଲୋକେ ଚାଲି ଚାଲି ପାରିହେଲେ । ଏହି ୨୫ ଦିନରେ କେତେ ଯେ ପରିଶ୍ରମ କରିବାକୁ ପଡ଼ିଲା, ତାହା ଅବର୍ଣ୍ଣନୀୟ । ସର୍ବଦା ପାଣି ଚାଲୁଥିବା ପୁରୁଣା ଘୋଷରା ମରାମତି ବେଳେ ଭାଙ୍ଗି ଯାଇଥିବା ଢଳେଇ ରାସ୍ତାକୁ ବାଲି ବସ୍ତାଦ୍ୱାରା ବନ୍ଦ କରି ଢଳେଇ କରିବାକୁ ହୁଏ । ଭବିଷ୍ୟତରେ ଯେପରି ଶଙ୍ଖକୁ ବିପଦ ନଆସିବ ସେଥିପାଇଁ ସମୁଦାୟ ନଈରେ ୩ଟି କର୍ଟେନ କାନ୍ଥ ତିଆରି ହେଲା । ଯେହେତୁ ନଈଟି ତିଖା, ଗଡ଼ାଣିଆ ଅବସ୍ଥାରେ ଅଛି, ସମୟ କ୍ରମେ ଶେଷ କର୍ଟେନ କାନ୍ଥ ଭାଙ୍ଗିଯାଇପାରେ । ତେଣୁ ଏପରି ଅବସ୍ଥାରେ ୨ୟ କାନ୍ଥକୁ ବିପଦ ଆସିବା ପୂର୍ବରୁ ଶେଷ କାନ୍ଥଟିକୁ ମରାମତି କରାଯିବ । ଜଙ୍ଗଲିଆ ରାସ୍ତାରେ ଏହା ଗୋଟିଏ ସମସ୍ୟା । ବଢ଼ିବେଳେ ସର୍ବୋଚ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ମିତ୍ର ୨ଥର ଆସି କାମକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ । ସେହି ଭୁବନେଶ୍ୱର କମ୍ପାନୀ ମଧ୍ୟ ଶଂଖର ଭାଙ୍ଗିଯାଇଥିବା ଅଂଶ ପୁର୍ନନିର୍ମାଣ କରିଥିଲେ । ୧୯୯୫ ମଇ ୩୧ ସୁଦ୍ଧା ପୋଲର ସମସ୍ତ କାମ ସରିଗଲା ।

ଉପରୋକ୍ତ ଗୋପାଳ ଚନ୍ଦ୍ର ମିତ୍ରଙ୍କୁ ରାଷ୍ଟ୍ରପତି ୧୯୦୩ ମସିହାରେ ପଦ୍ମଶ୍ରୀ ଉପାଧି ଦେଇଛନ୍ତି । ପୁରୀ ଜଗନ୍ନାଥ ମନ୍ଦିରର ମରାମତି କାର୍ଯ୍ୟରେ ଏହାଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ମନ୍ଦିରର ଗର୍ଭଗୃହରୁ ସେ ଗୋଟିଏ ଗାମୁଛା ପିନ୍ଧି (ପ୍ୟାଣ୍ଟ ପିନ୍ଧିବା ମନା) ଭାରାରେ (scaffolanding) ରେ ଚଢ଼ି ଉପରକୁ ଯାଇ ସ୍ୱଚକ୍ଷୁରେ ମନ୍ଦିରର ପଥର ଖସିବା ଇତ୍ୟାଦି ସ୍ଥାନ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ । ଗୋପାଳଚନ୍ଦ୍ର ମିତ୍ର ହେଉଛନ୍ତି ଓଡ଼ିଶାର ମହ୍ୟ ବୈଜ୍ଞାନିକ ଗଜେନ୍ଦ୍ର ନାଥ ମିତ୍ରଙ୍କ ପୁଅ । ଏହି ବୈଜ୍ଞାନିକଙ୍କର ଗଲା ଜୁଲାଇ ୨୦୦୬ରେ ୯୫ ବର୍ଷ ବୟସରେ କାଳ ହୋଇଅଛି ।

୧୯୯୫ ମସିହାରେ ପ୍ଲାନିଙ୍ଗ ଏବଂ ଡ଼ିଜାଇନ୍‌ର ମୁଖ୍ୟ ଯନ୍ତ୍ରୀ ଶତ୍ରୁଘ୍ନ ବାରିକ ଫୁଲବାଣି ଡିଭିଜନକୁ ପରିଦର୍ଶନରେ ଆସିଲେ । ଏ ସମୟରେ ମୁଁ ନର୍ଥ ସବ୍ ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ଥିଲି ଏବଂ ଜି. ଭାସ୍କର ରାଓ ଦୋରା ଥିଲେ ଫୁଲବାଣୀ ଡିଭିଜନର ନିର୍ବାହୀ ଯନ୍ତ୍ରୀ । ନର୍ଥ ସବ୍‌ଡିଭିଜନ୍‌ର ଫୁଲବାଣି ଟିକର ପଡ଼ା ରାସ୍ତାରେ ଥିବା ୩ଟି

Digitized by srujanika@gmail.com

ଘୋସରା ବଦଳରେ ୩ଟି ନୂଆ ପୋଲ ଏବଂ ସାଉଥ ସବ୍‌ଡିଭିଜନ୍‌ର ଖଜୁରୀ ପଡ଼ା ଶଙ୍କରା ଖୋଲ ରାସ୍ତାରେ ଦୁଇଟି ନୂଆ ପୋଲପାଇଁ ମୁଖ୍ୟଯନ୍ତ୍ରୀ ତାଙ୍କ ତଦାରଖ ନୋଟ୍‌ରେ (Inspection Note) ଉଲ୍ଲେଖ କରିଥିଲେ । ଏହି ସେତୁଗୁଡ଼ିକ ହେଲା ଫୁଲବାଣି - ଟିକର ପଡ଼ା ରାସ୍ତାର ପେଞ୍ଜିସାହି ନଳା, ବାଘ ଛେପରା ଓ ଖରଭୂଇଁ ନଳା । ଖଜୁରିପଡ଼ା ଶଙ୍କରାଖୋଲ ରାସ୍ତାର ବାଉଁଶୁଣି ଓ ନୂଆ ଗାଁ ନଳା । ଏହି ପରିଦର୍ଶନ ମନ୍ତବ୍ୟ ବଳରେ ୧୯୯୫-୯୬ରେ ବ୍ୟୟ ବରାଦ ପାଇଁ କିଛି ବ୍ୟବସ୍ଥା ରହିଲା । ୧୯୯୫ର ଶେଷ ବେଳକୁ ଜି. ଭାସ୍କର ରାଓ ଦୋରା ପଦୋନ୍ନତି ପାଇ ଚାଲିଗଲେ ଏବଂ ମୁଁ ତାଙ୍କ ଜାଗାରେ ପଦୋନ୍ନତି ପାଇ ନିର୍ବାହୀ ଯନ୍ତ୍ରୀ ହେଲି । ସେତେବେଳକୁ ମୋର ଚାକିରିକାଳ ସରିବାକୁ ମାତ୍ର ଦେଢ଼ ବର୍ଷ ଥିଲା । ଏଣୁ ଏହି କମ୍ ସମୟ ଭିତରେ ଅଫିସିଆଲ କାଗଜ ଯଥା ହାଇଡ୍ରଲିକ୍ ପାର୍ଟିକୁଲାରସ ଆଣି ଚିଫ୍ ଇଞ୍ଜିନିୟର ଅଫିସରେ ଡ୍ରଇଁ କରାଇବା, ଏଷ୍ଟିମେଟ୍, ଟେଣ୍ଡରସିଡ୍ୟୁଲ କରାଇ ମଞ୍ଜୁରୀ କରାଇବା, ଟେଣ୍ଡର ଡାକିବା, ଟେଣ୍ଡର ଗ୍ରହଣ କରାଇବା ଏବଂ ଏଗ୍ରିମେଣ୍ଟ କରାଇବା ଆଦି କରାଇଲି । ମୁଁ ୧୯୯୭ ଜୁନ୍ ୩୦ ତାରିଖରେ ଅବସର ନେବାର ୫ ମାସ ପରେ ସେତୁଗୁଡ଼ିକର କାମ ଆରମ୍ଭ ହେଲା । ଗୋଟିଏ ମଜାକଥା । ୫ଟି ଯାକ ସେତୁର ଡ୍ରଇଁ ଚିଫ୍ ଇଞ୍ଜିନିଅର ଅଫିସରେ ପ୍ରସ୍ତୁତ ହେଲା ପରେ ମୁଖ୍ୟ ଯନ୍ତ୍ରୀଙ୍କ ଦସ୍ତଖତ ପାଇଁ ଡ୍ରଇଁଗୁଡ଼ିକ ଅନେକ ଦିନ ଅଫିସ୍‌ରେ ପଡ଼ି ରହିଲା । ସେ ସମୟରେ ପୂର୍ତ୍ତମନ୍ତ୍ରୀ ହରିହର ସ୍ୱାଇଁ ଯୋଜନା କାମର ଅଗ୍ରଗତି ପାଇଁ ଏକ ସଭା ଡାକନ୍ତେ ଜଣାପଡ଼ିଲା ଯେ ଅନ୍ୟ କୌଣସି ଡିଭିଜନ ଡ୍ରଇଁ କରିବା ଅବସ୍ଥାକୁ ଆସି ନାହାନ୍ତି । ଏକା ଫୁଲବାଣି ଡିଭିଜନ ତାର ଡ୍ରଇଁ ଗୁଡ଼ିକ କରାଇ ପାରିଛି । ସଙ୍ଗେ ସଙ୍ଗେ ଗୋଟିଏ ପିଅନ ଦ୍ୱାରା ଡ୍ରଇଁଗୁଡ଼ିକ ମଞ୍ଜୁର କରି ଫୁଲବାଣି ଡିଭିଜନକୁ ପଠାଇ ଦିଆଗଲା ।

ଫୁଲବାଣି - କଳିଙ୍ଗା ରାସ୍ତା :

କଳିଙ୍ଗା - ଫୁଲବାଣି ରାସ୍ତା ରାଜ୍ୟ ରାଜପଥ - ୭ର ଅନ୍ତର୍ଭୁକ୍ତ । ଏହି ରାସ୍ତାର ଦୁଇକଡ଼ରେ କୃଷ୍ଣଚୂଡ଼ାର ଗଛ ଥିବାରୁ ଗ୍ରୀଷ୍ମକାଳରେ ବହୁତ ସୁନ୍ଦର ଦିଶେ । ରାସ୍ତା ବେଶ୍ ଓସାରିଆ, ମାତ୍ର ଅନେକ ଗୁଡ଼ିଏ ସେତୁ ସଂକୀର୍ଣ୍ଣ । ତେଣୁ ଗାଡ଼ିକୁ ଏହି ସେତୁ ଅତିକ୍ରମ କଲାବେଳେ, ଅନ୍ୟ ଦିଗରୁ ଗାଡ଼ି ଆସୁଥିଲେ ଅପେକ୍ଷା କରିବାକୁ ପଡ଼େ । ମୁଁ ଏକଥା ବାରିକ ସାହେବ ମୁଖ୍ୟଯନ୍ତ୍ରୀ ପ୍ଲାନିଙ୍ଗ ଆଣ୍ଡ୍ ଡ଼ିଜାଇନ୍‌ଙ୍କ ଦୃଷ୍ଟି ଆକର୍ଷଣ କରନ୍ତେ ସେ ପରିଦର୍ଶନ କରିବାକୁ ଆସିଲେ । ନିର୍ମିତ ସେତୁଗୁଡ଼ିକ ବେଶ୍ ମଜବୁତ ମାତ୍ର ଅଣଓସାରିଆ । ଖୁଣ୍ଟଗୁଡ଼ିକୁ ଓସାର କରି ସ୍ଲାବ ପକାଇଲେ ରାସ୍ତାର ଓସାର ୭.୫ ମିଟରକୁ

Digitized by srujanika@gmail.com

ବୃଦ୍ଧିପାଇବ ଏବଂ ଅତି କମ୍ ଖର୍ଚ୍ଚରେ ଏ ସମସ୍ୟା ସମାଧାନ ହୋଇପାରିବ । ଯଥା ସମୟରେ ମୁଖ୍ୟ ଯନ୍ତ୍ରୀଙ୍କର ପରିଦର୍ଶନ ଚିଠା ପ୍ରକାଶ ପାଇଲା । ସାଉଥ ସବ୍‌ଡ଼ିଭିଜନ୍‌ର ଏସ୍‌ଡ଼ିଓ ପି.କେ. ଦାସ୍ ଙ୍କୁ ନକ୍‌ସା କରିବାର ଭାରଦେଇ ମୁଁ ଅବସର ନେଲି । ମୋର ଅବସର ପରର ୧ ମାସ ମଧ୍ୟରେ ପି.କେ. ଦାସ ମଧ୍ୟ ଅନ୍ୟତ୍ର ବଦଳି ହୋଇ ଚାଲିଗଲେ । ତାଙ୍କ ପରେ ମହାରଣା ବାବୁ ଏସ୍.ଡି.ଓ. ହୋଇ ଆସିଲେ । ତାଙ୍କୁ ଥରେ ମୁଁ ଫୋନରେ ମନେପକାଇଲି ଉକ୍ତ ୮ଟି ସେତୁର ଓସାରିକରଣ ପ୍ରସ୍ତାବ ପଠାଇବାକୁ । ସେ ଦେଖିବେ ବୋଲି କହିଲେ । ମୋ ପରେ ଫୁଲବାଣି ଡିଭିଜନର ଯେଉଁ ନିର୍ବାହୀଯନ୍ତ୍ରୀ ବିଧିବଦ୍ଧ ଭାବରେ ନିଯୁକ୍ତ ହେଲେ, ତାଙ୍କୁ ଅକ୍ଟୋବର ୧୯୯୭ରେ ମନେପକାଇଲି, ଏହି ଓସାରିକରଣ ପ୍ରସ୍ତାବ ଚିଫ୍ ଇଞ୍ଜିନିଅରଙ୍କ ପାଖକୁ ପଠାଇବା ପାଇଁ । ସେ ଭଦ୍ରବ୍ୟକ୍ତି କହିଲେ "ତମେତ ଅବସର ନେଲଣି, ତମର କାହିଁକି ମୁଣ୍ଡ ବ୍ୟଥା ହେଉଛି" । ମୋର ଏହାପରେ କିଛି କରିବାର ନଥିଲା । ମାତ୍ର ମୋର ଏତିକି ଅନୁଭୂତି ଉନ୍ନତିକରଣ କାର୍ଯ୍ୟକୁ ଖୋଜିବାକୁ ପଡ଼େ । ରୁଟିନ୍ ଚାକିରି ମୂଲ୍ୟହୀନ ।

କଳିଙ୍ଗା ଘାଟିର ଉନ୍ନତି :

ବ୍ରହ୍ମପୁର ରାସ୍ତାରେ କଳିଙ୍ଗା ଘାଟି ପଡ଼େ । ୧୦ କି.ମି. ଦୀର୍ଘ ଏହି ରାସ୍ତାର ବର୍ତ୍ତମାନ ବହୁତ ଉନ୍ନତି ହେଲାଣି । ପାହାଡ଼ ପଟକୁ ସାମାନ୍ୟ କୋରି ଏବଂ ଖୋଲାପଟକୁ ଶୁଖିଲା ପଥର କାନ୍ଥ ଦେଇ ରାସ୍ତାକୁ ଓସାରିଆ କରାଯାଇଛି । ଏହି ଘାଟିରାସ୍ତାରେ ଅନେକ ଗୁଡ଼ିଏ ପୋଲ ଅଛି । ଏହି ପୋଲକୁ ଓସାର କରିବାକୁ ହେଲେ ଖୋଲା ପଟରେ ଥିବା ଆବୁଟୁମେଣ୍ଟର ଲମ୍ବ ବଢ଼ାଇବାକୁ ପଡ଼ିବ । ଲମ୍ବ ବଢ଼ାଇବା ଅର୍ଥ ୨୦/୩୦ ଫୁଟ ତଳୁ ଆବୁଟୁମେଣ୍ଟ ଗଢ଼ି ଉପରକୁ ଅଣାହେବ । ୨୦ ଫୁଟ ତଳକୁ ଅଙ୍କା ବଙ୍କା ଗୋହିରୀରେ ଖସି ସିମେଣ୍ଟ, ବାଲି, ନେବାକୁ ହେବ । ସ୍ୱତନ୍ତ୍ର ରିପେୟାର ହେଡ୍‌ରେ ଟଙ୍କା ରଖି ବିଭିନ୍ନ ଫେଜ୍‌ରେ ପ୍ରୋଗ୍ରାମ୍ କରିବାକୁ ହୁଏ । ମୋର ପୂର୍ବତନ ନିର୍ବାହୀ ଯନ୍ତ୍ରୀ, ଜି. ଭାସ୍କର ରାଓ ଦୋରା ବହୁତ ମନଯୋଗ ନେଇ କାମ କରାଇଥିଲେ । କଳିଙ୍ଗା ସେକ୍‌ସନ୍‌ର କନିଷ୍ଠ ଯନ୍ତ୍ରୀ ଅଭିମନ୍ୟୁ ଜେନା ବହୁତ ଶ୍ରମ କରି ଅନେକ ଗୁଡ଼ିଏ ପୋଲକୁ ଓସାର କରି ରାସ୍ତାକୁ ମଧ୍ୟ ଓସାରିଆ କରିଛନ୍ତି । ମୁଁ ନିର୍ବାହୀଯନ୍ତ୍ରୀ ଥିଲାବେଳେ ଏହି କାମକୁ ଅଧିକ ତ୍ୱରାନ୍ୱିତ କରିବାକୁ ଲାଗିଲି । ଏସବୁ ଉନ୍ନତିମୂଳକ କାମ କରିବାରେ ଜଙ୍ଗଲ ବିଭାଗର ଆପତ୍ତି, ପାହାଡ଼ ପଟକୁ କାହିଁକି କୋରୁଛ ? ଜଙ୍ଗଲ ଜମି ଆମର । ଥରେ ତାଙ୍କ ଲୋକ ଠିକାଦାରଙ୍କ ଗଇନ୍ତି, ଫାଉଡ଼ା ଇତ୍ୟାଦି ନେଇଯିବାରୁ ଭଞ୍ଜନଗର ଡି.ଏଫ୍.ଓ. ଚନ୍ଦ୍ରଭୂଷଣ

Digitized by srujanika@gmail.com

ମହାନ୍ତିଙ୍କୁ ଦେଖାକରି ରାସ୍ତା ଓସାରିକରଣରେ ବାଧା ନଦେବାକୁ ମୁଁ ଅନୁରୋଧ କଲି । ମୁଁ ୧୯୯୦ରେ ନୟାଗଡ଼ ଏସ୍.ଡି.ଓ. ଥିଲାବେଳେ ଚନ୍ଦ୍ରଭୂଷଣ ମହାନ୍ତି ନୟାଗଡ଼ର ଡି.ଏଫ୍.ଓ. ଥିଲେ । ତେଣୁ ତାଙ୍କ ସହିତ ମୋର ଆଗରୁ ପରିଚୟ ଥିଲା । ପାହାଡ଼ଟା ଜଙ୍ଗଲ ବିଭାଗର ମାତ୍ର, ଜଙ୍ଗଲରେ ଥିବା ରାସ୍ତାଟି ନିର୍ମାଣ ବିଭାଗର । ରାସ୍ତାକୁ ଲାଗିକରି ଜମିରୁ (road side land) ସେମାନେ ମାଟି ଦେବା ପାଇଁ ନାରାଜ ।

ନିର୍ବାହୀଯନ୍ତ୍ରୀ ପଦରେ ମୋର କାର୍ଯ୍ୟକାଳ ହେଲା ମାତ୍ର ୧୮ ମାସ । ମନରେ ଦୁଃଖ ରହିଲା ଆହୁରି ଅନେକ ଗୁଡ଼ିଏ ଘାଟି ରାସ୍ତାର ଉନ୍ନତିକରଣ ନକରି ପାରିଥିବାରୁ । ଫୁଲବାଣୀ ଚାରିଛକ ରାସ୍ତାର ଭେଟଖୋଲ ଘାଟ, ରାଣିପଥର ଘାଟକୁ ଓସାରିଆ କରି ପଥର କାନ୍ଥ(Dry Wall) କରିବା କଥା ବାକି ରହିଲା । ସେହିପରି ଫୁଲବାଣୀ ମାଧପୁର ରାସ୍ତାର ଗାଡ଼ିଆପଡ଼ା ଘାଟିରାସ୍ତା ବହୁତ କିଛି ଉନ୍ନତି ଆବଶ୍ୟକ କରୁଥିଲା । ଚାକିରୀ କାଳର ସ୍ୱଳ୍ପତା ହେତୁ ଏହି ଉନ୍ନତିମୂଳକ କାମ ବିଶେଷ ଭାବରେ କରିପାରିନାହିଁ ।

ମୁଁ ଫୁଲବାଣି ଡିଭିଜନର ନିର୍ବାହୀ ଯନ୍ତ୍ରୀପଦରେ ଯୋଗଦେଲା ବେଳେ ଜିଲ୍ଲାପାଳ ଥିଲେ ସୁରେଶଚନ୍ଦ୍ର ମହାପାତ୍ର । ଫୁଲବାଣି ଜିଲ୍ଲାର କନ୍ଧ-ପାଣ ଅନ୍ତର୍ବିବାଦ ଚାଲିଥିଲାବେଳେ ସେ ଆସିଥିଲେ । ତାଙ୍କର ଦକ୍ଷତା ବଳରେ ଅତିକମ୍ ଦିନରେ ଗଣ୍ଡଗୋଳ ସମାଧାନ ହୋଇଗଲା । କନ୍ଧମାନଙ୍କର ଦାବି ଅନୁଯାୟୀ ଫୁଲବାଣି ସହରରେ ୧୯୯୫ରେ ହୋଇଥିବା ସଭାରେ ଜିଲ୍ଲାକୁ ଫୁଲବାଣି ବଦଳରେ କନ୍ଧମାଳ ଜିଲ୍ଲାବୋଲି ମୁଖ୍ୟ ମନ୍ତ୍ରୀ ବିଜୁପଟ୍ଟନାୟକ ଘୋଷଣା କଲେ । ୧୯୪୮ରେ ୧୩ଟି ଜିଲ୍ଲା ସୃଷ୍ଟିବେଳେ ଏହି ଜିଲ୍ଲାକୁ ବଉଦ ଓ କନ୍ଧମାଳ ଜିଲ୍ଲା ବୋଲି ନାମିତ କରାଯାଇଥିଲା । ଅନେକ ବର୍ଷ ପରେ ବଉଦ କନ୍ଧମାଳ ନାମକୁ ପରିବର୍ତ୍ତନ କରି ଫୁଲବାଣି ଜିଲ୍ଲା ବୋଲି ନାମିତ ହେଲା । ୧୯୯୩ ରେ ବଉଦ, ଏକ ଅଲଗା ଜିଲ୍ଲା ରୂପେ ମାନ୍ୟତା ପାଇଲା ଏବଂ ପୁରୁଣା ଫୁଲବାଣି ଜିଲ୍ଲା କନ୍ଧମାଳ ଜିଲ୍ଲା ବୋଲି ନାମିତ ହେଲା, ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ବେଳେ ।

ଜାନୁଆରୀ ୧୯୯୬ ରେ ସରୋଜ କୁମାର ଝା କନ୍ଧମାଳର ଜିଲ୍ଲାପାଳ ହୋଇ ଯୋଗଦେଲେ । ସେ ସମୟରେ ଫୁଲବାଣି ବଡ଼ ଡାକ୍ତରଖାନାରେ, ଗୋଟିଏ ସାଧାରଣ ଆଜ୍‌ବେଷ୍ଟସ ଘରେ, ପ୍ରସୂତି ଭବନ ଚାଲିଥିଲା । ଜିଲ୍ଲାପାଳ ମୋତେ ଅନୁରୋଧ କଲେ, ଏହି ଘରଟିର କିଛି ଉନ୍ନତିକରଣ କରିବାକୁ । ଡାକ୍ତରଖାନା ବାବଦରେ କିଛି ସ୍ପେଶାଲ୍ ରିପେୟାରିଂ ଟଙ୍କା ନଥିଲା । ମୁଁ ରିପେୟାର ଗ୍ରାଣ୍ଟ୍‌ରୁ କିଛି ଟଙ୍କା ବଳକା କରି ଉକ୍ତ

Digitized by srujanika@gmail.com

ଘରଟିର ଚଟାଣକୁ ମାର୍ବଲ, କାନ୍ଥଗୁଡ଼ିକୁ ଗ୍ଲେଜଡ ଟାଇଲ, କବାଟଗୁଡ଼ିକରେ ଡୋର କ୍ଲୋଜର ଥାଇ ନୂଆ ଧରଣର ସଟର, ଆଜ୍‌ବେଷ୍ଟସ୍ ଛାତ ବଦଳାଇ ସିମେଣ୍ଟ କଂକ୍ରିଟ୍ ଛାତ କରାଇଲି । ଅର୍ଥର ସ୍ୱଳ୍ପତା ହେତୁ ମୁଁ କୌଣସି ଠିକାଦାରଙ୍କୁ ଏହି କାମ ଦେଇ ନଥିଲି । ମୁଁ କିମ୍ବା ତାଙ୍କର କୌଣସି ଏସ୍.ଡି.ଓ. ଭୁବନେଶ୍ୱର ସରକାରୀ କାର୍ଯ୍ୟରେ ଗଲେ ମାର୍ବଲ ଓ ଗ୍ଲେଜଡ ଟାଇଲ୍ କିଣି ଜିପ୍‌ରେ ଆଣି ବ୍ୟବହାର କରିଥିଲୁ । ସ୍ଥାନୀୟ ମିସ୍ତ୍ରୀମାନେ ଏହିକାମ କରିଥିଲେ । । ପରେ ହାସ୍‌ପାତାଳର କରିଡୋର, ରୋଗୀ ମାନଙ୍କର ଅପେକ୍ଷାକରିବା ଗୃହକୁ ମାର୍ବଲ ଫ୍ଲୋରିଙ୍ଗ କରାଯାଇଥିଲା । ଆଉଗୋଟିଏ ଉଦାହରଣ : ଫୁଲବାଣି ବାଳିକା ସ୍କୁଲର ହତା ପାଚିରି ନଥିବାରୁ ପାଖ ପଡ଼ୋଶୀ ଭଦ୍ରଲୋକ କିଛି ସ୍କୁଲର ଯାଗା ଜବରଦସ୍ତ ମାଡ଼ିବସିଲେ । କେସ୍ ତୁଟିଲାପରେ ଭବିଷ୍ୟତରେ ଆଉ ଏପରି ଯେମିତି ନଘଟେ ସେଥିପାଇଁ ଶିଘ୍ର କମ୍ପାଉଣ୍ଡ କାନ୍ଥ ତିଆରି କରାଗଲା ।

ଫୁଲବାଣି ସହର ଭିତରେ ଜଣେ ପ୍ରଭାବ ଶାଳୀ ରାଜନେତା ରାସ୍ତାର କିଛି ଅଂଶ ମାଡ଼ି ତିନିମହଲା ଘର ତିଆରି କରିଥିଲେ । ଜିଲ୍ଲାପାଳଙ୍କ ଜାଗା ମପାଇ ଘର ଭାଙ୍ଗିଦେଇଥିଲେ । ମଇଳା ସଫା ହେଲା ପରେ ପୂର୍ତ୍ତ ବିଭାଗ ଅତିଶୀଘ୍ର ସେ ଜାଗାକୁ ରାସ୍ତାରେ ମିଶାଇ ପିଚୁ କରିଦେଲା । ୧୯୯୭ରେ ପୂର୍ତ୍ତମନ୍ତ୍ରୀ ହରିହର ସ୍ୱାଇଁ ଜନରାଜ୍ୟ ଦିବସରେ ପତାକା ଉତ୍ତୋଳନ ପାଇଁ ଫୁଲବାଣି ଆସିଥିଲେ । ଉପରୋକ୍ତ ରାଜନେତାଙ୍କର ଘର ଆଂଶିକ ଭଙ୍ଗାଯାଇ ଉପଲବ୍ଧ ଜମିକୁ ରାସ୍ତାରେ ମିଶାଇ ଯାଇଥିବାରୁ ସେ ଏତେ ଖୁସି ହେଲେ ଯେ ଜନରାଜ୍ୟ ଦିବସର ଉଦ୍‌ବୋଧନ ଭାଷଣରେ କଲେକ୍ଟର ମହାଶୟଙ୍କୁ ଏକ ସୁଟ୍ କପଡ଼ା ଉପହାର ଦେବାକୁ ପ୍ରତିଶ୍ରୁତି ଦେଲେ ।

ବଉଦ କଲେକ୍ଟର

୧୯୯୩ ମସିହା ଜାନୁୟାରୀ ପହିଲାରୁ ବଉଦ ଗୋଟିଏ ନୂଆ ଜିଲ୍ଲାରେ ପରିଣତ ହେଲା । ତେଣୁ ଫୁଲବାଣୀ ଡ଼ିଭିଜନ୍ ଅଧିନରେ ଦୁଇଟି ଜିଲ୍ଲା ଯଥା : କନ୍ଧମାଳ ଏବଂ ବଉଦ ଜିଲ୍ଲା ରହିଲା । ବଉଦରେ ଗୋଟିଏ ପୂର୍ତ୍ତ ସବ୍ ଡିଭିଜନ୍ ଅଛି । ମୁଁ ନିର୍ବାହୀ ଯନ୍ତ୍ରୀ ଥିଲାବେଳେ କଲେକ୍ଟର ଥିଲେ କୃଷ୍ଣଚନ୍ଦ୍ର ବନ୍ଧୁ । ପୂର୍ତ୍ତ ବିଭାଗର କିଛି ସମସ୍ୟା ହେଉଥିଲେ ସେ ସମାଧାନ କରନ୍ତି । ମାଧପୁର ନିକଟରେ ରାଜ୍ୟ ରାଜପଥ ୧୪ ରେ ଗୋଟିଏ ମାଇନର ବ୍ରିଜ୍ ତିଆରି ସରିଥିଲା । ତା'ର ବାମପଟ ସଂଯୋଗକାରୀ ରାସ୍ତା ସିଧା ପୋଲ ପାଖରେ ଲାଗିଲା । ମାତ୍ର ମାଧପୁରଆଡୁ ଆସୁଥିବା ସଂଯୋଗୀ ରାସ୍ତା ନଥିଲା । ପୁରୁଣା ପୋଲର ସଂଯୋଗରୁ ଗୋଟିଏ ବଙ୍କା ରାସ୍ତା ନୂଆ ପୋଲକୁ ଲଗାଇବାରେ ଗାଡ଼ି ଚାଲିଲା,

Digitized by srujanika@gmail.com

ମାତ୍ର ବିଧିବଦ୍ଧ ଡାହାଣ ପାର୍ଶ୍ୱ ରାସ୍ତା ତିଆର ହୋଇପାରିଲା ନାହିଁ । ୨୦୦ ମିଟର ନୂଆ ରାସ୍ତାରେ କିଛି ଗଛ କାଟି କରିବାକୁ ପଡ଼ିବ । ଏଥିପାଇଁ ଜଙ୍ଗଲ ବିଭାଗକୁ ଟ.୭୦,୦୦୦ ଦିଆଗଲା । କାରଣ ଏହି ଟଙ୍କାରେ ସେମାନେ ନୂଆ ଗଛ ଲଗାଇବେ । ଟଙ୍କା ଦେଲାପରେ ମଧ୍ୟ ଫରେଷ୍ଟ ବିଭାଗ ନୂଆ ରାସ୍ତା କରିବାକୁ ଦେଲେ ନାହିଁ । ପୁରୁଣା ବଙ୍କା ରାସ୍ତାରେ ଗାଡ଼ିମଟର ଯିବାବେଳେ ସବୁଦିନ କିଛି ନା କିଛି ଦୁର୍ଘଟଣା ହେଲା । ଏକଥା ମୁଁ ଜିଲ୍ଲାପାଳଙ୍କୁ କହିବାରେ ସେ ବଉଦ ଡି.ଏଫ୍.ଓଙ୍କୁ ବାରମ୍ବାର କହିଲେ । ମୁଁ ଅବସର ନେଲା ପର୍ଯ୍ୟନ୍ତ ଏହି ରାସ୍ତା ପାଇଁ ଜାଗା ଦଖଲ ମିଳିନଥିଲା ।

ଥରେ କେ.ସି. ବନ୍ଧୁ ମୋତେ ଗୋଟିଏ ପ୍ରସ୍ତାବିତ ପୋଲର ସମ୍ଭାବନା ସମ୍ବନ୍ଧରେ ଟେକ୍‌ନିକାଲ୍ ମତ ପଚାରିଥିଲେ । କନ୍ଧମାଳ ବି.ଡି.ଓ. ଏବଂ ବଉଦର ପୂର୍ବ ଏସ୍.ଡି.ଓ. ମୋ ସାଙ୍ଗରେ ଯାଇଥିଲେ । ନଦୀଟିର ଓସାର ୮୦ ଫୁଟ । ବର୍ଷାଦିନେ ପ୍ରବଳ ସ୍ରୋତରେ ପାଣି ଆସେ । ବ୍ଲକ୍ କର୍ତ୍ତୃପକ୍ଷ ଗୋଟିଏ ଠିକାଦାର ଦ୍ୱାରା ମାତ୍ର ୨ ଫୁଟ ଖୋଳି ପୋଲଟିର ମୂଳଦୁଆ ପକାଇଛନ୍ତି । ଖୁଣ୍ଟର ଉପରିଭାଗ ନଦୀ ଶଯ୍ୟା ଉପରକୁ ଆସିନାହିଁ । ହୁଏତ ଉପରକୁ ଆସିଥିଲେ ଗୋଟିଏ ବଢ଼ିରେ ପୋଲର ଖୁଣ୍ଟକୁ ଭସେଇ ନେଇଥାନ୍ତା । କାରଣ ପାଣିର ଗତିକୁ ବାଧା ଆସିଲେ ସେଠି ଖୋଳିହୁଏ । ମୁଁ କଲେକ୍ଟରଙ୍କୁ କହିଲି, ଏଭଳିଆ ନଦୀର ପୋଲକୁ ବ୍ଲକ୍ ସ୍ତରରେ କରିବା ଉଚିତ୍ ନୁହେଁ । ମୁଖ୍ୟଯନ୍ତ୍ରୀଙ୍କ ପାଖରୁ ଡିଜାଇନ୍ ଆଣି କରାଯିବା ବିଧେୟ । ଏଇଠି କାମଟି ବନ୍ଦ ହେଲା । ତା'ପରେ ଯେଉଁ ଜିଲ୍ଲାପାଳ ଯୋଗଦେଲେ, ତାଙ୍କ ସାଙ୍ଗରେ କାମ କରିବା ମୋତେ କଷ୍ଟକର ହେଲା । ସେ ପ୍ରଥମେ କହିଲେ ଫୁଲବାଣିରେ ରହୁଥିବା ଜିଲ୍ଲା ଅଫିସରମାନେ ସପ୍ତାହକେ ୩ ଦିନ ବଉଦ ଗସ୍ତ କରନ୍ତୁ । ମୁଁ କହିଲି, "କାମ ଅନୁଯାୟୀ ଗସ୍ତ କରାଯାଏ । କାମ ନଥିଲେ ଗସ୍ତର ମୂଲ୍ୟ କିଛି ନଥାଏ ।" ସେ ଥରେ କହିଲେ "ଆପଣ ସବୁ ଟଙ୍କା ଫୁଲବାଣିରେ ଖର୍ଚ୍ଚ କରୁଛନ୍ତି, ବଉଦରେ କିଛି କାମ ହେଉନି" । ମୁଁ ତାଙ୍କୁ ଗୋଟିଏ ହିସାବ ଦେଲି । ସେତେବେଳେ ବଉଦ ଜିଲ୍ଲାରେ ୭୦ ଲକ୍ଷ ଖର୍ଚ୍ଚ ହେଲାବେଳେ ଫୁଲବାଣିରେ ଖର୍ଚ୍ଚ ହୋଇଥାଏ, ମାତ୍ର ୨୦ ଲକ୍ଷ । ଏଥିରେ ସେ କହିଲେ, "ବଉଦ ଟାଉନରେ କେତେ" ? ମୁଁ କହିଲି, "କାମ ଅନୁଯାୟୀ ଟଙ୍କା ଆସେ ଏବଂ ଏହି ହିସାବରେ ଖର୍ଚ୍ଚହୁଏ । ତେଣୁ ବଉଦ ଟାଉନ୍‌ରେ ସଂରକ୍ଷଣ ଗ୍ରାଣ୍ଟ ଅନୁଯାୟୀ ଯଥା ସମ୍ଭବ ଖର୍ଚ୍ଚ ହେବ" । ସେ ସମୟରେ ବଉଦରେ ଜିଲ୍ଲାପାଳଙ୍କ କୋଠି ନିର୍ମାଣ ଚାଲିଥାଏ । ସେ ମୋତେ କହିଲେ ଗୋଟିଏ ବଖରାରେ ଅଧିକ ଗୋଟିଏ ଝରକା ଲଗାଇବାକୁ ଓ ଗୋଟିଏ କବାଟ ବନ୍ଦ କରିଦେବାକୁ । ମୁଁ କହିଲି, "ସାରା ଓଡ଼ିଶାର ସବୁ ନୂଆ ଜିଲ୍ଲାପାଳ କୋଠୀ ଏହି ମଞ୍ଜୁରି ପ୍ରାପ୍ତ ନକ୍‌ସାରେ

Digitized by srujanika@gmail.com

ହେଉଛି । କାମ ହେଉଥିବା ଅବସ୍ଥାରେ ବଦଳା ବଦଳି କଲେ ବିପଦ ।” ବଉଦରେ ଥିବା ପୂର୍ବ ଏସ୍.ଡି.ଓ. ମୋତେ ଥରେ କହିଲେ “କଲେକ୍ଟର କହୁଛନ୍ତି ତାଙ୍କ ଇଚ୍ଛା ନିର୍ବାହୀ ଯନ୍ତ୍ରୀଙ୍କ ଜିପ୍ ସିଜ୍ କରି ତାଙ୍କୁ ଗାଡ଼ିରୁ ଓହ୍ଲାଇ ଦେବାକୁ ମାତ୍ର ମୁଁ କହିଲି ତାଙ୍କର କଣ ଅସୁବିଧା ହବ ? ସେ ମୋ ଗାଡ଼ି ନେଇ ଫୁଲବାଣୀ ଫେରିଯିବେ । ମୁଁ ଏକା ମାତ୍ର ଅସୁବିଧାରେ ପଡ଼ିବି । ମୋ କଥା ଶୁଣି କଲେକ୍ଟର କହିଲେ ତମ ଯୋଗୁଁ ତାଙ୍କ ବିରୁଦ୍ଧରେ କିଛି କରିପାରୁନି ।” ଏମିତି ଅନେକ କଥା । ଯଦିଓ କଲେକ୍ଟର ମୋର ଉପରିସ୍ଥ ଅଫିସର ନୁହଁନ୍ତି ମାତ୍ର ଜିଲ୍ଲାର ମୁଖ୍ୟ କୋଅର୍ଡ଼ିନେଟିଂ ଅଫିସର । ମାତ୍ର ସେ ସେପରି ବ୍ୟବହାର କରୁନଥିଲେ । ହଠାତ୍ ତାଙ୍କର ବଦଳି ହୋଇଗଲା ।

ଟିକରପଡ଼ା ମହାନଦୀ ଘାଟ

ଟିକରପଡ଼ା ନିକଟ ମହାନଦୀ ପାଖରୁ ସାତକୋଶିଆ ଗଣ୍ଡର ଆରମ୍ଭ । ଏଇଠି ନଈର ଓସାର ପ୍ରାୟ ୪୦୦ ମିଟର । ୧୮୮୧ ରେ ଗଠିତ ଅନୁଗୁଳ ଜିଲ୍ଲାରେ କନ୍ଧମାଳ ଓ ଅନୁଗୁଳ ଦୁଇଟି ସବ୍‌ଡିଭିଜନ ହୋଇଥିଲା । ବଉଦ ଜିଲ୍ଲାର ଘରିଛକରୁ ଜଙ୍ଗଲ ମଧ୍ୟରେ ଗୋଟିଏ ରାସ୍ତା ଅଛି, ଅନୁଗୁଳ ଆସିବା ପାଇଁ । ବାଟରେ ଟିକରପଡ଼ାଠାରେ ମହାନଦୀ ପାର୍ ହେବାକୁ ହୁଏ । ଏ ପର୍ଯ୍ୟନ୍ତ ମହାନଦୀରେ ଏଠି ପୋଲ ତିଆରି ହୋଇନାହିଁ । କେନ୍ଦ୍ରସରକାରଙ୍କ ନିକଟରେ ଏ ପ୍ରସ୍ତାବ ବହୁଦିନ ହେଲା ପଡ଼ିରହିଛି । ବୋଧହୁଏ ବଉଦ ନିକଟସ୍ଥ କିଆକଟା ପାଖ ପୋଲ ନିର୍ମାଣ ହେତୁ ଏ ପ୍ରସ୍ତାବ ନିଷ୍ପ୍ରଭ ହୋଇ ରହିଛି । ବିହାର ଓଡ଼ିଶା ପ୍ରଦେଶ ଗଠନ ପରେ ଅନୁଗୁଳ ଏକ ବିଧିବଦ୍ଧ ଜିଲ୍ଲା ହୋଇଗଲା । ଏହି ଜିଲ୍ଲାରେ ରହିଲା ଅନୁଗୁଳ ଏବଂ କନ୍ଧମାଳ ଇଲାକା । ତେଣୁ ଫୁଲବାଣି ସହର ଏବଂ ଅନୁଗୁଳ ସହର ଏହି ରାସ୍ତାଦ୍ୱାରା ସଂଲଗ୍ନ ଥିଲା । ଏ ରାସ୍ତାରେ ସେହି ପୁରୁଣାକାଳିଆ ମାଇଲ ଖୁଣ୍ଟି ଏପର୍ଯ୍ୟନ୍ତ ଅଛି । ଏବେ ରାସ୍ତାର ଅନ୍ୟପାର୍ଶ୍ୱରେ ନୂଆ ପ୍ରକାର କିଲୋମିଟର ଖୁଣ୍ଟି ପୋତା ଯାଇଛି । ରାସ୍ତାଟି ଫୁଲବାଣିରୁ ବାହାରି ସୁଡୁରୁକୁମ୍ପା ଘାଟୀ, ରାଣିପଥର ଘାଟୀ, ଘରିଛକ, ହରଭଙ୍ଗା ଛକ, ଶୀତଳ ପାଣି ଦେଇ ମହାନଦୀରେ ନିକଟରେ ପହଞ୍ଚିଛି । ମହାନଦୀରେ ଅନ୍ୟପଟେ ଟିକରପଡ଼ା ଓ ତାଠୁ ପ୍ରାୟ ୧୫ କି.ମି. ଦୂରରେ ଅନୁଗୁଳ ଟାଉନ୍ ଅଛି । ମହାନଦୀର ଏ ଯାଗାରେ ପୋଲ ହେବା ପାଇଁ ପ୍ରସ୍ତାବ ଫାଇଲରେ ହିଁ ରହିଛି । ଏଠି ପୋଲ ହୋଇପାରିଲେ ଅନୁଗୁଳକୁ ବଉଦ ଓ ଫୁଲବାଣିରୁ ସବୁଦିନିଆ ରାସ୍ତା ହୋଇପାରନ୍ତା ଓ ଲୋକମାନେ ବହୁତ ଉପକୃତ ହୁଅନ୍ତେ ।

Digitized by srujanika@gmail.com

ମୁଁ ନର୍ଥ ସବ୍ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ହୋଇ ଯୋଗଦେବା ସମୟରେ ମହାନଦୀର ଜଳ ନଦୀଶଯ୍ୟାର ଟିକରପଡ଼ା ପାର୍ଶ୍ୱରେ ପ୍ରବାହିତ ହେଉଥିଲା । ତେଣୁ ଖରାଦିନେ ଫେୟାର ଓ୍ୱେଦର ରାସ୍ତାଟି ଶୀତଳ ପାଣିଆଡୁ ନଦୀ ବାଲିରେ ମାଟି ଓ ମୁରମରେ ରାସ୍ତା କରଯାଏ । ଜଳ ପ୍ରବାହିତ ଅଂଶରେ ଡଙ୍ଗା ଚଲେ । ଏଥିପାଇଁ ପୂର୍ତ୍ତ ବିଭାଗ ତରଫରୁ ଡଙ୍ଗା ବ୍ୟବସ୍ଥା ଅଛି । ଡଙ୍ଗା ପାଇଁ ୩ଜଣ ନାଉରିଆ ନିଯୁକ୍ତି ହୋଇଥିଲେ । ୧୯୯୨ ମସିହାରେ ନୟାଗଡ଼ ଅଞ୍ଚଳରୁ କିଛି ବ୍ୟକ୍ତି ବଣଭୋଜି ପାଇଁ ଏଠାକୁ ଆସି ଟିକରପଡ଼ାକୁ ଡଙ୍ଗାରେ ପାର୍ ହେଲାବେଳେ ଦୁର୍ଘଟଣା ହେତୁ ଅନେକ ଲୋକ ବୁଡ଼ିଗଲେ । ଗୋଟିଏ ଆଲୋଡ଼ନ ସୃଷ୍ଟି ହେଲା । ଶୁଣାଯାଏ ପୂର୍ତ୍ତ ବିଭାଗର ସଚିବ ମୁଖ୍ୟମନ୍ତ୍ରୀଙ୍କୁ କହିଲେ ଫୁଲବାଣି ନିର୍ବାହୀଯନ୍ତ୍ରୀଙ୍କ ନିଲମ୍ବନ ପ୍ରସ୍ତାବ ଦେବାକୁ । ମାତ୍ର ମୁଖ୍ୟମନ୍ତ୍ରୀ କହିଲେ "ଡଙ୍ଗା ବୁଡ଼ିଲା ଟିକରପଡ଼ା ଘାଟରେ । ୮୦ କି.ମି. ଦୂରରେ ଥିବା ନିର୍ବାହୀଯନ୍ତ୍ରୀ ଏଥିପାଇଁ କେଉଁ ନ୍ୟାୟରେ ଦୋଷୀ ହେବେ ? ଏବେତ ପୁରୀରେ ଠାକୁରଙ୍କ ନାଗାର୍ଜୁନବେଶ ଦର୍ଶନବେଳେ ୪ଜଣ ଯାତ୍ରୀ ଦଳାଚକଟାରେ ମଲେ । ପାଖରେ କଲେକ୍ଟର ଓ ଏସ୍.ପି. ଥିଲେ । ସେମାନେ ସସ୍‌ପେଣ୍ଡ ହେଲେଣି କି ?"

ଏ ଦୁର୍ଘଟଣାର ତଦନ୍ତରେ ଗୋଟିଏ ନାଉରିଆ ସସ୍‌ପେଣ୍ଡ ହେଲା । ତା'ପରେ ୨ ଜଣ ନାଉରିଆ, ଡଙ୍ଗାରେ ଯାତ୍ରୀ ପାରି କରିବା ପାଇଁ ରହିଲେ । ପୋଲିସ୍ ଅନୁସନ୍ଧାନ କରି ଦେଖିଲେ, ଏହି ନାଉରିଆମାନଙ୍କ ମଧ୍ୟରୁ ଜଣଙ୍କର ଅପସ୍ମାର ବେମାର ଅଛି । ତାକୁ କାଢ଼ି ଦେବାକୁ କହିଲେ । ମାତ୍ର ସେ ନାଉରିଆ ଡ଼ାକ୍ତରୀ ପ୍ରମାଣ ପତ୍ର ଦେଲା ତା'ର ଅପସ୍ମାର ବେମାର ନାହିଁ ବୋଲି । ମାତ୍ର ଦୈବକ୍ରୁ ପ୍ରାୟ ବର୍ଷକ ପରେ ମଧ୍ୟାହ୍ନ ଛୁଟିବେଳେ ଦିନ ୧୨ରୁ ୧ ବେଳେ ଅର୍ଥାତ୍ ଯେତେବେଳେ ସରକାରୀ ଡଙ୍ଗା ଚଲେନି, ସେତେବେଳେ ନାଉରିଆ ନିଜର ଘରୋଇ ଡଙ୍ଗାରେ ଜଣେ ଯାତ୍ରୀକୁ ପାରି କରାଉଥିବାବେଳେ, କାତ ମାରିବା ଅବସ୍ଥାରେ ଉକ୍ତ ହାମଡ଼ା ବେମାର ବାହାରିବାରୁ ମହାନଦୀର ନୀଳଜଳରେ ଟଳିପଡ଼ିଲା । ଯାତ୍ରୀଜଣକ ଡଙ୍ଗାରେ ଏକା ଥାଇ ପାଟି କରିବାରୁ କୂଳରେ ଥିବା ଲୋକମାନେ ଉଦ୍ଧାର କଲେ । ନାଉରିଆର ଶବ ୨ ଦିନପରେ କୂଳରେ ଲାଗିଲା ।

ଉପରୋକ୍ତ ନାଉରିଆର ମୃତ୍ୟୁପରେ ନାଉରିଆଟିର ପୁତୁରା ତାଙ୍କ ଦଦାଙ୍କ ଚାକିରି ପାଇବାକୁ ଦରଖାସ୍ତ କଲେ । ସେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଅନୁରୋଧ କରିଥିଲେ । ସାଧାରଣତଃ ପୁଅ ଝିଅ କିମ୍ବା ସ୍ତ୍ରୀଙ୍କୁ ଅନୁକମ୍ପାମୂଳକ ଚାକିରି ମିଳେ । ପୁତୁରାକୁ କାହିଁକି

Digitized by srujanika@gmail.com

ମିଳିବ ? ଏଥିରେ ସେ ପିଲାଟି ପୋଷ୍ୟପୁତ୍ର ବୋଲି ଏକ ଦଲିଲ ଦାଖଲ କଲା । ନାଉରିଆଟିର ୪ଟି ପୁଅ ଥିବାବେଳେ ପୁଣି ପୋଷ୍ୟପୁତ୍ର କେଉଁ ଅର୍ଥରେ ? ତାକୁ ଅଫିସ୍ ଲେଖିଲା "ଆପଣ ନାଉରିଆଙ୍କର ଲିଗାଲ୍ ହେୟାର ପ୍ରମାଣ ପତ୍ର ଆଣିଲେ ଆପଣଙ୍କ କଥା ବିଚାରକୁ ନେବୁ ।" ଏ ଚିଠି ପରେ ପୁତୁରା ଆଉ ଅଫିସ୍‌କୁ ଆସିନାହିଁ ।

ବଉଦ ଜିଲ୍ଲାର ଚରିଛକରୁ ଟିକରପଡ଼ା ମହାନଦୀଘାଟ ପ୍ରାୟ ୪୦ କି.ମି । ପୁରାପୁରି ଜଙ୍ଗଲ ରାସ୍ତା । ଅଭୟାରଣ୍ୟ ପୂର୍ବରୁ ଗୋଟିଏ ଗାଁ ପାଖରେ ଜଙ୍ଗଲ ବିଭାଗର ଚେକ୍‌ଗେଟ୍ ଅଛି । ଚେକ୍‌ଗେଟ୍ ଡେଇଁଲାପରେ ଛୋଟ ପାହାଡ଼ିଆଘାଟି ରାସ୍ତା ପଡ଼େ । ଏଠି ଅଛି କିଛି ଫାଶିଗଛ । ୧୯୯୬ ମସିହା ଜାନୁଆରୀରେ ମୁଁ ଦେଖିଲି ରାସ୍ତା ଉପରେ ୮୦ ବର୍ଷର ପୁରୁଣା ଅନେକ ଫାଶିଗଛ ମୂଳରୁ କଟାହୋଇ ପଡ଼ିଛି ପୁରୀରେ ବିଜେ ମହାପ୍ରଭୁ ଜଗନ୍ନାଥଙ୍କର ରଥ ତିଆରିରେ ଲାଗିବ ବୋଲି । ରଥପାଇଁ ପ୍ରତିବର୍ଷ ନୂଆଗଛ ଖୋଜିଲେ, ହୁଏତ ଆଉ କିଛି ବର୍ଷପରେ ଗଛ ମିଳିବ ନାହିଁ । ତେଣୁ ଭଲଥିବା କାଠଗୁଡ଼ିକ ପୁନଃବ୍ୟବହାର ଲୋଡ଼ା । ସମୟୋଚିତ କାରବାର କରଣୀୟ । ସମୟଥିଲା ଜଙ୍ଗଲରେ ବହୁତ କାଠ ମିଳୁଥିଲା, ଏବେ ଆଉ ନାହିଁ । ୧୯୮୮ ମସିହାରେ ନୟାଗଡ଼ ଟାଉନର ଜଗନ୍ନାଥଙ୍କ ରଥ ତିଆରିବେଳେ ଜଣେ ଫରେଷ୍ଟ ଅଫିସର କହିଲେ "ପୁରୀରେ ରଥ ତିଆରି ପାଇଁ ନୂଆକାଠ ଲାଗିବ, ମାତ୍ର ପୁରୁଣା କାଠ ତିଆରି ମୂର୍ତ୍ତୀ ରଥରେ ଝୁଲା ହେବେ । ନୂଆ କାଠରେ ମୂର୍ତ୍ତି କରିବାକୁ ଅନେକ ସମୟ ଲାଗିବ । ସବୁ କାଠକାମ ପୁରୁଣାକାଳିଆ ରୀତିରେ ବଢ଼େଇମାନେ ପୁରୁଣା ସରଞ୍ଜାମ ଧରି କରିବେ, ମାତ୍ର ବଡ଼ ବଡ଼ କାଠମାନ କରତ କଳରେ ଚିରିବେ । ତାଙ୍କୁ ଯେଉଁଟା ସୁବିଧା ।"

ଅତୀତରେ ମୁସଲମାନ ଶାସନ ଅମଳରେ ଅନେକ ବର୍ଷ ରଥଯାତ୍ରା ହୋଇନାହିଁ । ଦୈନନ୍ଦିନ ପୂଜା ମଧ୍ୟ ହୋଇନାହିଁ । ଠାକୁର ପାତାଳୀ ହୋଇଥିଲେ ୧୭୩୨ ମସିହାରେ । ୧୮୯୩ ମସିହାରେ ଖର୍ଚ୍ଚକୁ ଡରି ସୂର୍ଯ୍ୟମଣି ପାଟମହାଦେଈ ନବକଳେବର ନକରାଇ ଶ୍ରୀଅଙ୍ଗଫିଟାରେ କାମ ଚଳାଇଥିଲେ । କଟକର କେନ୍ଦ୍ରାପଡ଼ାରେ ଲୋକମାନେ ଆଜି ମଧ୍ୟ କେରଡ଼ାଗଡ଼ର ଜଗନ୍ନାଥ ମନ୍ଦିରକୁ ଦଳିତ ଲୋକଙ୍କ ପ୍ରବେଶକୁ ବିରୋଧ କରୁଛନ୍ତି । ଯେଉଁ ଭାବନା ଓ ଦିଗ୍‌ଦର୍ଶନ ମହାତ୍ମା ଗାନ୍ଧି ଦେଲେ ୧୯୩୨ ମସିହାରୁ, ଆମେ ଶିଖିଲେ କଣ ?

ବଉଦ କିଆକଟା ଘାଟ

ବଉଦ ଟାଉନଠାରୁ କିଆକଟା ବାଟେ ରେଢ଼ାଖୋଲକୁ ଯିବାକୁ ହେଲେ

Digitized by srujanika@gmail.com

ମହାନଦୀକୁ ଡଙ୍ଗାରେ ପାରି ହୋଇ ଯିବାକୁ ପଡ଼େ । ଏଥିପାଇଁ ଖରାଦିନେ ଫୁଲବାଣି ଡିଭିଜନ ପ୍ରାୟ ୫ଲକ୍ଷ ଟଙ୍କା ଖରଚ କରି ମହାନଦୀରେ ରାସ୍ତା ତିଆରି କରେ । ବର୍ଷାଦିନେ ସୋନପୁର ପାଖ ମହାନଦୀ ପାର ହୋଇ ସମ୍ବଲପୁର ଯିବାକୁ ହୁଏ । ପ୍ରଥମ ଅଂଶ ବାଲିରାସ୍ତା, ଦ୍ୱିତୀୟ ଅଂଶରେ ଜାଫ୍ରି, ଏବଂ ଶେଷ ପାଣିଥିବା ଅଂଶରେ ଡଙ୍ଗା ଚଲେ । ଏବେ ଗୋଟିଏ ସବୁଦିନିଆ ଶଂଖ ହେଲାଣି । ପ୍ରଥମେ ଓଡ଼ିଶା ସେତୁ ନିର୍ମାଣ ନିଗମ କାମଟି ନେଇଥିଲା । ମାତ୍ର କରିବାରେ ଅହେତୁକ ବିଳମ୍ବ ହେବାରୁ ଉତ୍ତର ପ୍ରଦେଶ ବ୍ରିଜ୍ କନଷ୍ଟ୍ରକ୍‌ସନ୍ କର୍ପୋରେସନ୍ ଦ୍ୱାରା ସେତୁଟି କରାଯାଇଛି । ଖରାଦିନିଆ ରାସ୍ତା ପାଇଁ ସରକାର ଅଲଗା ଆଲଟମେଣ୍ଟ କରନ୍ତି । ମାତ୍ର ଏହି କିଆକଟା ରାସ୍ତା ପାଇଁ କେବେ ଚିଫ୍ ଇଞ୍ଜିନିୟର ଆଲଟମେଣ୍ଟ ଦିଅନ୍ତି ନାହିଁ । ଯାହା ଫଳରେ ଡିଭିଜନର ବାକିଆ ବଢ଼େ । ବସ୍ତୁତଃ ଏହି ଖରାଦିନିଆ ରାସ୍ତା ସମ୍ବଲପୁର ଡିଭିଜନର ଦାୟିତ୍ୱ । କାରଣ ରେଢ଼ାଖୋଲ ରାସ୍ତା ସମ୍ବଲପୁର ଡିଭିଜନର । ବଉଦ ମହାନଦୀ କୂଳରେ ଥିବାରୁ ଏହି ଦାୟିତ୍ୱ ଫୁଲବାଣି ଡିଭିଜନକୁ ଦିଆଯାଇଛି । ବହୁତ କହିବାରେ ମୁଖ୍ୟଯନ୍ତ୍ରୀ ୧୯୯୬ ମସିହାରେ ୫ ଲକ୍ଷଟଙ୍କା ସ୍ଥଳରେ ମାତ୍ର ୨ ଲକ୍ଷ ଟଙ୍କା ପ୍ରଥମଥର ପାଇଁ ଅନୁଦାନ ଦେଲେ । ବାକି ୩ ଲକ୍ଷ ସ୍ପେସିଆଲ ରିପେୟାର ଗ୍ରାଣ୍ଟରୁ ପୂରଣ କରାଗଲା ।

ମୁଁ ଏସ୍.ଡି.ଓ. ଥିଲାବେଳେ ମୋର ନିର୍ବାହୀ ଯନ୍ତ୍ରୀ ଥିଲେ ଢି. ଭାସ୍କର ରାଓ ଦୋରା । ତାଙ୍କର ନିର୍ଦ୍ଦେଶ ଥିଲା ରାସ୍ତାର ଗୋଟିଏ ହେଲେ ଯେପରି ଖାଲ ନରହେ । ଥରେ ଫୁଲବାଣି ଡାକ ବଙ୍ଗଳାରେ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତି ଖୋରଧାର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିଲେ "ଫୁଲବାଣି ରାସ୍ତା ଏତେ ଭଲ ଅବସ୍ଥାରେ ଅଛି ଅଥଚ ଆପଣଙ୍କ ରାସ୍ତା ଏତେ ଖରାପ ଅବସ୍ଥାରେ କାହିଁକି ଅଛି ?" ନିର୍ବାହୀଯନ୍ତ୍ରୀ କହିଲେ "ଏଠି ଏତେ ଟ୍ରାଫିକ୍ କାହିଁ"

ବିକ୍ରିକର

ମୁଁ ଫୁଲବାଣିରେ ନିର୍ବାହୀଯନ୍ତ୍ରୀ ଥିଲାବେଳ ବିକ୍ରି କର ବିଭାଗ ଆମ ଡ଼ିଭିଜନ୍ ଉପରେ ପ୍ରାୟ ୨ କୋଟି ଟଙ୍କାର ସେଲ୍‌ଟାକ୍ସ ଡ଼ିମାଣ୍ଡ ପଠାଇଲେ ଏବଂ ଧମକାଇଲେ ନିର୍ଦ୍ଦିଷ୍ଟ ତାରିଖରେ ପୈଠ ନ କଲେ ଡ଼ିଭିଜନ୍‌ର ଏଲ୍.ସି (ଲେଟର ଅଫ୍ କ୍ରେଡ଼ିଟ୍) କୁ ଆଟାଚ୍ କରିବେ । ଏଭଳି ଏକ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମୁଁ ସରକାରୀ ଆଡ଼ଭୋକେଟ୍‌ଙ୍କୁ ନେଇ କଟକ ଗଲି । ଆଡ଼ଭୋକେଟ୍ ଜେନେରାଲ୍ ହାଇକୋର୍ଟରେ ଷ୍ଟେ ଅର୍ଡ଼ର ମାଗିଲେ ଏବଂ ଷ୍ଟେ ଅର୍ଡ଼ର ଆଣିଲେ । ଅନ୍ୟ ଡ଼ିଭିଜନ୍‌ଗୁଡ଼ିକ ଏହା ପରେ

Digitized by srujanika@gmail.com

ପରେ ଷ୍ଟେ ଅର୍ଡ଼ର ଆଣିଲେ । ଏହି ସମୟରେ ଇନ୍ଦ୍ରଜିତ ରାୟ ଆଡ଼ଭୋକେଟ୍ ଜେନେରାଲ୍ ଥିଲେ ।

ଟେଣ୍ଡର :

ପୂର୍ତ୍ତବିଭାଗ (ପି.ଡବ୍ଲୁ.ଡି) ଲର୍ଡ଼ ଡେଲହାଉସିଙ୍କ ଅମଳରୁ ସୃଷ୍ଟି । ଓଡ଼ିଶାରେ ୧୯୬୦ ମସିହାରେ ଜଳସେଚନ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ମୂଳ ପୂର୍ତ୍ତବିଭାଗରୁ ଅଲଗା ହୋଇଗଲା । ପୂର୍ତ୍ତବିଭାଗ ନିର୍ମାଣ ବିଭାଗ ନାମରେ ନାମିତ ହେଲା । ଏବେ ଆଉ ପି.ଡବ୍ଲୁ.ଡି. ଶବ୍ଦ ନାହିଁ । ସେବେ ପି.ଡବ୍ଲୁ.ଡିକୁ "ବାରିକ ମିସ୍ତିରୀ ବିଭାଗ" ବୋଲି କହୁଥିଲେ । P.W.D. code ର ନିୟମାନୁଯାୟୀ ସବୁବିଭାଗର ନିର୍ମାଣ କାମ ନିୟନ୍ତ୍ରିତ ହୋଇଥାଏ । କାମ କରିବାକୁ ହେଲେ F2, K2, H2 ଇତ୍ୟାଦି ଏଗ୍ରିମେଣ୍ଟ କରାଯାଇ କାମହୁଏ । ନିର୍ଦ୍ଦିଷ୍ଟ ଟଙ୍କାରୁ ଉର୍ଦ୍ଧ୍ୱ ହେଲେ ଖବର କାଗଜ ଅଥବା ନୋଟିସ୍ ବୋର୍ଡ଼ରେ ଟେଣ୍ଡର ପ୍ରକାଶ ପାଏ । ବେଳେବେଳେ ଜରୁରୀ କାମର ଟେଣ୍ଡର ହେଲେ କାମଟି ସାରିବା କଷ୍ଟସାଧ୍ୟ । ଅନେକ କଣ୍ଟ୍ରାକ୍ଟର ଟେଣ୍ଡର ଦେବେ ଅଥଚ କାମ ଆଦୌ କରିବେ ନାହିଁ । ସରକାରୀ ନିୟମାନୁଯାୟୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କଲେ, ତାଙ୍କର କ୍ଷତି ହୋଇପାରେ, କିନ୍ତୁ ବେଶି କ୍ଷତି ହେବ ସରକାରୀ ବିଭାଗର । ନିର୍ଦ୍ଦିଷ୍ଟ ସମୟରେ କାମ ସରେ ନାହିଁ । ସରକାରୀ ଗ୍ରାଣ୍ଟ ନଷ୍ଟ ହୁଏ, ରୋଲରକୁ କାମ ମିଳେନା । ଡିଭିଜନରେ ସୀମିତ ସଂଖ୍ୟକ ରୋଲରକୁ ଗୁଡ଼ାଏ କାମ, ସାନବଡ଼ ମିଶି ବହୁତ ଠିକାଦାର । ଆର୍ଥିକ ବର୍ଷ ଆରମ୍ଭରୁ ପ୍ଲାନିଂ କରି ରାସ୍ତା କାମ ନସାରିଲେ ସବୁ ଅଧାପନ୍ତାରିଆ ଅବସ୍ଥାରେ ରହେ । ଡିପ୍ଲୋମା ଇଂଜିନିଅର ଓ ଡିଗ୍ରୀ ଇଂଜିନିଅର ଠିକାଦାରମାନଙ୍କ ପାଇଁ ଅନେକ ସରକାରୀ ରିହାତି ଅଛି । ସେମାନେ ଟେଣ୍ଡରରେ କାମ ପାଇବା ପାଇଁ କେତେକ ସୁବିଧା ମଧ୍ୟ ଦିଆଯାଇଛି । ବେଳେବେଳେ କେତେକ ଠିକାଦାର ଅତି କମ୍‌ରେଟ୍ ଦେଇ ଟେଣ୍ଡର ଦିଅନ୍ତି । ତାଙ୍କୁ ଯେତେବେଳେ ପଚରାଯାଏ ଏତେ କମ୍‌ରେଟ୍‌ରେ କିପରି କରିବ, ସେମାନେ ଚୁପ୍ ରହନ୍ତି । ଚିଠିଗ୍ରହଣ କରନ୍ତି ନାହିଁ । ବିଧି ବ୍ୟବସ୍ଥାରେ ଟେଣ୍ଡର ବାତିଲ କରିବାକୁ ଖବର କାଗଜମାଧ୍ୟମରେ ନୋଟିସ୍ ଦେବାକୁ ପଡ଼େ । ଖବର କାଗଜରେ ବାହାର କରିବାକୁ ହେଲେ ଜଣକୁ ଭୁବନେଶ୍ୱର ଯିବାକୁ ପଡ଼ିବ । ଏସବୁ କଲା ବେଳକୁ ଅନେକ ସମୟ ଲାଗିଯାଏ ।

ମାର୍ଚ୍ଚ ୩୧ ତାରିଖ ଗଲାପରେ ରାସ୍ତାର special repair programme ଅତି ମୁଖ୍ୟ । ଗୋଟିଏ ଗୋଟିଏ ସବ୍‌ଡିଭିଜନ୍‌ରେ ୧/୨ଟି ରୋଲର ଥାଏ । ୩/୪ଟି

Digitized by srujanika@gmail.com

ସେକ୍‌ସନ୍‌କୁ ଅନେକ ଗୁଡ଼ିଏ କାମ । Special Repair କାମ ଗୁଡ଼ିକ ନୂଆକାମପରି । ରାସ୍ତାର ପାର୍ଶ୍ୱରେ ଥିବା ଗ୍ରାମର ଠିକାଦାର ମାନେ ହିଁ ଏହି କାମ କରନ୍ତି । ଗୋଟିଏ ୧୦୦ କି.ମି. ରାସ୍ତାକୁ ମିଳିଥାଏ, ପ୍ରାୟ ୨୦ଲକ୍ଷଟଙ୍କା । ଅଧିକ୍ଷଣ ଯନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଏହି ଟଙ୍କାକୁ ପ୍ରାୟ ୧୫/୧୬ ଭାଗରେ ଭାଗକରି ନୋଟିସ୍ ବୋର୍ଡ଼ରେ ଟେଣ୍ଡର କାଢ଼ି କାମ କରିବାକୁ ହୁଏ । ଏପରି କାମ ଆରମ୍ଭ ହେବ ଯେ ରୋଲର ଯେପରି idle ନହୁଏ । ଏପରି systematic କାମରେ ଯଦିଜଣେ କାମ ନକରିବା ମନୋବୃତ୍ତିର ଠିକାଦାର ମିଳନ୍ତି ତେବେ କାମ ସବୁ ବିଗିଡ଼ି ଯାଏ ।

ପିଚୁକିଣା

ପି.ଡବ୍ଲୁ.ଡି. ଷ୍ଟୋରର ମୁଖ୍ୟ ବସ୍ତୁ ହେଉଛି, ସିମେଣ୍ଟ, ଲୁହାଛଡ଼, ଓ ପିଚୁ । ମୁଁ ନିର୍ବାହୀ ଯନ୍ତ୍ରୀ ଥିବା ସମୟରେ (୧୯୯୬ ମସିହା) ବିଶାଖାପାଟଣାରୁ ଷ୍ଟୋରକୁ ପିଚୁ ଆସୁଥିଲା । ସେ ସମୟରେ ଜଣେ ପରିବହନ ଠିକାଦାର, ଷ୍ଟୋରକୁ ପିଚୁ ଆଣିଲେ । ଦ୍ୱିତୀୟ ପରିବହନ ପରେ ଆଇ.ଓ.ସି. ବିଲ୍ ପଠାଇଲା । ଏଥିରେ ଥିଲା ପ୍ରଥମ ପରିବହନର ଟଙ୍କା ଏବଂ ଦ୍ୱିତୀୟ ପରିବହନର ଟଙ୍କା । ଠିକାଦାର ଯେତେବେଳେ ୩ୟ ଲରି ଧରି ଆସିଲା, ତା କାଗଜରେ ଆଇ.ଓ.ସି. ବିଲ୍ ପଠାଇଛି ୫ଟି ଲରିର ମୋଟ ହିସାବ । ଷ୍ଟୋର ସେକ୍‌ସନ୍‌ର ଜେ.ଇ. ଧରିଲେ ୩ୟ ଓ ୪ର୍ଥ ଲରି କାହିଁ? ମୁଁ କନିଷ୍ଠ ଯନ୍ତ୍ରୀ ବନମାଳୀ ସାହୁଙ୍କୁ ବିଶାଖା ପାଟଣା ପଠାଇଲି । ଆଇ.ଓ.ସି.ର ୩ୟ ଓ ୪ର୍ଥ ଲରିର ସନ୍ଧାନ ପାଇଁ । ଦେଖିଲା ବେଳକୁ ଲରି ଠିକାଦାର ପିଚୁ ବିକି ଜାଲ୍ ରସିଦ୍ ଦେଇଛି କମ୍ପାନି ଅଫିସରେ । ଭାରତୀୟ ତୈଳ ନିଗମ ନଜରକୁ ଅଣାଗଲା । ଆଉ ଗୋଟିଏ ମାମଲାରେ ଷ୍ଟୋର କନିଷ୍ଠ ଯନ୍ତ୍ରୀଙ୍କ ଦସ୍ତଖତ ଜାଲ କରି, ମୋହର ଜାଲ୍ କରି ଆଉ ଗୋଟିଏ ଲରି କଣ୍ଟ୍ରାକ୍ଟର ପିଚୁ ବିକୁଥିଲା ଆନ୍ଧ୍ର ପ୍ରଦେଶରେ । ତାକୁ ଆନ୍ଧ୍ର ପୋଲିସ୍ ଧରି ଫୁଲବାଣିକୁ ଖବର ଦେଲେ । ଜଣାପଡ଼ିଲା ଲରି ଠିକାଦାର ଜାଲ ଷ୍ଟାମ୍ପ ତିଆରିକରି କନିଷ୍ଠ ଯନ୍ତ୍ରୀଙ୍କ ଦସ୍ତଖତ ଜାଲ କରି ମାଲ ଉଠାଉଛି ।

ରମାକାନ୍ତ ମିଶ୍ର

ମୋର ଏହି କାହାଣୀ ଶେଷ କରିବା ପୂର୍ବରୁ ଆମ ଗ୍ରାମ ତଥା ଆମ ଅଞ୍ଚଳର ବିକାଶ ପାଇଁ ପ୍ରଶଂସିତ ଜନନେତା ରମାକାନ୍ତ ମିଶ୍ରଙ୍କ ବିଷୟରେ କିଛି କହିରଖେ । ରମାକାନ୍ତ ଶରଣକୁଳ ହାଇସ୍କୁଲରେ ମୋ ଠାରୁ ୬ଟି ତଳ ଶ୍ରେଣୀରେ ପଢୁଥିଲେ ।

Digitized by srujanika@gmail.com

ସେଠି ମୁଁ ତାଙ୍କୁ ଚିହ୍ନିଥିଲି । ତାଙ୍କ ଘର କରଡ଼ା ଶାସନ । ତାଙ୍କ ନନା ବିଦ୍ୟାଧର ମିଶ୍ର ଟଙ୍କା ମହାଜନୀ କରୁଥିଲେ । ମୋର ବାପା କୁପ କଣ୍ଟ୍ରାକ୍ଟି କରୁଥିବାରୁ ତାଙ୍କ ଠାରୁ ଋଣ ଆଣୁଥିଲେ । ଋଣ ସୁଝିଲା ପରେ ପୁଣି ନୂଆ କିସ୍ତି । ରମାକାନ୍ତଙ୍କର ରାଜନୈତିକ ଜୀବନ ପଞ୍ଚାୟତ ୱାର୍ଡ଼ ମେମ୍ବର ଠାରୁ ଆରମ୍ଭ ହୋଇ ଏମ୍.ଏଲ୍.ଏ, ମନ୍ତ୍ରୀ ଓ ବିରୋଧୀ ଦଳ ନେତା ପର୍ଯ୍ୟନ୍ତ ଯାଇଅଛି । ସେ ୪ ଥର (୧୯୮୦, ୧୯୮୫, ୧୯୯୦,

ରମାକାନ୍ତ ମିଶ୍ର

୨୦୦୦)ରେ ରଣପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି । ତାଙ୍କରି ଚେଷ୍ଟାରେ ଆଗ ପାଟୁଳସାହି ପାଖ ଦୁଆଣ୍ଟ ଓ କଇଁଫୁଲିଆ ସେତୁ ହେଲା । ଏ ସେତୁ ଯୋଗୁଁ ଶରଣକୁଳ ଠାରୁ ଗୋଡ଼ିପଡ଼ା ଓ ରଣପୁର ପର୍ଯ୍ୟନ୍ତ ସବୁଦିନିଆ ବାଟ ଫିଟିଲା । ଯେଉଁ ଯେଉଁ ରାସ୍ତାରେ ନଦୀ ପଡୁଥିଲା ସେ ସମସ୍ତ ନଦୀରେ ସେତୁ ନିର୍ମାଣ କରାଇ ଅଛନ୍ତି । ସର୍ବୋପରି ଶରଣକୁଳ ଠାରୁ ଜଙ୍କିଆ ପର୍ଯ୍ୟନ୍ତ ନୂଆ ଜଗନ୍ନାଥ ସଡ଼କର ସେ ହେଉଛନ୍ତି ଆଦ୍ୟ ଉଦ୍ୟୋକ୍ତା । ଅଞ୍ଚଳର ଉନ୍ନତି ପାଇଁ ସେ ସବୁବେଳେ ବ୍ୟଗ୍ର । ତାଙ୍କ ପରି ସରଳ, ନିରଳସ, ନିଷ୍ପାପର ଓ ସଚ୍ଚୋଟ ବ୍ୟକ୍ତି ବିରଳ । ଏପରି ଗୁଣ ଧାରଣ କରି ସେ ରାଜନୀତି କରୁଛନ୍ତି । ତାଙ୍କର କାର୍ଯ୍ୟ ସଫଳତାର ଗୋଟିଏ ଋବିକାଠି ମୁଁ ଲକ୍ଷ କରିଛି ସେଇଟା ହେଉଛି, ସଚିବାଳୟରେ କୌଣସି କାମ ପଡ଼ିଲେ ସେ ତୃଣମୂଳସ୍ତରରୁ ହିଁ କାମ କରନ୍ତି । ମୁଁ ବ୍ୟକ୍ତିଗତ ଭାବରେ ତାଙ୍କଠାରୁ ବିଶେଷ ସାହାଯ୍ୟ ଓ ସହାନୁଭୂତି ପାଇଛି ।

ବଡ଼ଗୋରଡ଼ା ଗ୍ରାମଥାଇ ନିର୍ବାଚନ ମଣ୍ଡଳୀ :

ବଡ଼ଗୋରଡ଼ା ପ୍ରଥମେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଥିଲା । ୧୯୭୪ ମସିହାରେ ଡିଲିମିଟେସନ କମିସନ ରିପୋର୍ଟ ଫଳରେ ଆମ ଗାଁ ରଣପୁର ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେଲା । ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲେ ମଧ୍ୟ ନୟାଗଡ଼ ଗୋଟିଏ ଗଡ଼ଜାତ ଥିବାରୁ କେହି ବିଧାୟକ ନଥିଲେ । ୧୯୪୭ରେ ଭାରତ ସ୍ୱାଧୀନତା ପାଇଲା ପରେ ସାମ୍ବିଧାନିକ ନିର୍ବାଚନ ପର୍ଯ୍ୟନ୍ତ ନୟାଗଡ଼ ଗଡ଼ଜାତ ଆନ୍ଦୋଳନର (ପ୍ରଜାମଣ୍ଡଳ) ନେତା ଗୋଡ଼ିପଡ଼ାର ଶ୍ରୀଧର ଦାସ ନୟାଗଡ଼ ଗଡ଼ଜାତରୁ ବିଧାନସଭାର ନୋମିନେଟେଡ୍ ସଭ୍ୟ ହୋଇଥିଲେ । ୧୯୫୧/୫୨ରେ ଆସେମ୍ବ୍ଲି ନିର୍ବାଚନ ଠାରୁ ଆଜି ପର୍ଯ୍ୟନ୍ତ ନିର୍ବାଚିତ ହୋଇଥିବା ସଭ୍ୟମାନେ (ବଡ଼ଗୋରଡ଼ା ଅନ୍ତର୍ଭୁକ୍ତ ହୋଇଥିବା ନିର୍ବାଚନ ମଣ୍ଡଳୀ) ହେଲେ :

Digitized by srujanika@gmail.com

ନିର୍ବାଚନ ବର୍ଷ	ସଭ୍ୟଙ୍କ ନାମ	ନିର୍ବାଚନ ମଣ୍ଡଳୀ	ମନ୍ତବ୍ୟ
୧୯୫୧-୫୨	କୃଷ୍ଣଚନ୍ଦ୍ର ସିଂ ମାନଧାତା (ନୟାଗଡ଼ର ପୂର୍ବତନ ରାଜା)	ନୟାଗଡ଼	ସ୍ୱାଧିନ
୧୯୫୭	କୃଷ୍ଣଚନ୍ଦ୍ର ସିଂ ମାନଧାତା (ନୟାଗଡ଼ର ପୂର୍ବତନ ରାଜା)	ନୟାଗଡ଼	ସ୍ୱାଧିନ
୧୯୬୨	ବୃନ୍ଦାବନ ଚନ୍ଦ୍ର ସିଂ (ପୂର୍ବତନ ନୟାଗଡ଼ ରାଜାଙ୍କ ଭାଇ)	ନୟାଗଡ଼	କଂଗ୍ରେସ
୧୯୬୭	ଅଚ୍ୟୁତାନନ୍ଦ ମହାନ୍ତି	ନୟାଗଡ଼	ସ୍ୱାଧୀନ
୧୯୭୧	ଅଚ୍ୟୁତାନନ୍ଦ ମହାନ୍ତି	ନୟାଗଡ଼	ଉତ୍କଳ କଂଗ୍ରେସ
୧୯୭୪	ରମେଶଚନ୍ଦ୍ର ପଣ୍ଡା	ରଣପୁର	ସି.ପି.ଆଇ (ଏମ୍)
୧୯୭୭	ରମେଶଚନ୍ଦ୍ର ପଣ୍ଡା	ରଣପୁର	ସି.ପି.ଆଇ (ଏମ୍)
୧୯୮୦	ରମାକାନ୍ତ ମିଶ୍ର	ରଣପୁର	କଂଗ୍ରେସ (ଆଇ)
୧୯୮୫	ରମାକାନ୍ତ ମିଶ୍ର	ରଣପୁର	କଂଗ୍ରେସ (ଆଇ)
୧୯୯୦	ଶରତ ଚନ୍ଦ୍ର ମିଶ୍ର	ରଣପୁର	ଜନତା ଦଳ
୧୯୯୫	ରମାକାନ୍ତ ମିଶ୍ର	ରଣପୁର	କଂଗ୍ରେସ
୨୦୦୦	ରମାକାନ୍ତ ମିଶ୍ର	ରଣପୁର	କଂଗ୍ରେସ
୨୦୦୪	ସୁରମା ପାଢ଼ୀ	ରଣପୁର	ବିଜେପି
୨୦୦୯	ସତ୍ୟନାରାୟଣ ପ୍ରଧାନ	ରଣପୁର	ବିଜେଡ଼ି

ବୃନ୍ଦାବନ ଚନ୍ଦ୍ର ସିଂ
ଏମ.ଏଲ.ଏ ୧୯୬୨-୬୭

Digitized by srujanika@gmail.com

ଅବସର ଗ୍ରହଣ :

ମୁଁ ଚାକିରି ଆରମ୍ଭ କରିଥିଲି ଓଭରସିଅର ପଦରୁ । ସେତେବେଳେ ଦରମା ଥିଲା ଗାଏ ମୋଟ ଟ୧୪୭ ଆଠ ଅଣା । (ଟ୧୨୦ + ୨୭ ଟଙ୍କା ଆଠଣା) । ଚାକିରିରେ ଯୋଗ ଦେବାର ୧୫ ଦିନପରେ ନୂତନ ଦରମା ଲାଗୁ ହେବାରୁ ତାହା ପରିବର୍ତ୍ତିତ ହେଲା ମୋଟ ୨୦୫ ଟଙ୍କାକୁ (ଟ୧୮୫ + ଟ୨୦) । ଭାଗ୍ୟକୁ ୧୯୯୭ ମସିହା ଜୁନମାସରେ ଅବସର ଗ୍ରହଣ ବେଳେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ୫ମ ବେତନ କମିସନ ସୁପାରିସ ଗ୍ରହଣ କରିବାରୁ (୧.୧.୧୯୯୬ରୁ ଲାଗୁହେଲା) ଅବସର ସମୟର ମୋଟ ଦରମା ୮୦୦୧ (ଦରମା ଓ ମହଙ୍ଗା ଭତ୍ତା ମିଶି) ପରିବର୍ତ୍ତିତ ହେଲା ୧୧୩୦୦ ଟଙ୍କାକୁ । ଏ ଦୃଷ୍ଟିରୁ ପେନସନ ଓ ଆନୁସଙ୍ଗିକ ପ୍ରାପ୍ୟ ଯଥେଷ୍ଟ ପରିମାଣରେ ମଧ୍ୟ ବଢ଼ିଲା ।

୧୯୯୭ ମସିହା ଜୁନ ୩୦ ତାରିଖରେ ମୁଁ ସରକାରୀ କାର୍ଯ୍ୟରୁ ଅବସର ନେଲି । ଏହି ଅବସର ପାଇଁ ମୋର ମାନସିକ ପ୍ରସ୍ତୁତି ଥିଲା । ଭଞ୍ଜନଗର ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଶରତ ଚୌଧୁରୀଙ୍କୁ ଦାୟୀତ୍ୱ ଦେଲି । ସଂଧ୍ୟା ୫ଟାରେ ଯେତେବେଳେ ଚୌଧୁରୀ ବାବୁଙ୍କୁ ମୁଁ ଦାୟିତ୍ୱ ଦେଇ ଚୌକିରୁ ଉଠି ତାଙ୍କୁ ଡାକିଲି ବସିବା ପାଇଁ ସେ କହିଲେ "ଆପଣ ଆଜି ବସିଥାନ୍ତୁ, କାଲିଠାରୁ ମୁଁ ବସିବିନିକି ?" ଏହା ପରେ ଆଉ ଅଧଘଣ୍ଟେ ପରେ ମୁଁ ବିଦାୟ ନେଇ ଆସିଲି । ନୂଆ ନିର୍ବାହୀ ଯନ୍ତ୍ରୀ ଚୌଧୁରୀ ବାବୁ ମୋର ପେନ୍‌ସନ କାଗଜ ଦସ୍ତଖତ କଲା ପରେ ମୁଁ ଜୁଲାଇ ପହିଲା ଦିନ ସଂଧ୍ୟାରେ ଫୁଲବାଣି ଛାଡ଼ିଲି ।

ମୋର ଅବସର ନେବା ସମୟରେ ମୋର ଜଣେ ହିତାକାଂକ୍ଷୀ ବନ୍ଧୁ କହିଲେ, 'ଯଦି ଆପଣ ଚାହିଁବେ ଆପଣଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କହି ୬ମାସ ପାଇଁ ଚାକିରୀକାଳ ବଢ଼ାଇ ପାରିବି' । ମୁଁ ସବିନୟେ ମନାକଲି, 'କହିଲି, ମୋ ପଦବିଟି ଏକ ପ୍ରମୋସନ ପଦ । ମୁଁ ଛ'ମାସ କାଳ ଏହି ପଦବିରେ ରହିଲେ ତଳେଥିବା ଲୋକ ପଦୋନ୍ନତିରୁ ବଞ୍ଚିତ ହେବ । ତେଣୁ ଏହା ଅନ୍ୟାୟ ହେବ ।' ମୋ କଥା ଶୁଣି ସେ କହିଲେ, 'ମୋତେ ବହୁତ ଲୋକ ଅନୁରୋଧ କରୁଛନ୍ତି, ଚାକରି ଅବଧି ବଢ଼ାଇବା ପାଇଁ, ଅଥଚ ମୁଁ ମୋ ଆଡୁ କହିଲା ପରେ ଆପଣ ମନା କରୁଛନ୍ତି ।'

Digitized by srujanika@gmail.com

ହାସ୍ୟ କ୍ଲବ

ପ୍ରତ୍ୟୁଷରୁ ଉଠି ଚାଲିବା ମୋର ନିତ୍ୟ ନୈମିତିକ ଅଭ୍ୟାସ । ଚାଲିବା ରାସ୍ତା ପାଖ ରେଣ୍ଟାଲ୍ ହାଇସ୍କୁଲ୍ ପଡ଼ିଆରେ ୨୦୦୪ ମସିହାରେ ଗଢ଼ି ଉଠିଥିଲା ଏକ ହାସ୍ୟ କ୍ଲବ୍ । ଏହାକୁ ପ୍ରତିଷ୍ଠା କରିଥିଲେ ଆଇ.ଆର୍.ସି. ଭିଲେଜର ଚିତ୍ତରଞ୍ଜନ ଦାସ । ସେ ଓଡ଼ିଶା ସରକାରଙ୍କ ଅଧିନରେ ଅତିରିକ୍ତ ସଚିବ ଭାବରେ ଓଡ଼ିଶା ସଚ୍ଚିବାଳୟରେ କାମ କରୁଥିଲେ । ଏ କ୍ଲବ୍‌ରେ ମନକୁ ଆନନ୍ଦରେ ରଖିବା ପାଇଁ ବିଭିନ୍ନ ହାସ୍ୟ ସାଙ୍ଗକୁ ୪୦ ପ୍ରକାର ବ୍ୟାୟାମ କରିବାକୁ ପଡ଼େ । ଦେହର ସବୁପ୍ରକାର ଅଙ୍ଗଚାଳନା ଏହି ବ୍ୟାୟାମ ମଧ୍ୟରେ ଅଛି । ସାରା ଭାରତରେ ଥିବା ସବୁ ହାସ୍ୟ କ୍ଲବ୍ ଏକାପ୍ରକାର ବ୍ୟାୟାମ କରନ୍ତି । ବ୍ୟାୟାମର ମଝିରେ ୫ ମିନିଟ୍ ପାଇଁ ହାସ୍ୟ ରସର (ଜୋକ୍) ଅବତାରଣା କରାଯାଏ । ଯାହାଫଳରେ ସମସ୍ତେ ମନଖୋଲି ହସନ୍ତି । ନିର୍ମଳ ହସ ହିଁ ସ୍ୱାସ୍ଥ୍ୟର କାରଣ । ବ୍ୟାୟାମ ଶେଷରେ ଗୀତାପାଠ ହୁଏ ଏବଂ ତା'ପରେ ବିଦାୟ ନେଉ । ଏହି ବ୍ୟାୟାମ ମାତ୍ର ୩୦ମିନିଟ୍‌ରେ ଶେଷ ହୁଏ । ବର୍ତ୍ତମାନ କ୍ଲବ୍‌ର ସଭ୍ୟସଂଖ୍ୟା ପ୍ରାୟ ୨୫ । ପ୍ରତି ବର୍ଷ ମେ ମାସର ପ୍ରଥମ ରବିବାର ଦିନ ହେଉଛି ବିଶ୍ୱ ହାସ୍ୟ ଦିବସ । ଏହି ହାସ୍ୟ କ୍ଲବ୍ ସୁସ୍ଥ ନୀରୋଗ ଜୀବନ ପାଇଁ ବହୁତ କିଛି ସାହାଯ୍ୟ କରୁଛି ।

ସ୍ୱଳ୍ପ ସଂଚୟ ଯୋଜନା :

ସ୍ୱଳ୍ପ ସଂଚୟ ଯୋଜନା ସଂବନ୍ଧରେ ୧୯୭୫ ମସିହା ପର୍ଯ୍ୟନ୍ତ ମୋର କିଛି ଜ୍ଞାନ ନଥିଲା । ମୋର ବାଲ୍ୟବନ୍ଧୁ ସାନଗୋରଡ଼ାର ତ୍ରିଲୋଚନ କର ଭୁବନେଶ୍ୱର ମୁଖ୍ୟ ଡ଼ାକ ଘରେ ସ୍ୱଳ୍ପ ସଂଚୟ ଯୋଜନାର ଏକ କର୍ମକର୍ତ୍ତା ଥିବା ସମୟରେ ତାଙ୍କ ସହିତ ମୋର ଦେଖାହେଲା । ସେ ବହୁତ ବୁଝାଇବା ପରେ ମୁଁ ପୋଷ୍ଟ ଅଫିସରେ ଏକ ଆକାଉଣ୍ଟ ଖୋଲି ଟ.୧୦ ଜମା କଲି । ଅକ୍ଟୋବର ୩୦, ହେଉଛି "ବିଶ୍ୱ ମିତବ୍ୟୟୀତା ଦିବସ" । ମାତ୍ର ଅକ୍ଟୋବର ୩୧ ତାରିଖ ୧୯୭୫ ଦିନ ସ୍ୱଳ୍ପ ସଞ୍ଚୟ ଉପରେ ରବିନ୍ଦ୍ର ମଣ୍ଡପ ଠାରେ ଏକ ସଭା ହେଲା । ଅର୍ଥମନ୍ତ୍ରୀ ବିନାୟକ ଆଚାର୍ଯ୍ୟ ଉକ୍ତ ସଭାରେ ମୁଖ୍ୟ ଅତିଥି ଥିଲେ । ସେଦିନ ଯେଉଁମାନେ ଟଙ୍କା ସଂଚୟ କରିଥିଲେ, ସେମାନଙ୍କୁ ସଭା ମଞ୍ଚ ଉପରକୁ ଡକାଗଲା, ପାସ୍‌ବୁକ୍ ଓ ସଂଚୟ ସାର୍ଟିଫିକେଟ୍ ନେବାପାଇଁ । ମୋତେ ଯେତେବେଳେ ଡକାଗଲା ସେଠାରେ ଉପସ୍ଥିତ ରହି ସୁଦ୍ଧା ସେ ମଞ୍ଚ ଉପରକୁ ଗଲି ନାହିଁ । କାରଣ ମୋର ସଂଚୟ ଥିଲା ମାତ୍ର ଟ ୧୦ । ସଭାରେ ଅର୍ଥମନ୍ତ୍ରୀ ଭାଷଣ କ୍ରମେ କହିଲେ "ଉକ୍ତ କବି ଲେଖିଛନ୍ତି, "ବାଲ୍ୟକାଳୁ ଧର୍ମ ଧନ ମୁଁ ସଂଚିବି, ଏ ଜୀବନ ଅନିଶ୍ଚିତ, କେ ଜାଣେ

Digitized by srujanika@gmail.com

କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ” । ଏହାକୁ ବ୍ୟାଖ୍ୟା କରି ସେ କହିଲେ ପିଲାବେଳରୁ ଧର୍ମ ଓ ଧନ ଏ ଉଭୟଙ୍କୁ ସଂଚୟ କରିବ । ଧର୍ମ କାର୍ଯ୍ୟ କରିବ ଓ ସଂଚୟ କାର୍ଯ୍ୟ ମଧ କରିବ । ଏ ପ୍ରକାର ବ୍ୟାଖ୍ୟା ମୋତେ ଖୁବ୍ ଆନନ୍ଦ ଦେଲା । ସଭାପରେ ଏ ବିଷୟରେ ମୋ ବନ୍ଧୁ ମହଲରେ କେହି କହିଲେ, “ଧର୍ମ ରୂପକ ଧନ = ଧର୍ମଧନ, (କର୍ମଧାରୟ ସମାସ), କେହି କହିଲେ, ଧର୍ମ ଓ ଧନ = ଧର୍ମ ଧନ (ଦ୍ୱନ୍ଦ୍ୱ ସମାସ) ।

ବନ୍ଧୁ ତ୍ରିଲୋଚନଙ୍କ କଥା ପରେ ମୁଁ ସଂଚୟରେ ଆଗ୍ରହ ପ୍ରକାଶ କଲି । ‘Wisdom’ ରେ ଏକ ଉକ୍ତି ବାହାରିଥିଲା “you will be rich by your savings, not by your income”, ଅର୍ଥାତ୍ ତୁମେ ସଂଚୟ ଦ୍ୱାରା ଧନୀ ହୋଇପାରିବ, କିନ୍ତୁ ରୋଜଗାର ଦ୍ୱାରା ନୁହେଁ ।

ମୁଁ ଓଡ଼ିଶାର ବହୁତ କବି, ଲେଖକ ଓ ସାହିତ୍ୟିକଙ୍କ ଜୀବନୀ / ଆତ୍ମଜୀବନୀ ପାଠ କରିଛି । ସେମାନେ ଉତ୍ତର ଜୀବନ ପାଇଁ କିଛି ସଂଚୟ ନକରି ଦାରିଦ୍ର୍ୟରେ ପିଡ଼ୀତ ହୋଇ ବହୁତ କଷ୍ଟ ପାଇଛନ୍ତି । ୩/୪ ବର୍ଷ ହେଲା ଏବେ ମିତବ୍ୟୟିତା ଦିବସରେ ଆଉ ସଭା ହେଉନାହିଁ । ଖବର କାଗଜରେ ମଧ ଏ ସମ୍ବନ୍ଧରେ ଲେଖା ପ୍ରକାଶ ପାଉନାହିଁ । ସରକାରଙ୍କ ଅର୍ଥ ବିଭାଗର ସ୍ୱଳ୍ପ ସଞ୍ଚୟ ସେଲ ଏସବୁ କାମ କରିବା କଥା । ଭାରତ ସରକାର ଆଗରୁ ମାର୍ଚ୍ଚ ମାସ ବଜେଟ୍‌ରେ ଗୋଟିଏ ଗୋଟିଏ ନୂଆ ସଞ୍ଚୟ ଯୋଜନା ଆରମ୍ଭ କରନ୍ତି । ଏବେ ନିଷ୍କ୍ରିୟ । ଓଲଟି ବ୍ୟାଙ୍କ ସୁଧ ହାରଠାରୁ ସ୍ୱଳ୍ପ ସଞ୍ଚୟରେ କମ୍ ସୁଧ ଦିଆଯାଉଛି ।

ଅବସର ନେଲାପରେ ପ୍ରଥମେ ପ୍ରଥମେ ମୋତେ ଖାପଛଡ଼ା ଲାଗିଲା । ଆଗରୁ ଓଡ଼ିଆ ଉପନ୍ୟାସ, ପ୍ରାଚୀନ କାବ୍ୟ, ଇତିହାସ ଇତ୍ୟାଦିରେ ମୋର ପ୍ରବେଶ ଥିଲା । ତେଣୁ ମୁଁ ଆଗ ହରେକୃଷ୍ଣ ମହତାବ ଲାଇବ୍ରେରୀରେ ପଢ଼ାଳି ସଭ୍ୟ ହୋଇ ରୀତିମତ ପଢ଼ାପଢ଼ି ଆରମ୍ଭ କଲି । ଭରତ ଚନ୍ଦ୍ର ନାୟକଙ୍କ ଆତ୍ମଜୀବନୀ “ମୋର ପୂର୍ବସ୍ମୃତି କଥା” ପଢ଼ିଲା ବେଳେ ଅନୁଗୁଳ କିପରି ଖାସ ହେଲା ଇତ୍ୟାଦି ଜାଣି ନୂତନ ଓଡ଼ିଶାର ଗଠନ ଇତିହାସରେ ମନ ବଳାଇଲି । ମୋର ଇତିହାସ ଭଲ ହେଉଥିଲା । ବିଭିନ୍ନ ବଡ଼ ଲୋକଙ୍କର ଜୀବନୀ ଓ ଜନ୍ମ ମୃତ୍ୟୁ ତାରିଖ ଜାଣିବା ମୋର ଅନ୍ୟତମ ରୁଚି ଥିଲା । ଲାଇବ୍ରେରୀର ବିଭିନ୍ନ ପ୍ରକାର ବହି ପଢ଼ିଲା ପରେ ମୁଁ ପୁରୁଣା ବହି ଦୋକାନରୁ, ପୁରୁଣା କାଳିଆ ବହି ସବୁ ଅତି କମ୍ ଦାମ୍‌ରେ କିଣି, ସେଗୁଡ଼ିକୁ ପଢ଼ି ସମୟ କଟାଇଲି । ଥରେ

Digitized by srujanika@gmail.com

ରାମମନ୍ଦିର ନିକଟ ଶ୍ରୀବୁକ୍ ଷ୍ଟୋରରୁ ଗୋଟିଏ ବହି ପାଇଲି । ବହିଟିର ନାଁ "Encyclopaedia of Events and Dates of India" ସଂକଳକ ଏସ୍.ବି. ଭଟାଚାର୍ଯ୍ୟ । ବହିଟିରେ ଖ୍ରୀଷ୍ଟାବ୍ଦ ଓ ତାରିଖ ଅନୁଯାୟୀ ମୁଖ୍ୟ ମୁଖ୍ୟ ଖବର ସନ୍ନିବେଷିତ । ଶେଷ ଭାଗରେ ଭାରତର ପ୍ରସିଦ୍ଧ ରାଜ ବଂଶାବଳୀର ନାମ ଏବଂ ରାଜୁତି କରିଥିବା ରାଜା ଙ୍କ ନାଁ ଉଲ୍ଲେଖ ରହିଛି । ମାତ୍ର ଓଡ଼ିଶାରେ ଥିବା ଗଙ୍ଗ ରାଜତ୍ୱ, ସୂର୍ଯ୍ୟବଂଶୀ ରାଜାଙ୍କ ବଂଶାବଳୀର ଉଲ୍ଲେଖ ନାହିଁ । ଅଥଚ ସୂର୍ଯ୍ୟବଂଶୀ ରାଜା ମାନଙ୍କର ସାମ୍ରାଜ୍ୟ ସୁଦୂର ଗଙ୍ଗାଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବ୍ୟାପି ଥିଲା । ଏ ବହିଟି ପଢ଼ିଲାବେଳେ ମୋର ମନେହେଲା ଓଡ଼ିଶା ଉପରେ ଏ ପର୍ଯ୍ୟନ୍ତ କ୍ରମିକ ଘଟଣାବଳୀ ଉପରେ କିଛି ବହି ନାହିଁ ।

ଏହା ବିଚାର କରି ଓଡ଼ିଶାର କ୍ରମିକ ଘଟଣାବଳୀ ଲେଖିବାକୁ ମନସ୍ଥ କରି କାର୍ଯ୍ୟ ଆରମ୍ଭ କଲି । ମୁଁ ଯାଇଥିବା ପାଠାଗାର ଗୁଡ଼ିକ ହେଲା, ରାଜ୍ୟ ଗ୍ରନ୍ଥାଗାର, ସୂଚନାକେନ୍ଦ୍ର ଲାଇବ୍ରେରୀ, ଲୋକସଂପର୍କ ବିଭାଗରେ ଥିବା ଲାଇବ୍ରେରୀ, ଓଡ଼ିଶା ଆସେମ୍ବ୍ଲି ଲାଇବ୍ରେରୀ ଇତ୍ୟାଦି । ତା' ଛଡ଼ା ଓଡ଼ିଶା ଗେଜେଟିଅର, ମ୍ୟୁଜିୟମ ପ୍ରକାଶିତ ପୁସ୍ତକ ଏବଂ ପୁରୁଣା ବହି ଦୋକାନରୁ ଅନେକ ପୁରୁଣା ବହି ଆଣିପାରିଛି । ବହିଟିର ମୁଖବନ୍ଧ ଲେଖିବା ପାଇଁ ବାଣୀବିହାରର ପ୍ରଫେସର ଡଃ ଅତୁଲଚନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରନ୍ତେ ସେ ଅତି ସନ୍ତୋଷରେ ମୋର କାର୍ଯ୍ୟକୁ ପସନ୍ଦ କରି ମୁଖବନ୍ଧ ଲେଖିଲେ । ଭ୍ରମ ସଂଶୋଧନ ବେଳେ ନୂଆ ନୂଆ ଘଟଣା ଲେଖିବାରେ ଏବଂ ପୂର୍ବର ଘଟଣାକୁ ବଦଳାଇ ତାରିଖ ଅନୁଯାୟୀ ସଜାଇବାରେ ବହୁତ ସମୟ ବଢ଼ିଗଲା । ମୋଟାମୋଟି ଏକ ବର୍ଷ ଲାଗିଲା । ବହିଟିର ସଂକଳନ ପାଇଁ ହାରାହାରୀ ୪ ବର୍ଷ ଲାଗିଲା ଏବଂ ଛପା ସମୟ ମିଶାଇ ମୋଟ ପ୍ରାୟ ସାଢ଼େ ଚାରି ବର୍ଷ ଲାଗିଲା । ବହିଟିକୁ କିଏ ଆଦର କରନ୍ତୁ ବା ନକରନ୍ତୁ, ମାତ୍ର ମୋର ଆତ୍ମ ସନ୍ତୋଷ ଆସିଲା । ସଚିବାଳୟରେ ମୁଖ୍ୟ ମନ୍ତ୍ରୀ ଏକ ନିରାଡ଼ମ୍ବର ଉତ୍ସବରେ ବହି ଉନ୍ମୋଚନ କରନ୍ତି ବୋଲି ଜାଣି ଜାନୁୟାରୀ ୨୦୦୩ ମାସରେ ବହିଟି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଦେଲି । ମାତ୍ର ମୁଖ୍ୟମନ୍ତ୍ରୀ ସମୟ ଦେଇନପାରିବାରୁ ଭାବିଲି ବିନା ଉନ୍ମୋଚନରେ ବହିକୁ ଦୋକାନରେ ଦେବା ପାଇଁ । କାରଣ ଅନ୍ୟ ସ୍ଥାନରେ ଘରଭଡ଼ା ନେଇ ଉନ୍ମୋଚନ କଲେ ଗୁଡ଼ିଏ ଖରଚ ପଡ଼ିବ, ଏହା ବହନ କରିବା ମୋ ପକ୍ଷରେ ଅସମ୍ଭବ ଥିଲା । ମୋର ଆଗରୁ ଫକୀର ମୋହନ ନଗରସ୍ଥ "ଶିକ୍ଷା ସନ୍ଧାନ" ସଂସ୍ଥାର ସେକ୍ରେଟେରି ଏବଂ ସଭାପତିଙ୍କ ସହିତ ଚିହ୍ନା ହୋଇଥିଲା ଏବଂ "ଶିକ୍ଷା ସନ୍ଧାନ"

Digitized by srujanika@gmail.com

ପାଠାଗାରରେ ମଧ ବହୁତ ବହି ଓଡ଼ିଶା ଉପରେ ଥିଲା । ଯେହେତୁ ମୋ ବହି ଛାପା ଅବସ୍ଥାକୁ ଆସିଯାଇଥିଲା, ତେଣୁ ତା'ର ସୁଯୋଗ ନେବା ବିଶେଷ ଦରକାର ପଡ଼ିଲା ନାହିଁ । ବହିଟି ଉନ୍ମୋଚନ ନହେବା କଥା ଶୁଣି ସଂସ୍ଥାର ସଭାପତି ଯତୀନ୍ଦ୍ର ବାବୁ ବହିଟିକୁ ତାଙ୍କ ସଂସ୍ଥା ଅର୍ଥାତ୍ ଶିକ୍ଷାସନ୍ଧାନ ଦ୍ୱାରା ଉନ୍ମୋଚନ କରାଇବାକୁ ପ୍ରସ୍ତାବ ଦେଲେ । ମହାଭାରତରେ କର୍ଣ୍ଣଙ୍କୁ ଦୁର୍ଯ୍ୟୋଧନ ମାନ୍ୟତା ଦେଲାପରି ମୁଁ ଅନୁଭବ କଲି । ତା ୨୯/ ୫/୨୦୦୩ରେ ବହିଟି ଉନ୍ମୋଚିତ ହେଲା । ବହିଟିକୁ ଉନ୍ମୋଚନ କଲେ ବାଣୀବିହାରର ଅବସରପ୍ରାପ୍ତ ଇଂରାଜି ଅଧାପକ ଜିତେନ୍ଦ୍ରନାଥ ପଟ୍ଟନାୟକ ଏବଂ ସଭାରେ ସଭାପତି ହୋଇଥିଲେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ନିମାଇଁ ଚରଣ ପାଣି । ଏହି ପାଣି ସାହେବଙ୍କ ଛାପାଖାନାରେ ବହିଟି ମୁଦ୍ରିତ ହୋଇଛି ।

ପୁସ୍ତକ ଉନ୍ମୋଚନ ଅବସରରେ : ବାମରୁ ଡ଼ାହାଣ –ତୃତୀୟ ସ୍ଥାନରେ ଦ୍ୱିତୀୟ କନ୍ୟା ପ୍ରଣତି, ପଞ୍ଚମ ସ୍ଥାନରେ ଜେଷ୍ଠା କନ୍ୟା ପ୍ରବୀଣା, ସବା ଡ଼ାହାଣରେ ଜେଷ୍ଠ ଜାମାତା ବିଜୟଭାସ୍କର,

Digitized by srujanika@gmail.com

ବାମରୁ ଡ଼ାହାଣ : ଗୋବର୍ଦ୍ଧନ ଦୋରା (ଲେଖକ), ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ, ଅବସରପ୍ରାପ୍ତ ଇଂରାଜୀ ମୁଖ୍ୟ ଅଧାପକ(ବାଣୀବିହାର), ନିମାଇଁ ଚରଣ ପାଣି (ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ), ଯତିନ୍ଦ୍ର କୁମାର ନାୟକ (ଇଂରାଜୀ ଅଧାପକ, ବାଣିବିହାର)

ବାମରୁ ଡ଼ାହାଣ : ବିଷ୍ଣୁ ଚରଣ ମହାନ୍ତି (ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ), ନିମାଇଁ ଚରଣ ପାଣ, ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ, ଯତିନ୍ଦ୍ର କୁମାର ନାୟକ, ଗୋବର୍ଦ୍ଧନ ଦୋରା,ପ୍ରଶାନ୍ତ କୁମାର ରଥ (ଅବସର ପ୍ରାପ୍ତ ପୂର୍ବ ନିର୍ବାହୀଯନ୍ତ୍ରୀ), କେ. କାଳିଚରଣ ଦୋରା (ଅବସର ପ୍ରାପ୍ତ ପୂର୍ବ ମୁଖ୍ୟ ଯନ୍ତ୍ରୀ)

Digitized by srujanika@gmail.com

ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତିବୃନ୍ଦ

ମୋର ଏ ବହିଟି ଏକ ସୂଚନା (reference) ବହି । ଯେଉଁମାନେ ଓଡ଼ିଶା ବିଷୟରେ ଜାଣିବାକୁ ଇଚ୍ଛୁକ ଅଥବା ସାଧାରଣ ଜ୍ଞାନ ବଢ଼ାଇବାରେ ଆଗ୍ରହୀ ତାଙ୍କ ପାଇଁ ଏ ବହିଟି ଉଦ୍ଦିଷ୍ଟ । ତାର ଏକ ଟିପ୍ପଣୀ ଏଠାରେ ଦେଉଛି : ବହିଟିରେ ଓଡ଼ିଶାର କ୍ରମିକ ଇତିହାସ ଖ୍ରୀ:ପୂ ୪୦୨ରୁ ଦ୍ୱିତୀୟ ସହସ୍ରାବ୍ଦୀର ଶେଷ ପର୍ଯ୍ୟନ୍ତ ରହିଛି । ଏଥିରେ ସାଧାରଣ ଇତିହାସ, ସାଂସ୍କୃତିକ ଇତିହାସ, ପ୍ରତ୍ନତାତ୍ତ୍ୱିକ ଇତିହାସ, ସ୍ୱାଧିନତା ସଂଗ୍ରାମୀ, କବି ଓ ଲେଖକଙ୍କ ଜନ୍ମମୃତ୍ୟୁ ଏବଂ ତାଙ୍କର ସଂକ୍ଷିପ୍ତ କାର୍ଯ୍ୟ କଳାପ ପର୍ଯ୍ୟାୟ କ୍ରମେ ଲିପିବଦ୍ଧ ହୋଇଛି । ଉଦାହରଣ ସ୍ୱରୂପ କିଛି : ଜଗନ୍ନାଥ ମନ୍ଦିର ତିଆରି ବେଳର ଶିଳାଲେଖ, ଚନ୍ଦ୍ରିକା ଦେବୀଙ୍କ ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଓଡ଼ିଆ "ସାଲ"ର ଆରମ୍ଭ, ପୁରୀ ରାଜାଙ୍କ ଅଙ୍କ ଗଣନାର ଏକ ନମୂନା, ଖୋରଧା ପାଇକ ବିଦ୍ରୋହର ଏକ ଝଲକ, କନ୍ଧମାନଙ୍କ ମେରିଆ ପ୍ରଥା, କନ୍ୟା ଶିଶୁ ବଳି, ଆଧୁନିକ ଶିକ୍ଷାର ପ୍ରବେଶ, ଜଳ ସେଚନ କେନାଲ ଆରମ୍ଭ, ଗଡ଼ଜାତ ରାଜାଙ୍କ ସମ୍ପର୍କରେ କିଛି, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ବିଲାତ ପାର୍ଲିଆମେଣ୍ଟରେ ବିରୋଧାଭାଷ, ସ୍ୱାଧିନତା ଆନ୍ଦୋଳନ ଇତ୍ୟାଦି । ବହିଟିର ଦ୍ୱିତୀୟ ଭାଗରେ ରହିଛି ବିଭିନ୍ନ ତଥ୍ୟ ସମ୍ବଳିତ ତାଲିକା । ପୁସ୍ତକର ପୃଷ୍ଠା ସଂଖ୍ୟା ୬୯୬ । ଶେଷରେ ତଥ୍ୟ ଜାଣିବାରେ ସାହାଯ୍ୟ ପାଇ ସୂଚୀ (Index) ମଧ୍ୟ କରାଯାଇଛି । ବହିଟିର ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ ଗତ ଜୁଲାଇ ୨୦୦୮ରେ ପ୍ରକାଶ

Digitized by srujanika@gmail.com

ପାଇଛି । ପ୍ରକାଶ କରିଛନ୍ତି ସଂକଳ୍ପ ପବ୍ଲିକେସନ୍, ଭୁବନେଶ୍ୱର । ବହିଟିର ପୃଷ୍ଠା ସଂଖ୍ୟା ୧ ୧ ୬ ୦ ଏଥିରେ ଅନେକ ଘଟଣା ସହ ବହୁ ତଥ୍ୟର ନକଲ ଦିଆଯାଇଛି ଯଥା ୧ ୮ ୨ ୫ ମସିହାରେ ଆଣ୍ଡ୍ରୀ ଷ୍ଟରଲିଙ୍ଗ ପ୍ରକାଶ କରିଥିବା ଓଡ଼ିଶା ବିରବଣୀରୁ ପୁରୀ, ସମ୍ବଲପୁର, ବାଲେଶ୍ୱର, ଭୁବନେଶ୍ୱର, ଖଣ୍ଡଗିରି, ଲିଙ୍ଗରାଜ ମନ୍ଦିର, ବାରବାଟି ଦୁର୍ଗ ଇତ୍ୟାଦିର ଏକ ସ୍ଥୂଳ ବିବରଣ, କନ୍ଧମାନଙ୍କ ମେରିଆ ବଳିର ଏକ ଆଲେଖ୍ୟ, ସାମନ୍ତ ଚନ୍ଦ୍ର ଶେଖରଙ୍କ ଉପରେ ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଅଭିମତ, ଜନ୍‌ବିମ୍‌ସ ଓଡ଼ିଶା ଛାଡ଼ିଲା ପରେ ଚିଟାଗଙ୍ଗରୁ ୧ ୮ ୭ ୯ ରାଧାନାଥ ରାୟଙ୍କ ପାଖକୁ ଲେଖିଥିବା ପତ୍ର, ୧ ୯ ୦ ୫ ମସିହାରେ ଶଶୀଭୂଷଣ ରାୟ ତାଙ୍କ ପିତାଙ୍କ (ରାଧାନାଥ ରାୟ) ଦ୍ୱାରା ନିର୍ଦ୍ଦେଶିତ ହୋଇ ଓଡ଼ିଶାର (ଗଡ଼ଜାତକୁ ମିଶାଇ) ପର୍ଯ୍ୟଟନ ସ୍ଥଳୀର ଏକ ତାଲିକା ପ୍ରସ୍ତୁତ କରିବା, ୧ ୯ ୦ ୨ ମସିହାରେ ରାଜା ବୈକୁଣ୍ଠ ନାଥ ଦେ ଲର୍ଡ଼ କର୍ଜନଙ୍କ ପାଖକୁ ଓଡ଼ିଶା ଏକତ୍ରୀକରଣ ପାଇଁ ଲେଖିଥିବା ସ୍ମାରକୀ, ୧ ୯ ୨ ୮ ମସିହାରେ ଉତ୍କଳ ୟୁନିଅନ୍ କମିଟି ସାଇମନ୍ କମିସନ୍‌କୁ ଲେଖିଥିବା ସ୍ମାରକୀ ଇତ୍ୟାଦି ।

ମୋର ସରକାରୀ କର୍ମକ୍ଷେତ୍ର

	ପଦବୀ	ସମୟ	ଦପ୍ତର	ମନ୍ତବ୍ୟ
୧.	ଓଭରସିଅର (ବର୍ତ୍ତମାନ ଜୁନିୟର ଇଞ୍ଜିନିୟର ପଦବୀରେ ନାମିତ) ମଧୁପାଟଣା ଆଇ.ଟି.ଆଇ ସେକ୍‌ସନ୍	୧୬.୦୨.୬୧ - ୨୪.୦୨.୬୧	କଟକ (ଆର ଆଣ୍ଡ ବି) ଡିଭିଜନ, କଟକ	ପ୍ରଥମେ କଟକ ଡିଭିଜନ ନାମ ଥିଲା । ପ୍ରହ୍ଲାଦ ପଟ୍ଟନାୟକ ନିର୍ବାହୀ ଯନ୍ତ୍ରୀ ।
୨.	ଓଭରସିଅର, ବିରୂପା ବ୍ରିଜ୍ ସବ୍ ଡିଭିଜନ୍ ଜଗତପୁର	୨୫.୦୨.୬୧-	ମହାନଦୀ ବ୍ରିଜ୍ ଡିଭିଜନ	ପ୍ରଥମ ନାମ ଥିଲା ମହାନଦୀ ଓ ବିରୂପା ବ୍ରିଜ୍ ଡିଭିଜନ (ଏ.ସି. ପାଢ଼ି ନିର୍ବାହୀ ଯନ୍ତ୍ରୀ ଥିଲେ
୩.	(କ) ଓଭରସିଅର	୧.୩.୬୨ - ୩୧.୫.୬୨	ବାଲେଶ୍ୱର ହାଇୱେ ଡିଭିଜନ	ବାସ୍ତବ ପକ୍ଷରେ ମୁଁ କଟକ ଜିଲ୍ଲାରେ ଥିବା ମାଟି ପରୀକ୍ଷା ଗାରରେ କାମ କରୁଥିଲି ।

Digitized by srujanika@gmail.com

	(ଖ) ଓଭରସିଅର	୧.୬.୬୨ - ୨୦.୬.୬୨	ବୈତରଣୀ ବ୍ରିଜ ଡିଭିଜନ	ଶ୍ରୀନିବାସ ଚୌଧୁରୀ ମହେଶ ଚନ୍ଦ୍ର ଦାସ ରିସର୍ଚ୍ଚ ଅଫିସର ଥିଲେ ।
୪.	ଓଭରସିଅର ଏଷ୍ଟିମେଟର	୩୧.୬.୬୨ - ୧୬.୮.୬୨	ଏନ୍.ଏଚ୍. ସର୍କଲ - ୨ ଭୁବନେଶ୍ୱର	ଦିବ୍ୟସିଂହ ମିଶ୍ର ଏସ୍.ଇ. ଥିଲେ ଏବଂ ଖୋର୍ଦ୍ଧାର ଇଞ୍ଜିନିୟର ମଧୁସୂଦନ ପଟ୍ଟନାୟକ ପି.ଏ. ଥିଲେ ।
୫.	ଓଭରସିଅର ଏଷ୍ଟିମେଟର ୩୧.୧.୧୯୬୯ ରେ ଏ.ଏମ୍.ଆଇ.ଇ. ପାସ୍ କରିବାରୁ ଜୁନିଅର ଇଞ୍ଜି. ନାମିତ ହେଲି ।	୧୭.୮.୬୨ - ୩୧.୦୭.୬୯	ଚିଫଇଞ୍ଜିନିଅର ନାସନାଲ ହାଇୱେ ପ୍ରୋଜେକ୍ଟ ଅଫିସ	ପରେ ଏହି ଅଫିସର ନାମକରଣ ହେଲା ଚିଫ୍ଇଞ୍ଜିନିଅର (ଏନ୍.ଏଚ୍.) ଏମ୍.ଡି. ମେଲୋ ଚିଫ୍ଇଞ୍ଜିନିଅର ଥିଲେ ଓ ପରେ ଏ.ବି. ମହାନ୍ତି ଚିଫ୍ କନ୍ଷ୍ଟ୍ରକ୍ସନ୍ ଇଞ୍ଜିନିଅର ହେଲେ ।
୬.	ଜୁନିଅର ଇଞ୍ଜିନିଅର (ସେକ୍ସନ୍ ଅଫିସର୍)	୨୫.୧୧.୭୧ - ୨୧.୭.୧୯୭୫	ଭୁବନେଶ୍ୱର ଏନ୍.ଏଚ୍. ଡିଭିଜନ	ଲକ୍ଷ୍ମୀ ନାରାୟଣ ବାରିକ ଥିଲେ ନିର୍ବାହୀ ଯନ୍ତ୍ରୀ
୭.	ଜୁନିଅର ଇଞ୍ଜିନିଅର ଏଷ୍ଟିମେଟର	୨୨.୦୭.୭୫ - ୩୧.୦୫.୭୬	ଚିଫ୍ ଇଞ୍ଜିନିଅର ଏନ୍.ଏଚ୍. ଆଣ୍ଡ ପ୍ରୋଜେକ୍ଟସ୍	ଏ. ରାଜେଶ୍ୱର ରାଓ ମୁଖ୍ୟ ଯନ୍ତ୍ରୀ ଥିଲେ ।
୮.	ଜୁନିଅର ଇଞ୍ଜିନିଅର	୧.୦୬.୭୬ - ୮.୧୧.୭୭	ଫୁଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ରାୟଗଡ଼ା	

Digitized by srujanika@gmail.com

୯.	ଜୁନିଅର ଇଞ୍ଜିନିଅର ଏଷ୍ଟିମେଟର	୯.୧୧.୭୭ - ୩୧.୭.୭୮	ଚିଫ୍ ଇଞ୍ଜିନିଅର (ଆର୍ ଆଣ୍ଡ ବି) ଅଫିସ୍, ଭୁବନେଶ୍ୱର	ଏ. ରାଜେଶ୍ୱର ରାଓ ଚିଫ୍ ଇଞ୍ଜିନିଅର
୧୦.	ଜୁନିଅର ଇଞ୍ଜିନିଅର (ସେକସନ ଅଫିସର)	୧.୮.୭୮ - ୩୧.୧୦.୭୮	ଜଗତସିଂପୁର (ଆର୍ ଆଣ୍ଡ ବି) ଡିଭିଜନ	ପଦ୍ମଚରଣ ନାୟକ ନିର୍ବାହୀ ଯନ୍ତ୍ରୀ ଥିଲେ ତାଙ୍କର ଅକାଳ ମୃତ୍ୟୁ ପରେ ଶିବପ୍ରସାଦ ଗନ୍ତାୟତ ନିର୍ବାହୀ ଯନ୍ତ୍ରୀ ହୋଇ ଆସିଲେ ।
୧୧.	ଜୁନିଅର ଇଞ୍ଜିନିଅର (ସେକସନ ଅଫିସର)	୧.୧୧.୭୮ - ୨୯.୭.୮୦	କଟକ (ଆର୍ ଆଣ୍ଡ ବି) ଡିଭିଜନ	ଜି.ସି. ଦାସ୍ ନିର୍ବାହୀ ଯନ୍ତ୍ରୀ
୧୨.	ସହକାରୀ ଯନ୍ତ୍ରୀ	୩୦.୭.୮୦ - ୯.୭.୮୪	ରିଜନାଲ ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟ, ଡିଭିଜନ ନଂ - ୩	ବି.ଡି.ଏ ନାମକରଣ ହେଲା ୩୧.୦୮.୮୩ ଠାରୁ
୧୩.	ସରକାରୀ ଯନ୍ତ୍ରୀ ଘରବାଟିଆ ଆର୍ ଆଣ୍ଡ ବି ସବ୍‌ଡିଭିଜନ ଚୌଦ୍ୱାର	୧୦.୦୭.୮୪ - ୫.୧୦.୮୭	ଘରବାଟିଆ ଆର୍ ଆଣ୍ଡ ବି ଡିଭିଜନ, ଚୌଦ୍ୱାର	⁄ନିରଞ୍ଜନ ପାଣିଗ୍ରାହୀ ନିର୍ବାହୀ ଯନ୍ତ୍ରୀ
୧୪.	ସହକାରୀ ଯନ୍ତ୍ରୀ ନୟାଗଡ଼	୬.୧୦.୮୭ - ୬.୦୯.୯୧	ଖୋର୍ଦ୍ଧା ଆର୍ ଆଣ୍ଡ ବି ଡିଭିଜନ, ଖୋର୍ଦ୍ଧା	ଦଣ୍ଡପାଣି ସାହୁ ଏବଂ ଏସ୍.କେ.ବି. ନାରାୟଣ (ଜାପାନୀ) ନିର୍ବାହୀ ଯନ୍ତ୍ରୀ
କ)	ସହକାରୀ ଯନ୍ତ୍ରୀ	୭.୯.୯୧ - ୪.୯.୯୨	ବିଡିଏ ଡିଭିଜନ ନଂ - ୪	ଏମ୍. କୋରାହ ଇଞ୍ଜିନିୟର ମେମ୍ବର
ଖ)	ସହକାରୀ ନିର୍ବାହୀ ଯନ୍ତ୍ରୀ	୫.୯.୯୨ - ୨୮.୯.୯୩		

Digitized by srujanika@gmail.com

୧୫. ସହକାରୀ ନିର୍ବାହୀ ଯନ୍ତ୍ରୀ ଫୁଲବାଣୀ ନର୍ଥ ସବ ଡିଭିଜନ	୨୯.୯.୯୩ - ୨୮.୧୨.୯୫	ଫୁଲବାଣି ଆର୍ ଆଣ୍ଡ ବି ଡିଭିଜନ, ଫୁଲବାଣି	ଜି.ବି.ଆର୍. ଦୋରା ନିର୍ବାହୀ ଯନ୍ତ୍ରୀ
୧୬. ନିର୍ବାହୀ ଯନ୍ତ୍ରୀ ଫୁଲବାଣୀ ଆର୍ ଆଣ୍ଡ ବି ଡିଭିଜନ	୨୯.୧୨.୯୫ - ୩୦.୬.୯୭	ଫୁଲବାଣି ଆର୍ ଆଣ୍ଡ ବି ଡିଭିଜନ	୩ ଜଣ ଅଧିକ୍ଷଣ ଯନ୍ତ୍ରୀ ଥିଲେ ୧. ଗୋପାଳ ଚନ୍ଦ୍ର ବେହେରା ୨. କୁଳମଣି ବିଶ୍ୱାଳ ୩. ଜି.ବି.ଆର୍ ଦୋରା

ଆମ ସଂସାର :

ମୁଁ ଚାରୋଟି କନ୍ୟା ସନ୍ତାନର ଜନକ । ମୋ ବଡ଼ଝିଅ ସାଙ୍ଗରିନା (ପରେ ପ୍ରବୀଣା ନାଁକୁ ପରିବର୍ତ୍ତନ)ର ବିଭାଘର ହେଲା ୧୯୯୪ ମସିହା ମେ ମାସରେ । ପ୍ରବୀଣା ରାଜନୀତି ବିଜ୍ଞାନରେ ଅର୍ନସ ନେଇ ବି.ଏ. ପାସ କରିଛି । ସେ ସ୍ନାତକୋତ୍ତର ଶିକ୍ଷା ସମ୍ପୂର୍ଣ୍ଣ କରିଥିଲେ ହେଁ ପରୀକ୍ଷା ଦେଇପାରି ନାହିଁ । ତାର ସ୍ୱାମୀ ବିଜୟଭାସ୍କର ଜଣେ ଋଟାର୍ଡ଼ ଆକାଉଣ୍ଟାଣ୍ଟ । ବର୍ତ୍ତମାନ ସେ ବାଲେଶ୍ୱରସ୍ଥ ଗୋଟିଏ କମ୍ପାନୀରେ କାର୍ଯ୍ୟରତ । ଦ୍ୱିତୀୟ ଝିଅ ପ୍ରଣତୀ ଅର୍ଥନୀତିରେ ଅନର୍ସ ନେଇ ବି.ଏ. ପାସ କରିଛି । ତାର ବିଭାଘର ସରିଛି ୧୯୯୭ ମସିହା ଫେବ୍ରୁୟାରୀ ମାସରେ । ଜ୍ୱାଇଁ ଶ୍ରୀନିବାସ କାନପୁର ଆଇ ଆଇ ଟିରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଉପାଧି ହାସଲ କରିଛନ୍ତି । ସେ ବର୍ତ୍ତମାନ ଭୋପାଳସ୍ଥ ବି.ଏଚ୍. ଇ.ଏଲ୍ କମ୍ପାନିରେ କାର୍ଯ୍ୟ କରୁଛନ୍ତି । ତୃତୀୟ ଝିଅ ପ୍ରତିଭା ଖଡ଼ଗପୁର ଆଇ ଆଇ ଟି ରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛି । ତାର ବିଭାଘର ଅନୁଷ୍ଠିତ ହେଲା ୧୯୯୯ ମସିହା ମେ ମାସରେ । ତାର ସ୍ୱାମୀ ରମେଶ ବମ୍ବେ ଆଇ ଆଇ ଟି ରୁ କମ୍ପୁଟର ସାଇନ୍ସରେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି । ଉଭୟେ ବାଙ୍ଗାଲୋରରେ ଅଲଗା ଅଲଗା ସଫ୍ଟ ଓ୍ୟାର କମ୍ପାନିରେ କାର୍ଯ୍ୟ କରୁଛନ୍ତି । ୪ର୍ଥ ଝିଅ ଚିନ୍ମୟୀ ଭୁବନେଶ୍ୱରସ୍ଥ କିଟ୍ ୟୁନିଭରସିଟିକୁ

Digitized by srujanika@gmail.com

ଇଲୋକ୍ଟ୍ରୋନିକସ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛି । ତାର ବିଭାଘର ହେଲା ୨୦୦୬ ମସିହା ଜୁନ୍ ମାସରେ । ଜ୍ୱାଇଁ ଅମର ମାଡ୍ରାସ ଆଇ ଆଇ ଟିରୁ କେମିକାଲ ଫିଜକ୍‌ସରେ ଡକ୍ଟରେଟ କରିଛନ୍ତି । ଅଧୁନା ସେ ଲଣ୍ଡନ ୟୁନିଭରସିଟିରେ ପୋଷ୍ଟ ଡକ୍ଟରାଲ ଫେଲୋସିପ ପାଇ ରିସର୍ଚ୍ଚ କରୁଛନ୍ତି ।

ମୋର ଶଶୁର ଥିଲେ ରେଲୱେ କର୍ମଚାରୀ । ତାଙ୍କ ନିଜ ଘର ଥିଲା ଖୋର୍ଦ୍ଧା ବଜାର ସିଂରେ । ସେ କହନ୍ତି ୧୮୦୩ ମସିହାରେ ଇଂରେଜମାନେ ଖୋରଧା ଅକ୍ତିଆର କଲାବେଳେ ଯେଉଁ ତେଲୁଗୁ ସିପାହୀମାନେ ଆସିଥିଲେ ସେମାନେ ଥିଲେ ପାଲକୋଣ୍ଡାର ।

ପତ୍ନୀଙ୍କ ସହ ଲେଖକ

ତୃତୀୟ କନ୍ୟା ପ୍ରତିଭା

କନିଷ୍ଠା କନ୍ୟା ଚିନ୍ମୟୀ

Digitized by srujanika@gmail.com

ଏହି ସିପାହୀମାନଙ୍କୁ ଇଂରେଜମାନେ ଘରଡିହ ଓ ଜମି ନେବାରୁ ଏମାନେ ସ୍ଥାୟୀ ବାସିନ୍ଦା ପାଲଟିଗଲେ । ଶଶୁର ଏମାନଙ୍କ ବଂଶଧର । ସେ ରେଲୱେ ଚାକିରୀ କରି ବାହାରେ ରହିବାରୁ ରୟତମାନେ କାଳକ୍ରମେ ସଞ୍ଜା ଦେଲେ ନାହିଁ । ଏବେ ତାଙ୍କର ଅନେକ ଜମି ଅଛି ଯାହାର ସେ କାଗଜ କଲମରେ ମାଲିକ । ମାତ୍ର ଜମି ଭାଗଚଷୀଙ୍କ କବଳରେ । ଚାକିରି ଶେଷ ବେଳକୁ ସେ ଛଟଣିରେ କାମ କରୁଥିବାରୁ ଖୋରଧା ଘର ବିକ୍ରୟକରି ଛଟଣିରେ ବସବାସ କରୁଛନ୍ତି । ମୋର ପତ୍ନୀ ଲାବଣ୍ୟ ତାଙ୍କ ବାପା ମା' ଙ୍କର ନ ଜଣ ସନ୍ତାନମାନଙ୍କ ମଧ୍ୟରେ ଅଗ୍ରଜା । ସେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ ୧୯୬୫ ମସିହାରେ ଆନ୍ଧ୍ରର ଟିକାଲି ହାଇସ୍କୁଲରୁ । ବିଭାଘର ହେଲା ୧୯୬୯ ମସିହା ମାର୍ଚ୍ଚରେ । ସନ୍ତାନମାନଙ୍କ କ୍ଷେତ୍ରରେ ମୁଁ ଜଣେ ତୃପ୍ତ ପିତା । ଚାକିରୀରେ ଥିଲାବେଳେ ମୋର ସ୍ତ୍ରୀ ଘରର ଅଧିକାଂଶ ଦାୟିତ୍ୱ ତୁଲାଉଥିବାରୁ ମୋ ଉପରେ ସାସାଂରିକ ଚାପ କମ ପଡୁଥିଲା । ଏବେ ଅବସର ଜୀବନରେ ଲେଖା ପଢ଼ାରେ ଦିନଗୁଡ଼ିକ କଟାଉଛି ।

ଭଗବତ ଦର୍ଶନ :

ମୁଁ ଭଗବତ୍ ବିଶ୍ୱାସୀ, ମାତ୍ର ମୂର୍ତ୍ତି ପୂଜାରେ ମୋର ବିଶେଷ ଆସ୍ଥା ନାହିଁ । ତେଣୁ ପୂଣ୍ୟପର୍ବ ଦିନରେ ମୁଁ ଠାକୁର ମନ୍ଦିରକୁ ପ୍ରାୟ ଯାଏନା । ମୋ ପାଇଁ ସବୁଦିନ ସମାନ ।

□□□

Digitized by srujanika@gmail.com

ପରିଶିଷ୍ଟ - ୧

ସଚେତନ ଗ୍ରାମବାସୀ ଜଣେ

ସୌରୀ ଭଟ୍ଟ

ସୌରୀ ଭଟ୍ଟ (୧୯୨୯-୯୮) ଗାଁର ଜଣେ ମାନ୍ୟ ଗଣ୍ୟ ବ୍ୟକ୍ତି । ସେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ନିଜର ଅଧ୍ୟବ୍ୟସାୟ ଫଳରେ ବହୁ ସମ୍ପତ୍ତି ଅର୍ଜନ କରିଥିଲେ । ଆଖୁ ପେଡ଼ିବା ପାଇଁ ସେ ଧଳା ପଥର ମହାଜନ ପାଖରୁ ଆଖୁ ଖାଇ ଆଣି ଗାଁର ଆଖୁ ଚାଷୀ ମାନଙ୍କୁ ଭଡ଼ା ସୂତ୍ରରେ ଯୋଗାଇ ଦେଉଥିଲେ । ସେ ଗାଁର ଉନ୍ନତି ପାଇଁ ସ୍କୁଲ୍ ପିଲାଙ୍କ ପାଇଁ ବହୁତ କିଛି କରିଛନ୍ତି । ତାହା ତାଙ୍କ ଲେଖାରୁ ଜଣାପଡ଼ିବ । ସେ ଗାଁ ଉପରେ ଇତିହାସ ରଚନା କରିଛନ୍ତି । ସେ ରଚନାରୁ କିଛି ଉଦ୍ଧୃତ ହେଲା :

ଓଁ ଶ୍ରୀ ହରି ଶରଣ

ଶ୍ରୀ ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତେ ପରଂ ବ୍ରହ୍ମଂ ତସ୍ମୈଶ୍ରୀ ଗୁରବେ ନମଃ ନମଃ
ସ୍ବ ୧୯୭୯ ମସିହାରେ ଲେଖା ଆରମ୍ଭ ହେଲା ।

ଶ୍ରୀ ରାମଚନ୍ଦ୍ର ଦେବ ଅଙ୍କ ସ୍ବ ୧୩୨୬ ସାଲ ୨୮/୪/୨୯ ମସିହା ଶ୍ରୀ ଶାଳିବାହକ ଶକାବ୍ଦ ୧୮୫୦/୧୧/୨୬ ଦିନ ଶ୍ରୀ ସଉରି ଭଟ୍ଟ ବଡ଼ଗୋଗଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଦାତା ଗୋବିନ୍ଦ ଭଟ୍ଟ । ଉକ୍ତ ଭଟ୍ଟଙ୍କର ୭ଟି ପୁତ୍ର ଥିଲେ । ତହିଁ ମଧ୍ୟରୁ ଶ୍ରୀ ସଉରୀ ଭଟ୍ଟ ମଧ୍ୟମ ପୁତ୍ର ଅଟନ୍ତି । ତାଙ୍କର ପିତା ଗୋବିନ୍ଦ ଭଟ୍ଟ ସ୍ବ ୧୯୪୫ ମସିହାରେ ମୃତ ଲଭିଥିଲେ । ୧୯୪୯ ମସିହାରେ ଶ୍ରୀ ସଉରି ଭଟ୍ଟ ତାଙ୍କର ଭାଇମାନଙ୍କ ସହିତ କଦମ୍ବ ମାଳ ଓ ଚଡ଼ୟାନାଳରେ ଘର ତିଆର କରି ସେଠାକୁ ଆସି ରହିଲେ । ତାଙ୍କର ୧୯୪୦ ମସିହାକୁ ୧୧ବର୍ଷ ବୟସ ହୋଇଥିଲା । ସେହି ସମୟରେ ଯାହା ଯାହା ବଡ଼ଗୋରଡ଼ାର ଚଳଣି ଇତିହାସ ତାଙ୍କର ମନରେ ରଖିଥିଲେ ୧୯୭୯

Digitized by srujanika@gmail.com

ମସିହାରେ କେତେ ବୁଢ଼ା ଓ ବୃଦ୍ଧ ବ୍ୟକ୍ତିଙ୍କୁ ପଚାରି ବୁଝି ପୂର୍ବର ଇତିହାସ ଓ ପୂର୍ବର ବଂଶଧରମାନଙ୍କ ନାମ ଉଲ୍ଲେଖ କରିଛନ୍ତି ।

୧୯୪୦ ମସିହା ପୂର୍ବରୁ କେହି ଗ୍ରାମରୁ ବାହାରି କେଉଁ ଦିଗକୁ ଯାଇ ନଥିଲେ । ୧୯୪୦ ମସିହା ବେଳକୁ ବଡ଼ଗୋରଡ଼ାର ଭଦ୍ରଲୋକ ହିସାବରେ ଗ୍ରାମ ଚଳାଇ ଥିଲେ : ୧.କୁବେର ଲୋକ ନାଥ ପ୍ରଧାନ, ୨.ଈଶ୍ୱର ସାମନ୍ତରାୟ, ୩.ପଞ୍ଚୁ ପରିଡ଼ା, ୪.ହଳଧର ସ୍ୱାଇଁ, ୫.ଅଗାଧୁ ପ୍ରଧାନ, ୬.ଲୋକନାଥ ଦୋରା, ୭.କୃଷ୍ଣଚନ୍ଦ୍ର ଦୋରା, ୮.ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ୯.ବଡ଼ ଦିନବନ୍ଧୁ ଦୋରା, ୧୦.ଲକ୍ଷ୍ମଣଭଞ୍ଜ ୧୧ ବୀର ଗୁରୁ ସହିତ ଏହି ବ୍ୟକ୍ତି ଗ୍ରାମର ଭଲମନ୍ଦ ବୁଝି ଗ୍ରାମ ଚଳାଉଥିଲେ ।

୧୯୫୦ ମସିହା ଭଦ୍ର ଲୋକ ହିସାବରେ ଗ୍ରାମ ଚଳାଇଲେ ଓ୍ୟାଡ଼ ମେମ୍ବର ୧.ଶ୍ରୀ କୀର୍ତ୍ତିଚନ୍ଦ୍ର ପ୍ରଧାନ, ୨.କ୍ଷେତ୍ର ମୋହନ ମହାପାତ୍ର, ୩.କୃଷ୍ଣଚନ୍ଦ୍ର ଦୋରା, ୪.ଅଗାଧୁ ଦୋରା, ୫.ହଜାରି ସ୍ୱାଇଁ, ୬.ଭଗବାନ ପରିଡ଼ା, ୭.ଗୌରାଙ୍ଗ ଭଞ୍ଜ, ୮.ରାମଚନ୍ଦ୍ର ନାଏକ । ଏହି ବ୍ୟକ୍ତିମାନେ ଗ୍ରାମ ଚଳାଉଥିଲେ ଓ ଭଲମନ୍ଦ ବିଷୟ ବୁଝି ନିଷ୍ପତ୍ତି କରୁଥିଲେ ।

୧୯୬୦ ମସିହାରେ ଗ୍ରାମ ଚଳାଇଲେ ଓ୍ୟାଡ଼ମେମ୍ବର ୧.ଶ୍ରୀ ସଉରୀ ଭଞ୍ଜ, ୨.କ୍ଷେତ୍ରମୋହନ ମହାପାତ୍ର, ୩.କୀର୍ତ୍ତିଚନ୍ଦ୍ର ପ୍ରଧାନ, ୪.ଅଗାଧୁ ଦୋରା, ୫.ହଜାରି ସ୍ୱାଇଁ, ୬.ଲଡୁକିଶୋର ପ୍ରଧାନ, ୭.ନରସିଂହ ପରିଡ଼ା, ୮.ରାମଚନ୍ଦ୍ର ନାୟକ, ୯.ଲିଙ୍ଗରାଜ ଦୋରା, ୧୦.ରାମଚନ୍ଦ୍ର ଦୋରା, ୧୧.ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଓଗେର ଏହିମାନେ ଗ୍ରାମର ଭଦ୍ରଲୋକ ହିସାବରେ ଗ୍ରାମ ଚଳାଉଥିଲେ ।

୧୯୭୦ ମସିହାଠାରୁ ଭଦ୍ରଲୋକମାନେ ଓ ୱାର୍ଡ଼ମେମ୍ବର ହିସାବରେ ଗ୍ରାମଚଳାଇଲେ । ୧.କୀର୍ତ୍ତିଚନ୍ଦ୍ର ପ୍ରଧାନ, ୨.ଶ୍ରୀ ସଉରୀ ଭଞ୍ଜ, ୩.ରାମଚନ୍ଦ୍ର ଦୋରା, ୪.ଲିଙ୍ଗରାଜ ଦୋରା, ୫.ବାଞ୍ଛାନିଧି ସ୍ୱାଇଁ, ୬.ଲଡୁକିଶୋର ପଟ୍ଟନାୟକ, ୭. ଆନନ୍ଦ ଚନ୍ଦ୍ର ସ୍ୱାଇଁ, ୮.ଦଣ୍ଡପାଣି ପରିଡ଼ା, ୯.ଘନ ପ୍ରଧାନ, ୧୦.ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଇତ୍ୟାଦି ଲୋକମାନେ ଗ୍ରାମ ଚଳାଉଥିଲେ ।

୧୯୮୧ ମସିହାରେ ନୂତନ ଯୁବକମାନେ ଗ୍ରାମ ଚଳାଇବାକୁ ଅଗ୍ରସର ହେଲେ ୧.ଶରତ ଚନ୍ଦ୍ର ପ୍ରଧାନ (ସଭାପତି), ୨.ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ସେକ୍ରେଟାରୀ), ୩.ଗଙ୍ଗାଧର ଭଞ୍ଜ (କୋଷାଧକ୍ଷ), ୪.ବ୍ରଜବନ୍ଧୁ ପ୍ରଧାନ, ୫.କୈଳାଶ ଚନ୍ଦ୍ର ପଟ୍ଟନାୟକ, ୬.ଆନନ୍ଦ ଚନ୍ଦ୍ର ସ୍ୱାଇଁ, ୭.ଦୁର୍ଯ୍ୟୋଧନ ଦୋରା, ୮.ଦଣ୍ଡପାଣି ସ୍ୱାଇଁ, ୯.ବ୍ରଜବନ୍ଧୁ ସ୍ୱାଇଁ,

Digitized by srujanika@gmail.com

୧୦.ଲଡୁକିଶୋର ମାଝୀ, ୧୧.ବାଳକୃଷ୍ଣ ପରିଡ଼ା ଇତ୍ୟାଦି । ଉପଦେଷ୍ଟାରେ ରହିଲେ ଲିଙ୍ଗରାଜ ଦୋରା, ନଟବର ସ୍ୱାଇଁ, ରାମଚନ୍ଦ୍ର ଦୋରା, ବାଞ୍ଛାନିଧି ସ୍ୱାଇଁ ଓ ଉଦ୍ୟନାଥ ପରିଡ଼ା । ଏହିମାନଙ୍କ ଦ୍ୱାରା ଗ୍ରାମଶାସନ ହେଉଛି । ତା୭/୬/୮୭ରିଖ ଦିନ ଗ୍ରାମର ୧୧ଜଣ ମେମ୍ବର ବଛାହେଲେ । ସେଥିରୁ ବ୍ରଜମୋହନ ମହାପାତ୍ର ସଭାପତି, ଯୋଗେଶଚନ୍ଦ୍ର ସ୍ୱାଇଁ ସେକ୍ରେଟାରୀ, ବାଳକୃଷ୍ଣ ଗୁରୁ ଉପସଭାପତି, ଜ୍ଞାନ ଚନ୍ଦ୍ର ଦୋରା, ଚନ୍ଦ୍ର ମଣି ଦୋରା, ରାଜକିଶୋର ସ୍ୱାଇଁ, ବ୍ରଜବନ୍ଧୁ ଭଟ୍ଟ,.ଗୋପବନ୍ଧୁ ବେହେରା, ଦଣ୍ଡପାଣି ଦଳେଇ, ବାଉରୀ ବନ୍ଧୁ ରାଉତ, ଧନେଶ୍ୱର ସ୍ୱାଇଁ ଇତ୍ୟାଦି ମେମ୍ବର ରହିଲେ । ଏହି ମେମ୍ବରମାନେ ଗ୍ରାମର ସରକାରୀ ଜମି ବାହାର କରିବାକୁ ଉଦ୍ୟତ ହୋଇ ଧୋବାଘର କନ୍ଦିଠାରେ ରାସ୍ତା ଓସାର କରିଛନ୍ତି । ମଦନ ସେଠୀ ଥାନାରେ କେସ୍ କରିଥିଲା । ଉକ୍ତ ସେଠୀଘରର ଦକ୍ଷିଣ ପଟେ ଯେଉଁ ପାଣି ମହାର ଥିଲା, ସେଥିରୁ କିଛି ଅଂଶ ନେଇ ପୂର୍ବପଟ ଗ୍ରାମର ରାସ୍ତାକୁ ୫କଡ଼ି ଉତ୍ତର ଦକ୍ଷିଣ ଦେଇଅଛି ଓ ସେ କେସ୍ ଉଠାଇ ଆଣିଲା । ସେହି ମେମ୍ବରମାନେ ଗ୍ରାମର ସମସ୍ତ ଘରବାରୀ ଜମି ସରକାରୀ ରାସ୍ତା, ବଗାୟତ ସମସ୍ତ ଦେଖି ବାହାର କରି ଜୋରିମାନା ଆଦାୟ କରୁଛନ୍ତି । ତା ୨୫.୧୧.୮୮ ମାଘ ଶୁକ୍ଳପକ୍ଷ ସପ୍ତମୀ ଦିନ ଠାକୁରାଣୀ ମଣ୍ଡପଠାରେ ହୁମ କରିଥିଲେ । ଏମ୍.ଏଲ୍.ଏ. ଶ୍ରୀ ରମାକାନ୍ତ ମିଶ୍ର ସମେତ ଗ୍ରାମର ସମସ୍ତ ଚାକିରି କରିଥିବା ବ୍ୟକ୍ତିମାନଙ୍କୁ ନିମନ୍ତଣ ଦେଇ ଡକାଯାଇଥିଲା । ତା ୧.୬.୮୮ ରିଖରେ ଗ୍ରାମର ପାଣିଖମା ଦୁଆଣ୍ଟ ନଦୀରୁ ଆସିଥିବା ପୁରୁଣା ଖମା ନୂଆ ବ୍ରାହ୍ମଣ ବିଲରେ ନଅପା ଠାରେ ସଳଖହୋଇ ଖମାର କେତେକ ଅଂଶ ଜମି କରାହୋଇ ଗ୍ରାମକୋଠରେ ନିଲାମ ଦିଆହୋଇଛି । ଏହି ପୂର୍ବତନ ମେମ୍ବର ଓ ସଭାପତି ଆସନ୍ତାବର୍ଷ କାମ ଚଳାଇବାକୁ ରହିଲେ । ଚନ୍ଦ୍ରମଣି ଦୋରା ସ୍ଥାନରେ, ଦାମୋଦର ଭଟ୍ଟ ଓ ବାଉରୀ ବନ୍ଧୁ ରାଉତ ସ୍ଥାନରେ ଭୀମ ରାଉତ ରହିଲେ । ତା ୨୭.୭.୮୮ ରିଖରେ ବୁଢ଼ା ପଡ଼ିଆରେ ନଦୀକୁ ଖମା ତଡ଼ା ହୋଇ ନଦୀକୁ ପାଣି ଛଡ଼ା ହେଲା । ସଭାପତି ବ୍ରଜବନ୍ଧୁ ମହାପାତ୍ରଙ୍କ ଉଦ୍ୟମରେ ପାଣି ନଦୀକୁ ଗଲା । ଗ୍ରାମର ବହୁତଲୋକ ପ୍ରତିବାଦ କରିଥିଲେ । ୧୯୮୯ ମସିହାରେ ମଇଠାରେ ଠାକୁରାଣୀ ରହିବା ପାଇଁ ଗୋଟିଏ ଛୋଟ ମନ୍ଦିର ତିଆରି କରିଛନ୍ତି । ଶଙ୍ଖ ମୁଣ୍ଡା ସଡ଼କରେ ଗୋଟିଏ ପୋଲ ତିଆରି କରିଛନ୍ତି । ଗ୍ରାମର କେତେକ ଭଲକାମ କରିବାପାଇଁ ତା ୩.୩.୮୯ ରିଖରେ ଇଟା ପୋଡ଼ିବା ପାଇଁ ଜାମୁଖୋଲଠାରେ ଥିବା ସରକାରୀ ଯାଗାରୁ କାଠ ଆଣିବାରେ ସାନଗୋରଡ଼ାର ଲୋକେ ଦରଖାସ୍ତ ଦେଇଥିବାରୁ ତହସିଲକୋଟ୍ ଓ ଥାନାରେ ବଡ଼ଗୋରଡ଼ା ଓ ସାନଗୋରଡ଼ା ମଧରେ ମନ ମାଳିନ୍ୟ ହୋଇ ସମସ୍ତ ମିଳାମିଶା କାମ

Digitized by srujanika@gmail.com

ଇବତ ହୋଇଥିଲା । ବାରିକ ହଳିଆ ସମସ୍ତ ଦବାନବା କାମ ବନ୍ଦ ଥିଲା । ବାରିକ ଚେମେଡ଼ିବାଣ୍ଟୁ ପୁରରୁ ଖଲି ବେହେରା ଓ ବିଦ୍ୟାଧର ଡାକୁଆ ଆସିବାରୁ ବଡ଼ଗୋରଡ଼ା ଖିଅର ସେବାକାମ ସେହି ଦୁଇଜଣଯାକ କଲେ । ସାନଗୋରଡ଼ା ଓ ବଡ଼ଗୋରଡ଼ା ଦୁଇ ମୌଜା ଆଙ୍ଗସିଙ୍ଗି କପିଳଶ୍ୱର ଠାକୁରଙ୍କ ପାଖକୁ ଯାଇ ଆଖପାଖ ଗ୍ରାମର ଭଦ୍ରଲୋକମାନେ ଓ ଡିମିଶର ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀ ଭିକାରୀ ଜେନା ଆସିଥିଲେ । ସେଠାରେ ଉଭୟ ଗ୍ରାମର ବିଚାରରେ ୧୦ଟି ପଏଣ୍ଟ ସାନଗୋରଡ଼ାର ସମସ୍ତ କାମ ଭୁଲହେଲା ଓ ବହୁତ ମୁଣ୍ଡିଆ ମାରିବାରୁ ସାନଗୋରଡ଼ା ଲୋକଙ୍କୁ ଭୁଲଦେଇ କାଗଜ ପତ୍ର ଆକାରରେ ଲେଖିଦେଲେ । ସେହି କାଗଜ ପତ୍ର ବଡ଼ଗୋରଡ଼ା ଗ୍ରାମ କୋଠରେ, ଗୋଟିଏ ସାନଗୋରଡ଼ାରେ ଓ ଆଉଗୋଟିଏ ସରପଞ୍ଚଙ୍କ ପାଖରେ ପଞ୍ଚାୟତରେ ରହିଲା । ସେଠାରୁ ୧୯୮୯ ଜୁନ୍ ୭ ତାରିଖରେ ନୂତନ ସଭାପତି ଦଣ୍ଡପାଣି ପରିଡ଼ା ଓ ସନ୍ତୋଷ ଦୋରା ସେକ୍ରେଟାରୀ ସହିତ ମେମ୍ବରମାନେ ରହି କାମଚଳାଇ ନପାରିବାରୁ ଇସ୍ତଫା ଦେଲେ । ତା ୧୫/୮/୮୯ ରିଖରେ ନଟବର ସ୍ୱାଇଁ, ସଭାପତି ଅର୍ଜୁନ ଭଟ୍ଟ ସେକ୍ରେଟାରୀ, ସତ୍ୟବାଦୀ ଦୋରା ଉପସଭାପତି ଓ ତାଙ୍କ ସହିତ ଆଉ ୮ଜଣ ମେମ୍ବର ରହି କାର୍ଯ୍ୟ ଚଳାଇ ଥିଲେ । ତା୨୦/୯/୮୯ ରିଖ ଠାରୁ ତା୨୦.୬.୯୦ ମସିହା ପର୍ଯ୍ୟନ୍ତ ରହିଲେ ଓ ତା୨୦.୯.୮୯ ରିଖରେ ନୂତନ ସଭାପତି ସୁବାଶ ଚନ୍ଦ୍ର ଦୋରା, ପ୍ରସନ୍ନ ପରିଡ଼ା, ସେକ୍ରେଟାରୀ, ପୂର୍ଣ୍ଣଚନ୍ଦ୍ର ଦଳେଇ ଉପସଭାପତି, ନାରାୟଣ ପ୍ରଧାନ, ବ୍ରଜବନ୍ଧୁ ଭଟ୍ଟ, ବିଦ୍ୟାଧର ରାଉତ, ବୃନ୍ଦାବନ ନାୟକ, ପବିତ୍ର ପ୍ରଧାନ, ରଘୁନାଥ ଦୋରା, ଦଣ୍ଡପାଣି ମହାପାତ୍ର ଏହି ୧୦ଜଣ ଗ୍ରାମ ଚଳାଇବାକୁ ଦାୟୀତ୍ୱ ନେଲେ । ଏହି ସଭାପତି ଓ ମେମ୍ବରମାନେ ୪ମାସ ଗ୍ରାମ ଚଳାଇ ନପାରିବାରୁ ନୂତନ ସଭାପତି ଓ ମେମ୍ବର ତା ୧.୧୧.୯୦ ରିଖରେ ବ୍ରଜବନ୍ଧୁ ମହାପାତ୍ର ନୂତନ ଭାବରେ ସଭାପତି ଦାୟିତ୍ୱ ନେଲେ । ବ୍ରଜବନ୍ଧୁ ଭଟ୍ଟ ସେକ୍ରେଟାରୀ ରହି ଗ୍ରାମ ଚଳାଇଲେ । ବିଦ୍ୟାଧର ରାଉତ ଉପ ସଭାପତି ରହିଲେ । ତା୧.୩.୯୧ରିଖ ଠାରୁ ଗ୍ରାମର ଲୋକ ଗଣ୍ଡଗୋଳ କରି ଗ୍ରାମ ଭାଙ୍ଗି ଦଳବଦ୍ଧ ହୋଇଛନ୍ତି । ୧୯୯୧ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ଗୋରଡ଼ା ଗ୍ରାମ ତୋଟାସାହିକୁ ଛାଡ଼ିଦେଇ ଠାକୁରାଣୀଙ୍କ ଠାରେ ହୁମ କରିଥିଲେ । ତା ୧୩.୪.୯୨ରିଖରେ ଗ୍ରାମରେ ପଣା ସଂକ୍ରାନ୍ତି ଦିନ ଦୁଇ ସାହିଯାକ ଗଣ୍ଡଗୋଳ ହୋଇ ବମ୍ ଓ ମାରଣାସ୍ତ୍ର ଆଦି ପ୍ରୟୋଗ କରିଥିଲେ ଓ ମକଦ୍ଦମା ଚାଲୁ କରିଛନ୍ତି । ତା୧୦.୧୧.୯୨ ରିଖ ଦିନ ମୌଜାବାଲା ଠାକୁରାଣୀ ଠାରେ ହୁମକରି ନାଟ କିର୍ତ୍ତନ କରିଥିଲେ ଓ ସେହି ୧୦.୧୧.୯୨ରିଖ ଦିନ ତୋଟାସାହି ଯାକ ଏକତ୍ର ହୋଇ ତୋଟାସାହି ଭାଗବତ ଘରେ ହୁମ କିର୍ତ୍ତନ କରିଥିଲେ । ୧୯୯୨ ମସିହାରେ

Digitized by srujanika@gmail.com

ହୋଇଥିବା ଗ୍ରାମପଞ୍ଚାୟତ ନିର୍ବାଚନରେ ଡିମିଶର ଗ୍ରାମପଞ୍ଚାୟତକୁ ବଡ଼ଗୋରଡ଼ାରୁ ୩ଜଣ ୱାର୍ଡ଼ମେମ୍ବର ନିର୍ବାଚିତ ହୋଇଯାଇଛନ୍ତି । ସେମାନେ ହେଲେ ଦଣ୍ଡପାଣି ଦଳେଇ, ଦଣ୍ଡପାଣି ପରିଡ଼ା, ହୁଲାସ ସ୍ୱାଇଁ । ତା ୧୭.୧.୯୩ରିଖରେ ବଡ଼ଗୋରଡ଼ାର କେତେଜଣ ସଭ୍ୟ ବଡ଼ଗୋରଡ଼ା ଗ୍ରାମରୁ ଟ୫୦୦/- ନେଇ କୁଟୁଣୀ ଗ୍ରାମର ଜଙ୍ଗଲ ରକ୍ଷକ ସଭାପତିଙ୍କ ଠାରେ ଦାଖଲ କରିଛନ୍ତି । ବଡ଼ଗୋରଡ଼ାର ଶ୍ରୀ କୃପାସିନ୍ଧୁ ଭଟ୍ଟ ସଭାପତିଙ୍କୁ ଟ୫୦୦/- ଦେଲେ । ସେହିଦିନଠାରୁ ଜଙ୍ଗଲ ଜଗିବାକୁ ପାଳିକରି ଗ୍ରାମ ଭିତରୁ ଜଣେ ଓ ତୋଟାସାହିରୁ ଜଣେ ଏପରି ଦୁଇଜଣ ଗଲେ ।

ତା ୩୦/୧/୯୩ରିଖ ମାଘ ସପ୍ତମୀ ଦିନ ଗ୍ରାମ ଭିତର ଲୋକମାନେ ସମସ୍ତେ ବାଉତି ଠାକୁରାଣୀ ମନ୍ଦିରରେ ହୁମ କରୁଥିଲେ । ତୋଟାସାହିର କେହି ଯାଇ ନଥିଲେ କି ଆଉ କେଉଁଠାରେ ମଧ୍ୟ ହୁମ କରିନଥିଲେ । ପରୀକ୍ଷା ପୋଖରୀ ଓ ବାବାଜୀ ପୋଖରୀରୁ ମାଛଧରି ତିଅରକୁ ଭାଗଦେଇ ବଳକାମାଛକୁ ଗ୍ରାମର ଚୁଲିପିଛା ଭାଗ ନେଇଛନ୍ତି । ଏହା ୧୯୯୩ ମସିହାର ଘଟଣା । ୧୯୯୩ ମସିହାରେ ମୌଜା ଭିତର ଲୋକ ମେଳ ହୋଇ ବ୍ଲକରୁ ଟଙ୍କା ଆଣି ଗ୍ରାମର ଦୁଇମୁଣ୍ଡେ ପୁରୁଣା ଭାଗବତ ଘରକୁ ତିଆରି କରୁଛନ୍ତି । ତୋଟାସାହି ଏକଜୁଟ ହୋଇ ସଭାପତି ଓ ମେମ୍ବର ବାଛି ସଭା ସମିତି କରୁଛନ୍ତି । ଏହି ସଭାରେ ପ୍ରଥମେ ବିଦ୍ୟାଧର ରାଉତ ସଭାପତି ରହିଥିଲେ । ପରେ ବିଦ୍ୟାଧର ରାଉତ ସଭାପତି ପଦରୁ ଇସ୍ତଫା ଦେଲେ । ତାଙ୍କପରେ ସେହି ତାରିଖରେ ୧୭/୬/୯୩ ରେ ଗଙ୍ଗାଧର ଭଟ୍ଟଙ୍କୁ ସାହି ଚଳାଇବା ପାଇଁ ସଭାପତି ରୂପେ ଦାୟୀତ୍ୱ ଦିଆଗଲା । ପୋଖରୀ ନିଲାମ ପାଇଁ ପଞ୍ଚାୟତକୁ ଗ୍ରାମରୁ ଓ ତୋଟା ସାହିରୁ କେତେକ ଲୋକଯାଇ ଉଭୟେ ଗୋଟିଏ ଶାନ୍ତି ଶୃଙ୍ଖଳାରେ ମାଛଧରା କାମ ଓ ନିଲାମ କାମ କରାହେବା ପାଇଁ ଏଗ୍ରିମେଣ୍ଟ କରିଥିଲେ । ପରୀକ୍ଷା ପୋଖରୀ ବ୍ରଜବନ୍ଧୁ ମହାପାତ୍ର ଓ ପଦ୍ମପୋଖରୀ ତ୍ରିନାଥ ରାଉତଙ୍କ ନାମରେ ନିଲାମ ହୋଇଥିଲା । ଏହି ପଞ୍ଚାୟତ ପୋଖରୀ ୨ଗୋଟା ଓ ଗ୍ରାମର ପୋଖରୀ ୨ଟାର ମାଛଧରା ଓ ଜାଆଁଳ ଛଡ଼ା ଓ ପୋଖରୀର ଉନ୍ନତି ମୁଳକ କାମ କରିବା ପାଇଁ ଗ୍ରାମରୁ ଓ ତୋଟା ସାହିରୁ ୬ଜଣ ଯଥା ହଜାରୀ ପରିଡ଼ା, ତ୍ରିନାଥ ରାଉତ, ପ୍ରସନ୍ନ ପରିଡ଼ା, ପବିତ୍ର ପ୍ରଧାନ, ପବିତ୍ର କିଶୋର ପ୍ରଧାନ, ଗୋପିନାଥ ସ୍ୱାଇଁ, ସରପଞ୍ଚ ଭିକ୍ଷାରି ଚରଣ ଜେନାଙ୍କୁ ଦାୟୀତ୍ୱ ଦିଆହୋଇଥିଲା । ତା ୪/୭/୯୩ରିଖରେ ପରୀକ୍ଷା ପୋଖରୀ ନଜ୍ଞାପାଇଁ '୧୦୦୦/- ଟଙ୍କା ସରପଞ୍ଚଙ୍କୁ ଦିଆହୋଇଥିଲା । ମାଛ ଧରିବାପାଇଁ ତିଅର ଜୟ ଘଡ଼େଇ ଜାଲ ପୋଖରୀରେ ପକାଇଥିଲା । ଏହି ସମୟରେ ତ୍ରିନାଥ ପରିଡ଼ା ଓ ଅନ୍ୟାନ୍ୟ କେତେଜଣ ତୋଟା ସାହିରେ ବୋମା ଓ ବନ୍ଧୁକ ଫୁଟାଇ ବିଶୃଙ୍ଖଳା କରିବାରୁ ମାଛ

Digitized by srujanika@gmail.com

ଧରାକାମ ବନ୍ଦ କରାଗଲା । ନଳାପାଇଁ ଆଦାୟ ହୋଇଥିବା ଟଙ୍କା ସରପଞ୍ଚ ଭିକାରୀ ଚରଣ ଜେନା ଫେରସ୍ତ ନେଇ ଚାଲିଗଲେ । ତା୨୭/୯/୯୩ରିଖ ଦିନ ପଶ୍ଚିମ ପଟ ସାହିରେ ଭାଗବତ ଘରକାମ ପୂର୍ଣ୍ଣାଙ୍ଗ କରି ହୁମ କରି ଠାକୁର ବସାଇଲେ । ସେହିଦିନ ପର୍ଯ୍ୟନ୍ତ ପୂର୍ବପଟ ଘର ଦ୍ୱାରବନ୍ଧ ଉପର ନିମିଟାଲ ପଡ଼ିଥିଲା ଓ ଛାତ ପକା କାମ ବାକି ଥିଲା ।

ତା୨୯/୧୧/୯୩ ରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ତୋଟା ସାହିରେ ହୁମ କରିଥିଲେ । ସାବିଦେଇପୁର ରାମଲୀଳା ନାଟ କରିଥିଲେ । ଗାଁ ଭିତର ସମସ୍ତେ ଠାକୁରାଣୀ ଠାରେ ହୁମ କରିଥିଲେ ।

ତା୧୮/୨/୯୪ରିଖ ଶୁକ୍ରବାର ମାଘ ସପ୍ତମୀ ଦିନ ଗ୍ରାମବାସୀମାନେ ଠାକୁରାଣୀ ବାଉତି ମଣ୍ଡପଠାରେ ହୁମ କରିଥିଲେ ସେହିଦିନ ସେଠାରେ ଖିଲରପାଟଣା ଦ୍ୱାରି ନାଟ କରିଥିଲେ ଓ ଦାଶକାଠିଆ ନାଟ ମଧ କରିଥିଲେ ।

ପରୀକ୍ଷା ପୋଖରୀ ଠାରୁ କଣପଦା ରୋଡ଼

ତା୨୦/୪/୯୪ ରିଖ ବୁଧବାର ଦିନ ତୋଟାସାହିର ଭାଗବତ ଘର ପାଖ ମଣ୍ଡପଠାରେ ସାହିର କମିଟି ବସିଲା । ସେଦିନ ରାମ ନବମୀ ଥିଲା । ସାହି ସଭାରେ ବ୍ରଜବନ୍ଧୁ ପ୍ରଧାନ କହିଲେ ପୋତାପୋଖରୀ ଠାରୁ କଣପଦା ପର୍ଯ୍ୟନ୍ତ ରୋଡ଼ରୁ ପାଣି କିନାଲ ଓ ନୂଆ ସଡ଼କ ପଡ଼ିବା ପାଇଁ ୩୦,୦୦୦ (ତିରିଶ ହଜାର ଟଙ୍କା) ମଞ୍ଜୁର ହୋଇଛି । କିଛିଦିନ ପୂର୍ବରୁ ରଣପୁର ନିର୍ବାଚନ ମଣ୍ଡଳିର ବିଧାୟକ ଶ୍ରୀଯୁକ୍ତ ଶରତଚନ୍ଦ୍ର ମିଶ୍ର ଆସି ପରୀକ୍ଷା ପୋଖରୀ ଠାରୁ କଣପଦା ପର୍ଯ୍ୟନ୍ତ ରୋଡ଼ର ଅବସ୍ଥା ଦେଖିଥିଲେ ତେଣୁ ସେ ତୁରନ୍ତ ଏହାର ମରାମତି ପାଇଁ ଟଙ୍କା ସାଙ୍କସନ୍ କଲେ । ତେଣୁ ସାଇ ଯାକ ଚୁଲି ଭେଦାରେ ବେଠି କରି କାମଟି କରିବାପାଇଁ ସନମତ ହେଲେ । ୨୧/୪/୯୪ରିଖଦିନ ମୁଣ୍ଡିଆକୁ ଯାଇ ଟିମା ପଥର ଗଦା କରିଥିଲେ । ୨୨/୪/୯୪ରେ ରୋଡ଼ର ପଶ୍ଚିମ ପଟରୁ କେନାଲ ଖୋଳା ହୋଇଥିଲା । ୨୩/୪/୯୪ ଦିନ ମୁଣ୍ଡିଆରୁ ପଥର ଓ ଉପର ଓଳି ବାଲି ବୁହା ହୋଇଥିଲା । ୨୪/୪/୯୪ରିଖ ଦିନ ପୁରୁଣା କୂଅରୁ ପଥର ଆଣି ରାଉତ ଘର ଆଗ ନଳକୂଅ ଠାରୁ କେନାଲର ଦୁଇକରେ ପଥର ବସା ଆରମ୍ଭ କଲେ ।

ଏହି କାର୍ଯ୍ୟର ଓ୍ୱାର୍କ ଅର୍ଡ଼ର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଆଣିବାର ଠିକ୍ କରାଯାଇଥିଲା । କିନ୍ତୁ ଗ୍ରାମ ଭିତରର ଟୁନାପ୍ରଧାନ ଡିମିଶର ସରପଞ୍ଚଙ୍କୁ ଧରି ନିଜନାମରେ ଓ୍ୱାର୍କ ଅର୍ଡ଼ର ଆଣିଲେ । ୨୩/୪/୯୪ରେ ଓଡ଼ଗାଁ ବ୍ଲକ୍‌ର ଓଭରସର ଆସି ବ୍ରଜ ପ୍ରଧାନଙ୍କୁ କହିଲେ

Digitized by srujanika@gmail.com

ୱାର୍କଅର୍ଡ଼ର ଟୁନା ପ୍ରଧାନଙ୍କ ନାମରେ ଆସିଛି । ତେଣୁ ବ୍ଲକ ପ୍ରଧାନ ସମେତ ଗାଁର କେତେକ ଲୋକ ପାଟିତୁଣ୍ଡ କରି ବ୍ଲକ୍‌କୁ ବୁଝିବା ପାଇଁ ଗଲେ ଏହି କଥା ଶୁଣି ଟୁନା ପ୍ରଧାନ ଆଣିଥିବା ୱାର୍କ ଅର୍ଡ଼ର ୨୫/୪/୯୪ ଦିନ ନିଜ ନାମରୁ କ୍ୟାନସଲ କରିବା ପାଇଁ ବ୍ଲକ୍‌କୁ ଫେରସ୍ତ କରିଥିଲେ ।୩୦/୪/୯୪ଦିନ ଓଭରସିଅର ଆସି କେନାଲ ମାପ କରି ରିପୋର୍ଟ ନେଇଥିଲେ । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସାହିର ଗଙ୍ଗାଧର ଭଟ୍ଟ, ସୁବଳ ମାଝି, ବାବୁଲି ନାୟକ ସମେତ ୧୨ଜଣକୁ ଦାୟିତ୍ୱ ଦିଆଯାଇଥିଲା । ୪/୫/୯୪ଦିନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବ୍ଲକ୍‌କୁ ଯାଇ ପ୍ରଥମ କିସ୍ତିପାଇଁ ସାଙ୍କସନ୍ ୧୧,୩୦୦/-ଟଙ୍କା ଉଠାଇଥିଲେ । ଏହି ଟଙ୍କାରୁ ୮୦୦/-ଟଙ୍କା ସିକୁରିଟି ପାଇଁ କଟିଥିଲା । ଅବଶିଷ୍ଟ ୧୦,୫୦୦/-ଟଙ୍କା ଗଙ୍ଗାଭଟ୍ଟଙ୍କୁ ସାହିର ସମୁହ ଲୋକମାନଙ୍କ ଉପସ୍ଥିତିରେ ଦେଇଥିଲେ ।ଏହି ଟଙ୍କା ସିମେଣ୍ଟ, ମିସ୍ତ୍ରୀ ଓ କଟାପଥର ପାଇଁ ଦେଇଛନ୍ତି ।ଏହାପରେ ଅବଶିଷ୍ଟ ଟଙ୍କା ଋଣ କରାଯାଇଥିଲା ।

୬/୫/୧୯୯୪ ଦିନ ତୋଟା ସାହିର ସମସ୍ତ ଭାଇମାନେ ବସି ଏକତ୍ର ହୋଇ ଚଳାଚଳି କରିବା ପାଇଁ ସ୍ଥିର କଲେ । ସାହି ଭାଇଙ୍କର ସମସ୍ତଙ୍କର ସନ୍ନମତି କ୍ରମେ ଶ୍ରୀ ଗଙ୍ଗାଧର ଭଟ୍ଟଙ୍କୁ ସଭାପତି ତଥା ଶ୍ରୀ ବାବୁଲି ନାୟକଙ୍କୁ ସେକ୍ରେଟାରୀ ରୂପେ ପ୍ରସ୍ତାବ ଦେଲେ ।ସଭାପତି ଓ ସାହି ବାଲାଙ୍କ ସନମତି କ୍ରମେ ୯ଜଣ ମେମ୍ବର ରହିଲେ ସେମାନେ ହେଲେ - ଶ୍ରୀ ବଦ୍ୟ ପରିଡ଼ା, ଶ୍ରୀ ସୁବଳ ମାଝୀ, ଶ୍ରୀ ଧନେଶ୍ୱର ସ୍ୱାଇଁ, ଶ୍ରୀ ଦଣ୍ଡପାଣି ସ୍ୱାଇଁ ଶ୍ରୀ ମଦନ ପ୍ରଧାନ, ଶ୍ରୀ ହାତିଆ ଦଳେଇ, ଶ୍ରୀ ଗୋଲକ ରାଉତ, ଶ୍ରୀ ବିରୋନ୍ଦ୍ର ମାଝୀ, ଶ୍ରୀ ବାବୁଲି ଦୋରା । ଏମାନଙ୍କୁ ନେଇ ସାହିର ସଭା ତଥା ଉନ୍ନତି ମୂଳକ କାର୍ଯ୍ୟଗୁଡ଼ିକ ଆରମ୍ଭ ହେଲା । ପ୍ରଥମେ ଏକ ସାମୁହିକ ଉନ୍ନତି ପରୀକ୍ଷା ପୋଖରୀ ଠାରୁ କଣପଦା ପର୍ଯ୍ୟନ୍ତ ଡ୍ରେନ ହେଲାପରେ ଗଙ୍ଗାଧର ଭଟ୍ଟ କଣପଦା ଠାରେ ନିଜେ ଲଗାଇ ଥିବା ଆମ୍ବ ତୋଟାର ପ୍ରତିଷ୍ଠା କରିଥିଲେ । ଏଥିରେ ସେ ସାହିର ସମସ୍ତ ପିଲା ତଥା ବଡ଼ମାନଙ୍କୁ ଭୋଜିଭାତ ପ୍ରଦାନ କରିଥିଲେ ।ଏହା ସୁଯୋଗରୁ ରୂପେ ସାହି ଭାଇମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

ଏହି ତୋଟା ପ୍ରତିଷ୍ଠା ୧୩/୫/୧୯୯୪ ଦିନ କରାଯାଇଥିଲା । ଏହାପରେ ୧୨/୬/୯୪ଦିନ ବାବାଜୀ ପୋଖରୀ, ବୁଢ଼ୀ ପୋଖରୀ ତଥା ପୋତା ପୋଖରୀର ମାଛ ଧରା ହୋଇଥିଲା ।ମାଛ ଧରା ପାଇଁ ସରପଞ୍ଚ ଭିକାରୀ ଜେନା (ଡିମିଶର)ଙ୍କ ପାଖରେ ଏକ ଏଗ୍ରିମେଣ୍ଟ କରାଯାଇଥିଲା ।ଏହି ଏଗ୍ରିମେଣ୍ଟର ସର୍ତ୍ତ ଅନୁସାରେ ମାଛ ଧରାହେଲା ।

Digitized by srujanika@gmail.com

ସର୍ତ୍ତ : ତିଅର ୧୬ ଅଣାରୁ ୬ଅଣା ଜାଆଁଳ ଓ ଜାଲ ଭାଗ ନେବ ଓ ଅବଶିଷ୍ଟ ୧୦ ଅଣାରୁ ୫ଅଣା ପୋଖରୀର ଉନ୍ନତି ପାଇଁ ଲାଗିବ ଓ ଅବଶିଷ୍ଟ ୫ଅଣା ଦୁଇ ସାହିର ଚୁଲି ଗନ୍ଧା ଅନୁସାରେ ବଣ୍ଟାଯିବ । ସରପଞ୍ଚଙ୍କ ଉପସ୍ଥିତି କ୍ରମେ ଉକ୍ତ ସର୍ତ୍ତ ଅନୁସାରେ ମାଛ ଧରାଗଲା ଓ ପୋଖରୀ ଉନ୍ନତି ପାଇଁ ରହିଥିବା ୫ଅଣା ମାଛ ପୋଖରୀ ଉନ୍ନତି କାମରେ ଲାଗିଲା । ୧୭/୬/୯୪ଦିନ ପୋତା ପୋଖରୀ ମାଟି ଖୋଳା ହୋଇ ନେତ୍ରା ସ୍ୱାଇଁଙ୍କ ଆଗ ସାମ୍ନାରେ ମାଟି ପୋତାହୋଇ କ୍ଲବଘର ପାଇଁ ଜାଗା ପ୍ରସ୍ତୁତି କରାଗଲା । ୨୦/୬/ ୯୪ ଦିନ ପୋତା ପୋଖରୀରେ ପାଣି ଫୁଲ୍ କରିବାପାଇଁ ଦୁଇଟି ନଳା ବସାଗଲା । ତତ୍ ସଙ୍ଗେ ସଙ୍ଗେ ବୁଢ଼ୀ ପୋଖରୀରେ ମଧ ପାଣି ଭରତି ସୁବିଧାପାଇଁ ନଳା ବସାଗଲା । ଏହାପରେ ବାବୁଲି ନାୟକ ତଥା ଦଣ୍ଡପାଣି ସ୍ୱାଇଁ ମାଙ୍କଡ଼ା ୨ ଟ୍ରିପ୍ କୋମାଣ୍ଡା ଠାରୁ ଆଣିଲେ ୨୫/୬/୯୪ଦିନ ପାହାଚ ପାଇଁ ମାଟି ଖୋଳା ହୋଇ ପାହାଚକାମ ପଶ୍ଚିମ ଓ ପୂର୍ବରେ ଦୁଇଟି ପାହାଚ କାର୍ଯ୍ୟ ଆରମ୍ଭ ହେଲା । ବାବାଜି ପୋଖରୀର ପାହାଚ ଭାଙ୍ଗିରୁଜି ଯାଇଥିବାରୁ ତାହା ତୋଟା ସାହିର ସମ୍ମତି କ୍ରମେ ବାବାଜି ପୋଖରୀ ପାହଚ ମରାମତି ବିରେନ୍ଦ୍ର ମାଝୀଙ୍କ ମାର୍ଫତରେ ହୋଇଥିଲା । ପୋତା ପୋଖରୀରେ ଦୁଇଟି ପାହାଚ ମଙ୍କଡ଼ା ପଥର ଓ ସିମେଣ୍ଟ ଗୋଡ଼ି ଢଳେଇ ହୋଇ ତିଆରି ହୋଇଗଲା ।

୨୨/୯/୯୪ରିଖ ଦିନ ଭୁବନେଶ୍ୱର ଏଣ୍ଡାଓମେଣ୍ଟ କମିସନ କୋର୍ଟରେ ଦୁତିଆ ରାଉତ ନାମରେ ଲିଜ୍‌ରେ ପଟା ପାଇବା ପାଇଁ ନୟାଗଡ଼ ଦେବୋତ୍ତର ବିଭାଗ ଦର୍ଶାଇଛନ୍ତି । ସେହି କଥା ଶୁଣି ଆମ ତୋଟା ସାହିର ଗଙ୍ଗାଧର ଭଟ୍ଟ ଓ ବୈଦ୍ୟନାଥ ପରିଡ଼ା ଭୁବନେଶ୍ୱର ଯାଇ ଏଣ୍ଡାଓମେଣ୍ଟ କୋଟାରେ ସୁଝାମି ଦରଖାସ୍ତ ତା ନାମରେ ନ ଦେବା ପାଇଁ କରିଛନ୍ତି ।

ତା୨୮/୯/୯୪ରିଖ ଦିନ ଦଣ୍ଡପାଣି ଦୋରା ଏକ ଡ଼ାକ୍ତରଖାନା କରିବା ପାଇଁ ପ୍ରସ୍ତାବ ଉପସ୍ଥାପନା କଲେ । ଏଣୁ ୭ଖଣ୍ଡ ଦରଖାସ୍ତ ଯଥା : ତତ୍‌କାଳିନ ଏମ୍.ଏଲ୍.ଏ., ଏମ୍.ପି., ମୁଖ୍ୟ ମନ୍ତ୍ରୀ, ମୁଖ୍ୟ ଚିକିତ୍ସା ଅଧିକାରୀ, ଡାଇରେକ୍ଟର, ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ପାଖକୁ ଡାକଯୋଗେ ପଠାଇଲେ ।

ତା୧/୧୦/୯୪ରିଖରେ ସାନଗୋରଡ଼ା ଲୋକମାନେ ବେଆଇନ୍ ଭାବେ ତାଳସାହି ମୁଣ୍ଡିଆରୁ କାଠହାଣି ଆଣିଥିବାରୁ ବଡ଼ଗୋରଡ଼ାର ସମସ୍ତ ଚୁଲି ପିଛା ଜଣେ ଲେଖାଏଁ ଯାଇ ସାନଗୋରଡ଼ାର ଆଣିଥିବା ଅନୂନ୍ୟ ୩ ଟ୍ରାକ୍ଟର କାଠ ଜବତ କରି ଗାଁକୁ ଆଣିଥିଲେ । ଏହାକୁ ଜଙ୍ଗଲ ତତ୍ତ୍ୱାବଧାନରେ ଥିବା ବୃକ୍ଷ ଜୀବର ବନ୍ଧୁ ପରିଷଦକୁ ଜଣାଇ

Digitized by srujanika@gmail.com

ଥିଲେ । ଏହି କାଠ ଜବତ କଲାବେଳେ ସାନଗୋରଡ଼ାର ଭାଇମାନଙ୍କ ଠାରୁ ସନ୍ତକ କରାଯାଇଥିଲା । ଏହାପରେ ବୃକ୍ଷ ଜୀବର ବନ୍ଧୁ ପରିଷଦ ୨ ୨ ଖଣ୍ଡ ଗାଁକୁ ନୋଟିସ କରି ୮/୧୦/୯୪ ଦିନ ସାନଗୋରଡ଼ା ଗ୍ରାମରେ ସଭା ଓ ଅନସନ କରିଥିଲେ ।

୧ ୨/୧୦/୯୪ ଦିନ ବଡ଼ଗୋରଡ଼ା ତୋଟାସାହିର ସମସ୍ତ ଭାଇମାନେ ଜବର ଦଖଲ କରି ରହିଥିବା ଦୁତିକୃଷ୍ଣ ରାଉତଙ୍କ ଘର ଛାଡ଼ି ଅବଶିଷ୍ଟ ବୈଷ୍ଣବ ତୋଟାର ରୋଡ଼ କାଟୁ ଜାଗାକୁ ସଫାକରି ସାହିର ଦଖଲକୁ ଆଣିଲେ । ଦୁତିକୃଷ୍ଣ ରାଉତ ଥାନାରେ ଆପତ୍ତି କଲେ । ଥାନା ବାବୁ ଆସି ତନଖ କରିବାରୁ ସାହିର ତତ୍ କାଳିନ ମେମ୍ବର ସମୂହ ଯାଇ ଥାନାରେ ହାଜର ହୋଇ ଥାନାବାବୁ ଓ ଦୁତିକୃଷ୍ଣ ରାଉତ ସହିତ ଆଲୋଚନା କରିଥିଲେ । ଶେଷରେ ଦୁତିକୃଷ୍ଣ ରାଉତ ସବୁଥିରେ ହାର ମାନି ଗାଁକୁ କ୍ଷମା ମାଗି ୩୦୧ଟଙ୍କା ଜେରେ ସମନ ଦେଇ ଅନ୍ୟ ଯାଗାକୁ ୮ ଦିନ ଭିତରେ ସ୍ଥାନାନ୍ତରିତ ହେବା ପାଇଁ ସାହି ସମୂହରେ ଦସ୍ତଖତ କରିଥିଲେ । ଘରଭାଙ୍ଗି ନେବା ପାଇଁ ତାଙ୍କୁ ୨ଜଣ ମୂଲିଆ ଖର୍ଚ୍ଚ ସାହିବାଲା ବହନ କଲେ । ୨୪/୧୦/୯୪ଦିନ ଦୁତି ରାଉତ ଦେବଉର କୋଟରେ ଇସ୍ତଫା ପତ୍ର ଦାଖଲ କରିଥିଲେ ।

୪/୧ ୧/୯୪ଦିନ ଦୁତିକୃଷ୍ଣ ରାଉତ କରିଥିବା ଗଳିଆ ଘରଟିକୁ ଛାଟିଆ ରାଉତଙ୍କୁ ବିକ୍ରି କରିଦେଲେ ତେଣୁ ଛାଟିଆ ରାଉତ ଓ ଦୁତିକୃଷ୍ଣ ରାଉତ ଘରଟିକୁ ଭାଙ୍ଗି ଯାଗାଟିକୁ ସଫାକରିଦେଲେ ।

୧୮/୧ ୧/୯୪ଦିନ କାର୍ତ୍ତିକ ପୂର୍ଣ୍ଣମୀ ଯାତ୍ରା ପାଇ ସେଠାରେ ଛାମୁଣ୍ଡିଆ ହୋଇ ଦ୍ୱାରୀନାଟ କୀର୍ତ୍ତନ ଗାଏକ ଓ ରାମଲୀଳା ଚନ୍ଦା ହୋଇଥିଲା ସେହିଦିନ ଭାଗବତ ଘରେ ହୁମ ହୋଇଥିଲା । ପୁରୀର ଲୋକସଭା ସଦସ୍ୟ ଶ୍ରୀଯୁକ୍ତ ବ୍ରଜକିଶୋର ତ୍ରିପାଠୀ ରଣପୁର ନିର୍ବାଚନ ମଣ୍ଡଳିର ବିଧାୟକ ଶରତ ଚନ୍ଦ୍ର ମିଶ୍ର ଆସିଥିଲେ । ଶ୍ରୀରାମ ମନ୍ଦିର କରିବା ପାଇଁ ଶୁଭାରମ୍ଭ କରିଥିଲେ । ମାର୍ବଲ ପଥର ରାଜକିଶୋର ପରିଡ଼ା ଆଣିଥିଲେ । ଲୋକସଭା ସଦସ୍ୟ କ୍ଲବ ଘର ଓ ପୋଖରୀ ପାଇଁ ୪୦,୦୦୦/-ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ ଓ ହାଇସ୍କୁଲ ପାଇଁ ୧୫,୦୦୦/- ଟଙ୍କା ଦେଇଥିଲେ । ୧୯/ ୧ ୧/୯୪ଦିନ ସାହିଯାକ ମେଳହୋଇ ଜନ୍ତାଳ ଭୋଜି କରିଥିଲେ ।

୧୯୯୫ ମସିହା ୨ ୨/୩/୯୫ ତାରିଖ ଦିନ ସନଦିବସ ଗୋଲଖ ଦଳେଇ ଘର ନିଆଁଲାଗି ଦଳେଇ ଗାଇ ୧୪ ଘ ର ଯାକ ସମସ୍ତଙ୍କର ଘର ପୋଡ଼ିଗଲା । ଦମକଳ ଦୁଇଗୋଟି ଆସି ନିଆଁ ଲିଭାଇ ଦେଲା । ଗୌରି ରାଉତ ବ୍ରାହ୍ମଣବିଲ ଖଳା କରିଥିଲେ

Digitized by srujanika@gmail.com

ଧାନଗଦା ଦୁଇଗୋଟା, ପାଳଗଦା ଗୋଟିଏ ପୋଡ଼ିଗଲା । ୨୩/୩/୯୫ ତାରିଖ ଦିନ ଆର ଆଇ ଗୋଡ଼ିପଡ଼ା ଠାରୁ ଆସି ସମସ୍ତ ଘର ଲେଖି କରିନେଇଛି ।

୧୨/୪/୯୫ ତାରିଖ ଦିନ ଗୋଟା ସାହିର ପାଟ ଦଣ୍ଡୁଆ ଭୋବନା ଦଳେଇ, ନେତ୍ରା ସ୍ୱାଇଁ ସମେତ କେତେଜଣ ଦଣ୍ଡୁଆ ଯାଇ ଦଣ୍ଡ ଦୁଇ ମୁଠା ଆଣିବାକୁ ଗ୍ରାମଦେବତି ଘରଠାରୁ ଏହି ତୋଟା ସାହିକୁ ଆଣିବାକୁ ଯାଇଥିଲେ । ଗ୍ରାମ ଭିତରେ ଦଣ୍ଡୁଆମାନେ ପୁଲିସକୁ ଡାକି ଦଣ୍ଡ ମୁଠାଦେଲେ ନାହିଁ । ପୁଲିସ ପାଖରେ ଏମାନଙ୍କୁ ଘେରି କେଶରେ ପକାଇଥିଲେ । ପୋଲିସ ଏମାନଙ୍କୁ ଦଣ୍ଡ ମହାପ୍ରଭୁକୁ ଆଣିବାକୁ ମନା କଲେ । ଦଣ୍ଡ ମହାପ୍ରଭୂ ଭାଗବଣ୍ଟା ହୋଇ ପାରିବ ନାହିଁ, ଗ୍ରାମର ଓ ତୋଟାସାହି ଲୋକଙ୍କର ଭାଗନାହିଁ କେବଳ ଦଣ୍ଡୁଆ ମାନଙ୍କର ଠାକୁର ତେଣୁ ଲିଙ୍ଗରାଜ ପରିଡ଼ାଙ୍କ ଠାରେ ଯେଉଁ ଦଣ୍ଡ ମହାପ୍ରଭୁଙ୍କର ଟଙ୍କା ଥିଲା, ସମସ୍ତ ଟଙ୍କା ପରିଡ଼ାଙ୍କ ଠାରୁ ଦଣ୍ଡୁଆମାନଙ୍କୁ ଦିଆହେଲା । ସେହିଟଙ୍କା ମୌଜାର କୋଠ ଟଙ୍କା ନୁହେଁ, କେବଳ ଦଣ୍ଡରେ ମିଶିଥିବା ଲୋକଙ୍କର । ସେହି ଟଙ୍କା ଦଣ୍ଡୁଆମାନେ ଖର୍ଚ୍ଚ କରିପାରିବେ । ତୋଟା ସାହିର ଭୋବନା ଦଳେଇ, ନେତ୍ରାସ୍ୱାଇଁ ଏହି ଦୁଇଜଣ ଗ୍ରାମ ଭିତରେ ଦଣ୍ଡୁଆ ମାନଙ୍କ ସହ ମିଶିକରି ରହିଲେ ।

ତା୭/୭/୯୫ରିଖ ଶୁକ୍ରବାର ଦିନ ୧୦ଘଣ୍ଟା ସମୟରେ ରାମ ମନ୍ଦିର ସେବାପାଇଁ ଶ୍ରୀ ଲିଙ୍ଗରାଜ ପରିଡ଼ା ପୁରୋହିତ ଶ୍ରୀ ଯସୋମନ୍ତ କର (ଭିକାରିପଡ଼ା), ମସାବାରି ଶିଙ୍ଘୀ ମାଗୁଣି ମହାରଣା ଯାଇ ଶୁଭପଥର ସ୍ଥାପନ କରିଛନ୍ତି । ତୋଟାସାହିର ସମସ୍ତ ଚୁଲିଭାଇମାନେ ସମସ୍ତେ ଉପସ୍ଥିତ ଥିଲେ ଓ ସେହି ସମୟରେ ଏଠାରୁ ଯାଇ କ୍ଲବ ଘର ହେବା ପରିକ୍ଷା ପୋଖରୀ ପୂର୍ବପଟରେ ନାଳ ପୋତା ହୋଇଥିବା ଉଦୟ ନାଥ ସ୍ୱାଇଁ ଖଳାବାଡ଼ି କାନ୍ଥରେ ସରକାରୀ ଗାଗାରେ ଶୁଭଦେବା ପାଇଁ ଗଲାବେଳେ ଉଦୟନାଥ ସ୍ୱାଇଁ ଓ ତାର ଭାଇ ଲକ୍ଷ୍ମଣ ସ୍ୱାଇଁ ଗଣ୍ଡଗୋଳ କରିଥିଲେ । ତେଣୁ ସେଠାରେ ଶୁଭ ପଥର ପଡ଼ିପାରିଲା ନାହିଁ । ଖିର ଟିକିଏ ଢାଳି ପଥରଟିକୁ ପକାଇଛନ୍ତି ।

ଶ୍ରୀ ଗାମଦେବତି ବାଉତୀ ଠାକୁରାଣୀ,

ଶ୍ରୀ ଦୁର୍ଗାଦେବୀ ନମୋନମଃ ।।

ଗ୍ରାମ ବସିଲାକାଳୁ କେଉଁଯୁଗଠାରୁ ଠାକୁରାଣି ମଣ୍ଡପ ଘଲଘରଟିଏ ଥିଲା । କିନ୍ତୁ ୧୯୭୫ ମସିହାରେ କୃଷ୍ଣଚନ୍ଦ୍ର ଦୋରା, ହଜାରୀ ସ୍ୱାଇଁ, କୀର୍ତ୍ତି ଚନ୍ଦ୍ର ପ୍ରଧାନ ଓ ରାମଚନ୍ଦ୍ର ଦୋରାଙ୍କ ସହଯୋଗରେ ଗ୍ରାମର କୋଠ ଟଙ୍କା ଲାଗି ଓ ବଡ଼ଗୋରଡ଼ା

Digitized by srujanika@gmail.com

ମୌଜାବାସୀ ଶଗଡ଼ରେ ମୁଣ୍ଡିଆରୁ ପଥର ବୋହି ପକାଘର ତିଆରି କରିଛନ୍ତି । ଆନନ୍ଦ ମହାପାତ୍ର ଠାକୁରାଣୀଙ୍କର ସେବା ପୂଜା କରୁଛନ୍ତି ଏବଂ ଠାକୁରାଣୀଙ୍କ ନାମରେ ଥିବା ଜମିବାଡ଼ି ଭୋଗଦଖଲ କରୁଛନ୍ତି । ଠାକୁରାଣୀଙ୍କର ପର୍ବ ଧନୁ ସଂକ୍ରାନ୍ତିରେ ଧନୁମୁଆଁ, ମକର ସଂକ୍ରାନ୍ତିରେ ମକର ଚାଉଳ ଓ ପଣା ସଂକ୍ରାନ୍ତିରେ ପଣାପାଣି ଠାକୁରାଣୀଙ୍କର ପୂଜା ଶେଷରେ ଗ୍ରାମର ପ୍ରତି ପରିବାରକୁ ବାଣ୍ଟନ୍ତି । ଏଥି ନିମନ୍ତେ ମଧ ଜମିବାଡ଼ି ଖଞ୍ଜାଅଛି । ସେହି ଜମି ଗ୍ରାମର ଦଖଲରେ ଅଛି । ଠାକୁରାଣୀଙ୍କ ପିଠରେ ଦୈନିକ ମୁଆଁ ପୂଜାହୁଏ । ସେଥିପାଇଁ ଠାକୁରାଣୀଙ୍କ ଜମି ଯଥା : ମଇକିଆରି ଭରତ ଭଟ୍ଟ ଦଖଲ କରି ଦୈନିକ ମୁଆଁ ପୂଜା ଉପଲକ୍ଷେ ଯୋଗାଉଛନ୍ତି ।

ଏହି ଗ୍ରାମରେ ଦଣ୍ଡ ଠାକୁର ନଥିଲେ । ୧୯୫୮ ମସିହାରେ କ୍ଷେତ୍ର ମୋହନ ମହାପାତ୍ର ଦଣ୍ଡ ଠାକୁରଙ୍କୁ ଆଣିବା ପାଇଁ ଅଜିଆ ବେହେରାଙ୍କୁ ପ୍ରବର୍ତ୍ତାଇ ଥିଲେ । ତେଣୁ ପୁଆଣିଆ ଗ୍ରାମରୁ ଦଣ୍ଡ ଦୁଇମୁଠା ଅଣା ଯାଇଥିଲା । ସେହି ଦିନଠାରୁ ପାଣିତୋଳା, ଦଣ୍ଡଯାତ୍ରା ଯଥା : ନିଆଁଗାଡ଼ ଚଲା ଓ ହାନ୍ଦୋଳା ଚଢ଼ା ଆଦି କାର୍ଯ୍ୟ ନିଷ୍ଠାର ସହିତ ଚାଲିଛି । ଲଡୁବାବାଙ୍କ ଠାରୁ ଆଜ୍ଞାଆଣି ଶିବମୂର୍ତ୍ତି ସ୍ଥାପନ କରାଯାଇଅଛି । ଗ୍ରାମର ଭଲମନ୍ଦରେ ଲୋକମାନେ ସେଠାରେ ମିଳିତ ହୋଇ ଯେକୌଣସି କାର୍ଯ୍ୟର ନିଷ୍ପତ୍ତି କରନ୍ତି । ସେଠାରେ ଦୃଢ଼ ବିଶ୍ୱାସ ନେଇ ଗୁହାରିଆ ପଡୁଛନ୍ତି ଓ ମହାପ୍ରଭୁଙ୍କର ଆଜ୍ଞା ମଧ ହୋଇ ଗୁହାରିଆ ଉଠୁଛନ୍ତି ।

କୃଷକବନ୍ଧୁ ପାଠାଗାର (ଲାଇବ୍ରେରୀ)

ସନ ୧୯୫୦ ମସିହା ପୂର୍ବରୁ ବଡ଼ଗୋରଡ଼ାରେ ଲାଇବ୍ରେରୀ ଘର ନଥିଲା । ସ.ନ. ୧୯୫୧ ମସିହାରେ କୁବେର ଲୋକନାଥ ପ୍ରଧାନ ଦଣ୍ଡା (ନାଳ)ରେ ଗୋଟିଏ ପୋଖରୀ ଖୋଳିଲେ । ସେଥିରେ ତାଙ୍କର ସ୍ତ୍ରୀଙ୍କର ଟଙ୍କା ଲାଗିଥିଲା । ତେଣୁ ପୋଖରୀର ନାମ ବୁଢ଼ୀ ପୋଖରୀ ରଖାଯାଇଛି । ଦଣ୍ଡାର ଯେଉଁ ଅଂଶ ପୋତା ହେଲା କୁବେର ଲୋକନାଥ ପ୍ରଧାନ ତାଙ୍କ ନିଜ ଖର୍ଚ୍ଚରେ ପକା ଘରଟିଏ ତିଆରି କରିବାପାଇଁ ତାଙ୍କର ଦୁଇପୁତ୍ର ଲଡୁ କିଶୋର ପ୍ରଧାନ ଓ କିର୍ତ୍ତୀଚନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଲେ । ତେଣୁ ସେ ମହାଶୟ ଦୁଇଙ୍କ ତତ୍ତ୍ୱାବଧାନରେ ଘରଟିଏ ତିଆରି ହେଲା । ସେମାନେ ସେହିଘରେ ଲାଇବ୍ରେରୀ କରନ୍ତୁ ବୋଲି ମତ ପ୍ରଦାନ କରିଥିଲେ । ତେଣୁ ଲିଙ୍ଗରାଜ ଦୋରା ସମ୍ପାଦକ ରହି ଲାଇବ୍ରେରୀ କାର୍ଯ୍ୟ କରିବାର ଦାୟିତ୍ୱ ନେଲେ । ସ.ନ. ୧୯୭୦ ମସିହାରେ ଯୁବକ ଦଳ ପିଲା ବାହାରି ଲିଙ୍ଗରାଜ ଦୋରାଙ୍କ ଠାରୁ ହିସାବ ନେଇ ବାଲୁଙ୍କେଶ୍ୱର

Digitized by srujanika@gmail.com

ପ୍ରଧାନଙ୍କୁ ସେକ୍ରେଟାରୀ କଲେ । ସେହିଦିନ ଠାରୁ ବହିମାନ କିଏ କେଉଁଆଡ଼େ ନେଲେ । କେହି ଦେଲେ ନାହିଁ କି ବାଲୁକେଶ୍ୱର ପ୍ରଧାନ ଚଳାଇ ପାରିଲେ ନାହିଁ । ସେହି ଲାଇବ୍ରେରୀ ଘରେ ୧୯୮୧ ମସିହାରେ (ଷ୍ଟକ୍‌ମ୍ୟାନ) ପଶୁ ଡାକ୍ତର ରହି କାମ ଚଳାଉଛନ୍ତି । ପଶୁ ଡାକ୍ତରଖାନା ଘର ୧୯୯୨ ମସିହା ସୁଦ୍ଧା କୌଣସି ଠାରେ ତିଆରି ହୋଇନାହିଁ ।

ଲଡୁକେଶ୍ୱର ମହାଦେବ ବିଜେ ଶରଣକୂଳ

ଏହି ବଡ଼ଗୋରଡ଼ା ମୌଜା ଲଡୁବାବାଙ୍କର ଦାନ ମୌଜା । ଲଡୁବାବା ଶରଣକୂଳରେ ଆବିଷ୍କାର ଦିନଠାରୁ ନୟାଗଡ଼ ରାଜା ଏହି ମୌଜାକୁ ଦାନ ଦେଇଥିଲେ । ଆମ୍ଭେମାନେ ଶୁଣିବାକୁ ପାଉ ଯେ, ଏହି ଗ୍ରାମର ପ୍ରଜା ସଞ୍ଚା ଆକାରରେ ଧାନ ଦେଉଥିଲେ । ଏବେ ଧାନ କଟି ଯାଇ ଖଜଣା ହୋଇଛି । ଏହି ଗ୍ରାମରେ ଯେତେ ବଗାଏତ ଆମ୍ବତୋଟା ଥିଲା, ସେଥିରୁ ଆମ୍ବ ଠାକୁରଙ୍କ ଭୋଗ ପାଇଁ ଯାଉଥିଲା । ଆମ୍ବ ତୋଟା ନିଲାମ କରିନିଅନ୍ତି । ଏହି ଗ୍ରାମରୁ ଛେନା ଭୋଗ ପାଇଁ ଜମି ୫ ଏକର ଅଛି । ସେହି ଜମିକୁ କ୍ଷତି ବେହେରା, ନିଳ ବେହେରା, ଅରକ୍ଷିତ ବେହେରା, ନାରଣ ବେହେରା, ଛାଟିଆ ବେହେରା ଓ ବ୍ରଜ ବେହେରାମାନେ ଚଷ କରୁଛନ୍ତି ଓ ଠାକୁରଙ୍କ ଭୋଗ ପାଇଁ ସବୁଦିନ ଛେନା ନେଇଯାଉଛନ୍ତି । କାର୍ତ୍ତିକ ପୂର୍ଣ୍ଣମୀ ଦିନ ଆଖୁପେଡ଼ା ହୋଇ ଆଖୁପଣା ଠାକୁରଙ୍କ ପାଇଁ ଯାଉଅଛି । ଶିବରାତ୍ରି ଦିନ ଏହି ଗ୍ରାମରୁ ୧୬ଜଣ ଲୋକ ଯାଇ ଠାକୁରଙ୍କର ବେଢ଼ାକାମ କରୁଛନ୍ତି ଓ ମଜୁରୀ ମଧ୍ୟ ଆଣୁଛନ୍ତି । ଏବେ ଆମ୍ବତୋଟା ସବୁ ଲୋପ ହୋଇଗଲାଣି । ଠିକା ପିଚିକା କେତେ ଗୋଟି ଗଛ ଅଛି । ଆଉ କେତେକ ଲୋକ ନୂଆଗଛ ଲଗାଇଛନ୍ତି । ଏହି ଗ୍ରାମରେ ଲଡୁବାବାଙ୍କ ନାମରେ ୭ବାଟି ଜମି ସେବା ପୂଜା ପାଇଁ ଅଛି । ସେହି ଜମିକୁ ମୌଜାର କେତେ ଚଷୀ ଇଜରା ଆକାରରେ ଚଷକରି ଶରଣକୂଳ ସେବା ପୂଜା କରୁଥିବା ପଣ୍ଡାମାନଙ୍କୁ ବୁଝାଉଛନ୍ତି ।

"ଶ୍ରୀ ଗୋପିନାଥ ଜିଉ ବିଜୟ ଆଙ୍ଗିସିଙ୍ଗି ମଠ"

ବଡ଼ଗୋରଡ଼ା ମୌଜାର ଉତ୍ତର ପାର୍ଶ୍ୱରେ କୁସୁମୀ ନଦୀ ପ୍ରବାହିତ ହେଉଅଛି । ସେହି ନଦୀର ଉତ୍ତର ପାରୁଶରେ ଥିବା ଜମି ବଗାୟତମାନ ସବୁ ଗୋପୀନାଥଙ୍କ ନାମରେ ରେକର୍ଡ଼ ଥିଲା । ସେହି ସବୁ ଚଷଜମି ଚଷୀମାନଙ୍କ ନାମରେ ରେକର୍ଡ଼ ହୋଇ ଖଜଣା ହୋଇଗଲା । ଚଷୀଙ୍କ ଦଖଲରେ ରହିଲା । ଆଉ ଅବଶିଷ୍ଟ ବଗାଏତମାନ ଠାକୁରଙ୍କ ନାମରେ ଥିଲା । ଅନ୍ଧତୋଟା ପଦାମାଳ ମଧ୍ୟ ଠାକୁର ନାମରେ ରହିଲା । ସେହି ପଦାମାଳ କ୍ଷତି ବେହେରା ଚଷକରି ବହୁତ ଦିନରୁ ମଠ ଅଧିକାରୀଙ୍କୁ କିଛି ଖଜଣା ଆକାରରେ

Digitized by srujanika@gmail.com

ଦେଇ ଆସୁଥିଲା । ୧୯୮୫ ମସିହାରେ ମଠ ଅଧିକାରୀ ଶ୍ୟାମ ସୁନ୍ଦର ଦାଶ ତାକୁ କିଛି ପଦା ଘରଡିହ ଖଣ୍ଡିଏ ଦେଇ ପଦା ସବୁ ବିକ୍ରି କରିଦେଲେ । ଆଉ ସେପଟେ ଯେଉଁ ବଗାୟତ ଥିଲା ସାନଗୋରଡ଼ା ପ୍ରଜା ଲିଙ୍ଗରାଜ ପଟ୍ଟନାୟକ, ଦିନବନ୍ଧୁ କର, ବୈଷ୍ଣବ ପ୍ରଧାନ, ଯୋଗୀ ପ୍ରଧାନ ଭୀମ ବେହେରା, ଜନ୍ମେଶ୍ୱର କର, ପଡ଼ିଆ ପଟାରେ ନେଇ ଘରତିଆରି କରିଅଛନ୍ତି । ଆଉ ଯେଉଁ ବଗାୟତ ମାନ ଥିଲା, ବନା ତୋଟା, ବୁଢ଼ା ତୋଟା, ବଳି ପ୍ରଧାନ ତୋଟା, କୋରୁହାଁ ପାରି ତୋଟା, ଅନ୍ଧ ତୋଟା ଇତ୍ୟାଦି ତୋଟାମାନ ସମସ୍ତ ଶ୍ୟାମ ସୁନ୍ଦର ଅଧିକାରୀ ଏଣ୍ଡାଓମେଣ୍ଟ କମିଶନଙ୍କ ଠାରୁ ଅର୍ଡ଼ର ଆଣି ବଡ଼ଗୋରଡ଼ା ଓ ସାନଗୋରଡ଼ା ପ୍ରଜାମାନଙ୍କୁ ବିକ୍ରି କରି ଦେଇଛନ୍ତି ।

ବାବାଜି ପୋଖରୀ ଓ ବଡ଼ଗୋରଡ଼ାକୁ ରାସ୍ତା

(ସ.ନ. ୧୯୪୨-୪୩ ମସିହା)

ବଡ଼ଗୋରଡ଼ା ଗ୍ରାମରୁ ଚାରିପଟକୁ ବାହାରିବାକୁ କେଉଁପଟେ ହେଲେ ସଡ଼କ ରାସ୍ତା ନଥିଲା । ଗ୍ରାମରୁ ଯେଉଁ ପଟକୁ ବାହାରିବାକୁ ପଡୁଥିଲା । ଅଣ୍ଟେ କିମ୍ବା ଜଙ୍ଘେ ପାଣି ପାର ହେବାକୁ ପଡୁଥିଲା । ଗ୍ରାମର ଭିତର ପାଖରେ ଗୋଟିଏ ନାଳ ଥିଲା । ସେହି ନାଳକୁ ଗ୍ରାମର ପଶ୍ଚିମପଟ ଧୋବାଘର ଠାରୁ ଗୋଟିଏ ଅଣ ଓସାର କନ୍ଦିଥିଲା । ସେହି କନ୍ଦିକି ରାସ୍ତା ପାରିକରି ନାଳରୁ ମାଟି ଖୋଳି ରାସ୍ତା ପକାଇଲେ । ସ.ନ. ୧୯୪୨ ମସିହାରେ ଦର୍ପ ନାରାୟଣପୁର ରାସ୍ତା ପର୍ଯ୍ୟନ୍ତ ଲଗାଇଲେ । ସେହି ନାଳରୁ ମାଟି ଖୋଳି ରାସ୍ତା ପକାଇବାରେ ନାଳଟି ସମ୍ପୂର୍ଣ୍ଣ ଖାଲ ହୋଇଗଲା । ବୃନ୍ଦାବନ ଦାସ ଆଙ୍ଗିସିଙ୍ଗି ମଠ ଅଧିକାରୀ ପୋଖରୀର ଦକ୍ଷିଣ ପଟ ଓ ଉତ୍ତର ପଟ ହୁଡ଼ା ଦେଇଦେଲେ ଓ ଗୋଟିଏ ମଣି ଖମ୍ବ ପୋତି ପୋଖରୀକରି ପ୍ରତିଷ୍ଠା କରିଦେଲେ । ତେଣୁ ସେହି ପୋଖରୀର ନାମ 'ବାବାଜି ପୋଖରୀ' ନାମ ହେଲା । ସ.ନ. ୧୯୭୦ ମସିହାରେ ଅଗାଧୁ ଦୋରା ଗ୍ରାମ କୋଠ ଟଙ୍କା ଲଗାଇ ସାଉକାରଙ୍କ ପୋଖରୀ ଠାରୁ ଦୁଆଣ୍ଟ ନଦୀ ପର୍ଯ୍ୟନ୍ତ ବଡ଼ ଦଣ୍ଡାରେ ମାଟି ପକାଇ ରୋଡ଼ ପକାଇ ଅଛନ୍ତି । ଗ୍ରାମର ପୂର୍ବ ମୁଣ୍ଡରୁ ଶଙ୍ଖମୁଣ୍ଡା କଣ୍ଟାବଣି ପର୍ଯ୍ୟନ୍ତ ସାନଗୋରଡ଼ା, ଭାଲିଆଡିହି ଯାଇଥିବା ରୋଡ଼ରେ ବ୍ଲକ୍‌ରୁ ଟଙ୍କା ଆଣି ପଞ୍ଚାୟତ ରୋଡ଼ ପକାଇ ଅଛନ୍ତି । ସ.ନ. ୧୯୭୫ ମସିହାରେ "କୃଷକ ବନ୍ଧୁ ପାଠାଗାରର ଉତ୍ତର ଦଣ୍ଡାରେ ବନ୍ଧ ପକାଇ ସାଉକାରଙ୍କ ମାଆ କୁବେର ଲୋକନାଥଙ୍କ ସ୍ତ୍ରୀ ଟଙ୍କା ଲଗାଇ ପୋଖରୀଟିଏ କରିଛନ୍ତି । ତେଣୁ ସେହି ପୋଖରୀର ନାମ "ବୁଢ଼ୀ ପୋଖରୀ" ଦିଆ ହୋଇଛି । ବାଉଁଶିଆର ଜଣେ ଲୋକ ଶରଣକୂଳ ଲଡୁବାବାଙ୍କର ପରୀକ୍ଷା ଥିଲେ । ସେ ପୋଖରୀଟିଏ

Digitized by srujanika@gmail.com

ଖୋଳାଇଥିଲେ । ତାଙ୍କ ନାମାନୁଯାୟୀ ସେହି ପୋଖରୀର ନାମ "ପରୀକ୍ଷା ପୋଖରୀ" ରଖାଗଲା । ଆସ୍ତେ ଆସ୍ତେ ସେ ପୋଖରୀଟି ପୋତି ହୋଇଗଲା । କାଳକ୍ରମେ ଡିମିଶର ପଞ୍ଚାୟତ ସେ ପୋଖରୀଟିକୁ ହାତକୁ ନେଲେ ଓ ମାଟି ଖୋଳାଇଲେ । ବର୍ତ୍ତମାନ ସେ ପୋଖରୀରେ ପଞ୍ଚାୟତ ତରଫରୁ ମାଛ ଚାଷ ହେଉଅଛି । ବଡ଼ଗୋରଡ଼ାର ପୂର୍ବ ଉତ୍ତର କୋଣରେ ସାନ ଗୋରଡ଼ା ସରହଦକୁ ଲାଗି, ପଦ୍ମପୋଖରୀ ନାମରେ ଏକ ପୋଖରୀ ଅଛି । ସେ ପୋଖରୀଟିକୁ କିଏ କେତେବେଳେ ଖୋଳାଇ ଥିଲେ ତାର ରେକର୍ଡ଼ ନାହିଁ । କିନ୍ତୁ ବର୍ତ୍ତମାନ ପଞ୍ଚାୟତ ସେ ପୋଖରୀକୁ ହାତକୁ ନେଇ ମାଛ ଚାଷ କରୁଛନ୍ତି । ତା ୧/୬/୯୧ ରିଖ ଦିନ ପରୀକ୍ଷା ପୋଖରୀରେ ଭାଗବତ ଘର କାନ୍ଥକୁ ଲାଗି ଗୋଟିଏ ଗାଧୁଆ ତୋଠ ବ୍ରଜବନ୍ଧୁ ପ୍ରଧାନ ଜନତା ସର୍କାରଙ୍କ ଠାରୁ ବ୍ଲକ୍‌ରୁ ଟଙ୍କା ଆଣି ତୋଠଟିକୁ ତିଆରି କରିଛନ୍ତି । ତ୍ରିନାଥ ପରିଡ଼ା କଣ୍ଟ୍ରାକ୍ଟର ନେଇ କାମ କରାଇଥିଲେ ।

ବଡ଼ଗୋରଡ଼ା ଗ୍ରାମର ଭାଗବତ ଘର

ବଡ଼ଗୋରଡ଼ା ମୌଜାର ମଧ ଭାଗରେ ପଶ୍ଚିମ ପାଖେ ଓ ପୂର୍ବପାଖରେ ଦୁଇଟି ଭାଗବତ ଘର ଅଛି । ଏହି ଦୁଇଟି ଭାଗବତ ଘର କେଉଁ ମସିହା ଓ କେଉଁ ପୂର୍ବ ପୁରୁଷରୁ ଅଛି । ମଧ ପିଠରେ ଚାଳଘର ତିଆରି ହୋଇଅଛି । ଆମେ ଦେଖିବାରେ ଦୁଇଥର ଘର ପୋଡ଼ିରେ ଚାଳପୋଡ଼ିଯିବାରୁ ନୂତନ ଚାଳ ତିଆରି ହେଉଅଛି । ଭାଗବତ ଠାକୁରଙ୍କ ନାମରେ ଜମି ଖଞ୍ଜା ଅଛି । ସେହି ଜମିର ଭାଗଚାଷୀ ଭାଗନେଇ ଠାକୁରଙ୍କ ଭାଗରେ ଠାକୁରଙ୍କର ନିତିକାନ୍ତି ଚଳି ଆସୁଅଛି ଓ ଅନ୍ୟାନ୍ୟ କୋଠ କାମ ଚଳୁଛି । ଉକ୍ତ ଜମି ଗ୍ରାମର ଅଧିନରେ ଅଛି । ପ୍ରତିବର୍ଷ ନିଲାମ ଇଜିରା ଦିଆଯାଉଛି । ବାଉତି ଠାକୁରାଣୀଙ୍କର ନିଜ ଜମି କଇଁଖାଲ, ମୌଜାର ଅଧିନରେ ଅଛି । ସେହି ଜମି ମଧ ପ୍ରତିବର୍ଷ ଇଜିରା ଭାଗ ଲାଗେ । ତହିଁରୁ ଯାହା ଭାଗ ମିଳେ ତାହା ମୌଜାର କୋଠକାମରେ ଲାଗେ । ସ.ନ. ୧୯୮୬ ମସିହାରେ ପୂର୍ବପଟ ସାହି ଭାଗବତ ଘର ଚାଳ ଭାଙ୍ଗି ପତନ ହୋଇଗଲା । ୧୯୮୭ ମସିହାରେ ଭାଗବତ ଘରର ପୁନରୁଦ୍ଧାର ପାଇଁ ସଉରୀ ଭଟ୍ଟ ସେହି ସାହିକୁ ଯାଇ ସନ୍ତୋଷ ଦୋରା ଓ ଅନ୍ୟ କେତେ ଜଣଙ୍କୁ କହିଲେ । ସେମାନେ ସଉରୀ ଭଟ୍ଟଙ୍କୁ ଭାଗବତ ଘରଟି ତିଆରି କରିବା ପାଇଁ କହିଲେ । ତେଣୁ ସଉରୀ ଭଟ୍ଟ କହିଲେ ଯେ "ତୁମେ ସାହିଯାକ ମୋତେ ଖଣ୍ଡେ ଲିଖିତ ଆକାରରେ ଦିଅ ।" ସେମାନେ କଥା ଦେଇ ଆଉ ଲିଖିତ ଆକାରରେ ଦେଲେ ନାହିଁ ।

୧/୪/୯୩ ଦିନ ପୂର୍ବପଟ ସାହିଯାକ ମିଶି ଭାଗବତ ଘରଟିକୁ ମୂଳରୁ ଖୋଳି

Digitized by srujanika@gmail.com

ପୁନାଦି ପକାଇ ଘର ତିଆରି ଆରମ୍ଭ କରିଛନ୍ତି । ୨୫/୯/୯୩ ତାରିଖ ସୁଦ୍ଧା ଛାତ ପକାଇଛନ୍ତି । ଉପର ଛାତ ପଡ଼ିନାହିଁ ।

୨୭/୯/୯୩ ତାରିଖରେ ପଶ୍ଚିମ ପଟ ସାହିର ଭାଗବତ ଘର ତିଆରି ଛାତ ସହିତ ପୂର୍ଣ୍ଣ କରି ଘରେ ହୁମ କରି ଠାକୁର ବସାଇଥିଲେ ।

୧୫/୧୦/୯୪ ତାରିଖରେ ପୂର୍ବପଟ ଭାଗବତ ଘରଟିକୁ ଛାତ ପକାଇ ଦେଲେ । ତାପରେ ଘର ପଲସ୍ତରା କାମ କଲେ ।

୨୯/୧୦/୯୫ ତାରିଖରେ ପୁରି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଆସିଥିଲେ, ଘର ପ୍ରତିଷ୍ଠା ହେଲା ଓ ରାଧାକୃଷ୍ଣ ମୂର୍ତ୍ତି ବସାଇ ତାହା ଉଦ୍‌ଘାଟନ କରିଥିଲେ । ଆଖପାଖରୁ ପ୍ରାୟ ୧୦,୦୦୦ ହଜାର ଲୋକ ମହାରାଜାଙ୍କୁ ଦେଖିବା ପାଇଁ ଆସିଥିଲେ ।

ତୋଟାସାହି ଭାଗବତ ଘର

ସ.ନ. ୧୯୬୦ ମସିହାରେ ବଡ଼ଗୋରଡ଼ା ମୌଜାରୁ ଉଠିଆସିଥିବା ଲୋକମାନେ ଗୋଟିଏ ଛଳଘର ତିଆରି କରି ସଂକୀର୍ତ୍ତନ ମେଳ ଆରମ୍ଭ କଲେ । ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଅଧିକାରୀ, ସଉରି ଭଟ୍ଟ ସଭାପତିତ୍ୱରେ କୀର୍ତ୍ତନ ମଣ୍ଡଳି ଚାଲୁଥିଲା । ସ.ନ. ୧୯୬୨ ମସିହାରେ କ୍ଷେତ୍ରମୋହନ ମହାପାତ୍ର ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଓ ସଉରୀ ଭଟ୍ଟଙ୍କ ସହଯୋଗରେ ତୋଟା ସାହି ଯାକ ମିଶି ସେହି ଛଳଘରଟିରେ ଭାଗବତ ଗାଦିସ୍ଥାପନ କରାଗଲା । ସ.ନ. ୧୯୬୭ ମସିହା ତା ୧୨/୪/୬୭ରିଖରେ ସେହି ଛଳଘର ଭଙ୍ଗା ହୋଇ ପକାଘର କରିବା ପାଇଁ ଶୁଭ ପଡ଼ିଲା । ପକାଘର ତିଆରି କରିବା ପାଇଁ ତୋଟା ସାହିଯାକ ଅର୍ଥ ଚାନ୍ଦା, ଶଗଡ଼ ହଳ ସାହାଯ୍ୟ ଓ ମଣିଷ ପାଳିଦେଲେ । ସଉରୀ ଭଟ୍ଟ, ଲିଙ୍ଗରାଜ ଦୋରା ଓ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ । ଠାକୁରଘର ତିଆରି ପାଇଁ ଠାକୁରଙ୍କ ଗାଦି ସଉରୀ ଭଟ୍ଟଙ୍କ ଘରକୁ ନେଇଥିଲେ । ଘରତୋଳା ୪ ମାସରେ ଶେଷ କରି ତା ୨୮/୮/୬୭ ରିଖ ଦିନ ଘର ପ୍ରତିଷ୍ଠା କରି ଠାକୁରଙ୍କ ଭାଗବତ ମନ୍ଦିରକୁ ଆଣିଲେ । ଘର ତିଆରି କରିବା ଖର୍ଚ୍ଚ ପାଇଁ ବଡ଼ଗୋରଡ଼ା ଗ୍ରାମ କୋଠରୁ ୫୦୦ଟଙ୍କା ଆସିଥିଲା । ତୋଟାସାହି ଚାନ୍ଦା ଦେବାପରେ ଖର୍ଚ୍ଚକୁ ଟଙ୍କା ନିଅଣ୍ଟ ହେବାରୁ ସଉରୀ ଭଟ୍ଟ ତାଙ୍କ ନିଜ ଘରୁ ୧୦୩୩.୫୦ଟଙ୍କା ଦେଇ ଘରଟିର ସମସ୍ତ କାମ ଶେଷ କରିଥିଲେ । ସ.ନ. ୧୯୬୭ ମସିହା ଠାରୁ କିର୍ତ୍ତନ ମଣ୍ଡଳିର ଯେଉଁଦ୍ୱାର ବିଦାକି ଦୁଇଟଙ୍କା, ତିନିଟଙ୍କା, ଏକ ଟଙ୍କା ବିଦାକି ମିଳେ ତାହା ସଉରୀ ଭଟ୍ଟଙ୍କର ପାଖରେ ଜମା ରହେ । ସେହି

Digitized by srujanika@gmail.com

ଟଙ୍କାକୁ ସୁଧ ବଢ଼ାଇ ସ.ନ. ୧୯୭୯ ମସିହାକୁ ସଉରୀ ଭଟ୍ଟ ୧୦୦୦ଟଙ୍କା କରିଥିଲେ । ସେହି ଟଙ୍କା ଖର୍ଚ୍ଚ କରି ଭାଗବତ ଘର ଉପର ଥଣ୍ଡା ବନ୍ଧା ପଡ଼ିଛି । ଛାତ ତଳ ପଲସ୍ତରା ହେବା ପାଇଁ ସ୍ଥିର ହୋଇଛି । ଭାଗବତ ଗାଦି ଆରମ୍ଭ ହେଲା ଦିନ ଠାରୁ ଅର୍ଜୁନ ଭଟ୍ଟ ତାଙ୍କ ନିଜ ଖର୍ଚ୍ଚରୁ ତେଲ ଦେଇ ଭାଗବତ ପାଠ ପ୍ରତିଦିନ ସନ୍ଧ୍ୟାବେଳେ ପୁରାଣ ଅଧ୍ୟାୟ ପଢ଼ନ୍ତି । ଆଜିସୁଦ୍ଧା କିର୍ତ୍ତନ ମଣ୍ଡଳି ପିଲାମାନେ ସଂକିର୍ତ୍ତନ କରି ଚାଲିଛନ୍ତି । ଛୋଟ ଖାତାରେ ପ୍ରତ୍ୟେକ ଉଲ୍ଲେଖ ଅଛି ।

ତୋଟା ସାହି ଭାଗବତ ତିଆରି କରିବା ପାଇଁ ମୋଟ ଟଙ୍କା ଟ.୨୬୨୭

ଗ୍ରାମକୋଠରୁ ଓ ସମସ୍ତ ଚାନ୍ଦା ଆଦାୟ ହେଲା ମୋଟ ଟଙ୍କା ଟ.୧୫୯୫.୫୦

୧୦୩୩.୫୦ ଟଙ୍କା ନିଅଣ୍ଟ ପଡ଼ିବାରୁ ତାହା ସଉରୀ ଭଟ୍ଟ ନିଜ ଘରୁ ଦେଲେ ।

୨୫/୭/୯୪ ଦିନ ଭାଗବତ ଘର ଛାତ ସାମନାରେ ରାମ ଲକ୍ଷ୍ମଣ ସୀତା ହନୁମାନ ଏହି ଚାରି ମୂର୍ତ୍ତି ଶ୍ରୀ ସଉରୀ ଭଟ୍ଟ ନିଜ ଖର୍ଚ୍ଚରେ ବସାଇଛନ୍ତି । ଖର୍ଚ୍ଚ ୧୦୦୭ଟଙ୍କା ହୋଇଥିଲା ।

ବଡ଼ଗୋରଡ଼ା ସେବା ସମବାୟ ସମିତି ଘର ତିଆରି

୧୯୪୯ ମସିହାରେ ଆମ୍ଭ ବଡ଼ଗୋରଡ଼ାରେ ସେବା ସମବାୟ ସମିତି କୃଷ୍ଣଚନ୍ଦ୍ର ଦୋରାଙ୍କ ସଭା ପତିତ୍ୱରେ ଆରମ୍ଭ ହୋଇଥିଲା । ୧୯୫୯ ମସିହାରେ ଅଗାଧୁ ଦୋରା ସଭାପତି ହେଲେ । ୧୯୬୭ ମସିହାରେ ସେବା ସମବାୟ ସମିତିରେ ଆଙ୍ଗିସିଙ୍ଗ, ସାନଗୋରଡ଼ା ସମିତି ଭାଙ୍ଗିଯାଇ ବଡ଼ଗୋରଡ଼ାରେ ବଡ଼ ସମିତି ହେଲା । ଆଗରୁ ୧୯୪୯ ମସିହାଠାରୁ ଧୁସୁମା ମୌଜା ବଡ଼ଗୋରଡ଼ା ସମିତିରେ ମିଶିଥିଲା । ୧୯୬୭ ମସିହାରେ ଜୟକୃଷ୍ଣ ପରିଡ଼ା ସେକ୍ରେଟାରୀ ଭାବେ ନିଯୁକ୍ତ ହେଲେ । ୧୯୬୯ ମସିହାରେ ଚାରିଗୋଟି ମୌଜାର ମେମ୍ବରଙ୍କ ନିର୍ଦ୍ଦେଶରେ ଶ୍ରୀ ସଉରୀ ଭଟ୍ଟ ସଭାପତି ହେଲେ । ଭଟ୍ଟଙ୍କ ନିଯୁକ୍ତି ହେବା ପରେ ସମିତିର ଘର ଦରକାର ପଡ଼ିଲା । ତେଣୁ ଭଟ୍ଟ ମହାଶୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ସଡ଼କ କାନ୍ଥରେ ଜମି କିଣି ସୋସାଇଟି ନାମରେ ରେଜେଷ୍ଟ୍ରି କଲେ । ଆସିଷ୍ଟାଣ୍ଟ ରେଜିଷ୍ଟାର ଖୋର୍ଦ୍ଧା ଓ ଡିରେକ୍ଟର କଟକକୁ ଯାଇ ସୋସାଇଟି ଘର ତିଆରି କରିବା ପାଇଁ ୧୫,୦୦୦/-ଟଙ୍କା ଆଣିଲେ । ଉକ୍ତ ଟଙ୍କା ମଞ୍ଜୁରୀ ହେଲାବେଳକୁ ସଉରୀ ଭଟ୍ଟଙ୍କର ଦୁଇଟି ଇଲେକ୍‌ସନ୍ ଶେଷ ହୋଇଗଲା । ୧୯୭୫ ମସିହାରେ ନୂତନ ସଭାପତି ଶ୍ରୀ ଲିଙ୍ଗରାଜ ଦୋରା ହେଲେ । ଉକ୍ତ ଟଙ୍କା ଖର୍ଚ୍ଚ କରି ଜୟକୃଷ୍ଣ ପରିଡ଼ା ଓ

Digitized by srujanika@gmail.com

ଲିଙ୍ଗରାଜ ଦୋରା ସୋସାଇଟି ଘର ତିଆରି କଲେ । ଘରଟି ୧୯୭୬ ମସିହାରେ ପ୍ରତିଷ୍ଠା ହୋଇ ସମିତିର ଟଙ୍କା, ସାର, ଲୁଗା, ଚିନି, ତେଲ, ଘିଅ ଇତ୍ୟାଦି ମେମ୍ବର ମାନଙ୍କୁ ଦିଆଯାଉଛି । ୧୯୭୯ ମସିହାକୁ ଲିଙ୍ଗରାଜ ଦୋରା ସଭାପତି, ବ୍ରଜବନ୍ଧୁ ମହାପାତ୍ର ଆସିଷ୍ଟାଣ୍ଡ ସେକ୍ରେଟାରୀ ଅଛନ୍ତି । ୧୯୮୧ ମସିହାରେ ମଧୁସୁଦନ ଦାଶ ଆଙ୍ଗିସିଙ୍ଗ ମଠ ବାବାଜି ସଭାପତି ରହିଲେ । ୧୯୮୮ ମସିହାରେ ସୁବାସ ପ୍ରଧାନ ସଭାପତି ରହିଲେ । ୧୯୮୯ ମସିହାରେ ସର୍କାର ଋଷି କୃଷିଋଣ ୧୦,୦୦୦/- ଟଙ୍କା ଛାଡ଼ କରିବା ପାଇଁ ଜନତା ସରକାର ଶୁଣାଇଲେ, ତେଣୁ ଟଙ୍କା ନେଣ ଦେଣ ବନ୍ଦ ରହିଲା ।

ବଡ଼ଗୋରଡ଼ା ଉ:ପ୍ରା: ସ୍କୁଲ ଘର

କେଉଁ ପୂର୍ବ ପୁରୁଷରୁ ଆମେ ଶୁଣିବାକୁ ପାଉ ଯେ, ଆମ ବଡ଼ଗୋରଡ଼ା ମୌଜାରେ ଚଟଶାଳି ଘରେ କ୍ଷେତ୍ରମୋହନ ମହାପାତ୍ର ଅଗାଧୁ ଦୋରାଙ୍କ ସମୟେ ପାଠ ପଢ଼ା ହେଉଥିଲା । ୧୯୦୫ ମସିହାରେ ଆଙ୍ଗିସିଙ୍ଗି ସରହଦରେ ଶିଶୁ ବିଦ୍ୟାଳୟ ସ୍କୁଲ ଘରତିଆରି ହୋଇ ସେଥିରେ ଧୁସୁମା ଆଙ୍ଗିସିଙ୍ଗ, ବଡ଼ଗୋରଡ଼ାର ପିଲାମାନେ, ଶିଶୁ, ପ୍ରଥମ ଶ୍ରେଣୀ ପାଠ ପଢ଼ନ୍ତି । ବଡ଼ଗୋରଡ଼ାର ସହଯୋଗ ଥିବାରୁ ସ୍କୁଲର ନାମ ବଡ଼ଗୋରଡ଼ା ଶିଶୁବିଦ୍ୟାଳୟ ହେଲା । ବଡ଼ଗୋରଡ଼ା ପିଲାମାନେ ସାନଗୋରଡ଼ା ଲୋଏର ପ୍ରାଇମେରୀ ଦ୍ବିତୀୟ ଚତୁର୍ଥ ଶ୍ରେଣୀ ପାଠ ପଢ଼ିବା ପାଇଁ ଯାଆନ୍ତି । ଧୁସୁମା ଆଙ୍ଗିସିଙ୍ଗ ପିଲାମାନେ ଶିଖରପୁର ଦ୍ବିତୀୟ ଚତୁର୍ଥ ଶ୍ରେଣୀ ପଢ଼ିବା ପାଇଁ ଯାଆନ୍ତି । ୧୯୪୭ ମସିହାରେ ଭାରତ ସ୍ୱାଧିନ ପାଇବାରେ ବଡ଼ଗୋରଡ଼ା ସ୍କୁଲ ଲୋୟର ପ୍ରାଇମେରୀ ପରିଣତ ହେଲା । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲରେ ପାଞ୍ଚଟି ଘର ଖୋଲା ହେଲା । ସ୍କୁଲର ସଭାପତି କ୍ଷେତ୍ରମୋହନ ମହାପାତ୍ର ଥିଲେ । ଉକ୍ତ ମହାପାତ୍ର ୧୯୭୩ ମସିହାରେ ମରିଗଲେ । ସେହିଦିନଠାରୁ ତିନିବର୍ଷକୁ ଥରେ ନୂତନ ସଭାପତି ବଛା ହେଉଛନ୍ତି ।

୧୯୮୫ ମସିହାରେ ଶ୍ରୀ ସଉରୀ ଭଟ୍ଟ ସ୍କୁଲ ନାମରେ ୧୦,୦୦୦ଟଙ୍କା ବ୍ୟାଙ୍କରେ ବାନ୍ଧିଛନ୍ତି । ୧୯୯୦ ମସିହାରେ ପୁଣି ୫୦୦୫ଟଙ୍କା ବାନ୍ଧିଦେଲେ । ଏପରିକି ସେ ସ୍କୁଲ ନାମରେ ୧୫,୦୧୫ଟଙ୍କା ବ୍ୟାଙ୍କରେ ବାନ୍ଧିଛନ୍ତି । ସେହି ଟଙ୍କାର ସୁଧ ଟଙ୍କାରେ ଗରିବ ପିଲା ଓ ମେଧାବି ପିଲାଙ୍କୁ ବହି, ଖାତା, ପ୍ୟାଣ୍ଟ, ସାର୍ଟ ପୁରସ୍କାର ଦିଆଯାଉଛି । ସମସ୍ତ ପିଲାଙ୍କୁ ବାଲ୍ୟଲୀଳା ହୋଇ ଡାଲି ଭାତ ଭୋଜି ଦିଆହେଉଛି । ସେହି ଡାଲି ଚାଉଳ ସମସ୍ତ ଶ୍ରୀ ସଉରୀ ଭଟ୍ଟ ତାଙ୍କ ଘରୁ ଦେଉଛନ୍ତି । ୧୯୯୦ ମସିହାରେ

Digitized by srujanika@gmail.com

ଆଙ୍ଗିସିଙ୍ଗ ମୌଜା ତାଙ୍କ ନିଜଗ୍ରାମରେ ଏକ ଲୋଏର ପ୍ରାଇମେରୀ ସ୍କୁଲ ଘର ତିଆରି କଲେ । ଅପର ପ୍ରାଇମେରୀ ପାଇଁ ଆଙ୍ଗିସିଙ୍ଗରୁ ପିଲା ବଡ଼ଗୋରଡ଼ା ଉ.ପ୍ରା. ସ୍କୁଲକୁ ପଢ଼ିବାକୁ ଆସୁଛନ୍ତି । ବଡ଼ଗୋରଡ଼ା ଉ.ପ୍ରା. ସ୍କୁଲଟି ବଡ଼ଗୋରଡ଼ା ମ୍ୟାନେଜିଙ୍ଗ୍ କମିଟି ଅଧିନରେ ରହିଲା । ତେଣୁ ୧୩.୧.୯୩ ତାରିଖ ଦିନ ବଡ଼ଗୋରଡ଼ାରୁ ମ୍ୟାନେଜିଙ୍ଗ କମିଟି ବନ୍ଧାହୋଇ ବଡ଼ଗୋରଡ଼ାର ଶ୍ରୀ ବାଲୁଙ୍କେଶ୍ୱର ପ୍ରଧାନ ସଭାପତି, ତିନିଜଣ ୱାର୍ଡ଼ମେମ୍ବର ଓ ପାଞ୍ଚ ଜଣ ପିଲାଙ୍କ ଅଭିଭାବକ ମ୍ୟାନେଜିଙ୍ଗ କମିଟିରେ ରହିଲେ । ୨୫.୩.୯୪ତାରିଖ ଦିନ ଶ୍ରୀ ସଉରୀ ଭଟ୍ଟ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ବାଳକୃଷ୍ଣ ଦାଶଙ୍କୁ ୩,୧୨୦ଟଙ୍କା ଦେଲେ ଓ କହିଲେ ଏହି ଟଙ୍କା ଶତକଡ଼ା ଦୁଇ ଟଙ୍କାରେ ସୁଧ ଲଗାଇ ସୁଧ ସହିତ ୧୯୯୬ ମସିହା ଜୁଲାଇ ମାସରେ ବନ୍ଧା ହୋଇଥିବା ୧୫,୦୧୫/-ଟଙ୍କା ମିଶାଇ ୫,୦୦୫/-ଟଙ୍କା ମୋଟ ୨୦,୦୨୦/-ଟଙ୍କା କରି ସ୍କୁଲ କାମରେ ବାନ୍ଧିଦେଲେ ।

ବଡ଼ଗୋରଡ଼ା ଆଙ୍ଗିସିଙ୍ଗ ସହଯୋଗ ମଧ ଇଂରାଜି ବିଦ୍ୟାଳୟ

୧୯୭୪ ମସିହାରେ ବଡ଼ଗୋରଡ଼ା ଓ ଆଙ୍ଗିସିଙ୍ଗ ମିଶି ସ୍କୁଲ ତିଆରି କଲେ । ସ୍କୁଲର ନାମକରଣ ବଡ଼ଗୋରଡ଼ା ଆଙ୍ଗିସିଙ୍ଗ ସହଯୋଗ ମାଇନର ସ୍କୁଲ ଦିଆଗଲା । ବଡ଼ଗୋରଡ଼ା ମୌଜାର ଶ୍ରୀ ସଉରୀ ଭଟ୍ଟ, କିର୍ତ୍ତୀଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଦୋରା, ଆନନ୍ଦଚନ୍ଦ୍ର ସ୍ୱାଇଁ ସେକ୍ରେଟାରୀ, ଆଙ୍ଗିସିଙ୍ଗର ପଦ୍ମନାଭ ସୁବୁଦ୍ଧି, ଜଳଧର ପ୍ରଧାନ ଓ ଦାମୋଦର ମହାପାତ୍ର ସ୍କୁଲର ପରିଚାଳନା ବୋର୍ଡ଼ର ସଭ୍ୟ ୭ଜଣ ରହିଲେ । ଶ୍ରୀ ସଉରୀ ଭଟ୍ଟ ସଭାପତି ରହିଲେ । ସଉରୀ ଭଟ୍ଟଙ୍କ ଦାୟୀତ୍ୱରେ ଦୁଇଗ୍ରାମର କୋଠ ଟଙ୍କା ଖର୍ଚ୍ଚ ହୋଇ ସ୍କୁଲ ଘର ତିଆରି ହୋଇ ବେଙ୍ଗଲ ଟାଇଲି ଛପର ହେଲା । ସ୍କୁଲଟି ଦୁଇ ବର୍ଷଚଳିବା ପରେ ସରକାର ଗ୍ରାଣ୍ଟ କରି ହାତକୁ ନେଲେ । ଶିକ୍ଷକ ତିନିଜଣ ରହିଲେ ଯଥା : ପ୍ରଧାନ ଶିକ୍ଷକ ଶ୍ରୀ ଶିବଶଙ୍କର ମିଶ୍ର, ଶ୍ରୀ ପ୍ରସନ୍ନ କୁମାର ପାଣି, କୈଳାସ ଚନ୍ଦ୍ର ପଟ୍ଟନାୟକ, ଅଲେଖ ବାରିଖ ପିଅନ ହୋଇ ସ୍କୁଲରେ ପାଠ ପଢ଼ାନ୍ତି ଓ ସରକାରଙ୍କ ଠାରୁ ଦରମା ପାଆନ୍ତି ।

୨୧/୧୨/୭୯ ତାରିଖରେ ଶ୍ରୀ ସଉରୀ ଭଟ୍ଟ ପ୍ରକାଶ କଲେ ।

କୁବେର ଲୋକନାଥ ହାଇସ୍କୁଲ ବଡ଼ଗୋରଡ଼ା

୧୯୮୧ ମସିହାରେ ହାଇସ୍କୁଲ ତିଆରି ହେଲା । ୮/୫/୮୧ତାରିଖ ଦିନ ବ୍ରଜବନ୍ଧୁ ପ୍ରଧାନ ବଡ଼ଗୋରଡ଼ା ଓ ବାଳକୃଷ୍ଣ ଦାସ, ଆଙ୍ଗିସିଙ୍ଗଙ୍କ ସହଯୋଗରେ ପୁଆଁଣିଆ,

Digitized by srujanika@gmail.com

ଆଙ୍ଗିସିଙ୍ଗ, ଧୁସୁମା, ବଡ଼ଗୋରଡ଼ା, ସାନଗୋରଡ଼ା ଏହି ପାଞ୍ଚଟି ମୌଜାର ଲୋକ ଆସି ବଡ଼ଗୋରଡ଼ା ଉ.ପ୍ରା. ସ୍କୁଲଠାରେ ଗୋଟିଏ ସଭା ହେଲା । ସେହି ସଭାରେ ପ୍ରସ୍ତାବ ହୋଇ ସ୍କୁଲ ପାଇଁ ଠିକ କରାଗଲା । ଉକ୍ତ ସଭାରେ ରାହାସ ସାହୁ, ସା:ଧୁସୁମା, ସଭାପତି ହୋଇଥିଲେ ଓ ଗଙ୍ଗାଧର ଭଞ୍ଜ, ପି: ସଉରୀ ଭଞ୍ଜ ଜମି ହାଇସ୍କୁଲକୁ ଦେବାପାଇଁ ବାର ଡିସିମିଲ ଅଧେ ପ୍ରସ୍ତାବ ଦେଇଥିଲେ । ତା'ପରେ ଦ୍ୱିତୀୟ ସଭାରେ ବାଳକୃଷ୍ଣ ଦାସ ପ୍ରଶ୍ନ କଲେ ଯେ କେଉଁ ବ୍ୟକ୍ତି କିଛି ସାହାଯ୍ୟ ଦେଇ ତାଙ୍କ ନାମକରଣ ନିଅନ୍ତେ । ତେଣୁ ଗଙ୍ଗାଧର ଭଞ୍ଜ ୫୦% ଦେଇ ନାମକରଣ ନେବାପାଇଁ ପ୍ରସ୍ତାବ ଦେଲେ । କିନ୍ତୁ ପାଞ୍ଚଖଣ୍ଡ ମୌଜାର ଭଦ୍ରଲୋକ ବିଚାର କରି ଲଡୁକିଶ୍ୱର ପ୍ରଧାନ ଓ କିର୍ତ୍ତିଚନ୍ଦ୍ର ପ୍ରଧାନଙ୍କ ଦ୍ୱାରକୁ ଯାଇ ତାଙ୍କୁ କହିବାରେ ଉକ୍ତ ସାହୁକାରେ ୭୫% ଦେଇ "କୁବେର ଲୋକନାଥ ଉଚ୍ଚ ବିଦ୍ୟାଳୟ, ବଡ଼ଗୋରଡ଼ା" ନାମକରଣ ଦେବାପାଇଁ କହିଲେ । ସେହି ପ୍ରସ୍ତାବ ଗ୍ରହଣ କରାଗଲା । ୨୩/୬/୮୧ ତାରିଖରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାହେଲା । ୧୯/୬/୮୧ ତାରିଖ ଦିନ ଘର ହେବା ପାଇଁ ଲଡୁକିଶୋର ପ୍ରଧାନ ଶୁଭ ଦେଲେ । ୧୯/୭/୮୧ ତାରିକ ଦିନ ସାଧାରଣ ସଭା ହୋଇଥିଲା । ସଭାକୁ ଏମ୍.ଏ.ଏଲ୍. ରମାକାନ୍ତ ମିଶ୍ର ଓ ବି.ଡ଼ି.ଓ. ସହିତ ଅନ୍ୟ ଭଦ୍ର ବ୍ୟକ୍ତିମାନେ ଆସିଥିଲେ । ଶ୍ରୀ ସଉରୀ ଭଞ୍ଜ କୁବେର ଲୋକନାଥ ଉଚ୍ଚ ବିଦ୍ୟାଳୟ ନାମରେ ତାଙ୍କ ନିଜ ଜମିରୁ ଏ୦.୧୨ ଡିସିମିଲ୍ ଜମି ରେଜିଷ୍ଟ୍ରି କରି ଦେଇଛନ୍ତି ।

ସ୍କୁଲ ସଭାପତି	ଶ୍ରୀ ଚୈତନ ପାତ୍ର	ସ: ପୁଆଣିଆ
ସ୍କୁଲ ସମ୍ପାଦକ	ଶ୍ରୀ ଶରତ ଚନ୍ଦ୍ର ପ୍ରଧାନ	ସା : ବଡ଼ଗୋରଡ଼ା
ସ୍କୁଲ ସଭ୍ୟ	ଶ୍ରୀ ଗଙ୍ଗାଧର ଭଞ୍ଜ	ସା: ବଡ଼ଗୋରଡ଼ା
ସ୍କୁଲ ସଭ୍ୟ	ଶ୍ରୀ ଲିଙ୍ଗରାଜ ଦୋରା	ସା : ବଡ଼ଗୋରଡ଼ା
ସ୍କୁଲ ସଭ୍ୟ	ଶ୍ରୀ ହରିହର ପ୍ରଧାନ	ସା : ସାନଗୋରଡ଼ା
ସ୍କୁଲ ସଭ୍ୟ	ଶ୍ରୀ ଉଦ୍ୟନାଥ କର	ସା : ସାନଗୋରଡ଼ା
ସ୍କୁଲ ସଭ୍ୟ	ଶ୍ରୀ ମଧୁସୁଦନ ଦାଶ	ସା : ଆଙ୍ଗିସିଙ୍ଗ
ସ୍କୁଲ ସଭ୍ୟ	ଶ୍ରୀ ଦାମୋଦର ମହାପାତ୍ର	ସା : ଆଙ୍ଗିସିଙ୍ଗ
ସ୍କୁଲ ସଭ୍ୟ	ଶ୍ରୀ ହରିହର ସାହୁ	ସା : ଧୁସୁମା
ସ୍କୁଲ ସଭ୍ୟ	ଶ୍ରୀ ତ୍ରିନାଥ ବରାଡ଼	ସା : ଧୁସୁମା

Digitized by srujanika@gmail.com

ପାଠ ପଢ଼ାଇବା ପାଇଁ ୪ଜଣ ଶିକ୍ଷକ ନିଯୁକ୍ତ ହେଲେ । ସେମାନେ ହେଲେ ପ୍ରଦୀପ୍ତ ପଟ୍ଟନାୟକ (ପୁଆଣିଆ), ବାଉରୀବନ୍ଧୁ ଭଟ୍ଟ (ବଡ଼ଗୋରଡ଼ା), ବ୍ରଜବନ୍ଧୁ ପ୍ରଧାନ (ବଡ଼ଗୋରଡ଼ା), ଶ୍ରୀ ରମେଶ ଚନ୍ଦ୍ର ରାଉତ ।

ଚୋଟାସାହି ଭାଗବତଘର ଠାରୁ ମୁଣ୍ଡିଆକୁ ରାସ୍ତା

ଭାଗବତ ଘର ଠାରୁ ବୃନ୍ଦାବନ ରାଉତଙ୍କ ଜମି ଦଳେଇ ଘର ସରହଦକୁ ଲାଗିଥିଲା । ତା'ପରେ ଲଡୁବାବାଙ୍କର ବଗାୟତ ଅଛି । କିନ୍ତୁ ବୃନ୍ଦାବନ ରାଉତଙ୍କ ଜମି ହରିକୃଷ୍ଣ ଦୋରା ବଦଳ ଆଣି ଘର ତିଆରି କଲେ । ୧୯୬୫ ମସିହାରେ ଉକ୍ତ ଦୋରା ଓ ହାତୀ ରାଉତ, ଭରତ ରାଉତ ମାନେ ଏ୦/୧ ଏକ ଡିସିମିଲି ଜାଗା ସର୍ବସାଧାରଣ ରାସ୍ତାପାଇଁ ଛାଡ଼ିଦେଲେ । ସେହି ଜାଗାରେ ସଉରୀଭଟ୍ଟଙ୍କ ସହିତ ତୋଟା ସାହିର ସମସ୍ତେ ମିଶି ଅଣ୍ଟେ କାଦୁଅ ହେଉଥିବାରୁ ମୁଣ୍ଡିଆରୁ ପଥର ଆଣି ଗୋବିନ୍ଦ ପାତ୍ର ଦ୍ୱାର ପର୍ଯ୍ୟନ୍ତ ରୋଡ୍‌କରି ପଥର ପକାଇଥିଲେ । ରୋଡ୍‌ରେ ଆଉ କାଦୁଅ ହେଉନଥିଲା । ୩୦/୧୨/୭୯ ତାରିଖ ଦିନ ହରିକୃଷ୍ଣ ଦୋରା ଦଳେଇ ଘର ସରହଦ ଠାରୁ ୧୪ ଫୁଟ ରାସ୍ତା ଛାଡ଼ି ପୁନାଦି ପକାଇବାକୁ ଖୋଳିଲାବେଳେ ସଉରୀ ଭଟ୍ଟ କହିଲେ ଆପଣ ଏ ରାସ୍ତା ଛାଡ଼ିଛନ୍ତି । ଆଉ ଦୁଇଫୁଟ ରାସ୍ତା ଦିଅନ୍ତୁ । ଉକ୍ତ ଭଟ୍ଟଙ୍କୁ ଦୋରା କହିଲେ ଯେ ଏହି ରାସ୍ତାରେ କାହାର ଆପତ୍ତି ନାହିଁ । ଗ୍ରାମର ଓ ଏ ସାହିର ଲୋକ କହୁଛନ୍ତି ଏ ରାସ୍ତା ସଉରୀ ଭଟ୍ଟ ତିଆରି କରିଛି ଓ ପଥର ପକାଇଛି । ତୁମେ ଟ୍ରକ ଯିବା ରାସ୍ତା ବନ୍ଦ କରି ଶଗଡ଼ ଯେତିକି ଯାଗାରେ ଯିବ ସେତିକି ଯାଗା ଛାଡ଼ି ଦିଅ । କିନ୍ତୁ ଦୋରା କାହାରି କଥା ନଶୁଣି ୧୪ ଫୁଟ ଯାଗା ରାସ୍ତା ପାଇଁ ଛାଡ଼ିଲେ । ଟ୍ରକ ଓ ହଳ ଶଗଡ଼ ଇତ୍ୟାଦି ଯିବାପାଇଁ ଗ୍ରାମର ଓ ଏ ତୋଟା ସାହିର କେହିହେଲେ କୌଣସି ଆପତ୍ତି କରି ନାହାନ୍ତି । ୪/୬/୮୭ତାରିଖରେ ହରିକୃଷ୍ଣ ଦୋରା ରାସ୍ତାର ପଶ୍ଚିମ ପଟରେ ରୋଡ୍‌ର ୧୦ଫୁଟ ଛାଡ଼ି ମାଙ୍କଡ଼ା ପଥର କାନ୍ଥ କରି ମାଟି ପକାଉଥିଲେ । ସେଠାରେ ବହୁତ ସରକାରୀ ଯାଗା ଅଛି । ତେଣୁ ତୋଟା ସାହି ଯାକ ଲୋକ ଆସି ମାଙ୍କଡ଼ା ପଥର ବାହାର କରି ମାଟି ବାହାର କରି ରାସ୍ତା ସଫାକରି ଦେଲେ । ରାସ୍ତାର ପୂର୍ବପଟ ମାଙ୍କଡ଼ା କାନ୍ଥ ସର୍କାରୀ ଯାଗାରେ ଅଛି । ଦୋରାବାବୁ ଯାଇ ଥାନାରେ ୧୨ଜଣଙ୍କ ନାମରେ କେଶ୍ କରିଛନ୍ତି । କେଶ୍‌ରେ ସାଇଯାକ ଜୟଯୁକ୍ତ ହେଲେ । ଦୋରା ବାବୁ କେସ୍‌ରେ ହାରିଲେ । ପୋତିଥିବା ରାସ୍ତାକୁ ସର୍ବସାଧାରଣଙ୍କୁ ଛାଡ଼ିଦେଲେ ।

ରାମଚଣ୍ଡୀ ମନ୍ଦିର

୧୯୮୩-୮୪ ମସିହାରେ ରାମଚଣ୍ଡୀ ମନ୍ଦିର ତିଆରି ହୋଇଛି । ଏଥିରେ

Digitized by srujanika@gmail.com

ଗ୍ରାମକୋଠ ଟଙ୍କା ଲାଗିଛି । ଗ୍ରାମର ସମସ୍ତ ଲୋକ ବେଠିରେ ଲାଗିଛନ୍ତି । ୨୦/୪/୮୪ ତାରିଖରେ ଜନ୍ତାଳ ହୋଇ ଠାକୁରାଣୀ ଗାଦିରେ ବସିବେ ବୋଲି ଠିକ୍ ହୋଇଛି । କିନ୍ତୁ ଉକ୍ତ ତାରିଖରେ ଠାକୁରାଣୀ ଘର ପ୍ରତିଷ୍ଠା ହେଲା । ଆଉ ଆଠ ଦିନ ପରେ କୋଗୁହାଁ ପାରି ସାଉକାରଙ୍କର ତୋଟାରେ ଗ୍ରାମର ସମସ୍ତ ଲୋକଙ୍କ ପାଇଁ ଜନ୍ତାଳ ଭୋଜି ହେଲା ।

କ୍ଷୀର ସୋସାଇଟ୍

୧୯୮୫-୮୬ ମସିହା ୨୧/୧/୮୬ ତାରିଖରେ ବଡ଼ଗୋରଡ଼ା ମୌଜାରେ କ୍ଷୀର ସୋସାଇଟ୍ ଆରମ୍ଭ ହେଲା । କେତେଜଣ ବ୍ୟକ୍ତି ଜର୍ସିଗାଈ ପୋଷିବାରୁ ସେହି କ୍ଷୀର ସୋସାଇଟ୍ କରି ସରକାର କ୍ଷୀରର ଉଚିତ୍ ମୂଲ୍ୟ ଦେଇ ଖରଦି କରିନେଲେ । ଉକ୍ତ ସୋସାଇଟ୍‌ରେ କେଦାର ମହାପାତ୍ର ସେକ୍ରେଟାରୀ ରହିଲେ ଓ ସୁବଳ ମାଝୀ ପିଅନ ହିସାବରେ ରହି କ୍ଷୀର ସରକାରଙ୍କର ତତ୍ତ୍ୱବଧାନରେ ଦେଇ ଟଙ୍କା ପଇସା ଆଣିଦେଲେ ।

ଧାଇ ସେଣ୍ଟର

୧୯୮୩ ମସିହାରେ ତୋଟାସାହି ଭାଗବତ ଘରଠାରେ ଧାଇ ସେଣ୍ଟର ଘର ତିଆରି ହୋଇଛି । ୧୯୮୬ ମସିହା ଜାନୁଆରୀ ମାସରୁ ଧାଇ ରହୁଛନ୍ତି ଓ ଗ୍ରାମରେ ପୋଲିଓ ଟୀକା ଇତ୍ୟାଦି ଦେଉଛନ୍ତି । ଡାକ୍ତରଖାନାରୁ ଔଷଧ ଆଣି ଲୋକଙ୍କୁ ଦେଉଛନ୍ତି ଓ ପରିବାର କଲ୍ୟାଣ ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉଛନ୍ତି । ଗ୍ରାମର ଜନସମାରୀ କରୁଛନ୍ତି ।

ବଡ଼ଗୋରଡ଼ାର ପୋଷ୍ଟ ଅଫିସ୍

୧୯୭୩ ମସିହାରୁ ବଡ଼ଗୋରଡ଼ାଠାରେ ପୋଷ୍ଟ ଅଫିସ୍ ହେବା ପାଇଁ କାଗଜ ପୁରୀ ଯାଇଥିଲା । କୌଣସି କାରଣବଶତଃ ୧୯୮୬-୮୭ ମସିହା ପର୍ଯ୍ୟନ୍ତ ପୋଷ୍ଟ ଅଫିସ୍ ହୋଇପାରିଲା ନାହିଁ । ୧୯୮୭ ମସିହାରେ ହରେକୃଷ୍ଣ ଦୋରାଙ୍କ ଉଦ୍ୟମରେ ଗୋଟିଏ ଚିଠିବାକ୍ସ ନେତ୍ରାସ୍ୱାଇଁ ଦ୍ୱାରେ ଲଟକା ହେଲା । ଉକ୍ତ ଦୋରାବାବୁ ପୋଷ୍ଟ ଅଫିସ୍ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି ।

ଲଡୁବାବାଙ୍କ ବଗାୟତରେ ନୂତନ ବୃକ୍ଷରୋପଣ

୧୯୮୩ ମସିହାରେ ଶ୍ରୀ ସଉରୀ ଭଟ୍ଟଙ୍କର ମଧମ ପୁତ୍ର ଶ୍ରୀ ଗଙ୍ଗାଧର ଭଟ୍ଟ, ଲଡୁବାବାଙ୍କର ବଗାଏତ ୫୬୫ ନମ୍ବର ପ୍ଲଟରେ ଦୋରା ତୋଟାରେ ୪୫ଗୋଟା ଆମ୍ବଗଛ ଲଗାଇ ଗଛକୁ ରକ୍ଷଣ କରି ପାଣି ଦେଇ ତୋଟାଟିକୁ ଆଦରିଛନ୍ତି । କୁସୁମୀ ନଦୀ କୂଳରେ ଲଡୁବାବାଙ୍କ ପୁରୁଣା ବଗାଏତ୍‌ରେ ନଟବର ସ୍ୱାଇଁ ବୁଢ଼ା ତୋଟାରେ ଆମ୍ବଗଛ ପଣସ ଓ

Digitized by srujanika@gmail.com

ବାଉଁଶ ଗଛ ଲଗାଇଛନ୍ତି । ଶ୍ରୀ ଆନନ୍ଦ ବିଶ୍ୱାଳ ଲତୁବାବାଙ୍କ ପୁରୁଣା ବଗାୟତରେ ବୁଢ଼ା ତୋଟାରେ ଆମ୍ବଗଛ ଲଗାଇଛନ୍ତି, ଶ୍ରୀ ଦ୍ୱିତୀକୃଷ୍ଣ ରାଉତ ଲତୁବାବାଙ୍କ ପୁରୁଣା ବାଗାୟତ ଦୋରା ତୋଟା ମୁଣ୍ଡରେ ଆମ୍ବ ଗଛ ଲଗାଇଛନ୍ତି । ମୁଣ୍ଡିଆ ତଳ ଲତୁବାବାଙ୍କ ପୁରୁଣା ବଗାୟତ ରାମଚଣ୍ଡୀ ମନ୍ଦିର ଆଗରେ ଶ୍ରୀ ଦଣ୍ଡୁ ଦଳେଇ ୨୦ ଗଛ ଆମ୍ବଗଛ ଲଗାଇଛନ୍ତି ।

ଓଁ ଶ୍ରୀ ଶୁଭମସ୍ତୁ

ଭିକାରୀ ପଢ଼ା ଶୀତଳ ଷଷ୍ଠୀ ପଢ଼ିଆରେ ଭୋଗ ମଣ୍ଡପ

୧୦/୨/୮୮ ତାରିଖ ବୁଧବାର ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ସପ୍ତମୀଦିନ ମଣ୍ଡପ ତିଆରି ପାଇଁ ଶୁଭଦିଆ ଆରମ୍ଭ ହେଲା । ୨୧/୩/୮୮ ତାରିଖ ସୋମବାର ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଥୀଦିନ ମଣ୍ଡପର ଛାତ ପଡ଼ିଲା । ସେହିଦିନ ସୁଦ୍ଧା ୯,୨୨୮/- ଟଙ୍କା ଖର୍ଚ୍ଚ ହୋଇଥିଲା । ୨୯/୪/୮୮ ତାରିଖରେ ମଣ୍ଡପ ପ୍ରତିଷ୍ଠା ହେଲା । ସର୍ବମୋଟ ମଣ୍ଡପରେ ତିଆରି ଖର୍ଚ୍ଚ ୧୨,୦୨୬/-ଟଙ୍କା ଖର୍ଚ୍ଚ ଓ ପ୍ରତିଷ୍ଠା ଖର୍ଚ୍ଚ ୧,୩୭୦.୮୦ ଟଙ୍କା ଖର୍ଚ୍ଚ ହେଲା । ଏହି ସମସ୍ତ କାମ ତୋଷବନ୍ତ କର ଭିକାରୀ ପଢ଼ା ପୁରୋହିତ କରିଛନ୍ତି । ୨୮/୬/୮୮ ତାରିଖ ଦିନ ଚମ୍ପକ ଦ୍ୱାଦଶୀ ଯାତ୍ରା ସେହିବର୍ଷ ଆରମ୍ଭ ହେଲା । ୫/୬/୯୦ ତାରିଖ ଦିନ ମଧ ଚମ୍ପକ ଦ୍ୱାଦଶୀ ଯାତ୍ରା ମଧ ହୋଇଥିଲା । ୧/୫/୯୦ ତାରିଖରେ ମଣ୍ଡପ ଉପରକାମ ତୋରଣ ପାଇଁ ୩,୯୯୧/- ଟଙ୍କା ଲାଗିଲା ।

ମଣ୍ଡପ ତିଆରି ଖର୍ଚ୍ଚ	ଟ. ୧୨,୦୨୬.୦୦
ପ୍ରତିଷ୍ଠା ଖର୍ଚ୍ଚ	ଟ. ୧,୩୭୦.୮୦
ତୋରଣ ପାଇଁ ଖର୍ଚ୍ଚ	ଟ. ୩,୯୯୧.୦୦
ସର୍ବମୋଟ ଖର୍ଚ୍ଚ ହେଲା	ଟ. ୧୭,୩୮୭.୮୦

କୁବେର ଲୋକନାଥ ପ୍ରଧାନଙ୍କ କବିଲତ ପୋଖରୀ

୧୩୨୬ ସାଲରେ ନୂତନ ପୋଖରୀ ଖୋଳା ହୋଇଥିଲା । କାଳକ୍ରମେ ପୋଖରୀଟି ପୋତି ହୋଇଗଲା । ୧୯୮୦ ମସିହାରେ ଲତୁକିଶୋର ପ୍ରଧାନ ଓ ଶ୍ରୀ କିର୍ତ୍ତିଚନ୍ଦ୍ର ପ୍ରଧାନ ଦୁଇଭାଇ ଯାକ ବିଭକ୍ତ ହେବାପରେ ପୋଖରୀଟିର ପଙ୍କ ଉଧାର କରିଛନ୍ତି । ଉକ୍ତ ପୋଖରୀଟି ଦୁଇ ଭାଇଙ୍କର କୋଠରେ ଅଛି । ଉକ୍ତ ପୋଖରୀରେ ୩୦,୦୦୦/- ଟଙ୍କା ଲାଗିଛି ।

Digitized by srujanika@gmail.com

ବଡ଼ଗୋରଡ଼ା ସରହଦରେ ଥିବା ସାନଗୋରଡ଼ା ନୂଆସାହି

୧୯୪୭ ମସିହାରେ ସାନଗୋରଡ଼ା ମୌଜାରୁ କେତେକ ପ୍ରଜା ନଦୀର ଉତ୍ତରପଟରେ ଥିବା ବଡ଼ଗୋରଡ଼ା ସରହଦରେ ଗୋପୀନାଥ ଜିଉ, ସା: ଆଙ୍ଗିସିଙ୍ଗଙ୍କର ବଗାୟତରୁ ପଡ଼ିଆ ପଟ ନେଇ ଘର କରି ରହିଅଛନ୍ତି । ତେଣୁ ସେହି ସାହିଟି ବଡ଼ଗୋରଡ଼ାର ଜନଗଣନାରେ ଭୋଟ ଦିଅନ୍ତି । ସେହି ସାହିର ୱାର୍ଡ଼ମେମ୍ବର ବଡ଼ଗୋରଡ଼ା ସହିତ ମିଶିଥିବାରୁ ଶ୍ରୀ ସଉରୀ ଭଙ୍ଗ ୱାର୍ଡ଼ ମେମ୍ବର ଥିଲେ । ଉକ୍ତ ପ୍ରଜା ଓ ଲୋକମାନଙ୍କର ନାମ ତଳେ ଉଲ୍ଲେଖ କରାଗଲା । ଗ୍ରାମର ପଶ୍ଚିମ ପଟରୁ,

୧. ଯୋଗୀ ପ୍ରଧାନ ମୃତ । ଭାଇଙ୍କ ପୁତ୍ର ସୁଦାମ ପ୍ରଧାନ, ରାଜ ପ୍ରଧାନ, ଶ୍ୟାମ ପ୍ରଧାନ ।

୨. ବୈଷ୍ଣବ ପ୍ରଧାନ ମୃତ । ତାଙ୍କ ପୁତ୍ର ଲଡୁ ପ୍ରଧାନ, ସାରଥ ପ୍ରଧାନ ।

୩. ଲିଙ୍ଗରାଜ ପଟ୍ଟନାୟକ । ତାଙ୍କ ପୁତ୍ର ବଳଭଦ୍ର ପଟ୍ଟନାୟକ, ରଘୁନାଥ ପଟ୍ଟନାୟକ ଓ ଅନ୍ୟମାନେ ଅଛନ୍ତି ।

୪. ଜଗେଶ୍ୱର କର ମୃତ । ତାଙ୍କ ପୁତ୍ର ବାମ ଦେବ କର, ଶିବେଶ୍ୱର କର, ତ୍ରିଲୋଚନ କର ।

୫. ଦିନବନ୍ଧୁ କର ମୃତ । ତାଙ୍କ ପୁତ୍ର ଫକିର କର, ଘନଶ୍ୟାମ ଘର ।

୬. ଭୀମ ବେହେରା । ତାଙ୍କ ପୁତ୍ର ପାଣ୍ଡୁ ବେହେରା । ଲିଙ୍ଗରାଜ ବେହେରା । ମୃତ ତାଙ୍କ ପୁତ୍ର ବିଶ୍ୱନାଥ ବେହେରା, ଜଗନ୍ନାଥ ବେହେରା ।

୭. ହଜାରୀ ପ୍ରଧାନ ।

୮. ନାଥ ବେହେରା ।

୯. ପାଣ୍ଡୁ ପ୍ରଧାନ ମୃତ ମାଡୁ ପ୍ରଧାନ ଓଗେର ଭାଇମାନେ ।

୧୦. ରଘୁନାଥ ପ୍ରଧାନ ଓଗେର ଭାଇମାନେ ।

୧୧. ଜଗନ୍ନାଥ ପ୍ରଧାନ, ବର୍ମା ଫେରନ୍ତା ।

Digitized by srujanika@gmail.com

ପରିଶିଷ୍ଟ - ୨

ଗ୍ରାମ୍ୟ କବି ସେ ଯେ

ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ

ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ (୧୯୧୩-୨୩.୦୩.୦୯) ଗାଁର ଜଣେ ମାନ୍ୟଗଣ୍ୟ ଲୋକ ଥିଲେ । ସେ ସଂକୀର୍ତ୍ତନରେ ଓସ୍ତାଦ ଥିଲେ । ସାନ ସାନ କବିତା ଲେଖନ୍ତି । ୧୯୯୬ ମସିହାରେ ନୟାଗଡ଼ ଇଲାକାରେ ମରୁଡ଼ି ହୋଇଥିଲା । ତା'ଉପରେ ସେ ନୟାଗଡ଼ (ପୂର୍ବତନ ଗଡ଼ଜାତ) ସବୁ ଗାଁର ନାମକୁ ଉଲ୍ଲେଖ କରି ଏହି କବିତାଟି ଲେଖିଛନ୍ତି । ଛୋଟ ପୁସ୍ତିକା ଆକାରରେ କବିତାଟି ପ୍ରକାଶିତ ହୋଇଥିଲା ୨୦.୧୦.୧୯୯୬ ତାରିଖରେ । କବିତାଟି ଉଦ୍ଧୃତ :

(ଦାଣ୍ଡରେ ଶୁଭିଲା ରାମ କୃଷ୍ଣ ବେନିଭାଇ ବୃନ୍ଦେ)

ଜୟ ଜୟ ମହାପ୍ରଭୁ ଧର୍ମ ସନାତନ
ଗୋଚର ହୋଇ ଆମ୍ଭର କଟିଗଲା ଅନ୍ନ
ପ୍ରଭୁ ହେ କଳାଶ୍ରୀମୁଖ
ଅନ୍ନକଷ୍ଟରୁ ବଳିଣ ନାହିଁ ଆଉ ଦୁଃଖ ।୧
ଶହେବର୍ଷ ମଧ୍ୟେ କେବେ ଏପରି ଘଟଣା
ସାରା ଓଡ଼ିଶା ମରୁଡ଼ି ନଥିଲାଟି ଶୁଣ ।
ପ୍ରଭୁ ବ୍ରହ୍ମାଣ୍ଡ କରତା
ଜୀବନ ରଖିବାପାଇଁ ଘୁରୁଅଛି ମଥା ।୨
ନବଘନପୁର, ଭାଟସାହି, ଜୟପୁର
ଡିଆଁପଡ଼ା, କରଡ଼ାବଣି, ମୁକୁତାପୁର
ଗ୍ରାମଅଟଇ ଝୁମ୍ପୁରି,
ସାରା ନୟାଗଡ଼ ପୁଣି ପଡୁଅଛି ହୁରି,
ବିଧାତାଙ୍କର ଏ କୁଟ ହୋଇଲେ ଭଗାରି ।୩
ମୁଥାଗାଡ଼ିଆ, ଲେଖନ; ହରିହରପୁର,
କାକଚୁଆପଲ୍ଲୀ ପାଖେ ଗୋପିନାଥପୁର

Digitized by srujanika@gmail.com

ଗ୍ରାମଅଟେ ବେଲବଣି,
ସେ ମୌଜାରେ ସମୁଦାୟ ହରିଜନ ଶ୍ରେଣୀ
ଦୁଃଖେ ଚଳୁଛନ୍ତି ବୋଜ ଗାଣ୍ଠୁଆକୁ ବୁଣି ।୪
ଜାମୁଝୋଲା, ସୋଲପଟା, ଗ୍ରାମ କୁମ୍ଭାରିଆ
ମାଛିପଡ଼ା, ବାଲିପାଟଣା, ପିଆସାଳିଆ
ଗ୍ରାମଟି ଲେଙ୍କୁଡ଼ିପଡ଼ା,
ଗହୀର ପଡ଼ିରହିଛି ହୋଇ ଲକ୍ଷ୍ମୀଛଡ଼ା,
ନବାନ୍ନ ଖାଇବା ପାଇଁ ନାହିଁ ଏକବିଡ଼ା ।୫
ଜାମୁସାହି, ଧବଳାଇ, କଇଥଗାଡ଼ିଆ
ଦେଖାହୋଇ ଲେଖାହେଲା ବିଶୁଦ୍ଧ ପଡ଼ିଆ
ଗ୍ରାମଅଟେ ଗବନଳ,
ଘରୁ ବାହାରିଲା ନାହିଁ କୁଆଳି ଲଙ୍ଗଳ,
ଋଷି ଭୂମି ପରେ ଢାଳନ୍ତା କ୍ଷୀରଋଉଳ ।୬
ଋଉଳବସ୍ତା ନଅଶ, ଧାନଟି ଋରିଶ,
କେବୋଲଇ ଆମ୍ବଘରୁ ହୋଇଗଲା ଶେଷ
ବିକ୍ରିହେବ ଗୋରୁଗାଇ
ବିକିବା ସମସ୍ତେ କିଣିବାକୁ କେହିନାହିଁ
ଯଦି ବିକ୍ରି ନକରିବା ଖାଦ୍ୟ ମିଳୁନାହିଁ ।୭
ବ୍ରଜବଲ୍ଲଭପୁର, ଗ୍ରାମ ଗୋପତପଲ୍ଲୀ,
ଖୁଣ୍ଟୁବନ୍ଧ, ଅଶୁରଢ଼ିପା; ଷଠିଆପଲ୍ଲୀ
ତହୁଁ ଅଟେ ଗୋଡ଼ିଆଳି,
ସେହିପରି ଅବସ୍ଥା ଯେ ଅଟେ ନଡ଼ିଆଳି
କିକରିବା ବୋଲି ବସି ହେଉଛନ୍ତି ଭାଳି ।୮
ହିଞ୍ଜଳଗାଡ଼ିଆ, ପାଖରେ ବଢ଼ିଆସାହି
ପଦ୍ମାଦେଇପୁର, ପଲ୍ଲୀଶାସନଟି ରହି
ଏହି ଦୁଇଟି ଶାସନ,
ଗଛଧାନ ଜଳିଅଛି ନୁହେଁ ବେଉଷଣ,
ଦୁଖରେ ଚଳିବେ କାହୁଁ ମିଳିବଯେ ଅନ୍ନ ।୯
ଗମେଇ, ଅଶ୍ୱସ୍ତପଡ଼ା, ଦେଖିଅଛି ମୁହିଁ

Digitized by srujanika@gmail.com

ଚଉଦିଗେ ଯାହାବର୍ଷା ସେ ମୌଜାକୁ ନାହିଁ
ବଡ଼ ବିପରୀତ କଥା,
ସେ ମୌଜାକୁ କୁଟକଲେ ଦଇବ ବିଧାତା
କି କର୍ମ କରିଲେ ବୋଲି କରୁଛନ୍ତି ଚିନ୍ତା ।୧୦
କେଶରପୁର, ନାଗମୁଣ୍ଡଳି, ମାନପୁର
ଏପରି ମରୁଡ଼ି କେବେ ନଥିଲା ଆଗର
ଗ୍ରାମ ନାମ ବିଞ୍ଝଗିରି,
ଦୁଃଖରେ ଚଳୁଛନ୍ତି ସେ ଲୁହାକାମ କରି
ମରୁଡ଼ି ସମସ୍ୟା ଯୋଗେ ନୋହୁଛି ବିକିରି ।୧୧
କାଳିକାପ୍ରସାଦ ସେ ବେଗୁନିଆଁ ପାଟଣା
ରାଜପାଟଣା, ଚିନରା ଅଟେ ଲାଉସଣା
ବରଷା ଧାରା ଶ୍ରାବଣ,
ଅଳପ ଝୁଣ୍ଟି ପଡ଼ିଲେ ନିଶ୍ଚେ ଯିବ ପ୍ରାଣ,
ସୂର୍ଯ୍ୟଙ୍କର ବଢୁଅଛି ପ୍ରଖର କିରଣ ।୧୨
ଦଶ ପାଞ୍ଚ ପଞ୍ଚାନବେ ତାରିଖ ସେଦିନ
ବୈଶାଖରେ ବନ୍ୟା ଦେଖିଥିବେଟି ଆପଣ
ଜଳ ହୋଇଥିଲା ପୂର୍ଣ୍ଣ,
ନଦୀ ନାଳ ଉଚ୍ଚ ନୀଚ ସମସ୍ତ ସମାନ ।
ପଦା ଉଦା ଜମିବାଡ଼ି ଖେଳୁଥିଲେ ମୀନ ।୧୩
ବୈଶାଖରେ ବନ୍ୟା ଶ୍ରାବଣେ ବସୁଧା ଫାଟ
ତାକୁ ଯାକୁ କରୁଛି ଯେ ପ୍ରଭୁ ନନ୍ଦ ଘଟ
କା ହସ୍ତରେ କିଛି ନାହିଁ,
ଯିଏ ମାରୁଛି ଆମ୍ଭଙ୍କୁ ବଞ୍ଚାଇବ ସେହି,
ଯେତେ ଦିନ ବଞ୍ଚିଥିବା ରାମନାମ ଧ୍ୟାଇ ।୧୪
ବାଙ୍କଶାଳୁଆ, ମଙ୍କୁରାପଲ୍ଲୀ, ଇଟାମାଟି
ଇକିରି, ବାଘରା, ସରପଡ଼ା, ସୁନାନଟି
ପ୍ରଭୁ ହେ ଧବଳେଶ୍ୱର,
କେତେ ଯାତ୍ରୀ ଚଳିଛନ୍ତି କରି ସୋମବାର,

Digitized by srujanika@gmail.com

ମାନସିକ ବ୍ରତ ପୂର୍ଣ୍ଣ ହେଉଛି ତାଙ୍କର ।୧୫
ବରକୋଳିପାଟଣା ଯେ ଅଟେ ପଣ୍ଡୁସର
ଜହ୍ନିପଦା, ଟିପୁରାଯେ, ଅଟେ ନାଗପୁର
ପ୍ରଭୁଙ୍କୁ କରିବା ଧ୍ୟାନ,
ନୟାଗଡ଼ ପ୍ରଜାମୁଖୁଁ କଟିଗଲା ଅନ୍ନ,
ଏହାଦେଖି ଗୋବିନ୍ଦ ଯେ କରୁଛି ରୋଦନ ।୧୬
ଏହି ପଦରେ ସମାପ୍ତ ଗୀତ ହେଲା ଭାଇ
ଅନ୍ୟବୃତ୍ତ ପକାଇ ମୁଁ ଲେଖୁଅଛି ତହିଁ
ହେବ ସୀତା ଘେରିବୃତ,
ପଢ଼ିବା ପାଇଁକି ଭାଇ ନହୁଅ ବିରକ୍ତ,
ଭଲମନ୍ଦ ବିଚାର ଯେ କରିବ ସମସ୍ତ ।୧୭

(ସୀତାଘେରି ବୃତ୍ତ)
ଜୟଜୟ ମହାପ୍ରଭୁ ସଂସାର ପାଳକ,
ପାଳକ ଲେଖା କିମ୍ପାଇଁ ହେଲା ଅପାଳକ
ଦୟାନିଧି ହେ,
ମରୁଡ଼ି କରିବା ନୁହେଁ ବିଧିହେ ।୧
କଦମ୍ବଝର, ଗିରିଡ଼ିପଲ୍ଲୀ, ସୁନାମୁହିଁ,
ଦୋଳଗୋବିନ୍ଦପୁର, ଡହଙ୍ଗି, ଭାଟସାହି
ନାହିଁ ନର ହେ,
କଇଥପଲ୍ଲି ସେହିପ୍ରକାରହେ ।୨
ହନୁମନ୍ତିଆ, ଦୁଣ୍ଡର, କୋମଣ୍ଡ, କୁରାଳ
କଜୁରିଆ, ପାଣ୍ଡିରିପଡ଼ା, ମଦନପୁର
ଜମିମାଣ ହେ,
ପାଞ୍ଚନଉତିକୁ ଅନୁମାନ ହେ ।୩
ଜାମୁସାହି, ଗୋଡ଼ିପଲ୍ଲି, ଦେଉଗାଁ, ଭାଲ୍ୟାଡ଼ି,
ଓଡ଼ଗ୍ରାମ, ରଙ୍ଗଣିପାଟଣା, ପନ୍ତିଖାଡ଼ି
ଗଛଧାନ ହେ,
ବେଉଷା ପଛରେ ହେଲା ଲୀନହେ ।୪

Digitized by srujanika@gmail.com

ଗାଡ଼ିସଂଖ୍ୟା ଆଦାୟ ହେଉଥିଲା ନିଅଣ୍ଟ
ମୂଳପାଉ ହେଲା କିପରି ପୋଷିବା ପେଟ,
ଦୟାନିଧି ହେ,
କିପରି ବଞ୍ଚିବୁ ଦିଅ ବୁଦ୍ଧି ହେ ।୫
ବାହାଡ଼ାପିଠା, ମଶାବାରୀ କୈବଲ୍ୟପୁର
ବାଙ୍କତରା, ଜାମୁପାଟଣା, ଦୂତୀକେଶ୍ୱରୀ
ବାନାମ୍ବର ହେ,
ତୁମ୍ଭେଥାଇ ହୋଇଲା ଗୋଚର ହେ ।୬
ଗୋଡ଼ିପାଟଣା, ଗର୍ଜ୍ଜନୀ, ବିଲମାନପୁର,
ଗଇଁନ୍ଦ୍ରା, ଯେ ଘୁଣ୍ଡାସାହିସେ ଆମ୍ବଡ଼ାପୁର,
ଦୁଃଖି ଜନ ହେ,
ଆପତିଶୁଣ ରଘୁନନ୍ଦନ ହେ ।୭
ମରେଇସାହି, ସାକେରି, ବାଲିଆଚିତରା,
ଶରଧାପୁର, ବାମୁଣ୍ଡି, ଅଟେ ଭାଡ଼ିକିଲା
ଯାହାଧାନ ହେ,
ବିହନକୁ ନୋହିବ ସମାନ ହେ ।୮
ପଥରଗଡ଼ ପୁଣି ଯେ ବାଉଁଶଗାଡ଼ିଆ,
କୁଶଢ଼ିପି, କୋରପିଠା, ମଦନଗାଡ଼ିଆ
ଯାହା ଶସ୍ୟ ହେ,
ଚଳିବନାହିଁଟି ଦୁଇମାସ ହେ ।୯
ଗୁଣ୍ଡୁରିବାଡ଼ି ଦେଖନ୍ତୁ ସେ ଘୋଡ଼ାଗାଡ଼ିଆ
ସାବିଦେଇପୁର ପାଖେ ବିଟଲଗାଡ଼ିଆ
ଦେଖ କଷ୍ଟ ହେ,
କେତେ କାସିମିରି କେ ସୁରାଟ ହେ ।୧୦
ଲାଠିଆପଲ୍ଲୀ, ମଗ୍ରବନ୍ଧ, ବିନାୟକପୁର
ଘଷୁଠିଗଲା କାହୁଁ ଆସିବ ଆଧାର
ଖାଦ୍ୟ ଊଣା ହେ,
ଆୟୁଷଶେଷ ଆଧାରର ବିନା ହେ ।୧୧

Digitized by srujanika@gmail.com

ରଘୁନାଥପୁର ନିକଟେ କୁଣାପାଣ୍ଡେରି
ଗୋରୁଗାଈ ଚରୁଛନ୍ତି ପଣ୍ଡା, ମେଣ୍ଢା; ଛେଳି
ଜମିପୁଣି ହେ,
ଦେଖିଲେହୃଦ ହେଉଛିହାଣି ହେ ।୧୨
ଗୋଡିସାହି, ଦରପଦା, ସେ କଲ୍ୟାଣପୁର
କଟରାଝରି; ବରଡ଼ି, ଜଗନ୍ନାଥପୁର
ବନ୍ଧଥାଇ ହେ,
ଦୁଇଦିନେ ଗଲା ଶୁଷ୍କହୋଇ ହେ ।୧୩
ବାଉଁଶିଆ, ଶରଣକୂଳ, ନରେନ୍ଦ୍ରପୁର
ପ୍ରସିଦ୍ଧ ଠାକୁରଛନ୍ତି ସେ ଲଡୁକେଶ୍ୱର
ଲଡୁବାବା ହେ,
ଅନାହାରେ କେ କରିବ ସେବାହେ ।୧୪
ଗୁଞ୍ଜିବାରଣ ଗ୍ରାମରେ ସେ କପିଳେଶ୍ୱର
ପୂର୍ବେ ତୋଟାମାଳ ଦକ୍ଷିଣରେ ନଦୀକୂଳ
ବାସସ୍ଥାନ ହେ,
ତୁମ ଜମି ନୋହିବ ବିହନ ହେ ।୧୫
ପୁଆଣିଆ, କଣ୍ଟାବଣିଆ ମଧ୍ୟେ ଗମ୍ଭାଡ଼ି
ଜମି ଶୁଷ୍କ ହୋଇବାରୁ ଗୋରୁଗାଈ ଛାଡ଼ି
ନାରାୟଣ ହେ,
କିପରି ରହି ଆମ୍ଭ ପ୍ରାଣ ହେ ।୧୬
କେତେ କେତେ ଲୋକ ଗଲେ ଘରଦ୍ୱାର ଛାଡ଼ି
ପିଲା କୁଟୁମ୍ବଯେ ଘରେ କରୁଥାନ୍ତି ରଡ଼ି
ରହି ବାସ ହେ,
ଦିନେ ଖାଇ ଦିଦିନ ଉପାସ ହେ ।୧୭
କାନ୍ଦି କହୁଅଛି ପୁଅ ବାପା କାହିଁ ଗଲେ
ଏଠାରେ ମୂଲପାତିରେ ଆମ୍ଭେ ଚଳୁଥିଲେ
କହମୋତେ ହେ,
ସେ ସ୍ଥାନକୁ ଯିବି ମୁଁ ତୁରିତେ ହେ ।୧୮

Digitized by srujanika@gmail.com

ମାଆ କହୁଅଛି ପୁଅ ତୁହି ପିଲାଲୋକ
ଅଳ୍ପ ଦିନରେ ଆସିବେ କାହିଁ କରୁ ଶୋକ
                    ମୋର ଧନରେ,
ତୁନି ହୋଇ ଚିନ୍ତ ନାରାୟଣରେ ।୧୯
ଧନ ଥିବା ଲୋକ କେତେ ଦିନ ଯିବେ ଚଳି
ନିଧନ ଲୋକ ଚଳିଲେ ଓଡ଼ିଶା ବାହାରି
                    ମଧ୍ୟ ଲୋକ ହେ,
କାହିଁଯିବେ ଲୋକ ଲଜ୍ୟା ଦୁଃଖ ହେ ।୨୦
ବନ୍ଧ ପୁଷ୍କରିଣି ଦେଖ ଶଙ୍ଖ ଯେ ସଡ଼କ
ତା ମଧ୍ୟରେ ଲାଗିଛନ୍ତି କେତେ କେତେ ଲୋକ
                    ମାଟି ଖୋଳି ହେ,
ଦୁଃଖେ କେତେ ଦିନ ଯିବେ ଚଳିହେ ।୨୧
କେତେ କେତେ ପଢ଼ା ପିଲା ବେକାର ରହିଲେ
ବସି ଖାଉଥିଲେ ପୁଣି ନଦୀ ବାଲି ସରେ
                    କି କରିବେ ହେ,
ବୁଢ଼ାବୁଢ଼ି ଭତାରେ ଚଳିବେ ହେ ।୨୨
ଖର୍ଚ୍ଚକରି ପାଠ ପଢ଼ି ହୋଇଲେ ବେକାର
ତାଙ୍କ ପାଇଁକି ଯୋଜନା ନକଲେ ସର୍କାର
                    ନୁହେଁ ଭଲ ହେ,
ପଢ଼ାର ରହିଲା ନାହିଁ ମୂଲ୍ୟ ହେ ।୨୩
ଚାକିରୀ ଶେଷରେ ପେନ୍‌ସନ୍ ପାଉଛନ୍ତି
ଦରମା ବଢ଼ିବାରୁ ପେନ୍‌ସନ୍ ବଢୁଛି,
                    ସେହିଖୁସି ହେ,
ପଢ଼ାପିଲା କାନ୍ଦୁଛନ୍ତି ବସି ହେ ।୨୪
ଆଏ, ବିଏ, ଏମେ ଯେଉଁ ପିଲାଟି ପଢ଼ିଛି
ପିଅନ ଚାକିରୀ ଖଣ୍ଡେ ତାକୁ ନମିଳୁଛି
                    ହୁଏଲଜ୍ୟା ହେ
ଘରେ ବସି ପାଉଅଛି ସଜା ହେ ।୨୫

Digitized by srujanika@gmail.com

ପରକ୍ଷ ଷାଠିଏ ଦେଖ ଅଶୀଏ ହଜାର
ଗକିରୀ ଖଣ୍ଡିଏ ପାଇଁ ହୁନ୍ତି ହାହାକାର
ଦେଇଲାଞ୍ଚ ହେ,
ଟଙ୍କା ବୁଡୁଛି ଗକିରୀ ମିଛ ହେ ।୨୬
ଅଶିଏ ହଜାର ଧରି ବ୍ୟବସାୟ କର,
ବ୍ୟବସାୟକୁ ବଢ଼ାଇ ଚଳିବ ସୁନ୍ଦର,
ନୋହେଦୁଃଖ ହେ,
ଗକିରୀକୁ କରନାହିଁ ଲକ୍ଷ୍ୟ ହେ ।୨୭
ନୟାଗଡ଼ ଏତେ ମୌଜା କରି ଆଲୋଚନା
ଲେଖା ଭୁଲଥିଲେ କରିଦେବ ସଂଶୋଧନ
ସାଧୁବୃନ୍ଦ ହେ,
କ୍ଷମାମାଗୁଛି ଗୋବିନ୍ଦଚନ୍ଦ୍ର ହେ ।୨୮

(ରାଗ- ରାଧା ବିଦ୍ୟାଧରୀ ବୃତ୍ତ)

ହେ ପ୍ରଭୁ କଳାକହ୍ନାଇ ଯାହା ମୁଁ ଲେଖିବି ତୁମ୍ଭକୁ ଧ୍ୟାଇ ହେ
ଯାହା ମୁଳ ହେବ ଦେବ କହି । ମହାପ୍ରଭୁ ହେ ।୧
ବନ୍ଧ ସାହି, ଗୋଠବଣ; ନନ୍ଦିଘୋର ରାବରାଣାସନ ହେ
ଭୋଗୁଅଛନ୍ତି ବହୁ କଷଣ ସୁଜନେ ହେ ।୨ ଘୋଷା ।
ଗ୍ରାମଟି ଅରଖ ପଲ୍ଲୀ ଓସ୍ତିଆ ନିକଟରେ କେନ୍ଦୁପଲ୍ଲୀ ହେ
ମହୁଲିଆ ଓଟେ ପେଟାପଲ୍ଲୀ:... ।୩
ଯାହା ଥିଲା ଆମ ଘର ଆଜି ପର୍ଯ୍ୟନ୍ତ ଚଳିଲା ଆଧାର ହେ
ଏଣିକି ଚଳିବା କି ପ୍ରକାର... ।୪
ବଡ଼ପୁଟ ଯେ କରଡ଼ା ହରିହରପୁର ସେ ପଞ୍ଚୁରିଡ଼ା ହେ
ମରୁଡ଼ି ହୋଇ ନୋହିଲା ପୁଡ଼ା... ।୫
ଗୌଡ଼ପୁଟ, ଗୋଡିରିଡ଼ା ଅଖାରିଆ ମାନପୁର, ଅରଡ଼ା ହେ
ବିକ୍ରି ହେବେ ଗୋରୁ ଗାଇ ହଡ଼ା... ।୬
ହାଟରେ ବିକ୍ରି କରିବ ସବୁତ ମରୁଡ଼ି କିଏ କିଣିବ ହେ
ଜନ୍ତୁ ଲେଉଟିଲେ କଷ୍ଟ ହେବ... ।୭

Digitized by srujanika@gmail.com

ବର୍ଷା ହେଉଛି ଏଭଳି ଯେତେ ବର୍ଷାହେଲେ ନମରେ ଧୂଳିହେ
ଗଛ ପତ୍ର ଯାଉଛି ଝାଉଁଳି... ।୮

ଜମି ହୋଇଲା ଗୋଚର କଟିଲା ଗୋରୁଗାଈଙ୍କ ଆଧାର ହେ
କିପରି ହେବ ଘର ଛପର... ।୯

ଓଡ଼ିଆ ଯେ ଧବଳାଇ ଚେମେଡ଼ି, ବାଣ୍ଡୁପୁର, ପୋଡ଼ାସାହିହେ
ଅତି ଦୁଃଖରେ ଚଳନ୍ତି ସେହି ହେ... ।୧୦

ଜଙ୍ଗଲରେ ଘର କରି ଜୟରାମ, ନେପାଳ, ନାଣ୍ଡିଗିରୀ ହେ
ସାଳିଆ ଝରି ସେ କୁଟିକରି... ।୧୧

ବନସ୍ତରେ କରି ଘର ବେପାର ବଣିଜ ନାହିଁ ତାଙ୍କର ହେ
ଫଳମୂଳ କରନ୍ତି ଆହାର... ।୧୨

ରାମ ଗଲେ ବନବାସ ବନସ୍ତେ ରହିଲେ ଚଉଦ ବର୍ଷ ହେ
ଫଳ ମୂଳ କରୁଥିଲେ ଗ୍ରାସ ... ।୧୩

ପ୍ରଭୁଙ୍କୁ ଥିଲା ଏ ଯୋଗ ଚଉଦଟି ବର୍ଷ କଲେ ସେ ଭୋଗ ହେ
ବର୍ଷା ଯୋଗୁଁ ପଡ଼ିଆ ରହିଲା... ।୧୪

ଇନ୍ଦ୍ରଙ୍କର କୁଟ ହେଲା ଛଅଟି ଫସଲ ଲୋପ୍ୟ ହୋଇଲା ହେ
ବର୍ଷା ଯୋଗୁଁ ପଡ଼ିଆ ରହିଲା... ।୧୫

ପ୍ରଭୁଙ୍କ ନୋହେ କରୁଣା ଧାନଗଲା ମୁଗ ନହେଲା ବୁଣା ହେ
ଗହମ, କୋଳଥ, ବିରି ଚଣା... ।୧୬

ଜଳ ନଥାଇ ବେଉଷା ଗୁଆନ୍ଦ, କ୍ରୋକୁଙ୍ଗ, କୁରାଢ଼ି ଘଷା ହେ
ବିହନ ପାଇବା ପାଇଁ ଆଶା... ।୧୭

ଭାଦ୍ରବ ସିଂହ ମାସରେ ଜଳ ପଡ଼ିଲା ନାହିଁ ବସୁଧାରେ ହେ
ନିଆଁ ଲାଗୁଛି ସେହି ଦିନରେ... ।୧୮

ହରିପୁର ଗ୍ରାମ ଦେଖ ପନ୍ଦର ଦଶ ଛୟାନବେ ତାରିଖ ହେ
ସେହି ଦିନ ନିଆଁ ହେଲା ଦେଖ... ।୧୯

ନିଆଁ ଲାଗେ ଯେଉଁଘରେ ଜୀବରକ୍ଷା ପାଇଁ ରହେ ବାହାରେହେ
ଜିନିଷ ପତ୍ରକୁ କେ ପଚାରେ... ।୨୦

ଦୁଇଟି ଦଅମ କଳ ସେ ମୌଜାକୁ ହୋଇଥିଲା ହାଜର ହେ
ନିଆଁ ଲିଭିବ ଛାଡ଼ିଲେ ଜଳ... ।୨୧

Digitized by srujanika@gmail.com

ଘର ପୋଡ଼ିକି ମରୁଡ଼ି ଏପରି ବିପଦ ଆସୁଛି ମାଡ଼ି ହେ
ପ୍ରଭୁ ସଂସାରୁ ଦେବେକି ତଡ଼ି ।୨୨

ପ୍ରଭୁକାକୁ ଦେଲେ ଧନ ଆମ୍ଭଘର ଖାଲି ହୋଇଛି ଶୂନ୍ୟ ହେ
ଆମ୍ଭ ପେଟକୁ ନମିଳେ ଅନ୍ନ ।୨୩

ନାମ ଝୋଲିଆ କବିର ପ୍ରଭୁନିଜ ଧନ କରିଲେ ଭାର ହେ
ପୂର୍ଣ୍ଣ ହୋଇଲା ତା ଘରଦ୍ୱାର ।୨୪

ଘଉଳ ଯେ ମୁଗଡାଇ ଘୃତ ନବାତ ଛେନା, ଦୁଧ, ଦହି ହେ
ଭାଇ ସଙ୍ଗତରେ ଥିଲେ ନେଇ ।୨୫

କବିର ମାତା ବଚନ ଆଉ ମୋର ଘରେ ନହିଁଟି ସ୍ଥାନ ହେ
ପ୍ରଭୁ କହନ୍ତି ମୋ ଭାର ଶୂନ୍ୟ ।୨୬

ମାତା ତାହାର କହୁଛି ନିଅତୋର କେତେ ମୂଲ୍ୟ ହଉଛି ହେ
ପ୍ରଭୁ କହିଲେ ଆଗୁ ପାଇଛି ।୨୭

ଦେଇଛନ୍ତି ପୁଅ ତୋର ନେବିନାହିଁ ମୁହିଁତ ଦୁଇଥର ହେ
ମୁଁ ଯାଉଛି ରଖ ଧନତୋର ।୨୮

କାହୁଁ ଆସିଲା କବିର ଦେଖିଲା ପୂର୍ଣ୍ଣ ହୋଇଛି ତାଘର ହେ
ମନେଭାବିଲା ସେ ବଂଶୀଧର ।୨୯

ତାତାକୁ କହେ କବିର ମୂଲିଆ ବୋଲି ଭାବିଲୁ ମନର ହେ
ସେ ଅଟନ୍ତି ଜଗତ ଠାକୁର ।୩୦

ଯାଜପୁରେ ତାଙ୍କଘର ବଂଧୁ ମହାନ୍ତି ନାମଟି ତାଙ୍କର ହେ
ପେଜ ନଳାଠାରେ ସେ ହଜାର ।୩୧

ପିଲା କୁଟୁମ୍ବକୁ ଧରି ଡାକିଲା ପ୍ରଭୁ କାହାନ୍ତି ଶ୍ରୀହରି ହେ
ତା ଡାକକୁ ଥିଲେ କର୍ଣ୍ଣ ଡେରି ।୩୨

ସୁବର୍ଣ୍ଣ ଥାଳିକୁ ଧରି ଦିବ୍ୟଶାଳୀ ଅନ୍ନ ତହିଁରେ ଭରି ହେ
ବଂଧୁ ନିଅହେ ଖାଦ୍ୟ ତୁମ୍ଭରି ।୩୩

ସ୍ତ୍ରୀ କହୁଛନ୍ତି ଶୁଣ ଡାକୁଛନ୍ତି ପ୍ରଭୁ ସେ ନାରାୟଣ ହେ
କିସ ଦେଉଛନ୍ତି ଯାଇ ଆଣ ।୩୪

ଦାସ କହେ ଶୁଣି କରି ଅନେକ ବନ୍ଧୁ ଅଛନ୍ତି ତାଙ୍କରି ହେ
ଡାକି ନାହାନ୍ତି ସେ ନାମଧାରି... ।୩୫

Digitized by srujanika@gmail.com

ପ୍ରଭୁ ଡାକୁଛନ୍ତି ଆସ ଯାଯପୁର ଘର ହେ ବନ୍ଧୁ ଦାସ ହେ
ନିଅ ତୁମ୍ଭ କୁଟୁମ୍ବର ଗ୍ରାସ... ।୩୬
ଦାସିଆ ବାଉରୀ ନେଇ ଅନ୍ୟ ହସ୍ତେ ଏକ ନଡ଼ିଆ ଦେଇ ହେ
ଦାସ ଦେଇଛି ତା ହସ୍ତେ ନାହିଁ... ।୩୭
ସେ ହେଲେ ଏତେ ବିଶ୍ୱାସ ଆମଠାରେ କରିଲେ ଅବିଶ୍ୱାସ ହେ
କି ଦେଇ କଲେ ତାକୁ ସନ୍ତୋଷ... ।୩୮
ଗଡ଼ଗାଁ, ବାୟାପଲ୍ଲି ତାଳପାଟଣା ଯେ ଚମ୍ପାପାଣ୍ଡେରି ହେ
କେତେ ଗଲେ ଜାମୁ କାଶିମିରି... ।୩୯
ଖାଦ୍ୟ ହୋଇଗଲା ଊଣା ତେଲପଡ଼ା ପାଖେ ଖଳିପାଟଣା ହେ
ଘରୁ ଶେଷ ହେଲା ବୁଧିବଣା... ।୪୦
ନୂଆଁଗାଁ, ଚଢ଼େୟାପଲ୍ଲୀ ଅଭିମାନପୁର ସେ ଗୋଡ଼ିପଲ୍ଲୀ ହେ
ମରୁଡ଼ି ସମାସ୍ୟା ଦେଖୁଥିଲି... ।୪୧
ମୁଣ୍ଡଟା ହୋଇଲା ଭ୍ରମ ହସ୍ତରୁ ଖସି ପଡ଼ିଲା କଲମ ହେ
ମୁଁ ଭାବିଲି ବାନ୍ଧିନେବ ଯମ... ।୪୨
ମୁଣ୍ଡ ମୋର ଭଲ ନାହିଁ କେଉଁ ମୌଜା ଛାଡ଼ି ଆସିଛି ମୁହିଁ ହେ
ଥିଲା ବାରବାଟି, ବରସାହି... ।୪୩
ବୁଦ୍ଧିଟି ହୋଇଲା ବଣା ଦୁଇଗୋଟି ମୌଜା ନଥିଲା ଜଣା ହେ
ଅସୁରଢ଼ିପା, ମୁଗପାଟଣା... ।୪୪
ଏହି ମରୁଡ଼ି ଚରିତ୍ର ନୁହଇ ସଂସ୍କୃତ ନୁହେ ସାହିତ୍ୟ ହେ
ଯାକୁ ପଢ଼ିବେ ପିଲା ସମସ୍ତ... ।୪୫
ପ୍ରଭୁଙ୍କୁ କରିଣ ଧ୍ୟାନ ଗୋବିନ୍ଦ ଚନ୍ଦ୍ର କରଇ ରଚନ ହେ
କ୍ଷମା ଦେବ ସର୍ବ ସାଧୁଜନ... ।୪୬
ଗୋପିନାଥପୁର, ନୂଆଁଗାଁ ଟାଙ୍ଗିସାହି, କାକଳମା
ମହୁଲିଆ, କେନ୍ଦୁଢ଼ିପି ସେ କେନ୍ଦୁପଲ୍ଲି
ଗ୍ରାମ କଇଁଆପାଟଣା ଖଡିଆ, ଖଳିପାଟଣା
ଦର୍ପନାରାୟଣପୁର, ଆନନ୍ଦାପଲି
କେନ୍ତୁପଡ଼ା, ଖଇରପଟି
ମରୁଡ଼ି ହୋଇ ତାଙ୍କର ଶୁଖିଲା କୋଟି ।୮

Digitized by srujanika@gmail.com

ଗ୍ରାମ ସଙ୍ଖେଇ; ନୋତର ଫାସିପଡ଼ା, ହରିପୁର
ନନ୍ଦପୁର, ସାଆନ୍ତରାପୁର, ଭୂତଡ଼ି
ତହୁଁ କୃଷ୍ଣଚନ୍ଦ୍ର ପୁର ଲାଠିପଡ଼ା, ଆଡ଼ଚେର
ଚନ୍ଦ୍ର ଶେଖରପୁର, ଦେଉଳି, ଗମ୍ଭାଡ଼ି
ହେ ପ୍ରଭୁ, ନିଳକଣ୍ଠେଶ୍ୱର
ଗୋବିନ୍ଦ ଲେଖୁଛି ମରୁଡ଼ି ସମାଚର ।୯
ବଡ଼ଗୋରଡ଼ା ମୋହର କୁସୁମୀ କୂଳରେ ଘର
ନାମ ଅଟଇ ମୋହର ଗୋବିନ୍ଦ ସ୍ୱାଇଁ
ବୈଶ୍ୟ କୁଳରେ ଜନମ ପଢ଼ିନାହିଁ ଅଭିଧାନ
ଓଡ଼ିଆ ସାହିତ୍ୟ କଣ ମୁଁ ଜାଣିନାହିଁ
ଚିନ୍ତେ ତୁମ୍ଭ ରଙ୍ଗା ପୟର
ଏଭବ ସାଗରୁ ମୋତେ କର ଉଦ୍ଧାର ।୧୦

□□□

Digitized by srujanika@gmail.com

ପରିଶିଷ୍ଟ - ୩

ଅବଲୁପ୍ତ କୃଷକବନ୍ଧୁ ପାଠାଗାରରେ ଥିବା ପୁସ୍ତକ ତାଲିକା

୧୯୪୮ରେ ପ୍ରତିଷ୍ଠିତ ହୋଇଥିବା କୃଷକବନ୍ଧୁ ପାଠାଗାର ଆଜି କୀଟଦ୍ରଷ୍ଟ । ପାଠଗାର ଅନେକ ବର୍ଷ ହେଲା ମୁମୁର୍ଷୁ ଅବସ୍ଥାରେ ଅଛି । ମୋଟ ୭୮୮ ବହିରୁ ଏବେ ବୋଧହୁଏ ୧୫୦ଖଣ୍ଡ ବହି ଥାଇପାରେ । ପାଠାଗାରର ବହି କ୍ୟାଟଲଗ୍‌ରୁ ବହିର ନାମ ଇତ୍ୟାଦି ଯାହା ଫର୍ମାଟ୍‌ରେ ଥିଲା ତାହା ପ୍ରକାଶ କରାଗଲା ।

କ୍ରମିକ ସଂଖ୍ୟା	ବହିର ନାମ	ମୂଲ୍ୟ	ଲେଖକଙ୍କ ନାମ	ଦାତାଙ୍କ ନାମ
୧.	ଧର୍ମଶିକ୍ଷା	ବାରଅଣା	ରାୟସାହେବ ଉପେନ୍ଦ୍ର ନାରାୟଣ ଦତ୍ତଗୁପ୍ତ	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୨.	କୃଷିଶିକ୍ଷ	ଚାରଅଣା	ରାୟ ବାହାଦୁର ଭିକାରିଚରଣ ପଟ୍ଟନାୟକ	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୩.	ତୈଲଙ୍ଗ ସ୍ୱାମୀ	ଛ ଅଣା	ହରିବନ୍ଧୁ ଶତପଥୀ	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୪.	ଅମୃତ ସନ୍ତାନ	ବାରଅଣା	ନବକିଶୋର ଦାସ	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୫.	ସୁବର୍ଣ୍ଣ ରେଖା	ତେରଣା	ରାମକୃଷ୍ଣ ପାଢ଼ୀ	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୬.	ସରଳ ପ୍ରବନ୍ଧ	ଛ ଅଣା	ଦୈତାରୀ ମହାନ୍ତି	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୭.	ସହଜ ଭୂଗୋଳ ପାଠ (୨ୟ)	ବାରଣା	କୈଳାସଚନ୍ଦ୍ର ରାୟ	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୮.	ସ୍ୱର୍ଣ୍ଣ ରେଣୁ	ନଅଣା	ପଦ୍ମଚରଣ ପଟ୍ଟନାୟକ	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୯.	ଚନ୍ଦ୍ରାବତୀ	ଟ୧ତେରଣା	ଆନନ୍ଦଚନ୍ଦ୍ର ମିଶ୍ର	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୧୦.	ଇସଲାମ ଓ ତରବାରୀ	ଦୁଇଅଣା	ସେଖ୍ ଏଲଦି ବକ୍ସ	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୧୧.	ଉତ୍କଳ ସମ୍ମିଳନୀ (ଭାଷଣ)	ଦୁଇଅଣା	ହରିହର ମିଶ୍ର	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୧୨.	ମଧ୍ୟ ଗଣିତ ସୁଧା (୧ମ)	ଛଅଣା	ରଘୁନାଥ କର	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୧୩.	ଗଣିତ ସୋପାନ (୩ୟ) ୨ୟଖଣ୍ଡ	ନଅ ଅଣା	ମୌଲବି ରହେମତ୍ ଅଲି	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୧୪.	ଆକାଶ ଯୁଦ୍ଧ	ଦୁଇ ଅଣା ଛଅ ପାହୁଲା	କୃଷ୍ଣଚନ୍ଦ୍ର ରଥ	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୧୫.	ମଧ୍ୟ ବ୍ୟାକରଣ	ନଅଣା ତିନି ପାହୁଲା	ନାରାୟଣ ମହାପାତ୍ର, ଶ୍ରୀଧର ଦାସ	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା
୧୬.	ନୂତନ ପ୍ରବେଶିକା ବୀଜଗଣିତ	ଟ୧ଚାରିଅଣା	କ୍ଷୀରେଶ୍ୱର ମିଶ୍ର	ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଦୋରା

Digitized by srujanika@gmail.com

୧୭.	ଆଦର୍ଶ ଓଡ଼ିଆ ବ୍ୟାକରଣ	ଦଶଣା	ବିଚ୍ଛନ୍ଦ ଚରଣ ପଟ୍ଟନାୟକ	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୧୮.	ଗଣିତ ସୋପାନ (୩ୟ) ୧ ଖଣ୍ଡ	ଆଠଣା	ମୌଲବୀ ରହେମତ୍ ଅଲ୍ଲୀ	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୧୯.	ସାହିତ୍ୟ ଶିକ୍ଷା ୧ ମଭାଗ	ଚାରିଅଣା ଛଅ ପାହୁଲା	ଅକୁଳ ମିଶ୍ର	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୨୦.	ପ୍ରବେଶିକା ବୀଜ ଗଣିତ	ଟ ୨/-	ଚକ୍ରବର୍ତ୍ତୀ ପ୍ରଧାନ ଦାସ	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୨୧.	ଉଚ୍ଚ ପ୍ରାଥମିକ ସହଜ ଭାରତ ଇତିହାସ ପ୍ରଥମ ଖଣ୍ଡ	ଚାରିଅଣା	ହରିବନ୍ଧୁ ଶତପଥୀ	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୨୨.	ଉଚ୍ଚ ପ୍ରାଥମିକ ସହଜ ଭାରତ ଇତିହାସ ଦ୍ୱିତୀୟ ଖଣ୍ଡ	ସାତଣା	ହରିବନ୍ଧୁ ଶତପଥୀ	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୨୩.	ରଘୁନାଥ କ୍ଷେତ୍ର ଦର୍ପଣ	ତିନିଅଣା	ଡା. ଦୀନବନ୍ଧୁ ଶତପଥୀ	ଶ୍ରୀଯୁକ୍ତ ଦୁର୍ଯୋଧନ ଦୋରା
୨୪.	ପାଠ ମାଧୁରୀ ପ୍ରଥମ ଭାଗ	ଦୁଇଅଣା ଛଅ ପାହୁଲା	ଭାବଗ୍ରାହୀ ମହାନ୍ତି	ଶ୍ରୀଯୁକ୍ତ ରଘୁନାଥ ଦାସ
୨୫.	ଭାଗବତଟୁଙ୍ଗୀରେ ସନ୍ଧ୍ୟା	ଆଠଣା	ଦୁର୍ମୁଖ ଶର୍ମା	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୨୬.	ଜଙ୍ଗଲର ରତ୍ନଚିହ୍ନ	ଛଅଣା	ଶଶୀ ଭୂଷଣ ରାୟ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୨୭.	ନବ ବିଧାନ ଗଣିତ	ଆଠଣା	ଦାଶରଥି ପାଣିଗ୍ରାହୀ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୨୮.	ମଥୁରା ମଙ୍ଗଳ	--	ଭକ୍ତଚରଣ ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୨୯.	ଛାତ୍ର ସହଚର	ଟ.୧/-	ଚନ୍ଦ୍ରଶେଖର ମିଶ୍ର	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୦.	ମନ୍ମଥ ଚନ୍ଦ୍ରିକା	--		ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୧.	ହାତ ତାକୁଡ଼ିରେ ସୂତାକଟା	ନଅ ପାହୁଲା	ଗୋପବନ୍ଧୁ ଚୌଧୁରୀ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୨.	ଭୂଗୋଳ ସହଚର	ପାଞ୍ଚଣା	ଜଗନ୍ନାଥ ତ୍ରିପାଠୀ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୩.	ସୁବୋଧିନୀ ଟୀକା	--	--	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୪.	ଏକାମ୍ର କୋକିଳ	--	ଗୋଲକ ବିହାରୀ ପଟ୍ଟନାୟକ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୫.	ଓଡ଼ିଆ ବିଦ୍ୟାଳୟ ଭୂଗୋଳପାଠ	ବାରଅଣା	ମି. ମରିସକ୍	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୬.	ସୁଭଦ୍ରା ପରିଣୟ	ଛଅଣା	ଉପେନ୍ଦ୍ର ଭଞ୍ଜ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୭.	ନିର୍ଝରିଣୀ	ଛଅଣା	ନନ୍ଦକିଶୋର ବଳ	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୩୮.	ଜଣାଣ ପ୍ରୟୋଧି	ଚାରଣା	ଭକ୍ତକବି ସାଧୁଚରଣ ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୩୯.	ସପ୍ତରଥୀ	--	ଭକ୍ତକବି ସାଧୁଚରଣ ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୦.	କପଟ ପାଶା ଓ ଗୋବିନ୍ଦ ଚନ୍ଦ୍ର	--	ଭକ୍ତକବି ସାଧୁଚରଣ ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୧.	କଣ୍ୱ ସଂହିତା	୧୦ଣା	ଗୋବିନ୍ଦ ଚନ୍ଦ୍ର ରଥ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୨.	କାଳିଦାସ କଥା ରହସ୍ୟ	ତିନିଅଣା	ଗୋପିନାଥ ରାୟ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୩.	ବାସ୍ତୁ ଶିକ୍ଷା	୨ ଅଣା ଛଅ ପାହୁଲା	ନାରାୟଣ ମିଶ୍ର	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୪.	ବିଷ୍ଣୁ ସହସ୍ର ନାମ	ନଅ ପାହୁଲା	ଭାଗିରଥି ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୫.	ମୃଗୁଣୀ ସ୍ତୁତି	--	ବଳରାମ ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୬.	ପୁନର୍ମୂଷିକୋ ଭବ	--	ଫକୀର ମୋହନ ସେନାପତି	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା

Digitized by srujanika@gmail.com

୪୭.	ଶ୍ରୀଛନ୍ଦା ଚରଣ	--	ଦାନମଣା ସେନାପତି	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୮.	ସରଳ ଶରୀର ରକ୍ଷା	୨ ଅଣା	ଡାକ୍ତର ରାମକୃଷ୍ଣ ସାହୁ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୪୯.	ଭୁବନେଶ୍ବର	--	ଡାକ୍ତର ରାମକୃଷ୍ଣ ସାହୁ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୦.	ଶ୍ଵେତ ଦ୍ଵୀପ ବୀଣା	--	ଅଜୟ ଚନ୍ଦ୍ର ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୧.	ପରିମିତି	--		ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୨.	ତ୍ରିନାଥ ମେଳୀ	୨ ଅଣା	ଦୀନବନ୍ଧୁ ଦାସ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୩.	ଅମର ଚିତା	ଟ ୧/-	କାଳିନ୍ଦୀ ଚରଣ ପାଣିଗ୍ରାହୀ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୪.	ଭାରତୀ (ଉଦ୍‌ଗ୍ରାତ)	ଟ ୧/-	ଲକ୍ଷ୍ମୀଧର ନାୟକ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୫.	ତେଲୁଗୁ ଶିକ୍ଷା	ଟ ୨/-	ରଘୁନାଥ ସାହୁ	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୬.	ପ୍ରବେଶିକା ଇଂଲଣ୍ଡ ଇତିହାସ	ଟ ୨/-	ଶିବ ପ୍ରସାଦ ଦାଶ	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୫୭.	ଭାରତୀ (ହିନ୍ଦୀ) ୨ୟଭାଗ	ଚାରଣା	ପଣ୍ଡିତ ମୁରଲୀଧର ଝା	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୮.	ଶ୍ରୀରାମ ଚରିତ ମାନସ (ହିନ୍ଦୀ)	--	ଶିବରାଜ ଶ୍ରୀକୃଷ୍ଣ ଦାସେନ୍	ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦୋରା
୫୯.	ଗଣିତ ସୋପାନ (୨ୟ ଭାଗ)	ବାରଣା	ରହେମତ୍ ଅଲ୍ଲୀ	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୦.	ନବ ବିଧାନ ଜ୍ୟାମିତି	ଦୁଇ ଅଣା ଛଅ ପାହୁଲା	ମଧୁସୂଦନ ଦାସ	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୧.	ଚନ୍ଦ୍ରଭାଗା	ଚାରଣା	ହରିହର ମିଶ୍ର	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୨.	ନିମ୍ନ ପ୍ରାଚୀ ଗଣିତ ୧ମଭାଗ	୩ ଅଣା	ରାମକୃଷ୍ଣ ମହାପାତ୍ର	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୩.	ଶିଶୁଖେଳା ଗୀତ	--		ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୪.	ସ୍ଵାସ୍ଥ୍ୟ ଶିକ୍ଷା	ଟ ୧/-	ରାଧାଚରଣ ପଣ୍ଡା	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୫.	ସାହିତ୍ୟ ଶିକ୍ଷା	ଚାରଣା ଛ ପାହୁଲା	ଆର୍ତ୍ତତ୍ର ମିଶ୍ର	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୬.	ସହଜ ଜ୍ୟାମିତି	ଛ ଅଣା	ଭୀମ ରାଉତ	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୭.	ସ୍ଵାସ୍ଥ୍ୟ ରକ୍ଷା	--	ବିଶ୍ଵମ୍ଭର ମିଶ୍ର	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୮.	ସାମୁଦ୍ରିକ	୨ ଅଣା	କୋହିନୁର ପ୍ରେସ୍	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୬୯.	ପାଟୀ ଗଣିତ ୨ୟଭାଗ	୨ ଅଣା ୬ ପାହୁଲା	ରାମକୃଷ୍ଣ ମହାପାତ୍ର	ଶ୍ରୀଯୁକ୍ତ ବିରଭଦ୍ର ପଟ୍ଟନାୟକ
୭୦.	ଓଡ଼ିଆ ବ୍ୟାକରଣ ପରିଚୟ ଏବଂ ଓଡ଼ିଆ ବ୍ୟାକରଣ	୫ ଅଣା ଛ ପାହୁଲା	ରାଧାନାଥ ରାୟ ବାହାଦୁର	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୧.	ରଚନା ଶିକ୍ଷା	ଚାରଣା	ନଟବର ଦାସ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୨.	ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ଭୂଗୋଳ ପାଠ	ଦଶଣା	ମଧୁସୂଦନ ଦାସ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୩.	ଉଚ୍ଚ ପ୍ରାଥମିକ ବିଜ୍ଞାନ ପାଠ	--	ଜଗନ୍ନାଥ ତ୍ରିପାଠୀ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୪.	ଧ୍ରୁବ ଚରିତ ସୁଆଙ୍ଗ	ଛ ଅଣା	ବୈଷ୍ଣବ ଦାସ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୫.	ସୀତା ହରଣ	--		ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୬.	ଅଶ୍ଵମେଧ ଯଜ୍ଞ ସୁଆଙ୍ଗ	୩ ଅଣା	ବୈଷ୍ଣବ ପାଣି	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୭.	ସ୍ଵାସ୍ଥ୍ୟ ରକ୍ଷା	ଅଣେ	ସୀତାନାଥ ରାୟ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୭୮.	ଗଜ ନିସ୍ତାରଣ	ଛ ପାହୁଲା	ଜଗନ୍ନାଥ ଦାଶ	ଶ୍ରୀଯୁକ୍ତ ଭଗବାନ ପରିଡ଼ା

Digitized by srujanika@gmail.com

୭୯.	ବସ୍ତୁଶିକ୍ଷା	୨ ଅଣା ଛ ପାହୁଲା	ନାରାୟଣ ମିଶ୍ର	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୮୦.	ନିମ୍ନ ପ୍ରାଥମିକ ଭୂଗୋଳ ପାଠ	ଅଣେ	ସୀତାନାଥ ରାୟ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୮୧.	ବାଳ୍ୟ ପାଠ	ଅଣେ ଛ ପାହୁଲା	ଶିକ୍ଷା ବିଭାଗ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୮୨.	ନବବିଧାନ ଜ୍ୟାମିତି	୩ ଅଣା ଛ ପାହୁଲା	ମଧୁସୂଦନ ଦାଶ	ଶ୍ରୀଯୁକ୍ତ ଭଗବାନ ପରିଡ଼ା
୮୩.	ମୂଳକର ବୋଧିକା	--		ଶ୍ରୀଯୁକ୍ତ ଭଗବାନ ପରିଡ଼ା
୮୪.	ଉ.ପ୍ରା. ସ୍ୱାସ୍ଥ୍ୟରକ୍ଷା ଓ ଗାର୍ହସ୍ଥ୍ୟ ବିଧାନ ବିଷୟକ ପାଠ୍ୟ ପୁସ୍ତକ	୩ ଅଣା		ଶ୍ରୀଯୁକ୍ତ ଭଗବାନ ପରିଡ଼ା
୮୫.	ସାହିତ୍ୟ କୁସୁମ	--	ମଧୁସୂଦନ ଦାଶ	ଶ୍ରୀଯୁକ୍ତ ମଦନମୋହନ ଦୋରା
୮୬.	ନୂଆ ଭୂଗୋଳ ପାଠ	--	ଆକୁଳି ମିଶ୍ର	ଶ୍ରୀଯୁକ୍ତ ରଘୁନାଥ ଦୋରା
୮୭.	ରେଙ୍ଗୁନ୍ ବର୍ବଗୀତ	୧ ଟଙ୍କା ଚାରଣା	ବିଦ୍ୟାଧର ସାହୁ	ଶ୍ରୀଯୁକ୍ତ ରଘୁନାଥ ଦୋରା
୮୮.	ଶିଶୁବୋଧ ବ୍ୟାଖ୍ୟା	ଅଣେ	ଗୌରୀଶ୍ୟାମ ମୁଖର୍ଜୀ	ଶ୍ରୀଯୁକ୍ତ ରଘୁନାଥ ଦୋରା
୮୯.	ବର୍ଣ୍ଣଶିକ୍ଷା	୨ ଅଣା	ବିଦ୍ୟାଧର ଦାଶ	ଶ୍ରୀଯୁକ୍ତ ବାଞ୍ଛାନିଧି ଭଟ
୯୦.	ସରଳ ଭାରତ ଇତିହାସ	ଚାରଣା		ଶ୍ରୀଯୁକ୍ତ ବାଞ୍ଛାନିଧି ଭଟ
୯୧.	ଶିଶୁ	୨ ଅଣା ଛ ପାହୁଲା	ବିଦ୍ୟାଧର ଦାଶ	ଶ୍ରୀଯୁକ୍ତ ବାଞ୍ଛାନିଧି ଭଟ
୯୨.	ମହିମା ଭଜନ ଚମ୍ପୁ	୨ଅଣା	ଅନନ୍ତ ଚରଣ ବାବା	ଶ୍ରୀଯୁକ୍ତ ନରସିଂହ ପରିଡ଼ା
୯୩.	ଦାଢ୍ୟତା ଭକ୍ତି	୧ ଟଙ୍କା		ଶ୍ରୀଯୁକ୍ତ ଶ୍ରୀକର ଦୋରା
୯୪.	ଏକାଦଶସ୍କନ୍ଧ	ଚାରଣା		ଶ୍ରୀଯୁକ୍ତ ଶ୍ରୀକର ଦୋରା
୯୫.	ନାମ ରତ୍ନ ଗୀତା	ଆଠଣା		ଶ୍ରୀଯୁକ୍ତ ଶ୍ରୀକର ଦୋରା
୯୬.	ରସବିନୋଦ	୧ ଟଙ୍କା		ଶ୍ରୀଯୁକ୍ତ ଶ୍ରୀକର ଦୋରା
୯୭.	ମହାତ୍ମାଙ୍କ ବାଣୀ	୬ ପାହୁଲା	ବୃନ୍ଦାବନ ପାଢ଼	ଶ୍ରୀଯୁକ୍ତ ଭିକରାଜ ଦୋରା
୯୮.	ଛାନ୍ଦ ରତ୍ନାକର	୮ ଅଣା	ରତ୍ନାକର ଗରାବଡୁ	ଶ୍ରୀଯୁକ୍ତ ଭିକରାଜ ଦୋରା
୯୯.	ବିଲଙ୍କା ରାମାୟଣ (ପୂର୍ବଖଣ୍ଡ)	ବାରଣା	ରତ୍ନାକର ଗରାବଡୁ	ଶ୍ରୀମତୀ ଅଗାଧେଇ ଦେବୀ
୧୦୦.	ବିଲଙ୍କା ରାମାୟଣ (ଉତ୍ତରଖଣ୍ଡ)	ଆଠଣା	ରତ୍ନାକର ଗରାବଡୁ	ଶ୍ରୀମତୀ ଅଗାଧେଇ ଦେବୀ
୧୦୧.	ଧ୍ରୁବ ଚରିତ ସୁଧାଙ୍କ	୨ ଅଣା	ବୈଷ୍ଣବ ପାଣି	ଶ୍ରୀମତୀ ଅଗାଧେଇ ଦେବୀ
୧୦୨.	ଚନ୍ଦ୍ରାବତୀ ହରଣ	ଅଣେ ଛ ପାହୁଲା	ଭିକାରୀ ନାୟକ	ଶ୍ରୀମତୀ ଅଗାଧେଇ ଦେବୀ
୧୦୩.	ମଥୁରା ମଙ୍ଗଳ	ଚାରଣା	ଭକ୍ତଚରଣ ଦାସ	ଶ୍ରୀମତୀ ଅଗାଧେଇ ଦେବୀ
୧୦୪.	କପଟ ପାଶା	ଅଣେ	ଭୀମାଧୀବର	ଶ୍ରୀମତୀ ଅଗାଧେଇ ଦେବୀ
୧୦୫.	ଯମପୁରାଣ	--	କୃଷ୍ଣ ଦାସ	ଶ୍ରୀମତୀ ଅଗାଧେଇ ଦେବୀ
୧୦୬.	ବର୍ଣ୍ଣ ଶିକ୍ଷା	୨ ଅଣା		ଶ୍ରୀମତୀ ଅଗାଧେଇ ଦେବୀ

Digitized by srujanika@gmail.com

୧୦୭.	ଚଣ୍ଡୀ ସ୍ତବ	୨ ଅଣା	ଗୋପାଳ ଚରଣ ଦାସ	ଶ୍ରୀଯୁକ୍ତ ଜଗନ୍ନାଥ ପଟ୍ଟନାୟକ
୧୦୮.	ମୟୁର ଚନ୍ଦ୍ରିକା	ଚାରଣା	ନିତ୍ୟାନନ୍ଦ ସାହୁ	ଶ୍ରୀଯୁକ୍ତ ଜଗନ୍ନାଥ ପଟ୍ଟନାୟକ
୧୦୯.	ପାରସ୍ୟ ଉପନ୍ୟାସ	ଦଶଣା	ରାଧାକୃଷ୍ଣ ବସୁ	ଶ୍ରୀଯୁକ୍ତ ଦଣ୍ଡଧର ନାୟକ
୧୧୦.	ବିଲଙ୍କା ରାମାୟଣ	ଦଶଣା	ରତ୍ନାକର ଗରାବଡୁ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ
୧୧୧.	ଗଣ୍ଡାବଧ ସୁଆଙ୍ଗ	ଅଣେ ୩ ପାହୁଲା	ଭିକାରୀ ନାୟକ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ
୧୧୨.	ଭୂତ କେଳି	୨ ଅଣା	ବାଳକୃଷ୍ଣ ଦାସ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ
୧୧୩.	ଶିଶୁଖେଳ ଗୀତ	୨ ଅଣା	ଶ୍ରୀନିବାସ ସିଂହ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ
୧୧୪.	ପଟଳ	ଅଣେ ୩ ପାହୁଲା	ନାରାୟଣ ପାଳ	ଶ୍ରୀଯୁକ୍ତ ହରିହର ପାତ୍ର
୧୧୫.	ଶିଶୁବୋଧ ଇତିହାସ	୩ଅଣା	ଯୋଗେନ୍ଦ୍ରନାଥ ଆଦିତ୍ୟ	ଶ୍ରୀଯୁକ୍ତ ହରିହର ପାତ୍ର
୧୧୬.	ରଙ୍ଗସଭା ସୁଆଙ୍ଗ	୨ ଅଣା	ବୈଷ୍ଣବ ପାଣି	ଶ୍ରୀମତୀ ଅଗାଧେଇ ଦେବୀ
୧୧୭.	ବିହାର ଓଡ଼ିଶା ଭୂଗୋଳ	୬ ଅଣା	ଗୁରୁ ଚରଣ ସହରେ	ଶ୍ରୀଯୁକ୍ତ ଗୌରୀ ଭଟ
୧୧୮.	ନିମ୍ନ ପ୍ରାଥମିକ ଇତିହାସ	୨ ଅଣା	ଜଗନ୍ନାଥ ଗରାବଡୁ	ଶ୍ରୀଯୁକ୍ତ କିର୍ତ୍ତନ ପ୍ରଧାନ
୧୧୯.	ମହାତ୍ମା ଗାନ୍ଧୀଙ୍କ ଆତ୍ମକଥା	--	ଅନୁବାଦ	ଶ୍ରୀଯୁକ୍ତ ଦଣ୍ଡଧର ନାୟକ
୧୨୦.	କପଟ ପାଶା	ଅଣେ	ଭୀମା ଧିବର	....
୧୨୧.	ଅଧ୍ୟାତ୍ମ ରାମାୟଣ	ଟ. ୨।-	ସୂର୍ଯ୍ୟମଣି ଟିଆଉ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୨.	ବିରାଟ ପର୍ବ	--	ଶାରଳା ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୩.	ବିଲଙ୍କା ରାମାୟଣ	ଦଶଣା	ରତ୍ନାକର ଗରାବଡୁ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୪.	ବ୍ରହ୍ମାଣ୍ଡ ପୁରାଣ	ବାରଣା	ରାମଚନ୍ଦ୍ର ମିଶ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୫.	ସଭା ବିନୋଦ	ଟ.୧।-	ମହେଶ୍ୱର ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୬.	ଦାର୍ଢ୍ୟତା ଭକ୍ତି	ଟ.୧।-	ଭକ୍ତକବି ରାମ ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୭.	ବୈଶାଖ ମାହାତ୍ମ୍ୟ	--	....	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୮.	ପ୍ରସ୍ତାବ ସିନ୍ଧୁ	ପାଞ୍ଚଣା	ହରେକୃଷ୍ଣ ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୨୯.	ସାହିତ୍ୟ ଦର୍ପଣ	ଚାରଣା	ଭୁବନେଶ୍ୱର ମିଶ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୦.	ଶିଶୁ ସହଚର	ଦି ଅଣା ଛ ପାହୁଲା	ଉପେନ୍ଦ୍ର ନାଥ ଦାଶ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୧.	ପ୍ରବେଶିକା ଭୂଗୋଳ	ବାରଣା	ପଦ୍ମନାଭ ମହାପାତ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୨.	ସ୍ୱାସ୍ଥ୍ୟ ଶିକ୍ଷା	ଟ ୧।-	ରାଧାଚରଣ ପଣ୍ଡା	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୩.	ପ୍ରବେଶିକା ଜ୍ୟାମିତି	ଟ ୧ ଦୁଇ ଅଣା	କ୍ଷୀରେଶ୍ୱର ମିଶ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୪.	ରଚନା ଓ ଅନୁବାଦ	ଟ ୧ ଛ ଅଣା	ମୃତ୍ୟୁଞ୍ଜୟ ରଥ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୫.	ଉଚ୍ଚ ପ୍ରାଇମେରୀ ଗଣିତ	ଛ ଅଣା	ରାମକୃଷ୍ଣ ମହାପାତ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୬.	ନିମ୍ନ ପାଟୀ ଗଣିତ	ଛ ଅଣା	ରତ୍ନାକର ଗରାବଡୁ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୭.	ଗଣିତ ଉତ୍ତର ମାଳା	ଅଣେ ୩ ପାହୁଲା		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର

Digitized by srujanika@gmail.com

୧୩୮.	ଭାରତ ଗୌରବ	--		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୩୯.	ଲଡ଼ ପ୍ରାଇମେରି ଗଣିତ	--		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୦.	ନିମ୍ନ ପ୍ରାଇମେରୀ ସ୍ୱାସ୍ଥ୍ୟ ସହଚର	୨ ଅଣା ୬ ପାହୁଲା	ଫକୀର ଚରଣ ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୧.	ନିମ୍ନ ନୂଆ ଆଦର୍ଶ ଭୂଗୋଳ	୨ ଅଣା	ହରିହର ମିଶ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୨.	ନିମ୍ନ ସ୍ୱାସ୍ଥ୍ୟ ରକ୍ଷା	ଅଣେ	ଜୟକୃଷ୍ଣ ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୩.	ବ୍ୟବହାରିକ ଲିଖନ ପାଠ	୨ ଅଣା	ଅହମଦ ଅବଦୁସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୪.	ସାହିତ୍ୟ ପ୍ରବେଶ	--	ମଧୁସୂଦନ ଦାଶ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୫.	ଗଣିତ ପ୍ରଶ୍ନ ସମାଧାନ	--	ଗୋବିନ୍ଦଚନ୍ଦ୍ର ମହାପାତ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୬.	ଶିଶୁଖେଳା ଗୀତ	୩ ଅଣା	ବାଞ୍ଛି ଚରଣ ମହାପାତ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୭.	ସୁକୁମାର ଶିକ୍ଷା	--		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୮.	ଗଣିତ ପରିଚୟ	--		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୪୯.	ବିହାର ଓଡ଼ିଶା ଭୂଗୋଳ	୬ ଅଣା	ଗୁରୁଚରଣ ରାଜଚରାଏ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୦.	ସାହିତ୍ୟ କୁସୁମ ଟୀକା	ସାତଣା	ନରସିଂହ ମିଶ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୧.	ଓଡ଼ିଆ ଭାଷା ବ୍ୟାକରଣ	ଦଶଣା	ଚନ୍ଦ୍ରଶେଖର ମିଶ୍ର	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୨.	ରସ ବିନୋଦ	୧ ଟଙ୍କା	ଦାଶରଥି ଦାଶ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୩.	ସୁଦାମା ଦାରିଦ୍ର୍ୟ ଭଞ୍ଜନ	୩ ଅଣା	ବାଳକୃଷ୍ଣ ମହାନ୍ତି	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୪.	ବୀଜ ଗଣିତ	--	ଅଶ୍ୱିନୀ କୁମାର ଘୋଷ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୫.	ଜାତକ ଚନ୍ଦ୍ରିକା	ଚାରଣା	ଲିଙ୍ଗରାଜ ଖଡ଼ିରତ୍ନ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୬.	ସାହିତ୍ୟ ସୁଧା	--	ମଧୁସୂଦନ ଦାସ	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୫୭.	ଜ୍ୟାମିତି	--		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୫୮.	ସଙ୍ଗୀତ ପାଟିଲା ଜବଳୀ	୩ ଅଣା	ଗଙ୍ଗାଧର ମେହେର	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୫୯.	ଇନ୍ଦୁମତୀ	ଛ ଅଣା	ଗଙ୍ଗାଧର ମେହେର	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୬୦.	ଧର୍ମପଦ	୩ ଅଣା	ଗୋପବନ୍ଧୁ ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୧.	ରାସକ୍ରୀଡ଼ା	ଅଣେ ଛ ପାହୁଲା	ଜଗନ୍ନାଥ ଦାସ	ଶ୍ରୀଯୁକ୍ତ ନରସିଂହ ପରିଡ଼ା
୧୬୨.	ମହାପ୍ରସାଦ ନାଟକ	୨ ଅଣା ଛ ପାହୁଲା	ହରିହର ରଥ	ଶ୍ରୀଯୁକ୍ତ ନରସିଂହ ପରିଡ଼ା
୧୬୩.	ହନୁମାନ ପ୍ରଶ୍ନ	--		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୪.	ପ୍ରଶ୍ନ ଚୂଡ଼ାମଣି	୨ ଅଣା	ସହଦେବ ଖଡ଼ିରତ୍ନ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୫.	ଭଜନ ସାର	--	ଭକ୍ତକବି ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୬.	ଲିଖବିଦ୍ୟା	--	ବଳଭଦ୍ର ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୭.	ନୂଆ ଭୂଗୋଳ ପାଠ	୨ ଅଣା	ଜଗନ୍ନାଥ ଗରାବଡୁ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୮.	ଅଶ୍ୱମେଧ ଯଜ୍ଞ ସୁଆଙ୍ଗ	୩ ଅଣା	ବୈଷ୍ଣବ ପାଣି	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୬୯.	ପଦ୍ମାବତୀ ଉପାଖ୍ୟାନ	--	ନିମାଇଁ ଚରଣ ଦାସ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୭୦.	ପକେଟ ସଙ୍ଗୀତ	ଅଣେ		ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୭୧.	ନୀତିସାର	ଅଣେ	ସୁଦର୍ଶନ ନନ୍ଦ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର

Digitized by srujanika@gmail.com

୧୭୨.	ଅର୍ଥ କୋଇଲି	ଅଣେ	ଜଗନ୍ନାଥ ଦାଶ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
୧୭୩.	ରାସକ୍ରୀଡ଼ା	ଅଣେ	ମଗୁଣି ସାହୁ	ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର
		ଛ ପାହୁଲା		
୧୭୪.	କୁମାରୀ ଶିକ୍ଷା	ଅଣେ	ଶ୍ରୀଯୁକ୍ତ ଭବାନିଚରଣ ପଟ୍ଟନାୟକ	ଶ୍ରୀଯୁକ୍ତ ଭବାନିଚରଣ ପଟ୍ଟନାୟକ
୧୭୫.	ନିମ୍ନ ପ୍ରାଇମେରୀ ଇତିହାସ	୨ ଅଣା	ଗୋବିନ୍ଦଚନ୍ଦ୍ର ମିଶ୍ର	
		୬ ପାହୁଲା		
୧୭୬.	ଗୁଣସାଗର	୩ ଅଣା	ଦୀନକୃଷ୍ଣ ଦାଶ	
୧୭୭.	ମେଘନାଦ ବଧ ସୁଧାଂଶ	୩ ଅଣା	ପ୍ୟାରିମୋହନ ଦାଶ	
୧୭୮.	ସାମୁଦ୍ରିକ	୨ ଅଣା	କପିଳେଶ୍ୱର ଆଭୂଷଣ	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୭୯.	ପ୍ରହ୍ଲାଦ ଚରିତ	୨ ଅଣା	ବୈଷ୍ଣବ ପାଣି	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୦.	କୃଷ୍ଣ (କେଶବ)	୨ ଅଣା	ହରେକୃଷ୍ଣ ଦାଶ	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୧.	ନାରକାସୁର ବଧ	--	ଗୋକୁଳଚନ୍ଦ୍ର ସେନାପତି	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୨.	ଭ୍ରମରବର ପାଲା	--	କବି ବଲ୍ଲଭ	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୩.	ନାରୀ ଧର୍ମ	୨ ଅଣା	ବାସୁଦେବ ରଥ	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୪.	ଲିଖନ ପାଠ	--		ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୫.	ଗୋପୀ ଭାଷା	ଅଣେ	ଦୀନାଲି ଦାସ	ଶ୍ରୀଯୁକ୍ତ ତ୍ରିନାଥ ଦୋରା
୧୮୬.	ବଳଭଦ୍ର ପଦ୍ୟାବଳୀ	ଅଣେ	ବଳଭଦ୍ର ପାଣିଗ୍ରାହୀ	ଶ୍ରୀଯୁକ୍ତ ଜଗନ୍ନାଥ ପଟ୍ଟନାୟକ
୧୮୭.	ବିବାହ କଳି	୨ ଅଣା	ଲିଙ୍ଗରାଜ ଦାଶ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ
୧୮୮.	ଧବଳେଶ୍ୱରଙ୍କ ଜଣାଣ	ଅଣେ	ରାଜିବ ଲୋଚନ ଦାଶ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ
୧୮୯.	କଥା କାହାଣୀ	ଚାରଣା	ଗୋଦାବରୀଶ ମହାପାତ୍ର	ଶ୍ରୀଯୁକ୍ତ ରଘୁନାଥ ଦାଶ
୧୯୦.	ଭଗବତୀ ଜଣାଣ	ଅଣେ		
୧୯୧.	ଲକ୍ଷ୍ମୀ ନାରାୟଣ କଳି	୨ ଅଣା	ଗୌରି ଚରଣ ଦାସ	ଶ୍ରୀମତୀ ଅଗାଧେଇ ଦେବୀ
		୩ ପାହୁଲା		
୧୯୨.	ଇନ୍ଦ୍ରଜିତ ବଧ	ଚାରଣା	ବୈଷ୍ଣବ ପାଣୀ	ଶ୍ରୀମତୀ ଅଗାଧେଇ ଦେବୀ
୧୯୩.	ଜଗବନ୍ଧୁ ଚଉତିଶା	ଅଣେ	ରାମଚନ୍ଦ୍ର ମହାପାତ୍ର	ଶ୍ରୀମତୀ ଅଗାଧେଇ ଦେବୀ
୧୯୪.	ସୀତା ଘେରା	ଅଣେ	ଦୁର୍ଲ୍ଲଭ ସାହୁ	ଶ୍ରୀମତୀ ଅଗାଧେଇ ଦେବୀ
		୩ ପାହୁଲା		
୧୯୫.	ଶୁକ ବିଳାସ	--		ଶ୍ରୀମତୀ ଅଗାଧେଇ ଦେବୀ
୧୯୬.	ମହାଲକ୍ଷ୍ମୀ ସ୍ତୁତି	ଅଣେ	ଅକ୍ରୁର ସାଧୁଶର୍ବ	ଶ୍ରୀମତୀ ଅଗାଧେଇ ଦେବୀ
୧୯୭.	ପଦ୍ମ ପୁରାଣ	୧ ଟଙ୍କା	ନୀଳାମ୍ବର ଦାସ	ଶ୍ରୀମତୀ ଅଗାଧେଇ ଦେବୀ
୧୯୮.	ନୃସିଂହ ପୁରାଣ ୪ର୍ଥ, ୫ମ, ୭ମ	--	ରତ୍ନାକର ଗରାବଡୁ	ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଦୋରା
୧୯୯.	ସୂର୍ଯ୍ୟ ପୁରାଣ	--	ବାବାଜି ବୈଷ୍ଣବ ଚରଣ ଦାସ	ଶ୍ରୀଯୁକ୍ତ ଗୋପୀନାଥ ପରିଡ଼ା
୨୦୦.	ନୃସିଂହ ପୁରାଣ	--	ବାବାଜି ବୈଷ୍ଣବଚରଣ ଦାସ	ଶ୍ରୀଯୁକ୍ତ ଗୋପୀନାଥ ପରିଡ଼ା
୨୦୧.	ଚୈତନ୍ୟ ଚରିତାମୃତ (ବେଙ୍ଗଲା)	--	ଜଗନ୍ନାଥ ଦାଶ	ଶ୍ରୀଯୁକ୍ତ ରାମଚନ୍ଦ୍ର ନାଏକ
୨୦୨.	Legends of Modern India			SJ. Dandadhar Naik
୨୦୩.	A short life of Swami Bibekananda			SJ. Dandadhar Naik

Digitized by srujanika@gmail.com

୨୦୪.	A five years plan			Sj. Dandadhar Naik
୨୦୫.	Wonders of past and present			Sj. Lingaraj Panda
୨୦୬.	Elementary English grammar			Sj. Lingaraj Panda
୨୦୭.	A way to English			Sj. Lingaraj Panda
208.	A bird with golden voice			Sj. Lingaraj Panda
209.	The new method readers			Sj. Lingaraj Panda
210.	As you like it			Sj. Lingaraj Panda
211.	Compfine stories for Scouts			Sj. Lingaraj Panda
212.	Macmillan's New history Readers (Junior)			Sj. Lingaraj Panda
213.	First Course in English grammer & composition			Sj. Lingaraj Panda
214.	The new method Translation Pt I	--		Sj. Lingaraj Panda
215.	The new method Readers			Sj. Lingaraj Panda
216.	Tales of India	--		Sj. Lingaraj Panda
217.	Away to English (Pt IV)	–		Sj. Madan Mohan Dora
218.	How we are governed	–		Sj. Madan Mohan Dora
219.	Indian Fables of legands			Sj. Madan Mohan Dora
220.	Away to English Book III			Sj. Madan Mohan Dora
221.	Leaders of Modern India Iswar Chandra Vidyasagar			Sj. Madan Mohan Dora
222.	Delhi the Capital of India			Sj. Madan Mohan Dora
223.	The Arbian Night	୧ ଟଙ୍କା	ଚାରିଅଣା	Sj. Madan Mohan Dora
224.	First Course in English grammer of compose	-		Sj. Madan Mohan Dora
225.	Tales of India			Sj. Durjodhan Dora
226.	The first text Book of British History			Sj. Durjodhan Dora
227.	A way to English Book II			Sj. Durjodhan Dora
228.	A way to English Book III			Sj. Durjodhan Dora
229.	St. Mathew			Sj. Durjodhan Dora
230.	The new method translation			Sj. Birabhadra Patnaik

Digitized by srujanika@gmail.com

231.	Practical English Grammar for India Part-I			Sj. Birabhadra Patnaik
232.	Blackies Kohinoor Readers			Sj. Birabhadra Patnaik
୨୩୩.	ପଦ୍ମଗଣା କଥା ରହସ୍ୟ (ପ୍ରଥମ ଖଣ୍ଡ)	ଅଣେ		ଶ୍ରୀଯୁକ୍ତ କାଶୀନାଥ ସ୍ୱାଇଁ
୨୩୪.	ଗାନ୍ଧୀ ବିଚାର	ଆଠଣା	ରଚନା ସମିତି ଦ୍ୱାରା ପ୍ରକାଶିତ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୩୫.	ଛାତ୍ରଙ୍କ ପ୍ରତି ଗାନ୍ଧିଜୀ	୧ ଟଙ୍କା ଚଉଦଣା	ଶ୍ରୀ ଚିରଞ୍ଜନ ଦାସ ଓ ସଚ୍ଚିଦାନନ୍ଦ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୩୬.	ନାରୀ ସମାଜ ପ୍ରତି ଗାନ୍ଧିଜୀ	୧ ଟଙ୍କା ବାରଣା	ଶ୍ରୀ ଚିରଞ୍ଜନ ଦାସ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୩୭.	ରଚନାତ୍ମକ କାର୍ଯ୍ୟକ୍ରମ	ଛଅଣା	ଲେଖକ : ଗାନ୍ଧିଜୀ ଅନୁବାଦ : ହରେକୃଷ୍ଣ ମହତାବ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୩୮.	ଜାତୀୟ ବାହିନୀ ଇତିହାସ	ବାରଣା	ପଣ୍ଡିତ ଯୁଗଳକିଶୋର ପାଣିଗ୍ରାହୀ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୩୯.	କଳଙ୍କ ମୋଚନ	ଆଠଣା	ଶ୍ରୀ ମୋହନ ନାୟକ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୦.	ଗାନ୍ଧୀ ଓ ଇଜ୍ଜତ	୧ ଟଙ୍କା	ଶ୍ରୀ ଗୋପବନ୍ଧୁ ଚୌଧୁରୀ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୧.	ସମବାୟ ଆନ୍ଦୋଳନ	୧ ଟଙ୍କା ଚାରଣା	ଶ୍ରୀ ଈଶ୍ୱର ସାହୁ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୨.	ଗାନ୍ଧି ଗଳ୍ପ	ଚାରଣା	ଶ୍ରୀ ନିତ୍ୟାନନ୍ଦ ସିଂହ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୩.	କଂଗ୍ରେସ	୧ ଟଙ୍କା ବାରଣା	ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୪.	ଛାତ୍ର ଲେଖକ ବନ୍ଧୁ	୧ ଟଙ୍କା	ଶ୍ରୀ ନିମାଇଚରଣ ଦାସ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୫.	ବୃକ୍ଷଲତା	୧ ଟଙ୍କା	ଶ୍ରୀ ନିମାଇଚରଣ ଦାସ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୬.	ସବିତା	ଆଠଣା	କୁମାରୀ ବାସତୀ, କୁମାରୀ ବିଦ୍ୟୁତ୍ପ୍ରଭା	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୭.	ଛାତ୍ରବନ୍ଧୁ	୨ ଅଣା	ଶ୍ରୀ ନିମାଇଚରଣ ଦାସ	ଲାଇବ୍ରେରୀ ଦ୍ୱାରା ଖରାଦ୍
୨୪୮.	Hand book of present day knowledge	୧ ଟଙ୍କା ଆଠଣା	Mc Mohan, Mathews, Bharguish	Sj. H.K. Dora
୨୪୯.	Robinson Crusoe	–	Illustrated by J. Finne none	Sj. H.K. Dora
୨୫୦.	The Sun Light Cure	1.00	Victor Dane	Sj. H.K. Dora
୨୫୧.	The Hall of Heroes	-	Edmond Francis Sellar	Sj. H.K. Dora
୨୫୨.	The first book of Junior Physic	ଅଠଣା	John R. Crossland	Sj. H.K. Dora
୨୫୩.	A little Budget of country stories		Blackies	Sj. H.K. Dora
୨୫୪.	A little book of animals		Ernest H. Robinson	Sj. H.K. Dora
୨୫୫	Prose selection for		Published by Patna	Sj. H.K. Dora

Digitized by srujanika@gmail.com

	Matriculation		University	
୨୫୬.	The Three Musketeers		Alexander Duras	Sj. H.K. Dora
୨୫୭.	Literary & Dramatic Reading		M. Partington	Sj. H.K. Dora
୨୫୮.	Elementary History of India	ଚାରଣା	Gupteshwar Nath M.A.	Sj. H.K. Dora
୨୫୯.	Longman's Geographical series for India	୧୦ ଟ	Longman's Gneas & Co.	Sj. H.K. Dora
୨୬୦.	Paths of Peace		H. Bellis	Sj. H.K. Dora
୨୬୧.	The Scout Spirit		A. G. Elwis	Sj. H.K. Dora
୨୬୨.	Quentin Darwand		Macmillan & Co. Ltd.	Sj. H.K. Dora
୨୬୩.	True Romance of Indian girls	୧ ଟଙ୍କା	M. Qalandar. (Published)	Sj. H.K. Dora
୨୬୪.	Milton		Abridged	Sj. H.K. Dora
୨୬୫.	Macmillan's new History Readers		Macmillan & Co. Ltd.	Sj. H.K. Dora
୨୬୬.	Elementary Science Series		Editor. M.S. Subbesan	Sj. H.K. Dora
୨୬୭.	Boy's own History of India	୧ ଟଙ୍କା	Ramesh Ch. Majumdar	Sj. H.K. Dora
୨୬୮.	The Boy's Odyssey		Walter Copland Perry	Sj. H.K. Dora
୨୬୯.	A first English Grammar	ଆଠଣା	Lewelyn Tipping	Sj. H.K. Dora
୨୭୦.	Blackies New systematic English Readers	୧ ଟଙ୍କା ପାଞ୍ଚଣା	Blackies & Son Ltd.	Sj. H.K. Dora
୨୭୧.	Lafurnum Grove		J.B. Prizotley	Sj. H.K. Dora
୨୭୨.	First Book of Reading		Peary Charan Sivear	Sj. H.K. Dora
୨୭୩.	The Little Duke	୧ ଟଙ୍କା	Charlotte M. Yong	Sj. H.K. Dora
୨୭୪.	The New Royal Readers		Education Deptt.	Sj. H.K. Dora
୨୭୫.	ଲକ୍ଷ୍ମୀ	୧ ଟଙ୍କା	ଫକୀର ମୋହନ ସେନାପତି	ଶ୍ରୀଯୁକ୍ତ ଏଚ୍.କେ. ଦୋରା
୨୭୬.	ଅଗଷ୍ଟ ବିପ୍ଳବ	୨ ଟଙ୍କା	ଶ୍ରୀ ବଳରାମ ମହାନ୍ତି	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୭୭.	ସାତଦାଯ	ଚଉଦଣା	ଶ୍ରୀ ପ୍ରାଣକୃଷ୍ଣ ସାମଲ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୭୮.	ପ୍ରହରାଜଙ୍କ ହତ୍ୟାରହସ୍ୟ	ଦଶଣା	ଶ୍ରୀ ଗଜାନନ ଶର୍ମା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୭୯.	ଡାକୁର ସନ୍ଧାନ	ଆଠଣା	ଶ୍ରୀ ଗଜାନନ ଶର୍ମା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୮୦.	ରସ ଗଳିତଂ ଥପ ଥପ	ପାଞ୍ଚଣା	ରାଏସାହେବ ଜଗବନ୍ଧୁ ମହାପାତ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୮୧.	ଅଭିନବ ଭୂଗୋଳ ପାଠ (୧ଭାଗ)	ବାରଣା	ଲଳିତ ମୋହନ ଘୋଷ ଓଗେର	ଲିଙ୍ଗରାଜ ପରିଡ଼ା
୨୮୨.	ଅଭିନବ ଭୂଗୋଳ ପାଠ (୨ଭାଗ)	ଦଶଣା	ଲଳିତ ମୋହନ ଘୋଷ ଓଗେର	ଲିଙ୍ଗରାଜ ପରିଡ଼ା
୨୮୩.	ଜୟତୀ	ପନ୍ଦରଣା	ଶ୍ରୀ ନାରାୟଣ ମୋହନ ଦେ	ଲିଙ୍ଗରାଜ ପରିଡ଼ା

Digitized by srujanika@gmail.com

୨୮୪.	ସାହିତ୍ୟ ସମାଲୋଚ	ନଅଣା	କାଳିନ୍ଦୀ ଚରଣ ପାଣିଗ୍ରାହୀ	ଲିଙ୍ଗରାଜ ପରିଡ଼ା
୨୮୫.	ସାହିତ୍ୟ ସୁଧା	ବାରଣା		ଲିଙ୍ଗରାଜ ପରିଡ଼ା
୨୮୬.	ମାଟ୍ରିକ୍ ଇଂରେଜ ଇତିହାସ	୨ ଟଙ୍କା	କେଦାର ନାଥ ମହାପାତ୍ର	ଲିଙ୍ଗରାଜ ପରିଡ଼ା
୨୮୭.	ଭାରତ ଇତିହାସ	୧ ଟଙ୍କା ଚାରଣା	କେଦାର ନାଥ ମହାପାତ୍ର	ଲିଙ୍ଗରାଜ ପରିଡ଼ା
୨୮୮.	ଓଡ଼ିଆ ବାଳବୋଧ ବ୍ୟାକରଣ	ଦଶଣା	କୁଳମଣି ମିଶ୍ର	ଲିଙ୍ଗରାଜ ପରିଡ଼ା
୨୮୯.	ଭୂମଣ୍ଡଳ	୨ ଟଙ୍କା	ଦେବରାଜ ପାଣିଗ୍ରାହୀ	ଲିଙ୍ଗରାଜ ପରିଡ଼ା
୨୯୦.	Poetry Selection	୩ ଟଙ୍କା	Patna University	ଲିଙ୍ଗରାଜ ପରିଡ଼ା
୨୯୧.	Poetry Key	୧ ଟଙ୍କା ଆଠଣା	Patna University	ଲିଙ୍ଗରାଜ ପରିଡ଼ା
୨୯୨.	Prose selection	୧ ଟଙ୍କା ୨ ଅଣା	Patna University	ଲିଙ୍ଗରାଜ ପରିଡ଼ା
୨୯୩.	Prose Key	୨ ଟଙ୍କା ଆଠଣା	Patna University	ଲିଙ୍ଗରାଜ ପରିଡ଼ା
୨୯୪.	Royal Indian Atlas	୨ ଟଙ୍କା ଅଠଣ	Patna University	ଲିଙ୍ଗରାଜ ପରିଡ଼ା
୨୯୫.	ଛନ କିଲାବ୍	ଚାରଣା	ଶ୍ରୀ ଶଶିଭୂଷଣ ପଟ୍ଟନାୟକ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୯୬.	ଓଡ଼ିଆ ରଣୀ	୨ ଅଣା	ରାମକୃଷ୍ଣ ପତି	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୯୭.	ଶେଷ ଆକ୍ରମଣ	ଚାରଣା	ରାମକୃଷ୍ଣ ପତି	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୯୮.	କୋଠ ରକ୍ଷ ଓ କୃଷକ	୨ ଅଣା	ଶରତ ପଟ୍ଟନାୟକ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୯୯.	ହିନ୍ଦୁ ମୁସଲମାନ	ଚାରଣା	ଯଦୁନନ୍ଦନ ବିଶ୍ୱାଳ	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୦.	ବାଣେଶ୍ୱର	୧ ଟଙ୍କା	ତ୍ରିଲୋଚନ ଗରାବଡୁ	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୧.	ପ୍ରତିଭା	୨ ଟଙ୍କା	ହରେକୃଷ୍ଣ ମହତାବ	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୨.	ଜନନାୟକ ଖ–୧	୬ ଅଣା	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୩.	ଜନନାୟକ ଖ–୨ (ନେହେରୁ)	ଛଅଣା	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୪.	ଜନନାୟକ ଖ–୩ (ଗାନ୍ଧୀ)	ଛଅଣଶ	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୫.	କୃଷକ ବନ୍ଧୁ	୩ ଟଙ୍କା	ମଦନ ମୋହନ ପ୍ରଧାନ	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୬.	ଅଦେଖା ହାତ		କାହ୍ନୁ ଚରଣ	ଲାଇବ୍ରେରୀ ଦ୍ୱାରା ଖରିଦ୍
୩୦୭.	ଶ୍ରୀକୃଷ୍ଣ ଚୈତନ୍ୟ		ତାରିଣୀ ଚରଣ ଦାସ	ଲିଙ୍ଗରାଜ ଦୋରା
୩୦୮.	ସାହିତ୍ୟ ଦର୍ପଣ			ହରେକୃଷ୍ଣ ଦୋରା
୩୦୯.	ସାହିତ୍ୟ ସୋପାନ		ରାମକୃଷ୍ଣ ନନ୍ଦ	ହରେକୃଷ୍ଣ ଦୋରା
୩୧୦.	English Reader			ହରେକୃଷ୍ଣ ଦୋରା
୩୧୧.	ସାହିତ୍ୟ ସୁଧା		କୁଳମଣି ଦାସ	ହରେକୃଷ୍ଣ ଦୋରା
୩୧୨.	ସୁବାସ କୋଇଲି		ନରସିଂହ ନନ୍ଦ	ଲେଖକଙ୍କ ଦ୍ୱାରା ପ୍ରଦତ୍ତ
୩୧୩.	ରଢ଼ଜାତ ବିଜୟ ଭେରି		ଲକ୍ଷ୍ମଣ ମହାରଣା	ଲେଖକଙ୍କ ଦ୍ୱାରା ପ୍ରଦତ୍ତ
୩୧୪.	ଶ୍ରୀ ଛାମୁ		ଉଦୟନାଥ ଦୃଷ୍ଟି	ଲେଖକଙ୍କ ଦ୍ୱାରା ପ୍ରଦତ୍ତ
୩୧୫.	ସହିଦ୍ ସ୍ମୃତି		ଉଦୟନାଥ ଦୃଷ୍ଟି	ଲେଖକଙ୍କ ଦ୍ୱାରା ପ୍ରଦତ୍ତ

Digitized by srujanika@gmail.com

୩୧୬.	ଡୁବା ଭିଣା		ଜଗନ୍ନାଥ ଦାସ	କ୍ଷେତ୍ରମୋହନ ମହାପାତ୍ର
୩୧୭.	Great Exploit In The air		Blackie & sons	ମଦନ ମୋହନ ଦୋରା
୩୧୮.	ମାନ ଭଞ୍ଜନ		ମୋହନ ସୁନ୍ଦର ଗୋସ୍ୱାମୀ	ଲିଙ୍ଗରାଜ ଦୋରା
୩୧୯.	ଆଦ୍ୟକାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୦.	ଅଯୋଧ୍ୟାକାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୧.	ଆରଣ୍ୟକ କାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୨.	କିଷ୍କିନ୍ଧା କାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୩.	ସୁନ୍ଦରା କାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୪.	ଲଙ୍କା କାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୫.	ଉତ୍ତରା କାଣ୍ଡ (ରାମାୟଣ)		ଭାଗବତ ପ୍ରସାଦ ଦାନ	ଧନେଶ୍ୱର ଦୋରା
୩୨୬.	ପ୍ରସ୍ତାବ ସିନ୍ଧୁ	ଛଅଣା	ଭକ୍ତକବି ଦୀନବନ୍ଧୁ ଦାସ	ଶ୍ରୀ ଡମ୍ବରୁଧର ଦୋରା
୩୨୭.	ଶ୍ରୀମଦ୍ ଭାଗବତ୍ ଦଶମସ୍କନ୍ଧ (ଗୋପଲୀଳା)	ଆଠଣା	ଭକ୍ତକବି ଜଗନ୍ନାଥ ଦାସ	ଶ୍ରୀ ଡମ୍ବରୁଧର ଦୋରା
୩୨୮.	ଗଙ୍ଗା ମହାତ୍ମ୍ୟ	ପାଞ୍ଚଣା	କବି ପୁରୁଷୋତ୍ତମ ଦାସ	ଶ୍ରୀ ଡମ୍ବରୁଧର ଦୋରା
୩୨୯.	କାର୍ତ୍ତିକ ମହାତ୍ମ୍ୟ	ଆଠଣା	ମହାଦେବ ଦାସ	ଡମ୍ବରୁଧର ଦୋରା
୩୩୦.	ମଥୁରା ମଙ୍ଗଳ	ପାଞ୍ଚଣା	ଭକ୍ତଚରଣ ଦାସ	ଶ୍ରୀ ଡମ୍ବରୁଧର ଦୋରା
୩୩୧.	ବ୍ରହ୍ମାଣ୍ଡ ଭୂଗୋଳ	୨ ଅଣା	ବଳରାମ ଦାସ	ଶ୍ରୀ ନାଳଗୁରୁ
୩୩୨.	ଶ୍ରୀମଦ୍ ଭାଗବତ୍ ଏକାଦଶସ୍କନ୍ଧ	୩ ଅଣା	ଜଗନ୍ନାଥ ଦାସ	ଶ୍ରୀ ନାଳଗୁରୁ
୩୩୩.	ଗୁପ୍ତ ଗୀତା	୨ ଅଣା	ଭକ୍ତକବି ବଳରାମ ଦାସ	ଶ୍ରୀ ନାଳଗୁରୁ
୩୩୪.	ଟୀକା ଭାଗବତ ଓ ନିତ୍ୟ କର୍ମ ପଦ୍ଧତି	ଅଣେ	ପରିକ୍ଷିତ ଦାସ	ଶ୍ରୀ ନାଳଗୁରୁ
୩୩୫.	ଲକ୍ଷ୍ମୀ ପୁରାଣ	୨ ଅଣା	ବଳରାମ ଦାସ	ଶ୍ରୀ ନାଳଗୁରୁ
୩୩୬.	ପ୍ରସ୍ତାବ ସିନ୍ଧୁ	ଛଅଣା	ଭକ୍ତକବି ଦୀନବନ୍ଧୁ ଦାସ	ଶ୍ରୀ ନାଳଗୁରୁ
୩୩୭.	ଷଟଶୋଳୀ ପାଠ	୨ ଅଣା	ଅଭିମନ୍ୟୁଚନ୍ଦ୍ରବାଙ୍କ ଦ୍ୱାରା ସଂଗୃହିତ	ଶ୍ରୀ ନାଳଗୁରୁ
୩୩୮.	ରାଜଭାଷା ଶିକ୍ଷା	ଦଶଣେ	ଦୀନବନ୍ଧୁ ଗରାବକ୍ସୁ	ଶ୍ରୀ ନାଳଗୁରୁ
୩୩୯.	ବାଲ୍ୟ ଶିକ୍ଷା (ବଙ୍ଗାଳୀ)	ଅଣେ	ରାମସୁନ୍ଦର ବସାକ (ବଙ୍ଗାଳୀ)	ଶ୍ରୀ ନାଳଗୁରୁ
୩୪୦.	ଗଣେଶ ବିଭୂତି	ଛଅଣେ	ପ୍ରକାଶକ କୋହିନୂର ପ୍ରେସ୍	ଶ୍ରୀ ଆର୍ତ୍ତବନ୍ଧୁ ଭଟ
୩୪୧.	ଅଧ୍ୟାତ୍ମ ରାମାୟଣ	୨ ଟଙ୍କା ଆଠଣା	କବିଚୂଡ଼ାମଣି ଚିଆର ପଟନାୟକ	ଶ୍ରୀ ଭରତ ଭଟ
୩୪୨.	ମାର୍କଣ୍ଡେୟ ପୁରାଣ	୧ ଟଙ୍କା	ଭକ୍ତକବି ମହାଦେବ ଦାସ	ଶ୍ରୀ ଭରତ ଭଟ
୩୪୩.	ବିରାଟ ଗୀତା	--	ବଳରାମ ଦାସ	ଶ୍ରୀ ମହନମାଝି
୩୪୪.	ଭଜନ ସାର	୨ଅଣା		ଶ୍ରୀ ମହନ ମାଝି
୩୪୫.	ଅମର କୁମର	ଆଠଣା	ଅଚ୍ୟୁତାନନ୍ଦ ଦାସ	ଶ୍ରୀ ମହନ ମାଝି
୩୪୬.	ସଂଗୀତ ସାଗର	୩ ଅଣା	ଦାମୋଦର ପଟ୍ଟନାୟକଙ୍କ ଦ୍ୱାରା ସଂଗୃହୀତ	ଶ୍ରୀ ମହନ ମାଝି
୩୪୭.	ନାଇକ୍ରୀ ହରଣ	ଅଣେ ୫ ପାହୁଲା	ବନ୍ଧୁ ନାୟକ	ଶ୍ରୀ ମହନ ମାଝି

Digitized by srujanika@gmail.com

୩୪୮.	ମଥୁରା ମଙ୍ଗଳ	ପାଞ୍ଚଣା	ଭକ୍ତଚରଣ ଦାସ	ଶ୍ରୀ ମଦନ ମାଝି
୩୪୯.	ପାର୍ଥିବ ବୁଦ୍ବୁଦାତା	ଅଣେ		ଶ୍ରୀ ମଦନ ମାଝି
୩୫୦.	ଜ୍ଞାନ ସାଗର	ଚାରଣା		ଶ୍ରୀ ମଦନ ମାଝି
୩୫୧.	ଅଙ୍କବ ପଢ଼ି	୬ ଅଣା		ଶ୍ରୀ ମଦନ ମାଝି
୩୫୨.	ରାଜଭକ୍ତି	୨ ଅଣା	କବିବର ଶ୍ରୀ ଚିନ୍ତାମଣି ମହାନ୍ତି	ଶ୍ରୀ ସନାତନ ଭଟ
୩୫୩.	ନୂତନ ଇଂରାଜି ଶିକ୍ଷା	୨ ଅଣା	ଅନାଦି ଚନ୍ଦ୍ର ମିତ୍ର	ଶ୍ରୀ ଭରତ ଭଟ
୩୫୪.	ବିଷ୍ଣୁ କେଶରି ପୁରାଣ ୧ମ ସ୍ୱର୍ଗ	୧ ଟଙ୍କା ଚାରଣା	ମହାଦେବ ଦାଶ	ରଘୁ ଖଟେଇ
୩୫୫.	ବିଷ୍ଣୁ କେଶରି ପୁରାଣ ୨ୟ ସ୍ୱର୍ଗ	୧ ଟଙ୍କା	ମହାଦେବ ଦାଶ	ରଘୁ ଖଟେଇ
୩୫୬.	ବିଷ୍ଣୁ କେଶରି ପୁରାଣ ୩ୟ ସ୍ୱର୍ଗ	୧ ଟଙ୍କା	ମହାଦେବ ଦାଶ	ରଘୁ ଖଟେଇ
୩୫୭.	ବିଷ୍ଣୁ କେଶରି ପୁରାଣ ୪ର୍ଥ ସ୍ୱର୍ଗ	ଛଅଣା	ମହାଦେବ ଦାଶ	ରଘୁ ଖଟେଇ
୩୫୮.	ବିଷ୍ଣୁ କେଶରି ପୁରାଣ ୫ମ ସ୍ୱର୍ଗ	ଦଶଣା	ମହାଦେବ ଦାଶ	ରଘୁ ଖଟେଇ
୩୫୯.	ବିଷ୍ଣୁ ପୁରାଣ ୧ମ ଭାଗ	୧ ଟଙ୍କା	ପଣ୍ଡିତ ଗଦାଧର ରଥଶର୍ମା	ରଘୁ ଖଟେଇ
୩୬୦.	କୂର୍ମ ପୁରାଣ ୧ମ ଖଣ୍ଡ	--	ଶ୍ରୀ ଗୋପିନାଥ କର	ବାସୁଦେବ ଦୋରା
୩୬୧.	କୂର୍ମ ପୁରାଣ ୨ୟ ଖଣ୍ଡ	--	କବି କାମୁ ପାଳ	ବାସୁଦେବ ଦୋରା
୩୬୨.	ଜାତୀୟ ଜୀବନର ଆତ୍ମ ବିକାଶ ୧ମ ଭାଗ	ଦଶଣା	ଗୋବିନ୍ଦଚନ୍ଦ୍ର ମିଶ୍ର	ନରସିଂହ ନନ୍ଦ
୩୬୩.	ଜାତୀୟ ଜୀବନର ଆତ୍ମ ବିକାଶ ୨ୟ ଭାଗ	୧ ଟଙ୍କା	ଗୋବିନ୍ଦଚନ୍ଦ୍ର ମିଶ୍ର	ଲିଙ୍ଗରାଜ ପରିଡ଼ା
୩୬୪.	Childs Word book	–		Lingaraj Parida
୩୬୫.	ପାଟିଗଣିତ ସଂଧାନ	ଛଅଣା		ଗୋପିନାଥ ପରିଡ଼ା
୩୬୬.	ନବ ସାହିତ୍ୟ	ପାଞ୍ଚଣା	କାଳିନ୍ଦୀଚରଣ ପାଣିଗ୍ରାହୀ	ଗୋପିନାଥ ପରିଡ଼ା
୩୬୭.	ଭୌଗୋଳିକ ସଜ୍ଞା ପ୍ରକରଣ	୨ଅଣା	ରତ୍ନାକର ଗର୍ଗବଟୁ	ଗୋପିନାଥ ପରିଡ଼ା
୩୬୮.	ଭୂଗୋଳ ପାଠ	୧ ଟଙ୍କା	ରତ୍ନାକର ଗର୍ଗବଟୁ	ଗୋପିନାଥ ପରିଡ଼ା
୩୬୯.	Child's easy first grammar	ଆଠଣା	ଆଚାର୍ଯ୍ୟ ହରିହର ଦାସ	ଗୋପିନାଥ ପରିଡ଼ା
୩୭୦.	ପହଲି କିତାବ (ହିନ୍ଦି)	ଛଅଣା	ଆଚାର୍ଯ୍ୟ ହରିହର ଦାସ	ଗୋପିନାଥ ପରିଡ଼ା
୩୭୧.	ମୁକ୍ତି ମାର୍ଗ	--	ଆଚାର୍ଯ୍ୟ ହରିହର ଦାସ	ଗୋପିନାଥ ପରିଡ଼ା
୩୭୨.	New India Readers-III	—		ବିରଭଦ୍ର ପଟ୍ଟନାୟକ
୩୭୩.	ମଧ୍ୟ ବ୍ୟାକରଣ	ଆଠଣା	ନାରାୟଣ ମହାପାତ୍ର	ବିରଭଦ୍ର ପଟ୍ଟନାୟକ
୩୭୪.	କୁକ୍	--		ବିରଭଦ୍ର ପଟ୍ଟନାୟକ
୩୭୫.	ଅମର ବିଳାସ, ନାଟକ	ଚାରଣା	ଅଭିନ ଚରଣ ରାୟ	ଜନାର୍ଦ୍ଦନ ପ୍ରଧାନ
୩୭୬.	ଶୋଭାବତୀ ହରଣ (ନାଟକ)	୩ ଅଣା		ଜନାର୍ଦ୍ଦନ ପ୍ରଧାନ
୩୭୭.	ସୂର୍ଯ୍ୟମୁଖୀ	ଛଅଣା	ପଦ୍ମଚରଣ ପଟ୍ଟନାୟକ	ତ୍ରିନାଥ ବୈଠାରୁ
୩୭୮.	The Everest Readers	୧ ଟଙ୍କା	Gean W. Metadycy B.A.	ତ୍ରିନାଥ ବୈଠାରୁ
୩୭୯.	The Lands of the five river	--		ତ୍ରିନାଥ ବୈଠାରୁ
୩୮୦.	ଜ୍ୟାମିତି ସୋପାନ ୨ୟ	ଆଠଣା	ରେହେମତ୍ ଅଲି	ତ୍ରିନାଥ ବୈଠାରୁ

Digitized by srujanika@gmail.com

୩୮୧.	ବାଳନିତୀ ମଞ୍ଜରୀ (ହିନ୍ଦି)	ଛଅଣା		ତ୍ରିନାଥ ବୈଠାରୁ
୩୮୨.	ଶ୍ରୀମଦ୍ ଭାଗବତ ୧ମ ସ୍କନ୍ଧ	ଦଶଣା	ଭକ୍ତକବି ✓ କୃଷ୍ଣଚନ୍ଦ୍ର ପଟ୍ଟନାୟକ	ଶ୍ରୀମାନ ସୂର୍ଯ୍ୟନାରାୟଣ ଆଚାରୀ ଦେବଭୂଇଁ, ଗଞ୍ଜାମ
୩୮୩.	ଶ୍ରୀମଦ୍ ଭାଗବତ ୨ୟ ଓ ୩ୟସ୍କନ୍ଧ	୧ ଟଙ୍କା	ଭକ୍ତକବି ✓ କୃଷ୍ଣଚନ୍ଦ୍ର ପଟ୍ଟନାୟକ	ଶ୍ରୀମାନ ସୂର୍ଯ୍ୟନାରାୟଣ ଆଚାରୀ ଦେବଭୂଇଁ, ଗଞ୍ଜାମ
୩୮୪.	ଶ୍ରୀମଦ୍ ଭାଗବତ ୪ର୍ଥ ଓ ୫ମସ୍କନ୍ଧ	ଆଠଣା	ଭକ୍ତକବି ✓ କୃଷ୍ଣଚନ୍ଦ୍ର ପଟ୍ଟନାୟକ	ଶ୍ରୀମାନ ସୂର୍ଯ୍ୟନାରାୟଣ ଆଚାରୀ
୩୮୫.	ଶ୍ରୀମଦ୍ ଭାଗବତ ୫ମ ଓ ୬ଷ୍ଠସ୍କନ୍ଧ	୧ ଟଙ୍କା ୨ ଅଣା	ଭକ୍ତକବି ✓ କୃଷ୍ଣଚନ୍ଦ୍ର ପଟ୍ଟନାୟକ	ଶ୍ରୀମାନ ସୂର୍ଯ୍ୟନାରାୟଣ ଆଚାରୀ
୩୮୬.	ଶ୍ରୀମଦ୍ ଭାଗବତ ୮ମ ଓ ୯ମସ୍କନ୍ଧ	୧ ଟଙ୍କା ଆଠଣା	ଭକ୍ତକବି ✓ କୃଷ୍ଣଚନ୍ଦ୍ର ପଟ୍ଟନାୟକ	ଶ୍ରୀମାନ ସୂର୍ଯ୍ୟନାରାୟଣ ଆଚାରୀ
୩୮୭.	ଶ୍ରୀମଦ୍ ଭାଗବତ ୧୦ମସ୍କନ୍ଧ	ଦଶଣା	ଭକ୍ତକବି ✓ କୃଷ୍ଣଚନ୍ଦ୍ର ପଟ୍ଟନାୟକ	ଶ୍ରୀମାନ ସୂର୍ଯ୍ୟନାରାୟଣ ଆଚାରୀ
୩୮୮.	ରାମାୟଣ ଆଦ୍ୟ କାଣ୍ଡ	୧ ଟଙ୍କା	✓ ଭାଗବତ ପ୍ରସାଦ ଦାଶ	ଶ୍ରୀ କ୍ଷେତ୍ରବାସୀ ଦୋରା
୩୮୯.	ରାମାୟଣ ଅଯୋଧ୍ୟା କାଣ୍ଡ	ଦଶଣା	✓ ଭାଗବତ ପ୍ରସାଦ ଦାଶ	ଶ୍ରୀ କ୍ଷେତ୍ରବାସୀ ଦୋରା
୩୯୦.	ରାମାୟଣ ଆରଣ୍ୟକାଣ୍ଡ	ଦଶଣା	✓ ଭାଗବତ ପ୍ରସାଦ ଦାଶ	ଶ୍ରୀ କ୍ଷେତ୍ରବାସୀ ଦୋରା
୩୯୧.	ରାମାୟଣ କିଷ୍କିନ୍ଧ୍ୟା କାଣ୍ଡ	ଦଶଣା	✓ ଭାଗବତ ପ୍ରସାଦ ଦାଶ	ଶ୍ରୀ କ୍ଷେତ୍ରବାସୀ ଦୋରା
୩୯୨.	ରାମାୟଣ ସୁନ୍ଦରା କାଣ୍ଡ	ଦଶଣା	✓ ଭାଗବତ ପ୍ରସାଦ ଦାଶ	ଶ୍ରୀ କ୍ଷେତ୍ରବାସୀ ଦୋରା
୩୯୩.	ସମୁଦ୍ର ଯାତ୍ରା	୩ ଅଣା	କବିବର ଶ୍ରୀ ଚିନ୍ତାମଣି ମହାନ୍ତି	ରାମଚନ୍ଦ୍ର ଦୋରା
୩୯୪.	ସଂକ୍ଷିପ୍ତ ଭାରତ ଇତିହାସ	୧ ଟଙ୍କା ୨ ଅଣା	କେଦାରନାଥ ମହାପାତ୍ର	ଗୋପାଳଚନ୍ଦ୍ର ପଟ୍ଟନାୟକ
୩୯୫.	ବର୍ଣ୍ଣଶିକ୍ଷା	ଚାରଣା	ବିଦ୍ୟାଧର ଦାଶ	ରାମଚନ୍ଦ୍ର ଦୋରା
୩୯୬	Selected Substance for M.E		D. Tripathy & B. Mishra	ରାମଚନ୍ଦ୍ର ଦୋରା
୩୯୭.	Elementary course on English composition			ରାମଚନ୍ଦ୍ର ଦୋରା
୩୯୮.	For Final Assult		Communist Partry	SJ. Basudev Dora
୩୯୯.	ଚେଙ୍ଗ	ଦଶଣା	କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର	ଶ୍ରୀ ଲିଙ୍ଗରାଜ ପରିଡ଼ା
୪୦୦.	ନୃସିଂହ ପ୍ରଥମ ରତ୍ନାକର ପୁରାଣ	୧ ଟଙ୍କା	ବିପ୍ର ପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୧.	ନୃସିଂହ ଦ୍ୱିତୀୟ ରତ୍ନାକର ପୁରାଣ	ବାରଣା	ବିପ୍ର ପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୨.	ନୃସିଂହ ତୃତୀୟ ରତ୍ନାକର ପୁରାଣ	୧ ଟଙ୍କା	ବିପ୍ର ପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୩.	ନୃସିଂହ ଚତୁର୍ଥ ରତ୍ନାକର ପୁରାଣ	୧ ଟଙ୍କା ଆଠଣା	ବିପ୍ର ପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୪.	ନୃସିଂହ ପଞ୍ଚମ ରତ୍ନାକର ପୁରାଣ	ଛଅଣା	ବିପ୍ରପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୫.	ନୃସିଂହ ଷଷ୍ଠ ରତ୍ନାକର ପୁରାଣ	ଦଶଣା	ବିପ୍ରପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୬.	ନୃସିଂହ ସପ୍ତମ ରତ୍ନାକର ପୁରାଣ	୧ ଟଙ୍କା ଆଠଣା	ବିପ୍ରପିତାମ୍ବର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୭.	ବୃହତସୂର୍ଯ୍ୟ ପୁରାଣ	ଆଠଣା	ନାରାୟଣଚନ୍ଦ୍ର ଦାଶ	ପାଠାଗାର ଦ୍ୱାରା ଖରିଦ
୪୦୮.	ଆୟୁର୍ବେଦିୟ ବ୍ୟବସ୍ଥା	-	କବିରାଜ ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ	ରାମଚନ୍ଦ୍ର ଦୋରା

Digitized by srujanika@gmail.com

୪୦୯.	ଇଂରାଜି ଶିକ୍ଷା	ଅଣେ ଛଅ ପାହୁଲା		ରାମଚନ୍ଦ୍ର ଦୋରା
୪୧୦.	ଉତ୍ତକ ରଚନା	ପାଞ୍ଚଣା	ଶ୍ରୀ ରାଧାନାଥ ରାୟ	ରାମଚନ୍ଦ୍ର ଦୋରା
୪୧୧.	ଭାରତ ଇତିହାସ	ଦଶଣା		ରାମଚନ୍ଦ୍ର ଦୋରା
୪୧୨.	ପ୍ରାକ୍ଟିକାଲ ଇଂରାଜୀ ଗ୍ରାମାର	--		ରାମଚନ୍ଦ୍ର ଦୋରା
୪୧୩.	ଚନ୍ଦ୍ରାବତୀ (କାବ୍ୟ)	ଚାରଣା	ଆନନ୍ଦ ଚନ୍ଦ୍ର ମିଶ୍ର	ଶ୍ରୀଯୁକ୍ତ ଦଣ୍ଡଧର ନାଏକ
୪୧୪.	ରଚନା ବନ୍ଧୁ	ଦଶଣା	ବାସୁଦେବ ମହାପାତ୍ର	ଶ୍ରୀଯୁକ୍ତ ଦଣ୍ଡଧର ନାଏକ
୪୧୫.	ଭୂତ୍ମୀ	ଆଠଣା	କୁଞ୍ଜବିହାରୀ ଦାସ ଏମ୍.ଏ.	ଶ୍ରୀଯୁକ୍ତ ଦଣ୍ଡପାଣି ମିଶ୍ର
୪୧୬.	ସଂକ୍ଷିପ୍ତ ଭାରତ ଇତିହାସ	୧ ଟଙ୍କା ଅଣେ, ଛଅ ପାହୁଲା	କେଦାର ନାଥ ମହାପାତ୍ର	ରାମଚନ୍ଦ୍ର ଦୋରା
୪୧୭.	ଡକା କୋଦାଳ	୨ଅଣା	ମନମୋହନ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୪୧୮.	ପୁଞ୍ଜିବାଦ	ବାରଣା	ରାମକୃଷ୍ଣ ପତି	ପାଠାଗାର ଦ୍ୱାରା ଖରିଦ
୪୧୯.	ସ୍ୱାଧୀନ ଓ ସୁଖୀ ଭାରତର ଚିତ୍ର	୨ ଅଣା	ପୂରଣ ଚନ୍ଦ୍ର ଯୋଷୀ	ପାଠାଗାର ଦ୍ୱାରା ଖରିଦ
୪୨୦.	ହିଟଲର ପରେ ଚର୍ଚ୍ଚିଲଙ୍କ ଯୁଦ୍ଧନାଦ	ଅଣେ	ଜୋସେଫ୍ ଷ୍ଟାଲିନ୍	ପାଠାଗାର ଦ୍ୱାରା ଖରିଦ
୪୨୧.	ଜନତାର ଜୟଯାତ୍ରା	୨ ଅଣା	ରାମକୃଷ୍ଣ ପତି	ପାଠାଗାର ଦ୍ୱାରା ଖରିଦ
୪୨୨.	ମାଉଣ୍ଟବାଟେନ ନିଶ୍ଚରି ବ୍ରିଟେନ୍‌ର ନୂଆ ଚାଲ	ଚାରଣା	ଅନୁବାଦ : କୃଷ୍ଣ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ
୪୨୩.	ବିଦ୍ରୋହୀ ଭାରତ	ଛଅଣା	ଅନୁବାଦ : ଗିରିଧାରୀ ପଣ୍ଡା	ପାଠାଗାର ଦ୍ୱାରା ଖରିଦ
୪୨୪.	ବୀର ବୈଷ୍ଣବ	୩ ଅଣା	ଗୋବିନ୍ଦ ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୪୨୫.	ରାଜସ୍ଥାନ	୨ ଅଣା	ରମେଶ ଚନ୍ଦ୍ର	ପାଠାଗାର ଦ୍ୱାରା ଖରିଦ
୪୨୬.	କମ୍ୟୁନିଷ୍ଟ ଓ କଂଗ୍ରେସ	ଛଅଣା	ପୂରଣ ଚନ୍ଦ୍ର ଯୋଷୀ	ପାଠାଗାର ଦ୍ୱାରା ଖରିଦ
୪୨୭.	ମୁକ୍ତି ପଥରେ ଋଷୀ	୨ ଅଣା	ଅନୁବାଦ : ସାଧୁଚରଣ ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୪୨୮.	ମାଟି ମଠ	୧ ଟଙ୍କା	ବଟକୃଷ୍ଣ ପ୍ରହରାଜ	ପାଠାଗାର ଦ୍ୱାରା ଖରିଦ
୪୨୯.	ଘାତପର	ଦଶଣା	ଚନ୍ଦ୍ରମଣୀ ଦାସ	ପାଠାଗାର ଦ୍ୱାରା ଖରିଦ
୪୩୦.	ସପ୍ତରାତ୍ର	ଚାରଣା	ପ୍ରାଣନାଥ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୪୩୧.	ସହଯାତ୍ରିଣୀ	ବାରଣା	ପ୍ରଫୁଲ୍ଲଚନ୍ଦ୍ର ଦାସ	ପାଠାଗାର ଦ୍ୱାରା ଖରିଦ
୪୩୨.	ଭଙ୍ଗା ଦେଉଳ	ପାଞ୍ଚଣା	୨ନେଶ୍ୱର ଦାସ	ପାଠାଗାର ଦ୍ୱାରା ଖରିଦ
୪୩୩.	ହେମମଞ୍ଜରୀ	ଆଠଣା	ରତ୍ନାକର କର	ପାଠାଗାର ଦ୍ୱାରା ଖରିଦ
୪୩୪.	ଏବେ ମଧ ବଞ୍ଚିଛି	୧ ଟଙ୍କା	ଗୋଦାବରୀଶ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୪୩୫.	ପ୍ରେମର ସମାଧି	ବାରଣା	ବାସୁଦେବ ତ୍ରିପାଠୀ	ପାଠାଗାର ଦ୍ୱାରା ଖରିଦ
୪୩୬.	ଦାମ୍ପତ୍ୟ କଳହବୈବ	୧ ଟଙ୍କା	ଉଦୟନାଥ ଷଡ଼ଙ୍ଗୀ	ପାଠାଗାର ଦ୍ୱାରା ଖରିଦ
୪୩୭.	ହତ୍ୟାରହସ୍ୟ	ଦଶଣା	ଯତୀନ୍ଦ୍ରମୋହନ ମୁଖର୍ଜୀ	ପାଠାଗାର ଦ୍ୱାରା ଖରିଦ
୪୩୮.	ଯୋଗିନୀ	ବାରଣା	ବୈରାଗୀ ଚରଣ ନାଏକ	ପାଠାଗାର ଦ୍ୱାରା ଖରିଦ
୪୩୯.	ସଜୀବ ସମାଧି	୧ ଟଙ୍କା	ବାଞ୍ଛାନିଧି ସାମଲ	ପାଠାଗାର ଦ୍ୱାରା ଖରିଦ
୪୪୦.	ପ୍ରେତପୁରୀର ରଙ୍ଗାଘର	୧ ଟଙ୍କା	ଚନ୍ଦ୍ରମଣୀ ଦାସ	ପାଠାଗାର ଦ୍ୱାରା ଖରିଦ
୪୪୧.	ମୁକ୍ତ ଆକାଶର ବିହଙ୍ଗ	୧ ଟଙ୍କା	ଅନନ୍ତ ପ୍ରସାଦ ପଣ୍ଡା	ପାଠାଗାର ଦ୍ୱାରା ଖରିଦ
୪୪୨.	ପ୍ରବନ୍ଧ ପ୍ରସୁନ	ଆଠଣା	ଶଶୀଭୂଷଣ ରାୟ	ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ

Digitized by srujanika@gmail.com

୪୪୩.	ଏଭରେଷ୍ଟରେ ତେରା	ଚାରଣା		ଭିଙ୍ଗରାଜ ଦୋରା
୪୪୪.	ସୈନିକ କବାୟଦ	୩ ଅଣା	ସୁଧିର ଚନ୍ଦ୍ର ଘୋଷ	ଦଣ୍ଡଧର ନାଏକ
୪୪୫.	ସାହିତ୍ୟ ସଂଗ୍ରହ	ଆଠଣା	ଶ୍ରୀ ଦାମୋଦର ରଥ	କ୍ଷେତ୍ରମୋହନ ମହାପାତ୍ର
୪୪୬.	ମହିମଣ୍ଡଳ ଗିତା	--	ଅରକ୍ଷିତ ଦାଶ	ଘନଶ୍ୟାମ ଦାଶ
୪୪୭.	ପ୍ରଭାତ ଅବକାଶ	୨ ଅଣା	ଦିନକୃଷ୍ଣ ଦାଶ	ଘନଶ୍ୟାମ ଦାଶ
୪୪୮.	ଭାଷା ବିନ୍ଧା	୩ ଅଣା	ବଳଭଦ୍ର ଦାଶ	ଘନଶ୍ୟାମ ଦାଶ
୪୪୯.	କମଳାକାନ୍ତ ଚଉତିଶା	ଅଣେ ଛ	ପାହୁଲା	ରବିନ୍ଦ୍ର ଦାଶ ଘନଶ୍ୟାମ ଦାଶ
୪୫୦.	ହନୁମାନ ଚଉତିଶା	ଅଣେ ଛ ପାହୁଲା	ଏସ୍ ଅମିନୁଲ୍	ଘନଶ୍ୟାମ ଦାଶ
୪୫୧.	ବାଉଁଆ ମନ	ଅଣେ	ପ୍ରାଣକୃଷ୍ଣ ଆଚାର୍ଯ୍ୟ	ଘନଶ୍ୟାମ ଦାଶ
୪୫୨.	ଅମରକୁମର ସଂହିତା	ଆଠଣା	ନିରାକାର ଦାଶ	କ୍ଷେତ୍ରମୋହନ ମହାପାତ୍ର
୪୫୩.	ଭଜନ ଅଭିଧାନ	୭ ଟଙ୍କା ଆଠଣା	ସଂକଳନ : ଜଗନ୍ନାଥ ରାଓ	ପାଠାଗାର ଦ୍ୱାରା ଖରିଦ
୪୫୪.	ବ୍ରହ୍ମବୈବର୍ତ୍ତ ପୁରାଣ ୧ମ ଖଣ୍ଡ	୧ ଟଙ୍କା ଚାରଣା	ରତ୍ନାକର ଗର୍ଗବଟୁ	ପାଠାଗାର ଦ୍ୱାରା ଖରିଦ
୪୫୫.	ବ୍ରହ୍ମବୈବର୍ତ୍ତ ପୁରାଣ ୨ୟ ଖଣ୍ଡ	୨ ଟଙ୍କା ଚାରଣା	ରତ୍ନାକର ଗର୍ଗବଟୁ	ପାଠାଗାର ଦ୍ୱାରା ଖରିଦ
୪୫୬.	ବ୍ରହ୍ମବୈବର୍ତ୍ତ ପୁରାଣ ୩ୟ ଖଣ୍ଡ	୧ ଟଙ୍କା ଆଠଣା	ରତ୍ନାକର ଗର୍ଗବଟୁ	ପାଠାଗାର ଦ୍ୱାରା ଖରିଦ
୪୫୭.	କଳ୍କି ପୁରାଣ	୧ ଟଙ୍କା ଆଠଣା	ସଂକଳନ : ପଣ୍ଡିତ ଗୋପିନାଥ କର ଶର୍ମା	ପାଠାଗାର ଦ୍ୱାରା ଖରିଦ
୪୫୮.	ବୃହତ୍ ଗରୁଡ଼ ପୁରାଣ	୧ ଟଙ୍କା ଆଠଣା	ଶ୍ରୀ ଦାଶରଥି ଦାସ	ପାଠାଗାର ଦ୍ୱାରା ଖରିଦ
୪୫୯.	କୂର୍ମ ପୁରାଣ	୧ ଟଙ୍କା ଆଠଣା	ଗୋପିନାଥ କର	ପାଠାଗାର ଦ୍ୱାରା ଖରିଦ
୪୬୦.	ମହାଲକ୍ଷ୍ମୀ ପୁରାଣ (ବୃହତ)	୨ ଟଙ୍କା	ମୋହନଚରଣ ଦାସ	ପାଠାଗାର ଦ୍ୱାରା ଖରିଦ
୪୬୧.	ଗଣେଶ ପୁରାଣ	୧ ଟଙ୍କା ଚାରଣା	ବାସୁଦେବ ରଥ	ପାଠାଗାର ଦ୍ୱାରା ଖରିଦ
୪୬୨.	କୃଷ୍ଣସିଂହ ମହାଭାରତ (ଆଦିପର୍ବ)	୩ ଟଙ୍କା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୬୩.	କୃଷ୍ଣସିଂହ ମହାଭାରତ (ସଭାପର୍ବ)	ବାରଣା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୬୪.	କୃଷ୍ଣସିଂହ ମହାଭାରତ (ବନପର୍ବ)	୨ ଟଙ୍କା ଆଠଣା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୬୫.	କୃଷ୍ଣସିଂହ ମହାଭାରତ (ବିରାଟ ପର୍ବ)	ଆଠଣା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୬୬.	କୃଷ୍ଣସିଂହ ମହାଭାରତ (ଉଦ୍ୟୋଗ ପର୍ବ)	୧ ଟଙ୍କା ଚାରଣା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୬୭.	କୃଷ୍ଣସିଂହ ମହାଭାରତ		କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ

Digitized by srujanika@gmail.com

	(ଭିଷ୍ମ ପର୍ବ)	୧ ଟଙ୍କା		
୪୬୮.	କୃଷ୍ଣସିଂହ ମହାଭାରତ (ଦ୍ରୋଣ ପର୍ବ)	୨ ଟଙ୍କା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୬୯.	କୃଷ୍ଣସିଂହ ମହାଭାରତ (କର୍ଣ୍ଣପର୍ବ)	ବାରଣା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୭୦.	କୃଷ୍ଣସିଂହ ମହାଭାରତ (ଶଲ୍ୟାଦି ପର୍ବତ୍ରୟ)	୧ ଟଙ୍କା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୭୧.	କୃଷ୍ଣସିଂହ ମହାଭାରତ (ଶାନ୍ତି ପର୍ବ)	୨ ଟଙ୍କା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୭୨.	କୃଷ୍ଣସିଂହ ମହାଭାରତ (ଅନୁଶାସନ ପର୍ବ)	୧ ଟଙ୍କା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୭୩.	କୃଷ୍ଣସିଂହ ମହାଭାରତ (ଅଶ୍ୱମେଧ ଯଜ୍ଞ ପର୍ବ)	ବାରଣା	କୃଷ୍ଣସିଂହ ରାଜା	ପାଠାଗାର ଦ୍ୱାରା ଖରିଦ
୪୭୪.	ପଣ୍ଡିତ ସର୍ବସ୍ୱ	୪ ଟଙ୍କା	କିଶୋର ଚନ୍ଦ୍ର ଦେବ	ପାଠାଗାର ଦ୍ୱାରା ଖରିଦ
୪୭୫.	ନାମରତ୍ନ ଗୀତା	୧ ଟଙ୍କା ଆଠଣା	ଶ୍ରୀ ନାରାୟଣ ଚନ୍ଦ୍ର ଦାସ	ପାଠାଗାର ଦ୍ୱାରା ଖରିଦ
୪୭୬.	ଲାବଣ୍ୟବତୀ	୧ ଟଙ୍କା ଆଠଣା	ଶ୍ରୀ ଉପେନ୍ଦ୍ର ଭଞ୍ଜ	ପାଠାଗାର ଦ୍ୱାରା ଖରିଦ
୪୭୭.	ଜମିଦାର ଧ୍ୱଂସରେ ଜଙ୍ଗଲର ନୂଆ କଳେବର	ଆଠଣା	ରାମକୃଷ୍ଣ ପତି	ପାଠାଗାର ଦ୍ୱାରା ଖରିଦ
୪୭୮.	ରକ୍ତ ବିପ୍ଳବ	୧ ଟଙ୍କା ଚାରଣା	ଗୋବିନ୍ଦଚନ୍ଦ୍ର ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୪୭୯.	ଶୁକ ବିଳାସ	୧ ଟଙ୍କା	ମୋହନ ଚରଣ ଦାସ	ପାଠାଗାର ଦ୍ୱାରା ଖରିଦ
୪୮୦.	ଦ୍ୱାଦଶ କୁମାରୀ ଚରିତ	୧ ଟଙ୍କା ଦଶଣା	ପ୍ରଫୁଲ୍ଲଚନ୍ଦ୍ର ଦାସ	ପାଠାଗାର ଦ୍ୱାରା ଖରିଦ
୪୮୧.	ଖୁଲଣା ସୁନ୍ଦରୀ	୧ ଟଙ୍କା	ପ୍ରଫୁଲ୍ଲଚନ୍ଦ୍ର ଦାସ	ପାଠାଗାର ଦ୍ୱାରା ଖରିଦ
୪୮୨.	କବିସୂର୍ଯ୍ୟ ଗ୍ରନ୍ଥାବଳୀ	୫ ଟଙ୍କା	କୁଞ୍ଜମଣି ଦାଶ	ପାଠାଗାର ଦ୍ୱାରା ଖରିଦ
୪୮୩.	ବୃହତ୍ ଚିକିତ୍ସା ମଞ୍ଜରୀ ବା ଚିକିତ୍ସା ସଂଗ୍ରହ	୩ ଟଙ୍କା	ଗୋପୀନାଥ ଶତପଥି	ପାଠାଗାର ଦ୍ୱାରା ଖରିଦ
୪୮୪.	ପ୍ରେମ ପ୍ରକାଶ	୧ ଟଙ୍କା ଚାରଣା	ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ
୪୮୫.	ଶୁଭେନ୍ଦୁ	୧୦ ଣା	ଶୁଭେନ୍ଦୁ ମେମୋରିଆଲ୍ କମିଟି	ପାଠାଗାର ଦ୍ୱାରା ଖରିଦ
୪୮୬.	ଜନନାୟକ (ମୌଲାନ୍ ଆଜାଦ୍)	ଛଅଣା	ଶ୍ରୀ ଲିଙ୍ଗରାଜ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୪୮୭.	ଜନନାୟକ (ମୁସୋଲିନି)	ଛଅଣା	ଶ୍ରୀ ଲିଙ୍ଗରାଜ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୪୮୮.	ବାରବାଟୀ (ନାଟକ)	ଛଅଣା	ଠକୁର ମାୟାଧର ସିଂହ	ପାଠାଗାର ଦ୍ୱାରା ଖରିଦ
୪୮୯.	ପଲ୍ଲୀଛବି	ଛଅଣା	ବାଞ୍ଛାନିଧି ଦାଶ	ପାଠାଗାର ଦ୍ୱାରା ଖରିଦ
୪୯୦.	ବାଳପ୍ରଭାତୀ	ଛଅଣା	ବାଞ୍ଛାନିଧି ଦାଶ	ପାଠାଗାର ଦ୍ୱାରା ଖରିଦ
୪୯୧.	ପ୍ରାୟଶ୍ଚିତ କର	ଛଅଣା	ବାଞ୍ଛାନିଧି ଦାଶ	ପାଠାଗାର ଦ୍ୱାରା ଖରିଦ
୪୯୨.	ବନ୍ଦୀର ଆତ୍ମକଥା	ପାଞ୍ଚଣା	ଗୋପବନ୍ଧୁ ଦାଶ	ପାଠାଗାର ଦ୍ୱାରା ଖରିଦ

Digitized by srujanika@gmail.com

୪୯୩.	କାଗଜକବିତା	ଛଅଣା	ଗୋପବନ୍ଧୁ ଦାଶ	ପାଠାଗାର ଦ୍ୱାରା ଖରିଦ
୪୯୪.	ଜାତୀୟ ପର୍ବ	ଦଶଣା	ସୁଧୀର ଚନ୍ଦ୍ର ଘୋଷ	ପାଠାଗାର ଦ୍ୱାରା ଖରିଦ
୪୯୫.	ଗାନ୍ଧୀ ବାଣୀ	ଚାରଣା	ବଳରାମ ସାହୁ	ପାଠାଗାର ଦ୍ୱାରା ଖରିଦ
୪୯୬.	ଭାତ (ନାଟକ)	୧ ଟଙ୍କା ଚାରଣା	କାଳୀଚରଣ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ
୪୯୭.	ବେକାର (ନାଟକ)	୧ ଟଙ୍କା ଆଠଣା	କାଳୀଚରଣ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ
୪୯୮.	କଳିଙ୍ଗ ବିଜୟ (ନାଟକ)	୧ ଟଙ୍କା ଚାରଣା	ଲାଲା ନଗେନ୍ଦ୍ର କୁମାର ରାୟ	ପାଠାଗାର ଦ୍ୱାରା ଖରିଦ
୪୯୯.	ସର୍ବହରା (ନାଟକ)	୨ ଟଙ୍କା	ଲକ୍ଷ୍ମୀଧର ନାୟକ	ପାଠାଗାର ଦ୍ୱାରା ଖରିଦ
୫୦୦.	ମାଟିର ମୋହ (ନାଟକ)	୧ ଟଙ୍କା	କବିରାଜ ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୦୧.	ଭଗବତ୍ ଗୀତା	୧ ଟଙ୍କା ଆଠଣା	ପଣ୍ଡିତ ରତ୍ନାକର ଗର୍ଗବଟୁ	ପାଠାଗାର ଦ୍ୱାରା ଖରିଦ
୫୦୨.	ଗୀତଗୋବିନ୍ଦ	୧ ଟଙ୍କା ଦଶଣା	ଜୟଦେବ	ପାଠାଗାର ଦ୍ୱାରା ଖରିଦ
୫୦୩.	ସୁଧାସାର ଗୀତା	ବାରଣା	ଚନ୍ଦ୍ରମଣୀ ଦାସ	ପାଠାଗାର ଦ୍ୱାରା ଖରିଦ
୫୦୪.	ବୃହତ୍ତତ୍ୱ ବା ନଚିକେତା ଉପାଖ୍ୟାନ	ପାଞ୍ଚଣା	ଗୋପବନ୍ଧୁ ଦାସ	ପାଠାଗାର ଦ୍ୱାରା ଖରିଦ
୫୦୫.	ଗୀତାର୍ଥ ତତ୍ତ୍ୱ ସାର	ପାଞ୍ଚଣା	ବାବାଜୀ ଶମ୍ଭୁନାଦ ଦାଶ	ପାଠାଗାର ଦ୍ୱାରା ଖରିଦ
୫୦୬.	ଉତ୍କଳ ବୃହଲକ୍ଷ୍ମୀ ୧ମ ଭାଗ	୧ ଟଙ୍କା ଚାରଣା	ପ୍ରଫୁଲ୍ଲ ଚନ୍ଦ୍ର ଦାଶ	ପାଠାଗାର ଦ୍ୱାରା ଖରିଦ
୫୦୭.	ଉତ୍କଳ ବୃହଲକ୍ଷ୍ମୀ ୨ୟ ଭାଗ	୧ ଟଙ୍କା ବାରଣା	ପ୍ରଫୁଲ୍ଲ ଚନ୍ଦ୍ର ଦାଶ	ପାଠାଗାର ଦ୍ୱାରା ଖରିଦ
୫୦୮.	ହାତକଡ଼ି (ଡିଟେକ୍ଟିଭ୍)	ବାରଣା	ଲକ୍ଷ୍ମୀନାରାୟଣ ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୫୦୯.	ପକେଟ ମାରୁ (ଡିଟେକ୍ଟିଭ୍)	ପାଞ୍ଚଣା	ଜଗବନ୍ଧୁ ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୧୦.	ହତ୍ୟାକାରୀ କିଏ (ଡିଟେକ୍ଟିଭ୍)	୧ ଟଙ୍କା ଚାରଣା	ରଘୁନାଥ ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୫୧୧.	ନର ପିଶାଚ (ଡିଟେକ୍ଟିଭ୍)	୧ ଟଙ୍କା ଚାରଣା	ବିଜୟକୃଷ୍ଣ ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୫୧୨.	ପାପର ସମାଧି (ଡିଟେକ୍ଟିଭ୍)	ବାରଣା	ସଦାନନ୍ଦ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ
୫୧୩.	ସୁନାର ଭାରତ	ଛଅଣା	ଆର୍ତ୍ତତ୍ରାଣ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୧୪.	ବଉଦକୋଳେ ଘର	ଆଠଣା	ଚକ୍ରଧର ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୧୫.	ଟଙ୍କା ତିଆରି କଳ	୧ ଟଙ୍କା	ମୋହନ ଚରଣ ଦାଶ	ପାଠାଗାର ଦ୍ୱାରା ଖରିଦ
୫୧୬.	ଧଡ଼ିଆ ବାବାଜି	୧ ଟଙ୍କା	ଜଗବନ୍ଧୁ ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୧୭.	ବିବାହ କଅଣ ବନ୍ଧନ ?	ବାରଣା	କାଶୀନାଥ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୧୮.	ମୁକ୍ତିପଥର ଯାତ୍ରୀ	୧ ଟଙ୍କା ଆଠଣା	ଲକ୍ଷ୍ମଣ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୧୯.	ଘଣ୍ଟାର ଲୁହ	୧ ଟଙ୍କା	ଶଶିଭୂଷଣ ମହାନ୍ତି	ପାଠାଗାର ଦ୍ୱାରା ଖରିଦ

Digitized by srujanika@gmail.com

		ଚାରଣା		
୫୨୦.	କଲେଜ ବୟ	ବାରଣା	ସୁରେନ୍ଦ୍ର ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୫୨୧.	ମଡର୍ଣ୍ଣ ଗାର୍ଲ	୨ ଟଙ୍କା ବାରଣା	ସଚ୍ଚିଦାନନ୍ଦ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ
୫୨୨.	ଅଶ୍ରୁ ବିନ୍ଦୁ	୧ ଟଙ୍କା	ବଟକୃଷ୍ଣ ପ୍ରହରାଜ	ପାଠାଗାର ଦ୍ୱାରା ଖରିଦ
୫୨୩.	ମଣିକାଞ୍ଚନ	୧୦ ଣା	ଜଗବନ୍ଧୁ ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୨୪.	କ୍ଷଣିକା	୧ ଟଙ୍କା	ନିତ୍ୟାନନ୍ଦ ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୨୫.	ରିକ୍ସାବାଲା	୧୦ ଣା	ଗୋଦାବରୀଶ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୨୬.	ଜୁଆର	୧ ଟଙ୍କା ଆଠଣା	ବଂଶୀଧର ଭୂୟାଁ	ପାଠାଗାର ଦ୍ୱାରା ଖରିଦ
୫୨୭.	ପରିଚୟ	ଛଅଣା	ଗୋଦାବରୀଶ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୨୮.	ଶତାବ୍ଦୀର ଅଭିଯାନ	୧ ଟଙ୍କା ୬ ଅଣା	ବୀରକିଶୋର ଦାସ	ପାଠାଗାର ଦ୍ୱାରା ଖରିଦ
୫୨୯.	ଉଦୟ	୧ ଟଙ୍କା ଚାରଣା	ଲେଖକ ସହଯୋଗ ସମିତି	ପାଠାଗାର ଦ୍ୱାରା ଖରିଦ
୫୩୦.	ଲୁହାର ମଣିଷ	୨ ଟଙ୍କା ଆଠଣା	କାଳିନ୍ଦି ଚରଣ ପାଣିଗ୍ରାହୀ	ପାଠାଗାର ଦ୍ୱାରା ଖରିଦ
୫୩୧.	ଜିଅନ୍ତା ମଣିଷ	୨ ଟଙ୍କା ଆଠଣା	ନିତ୍ୟାନନ୍ଦ ମହାପାତ୍ର	ପାଠାଗାର ଦ୍ୱାରା ଖରିଦ
୫୩୨.	ସୁନା କୁଳେଇ	୧ ଟଙ୍କା ଆଠଣା	କୁଳମଣି ଦାଶ	ପାଠାଗାର ଦ୍ୱାରା ଖରିଦ
୫୩୩.	ସାମାଜିକ ମାମଲା	୧ ଟଙ୍କା ଚାରଣା	ଗଣେଶ୍ୱର ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୩୪.	ହାରେ ଦୁର୍ଭାଗା ଦେଶ	୧ ଟଙ୍କା ଦଶଣା	ଲକ୍ଷ୍ମୀଧର ନାୟକ	ପାଠାଗାର ଦ୍ୱାରା ଖରିଦ
୫୩୫.	ଗରିବର ଦୁନିଆଁ	୧ ଟଙ୍କା	ଲକ୍ଷ୍ମଣ ମିଶ୍ର	ପାଠାଗାର ଦ୍ୱାରା ଖରିଦ
୫୩୬.	ମଣିଷ ଶିକାର	୨ ଟଙ୍କା	ଶ୍ରୀ ଚନ୍ଦ୍ରମଣୀ ଦାଶ	ପାଠାଗାର ଦ୍ୱାରା ଖରିଦ
୫୩୭.	ଦଣ୍ଡହରା ଭେଟି	ଚାରଣା	ଘନଶ୍ୟାମ ମହାନ୍ତି	ପାଠାଗାର ଦ୍ୱାରା ଖରିଦ
୫୩୮.	ସଙ୍କଳନ	ଆଠଣା	କଲେଜ ବାଳକମାନେ	ପାଠାଗାର ଦ୍ୱାରା ଖରିଦ
୫୩୯.	କୋକଶାସ୍ତ୍ର ବା ବିଜ୍ଞାନରତି ଶାସ୍ତ୍ର	୧ ଟଙ୍କା	ନାରାୟଣଚନ୍ଦ୍ର ଦାଶ	ପାଠାଗାର ଦ୍ୱାରା ଖରିଦ
୫୪୦.	ବିବାହ ବିଜ୍ଞାନ		ମୋହନଚରଣ ଦାଶ	ପାଠାଗାର ଦ୍ୱାରା ଖରିଦ
୫୪୧.	କାମ ବିଜ୍ଞାନ		ମୋହନ ଚରଣ ଦାଶ	ପାଠାଗାର ଦ୍ୱାରା ଖରିଦ
୫୪୨.	ଶତାବ୍ଦୀ		ଶ୍ରୀ ଶଶିଭୂଷଣ ପଟ୍ଟନାୟକ	ଶ୍ରୀ ଦଣ୍ଡଧର ନାୟକ
୫୪୩.	ବାପୁଜୀ ବିୟୋଗ	ଅଣେ ଛଅ ପାହୁଲା	ଇନ୍ଦୁକିଶୋର ମିଶ୍ର	ଶ୍ରୀ ଦଣ୍ଡଧର ନାୟକ
୫୪୪.	ଅର୍ଘ୍ୟ ଥାଳି	ଚାରଣା	ଶ୍ରୀ ଗଙ୍ଗାଧର ମେହେର	ଶ୍ରୀ ଦଣ୍ଡଧର ନାୟକ
୫୪୫.	ଲିଳା ସଂଗିନୀ	ଛଅଣା	ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ	ଶ୍ରୀ ଦଣ୍ଡଧର ନାୟକ

Digitized by srujanika@gmail.com

୫୪୬.	୧୯୪୩	୧ ଟଙ୍କା	ଉଦୟନାଥ ଷଡ଼ଙ୍ଗୀ	ଶ୍ରୀ ଦଣ୍ଡଧର ନାୟକ
୫୪୭.	କାବ୍ୟ ନାୟିକା	୨ ଟଙ୍କା	ରାଧାମୋହନ ଗଡ଼ନାୟକ	ଶ୍ରୀ ଦଣ୍ଡଧର ନାୟକ
୫୪୮.	ଋଷାର ଦାବି	ଆଠଣା	ସାଧୁଚରଣ ମହାନ୍ତି	ଶ୍ରୀ ଦଣ୍ଡଧର ନାୟକ
୫୪୯.	ବଡ଼ଙ୍କ ସରଳ ପାଠ	ଚାରଣା		ଶ୍ରୀଯୁକ୍ତ ମଦନ ମୋହନ ଦୋରା
୫୫୦.	ଶେଷ ବନ୍ଦି ଭାରତୀ	୧ ଟଙ୍କା	ଅଜୟ ଚନ୍ଦ୍ର ଦାସ	ଶ୍ରୀ ଲିଙ୍ଗରାଜ ଦୋରା
୫୫୧.	ଆଧୁନିକ ଲେଖକ	ଚାରଣା	ଗୁରୁଚରଣ ରାଜତରାୟ	ଶ୍ରୀ ହରେକୃଷ୍ଣ ଦୋରା
୫୫୨.	Picture composition	ଆଠଣା	J. Nelson Frase M.A., I.E.S.	ଶ୍ରୀ ହରେକୃଷ୍ଣ ଦୋରା
୫୫୩.	The coronation English Relised reader	ପାଞ୍ଚଣା ୩ ପାହୁଲା	J.C. Rollo M.A.J.P.	ଶ୍ରୀ ଦଣ୍ଡପାଣି ଦୋରା
୫୫୪.	ଭଦ୍ରମତୀ	ଛଅଣା	ଶ୍ରୀ ଗଙ୍ଗାଧର ମେହେର	
୫୫୫.	ନାମରତ୍ନ ଗୀତା ୧ମ ଭାଗ	ଆଠଣା	ଶ୍ରୀ ଦିନକୃଷ୍ଣ ଦାସ	ଶ୍ରୀ ସୁଦର୍ଶନ ଦାସ
୫୫୬.	ନାମରତ୍ନ ଗୀତା ୨ୟ ଭାଗ	ଚାରଣା	ପଣ୍ଡିତ ଗୋପିନାଥ କର	ଶ୍ରୀ ସୁଦର୍ଶନ ଦାସ
୫୫୭.	ନାମରତ୍ନ ଗୀତା ୩ୟ ଭାଗ	ଚାରଣା	ଗୋପିନାଥ କର	ଶ୍ରୀ ସୁଦର୍ଶନ ଦାସ
୫୫୮.	ନାମରତ୍ନ ଗୀତା ୪ର୍ଥ ଭାଗ	ପାଞ୍ଚଣା	ଶ୍ରୀ ଦିନକୃଷ୍ଣ ଦାସ	ଶ୍ରୀ ସୁଦର୍ଶନ ଦାସ
୫୫୯.	ନାମରତ୍ନ ଗୀତା ୫ମ ଭାଗ	ଛଅଣା	ଶ୍ରୀ ରାମଚନ୍ଦ୍ର ଦାସ	ଶ୍ରୀ ସୁଦର୍ଶନ ଦାସ
୫୬୦.	ମଥୁରା ମଙ୍ଗଳ	ଚାରଣା	ଭକ୍ତଚରଣ ଦାସ	ଶ୍ରୀ ସୁଦର୍ଶନ ଦାସ
୫୬୧.	ଷ୍ଟେସନ ମାଷ୍ଟର	୧ ଟଙ୍କା ଆଠଣା	ତ୍ରିଲୋଚନ ଗରାବଡୁ	ଦଣ୍ଡଧର ନାୟକ
୫୬୨.	ମରିଚିକା	୧ ଟଙ୍କା ଆଠଣା	ଶ୍ରୀ ରାମପ୍ରସାଦ ସିଂହ	ଦଣ୍ଡଧର ନାୟକ
୫୬୩.	ତୁ ମୋ ମା	୧ ଟଙ୍କା	ଦିବ୍ୟସିଂହ ପାଣିଗ୍ରାହୀ	ଶ୍ୟାମସୁନ୍ଦର ପଟ୍ଟନାୟକ
୫୬୪.	ସିଂହଭୂମି ସମସ୍ୟା	୨ ଅଣା	ନବକିଶୋର ଦାସ	ଦଣ୍ଡଧର ନାୟକ
୫୬୫.	ଶିଶୁ ସଙ୍ଗାଳି	୬ ଟଙ୍କା ଆଠଣା	ବାଳକୃଷ୍ଣ କର	ଶ୍ରୀଯୁକ୍ତ କିଶୋର ସ୍ୱାଇଁନ
୫୬୬.	Greak myths		M.A. Achary B.A.	ଶ୍ୟାମ ସୁନ୍ଦର ପଟ୍ଟନାୟକ
୫୬୭.	Letters from father to his daughter		J. Neheru	ଶ୍ୟାମସୁନ୍ଦର ପଟ୍ଟନାୟକ
୫୬୮.	A study of English history			କାଶୀନାଥ ସାହୁ
୫୬୯.	ଓଡ଼ିଆ ବାଳବୋଧ ବ୍ୟାକରଣ		ପଣ୍ଡିତ କୁଳମଣି ଦାସ କାବ୍ୟତୀର୍ଥ	କାଶୀନାଥ ସାହୁ
୫୭୦.	ଅଳଙ୍କାର ବୋଲି	ଅଣେ	ଦାଳକୃଷ୍ଣ ଦାସ	
୫୭୧.	ରତ୍ନାକର ପାଲା	୨ ଅଣା	କଟକ ପ୍ରିଣ୍ଟର୍ସ	
୫୭୨.	ଶିବରାତ୍ର ଭଜନ	ଅଣେ ୩ ପାହୁଲା	କଟପଲି ରାମସ୍ୱାମୀ ଆଚାରୀ	
୫୭୩.	ଭୂଗୋଳ ପାଠ	ଅଣେ	ଜୟକୃଷ୍ଣ ଦାସ	
୫୭୪.	ନନ୍ଦୁଘେରୀ	୬ ପାହୁଲା	ବଂଶୀଧର ନାୟକ	
୫୭୫.	ଶ୍ରୀ ଲକ୍ଷ୍ମୀନାରାୟଣ ଳଳି	ଅଣେ	ଭକ୍ତକବି ଗୌର ଚରଣ ଦାସ	

Digitized by srujanika@gmail.com

୫୭୬.	ଶ୍ରୀ ରଘୁନାଥଙ୍କ ଭଣାଣ	ଅଣେ	ଦାଶରଥି ଦାସ	
୫୭୭.	ଭଗବତୀ ଭଣାଣ		ଗୋବିନ୍ଦ ସାହୁ	
୫୭୮.	ଆଦର୍ଶ ଓଡ଼ିଆ ବ୍ୟାକରଣ			
୫୭୯.	ସ୍ୱାସ୍ଥ୍ୟ ଶିକ୍ଷା			
୫୮୦.	କଂଗ୍ରେସ ନେତାଏ ରାବିଛାଡ଼	ଛଅଣା	ରାମକୃଷ୍ଣ ପତି	ଦଣ୍ଡଧର ନାୟକ
୫୮୧.	ଟଙ୍କା ଗଛ	୧ ଟଙ୍କା ଚାରଣା	ଶ୍ରୀ ଚିନ୍ତାମଣି ମହାନ୍ତି	ଶ୍ରୀ ଅଗାଧୁ ଦୋରା
୫୮୨.	ବାଳ ନୀତି ମଞ୍ଜରୀ	ବାରଣା		ଲିଙ୍ଗରାଜ ପରିଡ଼ା
୫୮୩.	Joseph Stalin	ବାରଣା		ଶ୍ରୀ ଦଣ୍ଡଧର ନାୟକ
୫୮୪.	The Social state structure of U/S S.R.	ଚାରଣା		ଶ୍ରୀ ଦଣ୍ଡଧର ନାୟକ
୫୮୫.	The Twentieth century Dictionary	୧୦ ଟଙ୍କା ୨ ଅଣା ୬ ପାହୁଲା		ଲାଇବ୍ରେରୀ ଦ୍ୱାରା ଖରିଦ୍
୫୮୬.	ରାଧାନାଥ ଗ୍ରନ୍ଥାବଳୀ	୭ ଟଙ୍କା	ରାଧାନାଥ ରାୟ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୮୭.	ମଧୁସୁଦନ ଗ୍ରନ୍ଥାବଳୀ	୭ ଟଙ୍କା ଆଠଣା	ମଧୁସୂଦନ ରାଓ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୮୮.	କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ	୫ ଟଙ୍କା	ଉପେନ୍ଦ୍ର ଭଞ୍ଜ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୮୯.	ଗୋପାଳ କୃଷ୍ଣ ପଦ୍ୟାବଳୀ	୩ ଟଙ୍କା		ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୦.	ପ୍ରଣୟ ବଲ୍ଲରୀ	୧ ଟଙ୍କା ଚଉଦଣା	ଗଙ୍ଗାଧର ମେହେର	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୧.	ସାହିତ୍ୟ ଓ ସାହିତ୍ୟ ତତ୍ତ୍ୱ	୧ ଟଙ୍କା ଦଶଣା	ରାଜକିଶୋର ରାୟ	ଲାଇବ୍ରେରୀ ଦ୍ୱାରା ଖରିଦ
୫୯୨	ଜୟଶ୍ରୀ	୧ ଟଙ୍କା	ରାଜକିଶୋର ରାୟ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୩.	ବନଜ୍ୟୋତ୍ସ୍ନା	୧ ଟଙ୍କା	ରାଜକିଶୋର ରାୟ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୪.	ନାଲିଲହରି	୧ ଟଙ୍କା ଆଠଣା	ରାଜକିଶୋର ରାୟ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୫.	ବିକଚ ଶତଦଳ	୧ ଟଙ୍କା ଦଶଣା	ରାଜକିଶୋର ରାୟ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୬.	ସାଗରିକା	୧ ଟଙ୍କା	କାଳିନ୍ଦୀ ଚରଣ ପାଣିଗ୍ରାହୀ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୭.	ମାଟିର ମଣିଷ	୧୫ଅଣା	କାଳିନ୍ଦୀ ଚରଣ ପାଣିଗ୍ରାହୀ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୮.	ମହାଦୀପ	ବାରଣା	କାଳିନ୍ଦୀ ଚରଣ ପାଣିଗ୍ରାହୀ	ଲାଇବ୍ରେରୀ ଦ୍ୱାରା ଖରିଦ୍
୫୯୯.	ବାପୁ ତର୍ପଣ	ବାରଣା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୦୦.	କବି ଓ କବିତା	୨ ଟଙ୍କା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୦୧.	କମଳାୟନ	୨ ଟଙ୍କା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୦୨.	ହେମା	ବାରଣା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୦୩.	ଧୂପ	୧ ଟଙ୍କା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୦୪.	ଅକ୍ଷତ	ଆଠଣା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍

Digitized by srujanika@gmail.com

୨୦୫.	ପଞ୍ଚମ ପଥିକ	୨ ଟଙ୍କା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୦୬.	ଜୀବନ ପଥ	୧ ଟଙ୍କା ୬ ଅଣା	ମାୟାଧର ମାନସିଂହ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୦୭.	ବାହିରାଗତ	ଚଉଦଅଣା	ସଚି ରାଉତରା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୦୮.	ପାଣ୍ଡୁଲିପି	୨ ଟଙ୍କା	ସଚି ରାଉତରା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୦୯.	ଭାନୁମତୀର ଦେଶ	ଚଉଦଅଣା	ସଚି ରାଉତରା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୦.	ମାଟିର ତାଜ	୧ ଟଙ୍କା	ସଚି ରାଉତରା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୧.	ଭୂଲି ହୁଏନା	୧ ଟଙ୍କା	କାହ୍ନୁ ଚରଣ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୨.	ଶାସ୍ତି	୨ ଟଙ୍କା ବାରଣା	କାହ୍ନୁ ଚରଣ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୩.	ପ୍ରେମର ନିୟତି	୧ ଟଙ୍କା	ଆଠଣା	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୪.	କାବ୍ୟ ନାୟିକା	୨ ଟଙ୍କା	ରାଧାମୋହନ ଗଡ଼ନାୟକ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୫.	ଦସ୍ୟୁ ରବିନ୍	୧ ଟଙ୍କା ଆଠଣା	ଦ୍ୱାରିକାନାଥ ଦାସ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୬.	ଦସ୍ୟୁର ବିନ୍ (ଛଦ୍ମ ବେଶରେ)	୧ ଟଙ୍କା ଆଠଣା	ଦ୍ୱାରିକାନାଥ ଦାସ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୭.	ଜନ ନାୟକ ଜୋସେଫଷ୍ଟାଲିନ୍	ଛଅଣା	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୮.	ବେନିଟୋ ମୁସୋଲିନ୍	ଛଅଣା	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୧୯.	ଆଡ଼ଲଫ୍ ହିଟ୍ଲର୍	ଛଅଣା	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୦.	ଏ ଯୁଗର ନାରୀ	ଆଠଣା	ଲିଙ୍ଗରାଜ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୧.	ହରିଜନ ରାଧା	ଛଅଣା	ନିଳକଣ୍ଠ ରଥ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୨.	ଓଡ଼ିଆ ସାହିତ୍ୟର କ୍ରମ ପରିଣାମ	୩ ଟଙ୍କା	ନିଳକଣ୍ଠ ଦାସ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୩.	ସେ ମରି ନାହିଁ	୧ ଟଙ୍କା ଆଠଣା	ଲକ୍ଷ୍ମୀଧର ନାୟକ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୪.	ଯୁଗଜ୍ୟୋତି ଜବାହର ଲାଲ	୨ ଟଙ୍କା ଆଠଣା	ବଳରାମ ମହାନ୍ତି	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୫.	ଓଡ଼ିଶାର ଖାଦ୍ୟ ଓ ସ୍ୱାସ୍ଥ୍ୟ	୨ ଟଙ୍କା ଆଠଣା	ପଦ୍ମଚରଣ ପଟ୍ଟନାୟକ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୬.	ବୀରଶ୍ରୀ	୧ ଟଙ୍କା	କୁଞ୍ଜବିହାରୀ ଦାସ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୭.	ପଲାସି ଅବସାନେ	ଛଅଣା	ହରେକୃଷ୍ଣ ମହତାବ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୮.	ଗୋପାଳନ	ଛଅଣା	ସବୁଜ ସାହିତ୍ୟ ସମିତି	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୨୯.	ଜମ୍ମୁ	୧ ଟଙ୍କା	ଗଣେଶ୍ୱର ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୩୦.	ତରୁଣ ତୂର୍ଯ୍ୟ	୧ ଟଙ୍କା ଦଶଣା	ଉମେଶ ଚରଣ ପାଣିଗ୍ରାହୀ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୩୧.	ଅବକାଶ ଚିନ୍ତା	ଆଠଣା	ଗୋପବନ୍ଧୁ ଦାସ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୩୨.	ବ୍ୟାସ ସରୋବର	ଆଠଣା	ଚନ୍ଦ୍ରମଣି ଦାସ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୩୩.	ବିଶ୍ୱ ବିପ୍ଳବିଣୀ	ବାରଣା	ଶ୍ରୀମତୀ ସରଳା ଦେବୀ	ଲାଇବ୍ରେରୀ ଦ୍ୱାରା ଖରିଦ୍
୨୩୪.	ପିଲାଙ୍କ କାହିଁକି	୧ ଟଙ୍କା	ଗୋଦାବରିଶ ମିଶ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍

Digitized by srujanika@gmail.com

		ନଅଣା		
୬୩୫.	କୃଷକ ସଂଖାଳି	ଆଠଣା	ପଦ୍ମଲାଭ ପଟ୍ଟନାୟକ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୩୬.	ଜୟ ଦେବ (ନାଟକ)	୧ ଟଙ୍କା ଚାରଣା	କାଳି ଚରଣ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୩୭.	ଅଭିଯାନ (ନାଟକ)	୧ ଟଙ୍କା ଚାରଣା	କାଳି ଚରଣ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୩୮.	ରକ୍ତ ଅରକ୍ଷିତ (ନାଟକ)	୨ ଟଙ୍କା ଦଶଣା	ରାମଚନ୍ଦ୍ର ମହାପାତ୍ର	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୩୯.	ହିନ୍ଦୁ ରମଣୀ	୧ ଟଙ୍କା	ଅଶ୍ୱିନୀ କୁମାର ଘୋଷ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୪୦.	ଚିଲିକା	ଛଅଣା	ରାଧାନାଥ ରାୟ	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୬୪୧.	ମୁକ୍ତିପଥେ ସୈନିକ	୧ ଟଙ୍କା ଚାରଣା	ପବିତ୍ର ମୋହନ ପ୍ରଧାନ	ଶ୍ରୀ ହରେକୃଷ୍ଣ ଦୋରା
୬୪୨.	କଳ୍ପନା	ଛ ଅଣା	କାଳିନ୍ଦି ଚରଣ ପାଣିଗ୍ରାହୀ	ଶ୍ରୀଯୁକ୍ତ ମଦନ ମୋହନ ଦୋରା
୬୪୩.	Tales Form Shakespere	୩ ଟଙ୍କା		ଶ୍ରୀଯୁକ୍ତ ଦଣ୍ଡଧର ନାଏକ
୬୪୪.	ବୈଦେହିଶ ବିଳାଶ ୧ମ	୨ ଟଙ୍କା	କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୪୫.	ବୈଦେହିଶ ବିଳାଶ ୨ୟ	୨ଟଙ୍କା ଆଠଣା	କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୪୬.	ବୈଦେହିଶ ବିଳାଶ ୩ୟ	୨ ଟଙ୍କା ଆଠଣା	କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୪୭.	ବୈଦେହିଶ ବିଳାଶ ୪ର୍ଥ	୩ ଟଙ୍କା	କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୪୮.	ଜୈମିନି ଭାରତ ୧ମ	୩ ଟଙ୍କା	ମୋହନ ଚରଣ ଦାଶ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୪୯.	ଜୈମିନି ଭାରତ ୨ୟ	୩ ଟଙ୍କା	ମୋହନ ଚରଣ ଦାଶ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୫୦.	ବଂଶ କୁମାର ଚରିତ	୨ ଟଙ୍କା	କବିଶ୍ରୀ ବୈଷ୍ଣବ ପାଣି	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୫୧.	ବଂଶ କୁମାରୀ ଚରିତ	୨ ଟଙ୍କା ଆଠଣା	କବିଶ୍ରୀ ବୈଷ୍ଣବ ପାଣି	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୫୨.	ବତ୍ରିଶ ସିଂହାସନ	୧ ଟଙ୍କା ଚାରଣା	ନାରାୟଣ ଚନ୍ଦ୍ର ଦାନ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୫୩.	ଅବୋଲକରା କାହାଣି ୨ୟ	ବାରଣା	ବିଶ୍ୱନାଥ ଦାଶ	ଲାଇବ୍ରେରୀ ଦ୍ୱାରା ଖରିଦ୍
୬୫୪.	ପହିଲ କିତାପ (ହିନ୍ଦି)	ଛଅଣା	ରାଜକୃଷ୍ଣ ବୋଷ	ମହେଶ୍ୱର ସଡ଼ଙ୍ଗି
୬୫୫.	ସାହିତ୍ୟ ଦର୍ପଣ	ଛଅଣା	ଭୋବନେଶ୍ୱର ମିଶ୍ର	କୁଞ୍ଜମୋହନ ଦୋରା
୬୫୬.	ଗଣିତ ବୋଧ	ଚାରଣା	ବାମନ ଚରଣ ଦାସ	କୁଞ୍ଜମୋହନ ଦୋରା
୬୫୭.	ସରଳ ସ୍ୱାସ୍ଥ୍ୟ ରକ୍ଷା	ବାରଣା	ବିଶ୍ୱମ୍ଭର ରଥ	କୁଞ୍ଜମୋହନ ଦୋରା
୬୫୮.	ସାହିତ୍ୟ ସୋପାନ	ଆଠଣା	ରାମକୃଷ୍ଣ ନନ୍ଦ	କୁଞ୍ଜମୋହନ ଦୋରା
୬୫୯.	ସାହିତ୍ୟ ପ୍ରବେଶ	ଆଠଣା		କୁଞ୍ଜମୋହନ ଦୋରା
୬୬୦.	ପ୍ରଥମ ପ୍ରେମ			
୬୬୧.	ଶିକ୍ଷା ପ୍ରଦୀପ		ହରିହର ମିଶ୍ର ଏମ୍.ଏ.	ଅଚ୍ୟୁତାନନ୍ଦ ପରିଡ଼ା
୬୬୨.	ଶିକ୍ଷା ପ୍ରଦୀପ		Sri H. M. Patra	ଅଚ୍ୟୁତାନନ୍ଦ ପରିଡ଼ା

Digitized by srujanika@gmail.com

୬୬୩.	Release and Resettlement		Indian Defence Service	ଅଚ୍ୟୁତାନନ୍ଦ ପରିଡ଼ା
୬୬୪.	ପଞ୍ଚବାର	ଛଅଣା	ଗୋଦାବରିଶ ମିଶ୍ର	ଅଚ୍ୟୁତାନନ୍ଦ ପରିଡ଼ା
୬୬୫.	ସରଳ ପ୍ରବନ୍ଧ	ଦଶଣା	ବୈତାରି ମହାନ୍ତି	ଅଚ୍ୟୁତାନନ୍ଦ ପରିଡ଼ା
୬୬୬.	ସାହିତ୍ୟ ସୌରଭ	ପନ୍ଦରଣା	ରାମଚନ୍ଦ୍ର ମହାପାତ୍ର	ଅଚ୍ୟୁତାନନ୍ଦ ପରିଡ଼ା
୬୬୭.	The Everest Readers		Gean W. Mefadycn	ଅଚ୍ୟୁତାନନ୍ଦ ପରିଡ଼ା
୬୬୮.	A simple English grammer			ଅଚ୍ୟୁତାନନ୍ଦ ପରିଡ଼ା
୬୭୦.	Note on Pattern Poetry		Nirmal Kumar Lohiri (MA)	ଅଚ୍ୟୁତାନନ୍ଦ ପରିଡ଼ା
୬୭୧.	ସାଧାରଣ ବିଜ୍ଞାନ	ଦଶଣା	ରାମଚନ୍ଦ୍ର ମିଶ୍ର	ଅଚ୍ୟୁତାନନ୍ଦ ପରିଡ଼ା
୬୭୨.	ଭୌଗୋଳିକ ସାହିତ୍ୟ ୨ଭାଗ	--	ଅଧିରାଜ ମୋହନ ସେନାପତି	ଅଚ୍ୟୁତାନନ୍ଦ ପରିଡ଼ା
୬୭୩.	ସାଧାରଣ ବିଜ୍ଞାନ	ଦଶଣା	ରଘୁନାଥ ପାଢ଼ୀ	ଅଚ୍ୟୁତାନନ୍ଦ ପରିଡ଼ା
୬୭୪.	ଗୀତ ଗୋବିନ୍ଦ	--		ଅଚ୍ୟୁତାନନ୍ଦ ପରିଡ଼ା
୬୭୫.	ରୋଷେଇ ପୁସ୍ତକ (ହିନ୍ଦି)	—		ଅଚ୍ୟୁତାନନ୍ଦ ପରିଡ଼ା
୬୭୬.	Leaders of Mordern India	–	M.K. Gandhi	ଅଚ୍ୟୁତାନନ୍ଦ ପରିଡ଼ା
୬୭୭.	ମହାବରେ ଅକ୍ଷର କହାଁବତେ (ହିନ୍ଦି)			ଅଚ୍ୟୁତାନନ୍ଦ ପରିଡ଼ା
୬୭୮.	The Everest Reader	-		ଅଚ୍ୟୁତାନନ୍ଦ ପରିଡ଼ା
୬୭୯.	ରଚନା ଦର୍ପଣ	୧ ଟଙ୍କା ୨ ଅଣା	ବାସୁଦେବ ମହାପାତ୍ର	ଅଚ୍ୟୁତାନନ୍ଦ ପରିଡ଼ା
୬୮୦.	ତିସିରି କିତାପ (ହିନ୍ଦି)	ସାତଣା		ଅଚ୍ୟୁତାନନ୍ଦ ପରିଡ଼ା
୬୮୧.	The Dragon Book of Verse	୧ ଟଙ୍କା		ଅଚ୍ୟୁତାନନ୍ଦ ପରିଡ଼ା
୬୮୨.	ପ୍ରବନ୍ଧ ପ୍ରବେଶ	୧ ଟଙ୍କା	ବାସୁଦେବ ମହାପାତ୍ର	ଅଚ୍ୟୁତାନନ୍ଦ ପରିଡ଼ା
୬୮୩.	ଗଣିତ ସୋପାନ ୩ୟ ଭାଗ	--	ରହମତ ଅଲ୍ଲି	ଅଚ୍ୟୁତାନନ୍ଦ ପରିଡ଼ା
୬୮୪.	ସାଧାରଣ ବିଜ୍ଞାନ	ବାରଣା	ରଘୁନାଥ ପାଢ଼ୀ	ଅଚ୍ୟୁତାନନ୍ଦ ପରିଡ଼ା
୬୮୫.	General Science Notes	୧ ଟଙ୍କା	Hari Krishan Pattnaik	ଅଚ୍ୟୁତାନନ୍ଦ ପରିଡ଼ା
୮୬.	The story of Jawaharlal	୧ ଟଙ୍କା ଚାରଣା		ଅଚ୍ୟୁତାନନ୍ଦ ପରିଡ଼ା
୬୮୭.	ଭୈମାନିକା (ବଙ୍ଗାଳି)			ଅଚ୍ୟୁତାନନ୍ଦ ପରିଡ଼ା
୬୮୮.	ଭାରତ ବର୍ଷେର୍ (ବଙ୍ଗାଳି)			ଅଚ୍ୟୁତାନନ୍ଦ ପରିଡ଼ା
୬୮୯.	Introduction to Citizenship	୧ ଟଙ୍କା	G.C. Hall.	ଶ୍ରୀ ଭିକରାଜ ପରିଡ଼ା
୬୯୦.	Translation - High School	୧ ଟଙ୍କା ଚାରଣା		ଶ୍ରୀ ଭିକରାଜ ପରିଡ଼ା
୬୯୧.	ବେନାମୀ (ନାଟକ)	୧ ଟଙ୍କା ଆଠଣା	ଭଜକିଶୋର ପଟ୍ଟନାୟକ	ଶ୍ରୀ ଭିକରାଜ ପରିଡ଼ା
୬୯୨.	କେଶୀ ରାୟ	ଦଶଣା	ଶ୍ରୀ ସଦାନନ୍ଦ ଶର୍ମା	ଶ୍ରୀ ଭିକରାଜ ପରିଡ଼ା
୬୯୩.	ମଥୁରା ମଙ୍ଗଳ	ଚାରଣା	ଭକ୍ତ ଚରଣ ଦାସ	ଶ୍ରୀ ଭିକରାଜ ପରିଡ଼ା
୬୯୪.	ଷ୍ଟେସନ ମାଷ୍ଟର	୧ ଟଙ୍କା ଆଠଣା	ତ୍ରିଲୋଚନ ରଥାବକ୍ସ	ଶ୍ରୀ ଭିକରାଜ ପରିଡ଼ା

Digitized by srujanika@gmail.com

୬୯୫.	କନ୍ୟାସୁନା	ଦଶଣା	ହରିଚରଣ ଗିରି	ଶ୍ରୀ ଲିଙ୍ଗରାଜ ପରିଡ଼ା
୬୯୬.	କରୁଣାଞ୍ଜଳୀ	୫ ଅଣା	ମଧୁସୁଦନ ରାଓ	ଶ୍ରୀ ଲିଙ୍ଗରାଜ ପରିଡ଼ା
୬୯୭.	The first course In English grammer & composition ଛାତ୍ର, ଲେଖକ ବନ୍ଧୁ			
୬୯୮.	ଗୋବର ଗୋଟେଇ			
୬୯୯.	ପାଣିଶୁଣ୍ଠ			
୭୦୦.	ରୂପର ଅଭିଶାପ			
୭୦୧.	ନୀତି କଥା			
୭୦୨.	ପୁଷ୍ପିକା			
୭୦୩.	ବିଚିତ୍ର ରାମାୟଣ			
୭୦୪.	ପୃଥିବୀର ଇତିହାସ			
୭୦୫.	କଳନା ଯାତ୍ରା		ଆନନ୍ଦ ଚନ୍ଦ୍ର ମିଶ୍ର	
୭୦୬.	ଭୁଲ୍		ନିତ୍ୟାନନ୍ଦ ମହାପାତ୍ର	
୭୦୭.	ବୁଢ଼ା ଗଦାଧର		ଗୋବିନ୍ଦ ତ୍ରିପାଠୀ	
୭୦୮.	କୋଣାର୍କ		ମାୟାଧର ମାନସିଂହ	
୭୦୯.	The untouchables		ଡ. ବି.ଆର୍. ଆମ୍ବେଦକର	ଦଣ୍ଡଧର ନାଏକ
୭୧୦.	ସେକେଣ୍ଡ ହାଣ୍ଡ	୧ ଟଙ୍କା ବାରଣା	କ୍ଷେତ୍ରମୋହନ ଚୌଧୁରୀ	ପାଠାଗାର ଦ୍ୱାରା ଖରିଦ୍
୭୧୧.	ପତିବ୍ରତା	ପନ୍ଦରଣା	ସଚ୍ଚିଦାନନ୍ଦ ରାଉତରାୟ	ପାଠାଗାର ଦ୍ୱାରା ଖରିଦ୍
୭୧୨.	ହସ ହସ ମୋର ପ୍ରିୟ	୧ ଟଙ୍କା ଆଠଣା	ଭବଙ୍କଲତା ଦେବୀ	ପାଠାଗାର ଦ୍ୱାରା ଖରିଦ୍
୭୧୩.	ମୌଳିକ ଶିକ୍ଷା	୧ ଟଙ୍କା	ଶତ୍ରୁଘ୍ନ ନାଥ	ପାଠାଗାର ଦ୍ୱାରା ଖରିଦ୍
୭୧୪.	ଭଗ୍ନାଭିଳାଷ	ଦଶଣା	ଶିଶୁ ଶଙ୍କର ଦାସ	ପାଠାଗାର ଦ୍ୱାରା ଖରିଦ୍
୭୧୫.	ଜଙ୍ଗଲରେ ପଦଯାତ୍ରା	୧ଟଙ୍କା	ବିନୋଦ କାନୁନ୍‌ଗୋ	ପାଠାଗାର ଦ୍ୱାରା ଖରିଦ୍
୭୧୬.	ପଞ୍ଚାତକ	୨ ଟଙ୍କା	କାହ୍ନୁଚରଣ	ପାଠାଗାର ଦ୍ୱାରା ଖରିଦ୍
୭୧୭.	ଭବାନୀ ଓ ରାଜପୁତ	୧ ଟଙ୍କା ଆଠଣା	ଦ୍ୱାରିକାନାଥ ଦାସ	ପାଠାଗାର ଦ୍ୱାରା ଖରିଦ୍
୭୧୮.	ଗାଉଁରେ	୧ ଟଙ୍କା ଦଶଣା	ହରେକୃଷ୍ଣ ମହତାବ	ପାଠାଗାର ଦ୍ୱାରା ଖରିଦ୍
୭୧୯.	ସେପାଖେ ଝଡ଼ିଯାଏ	ଦଶଣା	ଶୁକ ଦେବ ସାହୁ	ପାଠାଗାର ଦ୍ୱାରା ଖରିଦ୍
୭୨୦.	ସରଳ କୃଷି ଶିକ୍ଷା	୧ ଟଙ୍କା ବାରଣା	ଶିଶିରକାନ୍ତ ସାହୁ	ପାଠାଗାର ଦ୍ୱାରା ଖରିଦ୍
୭୨୧.	ମୁଁ ଦୋଷୀ	୧ ଟଙ୍କା ଚାରଣା	ଗୋପୀନାଥ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ୍
୭୨୨.	ଚତୁର ବିନୋଦ	୧ ଟଙ୍କା	ବ୍ରଜନାଥ ବଡ଼ଜେନା	ପାଠାଗାର ଦ୍ୱାରା ଖରିଦ୍

Digitized by srujanika@gmail.com

		ଚାରଣା	
୭୨୩.	କୋଣାର୍କେ	୨ ଟଙ୍କା ନିଳକଣ୍ଠ ଦାସ	ପାଠାଗାର ଦ୍ୱାରା ଖରିଦ୍
		ବାରଣା	
୭୨୪.	ଘର ସଂସାର	୨ ଟଙ୍କା ରାମଚନ୍ଦ୍ର ମିଶ୍ର (ବି.ଏଲ୍)	ପାଠାଗାର ଦ୍ୱାରା ଖରିଦ୍
୭୨୫.	ଛତ୍ରବେଶେ ରବିନ୍	୧ ଟଙ୍କା ଦ୍ୱାରକା ନାଥ ଦାସ	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୨୬.	ଜଗତରେ ଭାରତ	୧ ଟଙ୍କା ଶତ୍ରୁଘ୍ନ ନାଥ	ପାଠାଗାର ଦ୍ୱାରା ଖରିଦ୍
		୬ ଅଣା	
୭୨୭.	ଗୋପାଳନ	୧ ଟଙ୍କା ରାଧାଗୋବିନ୍ଦ ଦାସ	ପାଠାଗାର ଦ୍ୱାରା ଖରିଦ୍
୭୨୮.	ଆକାଶ ପରୀ	ଛଅଣା ଜଦୟନାଥ ଷଡ଼ଙ୍ଗୀ	ପାଠାଗାର ଦ୍ୱାରା ଖରିଦ୍
୭୨୯.	କୁହୁକ ଘୋଡ଼ା	ଛଅଣା କୃଷ୍ଣଚନ୍ଦ୍ର କର	ପାଠାଗାର ଦ୍ୱାରା ଖରିଦ୍
୭୩୦.	ଭୁଲିଲା ସତେ ସଖି	୧ ଟଙ୍କା ଲକ୍ଷ୍ମୀଧର ନାଏକ	ପାଠାଗାର ଦ୍ୱାରା ଖରିଦ୍
		ବାରଣା	
୭୩୧.	ଅବକାଶ ଚିନ୍ତା	ଆଠଣା ଗୋପବନ୍ଧୁ ଦାସ	ପାଠାଗାର ଦ୍ୱାରା ଖରିଦ୍
୭୩୨.	ହିନ୍ଦୁ ଆୟର ବିଚାର	୧ ଟଙ୍କା ପଦ୍ମଚରଣ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ୍
୭୩୩.	ନାଇଟ୍ରିକ୍ ଏସିଡ୍	୧ ଟଙ୍କା ଗୋ.ଚ.ମି.	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୩୪.	ପାକ ପ୍ରଣାଳୀ	୧ ଟଙ୍କା ଦାସରଥି ଦାସ	ପାଠାଗାର ଦ୍ୱାରା ଖରିଦ୍
		ବାରଣା	
୭୩୫.	ଶବ କଥାକହେ	୧ ଟଙ୍କା ସିଦ୍ଧେଶ୍ୱର ହୋତା	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୩୬.	ମନଗହୀରର ତଳେ	୧ ଟଙ୍କା ହରିଚରଣ ପଟ୍ଟନାୟକ	ପାଠାଗାର ଦ୍ୱାରା ଖରିଦ୍
୭୩୭.	କାଙ୍ଗାଳୀ କୁମାରୀ	ଦଶଣା କମଳଲୋଚନ ମହାନ୍ତି	ପାଠାଗାର ଦ୍ୱାରା ଖରିଦ୍
୭୩୮.	ମୃତ୍ୟୁଞ୍ଜୟ	୧ ଟଙ୍କା ସୁରେନ୍ଦ୍ର ଚୌଧୁରୀ	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୩୯.	ଅଭିଯୋଗ	୧ ଟଙ୍କା ନରସିଂହ ସାହୁ	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୪୦.	ଗୁପ୍ତଘର	୧ ଟଙ୍କା ଦ୍ୱାରିକାନାଥ ଦାସ	ପାଠାଗାର ଦ୍ୱାରା ଖରିଦ୍
		ଚାରଣା	
୭୪୧.	ତିନିବିନ୍ଦୁ	୧ ଟଙ୍କା ଦ୍ୱାରିକାନାଥ ଦାସ	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୪୨.	ଝନ୍କା	୪ ଟଙ୍କା କାହ୍ନୁଚରଣ	ପାଠାଗାର ଦ୍ୱାରା ଖରିଦ୍
		ଆଠଣା	
୭୪୩.	କୋଣାର୍କ	ଛଅଣା ମାୟାଧର ମାନସିଂହ	ଦଣ୍ଡଧର ନାୟକ
୭୪୪.	ମହୁଲ ଫୁଲ	ଆଠଣା କ୍ଷିତିଭୂଷଣ ପଟ୍ଟନାୟକ	ଦଣ୍ଡଧରନ ାଏକ
୭୪୫.	ସାତ ଦରିଆ	ଦଶଣା ନରସିଂହ ଦେଓ	ପ୍ରେମଲତା ମିଶ୍ର
୭୪୬.	ରେମା (ହିନ୍ଦି)	ବାରଣା ଠାକୁର ଦତ୍ତ ମିଶ୍ର	ଦଣ୍ଡଧର ନାଏକ

Digitized by srujanika@gmail.com

୨୪୭.	ବାକ୍ସୁସ ଘର	ଏଗାରଣା	ଦଣ୍ଡଧର ନାଏକ	
୨୪୮.	ସରଳ ନାଡ଼ି ପରୀକ୍ଷା	ଛଅଣା	ଜାହ୍ନୁଚରଣ ଦାଶ	ଦଣ୍ଡଧର ନାଏକ
୨୪୯.	ହିନ୍ଦି ଶିକ୍ଷକ	ଆଠଣା	ରାଷ୍ଟ୍ରଭାଷା ପ୍ରଚାର ସମିତି	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୨୫୦.	ହିନ୍ଦି ଶିକ୍ଷକ	ଆଠଣା	ରାଷ୍ଟ୍ରଭାଷା ପ୍ରଚାର ସମିତି	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୨୫୧.	ହିନ୍ଦି ଶିକ୍ଷକ	ଆଠଣା	ରାଷ୍ଟ୍ରଭାଷା ପ୍ରଚାର ସମିତି	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୨୫୨.	ପଢ଼ିକି କିତାବ	ଚାରଣା	ରାଷ୍ଟ୍ରଭାଷା ପ୍ରଚାର ସମିତି	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୨୫୩.	Steps to English Book II	ଦଶଣା	Romans & menon	ଶ୍ରୀଯୁକ୍ତ ଲିଙ୍ଗରାଜ ପରିଡ଼ା
୨୫୪.	ଭକ୍ତ କବି	୨ ଟଙ୍କା ଆଠଣା	ଶ୍ରୀ ଦେବେନ୍ଦ୍ର କୁମାର ସିଂହ	ଶ୍ରୀଯୁକ୍ତ ଇନ୍ଦୁ କିଶୋର ପ୍ରଧାନ
୨୫୫.	ହିତ କଥା ୧ମ	ନଅଣା	ରାମଚନ୍ଦ୍ର ଆଚାର୍ଯ୍ୟ	ଶ୍ରୀଯୁକ୍ତ ଇନ୍ଦୁ କିଶୋର ପ୍ରଧାନ
୨୫୬.	ହିତ କଥା ୨ୟ	ଦଶଣା	ରାମଚନ୍ଦ୍ର ଆଚାର୍ଯ୍ୟ	ଶ୍ରୀଯୁକ୍ତ ଇନ୍ଦୁ କିଶୋର ପ୍ରଧାନ
୨୫୭.	ହିତ କଥା ୩ୟ	ଆଠଣା	ରାମଚନ୍ଦ୍ର ଆଚାର୍ଯ୍ୟ	ଶ୍ରୀଯୁକ୍ତ ଇନ୍ଦୁ କିଶୋର ପ୍ରଧାନ
୨୫୮.	ପୁରାଣ କଥା ୩ୟ	ପଚ୍ଛଣା	ଜଣେକି ଶିକ୍ଷକ	ଶ୍ରୀଯୁକ୍ତ ଇନ୍ଦୁ କିଶୋର ପ୍ରଧାନ
୨୫୯.	King Lear	୨ ଟଙ୍କା ଆଠଣା	A.W. Verity	ମଦନ ମୋହନ ଦୋରା
୨୬୦.	King Lear guide		A.J. Ratelife	ମଦନ ମୋହନ ଦୋରା
୨୬୧.	Prose of ourtime No. 3		N.M. Kulmani	ମଦନ ମୋହନ ଦୋରା
୨୬୨.	Notes on Prose of ourtime No. 3		N.M. Kulmani	ମଦନ ମୋହନ ଦୋରା
୨୬୩.	ହାୟରେ ପ୍ରତିଭା	୩ ଟଙ୍କା	ଆଲେଗର ଗୁକୋଙ୍କୋ	ଶ୍ରୀଯୁକ୍ତ କିର୍ତ୍ତୀଚନ୍ଦ୍ର ପ୍ରଧାନ
୨୬୪.	ମେରା ମ୍ୟାକ୍‌ଲିଓଡ୍ ବେଥୁନ୍	୨ ଟଙ୍କା	କ୍ୟାଥାରି ବୃଡଲେ ନମ୍ପିୟାର	ଶ୍ରୀଯୁକ୍ତ କିର୍ତ୍ତୀଚନ୍ଦ୍ର ପ୍ରଧାନ
୨୬୫.	ମନେ ପଡ଼େନା	୨ ଟଙ୍କା	ଆନା ଏଲନର ରୁଜ୍‌ଭେଲ୍ଟ	ଶ୍ରୀଯୁକ୍ତ କିର୍ତ୍ତୀଚନ୍ଦ୍ର ପ୍ରଧାନ
୨୬୬.	ଏବ୍ରିଲିନର ଆଲଜେନ ହାଓ୍ୱାର	୧ ଟଙ୍କା ଆଠଣା	କେବିନ ମ୍ୟାକ୍‌କାନ	ଶ୍ରୀଯୁକ୍ତ କିର୍ତ୍ତୀଚନ୍ଦ୍ର ପ୍ରଧାନ
୨୬୭.	ଆବ୍ରାହାମ ଲିଙ୍କନ	୧ ଟଙ୍କା ଆଠଣା	ଏମିଲ ଲୁଡ୍‌ଭିଗ	ଶ୍ରୀଯୁକ୍ତ କିର୍ତ୍ତୀଚନ୍ଦ୍ର ପ୍ରଧାନ
୨୬୮.	ଟୋମସ ଜେଫାରସନ	୨ ଟଙ୍କା	ଜେନଲିସିଜର୍ସି	ଶ୍ରୀଯୁକ୍ତ କିର୍ତ୍ତୀଚନ୍ଦ୍ର ପ୍ରଧାନ
୨୬୯.	ପାଠ ଲହରୀ	ଛଅଣା	ରାମଚନ୍ଦ୍ର ମହାପାତ୍ର	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୦.	ଗଣିତ ସୋପାନ	ଛଅଣା	ମୌଲବି ଉହେମଦ୍ ଅଲି	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୧.	ଭୂଗୋଳ ସହଚର	ନଅଣା	ଜଗନ୍ନାଥ ତ୍ରିପାଠୀ	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୨.	ସାହିତ୍ୟ ସୁମନ	ନଅଣା	ଚନ୍ଦ୍ର ଶେଖର ମିଶ୍ର	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୩.	ଭୂଗୋଳ ସହଚର	ସାତରା ୬ ପାହୁଲା	ଜଗନ୍ନାଥ ତ୍ରିପାଠୀ	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୪.	ଗଣିତ ସୋପାନ	ବାରଣା	ମୌଲବୀ ଉହେମଦ୍ ଅଲି	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୫.	ମଧ ଓଡ଼ିଆ ବ୍ୟାକରଣ	୧ ଟଙ୍କା ଆଠଣା	ଶ୍ରୀଧର ଦାସ	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୨୭୬.	ସହଜ ବିଜ୍ଞାନ ପାଠ	୧ ଟଙ୍କା	ସନ୍ତୋଷ କୁମାର ରାୟ	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା

Digitized by srujanika@gmail.com

୭୭୭.	ଆମ ଇତିହାସ ଗପ	ଆଠଣା	ନିରଞ୍ଜନ ମହାପାତ୍ର	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୭୭୮.	ସ୍ୱାଧୀନ ଭାରତ ଇତିହାସ	ବାରଣା	ବୈଦ୍ୟନାଥ ତ୍ରିପାଠୀ	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୭୭୯.	Tales From Tagore	ବାରଣା	E.F. Dodd B.A.	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୭୮୦.	Swan Reader	ଚଉଦଣା ୬ ପାହୁଲା	C.S. Bhandari	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୭୮୧.	Himalaya Readers Book-I	ବାରଣା		ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୭୮୨.	ସାହିତ୍ୟ ପ୍ରଦୀପ	୧ ଟଙ୍କା	ଗୋଦାବରୀଶ ମିଶ୍ର	ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
୭୮୩.	ସଚିତ୍ର ମହାନାଟକ	୨ ଟଙ୍କା ବରଣା	ଶ୍ରୀ ଅଜୟ କୁମାର ଘୋଷ	ରାଜ କିଶୋର ପ୍ରଧାନ
୭୮୪.	ଚିତ୍ରକର	ଆଠଣା	ଶ୍ରୀ ଅନନ୍ତ ଚରଣ ଗଘେର	ଦଣ୍ଡପାଣି ପରିଡ଼ା
୭୮୫.	A Government the Nople	ବ		ମଦନ ମୋହନ ଦୋରା
୭୮୬.	Tales from Gulliver's Travels		Jonathan Swift	ରୋବର୍ଦ୍ଧନ ଦୋରା
୭୮୭.	Mr Tensivs, friend of Nero Look			
୭୮୮.	ଭୂଗୋଳ ସହଚର	ସାତଣା	ଶ୍ରୀ ଜଗନ୍ନାଥ ତ୍ରିପାଠୀ	ଦଣ୍ଡପାଣି ପରିଡ଼ା

Digitized by srujanika@gmail.com

ଲେଖକ

ପ୍ରାକ୍ ସ୍ୱାଧୀନତା ସମୟର ଗୋଟିଏ ଗାଁର କିଛି କଥା, ସେତେବେଳର ଚଳଣୀ, ସଂସ୍କୃତି, ରୀତିନୀତି ବହିଟିରେ ଅବତାରଣା କରାଯାଉଛି । ଏହା ବାଦ୍ ଲେଖକ ତାଙ୍କର ଛକିରି ଜୀବନର ଆଲେଖ୍ୟ ମଧ୍ୟ ପ୍ରଦାନ କରିଛନ୍ତି ....।

ଲେଖକଙ୍କର ଅନ୍ୟ ଏକ କୃତି "Orissa : An Encyclopaedia of Events" ଗଲାବର୍ଷ ଜୁଲାଇ ମାସରେ ପ୍ରକାଶ ପାଇଛି । ଏଥିରେ ଓଡ଼ିଶାର ଐତିହାସିକ, ସାଂସ୍କୃତିକ, ସାମାଜିକ ଘଟଣାମାନ ବର୍ଷକ୍ରମରେ ଖ୍ରୀଷ୍ଟପୂର୍ବ ୪୦୨ ଠାରୁ ୨୦୦୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ଥାନପାଇଛି ।

Digitized by srujanika@gmail.com